# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ନଭେମ୍ବର ୧୭/୨୦୧୮ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, November 17/ 2018 (Career & Appointment) | ★★★★★★
୪୪ଶ ଭାଗ ୩୫୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-



**ମିଷ୍ଟର ୟୁନିଭର୍ସ ବଡିବିଲ୍ଡିଂରେ ଭାଗନେବେ ଜନ୍ମେଜୟ**
ଓଡ଼ିଶାର ପ୍ରତିଷ୍ଠିତ ବଡିବିଲ୍ଡର ଜନ୍ମେଜୟ ମହାନ୍ତି ଜର୍ମାନୀର ହାମ୍ବର୍ଗଠାରେ ହେବାକୁ ଯାଉଥିବା ମିଷ୍ଟର ୟୁନିଭର୍ସ ବିଶ୍ୱ ବଡିବିଲ୍ଡିଂ ଚାମ୍ପିୟନଶିପ୍‌ରେ ଭାଗନେବେ। ୧୯

୧୪ **ପ୍ରିୟଙ୍କାଙ୍କ ବିବାହ ପାଇଁ ପ୍ରସ୍ତୁତି**
ବଲିଉଡ୍ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରାଙ୍କ ବାହାଘର ପାଇଁ ଯୋଧପୁରଠାରେ ପ୍ରସ୍ତୁତି ଆରମ୍ଭ ହୋଇଛି।



# ସରକାରଙ୍କୁ ଚାଷୀ ଅଡୁଆ

ଭୁବନେଶ୍ୱର,୧୬।୧୧(ବ୍ୟୁରୋ)

ଆଗେ ଚାଷୀ ସମସ୍ୟା ଆଲୋଚନା ହେଉ, ପରେ ଅନ୍ୟ କଥା । ଚାଷୀ ସମସ୍ୟାକୁ ନେଇ ବିରୋଧୀ ବିଧାନସଭାରେ ଗର୍ଜିଛନ୍ତି। ବିରୋଧୀଙ୍କ ପ୍ରଚଣ୍ଡ ଆକ୍ରମଣରେ ସରକାର କିଲିବିଲି ହୋଇ ଯାଇଛନ୍ତି। ବିରୋଧୀ ଦଳ ସଦସ୍ୟଙ୍କ ପ୍ରବଳ ହଟ୍ଟଗୋଳ ଯୋଗୁ ଗୃହ କାର୍ଯ୍ୟ ବାଏଁ ବାଏଁ ଉଡି ଯାଇଥିଲା। ପରିସ୍ଥିତି ଅସମ୍ଭାଳ ହେବାରୁ ଦୁଇଟି ପର୍ଯ୍ୟାୟରେ ମାତ୍ର ୫ ମିନିଟ ପରେ ବାଧ ହୋଇ ବାଚସ୍ପତି ପ୍ରଦୀପ କୁମାର ଅମାତ ଗୃହକୁ ଶନିବାର ଯାଏ ମୁଲତବୀ ଘୋଷଣା କରି ଦେଇଛନ୍ତି।

ଶୁକ୍ରବାର ବିଧାନସଭା ଶୀତ ଅଧିବେଶନ ଆରମ୍ଭରୁ ଗୃହରେ ଏଭଳି ଚିତ୍ର ଦେଖିବାକୁ ମିଳିଥିଲା। ପୂର୍ବାହ୍ଣ ୧୧ଟାରେ ବାଚସ୍ପତି ସଭା କାର୍ଯ୍ୟ ଚଳାଇବାକୁ ଗୃହକୁ ପ୍ରବେଶ କରିଥିଲେ। ସଦସ୍ୟମାନେ ଛିଡା ହୋଇ ତାଙ୍କୁ ସ୍ୱାଗତ କରିଥିଲେ। ଆରମ୍ଭରୁ ବିଧାନସଭାର ପୂର୍ବତନ ସଦସ୍ୟ ଏବଂ ସୁରକ୍ଷା କର୍ମୀଙ୍କ ବିୟୋଗରେ ଶୋକ ପ୍ରସ୍ତାବ ଆଗତ କରାଯାଇଥିଲା। ୧୩ ମିନିଟ ଧରି ଏହି ଆଲୋଚନା ହୋଇଥିଲା। ଶୋକ ପ୍ରସ୍ତାବ ଆଲୋଚନା ଶେଷ ହେବା କ୍ଷଣି ବିରୋଧୀ ଦଳ ନେତା ଚାଷୀ ସମସ୍ୟା ପ୍ରସଙ୍ଗ ଉଠାଇ ଆଲୋଚନା କରିବାକୁ ଦାବି କରିଥିଲେ। ବାଚସ୍ପତି ବିରୋଧୀ ଦଳଙ୍କ କଥାକୁ ନ ଶୁଣି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଉଦ୍ୟମ କଲାବେଳକୁ କଂଗ୍ରେସ ସଦସ୍ୟ ତାରା ପ୍ରସାଦ ବାହିନୀପତି, ଚିରଞ୍ଜୀବ ବିଶ୍ୱାଳ, ଅଂଶୁମାନ ମହାନ୍ତି, ପ୍ରକାଶ ବେହେରା, ଭୁଜବଳ ମାଝି, କେ. ସୂର୍ଯ୍ୟ ରାଓ, ପ୍ରଫୁଲ୍ଲ ମାଝି, ଚନ୍ଦ୍ରଶେଖର ମାଝି ପ୍ରମୁଖ ଗୃହର ମଧ୍ୟଭାଗକୁ ଆସି ହଟ୍ଟଗୋଳ କରିଥିଲେ। ଗଣତନ୍ତ୍ରକୁ ହତ୍ୟା କଲା କିଏ, ନବୀନ ପଟ୍ଟନାୟକ ଆଉ କିଏ..., ଚାଷୀ ମାରଣ ନୀତି ଚଳିବ ନାହିଁ ଚଳିବ ନାହିଁ ସ୍ଲୋଗାନ ଦେଇ ଗୃହକୁ କମ୍ପାଇ ଦେଇଥିଲେ। ଭାଜପା ସଦସ୍ୟମାନେ ମଧ୍ୟ କଂଗ୍ରେସ ସହିତ ତାଳ ମେଳାଇ ହଟ୍ଟଗୋଳରେ ସାମିଲ ହୋଇଥିଲେ। ପରିସ୍ଥିତି ଅସମ୍ଭାଳ ହେବାରୁ ବାଚସ୍ପତି ଗୃହକୁ ୧୧ଟା ୧୫ରୁ ମଧ୍ୟାହ୍ନ ୧୨ଟା ୧୫ ମିନିଟ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ୧୨ଟା ୧୫ ମିନିଟରେ ଗୃହ କାର୍ଯ୍ୟ ପୁଣି ଆରମ୍ଭ ହୋଇଥିଲା। ପରିସ୍ଥିତିରେ କୌଣସି ପରିବର୍ତ୍ତନ ହୋଇ ନ ଥିଲା। କଂଗ୍ରେସ ସଦସ୍ୟମାନେ ଗୃହକୁ ଆସି ପୁଣି ପାଟିତୁଣ୍ଡ କରିଥିଲେ। ଭାଜପା ସଦସ୍ୟମାନେ ନିଜ ସିଟ୍‌ରେ ଛିଡା ହୋଇ ହଟ୍ଟଗୋଳ କରିଥିଲେ। ବାଚସ୍ପତି ବାଧହୋଇ ୧୨ଟା ୧୮ ମିନିଟ୍‌ରେ ଗୃହକୁ ଶନିବାର ପୂର୍ବାହ୍ଣ ୧୦ଟା ୩୦ ମିନିଟ ଯାଏ ମୁଲତବୀ ଘୋଷଣା କରିଥିଲେ।



**ଘେରିଲେ ବିରୋଧୀ**
**ହଟ୍ଟଗୋଳ: ଶନିବାର ଯାଏ ଗୃହ ମୁଲତବୀ**

## ବିଧାନସଭାରେ ଶୋକ

ଭୁବନେଶ୍ୱର,୧୬।୧୧(ବ୍ୟୁରୋ)–ବିଧାନସଭାର ପରଲୋକଗତ ସଦସ୍ୟ, ସିଆର୍‌ପିଏଫ୍ ଯବାନ ଏବଂ ଦୂରଦର୍ଶନର ପୂର୍ବତନ କ୍ୟାମେରାମ୍ୟାନ୍‌ଙ୍କ ବିୟୋଗରେ ଶୁକ୍ରବାର ଶୋକପ୍ରକାଶ କରାଯାଇଛି। ବିଧାନସଭା ଗୃହ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ବାଚସ୍ପତି ପ୍ରଦୀପ କୁମାର ଅମାତ ପୂର୍ବତନ ସରକାରୀ ଉପମୁଖ୍ୟ ସଚେତକ ସ୍ୱର୍ଗତ ପ୍ରସନ୍ନ କୁମାର ପାଳ, ☞ ପୃଷ୍ଠା–୪

# ଆନ୍ଧ୍ର, ପଶ୍ଚିମବଙ୍ଗଙ୍କୁ ସିବିଆଇ ବାଟ ବନ୍ଦ

■ ଚନ୍ଦ୍ରାବାବୁଙ୍କ ପରେ 'ସାଧାରଣ ସମ୍ମତି' ପ୍ରତ୍ୟାହାର କଲେ ମମତା

**ଅମରାବତୀ/କୋଲକାତା, ୧୬।୧୧(ଆଇଏଏନ୍‌ଏସ୍)**

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଆଉ ଆନ୍ଧ୍ରପ୍ରଦେଶକୁ ପ୍ରବେଶ କରିପାରିବ ନାହିଁ। ରାଜ୍ୟ ସରକାରଙ୍କ ବିନା ଅନୁମତିରେ ସେଠାକାର କୌଣସି ବ୍ୟାପାରରେ ହସ୍ତକ୍ଷେପ କରିପାରିବ ନାହିଁ। ଏପରି କି ସିବିଆଇ ଆନ୍ଧ୍ରପ୍ରଦେଶର କୌଣସି ସ୍ଥାନରେ ଚଢ଼ାଉ କିମ୍ବା କୌଣସି ମାମଲାର ତଦନ୍ତ ମଧ୍ୟ କରିପାରିବ ନାହିଁ। ରାଜ୍ୟ ଓ ସିବିଆଇ ମଧ୍ୟରେ ଥିବା 'ସାଧାରଣ ସମ୍ମତି'କୁ ପ୍ରତ୍ୟାହାର କରି ତଦନ୍ତକାରୀ ସଂସ୍ଥା ପାଇଁ ସବୁ ବାଟ ବନ୍ଦ କରିଦେଇଛନ୍ତି ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ସରକାର। ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରାବାବୁ ନାଇଡୁଙ୍କ ଏହି ଅପ୍ରତ୍ୟାଶିତ ପଦକ୍ଷେପ ପରେ ସିବିଆଇକୁ ଲାଗିଛି ଶକ୍ତ ଝଟକା। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମଧ୍ୟ କେନ୍ଦ୍ରର ଏନ୍‌ଡିଏ ସରକାର କ୍ଷମତାର ଅପବ୍ୟବହାର କରି ସିବିଆଇକୁ ବିରୋଧୀଙ୍କ ବିପକ୍ଷରେ ଲଗାଉଥିବା ଅଭିଯୋଗ ଆଣିବା ସହ ଚନ୍ଦ୍ରାବାବୁଙ୍କ ପଦାଙ୍କ ଅନୁସରଣ କରିଛନ୍ତି। ଫଳରେ ପଶ୍ଚିମବଙ୍ଗକୁ ମଧ୍ୟ ସିବିଆଇର ବାଟ ବନ୍ଦ ହୋଇଯାଇଛି।



ଏନ୍. ଚନ୍ଦ୍ରାବାବୁ ନାଇଡୁ

ସିବିଆଇ ନିର୍ଦ୍ଦେଶକ ଆଲୋକ ବର୍ମା ଓ ସ୍ୱତନ୍ତ୍ର ନିର୍ଦ୍ଦେଶକ ରାକେଶ ଅସ୍ଥାନାଙ୍କ ବିରୋଧରେ ଭ୍ରଷ୍ଟାଚାର ଅଭିଯୋଗ ଆସିଥିବାବେଳେ ଚନ୍ଦ୍ରାବାବୁଙ୍କ ସଦ୍ୟ ପଦକ୍ଷେପ ତଦନ୍ତକାରୀ ସଂସ୍ଥାକୁ ଅଧିକ ବିବାଦୀୟ କରିଦେଇଛି। ଆନ୍ଧ୍ରପ୍ରଦେଶ ସରକାର ଗତ ଅଗଷ୍ଟ ୩ରେ ସିବିଆଇକୁ ପ୍ରଦାନ କରିଥିବା 'ସାଧାରଣ ସମ୍ମତି'କୁ ପ୍ରତ୍ୟାହାର କରିନେଇଛନ୍ତି। ଏନେଇ ରାଜ୍ୟ ଗୃହ ବିଭାଗ ପ୍ରଧାନ ସଚିବ ଏ.ଆର. ଅନୁରାଧା ନଭେମ୍ବର ୮ରେ ଏକ ନିର୍ଦ୍ଦେଶନାମା ଜାରି କରିଥିଲେ। ଅତ୍ୟନ୍ତ ଗୋପନୀୟ ବୋଲି ବିବେଚନା କରାଯାଉଥିବା ଉକ୍ତ ନିର୍ଦ୍ଦେଶନାମା ୧୫ ତାରିଖ (ଗୁରୁବାର) ରାତିରେ ପ୍ରଘଟ ହୋଇଛି। ଦିଲ୍ଲୀ ସ୍ପେଶାଲ ପୋଲିସ ଏଷ୍ଟାବ୍ଲିଶମେଣ୍ଟ (ଡିଏସ୍‌ପିଇ) ଆକ୍ଟ, ୧୯୪୬ର ଧାରା ୬ ଅନୁସାରେ ରାଜ୍ୟ ସରକାର ନିଜ କ୍ଷମତା ଓ ପ୍ରଶାସନିକ ଅଧିକାର ପ୍ରୟୋଗ କରି ସିବିଆଇଠାରୁ 'ସାଧାରଣ ସମ୍ମତି'କୁ ପ୍ରତ୍ୟାହାର କରିନେଇଥିବା ଏଥିରେ ଉଲ୍ଲେଖ ରହିଛି। ☞ ପୃଷ୍ଠା–୪

**ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ**



**ହକର ଭାଇଙ୍କଠାରୁ ମାଗି ନିଅନ୍ତୁ**

**ଆଜିର ସମ୍ପାଦକୀୟ**

**ନେତାଗିରି ଲୋଭ**

**ଆଜିର ମନ୍ତବ୍ୟ**

" ବେଆଇନ ଭାବେ ଗଚ୍ଛିତ ରଖିଥିବା ଟଙ୍କା ହରାଇଥିବାରୁ କଂଗ୍ରେସ ବିମୁଦ୍ରୀକରଣ ପରେ କାନ୍ଦୁଛି ।
**- ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**

**କିଛି ତଥ୍ୟ**

ଚଳିତ ବର୍ଷ ରବି ଋତୁରେ ୬୯.୯୫ ଲକ୍ଷ ହେକ୍ଟର ଜମିରେ ଡାଲି ଚାଷ ହୋଇଛି। ଏହା ଗତ ବର୍ଷ ତୁଳନାରେ ୧୮% କମ୍ ।
–କୃଷି ମନ୍ତ୍ରଣାଳୟ

# କଟିଯିବ କୋଟିଏ ଏଲ୍‌ପିଜି ସଂଯୋଗ

ନୂଆଦିଲ୍ଲୀ,୧୬।୧୧

ଆସନ୍ତା ଡିସେମ୍ବର ପହିଲାରୁ ୧ କୋଟି ଏଲ୍‌ପିଜି ଗ୍ରାହକଙ୍କ ସଂଯୋଗ କଟିଯିବ। ବହୁ ଗ୍ରାହକ ଡିଲରଙ୍କ ନିକଟରେ ସେମାନଙ୍କ 'ନୋ ୟୋର କଷ୍ଟମର' ବା କେୱାଇସି ଦାଖଲ କରି ନ ଥିବାରୁ ସେମାନଙ୍କ ସଂଯୋଗ ବିଚ୍ଛିନ୍ନ କରିବା ପାଇଁ ପେଟ୍ରୋଲିୟମ ମନ୍ତ୍ରଣାଳୟ ନିଷ୍ପତ୍ତି ନେଇଛି। ଏଥିପାଇଁ ଗ୍ରାହକଙ୍କୁ ନଭେମ୍ବର ୩୦ ଯାଏ ସମୟ ଦିଆଯାଇଛି। ଏହି ତାରିଖ ସୁଦ୍ଧା କେୱାଇସି ଦାଖଲ ହୋଇ ନ ଥିଲେ ଡିସେମ୍ବର ପହିଲାରୁ ଗ୍ରାହକଙ୍କୁ ଆଉ ଗ୍ୟାସ୍ ଦିଆଯିବ ନାହିଁ ବୋଲି ସରକାର ସ୍ଥିର କରିଛନ୍ତି।

ଡିସେମ୍ବର ପହିଲା ସୁଦ୍ଧା କେୱାଇସି ଜରିଆରେ ଆଧାର ନମ୍ବର ଜମାକରି ନ ଥିବା ଗ୍ରାହକଙ୍କ ସମ୍ପର୍କରେ ତଥ୍ୟ ଦେବାକୁ କେନ୍ଦ୍ର ସରକାର ସମସ୍ତ ତୈଳ ବିପଣନ ☞ ପୃଷ୍ଠା–୪

■ କେୱାଇସି ଦେଇନାହାନ୍ତି ବହୁ ଗ୍ରାହକ
■ ଦାଖଲ ଲାଗି ୩୦ ପର୍ଯ୍ୟନ୍ତ ସୁଯୋଗ
■ ଡିସେମ୍ବର ପହିଲାରୁ ମିଳିବନି ଗ୍ୟାସ୍



## ସୋମବାର ଶପଥ ନେବେ ଜଷ୍ଟିସ ପୂଜାହାରୀ



ଶତ୍ରୁଘ୍ନ ପୂଜାହାରୀ

କଟକ ଅଫିସ, ୧୬।୧୧

ହାଇକୋର୍ଟ ବିଚାରପତି ଭାବେ ଶତ୍ରୁଘ୍ନ ପୂଜାହାରୀ ସୋମବାର ପୂର୍ବାହ୍ଣ ୧୦ଟା ୧୫ରେ ଶପଥ ନେବେ। ହାଇକୋର୍ଟ ମୁଖ୍ୟ ବିଚାରପତି କେ.ଏସ୍. ଝାବେରୀ ଜଷ୍ଟିସ ପୂଜାହାରୀଙ୍କୁ ଶପଥ ପାଠ କରାଇବେ। ପୂଜାହାରୀ ଏବେ ମାଡ୍ରାସ ହାଇକୋର୍ଟର ବିଚାରପତି ଭାବେ କାର୍ଯ୍ୟରତ। ଅକ୍ଟୋବର ଶେଷ ସପ୍ତାହରେ ଓଡ଼ିଶା ହାଇକୋର୍ଟର ୨ ବିଚାରପତି ଇନ୍ଦ୍ରଜିତ ମହାନ୍ତି ଓ ସୁଜିତ ନାରାୟଣ ପ୍ରସାଦଙ୍କୁ ଯଥାକ୍ରମେ ବମ୍ବେ ଏବଂ ଝାଡ଼ଖଣ୍ଡ ହାଇକୋର୍ଟକୁ ବଦଳି କରାଯାଇଥିଲା। ସେହିପରି ଜଷ୍ଟିସ ପୂଜାହାରୀଙ୍କୁ ଓଡ଼ିଶା ହାଇକୋର୍ଟକୁ ବଦଳି କରିବା ପାଇଁ ସୁପ୍ରିମକୋର୍ଟ କଲେଜିୟମ ପକ୍ଷରୁ ଅନୁମୋଦନ କରାଯାଇଥିଲା।

NECC NATIONAL EGG CO-ORDINATION COMMITTEE 16.11.2018 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 55 | 100 | 110 |
| CTC | 56 | 101 | 111 |
| DKL | 59 | 105 | 115 |
| BDK | 58 | 103 | 113 |
| BLS | 58 | 103 | 113 |
| ANG | 62 | 109 | 119 |

*Conditions Apply
Eggs Retail Price- 51/-Dozen
Issued in the Interest of Consumers








ଭାରତ ଓ ଚାଇନା ପରସ୍ପର ମଧ୍ୟରେ ସାମରିକ ସହଯୋଗିତା ବୃଦ୍ଧିକରିବା ଉଚିତ। ଦୁଇ ପଡ଼ୋଶୀ ମଧ୍ୟରେ ପାରସ୍ପରିକ ବିଶ୍ୱାସ ବଢ଼ିଲେ ସମସ୍ତ ପ୍ରକାର ମତଭେଦ ଦୂର କରାଯାଇପାରିବ।
-ଜେନ୍ ୱି ଫେଙ୍ଗେ, ଚାଇନା ପ୍ରତିରକ୍ଷାମନ୍ତ୍ରୀ

## ସଂକ୍ଷେପରେ

### ଜଳିଗଲା ବସ୍: ୪୨ ଦଗ୍ଧ

**ହାରାରେ,୧୬।୧୧(ପି.ଟି.):** ଜିମ୍ବାୱେରେ ଏକ ବସ୍ ଦୁର୍ଘଟଣା ଘଟି ୪୨ ଜଣ ପ୍ରାଣ ହରାଇଛନ୍ତି। ଗୁରୁବାର ରାତିରେ ବସ୍‌ଟି ଯାତ୍ରା କରୁଥିବାବେଳେ ସେଥିରେ କେହି ସନ୍ଦିଗ୍ଧ ଏକ ଗ୍ୟାସ୍ ଟାଙ୍କି ରଖିଦେଇଥିଲେ। ହଠାତ୍ ତାହା ବିସ୍ଫୋରଣ ହେବାରୁ ଏତେସଂଖ୍ୟକ ଯାତ୍ରୀଙ୍କ ଜୀବନ ଯାଇଛି। ବିସ୍ଫୋରଣ ପରେ ବସ୍‌ଟି ହୁ ହୁ ହୋଇ ଜଳିଉଠିଥିଲା ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି। ଏହି ଘଟଣାରେ ଅନେକେ ମଧ୍ୟ ଆହତ ହୋଇଛନ୍ତି।

### ଶିରିଡ଼ି ମନ୍ଦିର ମୁଖ୍ୟଙ୍କ ନାଁରେ ଅସଦାଚରଣ ଅଭିଯୋଗ

**ଅହମ୍ମଦନଗର,୧୬।୧୧(ଆଇଏଏନ୍ଏସ୍):** ମହାରାଷ୍ଟ୍ରରେ ଥିବା ପ୍ରସିଦ୍ଧ ଶିରିଡ଼ି ମନ୍ଦିର ମୁଖ୍ୟଙ୍କ ବିରୋଧରେ ଆସିଛି ଅସଦାଚରଣ ଅଭିଯୋଗ। ଜଣେ ଭକ୍ତ ଏନେଇ ଥାନାର ଦ୍ୱାରସ୍ଥ ହେବା ପରେ ଅଭିଯୁକ୍ତ ରାଜେନ୍ଦ୍ର ଜଗତାପଙ୍କ ନାଁରେ ମାମଲା ରୁଜୁ ହୋଇଛି। ଏହି ଘଟଣା ସମ୍ପର୍କରେ ଶୁକ୍ରବାର ପ୍ରଘଟ ହୋଇଛି। ଶିରିଡ଼ି ସାଇବାବା ସଂସ୍ଥାନ ଟ୍ରଷ୍ଟ (ଏସ୍ଏସ୍ଏସ୍‌ଟି) ଦ୍ୱାରା ପରିଚାଳିତ ମନ୍ଦିରରେ ଏଭଳି ଲଜ୍ଜାଜନକ ଘଟଣା ଶ୍ରଦ୍ଧାଳୁଙ୍କ ଭାବାବେଗକୁ ଶକ୍ତ ଆଘାତ ପହଞ୍ଚାଇଛି। ତେବେ ଅଭିଯୋଗ ହେବା ପରେ ଜଗତାପ ଶିରିଡ଼ି ଟାଉନ୍‌ରୁ ଫେରାର ହୋଇଯାଇଛନ୍ତି। ତାଙ୍କୁ ଧରିବା ପାଇଁ ପୋଲିସ ତଲାସି ଅଭିଯାନ ଚଳାଇଛି। ତେବେ ଏହି ବିବାଦୀୟ ଘଟଣା ସମ୍ପର୍କରେ ଏସ୍ଏସ୍ଏସ୍‌ଟି ପକ୍ଷରୁ କିଛି କୁହାଯାଇ ନାହିଁ।

### ଗୋଏଲଙ୍କୁ ଆକ୍ରମଣ ଉଦ୍ୟମ

**ଲକ୍ଷ୍ନୌ,୧୬।୧୧(ପି.ଟି.):** ଉତ୍ତରପ୍ରଦେଶ ରାଜଧାନୀ ଲକ୍ଷ୍ନୌରେ ଶୁକ୍ରବାର ରେଳମନ୍ତ୍ରୀ ପୀୟୁଷ ଗୋଏଲଙ୍କ ଉପରେ ଆକ୍ରମଣ



ଉଦ୍ୟମ ହୋଇଛି। ନର୍ଦର୍ନ ରେଲୱେର ପୁରୁଷ ସଂଘର ଜଣେ ବରିଷ୍ଠ କାର୍ଯ୍ୟକର୍ତ୍ତାଙ୍କ ବିରୋଧରେ ବିବାଦୀୟ ମନ୍ତବ୍ୟ ଦେବାରୁ ତାଙ୍କୁ ଏଭଳି ହଟହଟା ହେବାକୁ ପଡ଼ିଛି। ସଂଘ ପକ୍ଷରୁ ଆୟୋଜିତ ତିନିଦିନିଆ ସମ୍ମିଳନୀରେ ଯୋଗଦେଇ ଗୋଏଲ କହିଛନ୍ତି ଯେ, ଟ୍ରେଡ ୟୁନିୟନ୍ ନେତା ଶିବ ଗୋପାଳ ମିଶ୍ର ଯୁବ କର୍ମକର୍ତ୍ତାଙ୍କୁ ପ୍ରରୋଚିତ କରୁଛନ୍ତି। ତାଙ୍କର ଏହି ମନ୍ତବ୍ୟ ପରେ ସେଠାରେ ଉପସ୍ଥିତ ସଂଘ କର୍ମକର୍ତ୍ତାମାନେ ନାରାବାଜି ଆରମ୍ଭ କରିଦେଲେ। ତନ୍ମଧ୍ୟରୁ ଜଣେ ବ୍ୟକ୍ତି କେନ୍ଦ୍ରମନ୍ତ୍ରୀଙ୍କ ଉପରକୁ ଏକ ଚାରା କୁଣ୍ଡ ଫିଙ୍ଗିଦେଲେ। କିନ୍ତୁ ମନ୍ତ୍ରୀ ଅଳ୍ପକେ ରକ୍ଷା ପାଇଗଲେ।

### ସାଧାରଣ ନାଗରିକଙ୍କୁ ହତ୍ୟା କଲେ ଆତଙ୍କବାଦୀ

**ଶ୍ରୀନଗର,୧୬।୧୧(ପି.ଟି.):** ଜମ୍ମୁ-କଶ୍ମୀରରେ ଆତଙ୍କବାଦୀମାନେ ପୁଣି ବର୍ବର କାଣ୍ଡ ଘଟାଇଛନ୍ତି। ଶୋପିଆନ ଜିଲାର ସାଫାନଗରୀ ଗାଁର ଜଣେ ସାଧାରଣ ବ୍ୟକ୍ତିଙ୍କୁ ଅପହରଣ ପରେ ନିର୍ମମ ଭାବେ ହତ୍ୟା କରିଛନ୍ତି ଆତଙ୍କବାଦୀ। ମୃତକଙ୍କ ନାମ ନଦିମ୍ ମନ୍‌ଜୁର। ଗୁରୁବାର ରାତିରେ ଆତଙ୍କବାଦୀମାନେ ତାଙ୍କ ଘରକୁ ପଶି ତାଙ୍କୁ ବଳପୂର୍ବକ ଉଠାଇନେଇଥିଲେ। ହତ୍ୟା ପରେ ପୁଲୱାମା ଜିଲା କିଲୋରାରେ ସେମାନେ ମୃତଦେହ ଫିଙ୍ଗିଯାଇଥିଲେ। ଶୁକ୍ରବାର ସକାଳେ ସ୍ଥାନୀୟ ଲୋକଙ୍କ ନଜରକୁ ଆସିବା ପରେ ସେଠାରୁ ମନ୍‌ଜୁରଙ୍କ ଗୁଳିବିଦ୍ଧ ମୃତଦେହ ଉଦ୍ଧାର କରାଯାଇଛି।

### ହାଇଟେକ୍ କ୍ଷେପଣାସ୍ତ୍ର ପରୀକ୍ଷା କଲା ଉତ୍ତରକୋରିଆ

**ପ୍ୟୋଙ୍ଗ୍‌ୟାଙ୍ଗ,୧୬।୧୧:** ଆମେରିକା ସହ ଶାନ୍ତି ଆଲୋଚନା ପରେ ଆଣବିକ ଅସ୍ତ୍ରଶସ୍ତ୍ର ପରୀକ୍ଷଣ ବନ୍ଦ କରିଥିଲା ଉତ୍ତରକୋରିଆ। ତେବେ ଜିଦ୍‌ଖୋର ମନୋବୃତ୍ତି ରଖୁଥିବା ଏହି ଦେଶ ସମ୍ପ୍ରତି କେତେକ ହାଇଟେକ୍ ଅସ୍ତ୍ରଶସ୍ତ୍ର ପରୀକ୍ଷା କରିଛି। ରାଷ୍ଟ୍ରପତି କିମ୍-ଜଙ୍ଗ ଉନ୍ ଏହି ସମୟରେ ରାଷ୍ଟ୍ରୀୟ ପ୍ରତିରକ୍ଷା ବିଜ୍ଞାନ ଏକାଡେମୀରେ ଉପସ୍ଥିତ ରହି ଏହାର ପରୀକ୍ଷଣ ଦେଖିଛନ୍ତି। ଏନେଇ ଶୁକ୍ରବାର ଉତ୍ତରକୋରିଆ ସରକାର ସୂଚନା ଦେଇଛନ୍ତି।

### ଫୁଲମାଳ ଛାଡ଼ି ଦୌଡ଼ିଲେ ଉମା

**ନୌଗାୱାଁ/ହରପାଲପୁର,୧୬।୧୧:** ମଧ୍ୟପ୍ରଦେଶ ମହାରାଜପୁର ବିଧାନସଭା ଆସନଠାରେ ଚାଲିଥିବା ଏକ ନିର୍ବାଚନୀ ସଭାରେ ଘଟିଛି ଏକ ଅଭାବନୀୟ ଘଟଣା। ହର୍‌ପାଲପୁର ଏବଂ ବିଜାୱରର ଈଶାନଗରରେ ନିର୍ବାଚନ ସଭାରେ ଯୋଗଦେବାକୁ ଆସିଥିବା କେନ୍ଦ୍ରମନ୍ତ୍ରୀ ଉମା ଭାରତୀ ଅଧାରୁ ସଭା ମଞ୍ଚ ଛାଡ଼ି ଦୌଡ଼ିଥିବା ଦୃଶ୍ୟ ଦେଖିବାକୁ ମିଳିଛି। ମଞ୍ଚରେ ଅଧିକ ଲୋକ ପ୍ରବେଶ କରିବାରୁ ଏହା ଦୋହଲିବାକୁ ଆରମ୍ଭ କରିଥିଲା। ଫଳରେ ଉମା ଫୁଲମାଳ ଛାଡ଼ି ମଞ୍ଚରୁ ଦୌଡ଼ି ପଳାଇଥିଲେ।

# ଜାଲରେ ସିବିଆଇ

**ନୂଆଦିଲ୍ଲୀ/ଅମରାବତୀ,୧୬।୧୧**




କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ହେଉଛି ଦେଶର ସର୍ବାଧିକ ଭରସାଯୋଗ୍ୟ ତଦନ୍ତକାରୀ ସଂସ୍ଥା। କେହି ରାଜନେତା ବା ବରିଷ୍ଠ ଅଧିକାରୀ ଦୁର୍ନୀତି କରିଥିବା ଅଭିଯୋଗ ଆସିଲେ ବା କୌଣସି ବଡ଼ଧରଣର ଅପରାଧ ଘଟିଲେ ସିବିଆଇ ତଦନ୍ତ ଜରୁରୀ ହୋଇପଡ଼େ। ସିବିଆଇର ଜାଲରେ ଛନ୍ଦି ହେଉଥିବା ଅଭିଯୁକ୍ତଙ୍କ ଛାତିରେ ଛନକା ପଶେ। ହେଲେ ବିଗତ କିଛିଦିନର ଘଟଣାକ୍ରମକୁ ଦେଖିଲେ ଖୋଦ୍ ସିବିଆଇ ବିବାଦ ଓ ବିଭ୍ରାଟର ଜାଲରେ ଛନ୍ଦି ହୋଇଯାଇଥିବା ମନେହୁଏ। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଦୁଇଟି ଗୁରୁତ୍ୱପୂର୍ଣ୍ଣ ଘଟଣା ସାମ୍ନାକୁ ଆସିଛି। ଗୋଟିଏ ହେଲା ସିବିଆଇ ନିର୍ଦ୍ଦେଶକ ଆଲୋକ ବର୍ମାଙ୍କୁ ନେଇ ସୁପ୍ରିମକୋର୍ଟଙ୍କ ଟିପ୍ପଣୀ ଓ ଅନ୍ୟଟି ଆନ୍ଧ୍ରପ୍ରଦେଶକୁ ଟିଡିପି ଏବଂ ପଶ୍ଚିମବଙ୍ଗକୁ ଟିଏମ୍‌ସି ସରକାର ତଦନ୍ତକାରୀ ସଂସ୍ଥାର ବାଟ ବନ୍ଦ କରିବା। ଏହା କେବଳ ସିବିଆଇକୁ କାଠଗଡ଼ାରେ ଛିଡ଼ା କରାଇନାହିଁ, ବରଂ କେନ୍ଦ୍ରର ଏନ୍‌ଡିଏ ସରକାରଙ୍କ ଉଦ୍ଦେଶ୍ୟ ଉପରେ ମଧ୍ୟ ପ୍ରଶ୍ନଚିହ୍ନ ଲଗାଇଛି।

ଆନ୍ଧ୍ର ସରକାରଙ୍କ ଗୋପନୀୟ ପତ୍ର ଗୁରୁବାର ରାତିରେ ପ୍ରଘଟ ହେବା ପରେ ଜାତୀୟ ରାଜନୀତିରେ ହଇଚଇ ସୃଷ୍ଟି ହୋଇଛି। କେନ୍ଦ୍ରର ଏନ୍‌ଡିଏ ସରକାର ନିଜ ରାଜନୈତିକ ମହତ୍ତ୍ୱାକାଂକ୍ଷାକୁ ଚରିତାର୍ଥ କରିବା ପାଇଁ ବିରୋଧୀଙ୍କ ପଛରେ ସିବିଆଇ ଭଳି ସଂସ୍ଥାଗୁଡ଼ିକୁ ଲଗାଉଛନ୍ତି। ସିବିଆଇ କେନ୍ଦ୍ରର ଏକ ଅସ୍ତ୍ରଭାବେ କାମ କରୁଛି। ଏହି ସଂସ୍ଥାରେ ଅନ୍ତର୍ଦ୍ୱନ୍ଦ୍ୱ ଓ ଭିତିରି କଳହ ଏହାର ବିଶ୍ୱସନୀୟତାକୁ ନଷ୍ଟ କରିଦେଇଛି। ତେଣୁ ଆନ୍ଧ୍ରପ୍ରଦେଶକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରଦାନ ପାଇଁ ଆନ୍ଦୋଳନ ଚଳାଇଥିବା ଟିଡିପି ନେତାମାନଙ୍କ ବିରୋଧରେ ସିବିଆଇକୁ ଅସ୍ତ୍ର କରାଯାଇପାରେ। ସେହିପରି ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରାବାବୁ ନାଇଡୁ ବିରୋଧୀ ଦଳଗୁଡ଼ିକୁ ନେଇ ଭାଜପା ବିରୋଧରେ ଏକ ସାମ୍ମୁଖ୍ୟ ଗଠନ କରୁଥିବାରୁ କେନ୍ଦ୍ର ସେମାନଙ୍କ ବିପକ୍ଷରେ ସିବିଆଇକୁ ବ୍ୟବହାର କରିପାରନ୍ତି। ଏଭଳି ଆଶଙ୍କା ସୃଷ୍ଟି ହେବା ପରେ ଆନ୍ଧ୍ର ସରକାର ଆଇନଜୀବୀ ଓ ବୁଦ୍ଧିଜୀବୀଙ୍କ ପରାମର୍ଶକ୍ରମେ 'ସାଧାରଣ ସମ୍ମତି'କୁ ପ୍ରତ୍ୟାହାର କରି ରାଜ୍ୟକୁ ସିବିଆଇର ବାଟ ବନ୍ଦ କରିଦେଇଥିବା ଗୃହ ବିଭାଗ ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ ଏନ୍. ଚିନା ରାଜାପ୍ପା କହିଛନ୍ତି। ଏହା ପୂର୍ବରୁ ପଡ଼ୋଶୀ କର୍ଣ୍ଣାଟକ ସରକାର ମଧ୍ୟ ଏଭଳି ସମ୍ମତି ପ୍ରତ୍ୟାହାର କରିଥିବା ସେ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ସିବିଆଇକୁ ଭୟ କରୁଥିବାରୁ ଏଭଳି ବିବାଦୀୟ ନିଷ୍ପତ୍ତି ନେଇଥିବା ବିରୋଧୀ ୱାଇଏସ୍‌ଆର୍ କଂଗ୍ରେସ ଅଭିଯୋଗ କରିଛି। ସେହିପରି ଭାଜପା ମୁଖପାତ୍ର ଜିଭିଏଲ୍ ନରସିଂହା କହିଛନ୍ତି, କଂଗ୍ରେସ, ଟିଡିପି ଏବଂ ଟିଏମ୍‌ସି ଭଳି ବିରୋଧୀ ଦଳଗୁଡ଼ିକ ନିଜ ସ୍ୱାର୍ଥରକ୍ଷା ପାଇଁ 'ଭ୍ରଷ୍ଟାଚାରର ଏକ ମହାମେଣ୍ଟ' ଗଠନ କରିଛନ୍ତି। ତେଣୁ ଚନ୍ଦ୍ରାବାବୁ ସରକାର ଦୁର୍ନୀତିକୁ ଘଷ୍ଟି ଘୋଡ଼ାଇବା ଲାଗି ବିଚଳିତ ହୋଇ ନିଜ କ୍ଷମତାର ଅପବ୍ୟବହାର କରିଛନ୍ତି।

ସେପଟେ ଚନ୍ଦ୍ରାବାବୁଙ୍କ ଏହି ନିଷ୍ପତ୍ତି ପରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମଧ୍ୟ ଅନୁରୂପ ପଦକ୍ଷେପ ନେଇଛନ୍ତି। କେନ୍ଦ୍ର ସରକାର ବିରୋଧୀଙ୍କୁ ହଇରାଣ କରିବା ପାଇଁ ସିବିଆଇ ଭଳି ସଂସ୍ଥାଗୁଡ଼ିକୁ ବ୍ୟବହାର କରୁଥିବାରୁ ଆନ୍ଧ୍ର ସରକାରଙ୍କ ପଦକ୍ଷେପ ଯଥାର୍ଥ ବୋଲି ଟିଏମ୍‌ସି ସୁପ୍ରିମୋ ମମତା କହିଛନ୍ତି। ଏହାସହ ମମତା 'ସାଧାରଣ ସମ୍ମତି' ପ୍ରତ୍ୟାହାର କରି ନିଜ ରାଜ୍ୟକୁ ସିବିଆଇ ବାଟ ବନ୍ଦ କରିଦେଇଛନ୍ତି। ଫଳରେ ଏଣିକି ସିବିଆଇକୁ ପଶ୍ଚିମବଙ୍ଗରେ କୌଣସି ମାମଲାର ତଦନ୍ତ କରିବାକୁ ହେଲେ ଟିଏମ୍‌ସି ସରକାରଙ୍କ ଅନୁମତି ଲୋଡ଼ିବାକୁ ପଡ଼ିବ। ତେବେ ସାରଦା, ନାରଦା ଓ ରୋଜ୍ ଭ୍ୟାଲି ଭଳି ଚିଟ୍‌ଫଣ୍ଡ ଦୁର୍ନୀତିର ତଦନ୍ତ ଏହାଦ୍ୱାରା ପ୍ରଭାବିତ ହେବନାହିଁ ବୋଲି ସିବିଆଇ ଅଧିକାରୀମାନେ ମନେକରୁଛନ୍ତି। କାରଣ କୋର୍ଟଙ୍କ ନିର୍ଦ୍ଦେଶାନୁସାରେ ଏଗୁଡ଼ିକର ତଦନ୍ତ ଚାଲିଛି।

> ଏନ୍‌ଡିଏ ସରକାର ସିବିଆଇ ଏବଂ ଆର୍‌ବିଆଇ ଭଳି ଗୁରୁତ୍ୱପୂର୍ଣ୍ଣ ସଂସ୍ଥାଗୁଡ଼ିକୁ ନଷ୍ଟ କରିବାରେ ଲାଗିଛି। ନିଜ ସ୍ୱାର୍ଥସାଧନ ଓ ରାଜନୈତିକ ପ୍ରତିଶୋଧ ପାଇଁ ସେଗୁଡ଼ିକୁ ବ୍ୟବହାର କରାଯାଉଛି। ସବୁ ଦିଗରୁ ବିଫଳ ହୋଇଥିବା ଏହି ସରକାରଠାରୁ ଦେଶକୁ ବଞ୍ଚାଇବାରେ ଟିଏମ୍‌ସି ପ୍ରମୁଖ ଭୂମିକା ଗ୍ରହଣ କରିବ।
> **- ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ**



### ସାଧାରଣ ସମ୍ମତି କ'ଣ

ଦିଲ୍ଲୀ ସ୍ପେଶାଲ ପୋଲିସ ଏଷ୍ଟାବ୍ଲିଶମେଣ୍ଟ (ଡିଏସ୍‌ପିଇ) ଆକ୍ଟ, ୧୯୪୬ ଅନୁସାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ପରିଚାଳିତ ହୋଇଥାଏ। ଏହି ଆଇନର ଧାରା ୬ ଅନୁଯାୟୀ ରାଜ୍ୟ ସରକାରଗୁଡ଼ିକୁ ସ୍ୱତନ୍ତ୍ର କ୍ଷମତା ପ୍ରଦାନ କରାଯାଇଛି। ରାଜ୍ୟରେ କୌଣସି ମାମଲାର ତଦନ୍ତ ବା ତାକୁ ନେଇ ଚଢ଼ାଉ କରିବା ପାଇଁ ସିବିଆଇକୁ ସରକାରଙ୍କ ଅନୁମତି ଆବଶ୍ୟକ ହୋଇଥାଏ। ଏହି ଧାରା ଅନୁସାରେ ରାଜ୍ୟ ସରକାରଗୁଡ଼ିକ ଦୁର୍ନୀତି ମାମଲାର ତଦନ୍ତ ପାଇଁ ପ୍ରତିବର୍ଷ ବିଜ୍ଞପ୍ତି ଜାରି କରି ସିବିଆଇକୁ 'ସାଧାରଣ ସମ୍ମତି' ପ୍ରଦାନ କରିଥାନ୍ତି। ସେହିପରି ରାଜ୍ୟ ସରକାର ଚାହିଁଲେ ନିଜ କ୍ଷମତା ଓ ପ୍ରଶାସନିକ ଅଧିକାର ପ୍ରୟୋଗ କରି ଉକ୍ତ 'ସାଧାରଣ ସମ୍ମତି'କୁ ପ୍ରତ୍ୟାହାର ମଧ୍ୟ କରିଥାନ୍ତି।

## ତାମିଲନାଡୁରେ ପ୍ରକୃତିର କୋପ
# 'ଗାଜା' ନେଲା ୨୦ ଜୀବନ

**ଚେନ୍ନାଇ,୧୬।୧୧(ପି.ଟି.)**

- ବାତ୍ୟା ଯୋଗୁ ତାମିଲନାଡୁରେ ବ୍ୟାପକ କ୍ଷୟକ୍ଷତି
- ଅନେକ ଘରଦ୍ୱାର ନଷ୍ଟ, ଯୋଗାଯୋଗ ବିଚ୍ଛିନ୍ନ
- କେନ୍ଦ୍ର ଯୋଗାଇବ ସହାୟତା: ରାଜନାଥ
- ସହାୟତା ରାଶି ଘୋଷଣା କଲେ ପାଲାନିସ୍ୱାମୀ

'ତିତ୍‌ଲି' ପରେ ଏବେ ଆଉ ଏକ ସାମୁଦ୍ରିକ ଝଡ଼ 'ଗାଜା' ଆଣିଛି ବିପତ୍ତି। ଏହି ଘୂର୍ଣ୍ଣିଝଡ଼ ତାମିଲନାଡୁକୁ ଛୁଇଁବା ପରେ ଭୟଙ୍କର ତାଣ୍ଡବ ରଚିଛି। ପ୍ରବଳ ବର୍ଷା ସାଙ୍ଗକୁ ପବନ ବୋହିବାରୁ ଅନେକ ଘରଦ୍ୱାର ନଷ୍ଟ ହୋଇଯିବା ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ବାତ୍ୟା ଯୋଗୁ ରାଜ୍ୟର ବିଭିନ୍ନ ସ୍ଥାନରେ ୨୦ ଜଣ ପ୍ରାଣ ହରାଇଛନ୍ତି। ତେବେ ବାତ୍ୟା ପରବର୍ତ୍ତୀ ସ୍ଥିତିର ମୁକାବିଲା ଲାଗି ତାମିଲନାଡୁ ସରକାରଙ୍କୁ କେନ୍ଦ୍ର ସମସ୍ତ ସହାୟତା ଯୋଗାଇଦେବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂ କହିଛନ୍ତି।

ମିଳିଥିବା ସୂଚନା ମୁତାବକ ଗୁରୁବାର ରାତି ୧୨ଟା ୩୦ରୁ ୨ଟା ୩୦ ସୁଦ୍ଧା 'ଗାଜା' ନାଗପାଟ୍ଟିନମ୍ ଏବଂ ବେଦରାଣ୍ୟମ୍ ମଧ୍ୟ ଦେଇ ଅତିକ୍ରମ କରିଥିଲା। ଏତିକିବେଳେ ଘଣ୍ଟା ପ୍ରତି ୧୧୦ରୁ ୧୨୯କି.ମି. ବେଗରେ ପବନ ବହିଥିଲା। ବାତ୍ୟା ଯୋଗୁ ନାଗପଟ୍ଟିନମ୍ ରେଲୱେ ଷ୍ଟେଶନର ଛପର ଉଡ଼ିଯାଇଛି। ସେହିପରି ଅନେକ ଲୋକଙ୍କୁ ବାସହରା କରିଛି ଏହି ବାତ୍ୟା। ଅନେକ ଗଛ ଓ ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ଯାଇଛି। କେବଳ ତାମିଲନାଡୁ ନୁହେଁ ପଣ୍ଡିଚେରୀରେ ମଧ୍ୟ 'ଗାଜା' ରଚାଇଛି ତାଣ୍ଡବ। ବିଭିନ୍ନ ସ୍ଥାନରେ ଯୋଗାଯୋଗ ଠପ୍ ହୋଇଥିବାରୁ ଟ୍ରାଫିକ୍ ସମସ୍ୟା ଉପୁଜିଛି। ୫୦୦ କି.ମି. ପର୍ଯ୍ୟନ୍ତ ବିଦ୍ୟୁତ୍ ସେବା ପ୍ରଭାବିତ ହୋଇଥିବା ତାମିଲନାଡୁର ଶକ୍ତି ବିଭାଗ ସୂତ୍ରରୁ ପ୍ରକାଶ।

ଶୁକ୍ରବାର ମୁଖ୍ୟମନ୍ତ୍ରୀ ଇ.କେ. ପାଲାନିସ୍ୱାମୀ ମୃତାହତଙ୍କ ସଂଖ୍ୟା ବିଷୟରେ କହିଛନ୍ତି। ମୃତକଙ୍କ ପାଇଁ ଶୋକବ୍ୟକ୍ତ କରିବା ସହ ସେମାନଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଲେଖାଏ ସହାୟତା ଦିଆଯିବ ବୋଲି ସେ ଘୋଷଣା କରିଛନ୍ତି। ବାତ୍ୟା ଯୋଗୁ ତଳିଆ ଅଞ୍ଚଳର ୮୨,୦୦୦ ଲୋକଙ୍କୁ ଉଦ୍ଧାର କରାଯାଇ ସୁରକ୍ଷିତ ସ୍ଥାନକୁ ପଠାଇଦିଆଯାଇଛି। ୪୭୧ ରିଲିଫ୍ କେନ୍ଦ୍ରରେ ଏମାନେ ଆଶ୍ରୟ ନେଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ପାଲାନିସ୍ୱାମୀଙ୍କ ସହ ଟେଲିଫୋନ୍ ଯୋଗେ କଥାହୋଇ ବାତ୍ୟା ପରିସ୍ଥିତି ସମ୍ପର୍କରେ ପଚାରିବୁଝିଛନ୍ତି ପ୍ରଧାନମନ୍ତ୍ରୀ ଏବଂ ସ୍ୱରାଷ୍ଟ୍ରମନ୍ତ୍ରୀ। ଶୁକ୍ରବାର ମଧ୍ୟ ତାମିଲନାଡୁର ବିଭିନ୍ନ ଜିଲାରେ ବର୍ଷା ଲାଗିରହିଛି। ଶନିବାର ପର୍ଯ୍ୟନ୍ତ ପ୍ରବଳରୁ ଅତିପ୍ରବଳ ବର୍ଷା ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି।



# 'ବର୍ମାଙ୍କ ବିରୋଧରେ ନିନ୍ଦନୀୟ ଅଭିଯୋଗ'

**ନୂଆଦିଲ୍ଲୀ,୧୬।୧୧(ପି.ଟି.)**

ସିବିଆଇ ନିର୍ଦ୍ଦେଶକ ଆଲୋକ ବର୍ମାଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗର ତଦନ୍ତ କରୁଥିବା କେନ୍ଦ୍ରୀୟ ଭିଜିଲାନ୍ସ କମିଶନ (ସିଭିସି) ସୁପ୍ରିମକୋର୍ଟଙ୍କୁ ବିସ୍ତୃତ ରିପୋର୍ଟ ପ୍ରଦାନ କରିଛନ୍ତି। ଏଥିରେ ତାଙ୍କ ବିରୋଧରେ କେତେକ 'ଅତ୍ୟନ୍ତ ନିନ୍ଦନୀୟ' ଅଭିଯୋଗ ଆସିଥିବା ସିଭିସି ଦର୍ଶାଇବା ସହ

### ସୁପ୍ରିମକୋର୍ଟରେ ୨୦ରେ ଶୁଣାଣି



ସେଗୁଡ଼ିକର ତଦନ୍ତ ପାଇଁ ସିଭିସି ଅଧିକ ସମୟ ମାଗିଥିବା ଶୁକ୍ରବାର ସୁପ୍ରିମକୋର୍ଟ ପ୍ରକାଶ କରିଛନ୍ତି। ସିଭିସିଙ୍କ ଦ୍ୱାରା ପ୍ରଦତ୍ତ ଗୋପନୀୟ ରିପୋର୍ଟକୁ ଅନୁଧ୍ୟାନ କରିବା ପରେ ସୁପ୍ରିମକୋର୍ଟ ବନ୍ଦ ଲଫାପାରେ ଏହାର ନକଲ ବର୍ମାଙ୍କୁ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ବର୍ମା ତାକୁ ନିଜେ ଖୋଲି ପଢ଼ିବା ପରେ ନିଜ ଜବାବ ଏକ ବନ୍ଦ ଲଫାପାରେ ନଭେମ୍ବର ୧୯ ଅପରାହ୍ନ ୧ଟା ସୁଦ୍ଧା ଦାଖଲ କରିବେ ବୋଲି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ରହିଛି। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି, ସିଭିସିଙ୍କ ବିସ୍ତୃତ ରିପୋର୍ଟକୁ ୪ ଭାଗରେ ବିଭକ୍ତ କରାଯାଇଛି। ଏଥିରେ ଯେଉଁ ଅଭିଯୋଗଗୁଡ଼ିକ ସମ୍ପର୍କରେ ଉଲ୍ଲେଖ କରାଯାଇଛି, ତନ୍ମଧ୍ୟରୁ କେତେକ ଅଭିଯୋଗର ଅଧିକ ତଦନ୍ତ ଆବଶ୍ୟକ। ଏଥିଲାଗି ଅଧିକ ସମୟ ମଧ୍ୟ ଆବଶ୍ୟକ ବୋଲି ସିଭିସି କହିଛନ୍ତି। ଆସନ୍ତା ୨୦ରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ। ପ୍ରକାଶ ଯେ, ସିବିଆଇ ନିର୍ଦ୍ଦେଶକ ବର୍ମା ଓ ସ୍ୱତନ୍ତ୍ର ନିର୍ଦ୍ଦେଶକ ରାକେଶ ଅସ୍ଥାନା ପରସ୍ପର ବିରୋଧରେ ଭ୍ରଷ୍ଟାଚାର ଅଭିଯୋଗ ଆଣିବା ପରେ ଉଭୟଙ୍କୁ କେନ୍ଦ୍ର ସରକାର ବାଧ୍ୟତାମୂଳକ ଛୁଟିରେ ପଠାଇଦେଇଛନ୍ତି। ବର୍ମା କେନ୍ଦ୍ରର ଏହି ନିଷ୍ପତ୍ତିକୁ ସର୍ବୋଚ୍ଚ ଅଦାଲତରେ ଚ୍ୟାଲେଞ୍ଜ କରିଛନ୍ତି। ବିବାଦର ସମାଧାନ ନ ହେବାରୁ ସୁପ୍ରିମକୋର୍ଟ ଏନେଇ ସିଭିସିଙ୍କୁ ରିପୋର୍ଟ ମାଗିଥିଲେ।

# ଖୋଲିଲା ସାବରିମାଳା ମନ୍ଦିର
## କୋଚି ବିମାନବନ୍ଦରରେ ତୃପ୍ତି ଦେଶାଇଙ୍କୁ ବିରୋଧ

**ସାବରିମାଳା,୧୬।୧୧(ପି.ଟି.)**

ଅନେକ ବାଦ ବିବାଦ ଲାଗିରହିବା ସତ୍ତ୍ୱେ କେରଳର ସାବରିମାଳାରେ ଥିବା ଭଗବାନ ଆୟାପ୍ପାଙ୍କ ମନ୍ଦିର ଶୁକ୍ରବାର ଖୋଲିଛି। ଏଠାରେ ଏବେ ଦୁଇମାସ ସ୍ୱତନ୍ତ୍ର



ପୂଜାର୍ଚ୍ଚନା ଚାଲିବ। ଅପରାହ୍ନ ୫ଟାରେ ପହଡ଼ ଖୋଲିବା ପରେ ଭକ୍ତଙ୍କ ଭିଡ଼ କାହିଁରେ କେତେ। ବିରୋଧ ଓ ବିକ୍ଷୋଭ ଜାରି ରହୁଥିବାରୁ ସୁରକ୍ଷାବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଅନ୍ୟପଟେ ସାବରିମାଳା ମନ୍ଦିରରେ ମହିଳାଙ୍କ ପ୍ରବେଶକୁ ବିରୋଧ କରାଯାଉଥିବାରୁ ଏହାକୁ ଚ୍ୟାଲେଞ୍ଜ କରିଛନ୍ତି ସାମାଜିକ କର୍ମୀ ତୃପ୍ତି ଦେଶାଇ। ଭଗବାନ ଆୟାପ୍ପାଙ୍କ ଦର୍ଶନ ଲାଗି ଶୁକ୍ରବାର ପୂର୍ବାହ୍ନରେ ସେ କେରଳର କୋଚି ବିମାନବନ୍ଦରରେ ପହଞ୍ଚିବା କ୍ଷଣି ତାଙ୍କୁ ବିରୋଧ କରାଯାଇଥିଲା। ଶହଶହ ଆୟାପ୍ପାଙ୍କ ଭକ୍ତ ତାଙ୍କୁ ଘେରିଯିବା ସହ ପଥ ଅବରୋଧ କରିଥିଲେ। ଏସବୁ ଭିତରେ ବିମାନବନ୍ଦରରେ ହାଇଡ୍ରାମା ଦେଖିବାକୁ ମିଳିଥିଲା।

# ପାର୍ଲାମେଣ୍ଟରେ ଲଙ୍କାଗୁଣ୍ଡ ଫିଙ୍ଗିଲେ ଶ୍ରୀଲଙ୍କା ଏମ୍‌ପି

**କଲମ୍ବୋ,୧୬।୧୧(ପି.ଟି.)**

ଶ୍ରୀଲଙ୍କାରେ ଲାଗି ରହିଥିବା ରାଜନୈତିକ ସଙ୍କଟ ଉଗ୍ର ରୂପ ଧାରଣ କରିବାରେ ଲାଗିଛି। ଶୁକ୍ରବାର ମଧ୍ୟ ପାର୍ଲାମେଣ୍ଟରେ ଏହାର ପ୍ରତିଫଳନ ଦେଖିବାକୁ ମିଳିଛି। ଅଧିବେଶନ ଚାଲିଥିଲାବେଳେ ଏମ୍‌ପିମାନେ ହଟ୍ଟଗୋଳ ଆରମ୍ଭ କରିଦେଇଥିଲେ। ବିବାଦୀୟ ପ୍ରଧାନମନ୍ତ୍ରୀ ମହିନ୍ଦା ରାଜାପାକ୍ସେଙ୍କୁ ସମର୍ଥନ କରୁଥିବା ଏମ୍‌ପିମାନେ ପ୍ରବଳ ହୋହଲ୍ଲା କରିବା ସହ ବିରୋଧୀ ଏମ୍‌ପିଙ୍କ ଉପରକୁ ଲଙ୍କାଗୁଣ୍ଡ, ଚେୟାର୍ ଫିଙ୍ଗିଥିଲେ। ପାର୍ଲାମେଣ୍ଟ ବାଚସ୍ପତି କାରୁ ଜୟସୁରିୟାଙ୍କ ଉପରକୁ ମଧ୍ୟ ରାଜପାକ୍ସେଙ୍କ ସମର୍ଥନକାରୀ ଏମ୍‌ପି କିଛି ଜିନିଷ ଫିଙ୍ଗିଥିବା ଡେଲି ମିରର ରିପୋର୍ଟରେ ପ୍ରକାଶ ପାଇଛି। ଶ୍ରୀଲଙ୍କା ରାଷ୍ଟ୍ରପତି ମୈତ୍ରିପାଲ ସିରିସେନା ଚକ୍ରାନ୍ତ କରି ରାନିଲ ୱିକ୍ରମ୍‌ସିଂହେଙ୍କୁ ପ୍ରଧାନମନ୍ତ୍ରୀ ପଦରୁ ବହିଷ୍କାର କରି ରାଜପାକ୍ସେଙ୍କୁ କ୍ଷମତା ହସ୍ତାନ୍ତର କରିବା ପରେ ଦ୍ୱୀପରାଷ୍ଟ୍ରରେ ରାଜନୈତିକ ସଙ୍କଟ ସୃଷ୍ଟି ହୋଇଛି।



ଆମେରିକାର କାଲିଫର୍ନିଆ ଜଙ୍ଗଲରେ ଲାଗିଥିବା ନିଆଁ ବିନାଶକାରୀ ରୂପ ଧାରଣ କରିଛି। ନିଆଁରେ ପୋଡ଼ି ହୋଇ ଶୁକ୍ରବାର ସୁଦ୍ଧା ୬୩ ଜଣ ପ୍ରାଣ ହରାଇଲେଣି। ଏବେ ସୁଦ୍ଧା ୬୩୧ ଜଣ ନିଖୋଜ ଥିବା ସୂଚନା ମିଳିଛି।








# ଜର୍ଜ ତିର୍କୀଙ୍କୁ ମିଳିଲା କଂଗ୍ରେସ ବିଧାୟକ ମାନ୍ୟତା

- ବିଧାନସଭା ସିଟ୍ ନଂ ୧୧
- ସଗରିଆଙ୍କ ଇସ୍ତଫା ବିଷୟ ଗୃହକୁ ଜଣାଇଲେ ବାଚସ୍ପତି

ଭୁବନେଶ୍ୱର,୧୬।୧୧(ବ୍ୟୁରୋ)

କଂଗ୍ରେସର କୋରାପୁଟ ବିଧାୟକ କୃଷ୍ଣଚନ୍ଦ୍ର ସଗରିଆ ବିଧାନସଭାରୁ ଇସ୍ତଫା ଦେଇଛନ୍ତି। ସଗରିଆଙ୍କ ଇସ୍ତଫା ପତ୍ର ନଭେମ୍ବର ୬ ତାରିଖରୁ ଗ୍ରହଣ କରାଯାଇଛି ବୋଲି ବାଚସ୍ପତି ପ୍ରଦୀପ ଅମାତ ଶୁକ୍ରବାର ବିଧାନସଭାରେ ଘୋଷଣା କରିଛନ୍ତି। ଅନ୍ୟପକ୍ଷରେ ବାଚସ୍ପତି ସମତାକ୍ରାନ୍ତି ଦଳର ସୁନ୍ଦରଗଡ଼ ବୀରମିତ୍ରପୁର ବିଧାୟକ ପ୍ରାର୍ଥୀ ଜର୍ଜ ତିର୍କୀଙ୍କୁ କଂଗ୍ରେସ ଦଳର ବିଧାୟକ ଭାବେ ମାନ୍ୟତା ଦେଇଛନ୍ତି। ସେ କଂଗ୍ରେସର ନୂତନ ସଦସ୍ୟ ହେଲେ ବୋଲି ଘୋଷଣା କରିବା ସହ ତାଙ୍କୁ ବିଧାନସଭାର ବ୍ଲକ ଏ'ର ସିଟ୍ ନଂ.୧୧ ଆବଣ୍ଟନ କରିଛନ୍ତି। ଏହି ଅଧିବେଶନରେ ସେ କଂଗ୍ରେସ ସଦସ୍ୟମାନେ ବସୁଥିବା ବ୍ଲକ୍‌ରେ ବସିବେ। ସୂଚନାଯୋଗ୍ୟ ଯେ, ତିର୍କୀ ଗତମାସରେ ନୂଆଦିଲ୍ଲୀଠାରେ ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଉପସ୍ଥିତିରେ କଂଗ୍ରେସରେ ସାମିଲ ହୋଇଥିଲେ। ଏହି ଅବସରରେ ବାଚସ୍ପତି ଗୃହକୁ ସୂଚନା ଦେଇ କହିଥିଲେ, ଜର୍ଜ ତିର୍କୀ ୨୦୧୮ ନଭେମ୍ବର ୨ ତାରିଖରେ ଜଣାଇଛନ୍ତି ଯେ ସମତାକ୍ରାନ୍ତି ଦଳ ଜାତୀୟ କଂଗ୍ରେସରେ ବିଲୀନ ହୋଇଯାଇଛି। ଏହାଛଡା ବିରୋଧୀ ଦଳ ନେତା ମଧ୍ୟ ଏ ନେଇ ବାଚସ୍ପତିଙ୍କୁ ଅବଗତ କରାଇଛନ୍ତି। ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ତିର୍କୀଙ୍କୁ କଂଗ୍ରେସ ସଦସ୍ୟ ଭାବେ ନଭେମ୍ବର ୨ ତାରିଖରୁ ଘୋଷଣା କରାଗଲା ବୋଲି ସେ କହିଥିଲେ।





**ଶୀତ ଅଧିବେଶନ ଆରମ୍ଭ:** ବିଧାନସଭାରେ ପ୍ରବେଶ କରୁଛନ୍ତି ବାମରୁ ବାଚସ୍ପତି ପ୍ରଦୀପ ଅମାତ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ବିରୋଧୀ ଦଳ ନେତା ନରସିଂହ ମିଶ୍ର।

## ■ ଆୟରଙ୍କ ଆପତ୍ତିଜନକ ମନ୍ତବ୍ୟ

# ବାଚସ୍ପତିଙ୍କୁ ରିପୋର୍ଟ ଦେଲା ଗୃହ କମିଟି

**ଭୁବନେଶ୍ୱର,୧୬।୧୧(ବ୍ୟୁରୋ):** ପୁରୀ ଶ୍ରୀମନ୍ଦିର ଓ କୋଣାର୍କ ଉପରେ କଟୁ ମନ୍ତବ୍ୟ ଦେଇଥିବା ଅଭିଜିତ ଆୟର ମିତ୍ରଙ୍କ ତଦନ୍ତ କରୁଥିବା ବିଧାନସଭା ଗୃହ କମିଟି ବାଚସ୍ପତି ପ୍ରଦୀପ ଅମାତଙ୍କୁ ରିପୋର୍ଟ ପ୍ରଦାନ କରିଛି। ଶୁକ୍ରବାର ହଟ୍ଟଗୋଳ ଯୋଗୁ ଗୃହ ଚାଲିପାରି ନ ଥିଲା। ଫଳରେ ଗୃହରେ ଏହାକୁ ଉପସ୍ଥାପନ କରାଯାଇପାରି ନ ଥିଲା। ଶନିବାର ରିପୋର୍ଟ ଗୃହରେ ଉପସ୍ଥାପନ କରାଯିବ। ରିପୋର୍ଟର ନିର୍ଯାସ ଉପରେ ନିର୍ଭର କରୁଛି ଆୟରଙ୍କ ଭାଗ୍ୟ। ତେବେ ମିଳିଥିବା ସୂଚନା ଅନୁଯାୟୀ, ଆୟରଙ୍କ ମନ୍ତବ୍ୟକୁ କମିଟି ଅତ୍ୟନ୍ତ ଗମ୍ଭୀରତାର ସହ ନେଇଛି। ଆୟର ଗୃହର ସ୍ୱାଧିକାର ଭଙ୍ଗ କରିଛନ୍ତି। ବିଧାନସଭାରେ ବ୍ୟକ୍ତିଗତ ଭାବେ ହାଜର ହୋଇ କ୍ଷମା ପ୍ରାର୍ଥନା କରିବାକୁ କମିଟି ସୁପାରିସ କରିଥିବା ସୂଚନା ମିଳିଛି। ରିପୋର୍ଟକୁ ସମ୍ପୂର୍ଣ୍ଣ ଗୁପ୍ତ ରଖାଯାଇଛି। ଗୃହ କମିଟି ନିକଟରେ ଆୟର ଦୁଇଥର ହାଜର ହୋଇ ନିଜ ଦୋଷ ସ୍ୱୀକାର କରିବା ସହ ସତ୍ୟପାଠ ଦେଇଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ, ଆୟରଙ୍କ ବିବାଦୀୟ ମନ୍ତବ୍ୟକୁ ନେଇ ଗତ ବିଧାନସଭାରେ ତୁମ୍ବିତୋଫାନ ହୋଇଥିଲା। ଓଡିଶା ପୋଲିସର ଅନୁରୋଧ କ୍ରମେ ଦିଲ୍ଲୀ ପୋଲିସ ସେପ୍ଟେମ୍ବର ୨୦ ତାରିଖରେ ଆୟରଙ୍କୁ ଗିରଫ କରିଥିଲା। ପରେ ସେ ଜାମିନରେ ମୁକୁଳିଥିଲେ। ଦଳଗତ ନିର୍ବିଶେଷରେ ଗତ ମୌସୁମୀ ଅଧିବେଶନରେ ତାଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ପ୍ରସ୍ତାବ ଆସିଥିଲା। ଏ ନେଇ ବିରୋଧୀ ଦଳ ନେତା ନରସିଂହ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ଗୃହ କମିଟି ଗଠନ କରାଯାଇଛି। ବିରୋଧୀ ଦଳ ନେତାଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିରେ ଭାଜପା ବିଧାୟକ ଦଳ ନେତା କେ.ଭି. ସିଂଦେଓ, ବିଜେଡି ବିଧାୟକ ଦେବୀ ପ୍ରସାଦ ମିଶ୍ର, ଅରୁଣ ସାହୁ, ସଞ୍ଜୀୟ ଦାସବର୍ମା ଏବଂ ପ୍ରମିଳା ମଲ୍ଲିକ ସଦସ୍ୟ ରହିଛନ୍ତି। ଅକ୍ଟୋବର ୧୭ ତାରିଖରେ ଆୟର ନିଜ ଭୁଲ୍ ପାଇଁ ପୁଣି ଇ-ମେଲ୍ ଜରିଆରେ ବାଚସ୍ପତିଙ୍କୁ କ୍ଷମା ମାଗିଥିଲେ। ଏ ନେଇ ସେ ବିଧାନସଭା ଗୃହ କମିଟିକୁ ମଧ୍ୟ ଜଣାଇଥିଲେ।

**ଆଜି ବିଧାନସଭାରେ ଉପସ୍ଥାପନ ହେବ ରିପୋର୍ଟ**

# ଶାସକ ଦଳକୁ ଘେରିବାକୁ ରଣନୀତି

## ଭାଜପା ବିଧାୟକ ଦଳ ବୈଠକ

ଭୁବନେଶ୍ୱର, ୧୬।୧୧(ବ୍ୟୁରୋ)

ବିଧାନସଭା ଶୀତ ଅଧିବେଶନରେ ବିଭିନ୍ନ ପ୍ରସଙ୍ଗକୁ ନେଇ ବିରୋଧୀ ଭାଜପା ନେତାମାନେ ଶାସକ ଦଳକୁ ଘେରିବାକୁ ରଣନୀତି ପ୍ରସ୍ତୁତ କରିଛନ୍ତି। ବିଧାନସଭାର ଆରମ୍ଭ ଦିନ ଅପରାହ୍ନରେ ଭାଜପା ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଛି। ବିଧାୟକ ଦଳ ନେତା କନକବର୍ଦ୍ଧନ ସିଂ ଦେଓଙ୍କ ନେତୃତ୍ୱରେ ବସିଥିବା ଏହି ବୈଠକରେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଛି। ବୈଠକ ଶେଷରେ ଦଳର ମୁଖ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଧାୟକ ରବି ନାୟକ କହିଛନ୍ତି ଯେ, ଗୃହରେ ଚାଷୀ ସମସ୍ୟାକୁ ଜୋର୍‌ଦାର ଭାବେ ଉଠାଯିବ। ମରୁଡ଼ି ପରିସ୍ଥିତି, ଚକଡା ପୋକ ପାଇଁ ଚାଷୀମାନେ ବହୁ କ୍ଷତି ସହିଛନ୍ତି। ପଶ୍ଚିମ ଓଡିଶାରେ ସ୍ଥାୟୀ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବି ନେଇ କୋର୍ଟ ଅଢେଇ ମାସ ଧରି ବନ୍ଦ ରହିବା, ବ୍ରହ୍ମ ବିଭ୍ରାଟ, ରତ୍ନଭଣ୍ଡାର ଚାବି ହଜିବା, ପିସି କାରବାର ବ୍ୟାପକ ହେବା, ତିତ୍‌ଲିର କ୍ଷୟକ୍ଷତି ଏବଂ ସରକାର ସଚେତନ ନ ଥିବାରୁ ୭୦ରୁ ଅଧିକ ଜୀବନ ହାନି ହେବା, ଆମ ଗାଁ ଆମ ବିକାଶରେ ସରକାର ଲୋକଙ୍କୁ ଦେଉଥିବା ମିଥ୍ୟା ପ୍ରତିଶ୍ରୁତି, ବିଜୁ ଯୁବ ବାହିନୀର ଗୁଣ୍ଡାରାଜ, ବିଜୁ ସ୍ୱାସ୍ଥ୍ୟ ଯୋଜନାର କାର୍ଯ୍ୟକାରିତାକୁ ନେଇ ଉଠିଥିବା ପ୍ରଶ୍ନ, ମେକ୍ ଇନ ଓଡିଶା କନକ୍ଲେଭରେ ଓଡିଆ ଶିଳ୍ପ ଉଦ୍ୟୋଗୀମାନଙ୍କୁ ଅଣଦେଖା କରିବା, ରାଜ୍ୟରେ ବେକାରି ଯୁବକ ଯୁବତୀଙ୍କ ସଂଖ୍ୟା ବୃଦ୍ଧି ପାଇବା ଆଦି ପ୍ରସଙ୍ଗ ଗୃହରେ ଜୋର୍‌ଦାର ଭାବେ ଉଠାଯିବ। ସରକାର ନୂଆ ନିଯୁକ୍ତି ସୃଷ୍ଟି ନ କରିବା ଭଳି ରାଜ୍ୟବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଇବ ବୋଲି ରବି ନାଏକ ସୂଚନା ଦେଇଛନ୍ତି। ମୃତ୍ୟୁପରେ ମହାପ୍ରୟାଣ ଗାଡି ଅଭାବରୁ କାନ୍ଧରେ ଶବ ବୁହା ହେବା ଘଟଣା ଅତ୍ୟନ୍ତ ଲଜ୍ଜାଜନକ। ଏହା ସତ୍ତ୍ୱେ ସରକାର କେବଳ ରାଜନୈତିକ ଉଦ୍ଦେଶ୍ୟ ରଖି କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଭାରତ ଯୋଜନା ଲାଗୁ କରୁନାହାନ୍ତି। ଖାଦ୍ୟ ସୁରକ୍ଷା ଯୋଜନା ଅନୁଯାୟୀ ଯୋଗ୍ୟ ହିତାଧିକାରୀଙ୍କୁ ସୁବିଧା ଦେବାରୁ ବଞ୍ଚିତ କରାଯାଉଛି, ହାତୀ ଏବଂ ବାଘ ସଂଖ୍ୟା କମିବା ତଥା ବନ୍ୟଜନ୍ତୁଙ୍କୁ ସୁରକ୍ଷା ଦେବାରେ ସରକାରଙ୍କ ଆନ୍ତରିକତା ନ ଥିବା, ମହିଳାମାନଙ୍କୁ ସୁରକ୍ଷା ଯୋଗାଇ ନ ପାରିବା, ଆଦିବାସୀମାନଙ୍କୁ ପ୍ରୋତ୍ସାହନ ନ ଦେବା ଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନେଇ ଚଳିତ ବିଧାନସଭାରେ ଶାସକ ଦଳକୁ ଭାଜପା ଘେରିବ ବୋଲି ସେ କହିଛନ୍ତି।




ବୈଠକରେ ଭାଜପା ନେତୃବୃନ୍ଦ।




# ୩୪,୬୫୧ ଅଙ୍ଗନୱାଡ଼ି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ

**ଭୁବନେଶ୍ୱର,୧୬।୧୧(ବ୍ୟୁରୋ):** ରାଜ୍ୟରେ ୩୪,୬୫୧ ଅଙ୍ଗନୱାଡ଼ି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ। ସେଥିମଧ୍ୟରୁ ୧୩,୫୬୬ କେନ୍ଦ୍ରରେ ଗୃହ ନିର୍ମାଣାଧୀନ ରହିଛି। ସେହିପରି ୧୨,୧୫୬ ଅଙ୍ଗନୱାଡି କେନ୍ଦ୍ରର ଗୃହ ନିର୍ମାଣ ପାଇଁ ଅର୍ଥ ଯୋଗାଇ ଦିଆଯାଇଛି। ମହିଳା ଓ ଶିଶୁବିକାଶ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ବିଧାନସଭାରେ ପ୍ରଦାନ କରିଥିବା ଉତ୍ତରରେ ଉପରୋକ୍ତ ତଥ୍ୟ ଉଲ୍ଲେଖ କରିଛନ୍ତି। ଶାସକ ଦଳ ସଦସ୍ୟା ତଥା ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀଙ୍କ ପ୍ରଶ୍ନରେ ମନ୍ତ୍ରୀ ସାମଲ ଶୁକ୍ରବାର ଗୃହରେ ଲିଖିତ ଭାବେ ଏହି ଉତ୍ତର ରଖିଛନ୍ତି। ଉପରୋକ୍ତ ଗୃହକୁ ବାଦ୍ ଦେଇ ୮୯୨୯ କେନ୍ଦ୍ର ଗୃହ ନିର୍ମାଣ ପାଇଁ ଗ୍ରାମାଞ୍ଚଳରେ ଏମ୍‌ଜିଏନ୍‌ଆରଇଜିଏସ୍ ସହାୟତା ଏବଂ ନଗରାଞ୍ଚଳରେ ରାଜ୍ୟ ସରକାରଙ୍କ ପାଣ୍ଠିରୁ ଗୃହ ନିର୍ମାଣ ବ୍ୟବସ୍ଥା କରାଯାଇଛି। ବିଭିନ୍ନ ଜିଲାରେ ଡିଏମ୍‌ଏଫ ପାଣ୍ଠିରେ ଅଙ୍ଗନୱାଡ଼ି ଗୃହ ନିର୍ମାଣ ପାଇଁ ପଦକ୍ଷେପ ନିଆଯାଉଥିବା ଜଣାପଡିଛି। ଜିଲାୱାରି ଅନୁଧ୍ୟାନ କଲେ କେବଳ ଗଞ୍ଜାମ ଜିଲାରେ ୨୯୬୪ଟି ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ। ଏହାଛଡା ବାଲେଶ୍ୱର ୨୮୪୫, କଟକ ୨୩୨୫, ପୁରୀ ୧୯୮୭, ଯାଜପୁର ୧୯୮୨ ଏବଂ ସୁନ୍ଦରଗଡ ଜିଲାର ୧୩୨୨ଟି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ। ମାଲକାନଗିରି ଜିଲାରେ ସର୍ବନିମ୍ନ ୭୮ଟି କେନ୍ଦ୍ରର ନିଜସ୍ୱ ଗୃହ ନ ଥିବା ଜଣାପଡିଛି।





ଭାରତକୁ ନାଲିଆଖି ଦେଖାଇ ପୁଣି ଡ୍ରାଗନ୍ ଆରମ୍ଭ କରିଛି ଦାଦାଗିରି। ଲଦାଖର ପାଙ୍ଗୋଙ୍ଗ୍ ସୋ ହ୍ରଦରେ ଚାଇନା ସୈନ୍ୟ ଅନୁପ୍ରବେଶ କରିଥିବା ଗୋଇନ୍ଦା ରିପୋର୍ଟରୁ ଜଣାପଡ଼ିଛି। ଏଠାରେ ଥିବା ପାଙ୍ଗୋଙ୍ଗ ସୋ ହ୍ରଦରେ ଚାଇନା ଏହାର ନୌକା ମୁତୟନ କରିଛି। ନୌକାରେ ୬-୭ଜଣ ଚାଇନା ସୈନ୍ୟ ବସିବାର ସୁବିଧା ରହିଛି।









Debasish Mohanty
Sports Personality

#PlasticFreeOdisha
ଧରିତ୍ରୀ DHARITRI
TEAM


## ସଂକ୍ଷେପରେ

### ହାତୀ ଯିବା ସମୟରେ ବିଦ୍ୟୁତ୍ ସରବରାହ ବନ୍ଦ ରହିବ

ଭୁବନେଶ୍ୱର,୧୬।୧୧(ବ୍ୟୁରୋ): ରାଜ୍ୟର ବିଭିନ୍ନ ବନାଞ୍ଚଳରେ ହାତୀମାନେ ଯିବା ଆସିବା କରୁଥିବା ସମୟରେ ବିଦ୍ୟୁତ୍ ସରବରାହ ବନ୍ଦ ରହିବ। ଉକ୍ତ ସ୍ଥାନଗୁଡ଼ିକ ଦେଇ ଯାଇଥିବା ସମସ୍ତ ବିଦ୍ୟୁତ୍ ସଂଯୋଗ ଲାଇନକୁ ସମ୍ପୂର୍ଣ୍ଣ ବନ୍ଦ ରଖାଯିବ। ହାତୀମାନେ ଯେପରି ବିନା ବାଧାରେ କୌଣସି ଦୁର୍ଘଟଣାଗ୍ରସ୍ତ ନ ହୋଇ ବିଚରଣ କରିବେ, ସେଥିପ୍ରତି ଦୃଷ୍ଟି ଦିଆଯିବ ବୋଲି ଶକ୍ତି ବିଭାଗ ପକ୍ଷରୁ କୁହାଯାଇଛି। ଏହି ମର୍ମରେ ଶକ୍ତି ବିଭାଗର ସ୍ୱତନ୍ତ୍ର ସଚିବ ସୁରଜିତ ଦାସ ବିଦ୍ୟୁତ୍ ବଣ୍ଟନ କରୁଥିବା ସଂସ୍ଥା(ସେସୁ,ୱେସ୍କୋ,ନେସ୍କୋ,ସାଉଥ୍କୋ) ମୁଖ୍ୟ କାର୍ଯ୍ୟନିର୍ବାହୀଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି। ଏହି ଘଟଣାକୁ ଗୁରୁତର ଭାବେ ନେବା ସହ ହାତୀ ଚଲାପଥକୁ ବିଦ୍ୟୁତ୍ ଦୁର୍ଘଟଣାମୁକ୍ତ ଅଞ୍ଚଳ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ସହ ସମନ୍ୱୟ ରଖାଯାଇ ବିଦ୍ୟୁତ୍ ସରବରାହ ବନ୍ଦ କରାଯିବ ବୋଲି ଜଣାପଡିଛି। ହାତୀ ଯିବା ପରେ ଠିକ୍ ସୂଚନା ପାଇ ସମ୍ବେଦନଶୀଳ ଅଞ୍ଚଳରେ ବିଦ୍ୟୁତ୍ ସରବରାହ ଚାଲୁ କରାଯିବାର ମଧ ନିଷ୍ପତ୍ତି ନିଆଯାଇଛି।

■ ରାଜ୍ୟସ୍ତରୀୟ ନବଜାତ ଶିଶୁ ଯତ୍ନ ସପ୍ତାହ ଉଦ୍ଘାଟିତ

# ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରସବ ହାର ୮୫ ପ୍ରତିଶତ ଟପିଛି

ଭୁବନେଶ୍ୱର, ୧୬।୧୧(ବ୍ୟୁରୋ)

■ ଏସ୍ଏନ୍ସିୟୁରେ ଚିକିତ୍ସିତ ହୋଇଛନ୍ତି ୪୬ ହଜାରରୁ ଅଧିକ ଶିଶୁ

■ ୨୦୧୮-୧୯କୁ ନବଜାତ ଶିଶୁ ଯତ୍ନ ବର୍ଷ ଭାବେ ପାଳନ କରାଯିବ

ରାଜ୍ୟରେ ମାତୃ ଓ ଶିଶୁ ମୃତ୍ୟୁହାର କମାଇବା ପାଇଁ ରାଜ୍ୟ ସରକାର ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି। ଫଳରେ ଗତ ୧୦ବର୍ଷ ମଧ୍ୟରେ ଶିଶୁ ମୃତ୍ୟୁହାର ୬୫ ପ୍ରତିଶତରୁ ହ୍ରାସ ପାଇ ୪୦ ପ୍ରତିଶତ ହୋଇଛି ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି।

ରାଜ୍ୟସ୍ତରୀୟ ନବଜାତ ଶିଶୁ ଯତ୍ନ ସପ୍ତାହ ପାଳନ କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ଜେନା ଶୁଭାରମ୍ଭ କରି କହିଥିଲେ, ଅପରିପକ୍ୱ ଏବଂ କମ ଓଜନର ଶିଶୁ ଜନ୍ମ ହେବା, ଜୀବାଣୁ ସଂକ୍ରମଣ ଏବଂ ଜନ୍ମ ସମୟରେ ଜଟିଳତା ଏହାର ପ୍ରମୁଖ କାରଣ। ବର୍ତ୍ତମାନ ରାଜ୍ୟରେ ଆନୁଷ୍ଠାନିକ(ସ୍ୱାସ୍ଥ୍ୟକେନ୍ଦ୍ରରେ) ପ୍ରସବ ହାର ୮୫ ପ୍ରତିଶତରୁ ଅଧିକ ହେଲାଣି। ୩୦ ଜିଲାରେ ୩୭ ଏସ୍ଏନ୍ସିୟୁ କାର୍ଯ୍ୟକ୍ଷମ ହୋଇଛି। ଏଠାରେ ତାଲିମପ୍ରାପ୍ତ ଡାକ୍ତର ଓ ନର୍ସମାନଙ୍କ ଦ୍ୱାରା ଚିକିତ୍ସା କରାଯାଉଛି। ଗତବର୍ଷ ୪୬ ହଜାରରୁ ଊର୍ଦ୍ଧ୍ୱ ଶିଶୁ ଏସ୍ଏନ୍ସିୟୁରେ ଚିକିତ୍ସିତ ହୋଇଛନ୍ତି। ୨୦୧୮-୧୯ ବର୍ଷକୁ ନବଜାତ ଶିଶୁ ଯତ୍ନ ବର୍ଷ ଭାବେ ପାଳନ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

ସମ୍ମାନିତ ଅତିଥିଭାବେ ବିଭାଗୀୟ ଶାସନ ସଚିବ ପ୍ରମୋଦ ମେହେର୍ଦ୍ଧା ଯୋଗଦେଇ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଯେଉଁ ବିକାଶର ପ୍ରକ୍ରିୟା ଆରମ୍ଭ ହୋଇଛି ତାହାକୁ ଅଧିକ କ୍ରିୟାଶୀଳ କରି ଆଗେଇ ନେବାକୁ ହେବ ବୋଲି ଡାକ୍ତର ଓ ପାରାମେଡିକାଲ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶକ ଶାଳିନୀ ପଣ୍ଡିତ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ମନ୍ତ୍ରୀ ଜେନା ଏସ୍ଏନ୍ସିୟୁରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟରେ ନୟାଗଡ଼, ରାୟଗଡ଼ା ଏବଂ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯଥାକ୍ରମେ ପ୍ରଥମ, ୨ୟ ଏବଂ ୩ୟ ପୁରସ୍କାର ପ୍ରଦାନ କରିଥିଲେ। ଘରେ ଜନ୍ମିତ ଶିଶୁମାନଙ୍କ ଯତ୍ନ କ୍ଷେତ୍ରରେ ସୁନ୍ଦରଗଡ଼ ଜିଲାକୁ ପ୍ରଥମ, ସୁବର୍ଣ୍ଣପୁର ଜିଲାକୁ ୨ୟ ଏବଂ ବୌଦ୍ଧ ଜିଲାକୁ ୩ୟ ପୁରସ୍କାର ପ୍ରଦାନ କରାଯାଇଛି। ସ୍ୱାସ୍ଥ୍ୟ ଅନୁଷ୍ଠାନରେ ପ୍ରସବ ଗୃହରେ ଉନ୍ନତି ଏବଂ ରାଜ୍ୟ ପ୍ରମାଣୀକରଣ ପାଇଁ କଳାହାଣ୍ଡି ଓ ଢେଙ୍କାନାଳ ଜିଲାକୁ ପୁରସ୍କୃତ କରାଯାଇଛି। କାର୍ଯ୍ୟକ୍ରମରେ ବିଭାଗୀୟ ସ୍ୱତନ୍ତ୍ର ସଚିବ ଡା. ବି.କେ. ବ୍ରହ୍ମା ଏବଂ ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ଲିଙ୍ଗରାଜ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

■ ଓଡ଼ିଶା ପାଇଁ ବର୍ଷକୁ ଦରକାର ୬.୭୦ ଲକ୍ଷ ଟନ୍ ଲୁଣ

# ଉତ୍ପାଦନ ହେଉଛି ମାତ୍ର ୧୫୦ ଟନ୍

ଭୁବନେଶ୍ୱର,୧୬।୧୧(ବ୍ୟୁରୋ): ଓଡ଼ିଶା ପାଇଁ ବାର୍ଷିକ ୬ଲକ୍ଷ ୭୦ ହଜାର ମେଟ୍ରିକ୍ ଟନ୍ ଲୁଣ ଆବଶ୍ୟକ ଥିବା ବେଳେ ଗତବର୍ଷ ରାଜ୍ୟରେ ଉତ୍ପାଦିତ ହୋଇଛି ମାତ୍ର ୧୫୦ ମେଟ୍ରିକ୍ ଟନ୍ ଲୁଣ। ଭାଜପା ସଦସ୍ୟ ଦିଲୀପ ରାୟଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ବିଧାନସଭାରେ ଏହା କହିଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶା ପାଇଁ ବାର୍ଷିକ ଆବଶ୍ୟକ ପଡୁଥିବା ୬.୭୦ ଲକ୍ଷ ଟନ୍ ଲୁଣ ମଧ୍ୟରୁ ଖାଇବା ପାଇଁ ୨.୨୦ ଲକ୍ଷ ଟନ୍ ବ୍ୟବହାର କରାଯାଉଥିବା ବେଳେ ଶିଳ୍ପ ସଂସ୍ଥା ପାଇଁ ସାଢ଼େ ୪ ଲକ୍ଷ ଟନ୍ ଲୁଣ ଆବଶ୍ୟକ ହେଉଛି। ରାଜ୍ୟରେ ୨୦୧୦-୧୧ ବର୍ଷରେ ୨୬୫୮ ମେଟ୍ରିକ୍ ଟନ୍ ଲୁଣ ଉତ୍ପାଦିତ ହୋଇଥିବା ବେଳେ ୨୦୧୬-୧୭ ବେଳକୁ ଏହାର ପରିମାଣ ଥିଲା ୧୯୭୫ ମେଟ୍ରିକ୍ ଟନ୍। ତେବେ ୨୦୧୭-୧୮ ବର୍ଷରେ ଓଡ଼ିଶାରେ ମାତ୍ର ୧୫୦ ମେଟ୍ରିକ୍ ଟନ୍ ଲୁଣ ଉତ୍ପାଦିତ ହୋଇଥିବା ମନ୍ତ୍ରୀଙ୍କ ଉତ୍ତରରୁ ଜଣାପଡିଛି। ଲୁଣ ଉତ୍ପାଦନ ପାଇଁ ପୁରୀ ଜିଲାର ଅସ୍ତରଙ୍ଗ, ଗଞ୍ଜାମ ଜିଲାର ହୁମା ଓ ବୀଣାପାଲି, ବାହୁଡା ଏବଂ ବାଲେଶ୍ୱର ବୋଲଙ୍ଗରେ ୪ଟି ଲବଣ ଉତ୍ପାଦନ ଓ ବିକ୍ରୟ ସମବାୟ ସମିତି ରହିଛି। ଏଥିମଧ୍ୟରୁ କେବଳ ବାଲେଶ୍ୱର ଜିଲାର ବୋଲଙ୍ଗ ସମବାୟ ସଂସ୍ଥା କାର୍ଯ୍ୟକ୍ଷମ ଥିବା ବେଳେ ଅନ୍ୟ ୩ଟି ଯାକ ବନ୍ଦ ରହିଛି। ରାଜ୍ୟରେ ଲୁଣ ଉତ୍ପାଦନ ବୃଦ୍ଧି ପାଇଁ ଓ ଲବଣ ଶ୍ରମିକମାନଙ୍କ ଜୀବିକାରେ ସୁଧାର ଲାଗି ସରକାର ୨୦୦୭-୦୮ରୁ ୨୦୧୩-୧୪ ମଧ୍ୟରେ ୩ଟି ଲବଣ ସମବାୟ ସମିତିକୁ ୯୪ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି।

ଧରିତ୍ରୀର ତା.୧୬.୧୧.୨୦୧୮ରିଖ ପୃଷ୍ଠା-୧ରେ 'ନିର୍ବାଚନ କମିଶନଙ୍କ ସାଂଘାତିକ ଖେଳ' ଶୀର୍ଷକ ଏକ ଖବର ପ୍ରକାଶ ପାଇଥିଲା। ଓଡ଼ିଶା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହାର ପ୍ରତିବାଦ କରାଯାଇଛି। ଆମ ସୂତ୍ରରୁ ମିଳିଥିବା ରିପୋର୍ଟ ଅନୁସାରେ ଉକ୍ତ ଖବର ପ୍ରସ୍ତୁତ କରାଯାଇଛି। ଏଥିରେ ଓଡ଼ିଶା ସମ୍ପର୍କରେ କିଛି ଉଲ୍ଲେଖ କରାଯାଇନାହିଁ। ମିଳିଥିବା ପ୍ରତିବାଦ ପତ୍ରର ଅବିକଳ ନକଲ ଏଠାରେ ପ୍ରକାଶ କରୁଛୁ।

**ଧରିତ୍ରୀ ସମ୍ବାଦ ପତ୍ରରେ ପ୍ରକାଶିତ ଖବରର ପ୍ରତିବାଦ**

ଭୁବନେଶ୍ୱର ତା ୧୬-୧୧-୨୦୧୮ ରିଖ ପୃଷ୍ଠା-୧ ରେ ପ୍ରକାଶିତ " ନିର୍ବାଚନ କମିଶନଙ୍କ ସାଂଘାତିକ ଖେଳ " ସଂପର୍କିତ ଖବର ସତ୍ୟ ନୁହେଁ ।

ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ ଅନୁଯାୟୀ ଜାତୀୟ ଭୋଟର ତାଲିକା ବିଶୁଦ୍ଧି କରଣ ଓ ସାବ୍ୟସ୍ତକରଣ କାର୍ଯ୍ୟକ୍ରମ (National Electoral Roll Purification & Authentication Programme) ସାରା ରାଜ୍ୟରେ ୨୦୧୫ ମାର୍ଚ୍ଚ ୩ ତାରିଖରୁ ଆରମ୍ଭ କରାଯାଇଥିଲା । ଏହି କାର୍ଯ୍ୟକ୍ରମର ଏକ ଉଦ୍ଦେଶ୍ୟ ଥିଲା ଭୋଟର ଫଟୋ ପରିଚୟ ପତ୍ର ସଂଖ୍ୟା ସହ ଆଧାର କାର୍ଡ ସଂଖ୍ୟା ସଂଯୋଗ ଓ ଭୋଟର ତାଲିକାରେ ଥିବା ବିଭିନ୍ନ ତ୍ରୁଟିର ସଂଶୋଧନ ।

ପରବର୍ତ୍ତୀ ସମୟରେ ଏହି ସଂପର୍କରେ ମାନ୍ୟବର ଉଚ୍ଚତମ ନ୍ୟାୟାଳୟଙ୍କ ରିଟ୍ ପିଟିସନ୍ (ସିଭିଲ୍) କେଶ୍ ନମ୍ବର -୪୯୪ / ୨୦୧୨ ତା ୧୧.୦୮.୨୦୧୫ ରିଖ ଆଦେଶ ପରିପ୍ରେକ୍ଷୀରେ ଭାରତ ନିର୍ବାଚନ ଆୟୋଗ ଏହି କାର୍ଯ୍ୟକ୍ରମ ସ୍ଥଗିତ ରଖିବା ପାଇଁ ନିର୍ଦ୍ଦେଶନାମା ଜାରି କରିଥିଲେ ।

ପୁନଶ୍ଚ ଓଡିଶାରେ ଭୋଟର ଫଟୋ ପରିଚୟ ପତ୍ର ସଂଖ୍ୟା ସହ ଆଧାର କାର୍ଡ ସଂଖ୍ୟା ସଂଯୋଗ କରାଯାଇ ନାହିଁ ଏବଂ ଏହାକୁ ସରକାରୀ ସଂସ୍ଥା ମାନଙ୍କୁ ପ୍ରଦାନ କରିବା ଖବର ତଥ୍ୟ ଭିତ୍ତିକ ନୁହେଁ ।

ସୂଚନା ଅଧିକାରୀ,
ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ, ଓଡିଶା

## ୧୦ ଡିଗ୍ରୀ ତଳକୁ ଖସିଲା ପାରଦ: ଫୁଲବାଣୀ ୯.୮ ଡିଗ୍ରୀ

ଭୁବନେଶ୍ୱର,୧୬।୧୧(ବ୍ୟୁରୋ)

ରାଜ୍ୟରେ ଶୀତର ପ୍ରକୋପ ବୃଦ୍ଧି ପାଇବାରେ ଲାଗିଛି। ଆଭ୍ୟନ୍ତରୀଣ ଓଡ଼ିଶାରେ ପାରଦ ତଳମୁହାଁ ହୋଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର ଫୁଲବାଣୀରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୯.୮ ଡିଗ୍ରୀ ସେଲ୍ସିୟସ ରେକର୍ଡ କରାଯାଇଥିବା ବେଳେ ଅନୁଗୋଳ ୧୪.୬, ସୋନପୁର ୧୪.୬, ଦାରିଙ୍ଗବାଡି ୧୫.୬, ଝାରସୁଗୁଡା ୧୬.୪, କେନ୍ଦୁଝର ୧୫.୯, ସମ୍ବଲପୁର ୧୬.୮, ହୀରାକୁଦ ୧୬.୬, ତାଳଚେର ୧୫.୩, ଭବାନୀପାଟଣା ୧୫, ବଲାଙ୍ଗୀର ୧୬.୨ ଏବଂ କୋରାପୁଟରେ ସର୍ବନିମ୍ନ ତାପମାତ୍ରା ୧୪.୬ ଡିଗ୍ରୀ ସେଲ୍ସିୟସ ରେକର୍ଡ କରାଯାଇଛି। ଆସନ୍ତା ୨୦ ତାରିଖ ପରେ ରାଜ୍ୟରେ ଶୀତର ପ୍ରକୋପ ଆହୁରି ବୃଦ୍ଧି ପାଇବ ବୋଲି ଅନୁମାନ କରାଯାଇଛି।


DADLS-179



**ମହାନ୍ ବିପ୍ଲବୀ ଶହୀଦ ଜୟୀ ରାଜଗୁରୁଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ**
୧୭ ନଭେମ୍ବର(ଅଁଳା ନବମୀ) ୨୦୧୮

**ସମୟ – ସକାଳ ଘ.୯.୩୦.ମି.**
ଏଜି ଛକସ୍ଥିତ ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ ।

ଦିବା ଘ.୧୦.୩୦ମି.-ଆଲୋଚନାଚକ୍ର ଜୟଦେବ ଭବନ
ବିଷୟ : "ଜୟୀ ରାଜଗୁରୁଙ୍କର ଜୀବନୀ ଓ ଭାରତର ସ୍ୱାଧୀନତା ସଂଗ୍ରାମକୁ ଅବଦାନ"

**ସାଧାରଣ ସଭା**
ସମୟ – ସଂଧ୍ୟା ୫ ଘଟିକା ସ୍ଥାନ – ଜୟଦେବ ଭବନ

ମୁଖ୍ୟ ଅତିଥି – **ଶ୍ରୀଯୁକ୍ତ ସଞ୍ଜୟ କୁମାର ଦାସବର୍ମା,** ମାନ୍ୟବର ବିଧାୟକ

ମୁଖ୍ୟ ବକ୍ତା – **ଡ. ସୋମାଚାନ୍ଦ,** ଇତିହାସ ବିଭାଗ ମୁଖ୍ୟ, ଉତ୍କଳ ବିଶ୍ୱବିଦ୍ୟାଳୟ

କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ ।

ସଭା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ (ଶ୍ରୀଜଗନ୍ନାଥ ସଂସ୍କୃତି ସଂକୀର୍ତ୍ତନ ସେବା ବିକାଶ ପରିଷଦ, ଓଡ଼ିଶାଙ୍କ ଦ୍ୱାରା ଗୀତ ଗୋବିନ୍ଦ ଓ ଶୋଭନୀୟ ବିଦ୍ୟାଳୟ, କୋଣାର୍କର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଶହୀଦ୍ ସଲାମ୍ ନୃତ୍ୟ ନାଟିକା, କଳିଙ୍ଗ କନ୍ୟା ପାଇକ ଆଖଡା ପରିବେଷଣ)

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଶହୀଦ ଜୟୀ ରାଜଗୁରୁ ସ୍ମୃତି ପରିଷଦ, ଓଡ଼ିଶାଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବରେ ଯୋଗଦେବା ପାଇଁ ବିନମ୍ର ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

15001/13/0392/1819


## ସ୍ତ୍ରୀ ଆଗରେ ସ୍ୱାମୀଙ୍କୁ ଦଳିଦେଲା ଦନ୍ତା

ପରଜଙ୍ଗ, ୧୬।୧୧(ଡି.ଏନ୍.ଏ.)

ଡିହଡୋଳ ଫରେଷ୍ଟ ସେକ୍ସନ ଅଧୀନ ପରଜଙ୍ଗ ବ୍ଲକ ଲୋଧଣୀ ପଞ୍ଚାୟତ ପାଳସାହି ଗ୍ରାମର ଚାଷୀ ବାଉରୀ ସାହୁ ଶୁକ୍ରବାର ଭୋରରେ ହାତୀ ଆକ୍ରମଣରେ ପ୍ରାଣ ହରାଇଛନ୍ତି। ବାଇଗଣ କିଆରିକୁ ପାଣି ଦେବାକୁ ଯାଇଥିବାବେଳେ ସ୍ତ୍ରୀଙ୍କ ଆଖି ଆଗରେ ଏକ ଉନ୍ମତ୍ତ ଦନ୍ତା ତାଙ୍କୁ ଦଳିଦେଇଥିଲା। ରାମନାଳୀପର୍ଶସ୍ଥିତ ବାଇଗଣ କିଆରୀର ଗୋଟିଏ ପଟେ ବାଉରୀ ଏବଂ ଅନ୍ୟପଟେ ତାଙ୍କ ସ୍ତ୍ରୀ ପାଣି ଦେଉଥିଲେ। କୁହୁଡ଼ି ଯୋଗୁ ଖେତ ପାଖରେ ଥିବା ଦନ୍ତାକୁ କେହି ଦେଖିପାରି ନ ଥିଲେ। ହଠାତ୍ ହାତୀ ଥିବା ଜାଣିପାରି ସ୍ତ୍ରୀ ଡାକ ପକାଇଥିଲେ। କିନ୍ତୁ ବାଉରୀ ସୁରକ୍ଷିତ ସ୍ଥାନକୁ ଯିବା ପୂର୍ବରୁ ହାତୀ ତାଙ୍କୁ ଶୁଣ୍ଢରେ ଧରି କଚାଡ଼ି ଦେଇଥିଲା। ତାଙ୍କୁ ୧୦୮ ଆମ୍ବୁଲାନ୍ସରେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ପରିବାରକୁ ପ୍ରାଥମିକ ପର୍ଯ୍ୟାୟରେ ୪୦ ହଜାର ଟଙ୍କାର ସହାୟତା ଚେକ୍ ପ୍ରଦାନ କରାଯାଇଛି।








**ଭାରତ ସରକାର**
**ବୟନଶିଳ୍ପ ମନ୍ତ୍ରଣାଳୟ**
**ବିକାଶ ଆୟୁକ୍ତ (ହସ୍ତଶିଳ୍ପ)ଙ୍କ କାର୍ଯ୍ୟାଳୟ,**
**ୱେଷ୍ଟ ବ୍ଲକ୍ ୭, ଆର୍‌କେ ପୁରମ୍, ନୂଆଦିଲ୍ଲୀ - ୧୧୦୦୬୬**

ପେହଚାନ୍ ପରିଚୟଧାରୀ ପୁରସ୍କୃତ ହସ୍ତଶିଳ୍ପ କାରିଗରମାନଙ୍କଠାରୁ ୨୦୧୮-୧୯ ମସିହା ପାଇଁ ଦିଲ୍ଲୀ ହାଟ, ଆଇଏନ୍ଏଠାରେ ୦୧-୧୫ ଡିସେମ୍ବର, ୨୦୧୮ ଅବଧିରେ ମାଷ୍ଟର୍ କ୍ରିଏସନ୍ସ ୨୦୧୮ ତଥା ସୁରଜକୁଣ୍ଡ, ଫରିଦାବାଦଠାରେ ୦୧-୧୭ ଫେବୃୟାରୀ, ୨୦୧୯ ଅବଧିରେ ଅନ୍ତର୍ଜାତୀୟ ସୁରଜକୁଣ୍ଡ ଶିଳ୍ପମେଳା ୨୦୧୯ରେ ଭାଗ ନେବା ଲାଗି ଦରଖାସ୍ତ ଆହ୍ୱାନ କରାଯାଉଛି।

ଉପରୋକ୍ତ କାର୍ଯ୍ୟକ୍ରମରେ ଭାଗ ନେବା ଲାଗି ପୁରସ୍କୃତଙ୍କ ମନୋନୟନ କରାଯିବା ସମୟରେ, ପ୍ରାଧାନ୍ୟତା କ୍ରମ ନିମ୍ନ ଅନୁଯାୟୀ ହେବ:

୧. ଶିଳ୍ପ ଗୁରୁ
୨. ଜାତୀୟ ପୁରସ୍କୃତ/ଏନ୍.ଏମ୍.ସି. ଯେଉଁମାନେ ମାଷ୍ଟର କ୍ରିଏସନ୍ସ ୨୦୧୭ ଏବଂ ଅନ୍ତର୍ଜାତୀୟ ସୁରଜକୁଣ୍ଡ ଶିଳ୍ପ ମେଳା ୨୦୧୮ରେ ଅଂଶଗ୍ରହଣ କରି ନ ଥିଲେ।
୩. ପ୍ରତ୍ୟେକ ଏଚ୍ଏସ୍ସି ଲାଗି ସ୍ଥିରୀକୃତ କୋଟା ୧ କିମ୍ବା ୨ ଅଧୀନରେ ପୂରଣ ନ ହୁଏ, ତେବେ ତାହାକୁ ରାଜ୍ୟ ପୁରସ୍କୃତ (ରାଜ୍ୟ ମେଧା ପ୍ରମାଣପତ୍ରଧାରୀ ନୁହେଁ)ଙ୍କୁ ନେଇ ପୂରଣ କରାଯାଇପାରେ, ଯେଉଁମାନେ ମାଷ୍ଟର କ୍ରିଏସନ୍ସ ୨୦୧୭ ଏବଂ ଅନ୍ତର୍ଜାତୀୟ ସୁରଜକୁଣ୍ଡ ଶିଳ୍ପ ମେଳା ୨୦୧୮ରେ ଅଂଶଗ୍ରହଣ କରି ନ ଥିଲେ।

ସମସ୍ତ ଆଗ୍ରହୀ ପୁରସ୍କୃତ ହସ୍ତଶିଳ୍ପ କାରିଗରମାନେ, ସେମାନଙ୍କ ପେହଚାନ ପରିଚୟ ପତ୍ର ଯେଉଁଠାରୁ ଜାରି କରାଯାଇଥିଲା ସେହି କ୍ଷେତ୍ର କାର୍ଯ୍ୟାଳୟରେ ତା୨୦।୧୧।୨୦୧୮ରିଖ ପୂର୍ବରୁ ନିଜର ସମ୍ମତି ଦାଖଲ କରିପାରିବେ। ସେମାନେ ନିଜର ସମ୍ମତି ସିଧାସଳଖ ମୁଖ୍ୟ କାର୍ଯ୍ୟାଳୟକୁ ପଠାଇପାରନ୍ତି କିନ୍ତୁ ତାହାକୁ କୌଣସି ଅଞ୍ଚଳରେ ଯଦି କୌଣସି ଖାଲିସ୍ଥାନ ରହିବା କ୍ଷେତ୍ରରେ ବିଚାରକୁ ନିଆଯିବ। ପୁରୁଣା କିମ୍ବା ନକଲ ପରିଚୟପତ୍ରଧାରୀ କାରିଗରଙ୍କୁ ଅନୁମତି ଦିଆଯିବ ନାହିଁ । ଅଧିକ ସୂଚନା ପାଇଁ ପରିଦର୍ଶନ କରନ୍ତୁ, www.handicrafts.nic.in

ବରିଷ୍ଠ ସହକାରୀ ନିର୍ଦ୍ଦେଶକ (ଏମ୍ଏସ୍ଏସ୍)
ଫୋନ୍: ୦୧୧-୨୬୧୭୮୬୭୫
ଇମେଲ୍: mkt-dchc-textiles@gov.in

davp 41103/11/0016/1819

# ନେତାଗିରି ଲୋଭ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଆଜିକାଲି ବାବୁମାନଙ୍କର ନେତାଗିରି ପ୍ରତି ଲୋଭ ବଢ଼ିଯାଇଛି। ରାଜସ୍ଥାନରେ ବିଧାନସଭା ନିର୍ବାଚନ ଆଉ ଅଳ୍ପଦିନ ବାକି ଥିବାବେଳେ ଟିକେଟ୍ ପାଇଁ ନେତାମାନଙ୍କୁ ପୂର୍ବତନ ଆଇଏଏସ୍ ଓ ଆଇପିଏସ୍ ବାବୁମାନଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ପଡୁଛି। ଉଭୟ ଜାତୀୟ ଦଳ ଭାଜପା ଓ କଂଗ୍ରେସରେ ଯୋଗଦେବା ଓ ଟିକେଟ୍ ପାଇବା ପାଇଁ ପୂର୍ବତନ ବାବୁମାନେ ଧାଡ଼ି ଲଗାଇଥିବା ଦେଖିବାକୁ ମିଳୁଛି। ତେବେ ଏହା କଦାପି ଏକ ନୂଆ ଧାରା ନୁହେଁ। ତଥାପି କେଉଁ ଅବସରପ୍ରାପ୍ତ ବାବୁମାନଙ୍କୁ ରାଜନୀତି-କୀଟ ଦଂଶିଛି, ତାହା ଜାଣିବାକୁ ସାଧାରଣରେ ଉତ୍ସୁକତା ପ୍ରକାଶ ପାଇବା ସ୍ୱାଭାବିକ। ନେତାମାନଙ୍କ ସହ ଘନିଷ୍ଠତା ଭିତରେ ନିଜର ବାବୁଗିରିର କ୍ୟାରିୟର ଶେଷ କରିବା ଏବଂ ଅଖଣ୍ଡ କ୍ଷମତା ଭୋଗ କରିବା ପରେ କେତେକ ଅବସରପ୍ରାପ୍ତ ବାବୁ ରାଜନୀତିର ଆଖଡ଼ାଶାଳରେ ପ୍ରବେଶ କରିବା ଲାଗି ଆଗ୍ରହ ପ୍ରକାଶ କରିବାର କାରଣ ସ୍ପଷ୍ଟ। ପ୍ରାପ୍ତ ସୂଚନା ଅନୁସାରେ, ଅବସରପ୍ରାପ୍ତ ଆଇଏଏସ୍ ଅଫିସର ଅଜୟ ସିଂ ଚିତ୍ତୋରା ବିଦ୍ୟାଧରପୁର ନିର୍ବାଚନମଣ୍ଡଳୀ ପାଇଁ କଂଗ୍ରେସରୁ ଟିକେଟ୍ ପାଇବାକୁ ଚେଷ୍ଟା କରୁଛନ୍ତି। ସେହିପରି ଆଉ ଜଣେ ପୂର୍ବତନ ଆଇଏଏସ୍ ଅଫିସର ଲାଲ୍‌ଚାନ୍ଦ ଅସ୍ୱାଲ ଡୁଡୁ ନିର୍ବାଚନମଣ୍ଡଳୀରୁ ଲଢ଼ିବା ପାଇଁ ଟିକେଟ୍ ଚାହୁଁଛନ୍ତି। ରାଜସ୍ଥାନରେ ଏପରି ଅନେକ ପୂର୍ବତନ ବାବୁ ଅଛନ୍ତି, ଯେଉଁମାନେ ଚାକିରିରୁ ଅବସର ପରେ ସଫଳ ରାଜନୈତିକ ଜୀବନ ଅତିବାହିତ କରୁଛନ୍ତି। ନମୋ ନାରାୟଣ ମୀନା ମନମୋହନ ସିଂଙ୍କ ସରକାରରେ ଦୁଇଥର ମନ୍ତ୍ରୀ ହୋଇଥିଲେ। ତାଙ୍କ ଭାଇ ତଥା ରାଜସ୍ଥାନର ପୂର୍ବତନ ଡିଜିପି ହରିଶ୍ ମୀନା ବର୍ତ୍ତମାନ ଦୌସାରୁ ଭାଜପା ଏମ୍‌ପି ଅଛନ୍ତି। ଅର୍ଥ ରାଷ୍ଟ୍ରମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ମଧ୍ୟ ଜଣେ ଆଇଏଏସ୍ ଅଫିସର ଥିଲେ। ତେବେ କୌତୂହଳର ବିଷୟ ହେଲା ରାଜ୍ୟର କୌଣସି ମହିଳା ଅଫିସର ଏପର୍ଯ୍ୟନ୍ତ ଅବସର ପରେ ରାଜନୀତିରେ ବିକଳ୍ପ କ୍ୟାରିୟର ବାଛିନାହାନ୍ତି।

## ଭିତରେ ଭିତରେ ଗୁଞ୍ଜରଣ

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ରେ ଯେଉଁସବୁ ନାଟକବାଜି ଚାଲିଛି ଏବଂ ସେମାନଙ୍କ ଅନ୍ତର୍ବିବାଦ ଦାଣ୍ଡରେ ପଡ଼ି ହାଟରେ ଗଡୁଛି, ତାହା ଦେଖି ବିଭିନ୍ନ ବର୍ଗର ବାବୁମାନେ କିଛିବର୍ଷ ତଳେ ମୋଦି ସରକାର ଆରମ୍ଭ କରିଥିବା ୩୬୦-ଡିଗ୍ରୀ ମୂଲ୍ୟାୟନ ପଦ୍ଧତି ଉପରେ ପ୍ରଶ୍ନ ଉଠାଇଛନ୍ତି। ବାସ୍ତବରେ ସିବିଆଇ ବାବୁମାନେ ପରସ୍ପର ଉପରକୁ ଏବେ ଯେଉଁ ଗୁରୁତର ଅଭିଯୋଗର ଚାପୁଡ଼ା ଫୋପାଡୁଛନ୍ତି, ତାହା ହେଉଛି ଏହି ପଦ୍ଧତିର ପରିଣାମ। ୩୬୦-ଡିଗ୍ରୀ ପଦ୍ଧତି ପ୍ରଚଳନ ମୂଳରେ ଥିଲା ଗୋଟିଏ ବିଶ୍ୱାସ ଯେ, ବରିଷ୍ଠ ବାବୁମାନେ ସାଧାରଣତଃ ଅଧସ୍ତନ ବାବୁମାନଙ୍କ ସହ ସମ୍ପର୍କ ଖରାପ କରିବାକୁ ଚାହୁଁ ନ ଥିବାରୁ ତାଙ୍କର ବାର୍ଷିକ ଗୁପ୍ତ ରିପୋର୍ଟ (ଏସିଆର୍) ଓ ବାର୍ଷିକ ଦକ୍ଷତା ଆକଳନ ରିପୋର୍ଟ (ଏପିଏଆର୍)ରେ କିଛି ଖରାପ ଲେଖନ୍ତି ନାହିଁ। ତେବେ ନୂତନ ବ୍ୟବସ୍ଥା କେବଳ ଅସ୍ୱଚ୍ଛ ନୁହେଁ, ବରଂ ପ୍ରତିଷ୍ଠିତ ସଂଯନ୍ତ୍ର (ମେକାନିଜ୍‌ମ)ର ବିରୋଧୀ। ପର୍ଯ୍ୟବେକ୍ଷକମାନଙ୍କ ମତରେ ରାଜସ୍ୱ ବିଭାଗ ଓ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ଅନେକ ବରିଷ୍ଠ ଅଧିକାରୀ ପରସ୍ପର ବିରୋଧରେ ଲିଖିତ ଅଭିଯୋଗ ଦାଏର କରିଛନ୍ତି। ଜଣେ ର' ଅଧିକାରୀ ମଧ୍ୟ ବରିଷ୍ଠ ଅଧିକାରୀଙ୍କ ବିରୋଧରେ ଷଡ଼ଯନ୍ତ୍ର ରଚନାରେ ସମ୍ପୃକ୍ତ ଥିବା ଜଣାପଡ଼ିଛି। ଉକ୍ତ ବରିଷ୍ଠ ଅଧିକାରୀମାନଙ୍କ ତାଲିକାଭୁକ୍ତୀକରଣ, ଚୟନ ଓ ନିଯୁକ୍ତି ୩୬୦-ଡିଗ୍ରୀ ପଦ୍ଧତିରେ କରାଯାଇଥିଲା। ତେଣୁ ଏ ପଦ୍ଧତି ଠିକ୍ ଭାବେ କାର୍ଯ୍ୟ କରୁ ନ ଥିବା ଏଥିରୁ ପ୍ରମାଣିତ ହେଉଛି।

## ଗୋଇନ୍ଦା ବନାମ ଗୋଇନ୍ଦା

ଦେଶର ସର୍ବୋଚ୍ଚ ଗୋଇନ୍ଦା ସଂସ୍ଥାରେ ଏବେ ଏକ ଅଦ୍ଭୁତ ପରିସ୍ଥିତି ଦେଖିବାକୁ ମିଳୁଛି। ଏହାର ବରିଷ୍ଠ ଅଧିକାରୀମାନଙ୍କ ଭିତରେ ଥିବା ଶତ୍ରୁତା ଓ ପରସ୍ପର-ବିରୋଧୀ ବୟାନ ଯୋଗୁ ସଂସ୍ଥା ବଦନାମ ହେବାକୁ ଯାଉଛି। ବରିଷ୍ଠ ଗୋଇନ୍ଦାଙ୍କ ଭିତରେ ଦେଖାଦେଇଥିବା ଏହି ବିବାଦ ଏପରି ଭୟାନକ ହୋଇଛି ଯେ, ତାହା ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ)କୁ ମଧ୍ୟ ଅଡୁଆରେ ପକାଇଦେଇଛି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମଧ୍ୟ ଅସୁବିଧାଜନକ ପରିସ୍ଥିତିର ସାମ୍ନା କରୁଛି। ପ୍ରବର୍ତ୍ତନ ନିର୍ଦ୍ଦେଶକ କର୍ନାଲ ସିଂଙ୍କ କାର୍ଯ୍ୟକାଳ ୨୦୧୯ ଏପ୍ରିଲରେ ପୂରୁଥିବା ବେଳେ ସେ ଆଉ ଏକ ଅବଧି କାର୍ଯ୍ୟକାଳ ବୃଦ୍ଧି ପାଇଁ ଆଶା ବାନ୍ଧିଥିଲେ। କିନ୍ତୁ ତାଙ୍କୁ ସେ ସୁଯୋଗ ମିଳିବ ନାହିଁ ବୋଲି ସ୍ପଷ୍ଟ କରିଦିଆଯାଇଛି। ତେବେ ଶେଷ ମୁହୂର୍ତ୍ତରେ ମୋଦି ସରକାରଙ୍କ ମତି ପରିବର୍ତ୍ତନର କାରଣ ଜଣାପଡ଼ି ନାହିଁ। ପର୍ଯ୍ୟବେକ୍ଷକମାନଙ୍କ କହିବା ଅନୁସାରେ ଇଡିର ଯୁଗ୍ମ ନିର୍ଦ୍ଦେଶକ ରାଜେଶ୍ୱର ସିଂ 'ଷ୍ଟଡି ଲିଭ୍'ରେ ଯିବାର ଅଛି। ଯାହା ଜଣାଯାଏ, ସିଂ ଓ ସିବିଆଇ ନିର୍ଦ୍ଦେଶକ ଆଲୋକ ବର୍ମା (ଯାହାଙ୍କୁ ଛୁଟିରେ ପଠାଇ ଦିଆଯାଇଛି)ଙ୍କର ସରକାର-ବିରୋଧୀ ମନୋଭାବ ରହିଛି। ନିକଟରେ ସିଂ ଅର୍ଥ ସଚିବ ହସମୁଖ ଆଧିଆଙ୍କ ବିରୋଧରେ ଏକ ଚିଠିରେ ଗୁରୁତର ଅଭିଯୋଗ ଆଣିଥିଲେ। ତାଙ୍କର ସେହି ଚିଠି ଗଣମାଧ୍ୟମରେ ଲିକ୍ ହୋଇ ପ୍ରସାରିତ ହେବା ପରେ ସେ ନିଜ ଅଭିଯୋଗକୁ ପ୍ରତ୍ୟାହାର କରିନେବା ସହ ଏଥିପାଇଁ କ୍ଷମାପ୍ରାର୍ଥନା କରିଥିଲେ। ତେବେ ସିବିଆଇ ମୁଖ୍ୟାଳୟରେ ଯାହାସବୁ ଚାଲିଛି, ତାହା ଉକ୍ତ ସଂସ୍ଥାର ସୁନାମକୁ ମାଟିରେ ମିଶାଇ ଦେଇଛି। ସରକାର ଓ ଉକ୍ତ ସଂସ୍ଥା ଭିତରେ ଚାଲିଥିବା ଝଗଡ଼ା ବି ଶୁଭଲକ୍ଷଣ ନୁହେଁ। ତେବେ ଏ ବିବାଦର ଝଡ଼ ଏବେ ଥମିବାର ସମ୍ଭାବନା ଦେଖାଯାଉ ନାହିଁ।

Email: dilipcherian@gmail.com

# କଶ୍ମୀର ମିଶ୍ରଣର ଅଜଣା ତଥ୍ୟ



ଡ. ବାଞ୍ଛାନିଧି ପଣ୍ଡା

କଶ୍ମୀର ମହାରାଜା ହରି ସିଂ କଶ୍ମୀରକୁ ଭାରତ କିମ୍ବା ପାକିସ୍ତାନରେ ବିଲୟ କରାଇବେ ଏ ନେଇ ଦ୍ୱିଧାରେ ଥିଲେ। କଶ୍ମୀରକୁ ଭାରତରେ ବିଲୟ କରିବା ପାଇଁ ଆରଏସ୍ଏସ୍ କାର୍ଯ୍ୟକର୍ତ୍ତାମାନେ ରାଜାଙ୍କୁ ପ୍ରଭାବିତ କରିବା ପାଇଁ ଚେଷ୍ଟା କଲେ। କଶ୍ମୀରର ସଂଘଚାଳକ ପ୍ରେମନାଥ ଡୋଗ୍ରା ଏବଂ ପଞ୍ଜାବର ସଂଘଚାଳକ ରାୟବାହାଦୁର ଶ୍ରୀ ବଦ୍ରିନାଥ ମହାରାଜାଙ୍କ ସହିତ ଭାରତରେ ମିଶ୍ରଣ ସଂକ୍ରାନ୍ତରେ କଥାବାର୍ତ୍ତା କରିଥିଲେ। ଇତିମଧ୍ୟରେ ୧୯୪୭ ଅକ୍ଟୋବର ୧୧ ତାରିଖରେ ପାକିସ୍ତାନ ଭାରତବର୍ଷ ଉପରେ ଆକ୍ରମଣ କରିଦେଲା। ଜମ୍ମୁ-କଶ୍ମୀରରେ ପାକିସ୍ତାନୀ ସୈନ୍ୟଙ୍କ ଦ୍ୱାରା ଲୁଟ, ପୋଡାଜଳା ଓ ବଳାତ୍କାରର ନାରକୀୟ ଲୀଳା ଚାଲିଲା। କଶ୍ମୀରକୁ ଭାରତରେ ମିଶାଇବା ପାଇଁ ଗାନ୍ଧିଜୀ ଓ ଆଚାର୍ଯ୍ୟ କୃପାଲାନୀ ମହାରାଜାଙ୍କୁ ରାଜି କରାଇବାରେ ଅସଫଳ ହେଲେ। ପରିସ୍ଥିତିର ଗୁରୁତ୍ୱ ଅନୁଭବ କରି ସର୍ଦ୍ଦାର ପଟେଲ ଜମ୍ମୁ-କଶ୍ମୀରର ଦିୱାନ ମେହେରଚନ୍ଦ ମହାଜନଙ୍କ ମାଧ୍ୟମରେ ଆରଏସ୍ଏସ୍‌ର ଅଖିଳ ଭାରତୀୟ ମୁଖ୍ୟ ମାଧବ ସଦାଶିବ ଗୋଲୱଲକର (ଶ୍ରୀଗୁରୁଜୀ)ଙ୍କ ସହିତ ସମ୍ପର୍କ ସ୍ଥାପନ କରି ବ୍ୟକ୍ତିଗତ ଅନୁରୋଧ କରିଥିଲେ। ସର୍ଦ୍ଦାର ପଟେଲ ଜାଣିଥିଲେ ଯେ ମହାରାଜ ହରି ସିଂ ଶ୍ରୀଗୁରୁଜୀଙ୍କୁ ଖୁବ୍ ସମ୍ମାନ କରନ୍ତି। ତେଣୁ ଶ୍ରୀଗୁରୁଜୀ ତାଙ୍କ ପ୍ରଭାବ ବିସ୍ତାର କରି ମହାରାଜାଙ୍କୁ ଭାରତରେ ବିଲୟ ପାଇଁ ରାଜି କରାଇବା ସର୍ଦ୍ଦାର ପଟେଲ ଚାହୁଁଥିଲେ। ଶ୍ରୀଗୁରୁଜୀ ନିଜର ସମସ୍ତ କାର୍ଯ୍ୟକ୍ରମ ସ୍ଥଗିତ କରି ନାଗପୁରରୁ ଦିଲ୍ଲୀ ଓ ଦିଲ୍ଲୀରୁ ଶ୍ରୀନଗରରେ ୧୯୪୭ ଅକ୍ଟୋବର ୧୭ ତାରିଖରେ ପହଞ୍ଚିଲେ। ତାଙ୍କର ଏହି ଯାତ୍ରା ପାଇଁ ବିମାନର ବ୍ୟବସ୍ଥା ସ୍ୱୟଂ ସର୍ଦ୍ଦାର ପଟେଲ କରିଥିଲେ। ୧୮ ତାରିଖ ସକାଳେ ଶ୍ରୀଗୁରୁଜୀ ଓ ମହାରାଜ ହରି ସିଂଙ୍କ ସାକ୍ଷାତ ହେଲା। ଜମ୍ମୁ-କଶ୍ମୀରର ପାକିସ୍ତାନରେ ବିଲୟର ଭୟଙ୍କର ପରିଣତି ବିଷୟରେ ଶ୍ରୀଗୁରୁଜୀ ମହାରାଜାଙ୍କୁ ବୁଝାଇଲେ। ମହାରାଜାଙ୍କ ଶଙ୍କାକୁଳ ମନସ୍ତତ୍ତ୍ୱକୁ ଜାଣିପାରି ଶ୍ରୀଗୁରୁଜୀ ତାଙ୍କୁ ଆରଏସ୍ଏସ୍ ତରଫରୁ ସମ୍ପୂର୍ଣ୍ଣ ସହାୟତାର ପ୍ରତିଶ୍ରୁତି ଦେଇଥିଲେ। ଶ୍ରୀଗୁରୁଜୀଙ୍କ ଦ୍ୱାରା ମହାରାଜା ଖୁବ୍ ପ୍ରଭାବିତ ହୋଇ ଅକ୍ଟୋବର ୨୪ ତାରିଖରେ ଦିଲ୍ଲୀ ସରକାରଙ୍କୁ ଭାରତରେ ଜମ୍ମୁ-କଶ୍ମୀରର ମିଶ୍ରଣ ପାଇଁ ପ୍ରସ୍ତାବ ପଠାଇଲେ। ଅକ୍ଟୋବର ୨୬ ତାରିଖରେ ବିଲୟପତ୍ରରେ ଦସ୍ତଖତ କରିଦେଲେ। ୧୯୪୭ର ପାକିସ୍ତାନ ଆକ୍ରମଣ ସମୟରେ ପ୍ରଭାବିତ ମାର୍ଗରେ ପଡୁଥିବା ଗ୍ରାମବାସୀଙ୍କ ଭିତରେ ଦେଶଭକ୍ତି ଓ ଅନୁଶାସନର ବାତାବରଣ ତିଆରି କରି ଶତ୍ରୁମାନଙ୍କ ମୁକାବିଲା କରିବା ସକାଶେ ଆରଏସ୍ଏସ୍‌ର ସ୍ୱୟଂସେବକମାନେ ଗ୍ରାମବାସୀଙ୍କୁ ମାନସିକ ପ୍ରସ୍ତୁତ କରିବା କାର୍ଯ୍ୟରେ ଲାଗିଥିଲେ। ସଂଘର ଏହି ଅମୂଲ୍ୟ ସହଯୋଗ ଯୋଗୁ ବିଭିନ୍ନ ସ୍ଥାନରେ ଆକ୍ରମଣକୁ ପ୍ରତିହତ କରିବା ସମ୍ଭବ ହୋଇଥିଲା। ଅକ୍ଟୋବର ୨୫ ତାରିଖରେ ମହାରାଜ ହରି ସିଂଙ୍କୁ ଅପହରଣ କରିନେବାର ଯୋଜନାକୁ ପୂର୍ବରୁ ମହାରାଜାଙ୍କୁ ଜଣାଇ ସ୍ୱୟଂସେବକମାନେ ଏହାକୁ ବିଫଳ କରି ଦେଇଥିଲେ।

ପାକିସ୍ତାନର ଆକ୍ରମଣ ଫଳରେ କଶ୍ମୀରର କୋଟଲୀ ସହର ସମ୍ପୂର୍ଣ୍ଣ ଘେରାବନ୍ଦୀ ଭିତରେ ପଡିଯାଇଥିଲା। ମହାରାଜ ହରି ସିଂଙ୍କ ସେନାର ଯେଉଁ ଛୋଟ ଦଳଟି ମୋର୍ଚ୍ଚା ସମ୍ଭାଳିଥିଲା ତା'ର ଗୋଳାବାରୁଦ ସମାପ୍ତ ହେବାକୁ ବସିଥିଲା। ଭାରତୀୟ ବାୟୁସେନା ସେମାନଙ୍କୁ ସାହାଯ୍ୟ କରିବା ପାଇଁ କିଛି ଅସ୍ତ୍ରଶସ୍ତ୍ର ଓ ଗୋଳାବାରୁଦ ପେଟି ବିମାନରୁ ପକାଇଥିଲେ। କିନ୍ତୁ ଦୁର୍ଭାଗ୍ୟବଶତଃ ସେହି ପେଟିଗୁଡିକ ପାକିସ୍ତାନୀ ସେନାର ଫାୟାରିଂ ରେଞ୍ଜ ମଧ୍ୟରେ ପଡିଗଲା। ଅସ୍ତ୍ରଶସ୍ତ୍ର ବିନା ଶତ୍ରୁ ଗୁଳିରେ ମରିବା ଅପେକ୍ଷା ପେଟିଗୁଡିକୁ ଉଦ୍ଧାର କରିବା ଅତ୍ୟନ୍ତ ଆବଶ୍ୟକ ଥିଲା। କୋଟଲୀ ସହରର ଆରଏସ୍ଏସ୍ ମୁଖ୍ୟ ସୂର୍ଯ୍ୟପ୍ରକାଶ ଓ ସ୍ଥାନୀୟ କାର୍ଯ୍ୟକର୍ତ୍ତା କୃଷ୍ଣଲାଲ ଏବଂ ଅନ୍ୟ ଛଅଜଣ ସ୍ୱୟଂସେବକ ମହାରାଜାଙ୍କ ସୈନ୍ୟମାନଙ୍କୁ ଏହି କାର୍ଯ୍ୟରେ ସାହାଯ୍ୟ କରିବା ପାଇଁ ଆଗେଇ ଆସିଲେ। ଆଗରେ ଗୋଟିଏ ନାଳ ଥିଲା। ନାଳ ଆରପଟେ ପଡିଥିଲା ସେହି ଗୋଳାବାରୁଦ ପେଟି। ଆଠଜଣ ସ୍ୱୟଂସେବକ ନାଳ ପାର ହୋଇ ଶତ୍ରୁପକ୍ଷର ଗୁଳି ବୃଷ୍ଟି ଭିତରେ ଗୁରୁଣ୍ଡି ଗୁରୁଣ୍ଡି ପେଟିଗୁଡିକ ପାଖରେ ପହଞ୍ଚିଲେ। ପେଟିଗୁଡିକୁ ନେଇ ଫେରିବା ସମୟରେ ଶତ୍ରୁ ଗୁଳିରେ ଚାରିଜଣ ଶହୀଦ ହୋଇଗଲେ। ମହାରାଜାଙ୍କ ସେନା ଗୋଳାବାରୁଦ ପାଇବା ପରେ ପୁଣି ଯୁଦ୍ଧ ଆରମ୍ଭ କରି ସୂର୍ଯ୍ୟୋଦୟ ପୂର୍ବରୁ ସାମ୍ନାରେ ଥିବା ପାହାଡକୁ ପାକିସ୍ତାନୀ କବ୍‌ଜାରୁ ମୁକ୍ତ କରି କୋଟଲୀ ସହରକୁ ରକ୍ଷା କରିବାରେ ସମର୍ଥ ହୋଇଥିଲା।

କୋଟଲୀ ସହରଠାରୁ ୨୦ କିମି ଦୂର ଉତ୍ତରପଶ୍ଚିମ ଦିଗରେ ପଲଂଧାରୀ ଗ୍ରାମରେ ପାକିସ୍ତାନୀ ସେନା ୧୨୦୦ ହିନ୍ଦୁ ଶିଖଙ୍କୁ ଘେରାଉ କରି ରଖିଥିଲେ। ଏହି ହିନ୍ଦୁମାନଙ୍କୁ ରକ୍ଷା କରିବା ପାଇଁ ଲ୍ୟୁଟନାଣ୍ଟ ବୀରେଶ୍ୱରୀ ସିଂଙ୍କ ନେତୃତ୍ୱରେ ୭୧ଜଣ ସୈନିକ ଓ ଇନ୍ସପେକ୍ଟର ହରି ସିଂଙ୍କ ନେତୃତ୍ୱରେ ୧୫ ଜଣ ପୋଲିସ ଥିଲେ। ଶତ୍ରୁପକ୍ଷର ସେନା ତୁଳନାରେ ଏହି ସଂଖ୍ୟା ନଗଣ୍ୟ ଥିଲା। ତେଣୁ ସ୍ଥାନୀୟ ୧୦୦ ଜଣ ସ୍ୱୟଂସେବକ ସେନାକୁ ସାହାଯ୍ୟ କରିବା ପାଇଁ ସାଙ୍ଗରେ ଯାଇଥିଲେ। ଦୀର୍ଘ ସମୟର ସଂଘର୍ଷରେ ଶତ୍ରୁପକ୍ଷର ଅନେକ ଲୋକଙ୍କୁ ମାରିବା ସଙ୍ଗେ ସଙ୍ଗେ ସମସ୍ତ ସ୍ୱୟଂସେବକ ବୀରଗତି ପ୍ରାପ୍ତ ହୋଇଥିଲେ। ଜମ୍ମୁ-କଶ୍ମୀର ସରକାରଙ୍କ ତରଫରୁ ତିଆରି ହୋଇଥିବା ବେସାମରିକ ସୈନ୍ୟବାହିନୀ 'ନ୍ୟାଶ୍‌ନାଲ ମିଲିସିଆ'ରେ ବହୁସଂଖ୍ୟାରେ ସ୍ୱୟଂସେବକ ସାମିଲ ହୋଇ ପ୍ରତ୍ୟକ୍ଷ ଯୁଦ୍ଧରେ ଅଂଶଗ୍ରହଣ କରିଥିଲେ।

ଭାରତରେ କଶ୍ମୀରର ବିଲୟପତ୍ରରେ ମହାରାଜା ହରି ସିଂଙ୍କ ସ୍ୱାକ୍ଷର ପରେ ଭାରତୀୟ ବାୟୁସେନା ଶ୍ରୀନଗରରେ ଅବତରଣ କରିବାର ଯୋଜନା ଥିଲା। କିନ୍ତୁ ଭାରତୀୟ ଡାକୋଟା ବିମାନର ଅବତରଣ ପାଇଁ ଶ୍ରୀନଗର ବିମାନଘାଟି ଉପଯୁକ୍ତ ନ ଥିଲା। ପ୍ରବଳ ବରଫପାତ ଯୋଗୁ ବିମାନ ବନ୍ଦରର ରନ୍‌ୱେ ବରଫରେ ପୂର୍ଣ୍ଣ ଥିଲା। ଏହି ବିମାନଘାଟିକୁ ଚଉଡା କରିବାର ଜରୁରୀ କାର୍ଯ୍ୟକୁ ସେନାଧିକାରୀଙ୍କ ଅନୁରୋଧକ୍ରମେ ଆର୍‌ଏସ୍ଏସ୍ ସ୍ୱୟଂସେବକମାନେ ହାତକୁ ନେଲେ। ପାଞ୍ଚଶହ ସ୍ୱୟଂସେବକ ଦିନରାତି ପରିଶ୍ରମ କରି ବିମାନଘାଟିକୁ ବିମାନ ଅବତରଣ ପାଇଁ ପ୍ରସ୍ତୁତ କରିଦେଲେ। ଫଳସ୍ୱରୂପ ଭାରତୀୟ ସେନାର ସମସ୍ତ ବିମାନ ସେଠାରେ ଓହ୍ଲାଇ ପାରିଥିଲା ଏବଂ ପାକିସ୍ତାନୀ ଆକ୍ରମଣର ମୁକାବିଲା କରିପାରିଥିଲା। ସୈନ୍ୟବାହିନୀର ସୈନିକମାନଙ୍କ ଯାତାୟାତ ପାଇଁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ନୂତନ ରାସ୍ତାର ନିର୍ମାଣ ଓ ପୁରାତନ ରାସ୍ତାର ମରାମତି ମଧ୍ୟ ସ୍ୱୟଂସେବକମାନେ ସୈନିକମାନଙ୍କ ସହ ମିଶି କରିଥିଲେ।

ଅକ୍ଟୋବର ୨୨/୨୭ ବେଳକୁ ଜମ୍ମୁ ଓ ସିଆଲକୋଟ୍ ସୀମାନ୍ତରେ ଥିବା ଗ୍ରାମଗୁଡ଼ିକରେ ନିଆଁ ଜଳି ଉଠିଲା ଓ ୧୨ଟି ଗ୍ରାମ କେତେକ ମୁସଲମାନ ଉପଦ୍ରବକାରୀଙ୍କ ଦ୍ୱାରା ଭସ୍ମୀଭୂତ ହୋଇଗଲା। ତାଲାବ କଟିକାନ୍ ଅଞ୍ଚଳରେ ବାରମ୍ବାର ଦଙ୍ଗା ହେଲା। ସୁରକ୍ଷାବଳ ଅଭାବରୁ ଜମ୍ମୁ ଓ ଆଖପାଖ ଗ୍ରାମାଞ୍ଚଳ ଲୋକେ ଭୟଙ୍କର ବିପଦଗ୍ରସ୍ତ ହୋଇଥିଲେ। ମାତ୍ର ସ୍ୱୟଂସେବକମାନେ ଗ୍ରାମବାସୀଙ୍କ ରକ୍ଷାର ଦାୟିତ୍ୱ ନେଇ ମୁସଲମାନ ଆକ୍ରମଣକାରୀଙ୍କ ସମ୍ମୁଖୀନ ହେଲେ। ସେମାନଙ୍କ ଆକ୍ରମଣକୁ ବିଫଳ କରି ତାଙ୍କ ଯୋଜନାକୁ ପଣ୍ଡ କରିଦେଲେ। ସ୍ୱୟଂସେବକଙ୍କ ପରାକ୍ରମ ବିନା ଜମ୍ମୁର ରକ୍ଷା ଅସମ୍ଭବ ହୋଇ ପଡିଥାଆନ୍ତା ଏବଂ ଜମ୍ମୁ ବ୍ୟତୀତ ଭାରତୀୟ ସୈନିକମାନଙ୍କୁ କଶ୍ମୀର ସୁରକ୍ଷାର ସୁଯୋଗ ମଧ୍ୟ ମିଳି ନ ଥାଆନ୍ତା। କିନ୍ତୁ ପ୍ରଚାର ପ୍ରସାର ଅଭାବରୁ ସ୍ୱୟଂସେବକମାନଙ୍କ ଏହି କୃତିତ୍ୱକୁ ବହୁ ଲୋକ ଜାଣିପାରି ନାହାନ୍ତି। ସେମାନଙ୍କୁ ମଧ୍ୟ ଆବଶ୍ୟକ ସ୍ୱୀକୃତି ମିଳିପାରି ନାହିଁ।

ପଦ୍ମପୁର, ବରଗଡ, ମୋ-୯୭୭୭୯୧୧୫୯୦

# ୟୁ.ଏସ୍. କନ୍‌ସୁଲେଟ୍‌ର ସେବା



କାଥେରିନ ହଡ୍ଡା

ଦଶବର୍ଷ ତଳେ ୨୦୦୮ରେ ଆମେରିକୀୟ ଧ୍ୱଜା ହାଇଦ୍ରାବାଦସ୍ଥିତ ୟୁ.ଏସ୍. କନ୍‌ସୁଲେଟ (ବାଣିଜ୍ୟ ଦୂତାବାସ)ରେ ପ୍ରଥମଥର ଉତ୍ତୋଳନ ହୋଇଥିଲା। ଆମେରିକା ସରକାରଙ୍କ ଦ୍ୱାରା ଏଭଳି ବୈଦେଶିକ କେନ୍ଦ୍ର ସ୍ଥାପନ କରିବା ବିରଳ ହୋଇଥିବା ବେଳେ, ହାଇଦ୍ରାବାଦ ଟେକ୍ନୋଲୋଜି ଓ ସମୃଦ୍ଧିର କେନ୍ଦ୍ର ହୋଇଥିବାରୁ, ଆମ ସରକାର ଆମେରିକା ଓ ଭାରତ ମଧ୍ୟରେ ବୈଦେଶିକ ଓ ଅର୍ଥନୈତିକ ସମ୍ପର୍କ ସୁଦୃଢ କରିବା ପାଇଁ ଏଠାରେ ବିଶେଷ କ୍ଷମତା ଥିବା ଦେଖିବାକୁ ପାଇଥିଲେ। ଏହା ଏବେ ପ୍ରତିଫଳିତ ହୋଇଛି ଏବଂ ଗତ ଦଶନ୍ଧି ମଧ୍ୟରେ ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ ଓ ଓଡିଶା ଆମ ଦୁଇ ଦେଶ ମଧ୍ୟରେ ସହଭାଗିତା ବୃଦ୍ଧି କରିବାରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଛନ୍ତି।

ଗତ ଦଶବର୍ଷରେ ଭାରତ ଓ ଆମେରିକା ମଧ୍ୟରେ ସମ୍ପର୍କ ବ୍ୟାପାର ଓ ପୁଞ୍ଜିନିବେଶ, ସାମରିକ ପ୍ରତିରକ୍ଷା, କୃଷି, ଶକ୍ତି, ପରିବେଶ, ବିଜ୍ଞାନ ଓ ଟେକ୍ନୋଲୋଜି ଓ ସ୍ୱାସ୍ଥ୍ୟ ଆଦି ବିଭିନ୍ନ ଦିଗରେ ଆହୁରି ମଜଭୁତ ହୋଇଛି। ଆମ କନ୍‌ସୁଲେଟରେ ଏ ଦିଗରେ ଏକାଠି କାମ କରୁଥିବା ଆମେରିକୀୟ ଓ ଭାରତୀୟ କର୍ମଚାରୀ ଦଳକୁ ନେଇ ଆମେ ଗର୍ବିତ। ଆମେ ବୋଧହୁଏ ଆମ କନ୍‌ସୁଲେଟ୍‌ର ସେବାଗୁଡିକ ପାଇଁ ସବୁଠାରୁ ଅଧିକ ପ୍ରଶଂସିତ ଓ ଆମେ ଏହି କେନ୍ଦ୍ର ଖୋଲିବା ଦିନୁ ଆଜି ପର୍ଯ୍ୟନ୍ତ ୧୧ ଲକ୍ଷରୁ ଅଧିକ ଭାରତୀୟଙ୍କୁ ଭିଜା ଯୋଗାଇ ପାରିଛୁ। ହାଇଦ୍ରାବାଦ ସାରା ବିଶ୍ୱର ସବୁଠାରୁ ବ୍ୟସ୍ତ ଭିଜା କେନ୍ଦ୍ରଗୁଡ଼ିକ ମଧ୍ୟରୁ ଗୋଟିଏ ଓ ସାରା ବିଶ୍ୱରେ ଛାତ୍ର ଏବଂ ବାଣିଜ୍ୟିକ ଭିଜା ପ୍ରଦାନ କରୁଥିବା କେନ୍ଦ୍ର ତାଲିକାରେ ଏହା ପ୍ରଥମ ଦଶ ଭିତରେ ରହିଛି। ଏଥିରୁ ସ୍ପଷ୍ଟ ଯେ ଏହାଦ୍ୱାରା ଭାରତ ଓ ଆମେରିକା ମଧ୍ୟରେ ସମ୍ପର୍କ ବୃଦ୍ଧି ହେଉଛି। ଆମେ ଭାରତୀୟଙ୍କୁ ଭିଜା ପ୍ରଦାନ କରିବା ସହ ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ ଓ ଓଡିଶାକୁ ଯାତ୍ରା କରୁଥିବା, ଏଠି କାମ କରୁଥିବା ଓ ଏଠାରେ ରହୁଥିବା ଏକ ଲକ୍ଷରୁ ଅଧିକ ଆମେରିକୀୟ ନାଗରିକଙ୍କୁ ମଧ୍ୟ ବିଭିନ୍ନ ସେବା ପ୍ରଦାନ କରିଥାଉ। ଏହି ଆମେରିକୀୟ ନାଗରିକମାନେ ପାସପୋର୍ଟ ହେଉ କିମ୍ବା ଆପତ୍‌କାଳୀନ ସେବା ପାଇଁ ଆମ କନ୍‌ସୁଲେଟ ଟିମ୍ ଉପରେ ନିର୍ଭର କରିଥାନ୍ତି ଓ ସେମାନେ ଆମ ମିଶନ୍ ପାଇଁ ସର୍ବପ୍ରଥମ ଅଟନ୍ତି।

ଏହି ଦଶବର୍ଷ ମଧ୍ୟରେ ଭାରତ ଓ ଆମେରିକା ମଧ୍ୟରେ ଅନେକ ବ୍ୟବସାୟିକ ସହଭାଗିତା ମଧ୍ୟ ଘଟିଛି। ହାଇଦ୍ରାବାଦରେ ବୋଇଙ୍ଗ୍, ଲକହିଡ଼୍ ମାର୍ଟିନ, ଉବର, ଆପଲ, ଆମାଜନ ଓ ଏମିତି ଅନେକ ବଡ଼ ଆମେରିକୀୟ କମ୍ପାନୀ ନିଜ ଶାଖା ଖୋଲିଛନ୍ତି। ଏମାନେ ଏଠି ୧୫ ବର୍ଷରୁ କାର୍ଯ୍ୟକାରୀ ଥିବା ଡେଲ୍ ଓ ଏଠାରେ ୨୦ ବର୍ଷ ପୂରଣ କରୁଥିବା ମାଇକ୍ରୋସଫ୍ଟ ଭଳି ଅଗ୍ରଣୀ କମ୍ପାନୀମାନଙ୍କ ତାଲିକାରେ ସାମିଲ ହୋଇଛନ୍ତି। ୧୩୦ରୁ ଅଧିକ ଆମେରିକୀୟ କମ୍ପାନୀ ଏଠାରେ ହଜାର ହଜାର ନିଯୁକ୍ତି ସୃଷ୍ଟି କରି ଦୁଇଦେଶର ଅର୍ଥନୈତିକ ସମୃଦ୍ଧିରେ ସହଯୋଗ କରିଛନ୍ତି। ଗତ ପାଞ୍ଚବର୍ଷ ଭିତରେ ଆମ କନ୍‌ସୁଲେଟ୍ ସହ ଜଡ଼ିତ ଏହି ତିନିରାଜ୍ୟରେ ମିଳିତ



ବୈଦେଶିକ ପୁଞ୍ଜି ନିବେଶ ୧ ଲକ୍ଷ କୋଟି ଟପିଛି, ଯେଉଁଥିରେ ଅଧିକାଂଶ ୟୁ.ଏସ୍. ନିବେଶ ରହିଛି।

ବୋଧହୁଏ ଏହି ଅଞ୍ଚଳର ବିଶେଷ କ୍ଷମତାକୁ ଦର୍ଶାଇବା ପାଇଁ ଗତବର୍ଷ ଭାରତ ଓ ଆମେରିକା ମିଳିତଭାବେ ଆୟୋଜନ କରିଥିବା ଜିଇଏସ୍ (ଗ୍ଲୋବାଲ ଏଣ୍ଟରପ୍ରିନିଓରଶିପ୍ ସମିଟ୍)ଠାରୁ ବଡ ଉଦାହରଣ ଆଉ କିଛି ହୋଇ ନ ପାରେ। ଏହି ଆନ୍ତର୍ଜାତିକ ସମ୍ମିଳନୀର ସଫଳତାରେ ଆମ କନ୍‌ସୁଲେଟ୍‌ର ବିଶେଷ ଭୂମିକା ରହିଥିଲା। ଏଠାରେ ସାରା ବିଶ୍ୱରୁ ହଜାର ହଜାର ନିବେଶକ, ଉଦ୍ୟୋଗ ଜଗତର ସଫଳ ବ୍ୟକ୍ତି ଏବଂ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଆମେରିକୀୟ ରାଷ୍ଟ୍ରପତିଙ୍କର ଉପଦେଷ୍ଟା ଇଭାନକା ଟ୍ରମ୍ପ ମଧ୍ୟ ଯୋଗ ଦେଇଥିଲେ।

ଆମେ ବିଭିନ୍ନ କ୍ଷେତ୍ରରେ ଦୁଇଦେଶର ଲୋକଙ୍କ ମଧ୍ୟରେ ସମ୍ପର୍କ ଓ ସାଂସ୍କୃତିକ ଆଦାନପ୍ରଦାନ ସୁଦୃଢ କରିଛୁ। ଗତ ଦଶନ୍ଧିରେ ତିନିରାଜ୍ୟ (ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ, ଓଡିଶା)ରୁ ପ୍ରାୟ ୭୦୦୦ ନାଗରିକ ଆମେରିକା ଯାଇ ବିଭିନ୍ନ ex-change programmesରେ ଭାଗ ନେଇଛନ୍ତି ଓ ଆମ ଦେଶରେ ଦେଖିଥିବା ନିଜ ଅନୁଭବ ନିଜ ଅଞ୍ଚଳର ସହକର୍ମୀ ଓ ଲୋକସମୂହଙ୍କ ପାଖରେ ପହଁଚାଇଛନ୍ତି। ଆମେରିକା ସହଯୋଗରେ ବିଭିନ୍ନ ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆରମ୍ଭ କରିଥିବା ମାନବ ଚାଲାଣ ବିରୋଧୀ କାର୍ଯ୍ୟକ୍ରମ ଦ୍ୱାରା ହଜାର ହଜାର ନାରୀ ଓ ବାଳିକା ନିଜକୁ ଚାଲାଣକାରୀଙ୍କଠାରୁ ରକ୍ଷାକରି ପାରିଛନ୍ତି। ଆମେରିକା ଭାରତୀୟ ସହଯୋଗୀଙ୍କ ସାଙ୍ଗରେ ମିଶି ଯକ୍ଷ୍ମା, ଏଡ୍‌ସ ଭଳି ବିଭିନ୍ନ ଉତ୍କଟ ରୋଗର ମୂଳୋତ୍ପାଟନ କରିବାକୁ ମଧ୍ୟ ଉଦ୍ୟମ ଚଳାଇଛି।

ଭାରତର ଏହି ତିନିରାଜ୍ୟର ଉତ୍କୃଷ୍ଟ ଐତିହାସିକ ସମ୍ପତ୍ତି ପ୍ରତି ଆମ ଯୋଗଦାନ ପାଇଁ ମଧ୍ୟ ଆମେ ଗର୍ବିତ। ଆମେ ହାଇଦ୍ରାବାଦସ୍ଥିତ କୁତବ୍‌ଶାହୀ ସମାଧି ଓ ମହା ଲିକା ବାଇ ସମାଧିର ସଂରକ୍ଷଣ ପ୍ରତି U.S. Ambassadors Fund for Cultural Preservation ଦ୍ୱାରା ୨.୨ କୋଟି ଅର୍ଥସହଯୋଗ କରିଛୁ। ସେହିଭଳି ଆଗାମୀ ଦିନରେ ଆମେ ଅନ୍ୟ ଐତିହାସିକ ସ୍ମାରକୀର ସଂରକ୍ଷଣ ପ୍ରକଳ୍ପରେ ସହଯୋଗ କରିବାକୁ ଆଶା କରୁଛୁ।

ଆଗାମୀ ୨୦୨୧ରେ ଆମର ଏହି ଅଞ୍ଚଳ ପ୍ରତି ପ୍ରତିବଦ୍ଧତା ପୂରଣ ପାଇଁ ଏକ ନୂତନ କନ୍‌ସୁଲେଟ୍ ହାଇଦ୍ରାବାଦର ଆର୍ଥିକ ଜିଲାରେ ଉଦ୍‌ଘାଟିତ ହେବ। ଏହାଦ୍ୱାରା ଆମେ ଅଧିକ ଭିଜା ସେବା ପ୍ରଦାନ କରିପାରିବୁ, ସାଂସ୍କୃତିକ ସମ୍ପର୍କ ଦୃଢ କରିପାରିବୁ ଏବଂ ଭାରତ ଓ ଆମେରିକାର ସହଭାଗିତା ଆହୁରି ମଜବୁତ କରିପାରିବୁ। ଆମର ଏହି ଦଶବର୍ଷର ଯାତ୍ରାକୁ ସଫଳ କରିବାରେ ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ ଓ ଓଡିଶାର ରାଜ୍ୟ ସରକାରଙ୍କର ବିଶେଷ ସହଯୋଗ ରହିଛି। ଆମେ ସେମାନଙ୍କ ପ୍ରତି କୃତଜ୍ଞ।

କନ୍‌ସୁଲ ଜେନେରାଲ, ୟୁ.ଏସ୍. କନ୍‌ସୁଲେଟ୍, ହାଇଦ୍ରାବାଦ

## ଏଇ ଭାରତରେ

କେତେକ ରୋଗ ଔଷଧ ଦ୍ୱାରା ଆରୋଗ୍ୟ ହୋଇ ନ ପାରିଲେ ଅସ୍ତ୍ରୋପଚାର ଦରକାର ପଡେ। ନ ହେଲେ ବଞ୍ଚିବା ମୁସ୍କିଲ। ଏପରି ଦୁରାରୋଗ୍ୟ ବ୍ୟାଧିର ଶିକାର ହୋଇଥିବା ଏକ ୩ମାସର ଶିଶୁକନ୍ୟାର ହୃତ୍‌ପିଣ୍ଡ ଅସ୍ତ୍ରୋପଚାର ପାଇଁ ଦିନ ଧାର୍ଯ୍ୟ କରାଯାଇଛି। ଏପରି ଏକ ଘଟଣା ଘଟିଛି ନୂଆଦିଲ୍ଲୀରେ। ନାନ୍ସୀ ନାମକ ଏହି ଶିଶୁର ହୃତ୍‌ପିଣ୍ଡରେ ଏକ ଛିଦ୍ର ଥିବା ପରୀକ୍ଷାରୁ ଜଣାପଡ଼ିଥିଲା। ଏଥିପାଇଁ ଜରୁରୀ ଅସ୍ତ୍ରୋପଚାର ଆବଶ୍ୟକ ପଡ଼ିଲା। ତାଙ୍କ ପିତା ତଥା ଫରିଦାବାଦ୍‌ର ବାସିନ୍ଦା ଅଜୟ କୁମାରଙ୍କ କହିବାନୁଯାୟୀ, ତାଙ୍କ ଝିଅ ବାରମ୍ବାର କାଶିବା ସହିତ ନିଃଶ୍ୱାସପ୍ରଶ୍ୱାସରେ କଷ୍ଟ ଅନୁଭବ କରୁଥିଲା। ତେଣୁ ତାକୁ ସଫ୍‌ଦରଜଙ୍ଗ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା। ପରୀକ୍ଷା ନିରୀକ୍ଷା ପରେ ଜଣାପଡ଼ିଲା ଯେ, ତା'ର ହୃତ୍‌ପିଣ୍ଡରେ ଏକ ଛିଦ୍ର ଅଛି। ତେଣୁ ହସ୍ପିଟାଲ୍ କର୍ତ୍ତୃପକ୍ଷ ଏମ୍‌ସରେ ଚିକିତ୍ସା କରାଇବା ପାଇଁ ପରାମର୍ଶ ଦେଇଥିଲେ। ତେଣୁ ତାଙ୍କ ପରିବାର ଅକ୍ଟୋବର ମଧ୍ୟଭାଗରେ ଝିଅକୁ ଏମ୍‌ସ ନେଇଥିଲେ। ସେଠାରେ ମଧ୍ୟ ଡାକ୍ତର ଅନୁରୂପ ପରାମର୍ଶ ଦେଇଥିଲେ। ୨୦୨୪ ଫେବୃୟାରୀରେ ଅସ୍ତ୍ରୋପଚାର ହେବ ବୋଲି ଡାକ୍ତର କହିଥିଲେ। କିନ୍ତୁ ଏକ ଦୀର୍ଘ ଅବଧିକୁ ଅପେକ୍ଷା କରିବାକୁ ସେମାନଙ୍କ ଧୈର୍ଯ୍ୟ ନ ଥିଲା। କାରଣ ଝିଅଟି ଖୁବ୍ ଯନ୍ତ୍ରଣା ପାଉଥିଲା। ଏହାପରେ ଉକ୍ତ ପରିବାର ଏକ ଚାରିଟେବଲ ଟ୍ରଷ୍ଟ 'ହାର୍ଟ କେୟାର ଫାଉଣ୍ଡେଶନ୍ ଅଫ୍ ଇଣ୍ଡିଆ'(ଏଚ୍‌ସିଏଫ୍‌ଆଇ)ର ଦ୍ୱାରସ୍ଥ ହୋଇଥିଲେ। ପରିସ୍ଥିତିର ଗୁରୁତ୍ୱ ବୁଝିବା ପରେ ବିଶେଷଜ୍ଞ ଟିମ୍ ଆସନ୍ତା ସପ୍ତାହରେ ଅସ୍ତ୍ରୋପଚାର କରାଇବାକୁ ନିଷ୍ପତ୍ତି ନେଇଛନ୍ତି।

### ଚିରନ୍ତନୀ

ଆକାଶ ଧରା ଅଭେଦ ସମ
ନୟନପଥେ ଭାତିଲା ମମ
ସେ ଗୀତ ଆଜି ଦୂରତା ସବୁ
ନିମିଷେ ଦେଲା ନାଶି
ଶରତ-ଧଳା ବଉଦ ସମ ଚକିତେ ଗଲା ଭାସି।
(କୁହୁ ପ୍ରାସ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

### ୨୫ ବର୍ଷ ତଳର ଧରିତ୍ରୀ

୧୭ ନଭେମ୍ବର ୧୯୯୩

- ଶ୍ରୀନଗରର ପବିତ୍ର ହଜରତବଲ ଦରଘା ଭିତରେ ୧ ମାସ ଧରି ଆତ୍ମଗୋପନ କରିଥିବା ଉଗ୍ରପନ୍ଥୀମାନେ ନିରାପତ୍ତା ବାହିନୀ ନିକଟରେ ଆତ୍ମସମର୍ପଣ କଲେ ଓ ପଣବନ୍ଦୀଙ୍କୁ ମୁକ୍ତ କଲେ।
- ତାମିଲ ବିଦ୍ରୋହୀ ଶ୍ରୀଲଙ୍କାର ଉତ୍ତରାଞ୍ଚଳରେ ଏକ ସାମରିକ ଘାଟି ଉପରେ ଆକ୍ରମଣ କରି ୭୦ ସୈନ୍ୟଙ୍କୁ ବନ୍ଦୀ କରିଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ପୋଲିସ-ଓକିଲ ବିବାଦ

ମହାଶୟ,

ଦୀର୍ଘ ଦୁଇ ମାସ ହେବ ଚାଲିଥିବା ପୋଲିସ-ଓକିଲ ବିବାଦର ପୂର୍ଣ୍ଣଚ୍ଛେଦ ପଡିବାକୁ ଯାଉଥିବା ବେଳେ ପୁନଃ ଭଞ୍ଜନଗର ବୁଗୁଡା ଥାନାର ପୁଲିସ କର୍ମଚାରୀଗଣ ମିଳିତଭାବେ ଜନୈକ ଓକିଲଙ୍କୁ ମାଡ଼ ମାରି କ୍ଷତବିକ୍ଷତ କରିବା ଘଟଣା ନାନାଦି ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୋଲିସ ଏତେ ସ୍ୱେଚ୍ଛାଚାରୀ ଓ ବିଶୃଙ୍ଖଳ କାହିଁକି ? ଏପରି କର୍ମଚାରୀମାନଙ୍କୁ ଦୃଷ୍ଟାନ୍ତମୂଳକ ଶାସ୍ତି ଦିଆଯାଉ ନାହିଁ କାହିଁକି ?

ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର, ତିହିଡି, ଭଦ୍ରକ

### ଉଚ୍ଚା ସଡ଼କ ହରକତ

ସରକାରୀ ଯୋଜନାରେ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ନୂତନ ସଡ଼କ ନିର୍ମାଣ ଓ ପୁନଃନିର୍ମାଣ କରାଯାଉଛି। ସଡ଼କଗୁଡିକର ଉଚ୍ଚତା ମଧ୍ୟ ଦିନକୁ ଦିନ ବୃଦ୍ଧି ପାଉଛି। ଛୋଟ ଛୋଟ ନାଳବାଟ ବନ୍ଦ ହେଉଛି। ଫସି ଯାଉଛନ୍ତି ଧାରରେ ବହୁପୂର୍ବରୁ ବସବାସ କରି ଆସୁଥିବା ପରିବାର ଓ ଦୋକାନୀ। ପାଣି ପଶି ସବୁ ଠପ୍। ଡ୍ରେନେଜ୍ ବ୍ୟବସ୍ଥା କାମ କରୁନାହିଁ। ବାଟ ନ ରଖି ସହରତଳି ଅଞ୍ଚଳରେ ଗଢି ଉଠୁଥିବା ନୂତନ ସାହିର ଲୋକେ ମଧ୍ୟ ବେଙ୍ଗ ମୁତିଦେଲେ ଉବୁଟୁବୁ ହେଉଛନ୍ତି। ନିଜ ଭୁଲ ନ ଦେଖି ପ୍ରଶାସନକୁ ଦୋଷ ଦେଉଛନ୍ତି। ଏପରି ଅସୁବିଧାର ସ୍ଥାୟୀ ସମାଧାନ ଦରକାର।

ମନୋରଞ୍ଜନ ପାତ୍ର, ସୁନହଟ, ବାଲେଶ୍ୱର

### ସର୍ବକ୍ଷମା ଯୋଜନା

ସର୍ବକ୍ଷମା ଯୋଜନାରେ ସରକାରୀ ଜମି କୌଣସି ବ୍ୟକ୍ତିବିଶେଷ, ଅନୁଷ୍ଠାନ ନାମରେ ବୈଧ ନ ହେଉ। ଜନସାଧାରଣଙ୍କ ସ୍ୱାର୍ଥରେ ପ୍ରତିବନ୍ଧକ ସୃଷ୍ଟି କରୁଥିବା ନିର୍ମାଣ, ଡ୍ରେନ୍, ପାର୍କ, ରାସ୍ତା ଉପରେ ବ୍ୟକ୍ତିଗତ ନିର୍ମାଣକୁ ତୁରନ୍ତ ହଟାଯାଉ। ସର୍ବକ୍ଷମା ଯୋଜନାରେ କେବଳ ବ୍ୟକ୍ତିଗତ ମାଲିକାନାରେ ଥିବା ଜମି ଉପରେ ବିଡିଏ ପ୍ଲାନ୍‌ଠାରୁ ଭିନ୍ନ କିମ୍ବା ଅଧିକ ନିର୍ମାଣକୁ ବୈଧ କରାଯିବା ନିମନ୍ତେ ସ୍ୱଳ୍ପ ମୂଲ୍ୟରେ ତ୍ୱରିତ, ସରଳ ଓ ସମାଧାନର ବାଟ ଫିଟୁ। ଏବର ସର୍ବକ୍ଷମା ଯୋଜନା ଜନସାଧାରଣଙ୍କ ନିମନ୍ତେ ଜଟିଳ ଓ ଅତ୍ୟନ୍ତ ବ୍ୟୟସାପେକ୍ଷ। ଲୋକାଭିମୁଖୀ ସରକାରଙ୍କଠାରୁ ଜନସାଧାରଣ ଏତିକି ନ୍ୟାୟ ଆଶା କରନ୍ତି।

ସ୍ୱୟଂସିଦ୍ଧା ପରିଡ଼ା, ପାଇକନଗର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## sudoku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | A | C | | 5 | 3 | | 1 | 8 | | | 2 | | | |
| | 3 | | | 9 | 8 | | | | | | | | | |
| | B | | | | | 9 | | 7 | | 4 | | | D | 6 |
| 4 | | 1 | C | | | | | | | | | | 0 | 8 |
| | 2 | | B | | A | | E | | | 0 | | | | |
| | | | | | C | | 3 | | | | | | | |
| | | | 3 | | 4 | | 5 | E | | | 9 | | | 0 |
| A | | | | | | | | | | | C | E | 4 | 3 |
| D | E | B | 7 | | | 0 | | | | 1 | | | | |
| | 5 | 9 | D | | | 6 | | 1 | | 7 | | | | C |
| | | 2 | 5 | | | D | | 9 | | | | | | |
| | | | 0 | | 9 | | 8 | 3 | 6 | | | | | 2 |
| B | 0 | 6 | 8 | 4 | 7 | | | | | | | | | |
| | | | 6 | 1 | E | | 0 | | | | 8 | D | | |
| C | 7 | | | | | | | | | | A | | 5 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 6 | 8 | A | 0 | 1 | 9 | B | 5 | E | C | 2 | 4 | 7 | 3 | D |
| 1 | 5 | 3 | 7 | 4 | D | 6 | C | 0 | 9 | E | A | 8 | 2 | B |
| C | 0 | 7 | E | 2 | 6 | 4 | 8 | A | B | 3 | D | 5 | 1 | 9 |
| D | 4 | E | 8 | 3 | B | 2 | 9 | 1 | 5 | 7 | 6 | A | C | 0 |
| B | 2 | 9 | 5 | A | C | D | 7 | 3 | 8 | 1 | 0 | 4 | E | 6 |
| 5 | 6 | C | 9 | 7 | 2 | E | 1 | B | A | 8 | 3 | 0 | D | 4 |
| 4 | 3 | B | 1 | D | 8 | 7 | 6 | 5 | 0 | 9 | 2 | E | A | C |
| 7 | A | 2 | B | 6 | E | 0 | 4 | 8 | 1 | D | C | 9 | 5 | 3 |
| 0 | 9 | D | A | 5 | 4 | C | 3 | 2 | 6 | B | E | 1 | 7 | 8 |
| 8 | E | 1 | 3 | C | 0 | 9 | A | D | 7 | 4 | 5 | B | 6 | 2 |
| A | C | 5 | 2 | B | 3 | 8 | D | 7 | 4 | 0 | 1 | 6 | 9 | E |
| 2 | B | 6 | 4 | E | A | 1 | 0 | 9 | 3 | C | 7 | D | 8 | 5 |
| E | D | 0 | 6 | 8 | 1 | 5 | B | C | 2 | A | 9 | 3 | 4 | 7 |
| 9 | 1 | 4 | C | 0 | 7 | 3 | E | 6 | D | 5 | 8 | 2 | B | A |
| 3 | 7 | 8 | D | 9 | 5 | A | 2 | 4 | E | 6 | B | C | 0 | 1 |

ଗତକାଲିର ଉତ୍ତର



ୱିକିଲିକ୍ସ ପ୍ରତିଷ୍ଠାତା ଜୁଲିଏନ୍ ଏସେଞ୍ଜ୍‌ଙ୍କ ଅଡୁଆ ବଢ଼ିଲା। ତାଙ୍କ ନାଁରେ ଆମେରିକାରେ ମାମଲା ହୋଇଛି। ତାଙ୍କ ବିରୋଧରେ କେଉଁ ଅଭିଯୋଗ ଦାଏର ହୋଇଛି, ସେ ବିଷୟରେ ସ୍ପଷ୍ଟ ଭାବେ ଜଣାପଡ଼ି ନାହିଁ। ତେବେ ଆମେରିକା ରାଷ୍ଟ୍ରପତି ନିର୍ବାଚନକୁ ପ୍ରଭାବିତ କରିବା ପାଇଁ ରୁଷିଆ ଷଡ଼ଯନ୍ତ୍ର ରଚିଥିବା ନେଇ ହୋଇଥିବା ଅଭିଯୋଗର ତଦନ୍ତ ଉପରେ ଏହାର ପ୍ରଭାବ ପଡ଼ିବ।



## ସଂକ୍ଷେପରେ

### ଅନ୍ତର୍ଜାତୀୟ ବାଣିଜ୍ୟ ମେଳା
### ମୟୂରଭଞ୍ଜର ଡାଇନିଂ ଟେବୁଲକୁ ପ୍ରଶଂସା

ଭୁବନେଶ୍ୱର, ୧୬।୧୧(ବ୍ୟୁରୋ):- ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ସବାଇଘାସରୁ ପ୍ରସ୍ତୁତ କରାଯାଇଥିବା ଡାଇନିଂ ଓ ଚୌକିକୁ ଉଚ୍ଚପ୍ରଶଂସା କରାଯାଇଛି। ଦିଲ୍ଲୀସ୍ଥିତ ପ୍ରଗତି ମଇଦାନରେ ଗତ ୧୪ରୁ ଆରମ୍ଭ ହୋଇଥିବା ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ଓଡିଶା ପକ୍ଷରୁ ନବରଙ୍ଗପୁର ଜିଲାର ଜନଜାତିମାନଙ୍କ ଅଳଙ୍କାର, ଖୋର୍ଦ୍ଧାର ଟେରାକୋଟା ଓ ଗରମ ପୋଷାକ, ପୁରୀର ପଟଚିତ୍ର ଓ ଚାନ୍ଦୁଆ, ଢେଙ୍କାନାଳର ଡୋକ୍ରା, କେନ୍ଦ୍ରାପଡାର କାଇଞ୍ଚ ମାଳି, କଟକର ତାରକସୀ କାମ ସମେତ ଉତ୍କଳିକା ଓ ବୟନିକା ପ୍ରଭୃତିର ଷ୍ଟଲ ଖୋଲାଯାଇଛି। ଭାରତର ଗ୍ରାମୀଣ ଉଦ୍ୟୋଗ ବିଷୟବସ୍ତୁ ନେଇ ଆରମ୍ଭ ହୋଇଥିବା ମେଳାରେ ଓଡିଶାର ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ପ୍ରଦର୍ଶିତ କରାଯାଇଛି। ଶୁକ୍ରବାର ବାଣିଜ୍ୟ ମେଳାର ଆୟୋଜକ ଆଇଟିପିଓ ପକ୍ଷରୁ ଆସିଥିବା ବିଚାରକ ମଣ୍ଡଳୀ ପକ୍ଷରୁ ମୟୂରଭଞ୍ଜ ଜିଲାର ସବାଇଘାସରୁ ପ୍ରସ୍ତୁତ ଡାଇନିଂ ଟେବୁଲ ଓ ଚୌକିକୁ ପ୍ରଶଂସା କରିଛନ୍ତି।

### ଲାଞ୍ଚ ନେଇ ଧରାପଡ଼ିଲେ କିରାଣି

କେନ୍ଦ୍ରାପଡା ଅଫିସ, ୧୬।୧୧- କେନ୍ଦ୍ରାପଡା ଉପଜିଲାପାଳ କାର୍ଯ୍ୟାଳୟରେ ଶୁକ୍ରବାର ଭିଜିଲାନ୍ସ ଚଢ଼ାଉ କରି ଲାଞ୍ଚ ନେଉଥିବା ବେଳେ ବରିଷ୍ଠ କିରାଣି ଓ ଅବସରପ୍ରାପ୍ତ ପିଅନଙ୍କୁ ଗିରଫ କରିଛି। ସେମାନେ ହେଲେ ବରିଷ୍ଠ କିରାଣି ପରିକ୍ଷିତ ଜେନା ଓ ଅବସରପ୍ରାପ୍ତ ପିଅନ ଅଲେଖ ଚନ୍ଦ୍ର ବାରିକ। ଶନିବାର ସେମାନଙ୍କୁ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯିବ ବୋଲି ଡିଏସପି ସୁରେନ୍ଦ୍ର ନାଥ ରାୟଗୁରୁ ସୂଚନା ଦେଇଛନ୍ତି। ସଦର ଥାନା ଅନ୍ତର୍ଗତ ଶ୍ରୁତିପୁରଠାରେ କାର୍ତ୍ତିକ ପୂର୍ଣ୍ଣିମା ଉତ୍ସବ ଓ ବାଲିଯାତ୍ରା ୪ ଦିନ ଧରି ଅନୁଷ୍ଠିତ ହୁଏ। ଏଥିପାଇଁ କମିଟି ସଦସ୍ୟ ତପନ କୁମାର ରାଉତ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଅନୁମତି ମାଗିଥିଲେ। ତେବେ ଏହି ଅନୁମତି ପାଇଁ ୨୦୦୦ ଟଙ୍କା ଲାଞ୍ଚ ଦେବାକୁ ପଡିବ ବୋଲି ପରିକ୍ଷିତ ଦାବି କରିଥିଲେ।

■ମାଟି ତଳୁ ୨ ନାବାଳକଙ୍କ ମୃତଦେହ ଉଦ୍ଧାର ଘଟଣାର ପର୍ଦ୍ଦାଫାଶ

# ବାପାଙ୍କ ବିଦ୍ୟୁତ୍ ଫାଶରେ ପଡ଼ିଥିଲେ ପୁଅ

■ସକାଳୁ ସହଯୋଗୀଙ୍କୁ ଡାକି ପୋତିଦେଇଥିଲେ

■ମୁଖ୍ୟ ଅଭିଯୁକ୍ତ ବାପା, ୩ ସହଯୋଗୀ ଗିରଫ

**ବଇଣ୍ଡା,୧୬।୧୧(ଡି.ଏନ.ଏ.)**

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ରାଣୀବନ୍ଧ ନାଳ ନିକଟ ମାଟି ତଳୁ ଗତ ୪ ତାରିଖରେ ହତାଶିମିଳି ଗ୍ରାମର ସିପୁନ ନାୟକ(୧୪) ଓ ଅମୂଲ୍ୟ ନାୟକ(୧୭)ଙ୍କ ମୃତଦେହ ଉଦ୍ଧାର ଘଟଣାର ପର୍ଦ୍ଦାଫାଶ କରିଛି ପୋଲିସ। ବାପା ଭୀମସେନ ନାୟକ ବାର୍‌ହା ଶିକାର ପାଇଁ ବସାଇଥିବା ଫାଶରେ ପଡ଼ି ପୁଅ ଅମୂଲ୍ୟ ଓ ତାଙ୍କ ସାଙ୍ଗ ସିପୁନଙ୍କ ମୃତ୍ୟୁ ହୋଇଥିବା ଶୁକ୍ରବାର ଠାକୁରଗଡ଼ ପୋଲିସ ସୂଚନା ଦେଇଛି। ଏଥିସହ ଅଭିଯୁକ୍ତ ଭୀମସେନ ଓ ତାଙ୍କୁ ସହଯୋଗ କରିଥିବା ତେନ୍ତୁଳିପଥର ଗ୍ରାମର ଲୋକନାଥ ନାୟକ, ସୁଶାନ୍ତ ନାୟକ, ଚିନୁ ନାୟକଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ପୋଲିସ କହିଛି।

ଠାକୁରଗଡ଼ ଆଇଆଇସି ଗବାକ୍ଷ ନାୟକ କହିଛନ୍ତି, ଭୀମସେନ ଜଙ୍ଗଲରେ ଜନ୍ତୁ ଶିକାର କରି ମାଂସ ବିକ୍ରି କରନ୍ତି। ଅକ୍ଟୋବର ୨୩ ରାତିରେ ଏକ ବାର୍‌ହା ମାରି ଭୀମସେନ ମାଂସ ଖାଇବା ସହ ବାହାରେ ବିକ୍ରି କରିଥିଲେ। ଏହାର ପର ଦିନ ଅର୍ଥାତ୍ ୨୪ ତାରିଖରେ ବାର୍‌ହା ଶିକାର ପାଇଁ ରାଣୀବନ୍ଧ ନାଳ ନିକଟରେ ୧୧ କେଭି ବିଦ୍ୟୁତ୍ ତାରରୁ ହୁକ ଦ୍ୱାରା ଫାଶ ପକାଇଥିଲେ। ବିଳମ୍ବିତ ରାତିରେ ତାଙ୍କ ପୁଅ ଅମୂଲ୍ୟ ଓ ସହଯୋଗୀ ସିପୁନ ଉକ୍ତ ନାଳକୁ ମାଛ ମାରିବାକୁ ଯାଇଥିବା ବେଳେ ବିଦ୍ୟୁତ୍ ଫାଶ ସଂସ୍ପର୍ଶରେ ଆସି ପ୍ରାଣ ହରାଇଥିଲେ। ୨୫ ତାରିଖ ଭୋର ସମୟରେ ଭୀମସେନ ଶିକାର ପଡ଼ିଥିବା ଆଶାରେ ନାଳ ନିକଟକୁ ଯାଇ ପୁଅ ସହ ସିପୁନଙ୍କ ମୃତଦେହ ଦେଖିବାକୁ ପାଇଥିଲେ। ଉକ୍ତ ଘଟଣାକୁ ଚପାଇଦେବା ପାଇଁ ସେ ସହଯୋଗୀ ଲୋକନାଥ, ସୁଶାନ୍ତ ଓ ଚିନୁଙ୍କୁ ଡାକି ନାଳ ନିକଟରେ ଉଭୟଙ୍କ ମୃତଦେହ ପୋତିଦେଇଥିଲେ। ପରେ ସିପୁନ ଓ ଅମୂଲ୍ୟ କେଉଁଆଡ଼େ ପଳାଇ ଯାଇଥିବା ଗ୍ରାମରେ ପ୍ରଚାର କରିବା ସହ ଥାନାରେ ଏତଲା ମଧ୍ୟ ଦେଇଥିଲେ। ଭୀମସେନଙ୍କ ଏତଲାକୁ ଭିତ୍ତିକରି ପୋଲିସ ନଂ. ୧୦୫/୧୮ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ଶିକାରୀ ଫାଶରେ ପଡ଼ି ଉଭୟଙ୍କ ମୃତ୍ୟୁ ହୋଇଥିବା ସନ୍ଦେହ କରି ପୋଲିସ ଅଧିକ ଖୋଳତାଡ଼ କରିବାରୁ ଘଟଣାର ପର୍ଦ୍ଦାଫାଶ ହୋଇଥିଲା ବୋଲି ଆଇଆଇସି ପ୍ରକାଶ କରିଛନ୍ତି।

## ଟ୍ରକ୍‌କୁ ଧକ୍କା ଦେଲା କାର: ୨ ମୃତ, ୩ ଗୁରୁତର

ଟାଙ୍ଗୀ(କଟକ)୧୬।୧୧(ଡି.ଏନ୍.ଏ.)

ଟାଙ୍ଗୀ ଥାନା ଅନ୍ତର୍ଗତ ମଙ୍ଗୁଳିଛକ ନିକଟରେ ଗୁରୁବାର ବିଳମ୍ବିତ ରାତିରେ ରାସ୍ତା ପାର୍ଶ୍ୱରେ ଛିଡା ହୋଇଥିବା ଏକ ଟ୍ରକ୍‌କୁ ପଛରୁ କାର ଧକ୍କା ଦେଇଛି। ଏଥିରେ ୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୩ଜଣ ଗୁରୁତର ହୋଇଛନ୍ତି। ଚିକିତ୍ସାଲାଗି ଗୁରୁତରମାନଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଗୁରୁବାର ରାତିରେ ବାଲେଶ୍ୱର ଜିଲା ବାଲିଆପାଳ ଥାନା ଅଧୀନ ଘଣ୍ଟୁଆ ଗ୍ରାମର ପୁରୁଷୋତ୍ତମ ଗିରି(୬୦), ପୁତ୍ର କୃଷ୍ଣଚନ୍ଦ୍ର, ସମ୍ପର୍କୀୟ ଝିଅ ଓ ନାତୁଣୀ ଏକ କାରରେ ଭୁବନେଶ୍ୱର ଅଭିମୁଖେ ଯାଉଥିଲେ। ଭୋର ସମୟରେ ମଙ୍ଗୁଳି ଛକ ଅତିକ୍ରମ କରିବାବେଳେ ଚାଳକ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱରେ ଛିଡା ହୋଇଥିବା ଟ୍ରକ୍‌କୁ ପଛରୁ ଧକ୍କା ଦେଇଥିଲା। ଫଳରେ ପୁରୁଷୋତ୍ତମ ଓ କାର ଚାଳକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୩ଜଣ ଗୁରୁତର ହୋଇଥିଲେ।


**ଖୋର୍ଦ୍ଧା ରୋଡ଼ ମଣ୍ଡଳର ବ୍ରହ୍ମପୁର ନିକଟସ୍ଥ ଜଗନ୍ନାଥପୁର ଠାରେ ନିରାପତ୍ତା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ଦୃଷ୍ଟିରୁ ଟ୍ରେନ ଚଳାଚଳ ବାତିଲ୍/ଆଂଶିକ ବାତିଲ୍ କରାଯିବ**

ଟ୍ରେନ୍ ସେବା ବାତିଲ୍

| ଟ୍ରେନ୍ ନଂ. | ଟ୍ରେନ୍‌ର ନାମ | ଷ୍ଟେସନ ଠାରୁ | ଛାଡିବା ତାରିଖ |
|---|---|---|---|
| 22819 | ଭୁବନେଶ୍ୱର-ବିଶାଖାପାଟଣା ଇଣ୍ଟରସିଟି ଏକ୍ସପ୍ରେସ୍ | ଭୁବନେଶ୍ୱର | 18.11.2018, 20.11.2018 ଏବଂ 21.11.2018 |
| 22820 | ବିଶାଖାପାଟଣା-ଭୁବନେଶ୍ୱର ଇଣ୍ଟରସିଟି ଏକ୍ସପ୍ରେସ୍ | ବିଶାଖାପାଟଣା | |
| 58419 | ଭୁବନେଶ୍ୱର- ପଲାସା ପାସେଞ୍ଜର | ଭୁବନେଶ୍ୱର | 18.11.2018 ଠାରୁ 21.11.2018 |
| 58420 | ପଲାସା-ଭୁବନେଶ୍ୱର ପାସେଞ୍ଜର | ପଲାସା | |

ତା.18.11.2018 ରୁ 21.11.2018 ରିଖ ପର୍ଯ୍ୟନ୍ତ ଟ୍ରେନ୍ ସେବା ଆଂଶିକ ବାତିଲ୍

| ଟ୍ରେନ୍ ନଂ. | ଟ୍ରେନ୍‌ର ନାମ | ଷ୍ଟେସନ ଠାରୁ | ଷ୍ଟେସନ ମଧ୍ୟରେ ବାତିଲ୍ |
|---|---|---|---|
| 58418 | ଗୁଣୁପୁର- ପୁରୀ ପାସେଞ୍ଜର | ଗୁଣୁପୁର | ପୁରୀ-ବ୍ରହ୍ମପୁର ମଧ୍ୟରେ ଉଭୟ ଦିଗରୁ ବାତିଲ୍ ହେବ |
| 58411 | ଭୁବନେଶ୍ୱର-ବ୍ରହ୍ମପୁର ପାସେଞ୍ଜର | ଭୁବନେଶ୍ୱର | ଖଲ୍ଲୀକୋଟ-ବ୍ରହ୍ମପୁର ମଧ୍ୟରେ ଉଭୟ ଦିଗରୁ ବାତିଲ୍ ହେବ |



ପୂର୍ବ ତଟ ରେଳପଥ

PR-388/J/18-19


## ସୌଭାଗ୍ୟ ମିଶ୍ର ପାଇବେ ସାରଳା ସମ୍ମାନ

**କଟକ ଅଫିସ, ୧୬।୧୧**

ଖ୍ୟାତନାମା କବି ପ୍ରଫେସର ଡ. ସୌଭାଗ୍ୟ କୁମାର ମିଶ୍ର ଚଳିତବର୍ଷର ମର୍ଯ୍ୟାଦାଜନକ ସାରଳା ସମ୍ମାନ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଆସନ୍ତା ୨୨ ତାରିଖ ସନ୍ଧ୍ୟାରେ ବିଜୁ ପଟ୍ଟନାୟକ ଛକସ୍ଥିତ ସାରଳା ଭବନଠାରେ ସାରଳା ସାହିତ୍ୟ ସଂସଦର ୩୭ତମ ବାର୍ଷିକୋତ୍ସବ ପାଳନ ଅବସରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଡ. ମିଶ୍ରଙ୍କୁ ଏହି ପୁରସ୍କାର ପ୍ରଦାନ କରିବେ। ପୁରସ୍କାର ସ୍ୱରୂପ ୫୦ହଜାର ଟଙ୍କା ଅର୍ଥରାଶି, ତାମ୍ରଫଳକ ଓ ଉପଢୌକନ



ଡ. ସୌଭାଗ୍ୟ କୁମାର ମିଶ୍ର

ଦିଆଯିବ ବୋଲି ସଂସଦର ପ୍ରତିଷ୍ଠାତା ତଥା ସଭାପତି ଇଂ ପ୍ରଭାକର ସ୍ୱାଇଁ ଏବଂ ସମ୍ପାଦକ ପ୍ରଫେସର ଡା. ନିରଞ୍ଜନ ତ୍ରିପାଠୀ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି। ପ୍ରଫେସର ସୌଭାଗ୍ୟ ମିଶ୍ରଙ୍କ ସୃଷ୍ଟିସମ୍ଭାର ମଧ୍ୟରେ ଆତ୍ମନେପଦୀ, ଚରାଚର, ଅନ୍ଧ ମହୁମାଛି, ଦ୍ୱାସୁପର୍ଣ୍ଣା, ମାତ୍ରାସ୍ପର୍ଶ, ଉତ୍ତାନପାଦ ପ୍ରଭୃତି କବିତା ସଂକଳନ ଏବଂ କଥା ଚାରିପଦ ଗଳ୍ପ ସଂକଳନ ପ୍ରଭୃତି ଉଲ୍ଲେଖନୀୟ। ସେ ପୂର୍ବରୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର, ଗଙ୍ଗାଧର ମେହେର ଜାତୀୟ କବିତା ସମ୍ମାନ, ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଛନ୍ତି। ତାଙ୍କର ଜନ୍ମ ଗଞ୍ଜାମ ଜିଲା ପୋଲସରା ବ୍ଲକ ଅନ୍ତର୍ଗତ ମଧୁସୂଦନପୁର ଶାସନରେ ୧୯୪୧ ସେପ୍ଟେମ୍ବର ୫ରେ ହୋଇଥିଲା। ସେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଇଂଲିଶ ବିଭାଗର ପ୍ରଫେସର ଓ ବିଭାଗୀୟ ମୁଖ୍ୟ ପଦରୁ ଅବସର ଗ୍ରହଣ କରିଛନ୍ତି।


**ଆଲ୍ଲାହାବାଦ ବ୍ୟାଙ୍କ**

**ଭୁବନେଶ୍ୱର ମୁଖ୍ୟ ଶାଖା**
**୧୫୯, ବାପୁଜୀ ନଗର,**
**ଭୁବନେଶ୍ୱର-୭୫୧୦୦୯,**
**ଫୋନ୍: ୦୬୭୪-୨୫୯୮୦୪୪**

**ଦଖଲ ନୋଟିସ୍**
[ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍- ୮(୧) ଅନୁଯାୟୀ]

ନିମ୍ନ ସ୍ୱାକ୍ଷରକାରୀ **ଆଲ୍ଲାହାବାଦ ବ୍ୟାଙ୍କ, ଭୁବନେଶ୍ୱର ମୁଖ୍ୟ ଶାଖାର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ବକେୟା ରାଶି ଏବଂ ସେବାବଦ ସୁଧ ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ସାଙ୍କେତିକ ଦଖଲକୁ ନେଇଛନ୍ତି । ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ନିମନ୍ତେ **ଆଲ୍ଲାହାବାଦ ବ୍ୟାଙ୍କ, ଭୁବନେଶ୍ୱର ମୁଖ୍ୟ ଶାଖା** ନିକଟରେ ଉତ୍ତରଦାୟୀ ରହିବେ ।

**"ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।"**

| ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ନୋଟିସ୍‌ରେ ପ୍ରଦତ୍ତ ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ /ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତା: ଶ୍ରୀ ପ୍ରଶାନ୍ତ କୁମାର ସ୍ୱାଇଁ,** ପିତା: ଶ୍ରୀ ଭଜବନ ସ୍ୱାଇଁ, ବୃନ୍ଦାବନ କଲୋନୀ, ମେନ୍ ରୋଡ୍, ଗାନ୍ଧୀ ଚୌକ, ବ୍ରଜରାଜନଗର, ଜିଲ୍ଲା: ଝାରସୁଗୁଡା, ଓଡ଼ିଶା-୭୬୮୨୧୬ / **ଗ୍ୟାରେଣ୍ଟିଦାତା:ଶ୍ରୀ ଲକ୍ଷ୍ମୀଧର ପରିଡା,** ଏଲବି-୩୦୫, ବଡଗଡ ବ୍ରିଟ୍ କଲୋନୀ, ଭୁବନେଶ୍ୱର-୧୮ | ୧୨.୦୯.୨୦୧୮ ସୁଦ୍ଧା ଟ.୨୩,୮୬,୪୭୨/- + ସେବାବଦ ସୁଧ | ୧୨.୦୯.୨୦୧୮ / ୧୪.୧୧.୨୦୧୮ | ଫ୍ଲାଟ୍‌ର ସମସ୍ତ ଅଂଶବିଶେଷ ଯାହାର ନଂ.: ୧, ୨ୟ ମହଲା, ବ୍ଲକ୍-ବି ସହିତ ପାର୍କିଂ ସ୍ପେସ୍ ନଂ.: ଏ-୪, ମାଣିକ ଭିଲ୍ଲା, ସୁପର ବିଲ୍ଟ ଅପ୍ ଏରିଆ: ୧୦୫୦ବର୍ଗଫୁଟ, ଖାତା ନଂ.: ୪୨୩/୮୧୩, ପ୍ଲଟ୍ ନଂ.: ୧୦୮୯, ମୌଜା: ଭୁବନେଶ୍ୱର ସହର, ୟୁନିଟ୍ ନଂ.: ୩୭, ଗଡଗୋପିନାଥ ପ୍ରସାଦ, ଜିଲ୍ଲା: ଖୋର୍ଦ୍ଧା, ଏହାର ଚତୁଃପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୧୦୮୯ (ଅଂଶ), ଦକ୍ଷିଣ: ଫ୍ଲାଟ୍ ନଂ.: ୨ (୨ୟ ମହଲା), ପୂର୍ବ: ଫ୍ଲାଟ୍ ନଂ.: ୪ (୨ୟ ମହଲା), ପଶ୍ଚିମ: ପ୍ଲଟ୍ ନଂ.: ୧୦୮୯ ଏବଂ ରାସ୍ତା |

**ସ୍ଥାନ: ଭୁବନେଶ୍ୱର, ତାରିଖ : ୧୬.୧୧.୨୦୧୮** — **ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଆଲ୍ଲାହାବାଦ ବ୍ୟାଙ୍କ**







କଂଗ୍ରେସ ଗଣତନ୍ତ୍ରରେ ବିଶ୍ୱାସ କରେ ବୋଲି ସବୁବେଳେ କହିଆସୁଛି। ଏହାକୁ ସତ ପ୍ରମାଣିତ କରିବା ପାଇଁ ଗାନ୍ଧୀ ପରିବାର ବାହାରୁ ଜଣେ କଂଗ୍ରେସ ନେତାଙ୍କୁ ଦଳର ଅଧ୍ୟକ୍ଷ କରିବାକୁ ପଡ଼ିବ। ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନ ପ୍ରଚାର ବେଳେ ଅମ୍ବିକାପୁରରେ ମୋଦି କଂଗ୍ରେସକୁ ଏଭଳି ଟାର୍ଗେଟ କରିଛନ୍ତି।

# ଦୁର୍ଘଟଣା ରୋକିବାରେ ସରକାର ବିଫଳ

## ୧୦ବର୍ଷରେ ରାଜ୍ୟରେ ୪୩,୩୧୨ ଜଣଙ୍କ ମୃତ୍ୟୁ

## ୩ ବିଭାଗର ଅପାରଗତା ଦାୟୀ

ଭୁବନେଶ୍ୱର, ୧୬।୧୧(ବ୍ୟୁରୋ)

ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟାର ଜାତୀୟ ହାର ଅନୁଯାୟୀ ଓଡ଼ିଶା ବର୍ତ୍ତମାନ ୬ନମ୍ବର ସ୍ଥାନରେ ରହିଛି। ୨୦୧୬ ତୁଳନାରେ ୨୦୧୭ରେ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟାର ଜାତୀୟ ହାର ୩ପ୍ରତିଶତ ହ୍ରାସ ପାଇଥିଲାବେଳେ ଓଡ଼ିଶାରେ କିନ୍ତୁ ୭.୩ ପ୍ରତିଶତ ବୃଦ୍ଧି ପାଇଥିଲା। ଏହି କାରଣରୁ ରାଜ୍ୟ ସରକାରଙ୍କୁ ସୁପ୍ରିମକୋର୍ଟ ଭର୍ତ୍ସନା କରିଥିଲେ। ଏହାପରେ ସରକାର ଦୁର୍ଘଟଣାଜନିତ ମୃତ୍ୟୁହାର ହ୍ରାସ କରିବାକୁ ଉଦ୍ୟମ କରୁଥିଲେ ମଧ୍ୟ ବିଫଳ ହେଉଛନ୍ତି। ବିଧାନସଭାର କିଛି ଲିଖିତ ପ୍ରଶ୍ନର ଉତ୍ତରରେ ପରିବହନ ମନ୍ତ୍ରୀ ନୃସିଂହ ଚରଣ ସାହୁ କହିଛନ୍ତି, ପ୍ରତ୍ୟେକ ଦିନ ରାଜ୍ୟରେ ୧୨ଜଣ ଦୁର୍ଘଟଣାରେ ପ୍ରାଣ ହରାଉଛନ୍ତି। ୨୦୦୮ରୁ ୨୦୧୮ ସେପ୍ଟେମ୍ବର ୧୬ ଭିତରେ ରାଜ୍ୟରେ ୪୩,୩୧୨ଜଣ ଦୁର୍ଘଟଣାର ଶିକାର ହୋଇ ମୃତ୍ୟୁ ମୁଖରେ ପଡୁଥିବାବେଳେ ୬୧,୮୮୪ଜଣ ଗୁରୁତର ଆହତ ହୋଇଛନ୍ତି। ଉକ୍ତ ସମୟ ମଧ୍ୟରେ ମୋଟରଯାନ ଆଇନ ଉଲ୍ଲଂଘନ କରିଥିବା ଚାଳକଙ୍କଠାରୁ ୪୮୬କୋଟି ଟଙ୍କାର ଜରିମାନା ଆଦାୟ ହୋଇଛି। ଅର୍ଥାତ୍ ସରକାରଙ୍କ ରିପୋର୍ଟ ଅନୁଯାୟୀ ପ୍ରତ୍ୟେକ ବର୍ଷ ସଡକ ଦୁର୍ଘଟଣାଜନିତ ମୃତ୍ୟୁ ଏବଂ ଗୁରୁତର ଆହତଙ୍କ ସଂଖ୍ୟାରେ ବୃଦ୍ଧି ଘଟୁଛି। ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀ ପ୍ରତ୍ୟେକ ମାସରେ ଜିଲାପାଳ ଏବଂ ଏସ୍‌ପିଙ୍କ ସହ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଆଲୋଚନା କରି ସଡକ ଦୁର୍ଘଟଣା ହ୍ରାସ କରିବା ନେଇ ସମୀକ୍ଷା କରୁଛନ୍ତି। ହେଲେ ସରକାରଙ୍କ ସବୁ ପ୍ରଚେଷ୍ଟା ବିଫଳ ହେଉଛି।

ଲିଖିତ ପ୍ରଶ୍ନରେ ମନ୍ତ୍ରୀ ରଖିଥିବା ଉତ୍ତର ଅନୁଯାୟୀ, ୨୦୦୯-୧୦ ଆର୍ଥିକ ବର୍ଷଠାରୁ ୨୦୧୬-୧୭ ବର୍ଷ ମଧ୍ୟରେ ବେପରୁଆ ଭାବେ ଗାଡି ଚଳାଉଥିବା ୮୨,୭୬୨ଜଣଙ୍କ ଲାଇସେନ୍ସ ସରକାର ରଦ୍ଦ କରିଛନ୍ତି। ଏହି ସମୟ ମଧ୍ୟରେ ବିନା ଲାଇସେନ୍ସରେ ଗାଡି ଚଳାଉଥିବା ୧ଲକ୍ଷ ୧୨ହଜାର ୯୬୦ଜଣଙ୍କ ଠାରୁ ଫାଇନ୍ ଆଦାୟ କରାଯାଇଛି। ସେହିପରି ବେପରୁଆ ଭାବେ ଗାଡି ଚଳାଉଥିବା ୬୪ହଜାର ୦୯୭ଜଣଙ୍କଠାରୁ ଜରିମାନା ଆଦାୟ କରାଯାଇଛି। ୧ଲକ୍ଷ ୦୪ହଜାର ୭୦୧ ଜଣଙ୍କ ନାମରେ ମାମଲା ରୁଜୁ କରାଯାଇଛି। ସରକାରଙ୍କ ତମାମ ଉଦ୍ୟମ ସତ୍ତ୍ୱେ ସଡକ ଦୁର୍ଘଟଣାଜନିତ ମୃତ୍ୟୁହାର ହ୍ରାସ ପାଉନାହିଁ। ଏଥିପାଇଁ ବିଭିନ୍ନ ମହଲରେ ସରକାରଙ୍କୁ ସମାଲୋଚନାର ଶିକାର ହେବାକୁ ପଡୁଛି। ସରକାର ଏଥିରେ ବିଫଳ ହେବା ପଛରେ ଅନେକ କାରଣ ଥିବା ଦର୍ଶାଇ ଜଣେ ପରିବହନ ବିଭାଗ ଅଧିକାରୀ କହିଛନ୍ତି, ସଡକ ଦୁର୍ଘଟଣା ରୋକିବା ଲାଗି ଗୃହ, ପୂର୍ତ୍ତ ଏବଂ ସ୍ୱାସ୍ଥ୍ୟ ବିଭାଗର ଦାୟିତ୍ୱ ରହିଛି। କିନ୍ତୁ ବ୍ୟାପକ ଅନିୟମିତତା ସକାଶେ ସବୁ ବିଭାଗରେ କିଛି ନା କିଛି ତ୍ରୁଟି ରହୁଥିବା ଲକ୍ଷ୍ୟ କରାଯାଉଛି। ଯେପରି କି ସମସ୍ତ ଗ୍ରାମାଞ୍ଚଳ ଥାନାଗୁଡ଼ିକୁ ମୋଟର ଭେଇକିଲ୍ ଆକ୍ଟର ବିଭିନ୍ନ ଧାରା ଅନୁଯାୟୀ ଏମ୍‌ଭି ଅଫେନ୍ସ ପାଇଁ ଜରିମାନା ଆଦାୟ କରିବାକୁ ଅଧିକୃତ କରାଯାଇଛି। ପୂର୍ବରୁ କେବଳ ସହରାଞ୍ଚଳ ପୋଲିସ୍‌ଙ୍କ ହାତରେ ଏହା ନ୍ୟସ୍ତ ରହିଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱୀକୃତି ପରେ ୨୦୧୮ ଏପ୍ରିଲ ୧୮ରେ ଏନେଇ ଗ୍ରାମାଞ୍ଚଳ ଥାନାଗୁଡ଼ିକୁ ବିଭାଗୀୟ ନିର୍ଦ୍ଦେଶ ଦିଆଗଲା। କିନ୍ତୁ ଏକାଧିକ ଥାନାରେ ପୋଲିସ୍ କର୍ମଚାରୀଙ୍କ ଅଭାବ ଏଥିରେ ବାଧା ସାଜିଲା। ଅଧିକ ପଦବୀ ପୂରଣ କରିବାକୁ ପୋଲିସ ଡିଜି ଗୃହ ବିଭାଗକୁ ପ୍ରସ୍ତାବ ଦେଇଥିବା ଜଣାପଡ଼ିଛି। ହେଲେ ଏବେ ପର୍ଯ୍ୟନ୍ତ ଏହା କରାଯାଇପାରୁ ନାହିଁ।



ଏହାସହ ରାଜପଥରେ ଘଟୁଥିବା ଦୁର୍ଘଟଣାଗୁଡ଼ିକ ରୋକିବା ଲାଗି ୫ ମୁଖ୍ୟ ଜାତୀୟ ରାଜପଥରେ ହାଇୱେ ପାଟ୍ରୋଲିଂ ପାଇଁ ସରକାର ନୀତିଗତ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ଓଡିଶା ସଡକ ସୁରକ୍ଷା ପାଣ୍ଠିରୁ ୧୦କୋଟି ଟଙ୍କା ଖର୍ଚ୍ଚ କରିବାକୁ ସରକାରଙ୍କ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ମାତ୍ର ସେ କ୍ଷେତ୍ରରେ ମଧ୍ୟ ସେତେଟା ସଫଳତା ମିଳିପାରୁନାହିଁ। ଅନ୍ୟପଟେ ଦୁର୍ଘଟଣାପ୍ରବଣ ସ୍ଥାନଗୁଡ଼ିକ(ବ୍ଲାକ୍ ସ୍ପଟ୍)ରେ ପୋଲିସ, ଏମ୍‌ଭିଆଇ, ରୋଡ୍ ନିର୍ମାଣ କରିଥିବା ସମ୍ପୃକ୍ତ ସଂସ୍ଥା, ଏନ୍‌ଏଚ୍‌ଏଆଇ ଏବଂ ପୂର୍ତ୍ତ ବିଭାଗର ଅଧିକାରୀମାନେ ଜଏଣ୍ଟ ଇନ୍‌ସ୍ପେକ୍‌ସନ କରି ଦୁର୍ଘଟଣାର କାରଣ ଏବଂ ନିରାକରଣ ଲାଗି ଖସଡା ପ୍ରସ୍ତୁତ କରିବାକୁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ନିଶାସକ୍ତ ଚାଳକଙ୍କୁ ଧରିବା ଲାଗି ସମସ୍ତ ଥାନାକୁ ବ୍ରିଥ୍ ଆନାଲାଇଜର ଯୋଗାଇବା ପାଇଁ ନିଷ୍ପତ୍ତି ହୋଇଛି। କିନ୍ତୁ ଦୁଃଖର ବିଷୟ ବିଜୁ ଯୁବ ବାହିନୀ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ସରକାର ମାତ୍ର ୨୫୪ଟି ବ୍ରିଥ୍ ଆନାଲାଇଜର ଯୋଗାଇ ଆଗକୁ ଅଧିକ ଦିଆଯିବ କହି ରହିଯାଇଛନ୍ତି। ୨୦୧୪ରେ ରାଜ୍ୟ ସରକାର ୨୭୮ଟି ଦୁର୍ଘଟଣାପ୍ରବଣ ସ୍ଥାନ ଚିହ୍ନଟ କରିଥିଲେ। ଏସବୁ ସ୍ଥାନଗୁଡ଼ିକରେ ଯାନ ନିୟନ୍ତ୍ରଣ କରିବାକୁ ବିଭିନ୍ନ ଇଞ୍ଜିନିୟରିଂ ବିଭାଗ ହାତକୁ ଦାୟିତ୍ୱ ଦିଆଯାଇଥିଲା। ରାସ୍ତା ନିର୍ମାଣ ପୂର୍ବରୁ ସଡକ ସୁରକ୍ଷା ଅଡିଟ୍ ଠିକ୍‌ଭାବେ କରିବାକୁ ମଧ୍ୟ ନିର୍ଦ୍ଦେଶ ରହିଛି, ହେଲେ ସେଥିରେ ବ୍ୟାପକ ତ୍ରୁଟି ରହୁଥିବା ଲକ୍ଷ୍ୟ କରାଯାଉଛି। ରାସ୍ତା ନିର୍ମାଣକାରୀ ସଂସ୍ଥାଗୁଡ଼ିକଙ୍କ ଲାଭଖୋର ମନୋବୃତ୍ତି ପାଇଁ କାର୍ଯ୍ୟରେ ଅନେକ ତ୍ରୁଟି ରହୁଛି। ମୁଖ୍ୟ ରାସ୍ତାର ସଂଯୋଗୀକରଣ ସ୍ଥାନରେ କାମ ଠିକ୍‌ଭାବେ ହେଉନାହିଁ। ରାସ୍ତାର ମେଡିଆନରେ ଅଧିକୃତ କଟ୍ ନିୟମାନୁଯାୟୀ କରାଯାଉନାହିଁ। ଜନବସତି ପୂର୍ଣ୍ଣ ସ୍ଥାନରେ ବିଭିନ୍ନ ଗୃହପାଳିତ ପଶୁ ରାସ୍ତା ଉପରକୁ ନ ଆସିବାକୁ ବ୍ୟାରିକେଡ୍ ନିର୍ମାଣ କରାଯିବାର ନିୟମ ଥିଲେ ମଧ୍ୟ ଏହାକୁ କେହି ପାଳନ କରୁନାହାନ୍ତି। ଏନେଇ ମୁଖ୍ୟ ସଚିବଙ୍କ ନିର୍ଦ୍ଦେଶ ଥିଲେ ସୁଦ୍ଧା ଏହାକୁ ବେଖାତିର କରିଦିଆଯାଉଛି। ଫଳରେ ସରକାରଙ୍କ ପକ୍ଷରୁ ଦୁର୍ଘଟଣାଜନିତ ମୃତ୍ୟୁ ରୋକିବା ପାଇଁ କରାଯାଉଥିବା ଯୋଜନା କାଗଜକଲମରେ ସୀମିତ ରହୁଛି।

ଅପରପକ୍ଷରେଏହି କ୍ଷେତ୍ରରେ ସ୍ୱାସ୍ଥ୍ୟ ବିଭାଗର ମଧ୍ୟ ପ୍ରମୁଖ ଭୂମିକା ରହିଛି। ଦୁର୍ଘଟଣାରେ ଆହତ ହେଉଥିବା ବ୍ୟକ୍ତିଙ୍କୁ ଏକ ଘଣ୍ଟା ମଧ୍ୟରେ ଚିକିତ୍ସା କରାଗଲେ ସେମାନଙ୍କ ଜୀବନ ବଞ୍ଚାଯାଇପାରିବ ବୋଲି ସମସ୍ତଙ୍କୁ ଜଣାଅଛି। ହେଲେ ସରକାରଙ୍କ ବ୍ୟବସ୍ଥା ଭିତରେ ପ୍ରାୟତଃ ସେଭଳି ହୋଇପାରୁନାହିଁ। ଆହତଙ୍କୁ ନେଇ ଡାକ୍ତରଖାନାରେ ପହଞ୍ଚାଇବାକୁ ପୂର୍ବରୁ ଲୋକମାନେ କୁଣ୍ଠାବୋଧ କରୁଥିଲେ। କାରଣ ଆହତଙ୍କୁ ସାହାଯ୍ୟ କରୁଥିବା ବ୍ୟକ୍ତି ଅନେକ ସମୟରେ ପୋଲିସ୍ ଏବଂ ଡାକ୍ତରଙ୍କ ବିଭିନ୍ନ ପ୍ରକାର ପ୍ରଶ୍ନର ସମ୍ମୁଖୀନ ହେଉଥିଲେ। ୨୦୧୮ ପ୍ରାରମ୍ଭରେ ସରକାର ଏଥିରେ ସୁଧାର ପାଇଁ ଏକ ନୂଆ ନୀତି ପ୍ରଣୟନ କରିଛନ୍ତି। ଏହାଦ୍ୱାରା ପୋଲିସ୍ କିମ୍ବା ଡାକ୍ତର ଆଉ ଆହତଙ୍କୁ ଡାକ୍ତରଖାନା ଆଣିଥିବା ବ୍ୟକ୍ତି କୌଣସି ପ୍ରଶ୍ନ ପଚାରିପାରିବେ ନାହିଁ।

ଅନ୍ୟପଟେ ସେମାନଙ୍କୁ ପ୍ରୋତ୍ସାହନ ରାଶି ବାବଦକୁ ୨ହଜାର ଟଙ୍କା ସରକାରଙ୍କ ତରଫରୁ ପ୍ରଦାନ କରାଯାଉଛି। ଅନ୍ୟପଟେ ରାଜ୍ୟ ସରକାର ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା ହ୍ରାସ କରିବା ନେଇ କ'ଣ ପଦକ୍ଷେପ ଗ୍ରହଣ କରିଛନ୍ତି ତା'ର ରିପୋର୍ଟ ଦେବାକୁ ସୁପ୍ରିମକୋର୍ଟଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଆମ୍ବୁଲାନ୍ସ ଅଭାବ, ଆବଶ୍ୟକତା ଅନୁଯାୟୀ ଟ୍ରମାକେୟାର ସେଣ୍ଟରର ଅଭାବ ଏବଂ ଟ୍ରମାକେୟାରରେ ଆବଶ୍ୟକ ମେଡିକାଲ ଅଫିସର୍ ଓ ପାରାମେଡିକାଲ ଅଫିସରଙ୍କ ଅଭାବ ଏବଂ ସେମାନଙ୍କ ପାଇଁ ଉପଯୁକ୍ତ ତାଲିମ ନ ମିଳିବା ଅସୁବିଧାର ମୁଖ୍ୟ କାରଣ। ରାଜ୍ୟରେ ବର୍ତ୍ତମାନ ମାତ୍ର ୮ଟି ଟ୍ରମାକେୟାର ସେଣ୍ଟର ଅଛି। ଅଧିକ ୯ଟି ଟ୍ରମାକେୟାର ସେଣ୍ଟର କରିବା ପାଇଁ କେନ୍ଦ୍ର ସରକାରଙ୍କୁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପ୍ରସ୍ତାବ ଦେଇଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ୯ଶହ ପାରାମେଡିକାଲ ଷ୍ଟାଫ୍‌ଙ୍କୁ ତାଲିମ ଦେବାକୁ ସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟପନ୍ଥା ଗ୍ରହଣ କରାଯିବା ସହ ଅଧିକ ଆମ୍ବୁଲାନ୍ସ ସେବା ଦେବାକୁ କୁହାଯାଇଛି ବୋଲି ଅଧିକାରୀ ଜଣକ ସୂଚନା ଦେଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯେତେ ଖାଇଲେ ନ ପୂରିଲା ପେଟ,**
**ବିରି ଓଲିଆରେ ମାଇଲା ଥଣ୍ଟ ।**

ଯାହାର ଖାଦ୍ୟ ପ୍ରତି ଅଧିକ ଲୋଭ ରହିଥାଏ ସେ ଯେତେ ପେଟ ପୂରାଇ ଖାଇଥିଲେ ମଧ୍ୟ ଆହୁରି ଖାଦ୍ୟ ଖାଇବା ନେଇ ମନ ବଳାଇଥାଏ। ଖାଦ୍ୟଲୋଭୀ ବ୍ୟକ୍ତିଙ୍କୁ ଖାଦ୍ୟ ଛଡ଼ା ଆଉ କିଛି ବି ଦୃଶ୍ୟ ହୋଇ ନ ଥାଏ। ପେଟୁ ସ୍ୱଭାବ ବ୍ୟକ୍ତିଙ୍କର ଖାଦ୍ୟ ପ୍ରତି ରହିଥିବା ଅହେତୁକ ଲାଳସା ଭାବନା ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଯାହାର ଲାଗି ଚୋରି କଲି,**
**ସେ ଡାକୁଛି ଚୋର ବୋଲି ।**

ଯାହା ପ୍ରତି ମନରେ ସ୍ନେହ, ଆଦର ତଥା ଦରଦଭାବ ରହିଥାଏ ତା'ପ୍ରତି ମନରେ ସ୍ୱତଃପ୍ରବୃତ୍ତ ଦୁର୍ବଳତା ରହିଥାଏ। ଏଭଳି ସ୍ଥିତିରେ ଉକ୍ତ ଆତ୍ମୀୟ ବ୍ୟକ୍ତିର ରୁକ୍ଷ ବ୍ୟବହାର ଭଲ ପାଉଥିବା ବ୍ୟକ୍ତିର ଦେହ ଓ ମନକୁ ଯନ୍ତ୍ରଣାସିକ୍ତ କରିଦେଇଥାଏ। ଯାହାକୁ ଖୁସି କରିବା ଲାଗି ଯିଏ ନାନା ବିପଦକୁ ଭ୍ରୂକ୍ଷେପ ନ କରି ବହୁ କଷ୍ଟ ସ୍ୱୀକାର କରି କାର୍ଯ୍ୟ କରେ ସେ ବାହାବା ବା ପ୍ରଶଂସା ବଦଳରେ ଯଦି ଲାଞ୍ଛନା ପାଏ ତା'ହେଲେ ମନର ବେଦନା ଦ୍ୱିଗୁଣିତ ହୋଇଯିବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

### ସରକାରଙ୍କୁ କାଠଗଡ଼ାକୁ ଟାଣିଲେ ଟ୍ୟାକ୍ସ ଆସୋସିଏଶନ

# ଆଇଟି କମିଶନରଙ୍କୁ ପ୍ରୋତ୍ସାହନ ଦେବାକୁ ବିରୋଧ

ନୂଆଦିଲ୍ଲୀ, ୧୬।୧୧

ଟିକସ ବିବାଦ କ୍ଷେତ୍ରରେ ସରକାରଙ୍କ ସପକ୍ଷରେ ରାୟ ଦେବା ପାଇଁ ଆୟକର ବିଭାଗ ପକ୍ଷରୁ ବିଚାରପତି କ୍ଷମତା ପାଇଥିବା ଆୟକର କମିଶନର(ଅପିଲ)ଙ୍କୁ ପ୍ରୋତ୍ସାହନ ରାଶି ଦେବାକୁ ବିରୋଧ କରିଛି ଅଲ୍ ଇଣ୍ଡିଆ ଟ୍ୟାକ୍ସ ପ୍ରାକ୍ଟିଶନର୍ସ ଆସୋସିଏଶନ। ଏହା ସେଣ୍ଟ୍ରାଲ ବୋର୍ଡ ଅଫ ଡାଇରେକ୍ଟ ଟ୍ୟାକ୍ସେସ(ସିବିଡିଟି) ବିରୋଧରେ ଦିଲ୍ଲୀ ହାଇକୋର୍ଟରେ ମାମଲା ଦାଏର କରିଛି। ସରକାରଙ୍କ ସପକ୍ଷରେ ଯେତେ ଅଧିକ ରାୟ ପ୍ରକାଶ ପାଇବ ଆୟକର କମିଶନର(ଅପିଲ)ଙ୍କ ସେହି ଅନୁପାତରେ ପ୍ରୋତ୍ସାହନ ରାଶି ଦିଆଯିବ ବୋଲି ସିବିଡିଟି ପକ୍ଷରୁ ଏକ ନୀତି ପ୍ରଣୟନ କରାଯାଇଛି। ଏହାଦ୍ୱାରା ଟିକସ ଆତଙ୍କବାଦ ବଢ଼ିବା ସହିତ ବିବାଦ ଅଧିକ ହେବ। ତେବେ ସରକାର ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଏଥିରେ ଦର୍ଶାଯାଇଛି ଯେ, ଆୟକର ସମ୍ପର୍କିତ ବିବାଦର ପ୍ରଥମ ଶୁଣାଣି ଆୟକର କମିଶନର କରିଥାନ୍ତି। ଏଠାରୁ ଆବଶ୍ୟକ ମୁତାବକ ରାୟ ନ ମିଳିଲେ କମ୍ପାନୀ କିମ୍ବା ଟିକସଦାତା ଉପରିସ୍ଥ ଅଦାଲତକୁ ଯାଇପାରିବେ। ଅନ୍ୟପକ୍ଷରେ ଆସୋସିଏଶନ ପକ୍ଷରୁ କୁହାଯାଇଛି ଯେ, ସରକାରଙ୍କ ନୂଆ ନୀତି ଦ୍ୱାରା ନିରପେକ୍ଷତା ବଜାୟ ରହିବ ନାହିଁ ବୋଲି ଆସୋସିଏଶନ ଅଭିଯୋଗ କରିଛି।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳଦ୍ୱାର ଫିସର (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

# ଦେବାଶିଷଙ୍କ ସହ ୧୦ ଜଣଙ୍କୁ ଜାମିନ

## ପୂର୍ବତନ ପୌର ଉପାଧ୍ୟକ୍ଷଙ୍କୁ ଆକ୍ରମଣ ମାମଲା

ଆନନ୍ଦପୁର, ୧୬।୧୧(ସ୍ୱ.ପ୍ର.)

ଘସିପୁରା ଥାନାରେ ରୁଜୁ ହୋଇଥିବା ଏକ ମାମଲାର ବିଚାର କରି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ବଦ୍ରିନାରାୟଣ ପାତ୍ରଙ୍କ ପୁଅ ଦେବାଶିଷ ପାତ୍ରଙ୍କ ସମେତ ୧୦ ଜଣଙ୍କୁ ଶୁକ୍ରବାର ଆନନ୍ଦପୁର ଅତିରିକ୍ତ ଜିଲା ଦୌରାଜଜ୍ ବିଶ୍ୱଜିତ୍ ମହାନ୍ତି ଜାମିନ୍ ମଞ୍ଜୁର କରିଛନ୍ତି। ସେମାନେ ହେଲେ ନିରଞ୍ଜନ ସାହୁ, ଆଶିଷ ବେହେରା, ଅଜୟ ସାହୁ, ଅକ୍ଷୟ ସାହୁ, ମନୋରଞ୍ଜନ ସାହୁ, କାଳିଆ ମହାକୁଡ, ବିଶ୍ୱଜିତ୍ ମହାରଣା, ସିପୁନ୍ ବେହେରା, ମହେଶ୍ୱର ସାହୁ। ପୂର୍ବତନ ପୌର ଉପାଧ୍ୟକ୍ଷ ସୁରେଶ ସାହୁଙ୍କୁ ଆକ୍ରମଣ ଏବଂ ଘସିପୁରା ଥାନାରେ ରୁଜୁ ହୋଇଥିବା ଏକ ମାମଲା (ନଂ. ୧୮୧/୧୮) ବିଚାର ହୋଇଥିଲା। ଆଇନଜୀବୀଙ୍କ ଆନ୍ଦୋଳନ ପ୍ରତ୍ୟାହୃତ ପରେ ଦେବାଶିଷଙ୍କ ପକ୍ଷରୁ ବରିଷ୍ଠ



ଦେବାଶିଷ ପାତ୍ର

ଆଇନଜୀବୀ ତଥା ଓକିଲ ସଂଘର ସଭାପତି ସଞ୍ଜୟ କୁମାର ମିଶ୍ର ଓ ପ୍ରତିପକ୍ଷ ସରକାରୀ ଓକିଲଙ୍କ ଯୁକ୍ତି ଶୁଣିବା ପରେ ୨୦ ହଜାର ଟଙ୍କାର ୨ ଜଣ ଜାମିନ୍‌ଦାରଙ୍କ ବଳରେ ଜାମିନ୍ ମଞ୍ଜୁର ହୋଇଥିବା ଜଣାଯାଇଛି। ଦେବାଶିଷଙ୍କ ସହ ଅନ୍ୟମାନଙ୍କ ନାମରେ କେନ୍ଦୁଝର ଜିଲା କୋର୍ଟରେ ଏକ ମାମଲା (ନଂ.୫୮/୨୦୧୮)ର ବିଚାରାଧୀନ ରହିଥିବାରୁ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ସେମାନଙ୍କୁ ଜିଲା ବିଚାର ବିଭାଗୀୟ ହାଜତରେ ରହିବାକୁ ପଡ଼ିବ ବୋଲି ଜଣାପଡ଼ିଛି। ସେପ୍ଟେମ୍ବର ୬ ତାରିଖରେ ଘସିପୁରା ବସଷ୍ଟାଣ୍ଡ ପରିସରରେ ଆନନ୍ଦପୁରର ପୂର୍ବତନ ପୌର ଉପାଧ୍ୟକ୍ଷ ସୁରେଶଙ୍କ ଉପରେ ଆକ୍ରମଣ ହୋଇଥିବା ନେଇ ଘସିପୁରା ଥାନାରେ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ଦେବାଶିଷଙ୍କୁ ପୋଲିସ ଗିରଫ କରିଥିଲା। ପରେ ଅନ୍ୟମାନେ ଥାନାରେ ଆତ୍ମସମର୍ପଣ କରିଥିଲେ।

### ବୋର୍ଡ ବୈଠକ ପରେ ଟାଟା ସନ୍ସର ସ୍ପଷ୍ଟୋକ୍ତି

# ଜେଟ୍ ଏୟାରୱେଜରୁ ପ୍ରସ୍ତାବ ମିଳିନି

ମୁମ୍ବାଇ, ୧୬।୧୧

ସଙ୍କଟଗ୍ରସ୍ତ ଘରୋଇ ବିମାନ କମ୍ପାନୀ ଜେଟ୍ ଏୟାରୱେଜକୁ କିଣିବା ନେଇ ଟାଟା ସନ୍ସ ବୋର୍ଡ ବୈଠକ ଅନୁଷ୍ଠିତ ହୋଇଯାଇଛି। ତେବେ କମ୍ପାନୀ କିଣିବା ନେଇ ଜେଟ୍‌ରୁ କୌଣସି ପ୍ରସ୍ତାବ ଆସିନି ବୋଲି ବୋର୍ଡ ବୈଠକ ଶେଷରେ ଟାଟା ସନ୍ସ ପକ୍ଷରୁ କୁହାଯାଇଛି। ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ପୂର୍ଣ୍ଣ ସେବା ବିମାନ କମ୍ପାନୀ ବିସ୍ତାରା ଏବଂ ଏୟାର ଏସିଆ ଇଣ୍ଡିଆ ସହ ମିଶି ଟାଟା ସନ୍ସ ଯୌଥ ଭାବେ ଦୁଇଟି ବିମାନ କମ୍ପାନୀ ପରିଚାଳନା କରୁଛି। ତେବେ ଗ୍ରୁପ୍ ଦ୍ୱାରା ପରିଚାଳିତ ନିଜସ୍ୱ ଏକ ବିମାନ କମ୍ପାନୀ ପାଇଁ ଟାଟା ପକ୍ଷରୁ ଦୀର୍ଘଦିନ ହେଲା ଉଦ୍ୟମ ହୋଇଆସୁଛି। ସିଙ୍ଗାପୁର ଏୟାରଲାଇନ୍ସ ସହ ମିଶି ଟାଟା ସନ୍ସ ନରେଶ ଗୋଏଲଙ୍କ ମାଲିକାନାରେ ଥିବା ଜେଟ୍ ଏୟାରୱେଜକୁ କିଣିବାକୁ ଯାଉଛି ବୋଲି ଗତ କିଛି ଦିନ ହେବ ମିଡିଆରେ ବେଶ୍ ଚର୍ଚ୍ଚା ହେଉଥିଲା। ଏପରିକି ଏହି ଖବର ପ୍ରଚାରିତ ହେବା ପରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜରେ ଜେଟ୍ ଏୟାରୱେଜ ଶେୟାର ମୂଲ୍ୟ ଇତିମଧ୍ୟରେ ୮ ପ୍ରତିଶତ ବୃଦ୍ଧି ପାଇ ୩୪୬.୮୫ଟଙ୍କାରେ ପହଞ୍ଚିଯାଇଛି। ଜେଟ୍‌କୁ ରକ୍ଷା କରିବା ଲାଗି ଟାଟାକୁ ହସ୍ତକ୍ଷେପ କରିବାକୁ କେନ୍ଦ୍ର ସରକାର ଅନୁରୋଧ କରିଥିବା ନେଇ ମିଡିଆରେ ଆଉ ଏକ ଚର୍ଚ୍ଚା ବେଶ୍ ଜୋର ଧରିଛି। ଅନ୍ୟପକ୍ଷରେ ବୋର୍ଡ ବୈଠକ ଶେଷରେ ଟାଟା ସନ୍ସ ପକ୍ଷରୁ କୁହାଯାଇଛି ଯେ, ଆଲୋଚନା ପ୍ରାରମ୍ଭିକ ସ୍ତରରେ ହୋଇଛି। ଏଥିପାଇଁ କୌଣସି ପ୍ରସ୍ତାବ ଆସିନି।


# CLASSIFIED DISPLAY

ALL EDITION-B/W (Every Day) For Booking Contact: 0674-2580385, 7894447131, 7894447148, 9437038266, 7894447166

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

SMS JOB
SEND SMS, EARN MONEY
TELECOM - GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାତ୍ର ୧୦୦ କରି SMS ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ !
କମ୍ପାନୀ ଦ୍ୱାରା Mobile + Laptop + Bike SIM + 5000/- ର ଉପହାର Free
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
08013841721
08013848031

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

ସରକାରୀ ଜନଧନ ଯୋଜନା ଅଧୀନରେ
DHANLAXMI FINANCE PVT. LTD.
(Regd. No.- 004554MH)
ଦ୍ୱାରା ସରକାରୀ ବ୍ୟାଙ୍କରୁ ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ରାଶନକାର୍ଡ, ପର୍ସନାଲ , ଗ୍ରୁପ୍ ଋଣ ଏବଂ ସମସ୍ତ ଋଣ କେବଳ 24 ଘଣ୍ଟାରେ ପାଆନ୍ତୁ । 2% ସୁଧ 50% ରିହାତି
Helpline Number
9897499698
Goudunipokhari, Pharsibandha, Bhadrak, Odisha - 756132

!! ଋଣ ଋଣ ଋଣ !!
ସରକାରୀ ଯୋଜନା ଲୋନ୍ ସ୍କିମ୍ ଦ୍ୱାରା
ଶ୍ରୀ ରାମ ଫାଇନାନ୍ସ
ମାର୍କଶିଟ୍ ଋଣ ଅଷ୍ଟମ, ଦଶମ ପାସ୍ ବେରୋଜଗାର 5,00,000-50,00,000 ପର୍ଯ୍ୟନ୍ତ ଋଣ ପାଆନ୍ତୁ
!! ନୋ ଏଗ୍ରିମେଣ୍ଟ, ନୋ ଗ୍ୟାରେଣ୍ଟର !!
2% ସୁଧ, 50% ରିହାତି + ସବ୍‌ସିଡି ପାଆନ୍ତୁ
ଯୋଗାଯୋଗ କରନ୍ତୁ
9625338716
9625390375
Add : - T-51, Gautampuri, Delhi

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ। ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୨। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେସନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ନେକ୍ସଷ୍ଟ୍ରା, ରାମ ଲିଙ୍ଗ ଟ୍ୟାଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଳ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଗା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

କୁବେର ଫାଇନାନ୍ସ
ମୁଖ୍ୟମନ୍ତ୍ରୀ ଯୋଜନା ଦ୍ୱାରା ସବୁ ଋଣ ଘରେ ବସି 24 ଘଣ୍ଟାରେ ପାଆନ୍ତୁ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, BPL, ମହିଳା ଗ୍ରୁପ୍ ଋଣ 0% ସୁଧ, 35% ସବ୍‌ସିଡି
Helpline:
18002126755
08802683947
310, GRAM-MAHAMMADAPUR, TEHSIL- GOGWA, DISTRICT- KHARGONE (M.P.) - 451335

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖବରଦାର୍ କଳା ଶିକ୍ଷା
ଯେଉଁଠି ଜ୍ଞାନ ସେଠି ହେବ A to Z ସମସ୍ୟାର ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଲେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଟେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ସିକନ୍ଦର
21 ଦୈବିକ ବିଦ୍ୟାରେ ନିପୁଣ
9997796211

ଡିଜିଟାଲ ଉପକରଣ
ହିନ୍ଦୁସ୍ତାନ ଗ୍ରୁପ୍ ଭାରତର ସର୍ବପ୍ରଥମ କମ୍ପାନୀ (ରେଜି. odis77407) । ଖାଲି ଜମିରେ ଡିଜିଟାଲ ଉପକରଣ ଲଗାନ୍ତୁ। ଅଗ୍ରିମ 70,000,00 ଭଡ଼ା 50,000 + ଏକ ବାଇକ୍ + 1 ଲାପଟପ୍ ଫ୍ରି + ମାସିକ 60,000ର ଅନ୍ୟାନ୍ୟ ସୁବିଧା। (ଇଚ୍ଛୁକ ବ୍ୟକ୍ତି ଫୋନ୍ କରନ୍ତୁ)
8670077673
310, Gram-Mohammadapur, Village- Mahammadpur, Tehsil- Gogawa, Dist- Khargone, MP - 451335

ଡିଜିଟାଲ ଉପକରଣ
ଭାରତ ସରକାର ଡିଜିଟାଲ ଉପକରଣ କମ୍ପାନୀ ଦ୍ୱାରା ଓଡ଼ିଶାର ଚାଷୀ ଭାଇ ନିଜ ଖାଲି ଜମି, ପ୍ଲଟ୍, ଛାତ ଉପରେ ଡିଜିଟାଲ ଉପକରଣ ଲଗାନ୍ତୁ। ଭଡ଼ା ୨୦,୦୦୦, ଅଗ୍ରିମ ୨୦,୦୦,୦୦୦ + 500 ସିମ୍ ମାଗଣା + ଅନ୍ୟାନ୍ୟ ସୁବିଧା ଭାରତର ନଂ.1 ବିଶ୍ୱସନୀୟ କମ୍ପାନୀ ଚାଷୀଭାଇ ନିଜ ନାମ-ଠିକଣା SMS କରନ୍ତୁ
09911912234
08750097511
Plot No.3, Sector-II, CBD Belapur, Navi Mumbai-400614

BALADEV FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Personal, Business, Home, Certificate, Property, କୃଷି ଓ ଶିକ୍ଷା ପାଇଁ ସମସ୍ତ ପ୍ରକାର loan Baladev Finance ଦ୍ୱାରା ଯୋଗାଇ ଦିଆଯାଉଛି। ସୁଧ ୨%
M: 7750923286
7750921101

ଦୀପାବଳି ଧମାକା
!! ନୋ ଏଗ୍ରିମେଣ୍ଟ, ନୋ ଗ୍ୟାରେଣ୍ଟର !!
ଭାରତର ନଂ.1 ଫାଇନାନ୍ସ କମ୍ପାନୀ
ଏହି ଅଫର୍ 30 ନଭେମ୍ବର ପର୍ଯ୍ୟନ୍ତ ଉପଲବ୍ଧ
ଘରେ ବସି ଋଣ ପାଆନ୍ତୁ 3 ଘଣ୍ଟାରେ
ଋଣ କମ୍ ସୁଧରେ
ମାର୍କଶିଟ୍, ଆଧାରକାର୍ଡ ଇତ୍ୟାଦି ଋଣ
ମାତା/ଭଉଣୀଙ୍କୁ ବିଶେଷ ରିହାତି
2% ସୁଧ 50% ରିହାତି + ସବ୍‌ସିଡି
9625419406
8695337370
Add : - 41/14, Sec-1 Pushp Vihar, Delhi

FINANCE
New India Corporation
ପର୍ସନାଲ, ଏଜ୍ୟୁକେସନ୍, ପ୍ରପର୍ଟି, ଏଗ୍ରିକଲଚର୍, ଟେକ୍‌ଓଭର୍ ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଯୋଗାଇ ଦେଉଛୁ ।
Ground Floor, Plot No.- D97, Sect-IV, MVP Colony, Visakhapatnam AP-530017
7606062787
7606085833
Email Id- newindiacorp099@gmail.com


**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

* GST 5% Extra

ବିଶ୍ୱଶାନ୍ତି ନିମିତ୍ତ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ପ୍ରଥମ ଥର ପାଇଁ ଭାରତୀୟ ଆଧାତ୍ମିକ ଗୁରୁ ଶ୍ରୀ ଶ୍ରୀ ରବିଶଙ୍କରଙ୍କ ସହ ହଜାର ହଜାର ଲୋକ ଧ୍ୟାନ କରିଛନ୍ତି। ଫୁଜାଇରା ଫୁଟବଲ୍ ଷ୍ଟାଡିୟମ୍‌ରେ ପ୍ରାୟ ୧୦,୬୪୫ ଲୋକ ସମବେତ ହୋଇଥିଲେ। ତନ୍ମଧ୍ୟରେ ଆବାଳ ବୃଦ୍ଧ ବନିତା ଥିଲେ।



## ସଂକ୍ଷେପରେ

### ବିଜେଡି ଆଇଟି ସେଲ୍ ଗଠିତ

**ଭୁବନେଶ୍ୱର,୧୬।୧୧(ବ୍ୟୁରୋ):** ବିଜୁ ଜନତା ଦଳ ପକ୍ଷରୁ ଶୁକ୍ରବାର ବିଧିବଦ୍ଧ ଭାବେ ଏକ ଆଇଟି ସେଲ୍ ଗଠନ କରାଯାଇଛି। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଆଇଟି ସେଲ୍ ଗଠିତ ହୋଇଛି। ସେଲ୍‌ର ଅଧକ୍ଷ ଭାବେ ଅମର ପଟ୍ଟନାୟକଙ୍କୁ ନିଯୁକ୍ତି ଦିଆଯାଇଛି। ବିଜେଡିର ଆଭିମୁଖ୍ୟ, ବାର୍ତ୍ତା ଓ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଜନସାଧାରଣଙ୍କୁ ଏହି ସେଲ୍ ଠିକ୍ ଏବଂ ତ୍ୱରିତ ବାର୍ତ୍ତା ପ୍ରଦାନ କରିବ ବୋଲି କୁହାଯାଇଛି। ସେହିପରି ଯୁବ ବିଜେଡି ସଭାପତି ଅମରେଶ ପତ୍ରୀ, ଛାତ୍ର ବିଜେଡି ସଭାପତି ରାଣାପ୍ରତାପ ପାତ୍ର, ମହିଳା ବିଜେଡି କାର୍ଯ୍ୟକାରୀ ସଭାପତି ଶ୍ରୀମୟୀ ଶ୍ୱେତା ସ୍ନିଗ୍ଧା ମିଶ୍ର, ମୁଖପାତ୍ର ସସ୍ମିତ ପାତ୍ର ଓ ସୁଲୋଚନା ଦାସ ଏବଂ ପ୍ରସନ୍ନଜିତ୍ ପତିଙ୍କୁ ଆଇଟି ସେଲ୍‌ର ସଦସ୍ୟଭାବେ ମନୋନୀତ କରାଯାଇଛି।

### ଭାଜପା ଜିଲା କାର୍ଯ୍ୟକାରିଣୀ ସଦସ୍ୟ ସନ୍ତୋଷ ଖଟୁଆ ନିଲମ୍ବିତ

**ଭୁବନେଶ୍ୱର, ୧୬।୧୧(ବ୍ୟୁରୋ):** ବାଲେଶ୍ୱର ଜିଲା ନୀଳଗିରି ବିଧାନସଭା ନିର୍ବାଚନ ମଣ୍ଡଳୀର କାର୍ଯ୍ୟକାରିଣୀ ସଦସ୍ୟ ସନ୍ତୋଷ ଖଟୁଆଙ୍କୁ ଦଳର ପ୍ରାଥମିକ ସଦସ୍ୟ ପଦରୁ ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା ଶୁକ୍ରବାର ନିଲମ୍ବନ କରିଛନ୍ତି। ଦଳର ଅନୁଶାସନ ଭଙ୍ଗ ଏବଂ ବିଶୃଙ୍ଖଳିତ କାର୍ଯ୍ୟକଳାପ ପାଇଁ ତାଙ୍କୁ ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ନିଲମ୍ବିତ କରାଯାଇଛି। ଏହାସହ ନୂତନ ମଣ୍ଡଳ ସଭାପତି ଭାବେ ଲକ୍ଷ୍ମୀକାନ୍ତ ବେହେରା, କମଳାକାନ୍ତ ମହାକୁଡ଼, କରୁଣାକର ପଣ୍ଡା, ତାପସ ମହାନ୍ତି, ଅଭୟ ମିଶ୍ରଙ୍କୁ ଦାୟିତ୍ୱ ଦିଆଯାଇଛି ବୋଲି ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଦଳର ମୁଖପାତ୍ର ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି।

### ଫାର୍ମାସିଷ୍ଟଙ୍କ ଘରେ ଭିଜିଲାନ୍ସ ଯାଞ୍ଚ

#### ୧.୬୨ କୋଟିର ସମ୍ପତ୍ତି ଠାବ

**କଟକ ଅଫିସ/ବାରିପଦା ଅଫିସ୍, ୧୬।୧୧:** ମୟୂରଭଞ୍ଜ ଜିଲାର ବାରିପଦା ସଦର ଅଧୀନ ରଙ୍ଗମାଟିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଫାର୍ମାସିଷ୍ଟ ସଞ୍ଜୀବ କୁମାର ପତିଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ଆସିଥିଲା। ଭିଜିଲାନ୍ସ ପକ୍ଷରୁ ଶୁକ୍ରବାର ପତିଙ୍କ ଘର, ଅଫିସ ସମେତ ୩ ସ୍ଥାନରେ ଏକକାଳୀନ ଯାଞ୍ଚ କରାଯାଇଥିଲା। ଯାଞ୍ଚ ସ୍ଥାନଗୁଡ଼ିକ ମଧ୍ୟରେ ବାରିପଦା ସହରର ତୁଳସୀଚଉରା ନିକଟରେ ଥିବା ଚାରି ମହଲା କୋଠା, ବାରିପଦା ସହରରେ ଥିବା ଆଉ ଏକ ଘର ଓ ରଙ୍ଗମାଟିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ଉପରୋକ୍ତ ସ୍ଥାନଗୁଡ଼ିକୁ ଯାଞ୍ଚ କରିବା ପରେ ଭିଜିଲାନ୍ସ ପତିଙ୍କ ସ୍ଥାବର ଅସ୍ଥାବର ସମ୍ପତ୍ତିର ହିସାବ କରିଛି। ଏହି ଅନୁଯାୟୀ ପତି ଓ ତାଙ୍କ ପରିବାରର ମୋଟ ୧ କୋଟି ୬୨ ଲକ୍ଷ ୪୪ହଜାର ୯୯୬ ଟଙ୍କା ମୂଲ୍ୟର ସମ୍ପତ୍ତି ଥିବା ଭିଜିଲାନ୍ସ ସୂଚନା ଦେଇଛି।

# ମୁଖ୍ୟମନ୍ତ୍ରୀ ଚେହେରା ନେଇ ନିରଞ୍ଜନ-ଶ୍ରୀକାନ୍ତ ମୁହାଁମୁହିଁ

**କଂଗ୍ରେସ ରାଜନୀତି**

■ ମହିଳା ପ୍ରାର୍ଥିତ୍ୱ ନେଇ ଉଭୟଙ୍କ ସହମତି

ଭୁବନେଶ୍ୱର,୧୬।୧୧(ବ୍ୟୁରୋ)

ଆଗକୁ ସାଧାରଣ ନିର୍ବାଚନ। ଓଡ଼ିଶାରେ ଲୋକ ସଭା, ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଦୀର୍ଘ ୧୮ ବର୍ଷ ଧରି ରାଜ୍ୟ କ୍ଷମତାରୁ ଦୂରରେ ଥିବା କଂଗ୍ରେସ କାହାକୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କରିବ, ତାହାକୁ ନେଇ ରାଜ୍ୟ ରାଜନୀତି ଜୋର୍ ଧରିଛି। ଇସ୍ତାହାର କମିଟି ମୁଖ୍ୟ ଶ୍ରୀକାନ୍ତ ଜେନା ଏସ୍‌ସି, ଏସ୍‌ଟି ଓ ଅନ୍ୟାନ୍ୟ ପଛୁଆ ବର୍ଗରୁ ଜଣଙ୍କୁ ମୁଖ୍ୟମନ୍ତ୍ରୀ କରିବା ପାଇଁ ପ୍ରସ୍ତାବ ଦେଇଥିଲେ, ଏହାକୁ ନେଇ ପ୍ରାଥମିକ ଭାବେ ବିତର୍କ ଦେଖାଦେଇଥିଲା। କିଛିଦିନ ବ୍ୟବଧାନ ପରେ ଉକ୍ତ ପ୍ରସଙ୍ଗରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ମତାମତ ଚର୍ଚ୍ଚାକୁ ଉଜ୍ଜୀବିତ କରିଛି।



ଶ୍ରୀକାନ୍ତ ଜେନା



ନିରଞ୍ଜନ ପଟ୍ଟନାୟକ

ଗଣମାଧ୍ୟମ ପ୍ରତିନିଧିଙ୍କୁ ମତାମତ ଦେଇ ନିରଞ୍ଜନ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ କିଏ ହେବ। ତାହା ବିଧାୟକମାନେ ସ୍ଥିର କରିବେ। ସେମାନେ ଯଦି ଚାହିଁବେ, ତେବେ ଦଳିତ, ଆଦିବାସୀ କିମ୍ବା ଅନ୍ୟାନ୍ୟ ପଛୁଆ ବର୍ଗରୁ ମୁଖ୍ୟମନ୍ତ୍ରୀ ହେବେ। ହେଲେ ଏମାନଙ୍କ କଥା କହୁଥିବା ବ୍ୟକ୍ତି ମହିଳା ଏବଂ ସଂଖ୍ୟାଲଘୁଙ୍କ କଥା ଭୁଲିଗଲେ କେମିତି। ମହିଳାମାନେ ଜନସଂଖ୍ୟାର ପ୍ରାୟ ୫୦ ପ୍ରତିଶତ। ସେମାନଙ୍କ ମଧ୍ୟରୁ ଜଣେ ମଧ୍ୟ ମୁଖ୍ୟମନ୍ତ୍ରୀ ହେବାରେ ଅସୁବିଧା ନାହିଁ ବୋଲି ନିରଞ୍ଜନ କହିଛନ୍ତି।

ନିରଞ୍ଜନଙ୍କ ଏହି କଥା ଉପରେ ମତ ରଖି ଶ୍ରୀକାନ୍ତ କହିଛନ୍ତି ଯେ, ନିରଞ୍ଜନ ବାବୁଙ୍କୁ ସାଧୁବାଦ। ଜଣେ ମହିଳାଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ଦେଇଥିବା ପ୍ରସ୍ତାବକୁ ସେ ସମର୍ଥନ କରୁଛନ୍ତି। ହେଲେ ବହୁଜନ ଯଥା ରାଜ୍ୟର ୯୪ ପ୍ରତିଶତ ବର୍ଗ(ଏସ୍‌ସି,ଏସ୍‌ଟି, ଓବିସି)ରୁ ଉକ୍ତ ମହିଳା ହେବା ଆବଶ୍ୟକ। ଯୋଗ୍ୟ ମହିଳାଙ୍କୁ ଆଗକୁ ଆଣି ତାଙ୍କ ହାତରେ ଶାସନର ଡୋରି ଧରାଇବା ହିଁ କଂଗ୍ରେସର ଧର୍ମ। ବହୁଜନ ବର୍ଗର ପ୍ରତିନିଧିତ୍ୱ ନେଇ ସେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ସହ କଥା ହୋଇଥିବା ଶ୍ରୀକାନ୍ତ କହିଛନ୍ତି। ଏହାକୁ ରାହୁଲଙ୍କ ସମର୍ଥନ ରହିଥିବା ମଧ୍ୟ ଯୁକ୍ତି ବାଢ଼ିଛନ୍ତି। ହେଲେ ନିରଞ୍ଜନ ଏହାକୁ ନେଇ ପ୍ରତିକ୍ରିୟାଶୀଳ ହୋଇପଡିଛନ୍ତି। ସେ କହିଛନ୍ତି ଯେ, ଯଦି ରାହୁଲ ଗାନ୍ଧୀଙ୍କ ସମର୍ଥନ ରହିଛି, ତେବେ ଜଣେ ପଟ୍ଟନାୟକଙ୍କୁ କାହିଁକି ପିସିସି ସଭାପତି କରିଛନ୍ତି। ଏହାର ପ୍ରତିକ୍ରିୟାରେ ଶ୍ରୀକାନ୍ତ କହିଛନ୍ତି ଯେ, ପଟ୍ଟନାୟକ ସାଙ୍ଗିଆ କାରଣରୁ କେହି ପିସିସି ସଭାପତି, ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କିମ୍ବା ମୁଖ୍ୟମନ୍ତ୍ରୀ ହୁଅନ୍ତି ବୋଲି ସେ ଧାରଣା ତାଙ୍କର ନାହିଁ। ଭୋଟ ବହୁଜନଙ୍କର, ତେଣୁ ସରକାର କିମ୍ବା ପ୍ରତିନିଧିତ୍ୱ ସେମାନଙ୍କର ହେବା ଆବଶ୍ୟକ।

# ଧାର୍ଯ୍ୟଲକ୍ଷ୍ୟ ପୂରଣ ପାଇଁ କୃଷିମନ୍ତ୍ରୀଙ୍କ ଆହ୍ୱାନ

**ରବି କର୍ମଶାଳା ୨୦୧୮-୧୯**

■ ୧୦ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ସଂଗ୍ରହ ଲକ୍ଷ୍ୟ

ଭୁବନେଶ୍ୱର,୧୬।୧୧(ବ୍ୟୁରୋ)

ଚଳିତ ରବି ଋତୁରେ ଧାର୍ଯ୍ୟ ଉତ୍ପାଦନ ଲକ୍ଷ୍ୟ ହାସଲ ପାଇଁ କୃଷିମନ୍ତ୍ରୀ ପ୍ରଦୀପ ମହାରଥୀ ବିଭାଗୀୟ ଅଧିକାରୀମାନଙ୍କୁ ଆହ୍ୱାନ ଦେଇଛନ୍ତି । ସ୍ଥାନୀୟ କୃଷି ଭବନରେ ଶୁକ୍ରବାର ରାଜ୍ୟସ୍ତରୀୟ ତିନିଦିନିଆ ପ୍ରାକ୍ ରବି କର୍ମଶାଳାରେ ଯୋଗଦେଇ ମନ୍ତ୍ରୀ ଏହି କଥା କହିଛନ୍ତି। ମହାରଥୀ କହିଛନ୍ତି ଯେ, ଚଳିତ ରବି ଋତୁରେ ଅନ୍ୟୂନ ୧୦ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ଏବଂ ୭.୩ ଲକ୍ଷ ମେଟ୍ରିକ୍ ଟନ୍ ଡାଲିକୁ ମିଶାଇ ମୋଟ ୧୮.୭୨ ଲକ୍ଷ ମେଟ୍ରିକ୍ ଟନ୍ ଖାଦ୍ୟଶସ୍ୟ ଉତ୍ପାଦନ କରାଯିବାର କାର୍ଯ୍ୟକ୍ରମ ରହିଛି। ସେହିପରି ୫.୨୭ ଲକ୍ଷ ମେଟ୍ରିକ୍ ଟନ୍ ତୈଳବୀଜ, ୭୦.୮୩ ଲକ୍ଷ ମେଟ୍ରିକ୍ ଟନ୍ ପନିପରିବା, ୧.୪୦ ଲକ୍ଷ ମେଟ୍ରିକ୍ ଟନ୍ ମସଲା ଏବଂ ୨୨.୫୦ ଲକ୍ଷ ମେଟ୍ରିକ୍ ଟନ୍ ଆଖୁ ଉତ୍ପାଦନ ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି । ନିକଟ ଅତୀତରେ ସଂଘଟିତ ତିତ୍‌ଲି ବାତ୍ୟା ଓ ମରୁଡ଼ିଜନିତ କୃଷି-କ୍ଷୟକ୍ଷତିର ପୁନଃ ଥଇଥାନ କାର୍ଯ୍ୟକ୍ରମକୁ ଅଗ୍ରାଧିକାର ଭିତ୍ତିରେ ଦୃଷ୍ଟି ଦିଆଯାଉଛି। ପ୍ରଭାବିତ ଅଞ୍ଚଳରେ ସମସ୍ତ ଉଠା ଜଳସେଚନ ପ୍ରକଳ୍ପକୁ ମରାମତି ଓ ବିଦ୍ୟୁତ୍ ସଂଯୋଗ କରାଯିବାକୁ ପଦକ୍ଷେପ ନିଆଯାଇଛି । ପ୍ରଭାବିତ ଚାଷୀଙ୍କୁ ପାଣିପମ୍ପ ଓ ସୌରଚାଳିତ ପାଣିପମ୍ପ ସ୍ୱତନ୍ତ୍ର ରିହାତି ଦରରେ ଯୋଗାଇ ଦିଆଯିବାର ବ୍ୟବସ୍ଥା ହୋଇଛି । ଅପରପକ୍ଷରେ ମରୁଡ଼ି ଯୋଗୁ ସୁଧ ହାରରେ ସ୍ୱଳ୍ପ ମିଆଦି ଋଣକୁ ମଧ୍ୟମ ଅବଧି ଋଣରେ ପରିବର୍ତ୍ତନ କରାଯିବ । ଚାଷୀମାନଙ୍କୁ ରବି ଚାଷ ପାଇଁ ନୂତନ ଭାବେ କୃଷିଋଣ ଯୋଗାଇ ଦିଆଯିବ । ଚକଡ଼ା ପୋକ ଆକ୍ରାନ୍ତ କୃଷିକ୍ଷେତ୍ର ପରିଦର୍ଶନ କରି ଏହାର ନିରାକରଣ ପାଇଁ କୃଷି ଅଧିକାରୀମାନେ ତୁରନ୍ତ ପଦକ୍ଷେପ ନେଉଛନ୍ତି । ଚାଷୀମାନଙ୍କୁ ଠିକ୍ ସମୟରେ ରବି ବିହନ ଯୋଗାଇଦେବାକୁ କୃଷି ଅଧିକାରୀମାନେ ଧ୍ୟାନ ଦେବାକୁ ମନ୍ତ୍ରୀ ମହାରଥୀଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।



ମାଲକାନଗିରି, ପୋଲସରା ନିର୍ବାଚନମଣ୍ଡଳୀର ବହୁ କର୍ମୀ ଶୁକ୍ରବାର ବିଜେଡିରେ ସାମିଲ ହେବାପରେ ନବୀନ ନିବାସରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟୁଛନ୍ତି।

# କେନ୍ଦ୍ର କୃଷିମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲା ଭାଜପା

**ଓଡିଶାରେ ଡାଲିଜାତୀୟ ଶସ୍ୟ ପାଇଁ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା**

ଭୁବନେଶ୍ୱର, ୧୬।୧୧(ବ୍ୟୁରୋ)

ଓଡିଶାରେ ଡାଲି ଜାତୀୟ ଶସ୍ୟ କିଣା ପାଇଁ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା ହେବା ପ୍ରସଙ୍ଗରେ ରାଜ୍ୟ ଭାଜପା କେନ୍ଦ୍ର କୃଷିମନ୍ତ୍ରୀ ରାଧାମୋହନ ସିଂଙ୍କୁ ଧନ୍ୟବାଦ ଜଣାଇଛି। ୨୦୧୮-୧୯ ଖରିଫ ଋତୁ ପାଇଁ ଓଡିଶାରୁ ୮୩୫୦ ମେଟ୍ରିକ ଟନର ମୁଗକିଣା ପାଇଁ କେନ୍ଦ୍ର ସରକାର ୫୯ କୋଟି ଟଙ୍କା ମଞ୍ଜୁର କରିଛନ୍ତି । ସେହିଭଳି ୫୯୫୦ମେଟ୍ରିକ ଟନର ବିରିକିଣା ପାଇଁ ୩୩ କୋଟି ଟଙ୍କା, ୪୩୭୫ମେଟ୍ରିକ ଟନର ବାଦାମ କିଣା ପାଇଁ ୨୧କୋଟି ଟଙ୍କା, ୨୬,୭୦୦ ମେଟ୍ରିକ ଟନ ହରଡଡାଲି ପାଇଁ ୧୫୧କୋଟି ଟଙ୍କା କେନ୍ଦ୍ର ସରକାର ମଞ୍ଜୁର କରିଛନ୍ତି । ଉପା ସରକାର ସମୟରେ ଡାଲି ଜାତୀୟ ଶସ୍ୟ କିଣିବା ପାଇଁ କେନ୍ଦ୍ର ସରକାରଙ୍କ ତରଫରୁ ଓଡିଶାକୁ ସେପରି କିଛି ସୁବିଧା ମିଳୁ ନ ଥିଲା। ମାତ୍ର ମୋଦି ସରକାର ସମୟରେ ଓଡିଶା ପାଇଁ ବିଶେଷଭାବେ ସୁବିଧା ମିଳୁଛି । ପ୍ରଥମଥର ପାଇଁ ଦେଶରେ ମୋଦି ସରକାର ଲାଗୁ କରିଥିବା ପିଏସଏସ (ପ୍ରାଇସ ସପୋର୍ଟ ସ୍କିମ)ରେ ଏହି ତୈଳବିଜ ସବୁ ଚାଷୀଙ୍କଠାରୁ କେନ୍ଦ୍ରୀୟ ଏଜେନ୍ସିମାନଙ୍କ ମାଧ୍ୟମରେ କିଣାଯିବ । ଏହାଦ୍ୱାରା ଚାଷୀମାନେ ସିଧାସଳଖ ନିଜବ୍ୟାଙ୍କ ଆକାଉଣ୍ଟରେ ପଇସା ପାଇବା ସହ ଆହୁରି କିଛି ସହାୟତା ରାଶି ମଧ୍ୟ ପାଇପାରିବେ ବୋଲି ଭାଜପା ରାଜ୍ୟ ମୁଖପାତ୍ର ଗୋଲକ ପ୍ରସାଦ ମହାପାତ୍ର କହିଛନ୍ତି ।

# ଭିନ୍ନକ୍ଷମଙ୍କ ପାଇଁ ସୁଗମ ହେବ ୫୦ପ୍ରତିଶତ ସରକାରୀ ଭବନ

ଭୁବନେଶ୍ୱର, ୧୬।୧୧(ବ୍ୟୁରୋ)

୨୦୧୧ ଜନଗଣନା ଅନୁଯାୟୀ ରାଜ୍ୟରେ ୧୨,୪୪,୪୦୨ଜଣ ଭିନ୍ନକ୍ଷମ ଅଛନ୍ତି। ଏମାନଙ୍କ ମଧ୍ୟରୁ ୩,୬୮,୨୧୨ଜଣ ବ୍ୟକ୍ତି କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଚଳିତ ୟୁଡିଆଇଡି ପ୍ରମାଣପତ୍ର ପାଇଁ ଦରଖାସ୍ତ କରିଛନ୍ତି। ଏଥିରୁ ୧,୪୯,୬୩୯ଜଣ ପ୍ରମାଣପତ୍ର ପାଇସାରିଛନ୍ତି। ଭିନ୍ନକ୍ଷମମାନଙ୍କ ଗମନାଗମନର ସୁବିଧା ଲାଗି କେନ୍ଦ୍ର ସରକାରଙ୍କ ଅନୁଦାନରେ ୫୦ଗୋଟି ଭବନର କାର୍ଯ୍ୟ ହାତକୁ ନିଆଯାଇଛି। ଏହାଛଡା ରାଜଧାନୀର ୨୦୮ଗୋଟି ସରକାରୀ ଭବନକୁ ସୁଗମ୍ୟ କରିବା ପାଇଁ ତ୍ୱରିତ ପଦକ୍ଷେପ ନିଆଯାଇଛି। ଏହି କାର୍ଯ୍ୟ ଆସନ୍ତା ଡିସେମ୍ବର ସୁଦ୍ଧା ସମ୍ପୂର୍ଣ୍ଣ କରାଯିବ ବୋଲି ଜଣାପଡିଛି। ବିଧାୟକ ପ୍ରିୟଦର୍ଶୀ ମିଶ୍ରଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ କହିଛନ୍ତି ଯେ, ଖୁବ୍‌ଶୀଘ୍ର ପୁରୀ, କଟକ, ବ୍ରହ୍ମପୁର, ବାଲେଶ୍ୱର, ବାରିପଦା, ଝାରସୁଗୁଡା, ଜୟପୁର, ରାଉରକେଲା, ବଲାଙ୍ଗୀର ଏବଂ ସମ୍ବଲପୁର ସହରର ୫୦ପ୍ରତିଶତ ସରକାରୀ ଭବନଗୁଡିକୁ ୨୦୧୯ ଡିସେମ୍ବର ସୁଦ୍ଧା ସୁଗମ୍ୟ କରାଯିବା ଲାଗି ବ୍ୟବସ୍ଥା ହେଉଛି। ରାଜ୍ୟ ସରକାର ଭିନ୍ନକ୍ଷମ କଲ୍ୟାଣ ପାଇଁ ଭୀମଭୋଇ ସାମର୍ଥ୍ୟ ଅଭିଯାନ ମାଧ୍ୟମରେ ଚିହ୍ନଟ, ଅସ୍ତ୍ରୋପ୍ରଚାର, ସହାୟକ ଉପକରଣ ବଣ୍ଟନ ଇତ୍ୟାଦିର ବ୍ୟବସ୍ଥା କରିବା ସହ ଭିନ୍ନକ୍ଷମ ଭତ୍ତା, ସ୍ୱତନ୍ତ୍ର ଶିକ୍ଷା, ପ୍ରଶିକ୍ଷଣ, ଛାତ୍ରବୃତ୍ତି, ଭୌତିକ ଚିକିତ୍ସା ଏବଂ ଅର୍ଥନୈତିକ ତଥା ସାମାଜିକ ପୁନର୍ବାସ ବ୍ୟବସ୍ଥା କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇ କାର୍ଯ୍ୟକାରୀ କରୁଛନ୍ତି।

■ ସାତକୋଶିଆରେ ମହାବଳ ମହାବୀର ମୃତ୍ୟୁ ଘଟଣା

# ଘଟଣାସ୍ଥଳରେ ଏନ୍‌ଟିସିଏ, ଡବ୍ଲ୍ୟୁଆଇଆଇ ବିଶେଷଜ୍ଞ

ବନ୍ତଲା, ୧୬।୧୧ (ଡି.ଏନ.ଏ.)

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟରେ କାହ୍ନାରୁ ଆସିଥିବା ମହାବଳ ମହାବୀର ମୃତ୍ୟୁ ଘଟଣାର ଅନୁଧ୍ୟାନ ଆରମ୍ଭ କରିଛି ଏନ୍‌ଟିସିଏ (ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ) ଓ ଡବ୍ଲ୍ୟୁଆଇଆଇ (ୱାଇଲ୍ଡ ଲାଇଫ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ)। ଏନ୍‌ଟିସିଏ ଆଇଜି ଅମିତ ମଲ୍ଲିକ ଓ ଡବ୍ଲ୍ୟୁଆଇଆଇର ବରିଷ୍ଠ ବିଶେଷଜ୍ଞ ଡ. କେ. ରମେଶ ଶୁକ୍ରବାର ଅନୁଗୋଳରେ ପହଞ୍ଚିବା ପରେ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା ସହ ସ୍ଥାନୀୟ ଅଧିକାରୀଙ୍କୁ ଭେଟି ଆଲୋଚନା କରିଛନ୍ତି। ଶନିବାର ପର୍ଯ୍ୟନ୍ତ ଦୁଇ ବିଶେଷଜ୍ଞ ସାତକୋଶିଆରେ ରହି ତନ୍ନତନ୍ନ କରି ଘଟଣାର ଯାଞ୍ଚ କରିବେ। ଅପରପକ୍ଷରେ ଟ୍ରାଙ୍କୁଲାଇଜ ପରଠାରୁ ବାଘୁଣୀ ସୁନ୍ଦରୀ ଏନ୍‌କ୍ଲୋଜର ମଧ୍ୟରେ ସ୍ୱାଭାବିକ ଭାବେ ଚଳପ୍ରଚଳ କରୁଥିବା ଅତିରିକ୍ତ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ସାତକୋଶିଆ କ୍ଷେତ୍ର ନିର୍ଦ୍ଦେଶକ ଡ. ସୁଦର୍ଶନ ପଣ୍ଡା ସୂଚନା ଦେଇଛନ୍ତି।



ବନ ବିଭାଗ ବଙ୍ଗଳାରେ ଏନ୍‌ଟିସିଏ ଆଇଜି ଓ ଡବ୍ଲ୍ୟୁଆଇଆଇ ବିଶେଷଜ୍ଞ।

ଏନ୍‌ଟିସିଏ ଓ ଡବ୍ଲ୍ୟୁଆଇଆଇର ଦୁଇ ଅଧିକାରୀ ପହଞ୍ଚିବା ପରେ ପ୍ରଥମେ ଅନୁଗୋଳ ବନ ବିଭାଗ ବଙ୍ଗଳାରେ ସ୍ଥାନୀୟ ଅଧିକାରୀମାନଙ୍କୁ ଭେଟିଥିଲେ। ଅପରାହ୍ନରେ ଉଭୟ ବିଶେଷଜ୍ଞ ମହାବୀରର ମୃତ୍ୟୁ ସ୍ଥାନ ପରିଦର୍ଶନ କରି ତଦନ୍ତ କରିଥିଲେ। ଅତିରିକ୍ତ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ସାତକୋଶିଆ କ୍ଷେତ୍ର ନିର୍ଦ୍ଦେଶକ ଡ. ପଣ୍ଡା, ସାତକୋଶିଆ ଡିଏଫ୍‌ଓ ରାମସ୍ୱାମୀ ପି, ଅନୁଗୋଳ ଡିଏଫ୍‌ଓ ଭି. କାର୍ତ୍ତିକ, ଏସିଏଫ୍ ଶୁଭେନ୍ଦୁ ବେହେରା, ଆର୍.କେ. ସ୍ୱାଇଁ, ସରୋଜ କୁମାର ପଣ୍ଡା, ଘନଶ୍ୟାମ ମହାନ୍ତି, ସାତକୋଶିଆ ପ୍ରାଣୀ ଡାକ୍ତର ଡ. କିଶୋର କୁମାର ସାହୁ, ଡବ୍ଲ୍ୟୁଆଇଆଇ ମନିଟରିଂ ଟିମ୍ ସଦସ୍ୟ ଡ. ସ୍ୱରୂପ କୁମାର ସାହୁ ପ୍ରମୁଖ ସେମାନଙ୍କ ସହ ଘଟଣାସ୍ଥଳକୁ ଯାଇଥିଲେ। ଖବର ଲେଖାହେବା ପର୍ଯ୍ୟନ୍ତ ବିଶେଷଜ୍ଞମାନେ ରାଇଗୁଡ଼ାରେ ଥିବା ଖବର ମିଳିଛି।

### ଆନ୍ଧ୍ର ହାତକୁ ଟେକିଦେଲେ ସ୍ୱାସ୍ଥ୍ୟକେନ୍ଦ୍ର

ଲମତାପୁଟ/ଅନକାଡେଲି, ୧୬।୧୧(ଡି.ଏନ୍.ଏ.)

ମାଓବାଦୀ ପ୍ରବଣ ତଥା ଆଦିବାସୀ ବହୁଳ କୋରାପୁଟ ଜିଲାର ଲମତାପୁଟ ବ୍ଲକ ଅନକାଡେଲି ସ୍ଥିତ ପ୍ରୋଜେକ୍ଟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଶୁକ୍ରବାର ତାଲା ପକାଇଛନ୍ତି ଗ୍ରାମବାସୀ। ମାଛକୁଣ୍ଡ ଜଳ ବିଦ୍ୟୁତ ପ୍ରକଳ୍ପ ପକ୍ଷରୁ ଆନ୍ଧ୍ରର ଏକ ଘରୋଇ ମେଡିକାଲକୁ ଏହାର ପରିଚାଳନା ଦାୟିତ୍ୱ ଦିଆଯିବା ପରେ ସ୍ୱାସ୍ଥ୍ୟକେନ୍ଦ୍ରରୁ କର୍ମଚାରୀଙ୍କ ବଦଳି ସହ ଏହାକୁ ବନ୍ଦ ରଖାଯାଇଥିଲା। ଏହାର ପ୍ରତିବାଦରେ ଅନକାଡେଲି ଅଞ୍ଚଳର ଶତାଧିକ ଗ୍ରାମବାସୀ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଲା ପକାଇଛନ୍ତି। ଅନକାଡେଲି ପ୍ରୋଜେକ୍ଟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ପରିଚାଳନା ଦାୟିତ୍ୱ ନଭେମ୍ବର ୧ରୁ ଆନ୍ଧ୍ରପ୍ରଦେଶର ଏକ ଘରୋଇ ହସ୍‌ପିଟାଲକୁ ଦେବା ପାଇଁ ଚୁକ୍ତି ହୋଇଥିଲା। ଏହି ଘରୋଇକରଣ ପ୍ରକ୍ରିୟାରେ ସ୍ୱାସ୍ଥ୍ୟକେନ୍ଦ୍ରର ନିୟମିତ କର୍ମଚାରୀଙ୍କୁ ଅନ୍ୟତ୍ର ବଦଳି କରାଗଲା। ଫଳରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଏବେ କୌଣସି ଡାକ୍ତର କିମ୍ବା କର୍ମଚାରୀ ନାହାନ୍ତି।



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ-ଆସନ୍ତା** ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ଶନିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ଏବଂ ସର୍ବନିମ୍ନ ୧୯ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶୁକ୍ରବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୪.୨ | ୧୭.୮ |
| ଚାନ୍ଦବାଲି | ୩୨.୮ | ୧୯.୧ |
| କଟକ | ୩୩.୫ | ୧୭.୬ |
| ପାରାଦ୍ୱୀପ | ୩୧.୯ | ୨୦.୨ |
| ଭୁବନେଶ୍ୱର | ୩୪.୭ | ୧୭.୮ |
| ଗୋପାଳପୁର | ୩୪.୮ | ୧୯.୮ |
| ପୁରୀ | ୩୨.୪ | ୨୧.୦ |
| ଅନୁଗୋଳ | ୩୩.୧ | ୧୪.୬ |
| ବାରିପଦା | ୩୧.୪ | ୧୮.୦ |
| ଝାରସୁଗୁଡ଼ା | ୩୨.୬ | ୧୬.୪ |
| କେନ୍ଦୁଝର | ୩୦.୭ | ୧୫.୯ |
| ସମ୍ବଲପୁର | ୩୩.୪ | ୧୬.୮ |
| ସୁନ୍ଦରଗଡ଼ | ୩୨.୦ | ୧୮.୦ |
| ହୀରାକୁଦ | ୩୨.୭ | ୧୬.୬ |
| ତାଳଚେର | ୩୫.୧ | ୧୫.୩ |
| ଭବାନୀପାଟଣା | ୩୩.୫ | ୧୫.୦ |
| ବଲାଙ୍ଗୀର | ୩୩.୭ | ୧୬.୨ |
| କୋରାପୁଟ | ୩୨.୦ | ୧୪.୬ |
| ଫୁଲବାଣୀ | ୩୩.୦ | ୦୯.୮ |
| ଟିଟିଲାଗଡ଼ | --- | ୧୫.୦ |
| ମାଲକାନଗିରି | ୩୬.୦ | --- |
| ସୋନପୁର | ୩୪.୪ | ୧୪.୬ |
| ଦାରିଙ୍ଗିବାଡ଼ି | ୨୯.୦ | ୧୫.୬ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

■ ବିଜୁ ମହିଳା ଜନତା ଦଳର ପ୍ରଥମ କାର୍ଯ୍ୟକାରିଣୀ ବୈଠକ

# ମହିଳା ସଶକ୍ତୀକରଣକୁ ଗୁରୁତ୍ୱ

ଭୁବନେଶ୍ୱର,୧୬।୧୧(ବ୍ୟୁରୋ)

ସଙ୍ଗଠନ ପୁନର୍ଗଠନ ହେବା ପରେ ବିଜୁ ମହିଳା ଜନତା ଦଳର ପ୍ରଥମ ବୈଠକ ଦଳୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ନବ ନିଯୁକ୍ତ ମହିଳା ସଭାନେତ୍ରୀ ମିନତି ବେହେରାଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଏହି ବୈଠକ ବସିଥିଲା। ଏହି ଅବସରରେ ସେ କହିଛନ୍ତି ଯେ, ବିଜୁ ଜନତା ଦଳ ଦୀର୍ଘ ୧୮ବର୍ଷ ଧରି ଓଡ଼ିଶାର ମା'ଭଉଣୀମାନଙ୍କର ସହଯୋଗ ଓ ଆଶୀର୍ବାଦ ପାଇଆସୁଛି। ମହିଳା ସଶକ୍ତୀକରଣକୁ ଦଳ ଓ ସରକାର ସଦାସର୍ବଦା ଗୁରୁତ୍ୱ ଦେଇଆସିଛନ୍ତି। ମିଶନ ଶକ୍ତି ସଂପ୍ରତି ସମଗ୍ର ଦେଶରେ ଉଦାହରଣ ସୃଷ୍ଟି କରିଛି। ମହିଳାମାନଙ୍କୁ ସମାଜର ମୁଖ୍ୟସ୍ରୋତକୁ ଆଣି ସେମାନଙ୍କର ସାମାଜିକ, ଆର୍ଥିକ, ସାଂସ୍କୃତିକ ଓ ରାଜନୈତିକ ଅଭିବୃଦ୍ଧି ନିମନ୍ତେ ବିଜେଡି ସର୍ବଦା ଉଦ୍ୟମ ଜାରି ରଖିବ ବୋଲି ମିନତି କହିଛନ୍ତି।

ସେହିପରି ବୈଠକରେ କାର୍ଯ୍ୟକର୍ତ୍ତାମାନେ କିପରି ସଙ୍ଗଠନକୁ ସୁଦୃଢ଼ କରିବେ, ସେ ଦିଗରେ ଆଲୋଚନା ହୋଇଥିଲା। ଆସନ୍ତା ୩ ମାସ ମଧ୍ୟରେ ବିଜେଡିର ମହିଳା ସଙ୍ଗଠନକୁ ତୃଣମୂଳସ୍ତରରେ ଅଧିକ ସଂଗଠିତ ଓ କ୍ରିୟାଶୀଳ କରାଯିବ। ଏଥିସହିତ ରାଜ୍ୟର ପ୍ରତ୍ୟେକ ପଞ୍ଚାୟତ, ୱାର୍ଡସ୍ତରରେ କମିଟି ଗଠନ କରାଯିବା ନେଇ ନିଷ୍ପତ୍ତି ହୋଇଛି। ସେହିପରି ମହିଳା ସଙ୍ଗଠନ ପକ୍ଷରୁ ଆସନ୍ତା ୨୬ରେ ମୁଖ୍ୟମନ୍ତ୍ରୀ ତଥା ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଥିବା ଜଣାପଡିଛି। ବୈଠକରେ ନବନିର୍ବାଚିତ ସଭାନେତ୍ରୀ ମିନତିଙ୍କ ସହ ଦଳର ଉପ-ସଭାନେତ୍ରୀ ପ୍ରମିଳା ମଲିକ, ଉପଦେଷ୍ଟା କସ୍ତୁରୀ ମହାପାତ୍ର, ଜ୍ୟୋତି ପାଣିଗ୍ରାହୀ, କାର୍ଯ୍ୟକାରୀ ସଭାନେତ୍ରୀ ଶ୍ରୀମୟୀ ମିଶ୍ର, ଗୀତାଞ୍ଜଳି ବସ୍ତିଆ, ସୁଲୋଚନା ଦାସ, ସାଧାରଣ ସଂପାଦିକା ସୁଲତା ଦେଓ, ସଂପାଦିକା ଏଲିନା ଦାସ ପ୍ରମୁଖଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।




କାର୍ଯ୍ୟକାରିଣୀ ବୈଠକରେ ବିଜୁ ମହିଳା ଜନତା ଦଳର ପ୍ରମୁଖ କର୍ମକର୍ତ୍ତା।



ଭଲ କାମଟିଏ କଲେ ବିଳମ୍ବରେ ହେଉ ପଛକେ ନିଶ୍ଚୟ ପୁରସ୍କାର ମିଳେ।
- ଭଲଟାୟାର



# ଶିଖରରେ ପହଞ୍ଚିବାର ସ୍ୱପ୍ନ

ଭୁବନେଶ୍ୱର,୧୬।୧୧(ବ୍ୟୁରୋ)



ନୀଳାଚଳ ପରିଡ଼ା

■ ୭ ମହାଦେଶର ୭ ଉଚ୍ଚତମ ପର୍ବତ ଶିଖର ଛୁଇଁବା ଲକ୍ଷ୍ୟ

■ ଅର୍ଥ ସାଜିଛି ବାଧକ

ଏକ ସାଧାରଣ ପରିବାରର ହୋଇ ବି ଶିଖରରେ ପହଞ୍ଚିବା ତାଙ୍କ ସ୍ୱପ୍ନ। କିଛି ଅସାଧାରଣ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିବା ଏବଂ ପ୍ରତିକୂଳ ପରିସ୍ଥିତିରେ ଆଗକୁ ବଢ଼ି ରାଜ୍ୟ ଓ ଦେଶର ନାମକୁ ଗୌରବାନ୍ୱିତ କରିବା ପାଇଁ ତାଙ୍କର ରହିଛି ଉଚ୍ଚ ଆଶା। ପର୍ବତାରୋହଣ ଭଳି ଦୁଃସାହସିକ କାର୍ଯ୍ୟକୁ ଜୀବନର ଏକମାତ୍ର ଲକ୍ଷ୍ୟପଥ ଭାବେ ପରିଣତ କରିବାର ଦୃଢ଼ ଇଚ୍ଛାଶକ୍ତି ରଖିଛନ୍ତି ଭୁବନେଶ୍ୱରର ଏହି ୨୪ ବର୍ଷୀୟ ଯୁବକ ନୀଳାଚଳ ପରିଡ଼ା। ପେସା ଡ୍ରାଇଭିଂ, ହେଲେ ନିଶା ତାଙ୍କର ମାଉଣ୍ଟେନିୟରିଂ। ପିଲାବେଳୁ ଦୁଃସାହସିକ କ୍ରୀଡ଼ାରେ ଆଗ୍ରହ ରଖୁଥିବା ନୀଳାଚଳ ୭ ମହାଦେଶର ୭ ଉଚ୍ଚତମ ପର୍ବତ ଶିଖର 'ସେଭେନ୍ ସମିଟ୍ସ'କୁ ଛୁଇଁବାର ଲକ୍ଷ୍ୟ ରଖିଛନ୍ତି।

ଭୁବନେଶ୍ୱର ବରମୁଣ୍ଡାରେ ରହୁଥିବା ଏକ ଗରିବ ପରିବାରରୁ ଆସିଛନ୍ତି ନୀଳାଚଳ। ଅର୍ଥାଭାବ ଯୋଗୁ କମ୍ ବୟସରେ ପାଠପଢ଼ାରେ ଡୋରି ବନ୍ଧା ହୋଇଥିବା ବେଳେ ପରିବାର ଚଳାଇବାର ବୋଝ ତାଙ୍କୁ ଛୋଟବେଳୁ ବୋହିବାକୁ ପଡ଼ିଛି। ମା', ବଡ଼ଭାଇ ଓ ସାନଭଉଣୀର ଦେଖାଶୁଣା କରିବା ସହ ତାହା ଭିତରେ ବି ନିଜ ସ୍ୱପ୍ନକୁ ସାକାର କରିବାର ପ୍ରଚେଷ୍ଟା ସେ ଜାରି ରଖିଛନ୍ତି। ଡିଷ୍ଟାନ୍ସ ଏଜୁକେଶନ ମାଧ୍ୟମରେ ଯୁକ୍ତ ୨ ଓ ଯୁକ୍ତ ୩ ଶିକ୍ଷା ସମାପ୍ତ କରିଛନ୍ତି। ଗାଡ଼ି ଡ୍ରାଇଭିଂ କରିବା ସହ କମିଶନରେଟ୍ ପୋଲିସ୍‌ର ଟ୍ରାଫିକ୍ ଭଲ୍ୟୁଣ୍ଟର୍ ଭାବେ କାମ କରୁଛନ୍ତି। ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଅନୁଷ୍ଠିତ ଅନେକ ଆଡ୍‌ଭେଞ୍ଚର୍ କ୍ୟାମ୍ପରେ ଭାଗନେଇଥିବା ନୀଳାଚଳ ୨୦୧୫ରେ ପ୍ରଥମେ ଚଣ୍ଡିଗଡ଼ ସରକାରଙ୍କ ଦ୍ୱାରା ଆୟୋଜିତ ହାତୁ ଟେମ୍ପୁଲ୍ ପିକ୍ ଆରୋହଣ କରିଥିଲେ। ଏହାପରେ ହିମାଚଳରେ ଥିବା ଶିଟିଧର ପିକ୍ ଏବଂ ଭାରତ-ନେପାଳ ବର୍ଡରରେ ଥିବା ମାଉଣ୍ଟ ସାଣ୍ଡାଫୁ ଆରୋହଣ କରିଥିଲେ। ଏହାସହ ରାଜ୍ୟ ସରକାରଙ୍କ ଦ୍ୱାରା ଆୟୋଜିତ ବିଜୁ ପଟ୍ଟନାୟକ ହିମାଳୟ ଏକ୍ସିପିଡିସନର ମଧ୍ୟ ସେ ଏକ ଅଂଶ ଥିଲେ। କଶ୍ମୀରର ଜବାହର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମାଉଣ୍ଟେନିୟରିଂରେ କୋର୍ସ କରୁଥିବା ବେଳେ ସେଠାରେ ସେ 'ସେଭେନ୍ ସମିଟ୍ସ'ର ସ୍ୱପ୍ନ ଦେଖିଥିଲେ। ଯେତେବେଳେ ତାଙ୍କ ସାଥୀ ମାଉଣ୍ଟେନର୍‌ମାନେ 'ଓଡ଼ିଶା କେଉଁଠାରେ ଅଛି?' ବୋଲି ପ୍ରଶ୍ନ କରିଥିଲେ, ସେତେବେଳେ ନୀଳାଚଳ 'ସେଭେନ୍ ସମିଟ୍ସ' ଆରୋହଣ କରି କେବଳ ଭାରତକୁ ନୁହେଁ, ସମଗ୍ର ବିଶ୍ୱକୁ ଓଡ଼ିଶା କେଉଁଠାରେ ଅଛି ଜଣାଇବେ ବୋଲି ସ୍ଥିର କରିଥିଲେ। ଆଫ୍ରିକା ମହାଦେଶର ସର୍ବୋଚ୍ଚ ଶୃଙ୍ଗ 'କିଲିମାଞ୍ଜାରୋ'ରୁ ଯାତ୍ରା ଆରମ୍ଭ କରି ଏହାପରେ ଆର୍ଜେଣ୍ଟିନାର 'ଆକୋନ୍‌କାଗୁଆ' ଶୃଙ୍ଗ, ବିଶ୍ୱର ସର୍ବୋଚ୍ଚ ତଥା ଏସିଆ ମହାଦେଶର 'ମାଉଣ୍ଟ ଏଭରେଷ୍ଟ', ୟୁରୋପର 'ମାଉଣ୍ଟ ଏଲ୍‌ବ୍ରୁସ୍', ଉତ୍ତର ଆମେରିକାର 'ଡେନାଲୀ', ଆଣ୍ଟାର୍କଟିକାର 'ଭିନ୍‌ସନ୍ ମାସିଫ୍' ଓ ଅଷ୍ଟ୍ରେଲିଆର 'କାର୍ଷ୍ଟେଞ୍ଜ ପିରାମିଡ୍' ଆରୋହଣ କରିବାକୁ ସ୍ଥିର କରିଥିଲେ। ପ୍ରଥମ ଓଡ଼ିଆ ଭାବେ ସେ ଏହା କରିବାକୁ ଯାଉଥିବା ବେଳେ ଅର୍ଥାଭାବ କିନ୍ତୁ ତାଙ୍କ ଲକ୍ଷ୍ୟପଥରେ ଏବେ ବାଧକ ସାଜିଛି। ପୂର୍ବରୁ ନିଜ ପ୍ରଚେଷ୍ଟାରେ ଦେଶ ମଧ୍ୟରେ ଅନେକ ଉଚ୍ଚତମ ଶୃଙ୍ଗ ଆରୋହଣ କରିଥିବା ନୀଳାଚଳ ଗତ ଅକ୍ଟୋବରରେ ଆଫ୍ରିକାର କିଲିମାଞ୍ଜାରୋ ଶୃଙ୍ଗରୁ 'ସେଭେନ୍ ସମିଟ୍ସ' ଯାତ୍ରା ଆରମ୍ଭ କରିବାର ଥିଲା। ହେଲେ ପ୍ରାୟୋଜକ ଅଭାବରୁ ତାହା ସମ୍ଭବ ହୋଇପାରିନାହିଁ। ଆସନ୍ତା ଜାନୁୟାରୀରୁ ସେ ନିଜର ପ୍ରଥମ ଆରୋହଣ ଆରମ୍ଭ କରିବାକୁ ଲକ୍ଷ୍ୟ ରଖିଛନ୍ତି। ମାତ୍ର ୩ ବର୍ଷ ମଧ୍ୟରେ ସେଭେନ୍ ସମିଟ୍ସ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖିଥିବା ନୀଳାଚଳ ଭାରତର ୭୫ତମ ସ୍ୱାଧୀନତା ଦିବସରେ ଉଭୟ ଦେଶ ଓ ରାଜ୍ୟକୁ ଏକ ନୂଆ ରେକର୍ଡ ଉପହାର ଦେବେ ବୋଲି କହିଛନ୍ତି।

**ରିପୋର୍ଟ: ସସ୍ମିତା ପାଇକରାୟ**

## ଆଜି କ'ଣ କେଉଁଠି

### ଭୁବନେଶ୍ୱର

- ଧରିତ୍ରୀ ତରଫରୁ ଅକ୍ଟୋବର ମାସର ସେଲ୍‌ଫି କର୍ନର ବିଜେତାଙ୍କୁ ପୁରସ୍କାର ପ୍ରଦାନ, ଦ ପ୍ରେସ୍ କ୍ଲବ ଅଫ୍ ଓଡ଼ିଶା, ମାଷ୍ଟରକ୍ୟାଣ୍ଟିନ୍, ପୂର୍ବାହ୍ନ ୧୧ଟା।
- ଚତୁର୍ଥ ପ୍ରହର ନାମଯଜ୍ଞ, ତ୍ରିନାଥ ମଣ୍ଡପ, ବାଣୀବିହାର ରେଲୱେ ଷ୍ଟେଶନ ନିକଟ, ରସୁଲଗଡ଼, ଭୋର୍ ୫ଟା। ନଗର କୀର୍ତ୍ତନ, ଅପରାହ୍ନ ୫ଟା।
- ବାର୍ଷିକ ବିଜ୍ଞାନ ପ୍ରଦର୍ଶନୀ, ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପରିସର, ୟୁନିଟ୍-୪, ପୂର୍ବାହ୍ନ ୧୦ଟା।
- ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଶହୀଦ ଜୟୀ ରାଜଗୁରୁ ସ୍ମୃତି ପରିଷଦ, ଓଡ଼ିଶା ପକ୍ଷରୁ ଶହୀଦ ଜୟୀ ରାଜଗୁରୁଙ୍କ ଜୟନ୍ତୀ ସମାରୋହ, ସୂଚନା ଭବନ, ପୂର୍ବାହ୍ନ ୧୦ଟା ୩୦। ସାଧାରଣ ସଭା, ଅପରାହ୍ନ ୫ଟା। ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ଏଜି ଛକ, ସକାଳ ୯ଟା ୩୦।
- ଶ୍ରୀ ବିନାୟକ ୟୁଥ୍ ଆସୋସିଏଶନ, ନୟାପଲ୍ଲୀ ନୂଆସାହି ପକ୍ଷରୁ ଶ୍ରୀ ରାଧାକୃଷ୍ଣଙ୍କ ପୂଜା, ରାଧାପାଦ ଦର୍ଶନ ଓ କଳସ ଯାତ୍ରା, ନୂଆସାହି ପୋଷ୍ଟ ଅଫିସ୍ ଛକ, ପୂର୍ବାହ୍ନ ୧୦ଟା ୩୦। ସନ୍ଧ୍ୟା ଆଳତି, ସନ୍ଧ୍ୟା ୬ଟା ୧୫।
- ଏକକ ଚିତ୍ରକଳା ପ୍ରଦର୍ଶନୀ 'ଦ ଅଲ୍‌ଟିମେଟ୍ ଏକ୍ସପ୍ରେଶନ୍', ରାଷ୍ଟ୍ରୀୟ ଲଳିତ କଳା ଏକଡେମୀ ଆଞ୍ଚଳିକ କେନ୍ଦ୍ର, ପୂର୍ବାହ୍ନ ୧୧ଟା ୩୦ରୁ ରାତି ୭ଟା।
- ୨୧ତମ କଳିଙ୍ଗ ପୁସ୍ତକ ମେଳା-୨୦୧୮ ଓ ଶିଶୁ ମହୋତ୍ସବ, ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ଅପରାହ୍ନ ୨ଟାରୁ ରାତି ୯ଟା। ସାହିତ୍ୟ ସମ୍ମାନ ପ୍ରଦାନ ସମାରୋହ ଓ ପୁରସ୍କାର ବିତରଣ ଉତ୍ସବ, ସନ୍ଧ୍ୟା ୬ଟା।
- ହରିଶ୍ଚନ୍ଦ୍ର ବକ୍ସିପାତ୍ରଙ୍କ ୮୫ତମ ଜୟନ୍ତୀ ଉତ୍ସବ, ଭଞ୍ଜ କଳାମଣ୍ଡପ, ଅପରାହ୍ନ ୫ଟା ୩୦।
- ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ 'ବସୁଧା'ର ନୂଆ ଲୋଗୋ ଏବଂ ଟୋଲ୍ ଫ୍ରି ହେଲ୍ପଲାଇନ୍ ନମ୍ବରର ଶୁଭାରମ୍ଭ, ତୃତୀୟ ମହଲା ସମ୍ମିଳନୀ କକ୍ଷ, ସଚିବାଳୟ, ଅପରାହ୍ନ ୫ଟା ୪୫।
- ଅକ୍ଷୟ ମହାନ୍ତିଙ୍କ ୧୬ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ଅକ୍ଷୟ ସାହିତ୍ୟ ସମ୍ମାନ-୨୦୧୮ ଓ ସଙ୍ଗୀତ ସନ୍ଧ୍ୟା 'ସ୍ମୃତି ତୁମେ ଅକ୍ଷୟ', ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା।
- ଓଡ଼ିଶା ଉର୍ଦ୍ଦୁ ଏକାଡେମୀ ପକ୍ଷରୁ 'ଶାମ୍-ଏ-ଗଜଲ୍' କାର୍ଯ୍ୟକ୍ରମ, ବିଡିଏ ପାର୍କ, ଡୁମୁଡୁମା ହାଉସିଂବୋର୍ଡ କଲୋନୀ, ଫେଜ୍-୩, ସନ୍ଧ୍ୟା ୬ଟା ୩୦।
- ପିକକ୍ ପକ୍ଷରୁ ୨୯ତମ ଶିଶୁମେଳା, ଏକାମ୍ର ହାଟ, ରାତି ୭ଟା।

### କଟକ

- ରାଜ୍ୟସ୍ତରୀୟ ପରାମର୍ଶ କାର୍ଯ୍ୟକ୍ରମ ଉଦ୍‌ଘାଟନ, ଓଡ଼ିଶା ଜୁଡିସିଆଲ୍ ଏକାଡେମୀ, ସକାଳ ୯ଟା ୩୦।
- ଶିକ୍ଷା ବିକାଶ ସମିତି ପକ୍ଷରୁ ଅଖିଳ ଭାରତୀୟ ଜ୍ଞାନବିଜ୍ଞାନ ମେଳାର ଉଦ୍‌ଘାଟନୀ ସମାରୋହ, ସରସ୍ୱତୀ ବିଦ୍ୟାମନ୍ଦିର, କେଶବ ଧାମ, ଗଡ଼ିରାଉତପାଟଣା, ପୂର୍ବାହ୍ନ ୧୦ଟା ୩୦।
- ଶ୍ରୀଶ୍ରୀ ଅଭିରାମ ପରମହଂସ ଦେବଙ୍କ ଶାନ୍ତି ଆନନ୍ଦାଶ୍ରମର ୨୫ତମ ବାର୍ଷିକ ଉତ୍ସବର ଦ୍ୱିତୀୟ ଦିବସ, ନୂଆପଡ଼ା, ବାଲିସାହି, ଅପରାହ୍ନ ୫ଟା।

### ପୁରୀ

- ଶିଶୁ ମହୋତ୍ସବ, ମୁକ୍ତାକାଶ ରଙ୍ଗମଞ୍ଚ, ଶରଧାବାଲି, ଅପରାହ୍ନ ୫ଟା ୩୦।

### ଖୋର୍ଦ୍ଧା

- କାଳୀଚରଣ ଜୟସିଂଙ୍କ ୭୬ତମ ଜନ୍ମୋତ୍ସବ, ଅନଙ୍ଗ ନରେନ୍ଦ୍ର ସରକାରୀ ପ୍ରାଥମିକ ଶିକ୍ଷା ଓ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନ, ବାଙ୍କୋଇ, ମଧ୍ୟାହ୍ନ ୧୨ଟା। କବିତା ପାଠୋତ୍ସବ, ସକାଳ ୯ଟା।

### ବାଲିଅନ୍ତା

- ଶ୍ରୀରାଧାଙ୍କ ପାଦ ଦର୍ଶନ, ନିକୁଞ୍ଜବିହାରୀ ମନ୍ଦିର, ଭୋର୍ ୫ଟା। ଶ୍ରୀରାମଚରିତ ମାନସ ପାରାୟଣ ପୂର୍ଣ୍ଣାହୁତି, ଅପରାହ୍ନ ୨ଟା। ପ୍ରବଚନ, ରାତି ୭ଟା।

### ଜଟଣୀ

- 'ସାଇନ୍ସ ଫର୍ ସୋସାଇଟି' ପ୍ରସଙ୍ଗ ଉପରେ ୨୦ତମ ଓଡ଼ିଶା ବିଜ୍ଞାନ ଓ ପରିବେଶ କଂଗ୍ରେସ ଉଦ୍‌ଘାଟନ, ନାଇଜର କ୍ୟାମ୍ପସ୍, ପୂର୍ବାହ୍ନ ୧୦ଟା।

### ସାକ୍ଷୀଗୋପାଳ

- ଶ୍ରୀରାଧାଙ୍କ ପାଦ ଦର୍ଶନ, ସାକ୍ଷୀଗୋପାଳ ମନ୍ଦିର, ସକାଳ ୬ଟା।
- ଶ୍ରୀରାଧା ଉତ୍ସବ ସାଂସ୍କୃତିକ ସମାରୋହ, ପଞ୍ଚସଖା ମୁକ୍ତାକାଶ ରଙ୍ଗମଞ୍ଚ, ଅପରାହ୍ନ ୫ଟା।

# ସ୍ପେଶାଲ ସ୍କ୍ୱାଡ୍ ଅଧିକାରୀଙ୍କୁ ହତ୍ୟା ଧମକ

■ ଖେଲାରରୁ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୧୬।୧୧(ବ୍ୟୁରୋ)

ସ୍ପେଶାଲ ସ୍କ୍ୱାଡ୍ ଅଧିକାରୀ ସଞ୍ଜୀବ ଶତପଥୀଙ୍କୁ ଫୋନ କରି ଗାଳି ଗୁଲଜ କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିବା ଅଭିଯୁକ୍ତଙ୍କୁ ଶୁକ୍ରବାର ନିମାପଡ଼ା ଥାନା ଅନ୍ତର୍ଗତ ଖେଲାର ଅଞ୍ଚଳରୁ ପୋଲିସ ଗିରଫ କରିଛି। ସେ ହେଲେ ବିଷ୍ଣୁଚରଣ ବେହେରା ଓରଫ ପିଣ୍ଟୁ(୨୮)। ସୂଚନା ମୁତାବକ, ସରକାରୀ କ୍ୱାର୍ଟର୍ସ ଡି/୨୧ରେ ରହୁଥିବା ସ୍ପେଶାଲ ସ୍କ୍ୱାଡ ଅଧିକାରୀ ସଞ୍ଜୀବଙ୍କ ଲ୍ୟାଣ୍ଡ ଫୋନକୁ ଗୁରୁବାର ଅପରାହ୍ନ ପ୍ରାତ ୩ଟା ବେଳେ ଏକ କଲ ଆସିଥିଲା। ଫୋନ କରିଥିବା ଯୁବକ ଜଣକ ଓଡିଆ ଧାରାବାହିକ ଶ୍ରୀମତି କମ ନୁହନ୍ତି କାର୍ଯ୍ୟକ୍ରମରୁ କହୁଥିବା ପରିଚୟ ଦେଇଥିଲେ। କାର୍ଯ୍ୟକ୍ରମ ସମ୍ପର୍କରେ ତାଙ୍କ ସ୍ତ୍ରୀଙ୍କ କଥା ହେବାକୁ ଚାହୁଁଥିବା ସଞ୍ଜୀବଙ୍କୁ କହିଥିଲେ। ସଞ୍ଜୀବ ମନା କରିବାରୁ ହଠାତ ଯୁବକ ଜଣକ ତାଙ୍କୁ ଗାଳି ଗୁଲଜ କରିବା ସହ ହତ୍ୟା ଧମକ ଦେଇଥିଲେ। ସଞ୍ଜୀବ ଫୋନ କାଟିଦେବା ପରେ ମଧ୍ୟ ଯୁବକ ଜଣକ ବାରମ୍ବାର କଲ କରି ତାଙ୍କୁ ଗାଳିଗୁଲଜ କରିଥିଲେ। ଏ ନେଇ ସଞ୍ଜୀବ ନୟାପଲ୍ଲୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(୫୧୫/୧୮) ରୁଜୁ କରି ଘଟଣାର ତଦନ୍ତ କରିଥିଲା। ଯୁବକ ଜଣକ ଯେଉଁ ନମ୍ବରରୁ କଲ୍ କରିଥିଲେ ତାହାକୁ ଟ୍ରାକ କରି ପୋଲିସ ଅଭିଯୁକ୍ତ ବିଷ୍ଣୁଚରଣଙ୍କ ନିକଟରେ ପହଞ୍ଚିଥିଲା। ତାଙ୍କୁ ଗିରଫ କରାଯିବା ପରେ କୋର୍ଟ ଚାଲାଣ କରାଯାଇଛି।

# ୧୮ରୁ ଗୁଞ୍ଜନ ନୃତ୍ୟୋତ୍ସବ

**କଟକ ଅଫିସ, ୧୬।୧୧:** ଗୁଞ୍ଜନ ଡ୍ୟାନ୍ସ ଏକାଡେମୀ ଅନୁଷ୍ଠାନ ପକ୍ଷରୁ ଆସନ୍ତା ୧୮ ରୁ ୨୦ ତାରିଖ ପର୍ଯ୍ୟନ୍ତ ଜାତୀୟ ନୃତ୍ୟ ସଙ୍ଗୀତ ଉତ୍ସବ ଆୟୋଜିତ ହେବ। କଟକ ଶହୀଦ ଭବନଠାରେ ଆୟୋଜିତ ଏହି ଉତ୍ସବରେ ଦେଶର ବିଭିନ୍ନ ପ୍ରାନ୍ତରୁ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ନୃତ୍ୟଶିଳ୍ପୀ ଯୋଗଦେବେ। ଏଥିସହ ବାଙ୍ଗାଲୋରର ଖ୍ୟାତାନାମା ବଂଶୀବାଦକ ଅନନ୍ଦା ପ୍ରସାଦ ପଟ୍ଟନାୟକ ବଂଶୀବାଦନ କରିବେ। ଏହି କାର୍ଯ୍ୟକ୍ରମର ଶେଷ ଦିନରେ ମର୍ଯ୍ୟାଦାଜନକ ନିବେଦିତା ପଟ୍ଟନାୟକ ସମ୍ମାନରେ ନୃତ୍ୟଗୁରୁ ଦୁର୍ଗାଚରଣ ରଣବୀରଙ୍କୁ ସମ୍ମାନିତ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ପ୍ରେସ୍‌ରିଲିଜ ଜରିଆରେ ଜଣାଇ ଦିଆଯାଇଛି।


## Government of Odisha "e" procurement Notice

**TENDER CALL NOTICE**

**Identification No.01/SE NH SBP of 2018-19**
**(Bid No.01 SENH SBP of 2018-19)**

No.34-b

| Sl. No. | Name of the works | Estimated cost in Rupees | Period of completion in calendar month | Date / time for receipt of bids | Name and address of the officer inviting tender |
|---|---|---|---|---|---|
| 1. | "Repair to NH-59 from Km 57.500 to 68.290 KM such as providing BC and patch repair with 50mm thick BM for the year 2018-19 | Rs.1,21,99,676.00 | 3 (Three) calendar months | 10.00 AM of Dt.26.11.2018 to 5.00 PM of Dt.10.12.2018 | Er. Upendra Kumar Mund, Superintending Engineer, N.H. Circle, Sambalpur |

Further details can be seen from the "e" procurment website **www.tendersorissa.gov.in**.

**Sd./- Superintending Engineer**
**N.H. Circle, Sambalpur**

34021/11/0004/1819

## ODISHA STATE BEVERAGES CORPORATION LIMITED

**(A GOVERNMENT OF ODISHA UNDERTAKING)**
**2nd FLOOR, FORTUNE TOWERS, CHANDRASEKHARPUR, BHUBANESWAR-751023 (ODISHA)**
CIN: U51228OR2000SGC006372
Tel: 0674-2303972(0) Fax: 0674-2302963, Email:- osbcltd@gmail.com, Website: https://osbc.co.in
Ref. No. 1693/OSBC/4428 Date: 16.11.2018

**ADVERTISEMENT FOR RECRUITMENT OF ASSISTANT MANAGERS**

No.CAD-1030: The Odisha State Beverages Corporation Ltd. (OSBC Ltd.), a Public Sector Undertaking (PSU) of Government of Odisha, invites applications for the posts of Assistant Manager as detailed below.

| Name of the Post | No. of Vacancies | Remuneration |
|---|---|---|
| Assistant Manager | ST-2<br>SC-2<br>SEBC-1<br>UR-6(W-2)<br>Total - 11 (W-2) | Rs.9300/- - Rs.34800/- with a grade pay of Rs.4600/- as per the 6th Pay Commission Scale and fits at Rs.44,900/- in level 1 of Matrix 10 (First Schedule of ORSP Rule-2017) as per the 7th Pay Commission Scale. |

The details along with prescribed Application Form are available on the official website of OSBC Ltd. **https://osbc.co.in**.
The last date and time for receipt of duly filled in Application Form along with required documents from the interested candidates is 07.12.2018 by 6 P.M.

36003/11/0007/1819 **Sd./- Managing Director**

## ତହସିଲଦାରଙ୍କ କାର୍ଯ୍ୟାଳୟ, କେନ୍ଦୁଝର

No. 73-F

**ସଂଖ୍ୟା ୬୭୮୬, ତାରିଖ : ୧୪.୧୧.୨୦୧୮**

**ଇସ୍ତାହାର**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ପରିଚାଳିତ ହେଉଥିବା ଓ କେନ୍ଦୁଝର ତହସିଲ ଅନ୍ତର୍ଗତ ପଳାଶପଙ୍ଗା ରାଜସ୍ୱ ମଣ୍ଡଳ ଅଧୀନରେ ମୁରୁସୁଆଁ ମୌଜା ଖାତା ନଂ ୧୪୬ (ଆ.ଅ.ଅ) ପ୍ଲଟ ନଂ ୯୭୧ (ଆଂଶିକ) ରକବା - ଏ ୮.୭୦ ଡେ. ରେ ଅବସ୍ଥିତ ଥିବା ଲଘୁଖଣିଜ ଦ୍ରବ୍ୟ (ପଥର) ସୈରାତ ଉତ୍ସଟିକୁ ୨୦୧୮-୧୯ ଆର୍ଥିକ ବର୍ଷ ଠାରୁ ୫ ବର୍ଷ ନିମନ୍ତେ ଲିଜ୍ ସୂତ୍ରରେ ପ୍ରଦାନ କରାଯିବ। ସୈରାତ ଉତ୍ସକୁ ଲିଜ୍ ସୂତ୍ରରେ ନେବାକୁ ଇଚ୍ଛୁକ ଥିବା ବ୍ୟକ୍ତି / ସଂସ୍ଥା ବାର୍ଷିକ ଅନ୍ୟୁନ ୬୦୦୦.୦୦ (ଛଅ ହଜାର) ଘନ ମିଟର ପରିମାଣର ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନ କରିବାକୁ ଓ ନିର୍ଦ୍ଧାରିତ ହାରରେ ରୟାଲିଟ୍, ଅନ୍ୟାନ୍ୟ ସରକାରୀ ଦେୟ ଜମାଦେବା ପାଇଁ ସକ୍ଷମ ଥିବା ଆବଶ୍ୟକ। ଆଗ୍ରହୀ ବ୍ୟକ୍ତି ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହି ତା. ୦୬.୧୨.୨୦୧୮ ରୁ ତା. ୧୫.୧୨.୨୦୧୮ ଅପରାହ୍ନ ଘ. ୫.୦୦ ମଧ୍ୟରେ ନିମ୍ନଲିଖିତ କାଗଜପତ୍ର ସହ ଜଉମୁଦ ବାକ୍ସରେ ଆବେଦନ ପତ୍ର ଜମା କରିପାରିବେ। ଜଉମୁଦ ଖୋଲା ହେବା ପାଇଁ ତା ୧୮.୧୨.୨୦୧୮ ସମୟ ଦିବା ୧୧.୦୦ କୁ ନିର୍ଦ୍ଧାରିତ କରାଯାଇଛି। ଜଉମୁଦ ଖୋଲା ସମୟରେ ଆବେଦନକାରୀ ବା ସେମାନଙ୍କ ପ୍ରତିନିଧି ଉପସ୍ଥିତ ରହିପାରିବେ। କୌଣସି କାରଣ ନ ଦର୍ଶାଇ ସୈରାତ ଉତ୍ସର ଲିଜ୍ ପ୍ରସ୍ତାବକୁ ସ୍ଥଗିତ/ ରଦ୍ଦ ବା ସର୍ତ୍ତ ପରିବର୍ତ୍ତନ କରିବାର କ୍ଷମତା, କ୍ଷମତାସମ୍ପନ୍ନ ଅଧିକାରୀଙ୍କର ରହିଅଛି। ପୂର୍ବରୁ ସୈରାତ ଉତ୍ସ ନିଲାମ ନେଇ ବକେୟା ରଖିଥିବା ବ୍ୟକ୍ତି / ଚୁକ୍ତି ଖିଲାପ କରିଥିବା ବ୍ୟକ୍ତି / ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମ ୨୦୧୬ ଦ୍ୱାରା ଦଣ୍ଡିତ ବ୍ୟକ୍ତି ଲିଜ୍‌ରେ ଅଂଶଗ୍ରହଣ କରିପାରିବେ ନାହିଁ। ଅସମ୍ପୂର୍ଣ୍ଣ ଦରଖାସ୍ତଗୁଡିକୁ ତତ୍‌କ୍ଷଣାତ୍ ଅଗ୍ରାହ୍ୟ କରାଯିବ। ନିର୍ଦ୍ଧାରିତ ତାରିଖରେ ଲିଜ୍ ସ୍ଥିରୀକୃତ ହୋଇନପାରିଲେ, ସୈରାତ୍ ଉତ୍ସକୁ ଲିଜ୍ ନେବା ପାଇଁ ଆଗ୍ରହୀ ବ୍ୟକ୍ତି ପୁନଃ ତା ୨୭.୧୨.୨୦୧୮ ଓ ତା ୦୪.୦୧.୨୦୧୯ ଅଫିସ୍ କାର୍ଯ୍ୟ ସମୟରେ ଉପସ୍ଥିତ ରହି ଆବେଦନ ପତ୍ର ଜଉମୁଦ ବାକ୍ସରେ ଜମା କରିପାରିବେ ଓ ଯଥାକ୍ରମେ ପରବର୍ତ୍ତୀ କାର୍ଯ୍ୟ ଦିବସରେ ଆବେଦନକାରୀ ବା ସେମାନଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଆବେଦନ ପତ୍ର ଖୋଲାଯିବ / କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

**ଆବେଦନ ପାଇଁ ଆବଶ୍ୟକ ପଡୁଥିବା କାଗଜର ବିବରଣୀ**

୦୧. ଦରଖାସ୍ତ - ଫର୍ମ ''**M**'' ତିନି କପି ସହ
୦୨. ଟ୍ରେଜେରି ଚାଲାଣ ଟ. ୧୦୦୦/- (ଏକ ହଜାର ଟଙ୍କା) ମାତ୍ର, ଯାହାକି Non refundable, under head of account "0853-Non-ferrous Mining and Metallurgical Industries-102-Mineral Concession Fees, Rent, and Royalties'.
୦୩. ଆଫିଡେଭିଟ୍ (ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମ ଅନୁଯାୟୀ କୌଣସି ବକେୟା ରାଜସ୍ୱ ନ ଥିବା ସମ୍ବନ୍ଧେ)
୦୪. ଟ.୧୦.୦୦ ଲକ୍ଷ (ଦଶ ଲକ୍ଷ)ର ଶୋଧ ପ୍ରମାଣପତ୍ର (Solvency Certificate)(ଏକ ବର୍ଷର ଅବଧି ଥିବା) ଓ earnest money ଆକାରରେ ଟ ୫୦,୦୦୦ (ପଚାଶ ହଜାର) ଟଙ୍କାର ବ୍ୟାଙ୍କ ଡ୍ରାଫ୍ଟ ତହସିଲଦାର, କେନ୍ଦୁଝରଙ୍କ ନାମରେ ପ୍ରଦାନ
୦୫. ରାଜସ୍ୱ ଅଧିକାରୀଙ୍କ ଠାରୁ ଅଚଳନ୍ତି (immovable) ସମ୍ପତ୍ତିର ତାଲିକା

ଲିଜ୍ ସମ୍ବନ୍ଧୀୟ ବିବରଣୀ ତହସିଲ କାର୍ଯ୍ୟାଳୟରେ ସମସ୍ତ ସରକାରୀ କାର୍ଯ୍ୟ ଦିବସରେ ଓ DIO, NIC, Keonjharଙ୍କ Website ରେ ଉପଲବ୍ଧ ହୋଇପାରିବ।

24158/11/0003/1819 **ସ୍ୱା./- ତହସିଲଦାର, କେନ୍ଦୁଝର**

## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER SAMBALPUR

**SHORT TENDER CALL NOTICE**

No. Drugs & chemical / 5154/2018-19 Date: 16.11.2018

**No. 575-E:-** Sealed tenders are invited from registered Firms / Suppliers / Manufacturers / authorized distributors for supply of Drugs, Chemical & Consumable to the undersigned. Details regarding items with terms and condition may be downloaded from district website www.sambalpur.nic.in. The tenders should reach to the office of the undersigned on or before Date 30.11.2018 upto 4 PM through Sped Post / Registered Post / Courier Service only. The tender will be opened on 01.12.2018 at 12.00 Noon in the office chamber of undersigned. The undersigned reserves the right to reject any or all the tenders without assigning any reason.

*Sd./- Chief District Medical & Public Health Officer, Sambalpur*

10049/11/0059/1819

## GOVERNMENT OF ODISHA
## Office of the Superintending Engineer Central Minor Irrigation Circle, Bhubaneswar

Tel No.: (0674) 2540559, e-Mail ID: cmic.bbsr@gmail.com
"e" Procurement Notice
Identification No- SECMIC 06/2018-19
No. 3535/ CMIC., Dated 15.11.2018

**No.795-A:-** The Superintending Engineer, Central Minor Irrigation Circle, Bhubaneswar on behalf of Governor of Odisha invites percentage rate bids through e-procurement to be received in online mode only for the works as detailed in the table below.

| | | | |
|---|---|---|---|
| 1 | Name of works | : | Civil Construction & Improvement works (Detailed as per annexure) |
| 2 | Total No. of works | : | 2 Nos. |
| 3 | Estimated Cost | : | Rs. 160.00 to Rs. 208.00 Lakh (As per Annexure attached) |
| 4 | EMD | : | 1% of cost put to tender. |
| 5 | Class of Contractor | : | B & A Class |
| 6 | Period of Completion | : | 11 (Eleven) calendar months including Monsoon. |
| 7 | Date & time of Availability of Bid Document in the Portal | : | 20.11.2018 at 10.00 AM to 05.12.2018 upto 5.00 PM |
| 8 | Last date/ Time for receipt of Bids in the Portal | : | 05.12.2018 upto 5.00 PM |
| 9 | Date/ Time of Opening of Technical Bid | : | 06.12.2018 at 11 AM |
| 10 | Date/ Time of Opening of Financial Bid | : | To be intimated after evaluation of Technical Bid. |
| 11 | Date of open lottery if required. | : | On 14.12.2018 at Office of the Superintending Engineer, Central M.I. Circle, Plot No. A-8/2, Bhoinagar, Bhubaneswar-22. |
| 12 | Name and address of the Officer Inviting Bid. | : | Superintending Engineer, Central Minor Irrigation Circle, Bhubaneswar, Pin-751022. |
| 13 | Mode of Payment of Bid Cost & Bid Security | : | Govt. of Odisha has introducted e-payment gateway into the portal for payment of cost of Bid & Bid security/ EMD.The process of using e-payment gate is mentioned in the "procedure for electronic receipt, accounting & reporting of cost of tender paper & Earnest money deposit on submission of bid. Further details can be seen from the "e" Procurement Portal "https://tendersorissa.gov. |

Further details can be seen from the "e" Procurement Portal https://tendersorissa.gov.in.

**Annexure**

| Sl. No. | Name of Work | Approximate value of works put to tender (rs. in Lakhs) | E.M.D./ Bid security in (Rs.) | Cost of document (Rs.) | Class of Bidder | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | IMPROVEMENT TO MODANALLA MIP (RES) IN KHANDAPADA BLOCK OF NAYAGARH DIST UNDER IMPROVEMENT TO TANK SCHEME 2018-19 | 208.00 | 208000/- | 10000.00 | B & A Class | 11 Calendar months (including rainy season) |
| 2 | IMPROVEMENT TO MAHISANALLA MIP (RES) IN DASAPALLA BLOCK OF NAYAGARH DIST UNDER IMPROVEMENT TO TANK SCHEME 2018-19 | 160.88 | 161000/- | 10000.00 | B & A Class | 11 Calendar months (including rainy season) |

**Sd./- (Er. S.K. Pradhan)**
**Superintending Engineer, Central Minor Irrigation Circle, Bhubaneswar**

32179/11/0011/1819

## BERHAMPUR MUNICIPAL CORPORATION

**QUOTATION CALL NOTICE**

**No. 18855/ Dt. 15.11.18**

**No.346-C:-** The Municipal Commissioner, Berhampur Municipal Corporation invites sealed quotations from reputed agencies/firms/manufacturers/dealers/suppliers for "Supply of Home appliance for SUH at Ananda Sarani under Berhampur Municipal Corporation".

The quotations should reach the undersigned by Regd. Post/Speed Post only on or before 24.11.18 by 2.00 P.M. and will be opened on the same day at 4.00 P.M. in the office chamber of the undersigned in presence of the quotioners or their authorized agents who intend to attend. The rate to be quoted shall be inclusive of all taxes, handling and transportation/ delivery charges. No extra cost on any account whatsoever will be admissible. Conditional quotations will be rejected immediately. The rate should be written clearly and legibly without any error or overwriting and both in figures and in words. In case of difference or rates or any ambiguity over rates, then the rates written in words will be taken into consideration. Each quotationer should furnish copy of PAN Card and VAT Clearance Certificate along with copy of previous such orders and credentials issued by any Govt. Office/ Organization in favour of him/her/them. The quotationer should furnish E.M.D. for an amount of Rs. 5000/- (Rupees five thousand only) only in shape of Bank Draft/ Pay order/ Challan showing Cash deposited in Berhampur Municipal Corporation Treasury/ NSC or Fixed Deposit in any scheduled Bank or Post Office Saving Bank Account or Post Office Time Deposit Account duly pledged in favour of the Municipal Commissioner, Berhampur Municipal Corporation. Further clarifications can be obtained from this office on any working day. The undersigned reserves the right to accept or reject any quotation without assigning any reason thereof. The quotationers should submit their offers in the following manner. This is for unit price only and quantity will be intimated as per requirement. The quotationer can quote for supply of single items or whole items as their capacity.

| Sl. No. | Description | Unit | Rate quoted In Figure | Rate quoted In Words |
|---|---|---|---|---|
| 1 | ISI marked Iron Double Decker cot/bed with 18 Gauge base & 16 Gauge let Size L. 6 ft X W 3 ft X H 6ft | Each | | |
| 2 | Masquito Net (single) (Cotton materials used for Bunk Bed Size 6 Ft X 3.5 ft X 6ft | Each | | |
| 3 | Mattress (Single (5 ft X 6 ft X 4") foam materials | Each | | |
| 4 | Receptionist wooden Table of Rectangular shape with one side dran for keeping of office accessories (Size 5' X 3' X 3') Top is finished with Sunmica (Teak coloured | Each | | |
| 5 | Plastic Armed Chair (ISI marked) for Common space for visitor and beneficiaries (adult persons) | Each | | |

**Sd./- Commissioner, Berhampur Municipal Corporation**

13035/11/0153/1819



ଯଦି ନିଜର ଶରୀରକୁ ଶାନ୍ତ ରଖିପାରିବ, ତେବେ ସାରା ବିଶ୍ୱକୁ ଜୟ କରିପାରିବ।
- ଗୁରୁ ନାନକ

# ପୋଲିସ, ଓକିଲଙ୍କୁ ଦାୟିତ୍ୱବୋଧର ଶିକ୍ଷା ଦେଲେ ହାଇକୋର୍ଟ

**କଟକ ଅଫିସ, ୧୬।୧୧**

ବାର୍ କାଉନସିଲରୁ ଲାଇସେନ୍ସ ପାଇଗଲେ ଜଣଙ୍କୁ ବୈଷୟିକ ଭାବେ ଓକିଲ ଭାବେ ବିବେଚନା କରାଯାଏ। କିନ୍ତୁ ଯିଏ ରୀତିମତ କୋର୍ଟରେ ପ୍ରାକ୍ଟିସ କରୁଥିବେ, ମାମଲା ପରିଚାଳନା କରୁଥିବେ ସେମାନଙ୍କୁ ପ୍ରକୃତ ଓକିଲ କୁହାଯିବ। ଓକିଲଙ୍କ ମର୍ଯ୍ୟାଦା ଉପରେ କୋର୍ଟଙ୍କ ମର୍ଯ୍ୟାଦା ନିର୍ଭର କରେ। ଶୃଙ୍ଖଳା, ଧୈର୍ଯ୍ୟବାନ, ସମାଜ ପ୍ରତି ସମ୍ମାନ, ସାହସୀ ଓ ମାନବିକତା ଆଦି ଗୁଣ ଓକିଲଙ୍କ ଭିତରେ ଭରି ରହିବା କଥା। ତେଣୁ ଯିଏ ନିଜକୁ ଓକିଲ ଭାବେ ବିବେଚନା କରୁଛନ୍ତି ତାଙ୍କ ନିକଟରେ ଉପରୋକ୍ତ ଗୁଣମାନ ଅଛି କି ନାହିଁ ତାହାକୁ ସେ ପ୍ରଥମେ ନିରୀକ୍ଷଣ କରିବା କଥା। ସେହିପରି ସମାଜରେ ଶାନ୍ତିଶୃଙ୍ଖଳା ରକ୍ଷାକରିବା କ୍ଷେତ୍ରରେ ପୋଲିସର ଭୂମିକା ଗୁରୁତ୍ୱପୂର୍ଣ୍ଣ। ପୋଲିସ ସମାଜରେ ବିଶୃଙ୍ଖଳା ସୃଷ୍ଟି କରୁଥିବା ଅପରାଧୀ ଓ ଅସାମାଜିକ ତତ୍ତ୍ୱଙ୍କ ପଛରେ ଲାଗି ରହିବା କଥା। ଗୋଟିଏ ବିକଶିତ ସମାଜ ପାଇଁ ପୋଲିସର ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେଣୁ ପୋଲିସ ନିଜର କର୍ତ୍ତବ୍ୟ ଓ କର୍ମ ଉପରେ ସଚେତନ ରହିବା କଥା। କଟକରେ ଓକିଲ-ପୋଲିସ ବିବାଦକୁ ନେଇ ଦୀର୍ଘ ଅଢେଇ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଲାଗି ରହିଥିବା ଅପ୍ରୀତିକର ପରିସ୍ଥିତି ଉପରେ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି ବିଚାରପତି ଜଷ୍ଟିସ ସି.ଆର୍. ଦାଶ। ଗତ ୧୪ ତାରିଖରେ ଉକ୍ତ ମାମଲାର ଶୁଣାଣି କରି ବିଚାରପତି ଦାଶ ଉପରୋକ୍ତ ମତ ଦେବା ସହିତ ଉଭୟ ପୋଲିସ ଏବଂ ଓକିଲଙ୍କୁ ସେମାନଙ୍କର କର୍ତ୍ତବ୍ୟ, ଦାୟିତ୍ୱ ବୋଧତା ଉପରେ ଉପାଦେୟ ପରାମର୍ଶ ଦେଇଛନ୍ତି।

ନିଜର ୧୫ ପୃଷ୍ଠା ସମ୍ବଳିତ ରାୟରେ ଜଷ୍ଟିସ ଦାଶ ଇଂଲିଶ କବି ରବର୍ଟ ସାଉଦୀଙ୍କ କବିତାର ଏକ କିୟଦଂଶକୁ ଉଦ୍ଧୃତ କରି କହିଛନ୍ତି ଯେ, ପ୍ରତ୍ୟେକ ଦୁଃଖଦ ଘଟଣା ମଣିଷକୁ ଦୃଢ଼ କରିଥାଏ।



- ■ କେବଳ ସାଧାରଣ ଲୋକଙ୍କ କ୍ଷତି ହୋଇଛି
- ■ ୭ ଦିନ ଭିତରେ କମିଟି କରିବାକୁ ନିର୍ଦ୍ଦେଶ

ପ୍ରତ୍ୟେକ ଅପ୍ରୀତିକର ଘଟଣା ପରେ ଏକ ପରିଷ୍କାର ବାଟ ଦୃଶ୍ୟମାନ ହୋଇଥାଏ। ଅର୍ଥାତ୍ ଠିକିଲେ ଶିକ୍ଷାଲାଭ କରିବା କଥାକୁ ବିଚାରପତି ଦାଶନିଜ ଆଦେଶନାମାରେ ଉଲ୍ଲେଖ କରିଛନ୍ତି। ଏହାକୁ ଉଲ୍ଲେଖ କରି ସେ ଦର୍ଶାଇଛନ୍ତି ଯେ, ଦୀର୍ଘଦିନର ଏହି ଆନ୍ଦୋଳନରେ କେହି ହାରିନାହାନ୍ତି କି କେହି ଜିତିନାହାନ୍ତି। କାରଣ ଏହା ଏକ ଯୁଦ୍ଧ ନ ଥିଲା। ଗୋଟିଏ କାରଣକୁ ନେଇ ଏଭଳି ବିବାଦ ଲାଗି ରହିଥିଲା। ତେଣୁ ଏହା ହାରଜିତ୍‌ର ପ୍ରସଙ୍ଗ ନୁହେଁ। ତେଣୁ ସମସ୍ତେ ଜିତିଛନ୍ତି ବୋଲି ବିଚାରପତି କହିଛନ୍ତି। ଏହି ଆନ୍ଦୋଳନରେ ଯାହା କିଛି କ୍ଷତି ହୋଇଛି ତାହା ସାଧାରଣ ଲୋକଙ୍କର ଏବଂ ଏହି କ୍ଷତିଭରଣା କରାଯାଇପାରିବ ନାହିଁ। ତେଣୁ ଭବିଷ୍ୟତରେ ଏଭଳି ଅପ୍ରୀତିକର ପରିସ୍ଥିତିର ସଫଳ ପରିଚାଳନା ପାଇଁ ସରକାରଙ୍କୁ ଏକ କମିଟି ଗଠନ କରିବାକୁ ବିଚାରପତି ଦାଶ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ କମିଟିରେ ସରକାରଙ୍କ ପସନ୍ଦରେ ହାଇକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତି ଅଧ୍ୟକ୍ଷ ରହିବେ। ରାଜ୍ୟ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ କମିଟିର ସଦସ୍ୟ ସଚିବ ଭାବେ ସ୍ଥାନ ପାଇବେ। ଆଇନ ବିଭାଗ ସଚିବ, ପୋଲିସ ଡିଜି, ପୋଲିସ ଆଇଜି, ପୋଲିସ କମିଶନର ପ୍ରମୁଖ ମଧ୍ୟ ସଦସ୍ୟ ରହିବେ। ହାଇକୋର୍ଟ ବାର୍ ଆସୋସିଏଶନର ସଭାପତି ଓ ସମ୍ପାଦକ ଉକ୍ତ କମିଟିରେ ଏକ୍ସ ଅଫିସିଓ ସଦସ୍ୟ ଭାବେ କାର୍ଯ୍ୟ କରିବେ। ଏହାବାଦ୍ ହାଇକୋର୍ଟ ବାର୍ ଆସୋସିଏଶନ କାର୍ଯ୍ୟକାରୀ ପରିଷଦ ଦ୍ୱାରା ଚୟନ କରାଯାଇଥିବା ୩ ଜଣ ଆଇନଜୀବୀ କମିଟିର ସଦସ୍ୟ ରହିବାକୁ ଥିବାବେଳେ ସେମାନଙ୍କ ମଧ୍ୟରୁ ୨ ଜଣ ଅତିକମ୍‌ରେ ୩୦ରୁ ୪୦ ବର୍ଷ ଓକିଲାତି ପେସା କରିଥିବା ଆବଶ୍ୟକ ବୋଲି ବିଚାରପତି ଆଦେଶରେ ସ୍ପଷ୍ଟ କରିଛନ୍ତି। ତେବେ ଉକ୍ତ କମିଟିରେ ରାଜନୀତି ଦଳ ସହିତ ସମ୍ପୃକ୍ତ ଥିବା କୌଣସି ବ୍ୟକ୍ତିବିଶେଷଙ୍କୁ ସ୍ଥାନ ନ ଦେବାକୁ ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି। ୭ ଦିନ ମଧ୍ୟରେ ଉକ୍ତ କମିଟି ଗଠନ କରିବାକୁ ଆଦେଶ ରହିଛି। କମିଟି ଗଠନ ହେବାର ୨ ମାସ ମଧ୍ୟରେ ତା'ର ପ୍ରଥମ ବୈଠକ ସମ୍ପର୍କିତ ରିପୋର୍ଟ ଦାଖଲ କରିବା ପାଇଁ ବିଚାରପତି ଆଦେଶ ଦେଇଛନ୍ତି। ଏହାବାଦ ଉକ୍ତ ବିବାଦକୁ ନେଇ ହାଇକୋର୍ଟ ବାର୍ ଆସୋସିଏଶନ ମଧ୍ୟରେ ଯେଉଁ ତିକ୍ତତା ଦେଖାଦେଇଛି ତାହାକୁ ନେଇ ବିଚାରପତି ଦାଶ କ୍ଷୋଭ ପ୍ରକାଶ କରିଛନ୍ତି। ପୂର୍ବ ମନୋମାଳିନ୍ୟକୁ ଭୁଲି ସମସ୍ତେ ଏକଜୁଟ ହେବାକୁ ସେ ପରାମର୍ଶ ଦେଇଛନ୍ତି।

ସୂଚନାଥାଉ କି, ଗତ ଅଗଷ୍ଟ ୨୮ରେ ହାଇକୋର୍ଟ ଆଇନଜୀବୀ ଦେବୀପ୍ରସାଦ ପଟ୍ଟନାୟକଙ୍କୁ ପୋଲିସ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଦାବିରେ ଓକିଲମାନେ ଅଗଷ୍ଟ ୨୯ରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିଲେ, ଯାହା ଗତ ବୁଧବାର ପ୍ରତ୍ୟାହୃତ ହୋଇଥିଲା। ଦୀର୍ଘଦିନର ଉକ୍ତ ଆନ୍ଦୋଳନ ସମୟରେ ଅନେକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା।

### ■ ୮ମ ଓଡ଼ିଶା ଲିଭିଙ୍ଗ୍ ଲିଜେଣ୍ଡ ଆୱାର୍ଡ

# ସମନ୍ୱୟ ଆଣିବ ପରିବର୍ତ୍ତନ



ହୋଟେଲ୍ ସ୍ୱସ୍ତି ପ୍ରିମିୟମ୍‌ର ମ୍ୟାନେଜିଂ ଡାଇରେକ୍ଟର ଜେ.କେ ମହାନ୍ତି ମନ୍ତ୍ରୀ ପ୍ରତାପ ଜେନାଙ୍କ ଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

**ଭୁବନେଶ୍ୱର, ୧୬।୧୧ (ବ୍ୟୁରୋ)**

ଓଡ଼ିଶା ଡାଏରୀ ପକ୍ଷରୁ ୮ମ ଓଡ଼ିଶା ଲିଭିଙ୍ଗ୍ ଲିଜେଣ୍ଡ ଏବଂ ଯୁବ ପ୍ରେରଣା ପୁରସ୍କାର ବିତରଣ ଉତ୍ସବ ଶୁକ୍ରବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ହୋଇଯାଇଛି। ଚଳିତବର୍ଷ ପ୍ରଥମଥର ପାଇଁ ଓଡ଼ିଶା ଡାଏରୀ ଜାତୀୟ ଲିଭିଙ୍ଗ୍ ଲିଜେଣ୍ଡ ପୁରସ୍କାର ଆରମ୍ଭ କରିଛି। ଅକ୍ଷୟପାତ୍ର ଫାଉଣ୍ଡେଶନ ଅଧ୍ୟକ୍ଷ ମଧୁପଣ୍ଡିତ ଦାସଙ୍କୁ ଏଥର ପ୍ରଥମ ଜାତୀୟ ଲିଭିଙ୍ଗ୍ ଲିଜେଣ୍ଡ ପୁରସ୍କାର ୨୦୧୮ ପ୍ରଦାନ କରାଯାଇଛି। ଏହାସହ ଚଳିତବର୍ଷ ଆଧୁନିକ କବି ପଦ୍ମଭୂଷଣ ରମାକାନ୍ତ ରଥ, ପ୍ରତିଷ୍ଠିତ ସିନେମା ନିର୍ଦ୍ଦେଶକ ତଥା ସଂଳାପ ଲେଖକ ପଦ୍ମଶ୍ରୀ ଶିଶିର ମିଶ୍ର, କେନିଆ ସଂସଦର ଏମ୍‌ପି ଡ. ସ୍ୱରୂପ ରଞ୍ଜନ ମିଶ୍ର, ସ୍ମାଇଲ୍ ଫାଉଣ୍ଡେଶନ ପ୍ରତିଷ୍ଠାତା ଶାନ୍ତନୁ ମିଶ୍ର, ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ବୁଦ୍ଧଦେବ ମେହେର, ମାଉଣ୍ଟେନମ୍ୟାନ୍ ଦୈତାରି ନାଏକ, ଗୀତିକାର ମିତ୍ରଭାନୁ ଗୌନ୍ତିଆଙ୍କୁ ଓଡ଼ିଶା ଲିଭିଙ୍ଗ୍ ଲିଜେଣ୍ଡ ଆୱାର୍ଡ ୨୦୧୮ ପ୍ରଦାନ କରାଯାଇଛି। ସେହିପରି ଜାପାନର ଓଡ଼ିଶୀ ନୃତ୍ୟଶିଳ୍ପୀ ମସାକୋ ଓନୋ, ଅନ୍ତର୍ଜାତୀୟ ଧାବିକା

- ■ ଜେ.କେ. ମହାନ୍ତିଙ୍କୁ ଓଡ଼ିଶା ଲିଭିଙ୍ଗ୍ ଲିଜେଣ୍ଡ ପୁରସ୍କାର
- ■ ଅକ୍ଷୟପାତ୍ର ଫାଉଣ୍ଡେଶନକୁ ପ୍ରଥମ ଜାତୀୟ ଲିଭିଙ୍ଗ୍ ଲିଜେଣ୍ଡ ସମ୍ମାନ

ଦୂତୀ ଚାନ୍ଦ, କିମ୍ବଦନ୍ତୀ କ୍ରୀଡ଼ା ପ୍ରଶିକ୍ଷକ ନାଗପୁରୀ ରମେଶ, କିମ୍ବଦନ୍ତୀ ଗୋଷ୍ଠୀ କାର୍ଯ୍ୟକର୍ତ୍ତା ତଥା କବି ଗୌନ୍ତିଆ ମହମ୍ମଦ ଜମ୍ମିଉଲ୍ଲାଙ୍କୁ ଓଡ଼ିଶା ଲିଭିଙ୍ଗ୍ ଲିଜେଣ୍ଡ ଆୱାର୍ଡ ଦିଆଯାଇଛି। ଉଦ୍ୟୋଗ ଶିଳ୍ପ ତଥା ହୋଟେଲ ଇଣ୍ଡଷ୍ଟ୍ରି କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ ଲାଗି ହୋଟେଲ୍ ସ୍ୱସ୍ତି ପ୍ରିମିୟମ୍‌ର ମ୍ୟାନେଜିଂ ଡାଇରେକ୍ଟର ତଥା ଶିଳ୍ପପତି ଜେ.କେ. ମହାନ୍ତିଙ୍କୁ ଚଳିତବର୍ଷର ଓଡ଼ିଶା ଲିଭିଙ୍ଗ୍ ଲିଜେଣ୍ଡ ଆୱାର୍ଡ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ଅତିଥି ଭାବେ ଯୋଗଦେଇ ପ୍ରତିଭାଙ୍କୁ ପୁରସ୍କୃତ କରିଥିଲେ।

ଏତଦ୍‌ବ୍ୟତୀତ ଅନୁଷ୍ଠାନ ପକ୍ଷରୁ ରାଜ୍ୟର ଯୁବପ୍ରତିଭାମାନଙ୍କୁ ଯୁବ ପ୍ରେରଣା ସମ୍ମାନ ପ୍ରଦାନ କରାଯାଇଛି। ସରୋଜ ଦାସ, ଭାରତ ମାଝି, ରଶ୍ମି ସାହୁ, ସନ୍ଦୀପ କୁମାର ପଟ୍ଟନାୟକ, ପଦ୍ମିନୀ ପାଣିଗ୍ରାହୀ, ପ୍ରମୋଦ ଭଗତ, ଏଲିନା ସାମନ୍ତରାୟ, ଦିଲୀପ ସାହୁ, ଶୁଭୋଜିତ ସାହୁ, ନରେଶ ମହାପାତ୍ର ଓ ରୁଦ୍ର ପ୍ରସନ୍ନ ରଥଙ୍କୁ ଏଥର ଓଡ଼ିଶା ଯୁବ ପ୍ରେରଣା ଆୱାର୍ଡ ୨୦୧୮ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଅକ୍ଷୟପାତ୍ର ଫାଉଣ୍ଡେଶନ ଉପାଧ୍ୟକ୍ଷ ଚଞ୍ଚଳପତି ଦାସ 'ଏକବିଂଶ ଶତାବ୍ଦୀରେ ପରୋପକାର: ଆହ୍ୱାନ ଏବଂ ସୁଯୋଗ' ଉପରେ ବକ୍ତବ୍ୟ ରଖିଥିଲେ। ସମାଜରେ ଏକ ଯୁଗାନ୍ତକାରୀ ପରିବର୍ତ୍ତନ ନିମନ୍ତେ ଲାଭକାରୀ ତଥା ଅଣଲାଭକାରୀ ସଂସ୍ଥା ମଧ୍ୟରେ ଯୋଜନାବଦ୍ଧ ସମନ୍ୱୟର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ସ୍ମାଇଲ ଫାଉଣ୍ଡେଶନ ପ୍ରତିଷ୍ଠାତା ଶାନ୍ତନୁ ମିଶ୍ର ଅନ୍ୟତମ ବକ୍ତା ଭାବେ ଉପସ୍ଥିତ ରହି ସରକାର ଏବଂ ଏନ୍‌ଜିଓମାନଙ୍କ ମଧ୍ୟରେ ସମନ୍ୱୟର ଆବଶ୍ୟକତା ରହିଥିବା କହିଥିଲେ। ଓଡ଼ିଶା ଡାଏରୀ ସମ୍ପାଦକ ତଥା ଓଡ଼ିଶା ଡାଏରୀ ଫାଉଣ୍ଡେଶନ ପ୍ରତିଷ୍ଠାତା ରଶ୍ମିରଞ୍ଜନ ପରିଡ଼ା ଏହି ଅବସରରେ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ।

# ଚିଲିକା: ରାତିରେ ଚାଲିଛି ବିଦେଶୀ ପକ୍ଷୀ ଶିକାର

**କଣାସ, ୧୬।୧୧ (ସ୍ୱ.ପ୍ର.)**

ଉତ୍ତର ଗୋଲାର୍ଦ୍ଧରେ ଶୀତର ପ୍ରକୋପ ବୃଦ୍ଧିପାଇବାରୁ ଚିଲିକାକୁ ବିଦେଶୀ ପକ୍ଷୀଙ୍କ ସୁଅଛୁଟିଛି। ବିଦେଶୀପକ୍ଷୀଙ୍କ କଳରବରେ ମୁଖରିତ ହୋଇଉଠିଛି ଚିଲିକା। ପ୍ରତ୍ୟେକ ବର୍ଷ ବିଭିନ୍ନ ଦେଶରୁ ୬ଲକ୍ଷରୁ ୮ଲକ୍ଷ ପର୍ଯ୍ୟନ୍ତ ବିଦେଶୀପକ୍ଷୀ ଆସି ଚିଲିକାରେ ପହଞ୍ଚୁଥିବା ଗଣନାରୁ ଜଣାପଡ଼ିଛି। ମାତ୍ର ଗତ କେତେ ବର୍ଷ ଧରି ନଳବଣରେ ଖାଦ୍ୟାଭାବ ଯୋଗୁ ଚିଲିକାର ଉତ୍ତରନାଶିକୁ ଖାଦ୍ୟ ଅନ୍ୱେଷଣରେ ବିଦେଶୀପକ୍ଷୀମାନେ ଆସୁଛନ୍ତି। ଚିଲିକାର ଉତ୍ତରନାଶି ଭୂଷଣ୍ଡପୁରଠାରୁ ଜଗଦଳପର୍ଯ୍ୟନ୍ତ ବିସ୍ତୃତ ଅଞ୍ଚଳ କଇଁଫୁଲ, କଳିକତିଦଳ ପୂର୍ଣ୍ଣହୋଇଥିବାରୁ ପକ୍ଷୀମାନଙ୍କ ସଂଖ୍ୟା ସେଠାରେ ବୃଦ୍ଧିପାଉଥିବା ଦେଖିବାକୁ ମିଳିଛି। ବିଦେଶୀପକ୍ଷୀମାନଙ୍କ ସୁରକ୍ଷା ପାଇଁ ବନ୍ୟପ୍ରାଣୀ ବିଭାଗପକ୍ଷରୁ ବାଲୁଗାଁ, ନଳବଣ, କାଳୁପଡ଼ା, ଭୁଷଣ୍ଡପୁର ଏବଂ ଚିଲିକା ମଝିରେ ସୁରକ୍ଷାବୋଟ ପାଟ୍ରୋଲିଂ କରୁଛି। ସୁରକ୍ଷା କର୍ମୀମାନେ ଯନ୍ତ୍ରଚାଳିତ ନୌକାରେ ପାଟ୍ରୋଲିଂ କରୁଥିବାରୁ ଚିଲିକାର ଉତ୍ତରନାଶି ପ୍ରତି ଧ୍ୟାନ ଦେଇପାରୁ ନାହାନ୍ତି। ଫଳରେ ପକ୍ଷୀ ଶିକାରୀମାନେ ସନ୍ଧ୍ୟା ସମୟରେ ଚିଲିକା କୂଳକୁ ଛୋଟ ଡଙ୍ଗାରେ ଯାଇ କୂଳରେ ଫାଶ ବସାଇ ପକ୍ଷୀଧରୁଥିବା ବେଳେ ଆଉ କେତେକ ବ୍ୟକ୍ତି ଉଜ୍ଜ୍ୱଳ ଆଲୋକ ପକ୍ଷୀମାନଙ୍କ ମୁହଁକୁ ପକାଇ ବାଡ଼ି ଦ୍ୱାରା ପିଟି ଆହତ କରି ଧରୁଛନ୍ତି। କେତେକ ଶିକାରୀ ତରଳ ନିଶାଦ୍ରବ୍ୟ ସିରିଞ୍ଜ ମାଧ୍ୟମରେ କଇଁଫୁଲ କେଶରରେ ଦେବା ସହିତ ଖାଦ୍ୟରେ ଦେଇ ପକ୍ଷୀମାନଙ୍କୁ ଅଚେତ କରି ଧରିନେଉଛନ୍ତି। ଶିକାରୀମାନେ ସନ୍ଧ୍ୟାରେ ଆସି ଭୋରୁ ଶିକାର କରି ଫେରିଯାଉଛନ୍ତି। ଶିକାରୀମାନଙ୍କ ଏଭଳି କାର୍ଯ୍ୟ ଉପରେ ବନ୍ୟପ୍ରାଣୀ ବିଭାଗ ଅଧିକାରୀଙ୍କ ଦୃଷ୍ଟିପଡୁନାହିଁ। ଏହାକୁ ନେଇ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି।






ଶ୍ରୀମା



ସବିତା



ସ୍ନେହାଶିଷ



ତପନ



ଅଙ୍କିତ



ସଙ୍ଗୀତ୍



ସ୍ନେହା



ଲିଟୁ



ଜଣେ ଯଦି ତୁମଠାରୁ ଭଲ ହୋଇ ନ ଥାଏ, ତା' ସହିତ କେବେ ବନ୍ଧୁତା ବାନ୍ଧ ନାହିଁ।

- କନ୍‌ଫୁସିୟସ

## ସଂକ୍ଷେପରେ

### ଲାଞ୍ଚ: ଅବକାରୀ ସବ୍‌ଇନ୍ସପେକ୍ଟର ଧରାପଡ଼ିଲେ

କଟକ ଅଫିସ,୧୬।୧୧: ୨୫ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି କୋରାପୁଟ ଜିଲା କୋଟପାଡ଼ରେ କାର୍ଯ୍ୟରତ ଅବକାରୀ ସବ୍‌ଇନ୍ସପେକ୍ଟର ଥାଇଲୋ ଓରାମ। ଶୁକ୍ରବାର ରାତି ୮ଟାରେ ଓରାମ କୁନ୍ଦୁରା ଥାନା ଅଧୀନ ରାଣୀଗୁଡ଼ା ଗ୍ରାମର ପଦମନ ନାୟକ ନାମକ ଜଣେ ବ୍ୟକ୍ତିଙ୍କଠାରୁ ଏହି ଲାଞ୍ଚ ଗ୍ରହଣ କରୁଥିଲେ। ପଦମନଙ୍କ ମୋଟରସାଇକେଲକୁ ଅବକାରୀ ସବ୍‌ଇନ୍ସପେକ୍ଟର ଓରାମ ଅଟକ ରଖିଥିଲେ। ମୋଟରସାଇକେଲକୁ ମୁକୁଳାଇବା ପାଇଁ ସେ ଏହି ଲାଞ୍ଚ ଦାବି କରିଥିଲେ। ଏ ନେଇ କୋରାପୁଟ ଭିଜିଲାନ୍ସ ଥାନାରେ ୩୦/୨୦୧୮ ନମ୍ବରରେ ଏକ ମାମଲା ରୁଜୁ କରାଯାଇ ଓରାମଙ୍କୁ ଗିରଫ କରାଯାଇଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

### ମହିଳାଙ୍କୁ ମାଡ଼ ମାରି ଅସଦାଚରଣ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୧୬।୧୧(ବ୍ୟୁରୋ): ନୟାପଲ୍ଲୀ ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ମାଡ଼ ମାରି ଅସଦାଚରଣ କରିବା ଅଭିଯୋଗରେ ପୋଲିସ ଅଭିଯୁକ୍ତଙ୍କୁ ଶୁକ୍ରବାର ଗିରଫ କରିଛି। ସେ ହେଲେ ସାଲିଆସାହି ଆଦିବାସୀ ସାହିର ଅକ୍ଳାନ୍ତ ଟୁଡୁ (୨୪)। ସୂଚନା ମୁତାବକ, ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ମହିଳା ଜଣକ ଆଦିବାସୀ ସାହିରେ ରହୁଥିବା ନିଜ ବଡ ଭଉଣୀଙ୍କୁ ଦେଖା କରି ଫେରୁଥିଲେ। ଏହି ସମୟରେ କୌଣସି କାରଣକୁ ନେଇ ଅକ୍ଳାନ୍ତ ଓ ମହିଳାଙ୍କ ମଧ୍ୟରେ କଥା କଟାକଟି ହୋଇ ବଚସା ଆରମ୍ଭ ହୋଇଥିଲା। ଅକ୍ଳାନ୍ତ ଉତକ୍ଷିପ୍ତ ହୋଇ ରାସ୍ତା ଉପରେ ତାଙ୍କୁ ମାଡ଼ ମାରିବା ସହ ଅସଦାଚାରଣ କରିଥିଲେ। ଏ ନେଇ ମହିଳା ଜଣଙ୍କ ନୟାପଲ୍ଲୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି।

### ନନ୍ଦନକାନନରେ ଗୁରାଣ୍ଡି ମୃତ

ବାରଙ୍ଗ,୧୬।୧୧(ଡି.ଏନ୍.ଏ.): ନନ୍ଦନକାନନ ପ୍ରାଣୀ ଉଦ୍ୟାନର ୩୭ସି' ନଂ. ଏନ୍‌କ୍ଲୋଜରରେ ଥିବା ୮ବର୍ଷର ଏକ ଅଣ୍ଡିରା ଗୁରାଣ୍ଡିର ଶୁକ୍ରବାର ସକାଳେ ମୃତ୍ୟୁ ଘଟିଛି। ମୃତ୍ୟୁର କାରଣ ଜଣାପଡ଼ି ନ ଥିବାବେଳେ ଏନ୍‌କ୍ଲୋଜରରେ ଏହା ମରିପଡ଼ିଥିବା ଦାୟିତ୍ୱରେ ଥିବା କର୍ମଚାରୀ ଦେଖିବାକୁ ପାଇଥିଲେ। ଏହାର ମୃତ୍ୟୁ ପରେ ଗୁରାଣ୍ଡି ସଂଖ୍ୟା ୬କୁ ହ୍ରାସ ପାଇଛି।

### ଅଜଣା ଗାଡ଼ି ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

ଭୁବନେଶ୍ୱର,୧୬।୧୧(ବ୍ୟୁରୋ): ଖଣ୍ଡଗିରି ଥାନା ଜାତୀୟ ରାଜପଥ ପାର୍ଶ୍ୱସ୍ଥ ହନୁମାନ ମନ୍ଦିର ସମ୍ମୁଖରେ ଗୁରୁବାର ରାତିରେ ଏକ ଅଜଣା ଗାଡି ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ପରିଚୟ ମିଳିପାରିନାହିଁ। ତାଙ୍କ ବୟସ ପାଖାପାଖି ବର୍ଷ ୬୦ ହେବ। ସେ ସ୍ଥାନୀୟ ଅଞ୍ଚଳର ହୋଇଥିବା ପୋଲିସ ସନ୍ଦେହ କରୁଛି। ହନୁମାନ ମନ୍ଦିର ସମ୍ମୁଖରେ ବୃଦ୍ଧ ଜଣକ ରାସ୍ତା ପାର ହେଉଥିବା ସମୟରେ ଖଣ୍ଡଗିରିରୁ ସିଆରପି ଅଭିମୁଖେ ଦ୍ରୁତ ଗତିରେ ଯାଉଥିବା ଏକ ଗାଡି ତାଙ୍କୁ ଧକ୍କା ଦେଇଥିବା ସନ୍ଦେହ କରାଯାଉଛି। ପୋଲିସ ମୃତଦେହ ଜବତ କରିବା ସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଦୁର୍ଘଟଣା ଘଟାଇଥିବା ଗାଡିକୁ ଧରିବା ପାଇଁ ପୋଲିସ ବିଭିନ୍ନ ଛକରେ ଲାଗିଥିବା ସିସିଟିଭି ଫୁଟେଜକୁ ଯାଞ୍ଚ କରୁଛି।

### ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ପୁରୁଣା ଭୁବନେଶ୍ୱର,୧୬।୧୧(ଡି.ଏନ.ଏ.): ପୁରୀ-ଭୁବନେଶ୍ୱର ୩୧୬ ନଂ. ଜାତୀୟ ରାଜପଥର ଧଉଳି ଛକରୁ ଉତ୍ତରାଛକ ମଝିରେ ଦୁର୍ଘଟଣା ଘଟିଛି। ଏଥିରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଧଉଳି ଥାନା ଅଧୀନ ନାଥପୁର ଗାଁର ବିଜୟ କୁମାର ସ୍ୱାଇଁ(୩୨)। ପୋଲିସ ସୂଚନା ମୁତାବକ ବିଜୟ ଜଣେ ରାଜମିସ୍ତ୍ରି। ସେ ପ୍ରତ୍ୟେକ ଦିନ ଭୋରରୁ ଫୁଲ ତୋଳିବାକୁ ଏହି ରାଜପଥକୁ ଆସିଥାନ୍ତି। ମନ୍ଦିର ଏବଂ କିଛି ଲୋକଙ୍କୁ ସେ ଫୁଲ ଦେଇଥାନ୍ତି। ଶୁକ୍ରବାର ଭୋରୁ ବିଜୟ ସାଇକେଲ ଯୋଗ ଦୟା ବ୍ରିଜଠାରୁ ରାସ୍ତାପାର୍ଶ୍ୱରେ ଫୁଲ ତୋଳି ଘଟଣା ସ୍ଥଳଯାଏଁ ଆସିଥିଲେ। ସେଠାରୁ ଅପସାଇଡରେ ଫେରୁଥିବାବେଳେ ଏକ ଅଜଣା ଚାରି ଚକିଆ ଗାଡି ତାଙ୍କୁ ଉପରେ ମାଡି ଯାଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା। ଥାନାରେ ନଂ. ୧୬୮/୧୮ରେ ମାମଲା ରୁଜୁ ହୋଇଛି। ବିଜୟ ପରିବାରର ରୋଜଗାର କ୍ଷମ ପୁଅ ଥିବାରୁ ଗାଁରେ ତାଙ୍କ ମୃତ୍ୟୁରେ ଶୋକର ଛାୟା ଖେଳିଯାଇଛି।

# 'ସାମ୍ବାଦିକତା ବୃତ୍ତିରେ ନୈତିକତା ଜରୁରୀ'

ଭୁବନେଶ୍ୱର, ୧୬।୧୧ (ବ୍ୟୁରୋ)




ସାମ୍ବାଦିକ ବୃତ୍ତିରେ ନୈତିକତା ରହିବା ଜରୁରୀ ବୋଲି ଓଡ଼ିଶା ହାଇକୋର୍ଟର ବିଚାରପତି ବିଶ୍ୱନାଥ ରଥ କହିଛନ୍ତି। ଜାତୀୟ ପ୍ରେସ୍ ଦିବସ ପାଳନ ଅବସରରେ ଶୁକ୍ରବାର ଭୁବନେଶ୍ୱର ସୂଚନା ଭବନରେ ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ ପକ୍ଷରୁ ଆୟୋଜିତ ଉତ୍ସବରେ ଯୋଗଦେଇ ଜଷ୍ଟିସ ରଥ କହିଛନ୍ତି ଯେ, ସତ୍ୟକୁ କୌଣସି ପ୍ରକାରେ କଦର୍ଥ ହେବାକୁ ନ ଦେବା ଉଚିତ।

ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ତଥା ଚିଟ୍‌ଫଣ୍ଡ ତଦନ୍ତ କମିଶନ ଜଷ୍ଟିସ୍ ମଦନମୋହନ ଦାସ କହିଥିଲେ ଯେ, ଗୋଟିଏ ଘଟଣା ଉପରେ ଖବରକାଗଜ ସଂସ୍ଥାଗୁଡ଼ିକ ବିଭିନ୍ନ ପକ୍ଷ ସହ ବୁଝାମଣା କରୁଥିବାରୁ ଖବର ଭିନ୍ନ ଭିନ୍ନ ଭାବେ ପ୍ରକାଶ ପାଉଛି। ଫଳରେ ଲୋକେ ବିଭ୍ରାନ୍ତ ହେଉଛନ୍ତି। ଏ କ୍ଷେତ୍ରରେ ସାମ୍ବାଦିକମାନଙ୍କ ପାଇଁ ଏକ ନିର୍ଦ୍ଦିଷ୍ଟ ଯୋଗ୍ୟତା ନିର୍ଦ୍ଧାରଣ କରାଯିବା ଉଚିତ୍ ବୋଲି ସେ ମତ ଦେଇଥିଲେ। ଏମ୍‌ପି ଭର୍ତ୍ତୃହରି ମହତାବ ଯୋଗଦେଇ କହିଥିଲେ ଯେ, ଗଣମାଧ୍ୟମ କହିଲେ ଜନମତ ସୃଷ୍ଟିକୁ ବୁଝାଯାଏ। ପ୍ରତ୍ୟେକ ଗଣମାଧ୍ୟମ ମଧ୍ୟରେ ସବୁବେଳେ ପ୍ରତିଦ୍ୱନ୍ଦ୍ୱିତା ରହିଥିଲେ ମଧ୍ୟ ଆଜିର ଖବରକାଗଜ ଶେଷ ନୁହେଁ ବୋଲି ସମ୍ପାଦକ ସର୍ବଦା ମନେ ରଖିବା ଉଚିତ। ଉନ୍ନୟନ କମିଶନର ଆର. ବାଲକ୍ରିଷ୍ଣନ ସମ୍ବାଦପତ୍ରକୁ ଲୋକେ ସକାଳ ପର୍ଯ୍ୟନ୍ତ ଅପେକ୍ଷା କରୁନାହାନ୍ତି। ସୋସିଆଲ ମିଡ଼ିଆକୁ ଚାଲିଯାଉଥିବାରୁ ଗଣମାଧ୍ୟମର ଦାୟିତ୍ୱ ବଢ଼ିଯାଉଛି ବୋଲି ସେ କହିଥିଲେ। ଏମ୍‌ପି ପ୍ରସନ୍ନ କୁମାର ପାଟଶାଣୀ, ବୋର୍ଡର ସଭାପତି ପ୍ରଦୋଷ ପଟ୍ଟନାୟକ, ସଧାରଣ ସମ୍ପାଦକ ସନତ ମିଶ୍ର ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ଜଷ୍ଟିସ ରଥ, ଜଷ୍ଟିସ ଦାସ ଏବଂ ଅତିଥିମାନେ ଗୁଜରାଟର ପୁରୁଷୋତ୍ତମ ଶର୍ମା, କଳିକତାର ରବୀନ୍ଦ୍ରନାଥ ଝା, ମହାରାଷ୍ଟ୍ରର ସନ୍ତୋଷ ପାଣ୍ଡେଙ୍କୁ ୨୦୧୮ ପାଇଁ ରାଷ୍ଟ୍ରୀୟ ସାମ୍ବାଦିକ ଗୌରବ ସମ୍ମାନରେ ଭୂଷିତ କରି ଉପଢୌକନ ପ୍ରଦାନ କରିଥିଲେ। ସେହିପରି ୨୦୧୮ ପାଇଁ ପ୍ରଜାତନ୍ତ୍ରର ସମ୍ପାଦକ ତଥା ସାଂସଦ ଭର୍ତ୍ତୃହରି ମହତାବଙ୍କୁ ଉତ୍କଳ ସାମ୍ବାଦିକ ରତ୍ନ ସମ୍ମାନ ଦିଆଯାଇଥିଲା। ଉତ୍କଳ ବିଶ୍ୱବିଦ୍ୟାଳୟର ୨୦୧୭ ମସିହା ସାମ୍ବାଦିକତା ଓ ଗଣ ଯୋଗାଯୋଗ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ହାସଲ କରିଥିବା ନୟେନ୍ଦ୍ରି ଅଗ୍ରୱାଲଙ୍କୁ ରବିନାରାୟଣ ମହାନ୍ତି ସ୍ମାରକୀ ସିଲ୍ଡ ପ୍ରଦାନ କରାଯାଇଥିଲା। ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ୨୦୧୮ ମସିହା ସାମ୍ବାଦିକତା ଓ ଗଣଯୋଗାଯୋଗ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ହାସଲ କରିଥିବା ପ୍ରାଚୀପ୍ରଭା ମହାପାତ୍ରଙ୍କୁ ଗୋପାଳ ମିଶ୍ର ସ୍ମାରକୀ ସିଲ୍ଡ ପ୍ରଦାନ କରାଯାଇଥିଲା। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ୨୦୧୮ ମସିହା ସାମ୍ବାଦିକତା ଓ ଗଣ ଯୋଗାଯୋଗ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ହାସଲ କରିଥିବା ରୋହିତା କୁମାର ରାଉଳଙ୍କୁ ବରେନ୍ଦ୍ର କୃଷ୍ଣ ଧଳ ସ୍ମାରକୀ ସିଲ୍ଡ ପ୍ରଦାନ କରାଯାଇଥିଲା। ଏହାପରେ ୬୫ବର୍ଷରୁ ଊର୍ଦ୍ଧ୍ୱ ୨୨ଜଣ ବରିଷ୍ଠ ସାମ୍ବାଦିକଙ୍କୁ ବୋର୍ଡ ପକ୍ଷରୁ ପେନ୍‌ସନ ପ୍ରଦାନ କରାଯାଇଥିଲା।

ଅପରାହ୍ନରେ 'ସାମ୍ବାଦିକତା ବୃତ୍ତିରେ ନୈତିକତା ଏବଂ ଡିଜିଟାଲ ଯୁଗର ଆହ୍ୱାନ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝୀ, ଜଷ୍ଟିସ ଦୁର୍ଗାପ୍ରସନ୍ନ ଚୌଧୁରୀ, ଉତ୍କଳ ସାମ୍ବାଦିକ ସଂଘର ସଭାପତି ବିଭୂତି ଭୂଷଣ କର, ବରିଷ୍ଠ ସାମ୍ବାଦିକ ରାଜାରାମ ଶତପଥୀ, ବରିଷ୍ଠ ସାମ୍ବାଦିକ ଅରୁଣ କୁମାର ପଣ୍ଡା, ପ୍ରଭାସ ଆଚାର୍ଯ୍ୟ, ଦିଲୀପ ଶତପଥୀ, ଆକାଶବାଣୀର ସାମ୍ବାଦିକ ସୁଧାଂଶୁ ଶେଖର ଧଡ଼ା, ବିଧାୟକ ପ୍ରିୟଦର୍ଶୀ ମିଶ୍ର, ବିଧାୟକ ବିଜୟ କୁମାର ମହାନ୍ତି, ଅମିତ୍‌ର ନିର୍ଦ୍ଦେଶକ ତ୍ରିଦେବ ମହାନ୍ତି, ଅଧ୍ୟକ୍ଷ ଡ. ଦୁର୍ଗାଶଙ୍କର ସେନାପତି, ଦୂରଦର୍ଶନ କେନ୍ଦ୍ରର ସହକାରୀ ନିର୍ଦ୍ଦେଶକ ପ୍ରକାଶ ଦାସ ପ୍ରମୁଖ ନିଜର ମତ ଉପସ୍ଥାପନ କରିଥିଲେ। ସନ୍ଧ୍ୟା ଅଧିବେଶନରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ସମାଜର ସମ୍ପାଦକ ବାମାପଦ ତ୍ରିପାଠୀ, ବରିଷ୍ଠ ସାମ୍ବାଦିକ ଅରୁଣ କୁମାର ପଣ୍ଡା, ପଣ୍ଡିତ ପ୍ରବୋଧ କୁମାର ମିଶ୍ର, ବୋର୍ଡର ଉପସଭାପତି ପ୍ରଦ୍ୟୁମ୍ନ କୁମାର ମହାନ୍ତି ପ୍ରମୁଖ ସାମ୍ବାଦିକତା ବୃତ୍ତିରେ ନୈତିକତାର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ।

# 'ଚ୍ୟାଲେଞ୍ଜକୁ ଗ୍ରହଣ କରି କିଛି ଭିନ୍ନ କର'




ଭୁବନେଶ୍ୱର,୧୬।୧୧

## ଏଏସ୍‌ବିଏମ୍‌ରେ ନ୍ୟାଶନାଲ ଟ୍ୟାଲେଣ୍ଟ ଫେଷ୍ଟିଭାଲ

ବର୍ତ୍ତମାନର ସମୟ ଟେକ୍ନୋଲୋଜି ଆଧାରିତ ହୋଇଥିବା ବେଳେ ଯୁବପିଢି ନିଜକୁ ସେହି ଅନୁସାରେ ଗଢି ତୋଳିବା ଆବଶ୍ୟକ। ଚ୍ୟାଲେଞ୍ଜକୁ ଗ୍ରହଣ କରି କିଛି ଭିନ୍ନ କରିପାରିଲେ ଯାଇ ଛାତ୍ରୀଛାତ୍ର ନିଜ ଲାଗି ସ୍ୱତନ୍ତ୍ର ସ୍ଥାନ ତିଆରି କରିପାରିବେ ବୋଲି କମ୍ପ୍ୟୁଟର ଲ୍ୟାବର ଏମ୍‌ଡି ତଥା ସିଇଓ ସନ୍ତୋଷ କୁମାର ସାହୁ କହିଛନ୍ତି। ଏସିଆନ୍ ସ୍କୁଲ ଅଫ୍ ବିଜ୍‌ନେସ ମ୍ୟାନେଜମେଣ୍ଟ (ଏଏସ୍‌ବିଏମ୍ ) ପକ୍ଷରୁ ଚନ୍ଦକାସ୍ଥିତ ଏହାର ଶିକ୍ଷା ବିହାର କ୍ୟାମ୍ପସଠାରେ ନ୍ୟାଶନାଲ ଟ୍ୟାଲେଣ୍ଟ ହଣ୍ଟ ଫେଷ୍ଟିଭାଲ 'ଇଗ୍‌ନାଇଟ' କାର୍ଯ୍ୟକ୍ରମରେ ଯୋଗଦେଇ ସାହୁ କହିଛନ୍ତି ଯେ, ଛାତ୍ରୀଛାତ୍ର ଉଦ୍ୟୋଗୀ ହେବା ଲାଗି ମନୋବୃତ୍ତି ରଖିବା ସହ ନିଯୁକ୍ତି ସୃଷ୍ଟି ଦିଗରେ ବ୍ରତୀ ହେବା ଆବଶ୍ୟକ।

ସେହିଭଳି କିଛି ନୂଆ ଶିଖିବା ଦିଗରେ ଛାତ୍ରୀଛାତ୍ରଙ୍କର ସର୍ବଦା ଆଗ୍ରହ ରହିବା ଆବଶ୍ୟକ ବୋଲି କାର୍ଯ୍ୟକ୍ରମ ଅବସରରେ ଓଡିଶା ଲୋକସେବା ଆୟୋଗର ଅଧକ୍ଷ ବ୍ରିଗେଡିୟର ଲକ୍ଷ୍ମୀ ଚରଣ ପଟ୍ଟନାୟକ କହିଛନ୍ତି। ନିଜ ମଧ୍ୟରେ ରହିଥିବା ସାମର୍ଥ୍ୟର ପୂର୍ଣ୍ଣ ବ୍ୟବହାର, ସମୟର ଠିକ୍ ଉପଯୋଗ ଦ୍ୱାରା ଛାତ୍ରୀଛାତ୍ର ଉନ୍ନତି ଦିଗରେ ବଢି ପାରିବେ ବୋଲି ସେ ଗୁରୁତ୍ୱାରୋପ କରିଛନ୍ତି। ଛାତ୍ରୀଛାତ୍ର ନିଜର ବିଷୟଗତ ଜ୍ଞାନକୁ ବ୍ୟାବହାରିକ ଜ୍ଞାନର ବୃଦ୍ଧି କ୍ଷେତ୍ରରେ ଲଗାଇବା ସହ ପରିବର୍ତ୍ତନରେ ସାମିଲ ହୋଇପାରିବେ ବୋଲିପ୍ରତିଷ୍ଠାନର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ବିଶ୍ୱଜିତ ପଟ୍ଟନାୟକ ଏଥିରେ ଗୁରୁତ୍ୱାରୋପ କରିଥିଲେ। ୨ ଦିନ ଧରି ହେବାକୁ ଥିବା 'ଇଗ୍‌ନାଇଟ' ଜାତୀୟ ସ୍ତରର ଟ୍ୟାଲେଣ୍ଟ ହଣ୍ଟ କାର୍ଯ୍ୟକ୍ରମଛାତ୍ରୀଛାତ୍ରଙ୍କ ମଧ୍ୟରେ ଉଦ୍ଭାବନକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଆୟୋଜନ କରାଯାଉଥିବା ସେ କହିଛନ୍ତି। ଏଥିରେ ଷ୍ଟାର୍ଟଅପ କାର୍ନିଭାଲ ସମେତ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। କାର୍ଯ୍ୟକ୍ରମ ଅବସରରେ ଫାକଲ୍ଟି ମେଣ୍ଟର ହେମନ୍ତ କୁମାର ପଣ୍ଡା, ଇଗ୍‌ନାଇଟର କୋଅର୍ଡିନେଟର ବିସ୍ମୟ କୁନାଲ ପଟ୍ଟନାୟକଙ୍କ ସମେତ ପ୍ରତିଷ୍ଠାନର ଅଧ୍ୟାପକ, ଅଧ୍ୟାପିକା, ପ୍ରତିଷ୍ଠାନ ସମେତ ବିଭିନ୍ନ ସ୍ଥାନରୁ ଆସିଥିବା ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।



ସୂଚନା ଭବନଠାରେ ଆୟୋଜିତ ଖବରକାଗଜ ପ୍ରଦର୍ଶନୀକୁ ଛାତ୍ରୀ ଓ ଅନ୍ୟମାନେ ବୁଲି ଦେଖୁଛନ୍ତି।

# ଜାତୀୟ ପ୍ରେସ୍ ଦିବସରେ ଖବରକାଗଜ ପ୍ରଦର୍ଶନୀ

ଭୁବନେଶ୍ୱର,୧୬।୧୧(ବ୍ୟୁରୋ)

ରାଜ୍ୟସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳନ ପରିପ୍ରେକ୍ଷୀରେ ଶୁକ୍ରବାର ସୂଚନା ଭବନଠାରେ ଆୟୋଜିତ ଖବରକାଗଜ ପ୍ରଦର୍ଶନୀକୁ ସୂଚନା ଓ ଲୋକସମ୍ପର୍କ ବିଭାଗ ମନ୍ତ୍ରୀ ପ୍ରତାପ ଜେନା ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ରାଜ୍ୟର ସମସ୍ତ ଛାପା, ବୈଦ୍ୟୁତିକ ଓ ୱେବ୍ ମିଡିଆରେ କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ପ୍ରେସ୍ ଦିବସର ଅଭିନନ୍ଦନ ଜଣାଇଥିଲେ। ଏହାସହ ରାଜ୍ୟର ବିକାଶଧାରାରେ ସେମାନଙ୍କ ଭୂମିକାକୁ ପ୍ରଶଂସା କରିଥିଲେ।

ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ଏହି ପ୍ରଦର୍ଶନୀରେ ରାଜ୍ୟରୁ ପ୍ରକାଶିତ ବିଭିନ୍ନ ଦୈନିକ, ସାପ୍ତାହିକ, ପାକ୍ଷିକ ଖବରକାଗଜ ସହ ଅନ୍ୟାନ୍ୟ ସାମୟିକ ପତ୍ରପତ୍ରିକା ସ୍ଥାନ ପାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପ୍ରେସ୍ କାଉନ୍‌ସିଲ୍ ସଦସ୍ୟ ଶରତ ବେହେରା, ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଲକ୍ଷ୍ମୀଧର ମହାନ୍ତି, ଯୁଗ୍ମ ଶାସନ ସଚିବ ମନୋଜ କୁମାର ମହାନ୍ତି, ଉପନିର୍ଦ୍ଦେଶକ ବିବେକାନନ୍ଦ ବିଶ୍ୱାଳ, ଉପନିର୍ଦ୍ଦେଶକ ବରଦା ପ୍ରସନ୍ନ ଦାସ, ବରିଷ୍ଠ ସୂଚନା ଅଧିକାରୀ ସୂର୍ଯ୍ୟରଞ୍ଜନ ମହାନ୍ତି, ସହକାରୀ ନିର୍ଦ୍ଦେଶକ ବିଶ୍ୱଜିତ୍ ଦାସ, ସୂଚନା ଅଧିକାରୀ ମାନସ ରଞ୍ଜନ ଖୁଣ୍ଟିଆ, ତାପସ କୁମାର ସାହା, ବସନ୍ତ କୁମାର ମହାନ୍ତି, ସୂର୍ଯ୍ୟ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# କଳା ଦ୍ୱାରା ଭାବର ଆଦାନପ୍ରଦାନ

ଭୁବନେଶ୍ୱର,୧୬।୧୧(ବ୍ୟୁରୋ)

ଆନ୍‌ପିକ୍ (ଆର୍ଟିଷ୍ଟ ନେଟ୍‌ୱର୍କ ପ୍ରମୋଟିଂ ଇଣ୍ଡିଆନ୍ କଲ୍‌ଚର) ପକ୍ଷରୁ ଭୁବନେଶ୍ୱର ଡିପିଏସ୍ କଳିଙ୍ଗ ପରିସରରେ ଶୁକ୍ରବାର 'କଳା ଦ୍ୱାରା ଭାବର ଆଦାନପ୍ରଦାନ' ସମ୍ବନ୍ଧୀୟ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଷ୍ଟ୍ରେଲିଆ, ଇଂଲଣ୍ଡ, ସ୍ପେନ୍, ଚାଇନା ଭଳି ୧୪ଟି ଦେଶ ସହ ଭାରତର ୮ ରାଜ୍ୟର କଳାକାରମାନେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଭାରତୀୟ କଳାକାରମାନେ ନିଜର କଳା ନୈପୁଣ୍ୟ ପ୍ରଦର୍ଶନ କରିବା ସହ କଳାର ବିଭିନ୍ନ ଦିଗ ସମ୍ପର୍କରେ ବିଦେଶୀ କଳାକାରଙ୍କ ସହିତ ଆଲୋଚନା କରିଥିଲେ। ପରେ ପରେ ଡିପିଏସ୍ କଳିଙ୍ଗର ଛାତ୍ରୀଛାତ୍ରମାନେ ଚିତ୍ତାକର୍ଷକ ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ କରି କଳାକାରମାନଙ୍କ ମନ ମୋହିଥିଲେ। ଭାରତ ଏବଂ ବିଶ୍ୱ ମଧ୍ୟରେ ସାଂସ୍କୃତିକ ସେତୁ ବାନ୍ଧିବାକୁ ଆନ୍‌ପିକ୍‌ର ମ୍ୟାନେଜିଂ ଟ୍ରଷ୍ଟି ଶଶାଙ୍କ ମିଶ୍ର କରିଥିବା ଉଦ୍ୟମକୁ ଡିପିଏସ୍ କଳିଙ୍ଗର ଟ୍ରଷ୍ଟି ମାଳା ମିଶ୍ର ପ୍ରଶଂସା କରିଥିଲେ। ଏହି ଅବସରରେ ଶଶାଙ୍କ ମହାପାତ୍ର କହିଥିଲେ, ଏହି କାର୍ଯ୍ୟକ୍ରମ ଆନ୍‌ପିକ୍ ଦ୍ୱାରା ପରିଚାଳିତ ଏକ ପ୍ରାଥମିକ ପ୍ରୟାସ, ଯାହାକି ବିଭିନ୍ନ ପ୍ରକାରର କଳାକୃତି ଦ୍ୱାରା ଯୁବ ଆର୍ଟିଷ୍ଟମାନଙ୍କ ମନରେ କଳା ଏବଂ ସଂସ୍କୃତି ପ୍ରତି ଆଗ୍ରହ ସୃଷ୍ଟି କରିପାରିବ। ଅନ୍ୟପକ୍ଷରେ ଆନ୍‌ପିକ୍ ଏବଂ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ ମିଳିତ ସହଯୋଗରେ ଭୁବନେଶ୍ୱରରେ ଏକ ଆର୍ଟ ସିମ୍ପୋଜିୟମ୍ ଚାଲିଥିବା ବେଳେ ବ୍ୟର୍ଜବସ୍ତୁ ଉପରେ ଏହା ଆଧାରିତ ରହିଛି। ଏଥିରେ ୧୪ ଦେଶରୁ ଦକ୍ଷ, କୁଶଳୀ ଶିଳ୍ପୀମାନେ ଯୋଗଦେଇଛନ୍ତି।

### ଜମି ବିବାଦକୁ କେନ୍ଦ୍ରକରି ଆକ୍ରମଣ, ୩ ଆହତ

ପାତ୍ରପଡା,୧୬।୧୧(ଡି.ଏନ.ଏ.)

ଜମିବାଡି ବିବାଦକୁ କେନ୍ଦ୍ରକରି ପାତ୍ରପଡା ବୃନ୍ଦାବନ ଭିଲା ଅଞ୍ଚଳରେ ଜଣେ ଭାଇ ନିଜର ୨ ଭାଇ ଓ ଭାଉଜଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଶୁକ୍ରବାର ସନ୍ଧ୍ୟାରେ ଖୁଣ୍ଟଗିରି ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ପୈତୃକ ସମ୍ପତ୍ତିରୁ ଭାଗିଦାରୀ ନେଇ ବ୍ରଜ କିଶୋର ସୁମନ୍ତ ପଟ୍ଟନାୟକଙ୍କ ପୁଅମାନଙ୍କ ମଧ୍ୟରେ ପୂର୍ବରୁ ବିବାଦ ରହିଥିଲା। ଏପରି କି ମାମଲା କୋର୍ଟରେ ବିଚାରାଧୀନ ରହିଛି। ହେଲେ ଶୁକ୍ରବାର ସକାଳେ ବିଦ୍ୟୁତ୍ ନିଜର ନିଜର କିଛି ସମର୍ଥକଙ୍କ ଆଣି ଅନ୍ୟ ଦୁଇଭାଇ ବିନୋଦ ବିହାରୀ ଓ ତାଙ୍କ ସ୍ତ୍ରୀ କାମିନୀ, ଆଉ ଜଣେ ଭାଇ ବିଶ୍ୱ ବିହାରୀ ଘରେ ଥିବାବେଳେ ସକାଳ ପ୍ରାୟ ୯ଟା ବେଳେ ଅତର୍କିତ ଭାବେ ଖଣ୍ଡା, ଭୁଜାଲିରେ ଆକ୍ରମଣ କରିଥିଲେ। ଆକ୍ରମଣରେ ବିନୋଦ, ବିଶ୍ୱ, ଭାଉଜ କାମିନୀ ଆହତ ହୋଇ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ଜଣକ ଅବସ୍ଥା ଗୁରୁତର ରହିଛି। ଏ ନେଇ ସନ୍ଧ୍ୟାରେ ଥାନାରେ ଲିଖିତ ଅଭିଯୋଗ ହେବା ପରେ ପୋଲିସ ବିଦ୍ୟୁତଙ୍କୁ ଥାନାରେ ଅଟକ ରଖିଛି।

# ବସନ୍ତ କୁମାରୀ ମହାନ୍ତି ମେଧାବୃତ୍ତି ପ୍ରଦାନ ଉତ୍ସବ

ଭୁବନେଶ୍ୱର,୧୬।୧୧(ବ୍ୟୁରୋ)




ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ସଫା ଗ୍ରାମ ସ୍ଥିତ ନେହେରୁ ନୋଡାଲ ଉ.ପ୍ରା. ବିଦ୍ୟାଳୟ ପରିସରରେ ଶିଶୁ ଦିବସ ଅବସରରେ ବୁଧବାର ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରମାନଙ୍କୁ ବସନ୍ତ କୁମାରୀ ମହାନ୍ତି ମେଧାବୃତ୍ତି ପ୍ରଦାନ କରାଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ନୀଳିମା ଖିଲାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ସରୋଜ କୁମାର ମହାନ୍ତି ମୁଖ୍ୟଅତିଥି, ସିଆରସିସି ପ୍ରଶାନ୍ତ କୁମାର ବେହେରା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅଶୋକ ବାହାଲିଆ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ରୀ କୁମାରୀ କସ୍ତୁରୀ ପ୍ରିୟଦର୍ଶିନୀ, ଛାତ୍ର ତ୍ରିଲୋଚନ ଧଳ, ଦେବାଶିଷ ବେଉରା ଓ ପଞ୍ଚମ ଶ୍ରେଣୀ ଛାତ୍ର ପ୍ରଭୁ ପ୍ରସାଦ ଦାସଙ୍କୁ ମେଧାବୃତ୍ତି ପ୍ରଯୋଜକ ସନ୍ତୋଷ କୁମାର ମହାନ୍ତି ପୁରସ୍କାର ସ୍ୱରୂପ ୧୦୦୦, ୫୦୦ ଟଙ୍କା ସହ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି ଉତ୍ସବରେ ବିଭୂତି ଭୂଷଣ ହରିଚନ୍ଦନ, ଅମୂଲ୍ୟା ଓଝା, ସୌଦାମିନୀ ସାହୁ, ଜୟନ୍ତୀ ସାହୁ ଓ ସଞ୍ଜୟ କୁମାର ଦେହୁରୀ ପ୍ରମୁଖ ଶିକ୍ଷୟିତ୍ରୀଶିକ୍ଷକଙ୍କ ସହ ବିଦ୍ୟାଳୟ ପରିଚାଳନା କମିଟିର ବହୁ ସଭ୍ୟାସଭ୍ୟ ଯୋଗଦେଇଥିଲେ। ଶିକ୍ଷକ ମଦନ ମୋହନ ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ସୂଚନାଯୋଗ୍ୟ, ୨୦୧୭ ଠାରୁ ପ୍ରତିବର୍ଷ ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରଙ୍କୁ ଏହି ମେଧାବୃତ୍ତି ପ୍ରଦାନ କରାଯାଉଛି।

■ ଏଣ୍ଡୋକ୍ରାଇନ୍ ସୋସାଇଟି ଅଫ୍ ଇଣ୍ଡିଆର ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ

# ଏଣ୍ଡୋକ୍ରାଇନ୍ ରୋଗର ଚିକିତ୍ସା ଉପରେ ଗୁରୁତ୍ୱ ଦେବାକୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

ଭୁବନେଶ୍ୱର,୧୬।୧୧ (ବ୍ୟୁରୋ)

ଏଣ୍ଡୋକ୍ରାଇନ୍ ସୋସାଇଟି ଅଫ୍ ଇଣ୍ଡିଆ କ୍ଷିପ୍ର ଗତିରେ ବିକାଶ କରୁଛି। ଏକ୍ଷେତ୍ରରେ ଗବେଷକଙ୍କୁ ନେଇ ଜାତୀୟ ଏବଂ ଅନ୍ତର୍ଜାତୀୟସ୍ତରୀୟ ଆଲୋଚନା କରିବା ଆବଶ୍ୟକତା ରହିଛି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି।

ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୁଖ୍ୟ ଅତିଥି ଭାବେ ଯୋଗାଦେଇ ଏଣ୍ଡୋକ୍ରାଇନ୍ ସୋସାଇଟିର ୪୮ତମ ଜାତୀୟ ସମ୍ମିଳନୀକୁ ଉଦ୍‌ଘାଟନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏଣ୍ଡୋକ୍ରାଇନ୍ ସହିତ ସାମଞ୍ଜସ୍ୟ ଥିବା ରୋଗଗୁଡ଼ିକ ଉପରେ ଲୋକଙ୍କୁ ଅଧିକ ସଚେତନ କରିବା ଦରକାର। ରୋଗଗୁଡ଼ିକର ଚିକିତ୍ସା ଉପରେ ଗୁରୁତ୍ୱ ଦେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ରାଜ୍ୟ ସରକାର ଓଡ଼ିଶାବାସୀଙ୍କ ପାଇଁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ନିଦାନ, ନିରାମୟ ଏବଂ ସହାୟ ସୁନେତ୍ର ସ୍ୱାସ୍ଥ୍ୟ ଚିକିତ୍ସା ସୁବିଧା ଯୋଗାଇ ଦେଇଛନ୍ତି। ସମ୍ମାନିତ ଅତିଥି ଭାବେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣରେ ସମସ୍ତ ସରକାରୀ ହସ୍ପିଟାଲରେ ମାଗଣାରେ ଚିକିତ୍ସା ପ୍ରଦାନ କରାଯାଉଥିବା ଉପରେ କହିଥିଲେ।

ଏହି ଉତ୍ସବରେ ଏଣ୍ଡୋକ୍ରାଇନ୍ ସୋସାଇଟି ଅଫ୍ ଇଣ୍ଡିଆର ସଭାପତି ଡ. ମନୋଜ ଚଢା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ସମ୍ପାଦକ ଡ. କ୍ରିଷନ ଜି. ଶେଷାଦ୍ରୀ, ଏଣ୍ଡୋକ୍ରାଇନ୍ ସୋସାଇଟି ଅଫ୍ ଇଣ୍ଡିଆର ଓଡ଼ିଶା ଶାଖା ସଭାପତି ଡ. ପି.କେ. ମିଶ୍ର ମଞ୍ଚରେ ଉପସ୍ଥିତ ଥିଲେ। ଶେଷରେ ଓଡ଼ିଶା ଶାଖା ସାଙ୍ଗଠନିକ ସମ୍ପାଦକ ଡ. ଅଭୟ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ବଟି ନ ଦେବାରୁ ହେଲପରଙ୍କୁ କଟୁରିରେ ଆକ୍ରମଣ: ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୧୬।୧୧(ବ୍ୟୁରୋ)

ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଏକ ତେଲ ଟ୍ୟାଙ୍କର ହେଲ୍‌ପରଙ୍କୁ ବଟି ମାଗି ନିରାଶ ହେବାରୁ ଜଣେ ଯୁବକ ତାଙ୍କୁ କଟୁରିରେ ଆକ୍ରମଣ କରିଛନ୍ତି। ପୋଲିସ ଅଭିଯୁକ୍ତ ରସୁଲଗଡ଼ ଅଞ୍ଚଳର ଜଗନ୍ନାଥ ମହାପାତ୍ର ଓରଫ ମିଥୁନଙ୍କୁ ଗିରଫ କରିଛି। ତାଙ୍କ ସହଯୋଗୀ ଫେରାର ହୋଇଯାଇଛନ୍ତି।

ଗୁରୁବାର ରାତିରେ ନୟାପଲ୍ଲୀସ୍ଥିତ କ୍ରିଷ୍ଣା ଫିଲିଂ ଷ୍ଟେଶନରେ ତେଲ ଟ୍ୟାଙ୍କର ତେଲ ଖାଲି କରିବା ପରେ ଡ୍ରାଇଭର କେନ୍ଦ୍ରାପଡା ଅଭିମୁଖେ ବାହାରିଥିଲେ। ମଞ୍ଚେଶ୍ୱର ଥାନା ପଳାଶୁଣି ଛକ ନିକଟରେ ଡ୍ରାଇଭର ଖାଇବାକୁ ଆଣିବାକୁ ଯାଇଥିବା ବେଳେ ଗାଡିରେ ହେଲପର ସୁପ୍ରଭାତ ସ୍ୱାଇଁ ବସିଥିଲେ। ଅଭିଯୁକ୍ତ ମିଥୁନ ଓ ତାଙ୍କ ସହଯୋଗୀ ରାକା ପହଞ୍ଚି ତାଙ୍କୁ ୨ ହଜାର ଟଙ୍କା ବଟି ମାଗିଥିଲେ। ହେଲପର ଟଙ୍କା ନ ଦେବାରୁ ଅଭିଯୁକ୍ତଦ୍ୱୟ ଏକ ଧାରୁଆ କଟୁରିରେ ତାଙ୍କ ହାତ ଓ ଜଂଘକୁ ଚୋଟମାରି ଲୁଟ କରିବାକୁ ଉଦ୍ୟମ କରିଥିଲେ। ହେଲ୍‌ପର ସୁପ୍ରଭାତ ଚିତ୍କାର କରିବାରୁ ସ୍ଥାନୀୟ ଲୋକ ଏବଂ ନିକଟରେ ପାଟ୍ରୋଲିଂ କରୁଥିବା ପିସିଆର ଭ୍ୟାନ ପହଞ୍ଚି ଯାଇଥିଲା। ପୋଲିସ ମିଥୁନଙ୍କୁ କାବୁ କରିଥିବାବେଳେ ରାକା ଫେରାର ହୋଇଯାଇଥିଲେ। ପୋଲିସ ସୁପ୍ରଭାତଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିବା ସହ କଟୁରିକୁ ଜବତ କରିଛି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରିଛି।

# ବନ୍ଧୁକ ବେପାରୀ ଗିରଫ

ଭୁବନେଶ୍ୱର(ବ୍ୟୁରୋ)/ ପାତ୍ରପଡ଼ା(ଡି.ଏନ.ଏ.),୧୬।୧୧

ପେସା ଅଟୋ ଚଲାଇବା। କିନ୍ତୁ ନିଶା ଥିଲା ବନ୍ଧୁକ ବେପାର କରିବା। ଏଭଳି କାରବାର କରୁଥିବା ଜଣେ ଯୁବକଙ୍କୁ ଗିରଫ କରିଛି ଖଣ୍ଡଗିରି ପୋଲିସ। ସେ ହେଲେ ନିମାପଡା ବଉଳପଡା ଅଞ୍ଚଳର ଶେଖ୍ ମୁସ୍ତାକ ଅଲି ଖାନ୍। ତାଙ୍କ ନିକଟରୁ ପୋଲିସ ଗୋଟିଏ ଦେଶୀ ବନ୍ଧୁକ, ୩ରାଉଣ୍ଡ ଗୁଳି ଏବଂ ଗୋଟିଏ ଅଟୋ ଜବତ କରିଛି। ଏ ନେଇ ଥାନାରେ ଏକ ମାମଲା(୫୪୦/୧୮) ରୁଜୁହୋଇଛି।

ପୋଲିସ ସୂଚନା ଅନୁଯାୟୀ, ମୁସ୍ତାକ ରାଜଧାନୀରେ ଅଟୋ ଚଲାନ୍ତି। ଅଟୋ ଚଳାଇବା ବାହାନାରେ ବନ୍ଧୁକ ବେପାର କରନ୍ତି। ବର୍ଷେ ତଳେ ତାଙ୍କ ଭଣଜା ଅଜମତ ଅଲି ଖାନ ଓ ତାଙ୍କ ସହଯୋଗୀମାନେ ସିଫା ନିକଟ ଆନ୍ଧ୍ରବ୍ୟାଙ୍କରୁ ଲୁଟପାଟ କରିଥିଲେ। ଲୁଟପାଟରେ ସେମାନେ ମୁସ୍ତାକଙ୍କଠାରୁ ଜବତ କରାଯାଇଥିବା ବନ୍ଧୁକ ବ୍ୟବହାର କରିଥିଲେ। ତେଣୁ ବନ୍ଧୁକକୁ ଲୁଚାଇ ରଖିବା ପାଇଁ ଅଜମତ ମୁସ୍ତାକଙ୍କୁ କହିଥିଲେ। ମୁସ୍ତାକ ଗୁରୁବାର ରାତି ପ୍ରାୟ ୧ଟା ୩୦ରେ ଗଣ୍ଡମୁଣ୍ଡା ଦେଇ ଅଟୋରେ ଯାଉଥିଲେ। ବିଶ୍ୱସ୍ତ



ଗିରଫ ଅଭିଯୁକ୍ତ



ଜବତ ବନ୍ଧୁକ, ଗୁଳି

## ଦେଶୀ ବନ୍ଧୁକ, ୩ ରାଉଣ୍ଡ ଗୁଳି ଜବତ

ସୂତ୍ରରୁ ଖବର ପାଇ ପୋଲିସ ପହଞ୍ଚି ତାଙ୍କ ଅଟୋକୁ ଅଟକାଇ ଯାଞ୍ଚ କରିଥିଲା। ତାଙ୍କ ନିକଟରୁ ଏକ ବନ୍ଧୁକ ଜବତ କରାଯାଇଥିଲା। ପୋଲିସ ତାଙ୍କୁ ପଚରାଉଚରା କରିବା ପରେ ଏହି ବନ୍ଧୁକ ତାଙ୍କ ଭଣଜା ଅଜମତ ବ୍ୟାଙ୍କ୍ ଲୁଟବେଳେ ବ୍ୟବହାର କରିଥିବା ପୋଲିସ ଆଗରେ ସ୍ୱୀକାର କରିଥିଲେ। ଏହାସହ ମୁସ୍ତାକ ବନ୍ଧୁକ ବେପାର କରୁଥିବା ଥାନା ଅଧିକାରୀ ହିମାଂଶୁ ଭୂଷଣ ସ୍ୱାଇଁ କହିଛନ୍ତି। ସେ କେଉଁମାନଙ୍କୁ ବନ୍ଧୁକ ବିକ୍ରି କରିଛନ୍ତି ତାହାର ତଦନ୍ତ କରାଯାଉଛି ବୋଲି ଥାନା ଅଧିକାରୀ କହିଛନ୍ତି।



"ଯେଉଁ ଲୋକ ବିରୋଧରେ କେହି କେବେ ଦୋଷାରୋପ କରିନାହିଁ, ସେ ଯଦି ତୁମକୁ ସମାଲୋଚନା କରେ ତେବେ ତୁମେ ପ୍ରକୃତରେ ଭାଗ୍ୟବାନ।"
-ଜର୍ଜ ଇଲିଅଟ



## ସଂକ୍ଷେପରେ

### ବିପର୍ଯ୍ୟୟ ବେଳେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଭୁବନେଶ୍ୱର, ୧୬।୧୧(ବ୍ୟୁରୋ):** ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଗଣମାଧ୍ୟମ ପ୍ରତିନିଧିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ସେମାନେ ଏହି ମହାବିପତ୍ତି ସମୟରେ ସତର୍କତାର ସହ ଖବର ପ୍ରସ୍ତୁତ ଓ ପରିବେଷଣ କରିବା ଉଚିତ। ବିଶେଷ କରି ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ନେଇ ଖବର ପରିବେଷଣ ଉପରେ ଗୁରୁତ୍ୱ ଦେଲେ ଅନେକ ଲୋକ ମହାବିପତ୍ତିରୁ ଉଦ୍ଧାର ପାଇପାରିବେ। ଘଟଣା ବର୍ଣ୍ଣନା କରିବା ସହିତ ଲୋକେ ଯେଭଳି ଭୟଭୀତ ନ ହେବେ କିମ୍ବା ଗୁଜବରେ ବିଶ୍ୱାସ ନ କରିବେ ସେ ସଂକ୍ରାନ୍ତରେ ଖବର ଉପସ୍ଥାପନ ଜରୁରୀ। ସାଧାରଣ ଜନଜୀବନ କିଭଳି ସ୍ୱାଭାବିକ ହେବ ଏବଂ ଲୋକଙ୍କ ସମସ୍ୟା ସମାଧାନ ହୋଇପାରିବ ସେଭଳି ରିପୋର୍ଟ ଗଣମାଧ୍ୟମ ପ୍ରତିନିଧି ପରିବେଷଣ କରିବା ଆବଶ୍ୟକ ବୋଲି ଉତ୍କଳ ବିଶ୍ୱବିଦ୍ୟାଳୟ ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ପାଳନ ଉପଲକ୍ଷେ ଆୟୋଜିତ 'ଗଣମାଧ୍ୟମ ଓ ବିପର୍ଯ୍ୟୟ' ଶୀର୍ଷକ ଆଲୋଚନାଚକ୍ରରେ ଅତିଥିମାନେ ମତପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ଓଡ଼ିଶା ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ମୁଖ୍ୟ ମହାପ୍ରବନ୍ଧକ ଯୋଗଦେଇ ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ ଗଣମାଧ୍ୟମ ପ୍ରତିନିଧିଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋଚନା କରିଥିଲେ। ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ ସଂଯୋଜିକା ପ୍ରଫେସର ସ୍ୱର୍ଣ୍ଣମୟୀ ତ୍ରିପାଠୀଙ୍କ ଅଧକ୍ଷତାରେ ଆୟୋଜିତ ଏହି ଆଲୋଚନାଚକ୍ରରେ ଟାଇମ୍ସ ଅଫ୍ ଇଣ୍ଡିଆର ପୂର୍ବତନ ବ୍ୟୁରୋ ଚିଫ୍ ରାଜାରାମ ଶତପଥୀ ଏବଂ ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ ପ୍ରଫେସର ଶିବଶଙ୍କର ଦାସ ବକ୍ତବ୍ୟ ରଖିଥିଲେ। ଡ. ରମାକାନ୍ତ ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

### 'ଭ୍ରଷ୍ଟାଚାର' ଏକ ରୋଗ

**ଭୁବନେଶ୍ୱର, ୧୬।୧୧ (ବ୍ୟୁରୋ):** ଭ୍ରଷ୍ଟାଚାର ଏଭଳି ଏକ ରୋଗ, ଯାହା ଆଜି ସମଗ୍ର ବିଶ୍ୱକୁ କବଳିତ କରିଛି। ପ୍ରତ୍ୟେକ ମଣିଷ ଏହି ରୋଗ ଦ୍ୱାରା ସଂକ୍ରମିତ ହୋଇଛନ୍ତି। ଦୁର୍ନୀତି ଏଭଳି କାୟା ବିସ୍ତାର କରିଛି ଯେ, ତା' କବଳରୁ ରକ୍ଷା ପାଇବା ସାଧାରଣ ମଣିଷ ପକ୍ଷେ କଷ୍ଟକର ହୋଇପଡୁଛି। ଅସତ୍ୟ ବାଟରେ ସଫଳତା ଶୀଘ୍ର ମିଳୁଥିବା ବେଳେ ସତ୍ ବାଟରେ ଗଲେ କିଛି ହାସଲ ହେଉନି। ବିଦ୍ୟା, ବୁଦ୍ଧି ବାସ୍ତବ ଜୀବନରେ କୌଣସି କାମରେ ନ ଲାଗି ଅସତ୍ ଉପାୟରେ ସବୁକିଛି ସମ୍ଭବ ହେଉଛି। ଏହା ସତ୍ତ୍ୱେ ନିଜ ସତ୍ୟପଥରୁ ବିଚ୍ୟୁତ ନ ହୋଇ ସଂଘର୍ଷ ଜାରି ରଖିଥିବା ଯୁବକ ଶେଷରେ ବିଜୟୀ ହେଉଛି। ସମାଜକୁ ଏକ ନୂଆ ରାସ୍ତା ଦେଖାଉଛି, ଯାହାର ଝଲକ ଦେଖିବାକୁ ମିଳିଛି ନାଟକ 'ଭ୍ରଷ୍ଟାଚାର'ରେ। ଗତ ୧୫ ତାରିଖରେ ରବୀନ୍ଦ୍ର ମଣ୍ଡପଠାରେ ପରିବେଷିତ ଏହି ନାଟକ ସମାଜକୁ ଏକ ନୂଆ ଦିଗ ଦେଖାଇଥିବା ବେଳେ ଏହାକୁ ପ୍ରସ୍ତୁତ କରିଥିଲେ ସମ୍ରାଟ ସିଏ କଳାର ପୂଜାରୀ ଅନୁଷ୍ଠାନର କଳାକାରମାନେ। ନାଟକର ନିର୍ଦ୍ଦେଶନା ଶରତ ସମ୍ରାଟ ଦେଇଥିବା ବେଳେ ଏହାର ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ ରଞ୍ଜନ, ଶକ୍ତି ଓ ନିତେଶ। ନାଟକର କାହାଣୀ ରଚନା, ପରିକଳ୍ପନା ଶରତ ସାମ୍ରାଟ ନିଜେ କରିଥିଲେ। ବିଭିନ୍ନ ଭୂମିକାରେ ଶରତ ସମ୍ରାଟଙ୍କ ସହ ବିବେକ, ବିରଞ୍ଚି, ଅଜୟ, ସରୋଜ, ସାଗର ଓ ଅନ୍ୟ କଳାକାରମାନେ ଅଭିନୟ କରିଥିଲେ।

# ୧୯୫ଗ୍ରାମ୍ ବ୍ରାଉନସୁଗାର ଜବତ, ୨ ଗିରଫ

**କଟକ ରୋଡ,୧୬।୧୧(ଡି.ଏନ୍.ଏ.)**

ରାଜଧାନୀ ଭୁବନେଶ୍ୱର ଏବେ ବ୍ରାଉନସୁଗାର ବ୍ୟବସାୟୀଙ୍କ ପେଣ୍ଠସ୍ଥଳୀ ପାଲଟିଛି। ନୟାପଲ୍ଲୀ ଥାନା ଅଧୀନ ସାଲିଆ ସାହି ଅଞ୍ଚଳରେ ଶୁକ୍ରବାର ଭୁବନେଶ୍ୱର ଅବକାରୀ ବିଭାଗ ଓ କଟକ ଫ୍ଲାଇଙ୍ଗ ସ୍କ୍ୱାଡ ଚଢ଼ାଉ କରି ୨ଜଣ ବ୍ରାଉନସୁଗାର ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସାଲିଆ ସାହି ଆଦିବାସୀ ଗାଁରେ ରହୁଥିବା ସହଦେବ

**୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜବତ**



ଦାସ ଓ ବୁଲୁ ନାୟକ। ଏମାନଙ୍କଠାରୁ ୧୯୫ ଗ୍ରାମ ବ୍ରାଉନସୁଗାର ଓ ୩ ଲକ୍ଷ ୭୬ହଜାର ଟଙ୍କା ଜବତ ହୋଇଛି। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୨୪ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି। ସୂଚନା ଅନୁଯାୟୀ, ଉଭୟ ଅଭିଯୁକ୍ତ ସାଲିଆ ସାହି ଅଞ୍ଚଳରେ ଦୀର୍ଘଦିନ ଧରି ବ୍ରାଉନସୁଗାର ବ୍ୟବସାୟ ଚଳାଇ ଆସୁଥିଲେ। କୌଣସି ସୂତ୍ରରୁ ଖବରପାଇ ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୮ଟାରେ ଅବକାରୀ ବିଭାଗର ଏକ ଟିମ ଅଚାନକ ବସ୍ତିରେ ଚଢ଼ାଉ କରି ସେମାନଙ୍କୁ ଧରିଥିଲା। ଗିରଫ ଦୁଇ ବ୍ୟବସାୟୀ ଜଳେଶ୍ୱର ଓ ଖୋର୍ଦ୍ଧାରେ ରହୁଥିବା ଜଣେ ଯୁବକଙ୍କ ଠାରୁ ବ୍ରାଉନସୁଗାର ଆଣି ଭୁବନେଶ୍ୱରରେ ବିକ୍ରି କରୁଥିଲେ ବୋଲି ଅବକାରୀ ଅଧିକାରୀଙ୍କ ନିକଟରେ ସ୍ୱୀକାର କରିଛନ୍ତି। ଏ ନେଇ ଖୋର୍ଦ୍ଧା ଜିଲା ଅବକାରୀ ଅଧୀକ୍ଷକ ପ୍ରସନ୍ନ କୁମାର ଆଚାର୍ଯ୍ୟ କୁହନ୍ତି, ଗିରଫ ହୋଇଥିବା ୨ ଅଭିଯୁକ୍ତଙ୍କଠାରୁ ଅନେକ ତଥ୍ୟ ହାସଲ ହୋଇଛି। ଖୁବଶୀଘ୍ର ଏ ବାବଦରେ ଅଧିକ ତଦନ୍ତ ବଢାଇବା ସହ ବ୍ରାଉନସୁଗାର ଯୋଗାଉଥିବା ବ୍ୟକ୍ତିଙ୍କୁ ଧରିବା ପାଇଁ ଉଦ୍ୟମ କରାଯିବ ବୋଲି ସେ କହିଛନ୍ତି।

■ ରେବସା ମଠରୁ ଠାକୁର ଗାଏବ ପ୍ରସଙ୍ଗ

# ଉଦ୍‌ବେଗ ପ୍ରକାଶ କଲେ ମଠାଧୀଶ, ଗବେଷକ

**ପୁରୀ ଅଫିସ,୧୬।୧୧**

ପୁରୀର ଗୋଟିଏ ପରେ ଗୋଟିଏ ମଠ ଅସାମାଜିକଙ୍କ କବ୍‌ଜାକୁ ଚାଲିଯାଉଛି। ମଠ ମହନ୍ତଙ୍କୁ ଭୟଭୀତ କରି ତଡ଼ିଦେବା ପରେ ସେଠାରେ ଆଡ୍ଡା ଜମାଉଛନ୍ତି। ସଞ୍ଜ ନଇଁଲେ ଜମୁଛି ନିଶାର ଆସର। ନିକଟ ଅତୀତରେ ଏହି ଢଙ୍ଗରେ ୩ଟି ମଠ ସତ୍ତା ହରାଇଥିବା ବେଳେ ଏବେ ଏହି ତାଲିକାରେ ଯୋଡି ହୋଇଛି ଆଉ ଏକ ଐତିହ୍ୟସମ୍ପନ୍ନ ମଠ ରେବସା। ଏହି ମଠରୁ ଠାକୁର ଚୋରି ହୋଇଯାଇଛନ୍ତି, ସିଂହାସନ ଖାଲିପଡିଛି। ସଞ୍ଜ ନଇଁଲେ ଯେଉଁ ମଠରୁ ଆଳତି ଏବଂ ଘଣ୍ଟ ନାଦ ଭାସି ଆସୁଥିଲା ଆଜି ତାହା ନିସ୍ତବ୍ଧ ହୋଇପଡିଛି। ମହନ୍ତ ନାହାନ୍ତି କି ଠାକୁର ନାହାନ୍ତି। ପୂଜାପାଠ ସବୁ ବନ୍ଦ ହୋଇଯାଇଛି। ଭୟରେ ଅନ୍ୟ ମଠରେ ଆତ୍ମଗୋପନ କରିଛନ୍ତି ମହନ୍ତ। ଦୀର୍ଘ ୫୦୦ ବର୍ଷର ଏହି ବିଭବଶାଳୀ ମଠ ୮୬୮ ଡେସିମିଲ ଜମି ଉପରେ ରହିଥିଲା। ନବକଳେବର ସମୟରେ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ସମ୍ପ୍ରସାରଣ ବେଳେ ଏହି ମଠର କିଛି ଜମି ଅଧିଗ୍ରହଣ କରାଯାଇଥିଲା। ମଠ ଅର୍ଦ୍ଧାଧିକ ସତ୍ତା ହରାଇବା ପରେ ଆରମ୍ଭ ହୋଇଥିଲା ଅସାମାଜିକଙ୍କ ଦୌରାତ୍ମ୍ୟ। ଧୀରେ ଧୀରେ ଏହାର ରକ୍ଷଣାବେକ୍ଷଣ ଠିକ୍ ଭାବେ ହେଲା ନାହିଁ। ମଠ ମହନ୍ତଙ୍କ ଗତିବିଧି ମଧ୍ୟ ଠିକ୍ ରହିଲା ନାହିଁ। ଯାହାର ପରିଣତି ସ୍ୱରୂପ ଏହି ମଠ ଏବେ ନିଶ୍ଚିହ୍ନ ହେବାକୁ ବସିଛି। ଏହାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ମଠାଧୀଶ ଏବଂ ଗବେଷକ। ବିଭିନ୍ନ ସ୍ତରରୁ ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଥିଲେ ହେଁ

**ଆଜି ଅନୁଧ୍ୟାନ କରିବ ଶ୍ରୀମନ୍ଦିର ପ୍ରଶାସନ**



ରେବସା ମଠ।

ନୀରବ ରହିଛି ଶ୍ରୀମନ୍ଦିର ପ୍ରଶାସନ ଏବଂ ଦେବୋତ୍ତର ବିଭାଗ। ଦୁଇ ପ୍ରଶାସନ କଳର ନୀରବତା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଓଡ଼ିଶା ଐତିହ୍ୟ ପରିଷଦର ଆଧାର ପୁରୁଷ ତଥା ଗବେଷକ ଡ. ସୁରେନ୍ଦ୍ର ମିଶ୍ର କୁହନ୍ତି, ପୁରୀ ସହରରେ ଟଙ୍କତୋରାଣି ବ୍ୟବସ୍ଥା ୪ଟି ଜାଗାରେ ଥିଲା। ସେଥିମଧ୍ୟରୁ ରେବସା ମଠ ଅନ୍ୟତମ। ଯେତେବେଳେ ଦୁଃଖୀ, ରଙ୍କି ଏବଂ ଭକ୍ତ ଶ୍ରୀକ୍ଷେତ୍ରକୁ ଆସୁଥିଲେ ସେତେବେଳେ ଏହି ମଠ ପକ୍ଷରୁ ମହାପ୍ରସାଦ ଏବଂ ବର୍ଷସାରା ଟଙ୍କତୋରାଣି ଯୋଗାଇଦେବାର ବ୍ୟବସ୍ଥା ଥିଲା। ଏହା ରାମାନୁଜଙ୍କ ପରମ୍ପରାର ଐତିହ୍ୟ ଆସ୍ଥାନ। ଶ୍ରୀମନ୍ଦିର ସେବା ସହିତ ମଧ୍ୟ ଏହି ମଠ ସମ୍ପୃକ୍ତ ରହିଥିଲା। ବର୍ତ୍ତମାନ ମଠରେ ଠାକୁର ଚୋରି ହୋଇଯିବା ଏବଂ ରକ୍ଷଣାବେକ୍ଷଣ ପାଇଁ କେହି ଚିନ୍ତା ନ କରିବା ଦୁର୍ଭାଗ୍ୟଜନକ ବିଷୟ। ପୂର୍ବରୁ ପୁରୀରେ ୭୫୨ ମଠ ଓ ଆଶ୍ରମ ରହିଥିଲା। ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ବର୍ତ୍ତମାନ ଏହି ସଂଖ୍ୟା ୩୭୪ରେ ପହଞ୍ଚିଲାଣି। ତେଣୁ ରେବସା ମଠର ରକ୍ଷଣାବେକ୍ଷଣ ଦିଗରେ ଶ୍ରୀମନ୍ଦିର ପ୍ରଶାସନ ଏବଂ ଦେବୋତ୍ତର କମିଶନର ଆଗେଇ ଆସିବା ଦରକାର। ଏ ସମ୍ପର୍କରେ ଶ୍ରୀମନ୍ଦିର ପ୍ରଶାସନର ରାଜସ୍ୱ ପ୍ରଶାସକ ମଧୁସୂଦନ ଦାସଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ମୁଁ ଆପଣଙ୍କ ଖବର କାଗଜରୁ ଏହି ବିଷୟ ଜାଣିବାକୁ ପାଇଲି। ପୂର୍ବ କାର୍ଯ୍ୟସୂଚୀ ଅନୁଯାୟୀ ବିଭିନ୍ନ ବୈଠକରେ ବ୍ୟସ୍ତ ଥିବାରୁ ଏହାର ଅନୁଧ୍ୟାନ କରିପାରିନାହିଁ। ଶନିବାର ସ୍ୱତନ୍ତ୍ର ଟିମ୍ ସହ ମୁଁ ନିଜେ ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରିବି।

### ପ୍ରଶାସନର ନିଷ୍ପତ୍ତିକୁ ବିରୋଧ
## ୬ଘଣ୍ଟା ନୀତି ବନ୍ଦ କଲେ ସେବାୟତ

**ସାକ୍ଷୀଗୋପାଳ, ୧୬।୧୧ (ଡି.ଏନ୍.ଏ.)**

ପୁରୀ ଜିଲା ସାକ୍ଷୀଗୋପାଳ ମନ୍ଦିରରେ ଶନିବାର ଅଁଳାନବମୀ ତିଥିରେ ରାଧାପାଦ ଦର୍ଶନ ହେବାକୁ ଥିବାବେଳେ ଶୁକ୍ରବାର ମନ୍ଦିରରେ ମହା ବିଭ୍ରାଟ ଦେଖାଦେଇଥିଲା। ପ୍ରଶାସନର ଏକତରଫା ନିଷ୍ପତ୍ତି ବିରୋଧରେ ସେବାୟତମାନେ ଦୀର୍ଘ ୬ଘଣ୍ଟା ଧରି ଦେବ ନୀତି ବନ୍ଦ କରିବା ସହ ଧାରଣା ଦେଇଥିଲେ। ଏ ନେଇ ସେବାୟତ ସଂଘ ପକ୍ଷରୁ ଜିଲାପାଳ ଏବଂ ଏସ୍‌ପିଙ୍କୁ ଏକ ପତ୍ର ମାଧ୍ୟମରେ ଜଣାଯାଇଥିବାବେଳେ ମନ୍ଦିର କାର୍ଯ୍ୟନିର୍ବାହୀଙ୍କ ଜରିଆରେ ରାଜ୍ୟ ଦେବୋତ୍ତର କମିଶନରଙ୍କୁ ଅବଗତ କରାଯାଇଥିଲା। ପରେ ବିଧାୟକଙ୍କ ମଧ୍ୟସ୍ଥରେ ସାକ୍ଷୀଗୋପାଳ ପାନ୍ଥଶାଳାରେ ଏକ ବୈଠକ ବସି ବିବାଦର ସମାଧାନ ହୋଇଥିଲା। ଏହାପରେ ସେବାୟତମାନେ ସନ୍ଧ୍ୟା ୬ଟାରେ ଧାରଣାରୁ ହଟିଥିଲେ।

## ବନ୍ଧୁକ ଦେଖାଇ ଔଷଧ ଦୋକାନୀଙ୍କୁ ଲୁଟ୍ ଉଦ୍ୟମ

**ଭୁବନେଶ୍ୱର, ୧୬।୧୧(ବ୍ୟୁରୋ)**

ଖଣ୍ଡଗିରି ବାରି ଅଞ୍ଚଳରେ ଥିବା ରାଧାକୃଷ୍ଣ ମେଡିସିନ୍ ଷ୍ଟୋର ମାଲିକଙ୍କୁ ବନ୍ଧୁକ ଓ କଟୁରି ଦେଖାଇ ଲୁଟ ଉଦ୍ୟମ ହୋଇଛି। ଏ ନେଇ ଦୋକାନ ମାଲିକ ସତ୍ୟରଞ୍ଜନ ଦାଶ ଖଣ୍ଡଗିରି ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଦୁର୍ବୃତ୍ତମାନେ ଛାଡି ଯାଇଥିବା କଟୁରି ଓ ବାଇକ୍‌କୁ ଜବତ କରିବା ସହ ଦୋକାନ ନିକଟରେ ଲାଗିଥିବା ସିସି କ୍ୟାମେରା ଫୁଟେଜ ଆଧାରରେ ତଦନ୍ତ କରୁଛି। ସୂଚନା ଅନୁଯାୟୀ, ସତ୍ୟରଞ୍ଜନଙ୍କ ଘର ଖଣ୍ଡଗିରି ବାରି ଅଞ୍ଚଳରେ। ଘରର କିଛି ଦୂରରେ ତାଙ୍କ ମେଡିସିନ ଷ୍ଟୋର ରହିଛି। ଗୁରୁବାର ରାତି ପ୍ରାୟ ୧୨ଟାରେ ସେ ଦୋକାନ ବନ୍ଦ କରି ଗାଡି ଷ୍ଟାର୍ଟ କରି ଘରକୁ ଯାଉଥିଲେ। ଏହି ସମୟରେ ଦୁଇଟି ବାଇକରେ ୫ ଯୁବକ ଆସି ତାଙ୍କୁ ଅଟକାଇଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଯୁବକ ସତ୍ୟରଞ୍ଜନଙ୍କୁ କଟୁରି ଦେଖାଇ ଦୋକାନ ଚାବି ମାଗିଥିଲେ। ସତ୍ୟରଞ୍ଜନ ସେମାନଙ୍କ କଥା ନ ଶୁଣିବାରୁ ସେମାନେ ତାଙ୍କୁ କଟୁରିରେ ଆକ୍ରମଣ ଉଦ୍ୟମ କରିଥିଲେ। ହେଲେ କୌଣସି ମତେ କଟୁରି ହାତରୁ ଖସି ପଡିଥିଲା। ଉପସ୍ଥିତ ବୁଦ୍ଧି ଖଟାଇ ସତ୍ୟରଞ୍ଜନ କଟୁରୀକୁ ଧରି ନେଇଥିଲେ। ଏହାପରେ ଲୁଟେରାମାନେ ତାଙ୍କୁ ବନ୍ଧୁକ ଦେଖାଇଥିଲେ। ଶେଷରେ ଲୁଟେରା ଓ ସତ୍ୟରଞ୍ଜନଙ୍କ ମଧ୍ୟରେ କିଛି ସମୟ ଧସ୍ତାଧସ୍ତି ହୋଇଥିଲା। ପରେ ଧରାପଡିଯିବା ଭୟରେ ଲୁଟେରାମାନେ କଟୁରି ଓ ବାଇକ୍ ଛାଡି ଫେରାର ହୋଇଯାଇଥିଲେ।

### କାର୍ତ୍ତିକ ପୂର୍ଣ୍ଣିମାରେ ବିନ୍ଦୁସାଗର ପୁଷ୍କରିଣୀ ପ୍ରଦୂଷଣ ଚିନ୍ତା
# ପ୍ଲାଷ୍ଟିକ୍, ଥର୍ମୋକୁଲ୍ ଡଙ୍ଗାକୁ ମନା



ବିନ୍ଦୁସାଗର ପୁଷ୍କରିଣୀ।

**ପୁରୁଣା ଭୁବନେଶ୍ୱର, ୧୬।୧୧ (ଡି.ଏନ.ଏ.)**

ଆଗକୁ କାର୍ତ୍ତିକ ପୂର୍ଣ୍ଣିମା। ଓଡ଼ିଶା ପରମ୍ପରାରେ ଡଙ୍ଗା ଭସାଇବାର ଦିନ। ନଦୀ, ନାଳ, ପୋଖରୀ, ଗାଡ଼ିଆ ସବୁ ଥର୍ମୋକୁଲ୍, ଜରି, ପ୍ଲାଷ୍ଟିକ ତିଆରି ଡଙ୍ଗା ଓ ବୋଇତରେ ପରିପୂର୍ଣ୍ଣ ହୋଇଯିବ। ବାଦ୍ ପଡିବନି ଐତିହ୍ୟ ପୁଷ୍କରିଣୀ ବିନ୍ଦୁସାଗର। ଏହାକୁ ନେଇ ଚିନ୍ତାପ୍ରକଟ କରିଛନ୍ତି ସାମାଜିକ କର୍ମକର୍ତ୍ତା। ଜଳ ପ୍ରଦୂଷଣ ରୋକିବାକୁ ଲିଙ୍ଗରାଜ ମନ୍ଦିର ପ୍ରଶାସନର ହସ୍ତକ୍ଷେପ ଲୋଡ଼ିଛନ୍ତି।

ଦିନ ଥିଲା କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଲୋକେ କଦଳୀ ପଟୁକା ଓ କାଗଜ ତିଆରି ଡଙ୍ଗା ନେଇ ଜଳାଶୟରେ ଭସାଉଥିଲେ। ଉତ୍କଳୀୟ ନୌବାଣିଜ୍ୟ ସ୍ମୃତିଚାରଣରେ କେବଳ ଓଡ଼ିଆମାନେ ପାଳୁଥିବା ଏହି ପର୍ବରେ ଡଙ୍ଗାକୁ ବିଧିବଦ୍ଧ ଭାବେ ବନ୍ଦାଣ କରାଯାଉଥିଲା। ଏବେ ଆଧୁନିକତାର ସ୍ପର୍ଶରେ ବଦଳି ଯାଇଛି ପରମ୍ପରାର ମହକ। କଦଳୀ ପଟୁକା, କାଗଜ ତିଆରି ଜୈବ ବିଘଟନକାରୀ ଡ଼ଙ୍ଗା ବଦଳରେ ଏବେ ଜଳାଶ୍ରୟରେ ପ୍ଲାଷ୍ଟିକ, ରଙ୍ଗୀନ ଜରି ଓ କୃତ୍ରିମ ରଙ୍ଗ ପ୍ରଲେପିତ ଡଙ୍ଗା ଭସାଯାଉଛି। ଯାହା ଜଳ, ଜଳଚର ଜୀବ ଓ ଉଦ୍ଭିଦଙ୍କ ସ୍ଥିତିକୁ ବିଗାଡି ଦେଉଛି। ବିନ୍ଦୁସାଗରରେ ଏସବୁ ଜଳ ପ୍ରଦୂଷଣକାରୀ କ୍ଷତିକାରକ ଡଙ୍ଗା ଭସାଇବା ଦିଗରେ କଟକଣା ପାଇଁ ସାମାଜିକ କର୍ମୀ ସୁଶାନ୍ତ ସାହୁ ଲିଙ୍ଗରାଜ ମନ୍ଦିର ପ୍ରଶାସନର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଲିଙ୍ଗରାଜ ମନ୍ଦିର ପ୍ରଶାସକଙ୍କୁ ଏ ମର୍ମରେ ଚିଠି ଲେଖିଛନ୍ତି ସୁଶାନ୍ତ। ସେଥିରେ ଦର୍ଶାଇଛନ୍ତି ଯେ ପୁଷ୍କରିଣୀ ସୁରକ୍ଷା ପାଇଁ ତୁରନ୍ତ ପଦକ୍ଷେପ ନିଆଯାଉ ଓ ଜୈବ ବିଘଟନ ହେଉ ନ ଥିବା ଦ୍ରବ୍ୟକୁ ଜଳାଶୟ ଭିତରକୁ ଛଡ଼ାଯିବା ଦିଗରେ କଡା କଟକଣା କରାଯାଉ।

# ବିଜେବି କଲେଜରେ ଲାପ୍‌ଟପ୍ ବଣ୍ଟନ



ବିଜେବି କଲେଜରେ ଜଣେ ଛାତ୍ରୀଙ୍କୁ ଲାପ୍‌ଟପ୍ ପ୍ରଦାନ କରାଯାଉଛି।

**ଭୁବନେଶ୍ୱର, ୧୬।୧୧(ବ୍ୟୁରୋ)**

ବିଜୁ ଯୁବ ସଶକ୍ତୀକରଣ ଯୋଜନାରେ ଯୁକ୍ତ୨ ମେଧାବୀ ଛାତ୍ରୀଛାତ୍ରଙ୍କୁ ଶୁକ୍ରବାର ବିଜେବି କଲେଜରେ ଲାପଟପ୍ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅନନ୍ତ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଖୋର୍ଦ୍ଧା ଜିଲାରୁ ଲାପଟପ୍ ପାଇବା ପାଇଁ ମନୋନୀତ ଛାତ୍ରୀଛାତ୍ରଙ୍କୁ ଲାପ୍‌ଟପ ବଣ୍ଟ କରିଥିଲେ। ସମ୍ମାନିତ ଅତିଥିଭାବେ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା, ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଅଶୋକ ପଣ୍ଡା, ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଖୋର୍ଦ୍ଧା ଜିଲାପାଳ ନିର୍ମଳ ଚନ୍ଦ୍ର ମିଶ୍ର ଏବଂ ବିଜେବି କଲେଜ ଅଧକ୍ଷ ଡ. ପ୍ରସନ୍ନ ମହାନ୍ତି ଉପସ୍ଥିତ ଥିଲେ। କଲେଜ ଅଧକ୍ଷ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ପ୍ରଫେସର ଇନ୍ଦୁଭୂଷଣ ମହାନ୍ତି, ହୃଷୀକେଶ ମହାନ୍ତି, ଡ. ଶ୍ରୀକାନ୍ତ ବେହେରା, ଅଧ୍ୟାପକ ପ୍ରଶାନ୍ତ ପରିଡା, ରାଜମୋହନ ମହାନ୍ତି, ସବୀନ୍ଦ୍ର ସାମଲ, ଲକ୍ଷ୍ମୀଧର ଭୋଳ, ଅନନ୍ୟା ମହାପାତ୍ର ଏବଂ ଜ୍ୟୋତ୍ସ୍ନାରାଣୀ ପଣ୍ଡାଙ୍କ ସହିତ କଲେଜ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଯାଏ ଚାଲିବ। ଖୋର୍ଦ୍ଧା ଜିଲାର ୯୮ କଲେଜରୁ ୨୩୬୧ ଛାତ୍ରୀଛାତ୍ରଙ୍କୁ ଲାପଟପ୍ ବଣ୍ଟନ କରାଯିବ।

# ଶିଶୁ ମହୋତ୍ସବ ସୁରଭି-୨୦୧୮ ଉଦ୍‌ଯାପିତ

**ଭୁବନେଶ୍ୱର,୧୬।୧୧ (ବ୍ୟୁରୋ)**

ପିଲାମାନେ ଆଦର୍ଶ ଓ ମୂଲ୍ୟବୋଧ ସହିତ ସାଲିସ୍ ନ କରି ନିଜର ପ୍ରତିଭାକୁ ଦେଶ ଓ ସମାଜର କଲ୍ୟାଣରେ ବିନିଯୋଗ କର। ଏହାହିଁ ଛାତ୍ର ଜୀବନର ସବୁଠାରୁ ବଡ଼ ସଫଳତା ହେବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର କହିଛନ୍ତି।

ଶିଶୁ ମହୋତ୍ସବ ସୁରଭି-୨୦୧୮ ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ପାତ୍ର ଯୋଗଦେଇ କହିଛନ୍ତି, ରାଜ୍ୟର ସବୁ ଛାତ୍ରୀଛାତ୍ର, ଅଭିଭାବକ ଏବଂ ଶିକ୍ଷାନୁଷ୍ଠାନ ପିଲାମାନଙ୍କ ପ୍ରଗତିରେ ସାମିଲ ହୁଅନ୍ତୁ। ଶିକ୍ଷା ଓ ଶିକ୍ଷାର୍ଥୀଙ୍କ ସାମଗ୍ରିକ ବିକାଶ ହିଁ ଓଡ଼ିଶାକୁ ପ୍ରଗତିର ଶୀର୍ଷରେ ପହଞ୍ଚାଇ ପାରିବ। ସଭାରେ ଉପସ୍ଥିତ ଥିବା ଭୁବନେଶ୍ୱର ଏମ୍‌ପି ଡ. ପ୍ରସନ୍ନ ପାଟ୍ଟଶାଣୀ, ଭୁବନେଶ୍ୱର ଉତ୍ତର ବିଧାୟକ ପ୍ରିୟଦର୍ଶୀ ମିଶ୍ର ଏବଂ ମଧ୍ୟମ





ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

ବିଧାୟକ ବିଜୟ ମହାନ୍ତି ଯୋଗଦେଇ ଛାତ୍ରୀଛାତ୍ର ନିଜ ନିଜର କ୍ଷେତ୍ରରେ ଶ୍ରେଷ୍ଠତା ପ୍ରତିପାଦନ ନିମନ୍ତେ ଚେଷ୍ଟା କରିବାକୁ ପରାମର୍ଶ ଦେଇଥିଲେ। ଉତ୍ସବରେ ସ୍ୱାଗତ ଭାଷଣ ଦେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର କହିଲେ, ଛାତ୍ରୀଛାତ୍ରମାନେ ଗୋଟିଏ ଶିକ୍ଷିତ ଏବଂ ସମୃଦ୍ଧ ଓଡ଼ିଶା ଗଠନରେ ସଂକଳ୍ପ ନେଇ ଘରକୁ ବାହୁଡିବେ। ସୁରଭି ବାର୍ତ୍ତା ନେଇ ସମଗ୍ର ରାଜ୍ୟକୁ ସୁରଭିତ କରିବେ। ଉତ୍ସବରେ ଓପେପା ନିର୍ଦ୍ଦେଶକ ଭୂପେନ୍ଦ୍ରେ ସିଂ ପୁନିଆ ଏହି ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବର ସଫଳତା ପାଇଁ ଧନ୍ୟବାଦ ଜଣାଇଥିଲେ।

# ଅର୍ଥ ଲଗାଣକାରୀ ସଂସ୍ଥା ଏଜେଣ୍ଟ ଗିରଫ

**କଟକ ରୋଡ,୧୬।୧୧(ଡି.ଏନ୍.ଏ.)**

ଲକ୍ଷ୍ମୀସାଗର ଥାନା ହଳଦୀପଡ଼ିଆ ବସ୍ତିରେ ଗତ ଗୁରୁବାର ୧ ଲକ୍ଷ ଲୁଟ୍ ଘଟଣାର ପୋଲିସ ଶୁକ୍ରବାର ପର୍ଦ୍ଦାଫାଶ କରିଛି। ଏହି ଘଟଣାରେ ପୋଲିସ ଏକ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାର ମହିଳା ଏଜେଣ୍ଟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ପୁରୀ ଜିଲା ରେଣ୍ଡା ଅଞ୍ଚଳର ଫିନୁ ପରିଡା। ଫିନୁ ଭୁବନେଶ୍ୱର ମଞ୍ଚେଶ୍ୱର ଥାନା ଅଧୀନ ପଳାଶୁଣୀ ପ୍ରାଚୀ ବିହାରରେ ଏକ ଭଡା ଘରେ ରୁହନ୍ତି।

ପୋଲିସ ସୂଚନା ଅନୁଯାୟୀ, ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ବମିଖାଲ ଗୋବିନ୍ଦ ପ୍ରସାଦ ଅଞ୍ଚଳରେ ଥିବା ଏକ ଘରୋଇ ଅର୍ଥ ଲଗାଣ କାରୀ ସଂସ୍ଥାରେ ଫିନୁ ମହିଳା ସ୍ୱୟଂ

**ବୁଦା ମୂଳେ ଲୁଚାଇଥିଲେ ୬୧ ହଜାର ଟଙ୍କା**

ସହାୟକ ଗୋଷ୍ଠୀର ଜମାକାରୀଙ୍କ ଟଙ୍କା ସଂଗ୍ରହ ଦାୟିତ୍ୱରେ ଥିଲେ। ଗତ ଗୁରୁବାର ସେ ଏହି ଥାନା ଅଧୀନ ହଳଦିପଡ଼ିଆ ବସ୍ତିରେ ରହୁଥିବା କେତେଜଣ ଜମାକାରୀଙ୍କ ଠାରୁ ୬୧ ହଜାର ଟଙ୍କା ସଂଗ୍ରହ କରିଥିଲେ। ତେବେ ପୂର୍ବାହ୍ନ ପ୍ରାୟ ୧୧ଟାରେ ଫିନୁ ସଂଗୃହୀତ ଟଙ୍କା କାର୍ଯ୍ୟାଳୟରେ ଜମା କରିବା ପରିବର୍ତ୍ତେ ପ୍ରାଚୀ ବିହାରରେ ରହୁଥିବା ଭଡାଘର ନିକଟରେ ଥିବା ଏକ ବୁଦାମୂଳେ ଲୁଚାଇ ଦେଇଥିଲେ। ପରେ ମଧ୍ୟାହ୍ନ ପ୍ରାୟ ୧୨ଟାରେ ପୁନର୍ବାର ହଳଦୀପଡ଼ିଆ ବସ୍ତିକୁ ଆସି ସେଠାରେ ଥିବା ଏକ ଗ୍ୟାସ ଏଜେନ୍ସି ସମ୍ମୁଖରେ ୧ଲକ୍ଷ ଟଙ୍କା ଦୁଇଜଣ ଦୁର୍ବୃତ୍ତ ଛଡ଼ାଇ ନେଇଥିବା ପାଟି କରିବା ସହ କାନ୍ଦିଥିଲେ। ଏହା ପରେ ସଂସ୍ଥାର ଶାଖା ପରିଚାଳକଙ୍କୁ ଜଣାଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଫିନୁଙ୍କୁ ଥାନାକୁ ଆଣି ପଚରାଉଚରା ଚଳାଇଥିଲା। ଫିନୁ ଦେଇଥିବା ତଥ୍ୟରେ କୌଣସି ତାଳମେଳ ରହୁ ନ ଥିବା ବେଳେ ବିଭିନ୍ନ ସମୟରେ ବୟାନ ବଦଳାଇଥିବା ଲକ୍ଷ୍ମୀସାଗର ଥାନା ଅଧିକାରୀ ଦୟାନିଧି ନାୟକ କହିଛନ୍ତି। ଅଧିକ ଜେରା ପରେ ଫିନୁ ସମସ୍ତ ଘଟଣା ମାନି ଯାଇଥିଲେ। ଗୁରୁବାର ରାତିରେ ଥାନା ଅଧିକାରୀ ନାୟକଙ୍କ ସହ ଏକ ଟିମ ପ୍ରାଚୀ ବିହାରରେ ଚଢାଉ କରି ସମସ୍ତ ଟଙ୍କା ଜବତ କରିଥିଲେ।

■ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ

# ଲୋକଙ୍କ କଲ୍ୟାଣ ସାମ୍ବାଦିକତାର ମୂଳ ଲକ୍ଷ୍ୟ

**ଭୁବନେଶ୍ୱର,୧୬।୧୧(ବ୍ୟୁରୋ)**

ବର୍ତ୍ତମାନ ଡିଜିଟାଲ ଯୁଗରେ ଖବର ପ୍ରସ୍ତୁତି ଏବଂ ଦ୍ରୁତିତ ପରିବେଷଣ ଫଳରେ ଗଣମାଧ୍ୟମ ପ୍ରତିନିଧିମାନଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ବୃଦ୍ଧି ପାଇଛି। କେବଳ ସେତିକି ନୁହେଁ, ଗଣମାଧ୍ୟମର ଦାୟିତ୍ୱ ବୃଦ୍ଧି ପାଇବା ସହିତ ମୂଲ୍ୟବୋଧର ସୁରକ୍ଷା ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ଡିଜିଟାଲ ଯୁଗରେ ମୂଲ୍ୟବୋଧ ପ୍ରତି ସଚେତନ ରହି ଜନକଲ୍ୟାଣକାରୀ ଖବର ପ୍ରସ୍ତୁତ କରିବା ଦିଗରେ ସାମ୍ବାଦିକମାନେ ପ୍ରଯତ୍ନ ହେବା ଆବଶ୍ୟକ ବୋଲି ଏଠାରେ ମତପ୍ରକାଶ ପାଇଛି।

ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଶୁକ୍ରବାର ଜାତୀୟ ପ୍ରେସ୍ ଦିବସ ଅବସରରେ ଗୀତଗୋବିନ୍ଦ ସଦନଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ଏହା କହିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗ ମୁଖ୍ୟ ପ୍ରଫେସର ଡ. ନଳିନୀ କୁମାର ପାତ୍ର ଚଳିତବର୍ଷର ପ୍ରସଙ୍ଗ 'ଡିଜିଟାଲ ଯୁଗରେ ସାମ୍ବାଦିକତାରେ ମୂଲ୍ୟବୋଧ ଓ ଆହ୍ୱାନ' ଉପରେ ବକ୍ତବ୍ୟ ରଖିଥିଲେ। ସାମ୍ବାଦିକତାରେ ମୂଲ୍ୟବୋଧର ବିଭିନ୍ନ ଉଦାହରଣ ଦେଇ ଡ. ପାତ୍ର ସାମ୍ବାଦିକମାନେ ଖବର ପରିବେଷଣରେ ସାମ୍ନା କରୁଥିବା ଆହ୍ୱାନଗୁଡ଼ିକ ଉପରେ ଆଲୋକପାତ କରିଥିଲେ। ସତ୍ୟତା, ସ୍ୱଚ୍ଛତା ଓ କ୍ରିୟାଶୀଳତା ଡିଜିଟାଲ ଯୁଗରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଦର୍ଶାଇ ଡ. ପାତ୍ର କହିଲେ, ଖବରର ବିଷୟ, ପରିବେଷଣ ଶୈଳୀ, ଭାଷା ଏପରି କି, ପରିସ୍ଥିତି ଗଣମାଧ୍ୟମରେ କାର୍ଯ୍ୟରତ ଲୋକଙ୍କ ପାଇଁ ଆହ୍ୱାନ ସୃଷ୍ଟି କରିଥାଏ। ମୂଲ୍ୟବୋଧର ସୁରକ୍ଷା ସମୟରେ ଆହ୍ୱାନର ସମ୍ମୁଖୀନ ହେବା ସ୍ୱାଭାବିକ। ତେଣୁ ସେତିକି ବେଳେ ସାମ୍ବାଦିକତାରେ ବିବେକ ଅନୁମୋଦନର ପ୍ରଶ୍ନ ଉଠିଥାଏ। ଲୋକଙ୍କ କଲ୍ୟାଣ ହେଉଛି ସାମ୍ବାଦିକତାର ମୂଳ ଲକ୍ଷ୍ୟ। ଗଣତାନ୍ତ୍ରିକ ମୂଲ୍ୟବୋଧର ସୁରକ୍ଷା ଓ ସାମାଜିକ ସମସ୍ୟାର ସମାଧାନ ପାଇଁ ଉଦ୍ଦିଷ୍ଟ ସାମ୍ବାଦିକତା ଡିଜିଟାଲ ଯୁଗରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ଉଲ୍ଲେଖ କରିଥିଲେ।

ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଲକ୍ଷ୍ମୀଧର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାର ବିକାଶ ଫଳରେ ଡିଜିଟାଲ ଖବର ପରିବେଷଣ ବୃଦ୍ଧି ପାଇଛି ଓ ସୂଚନା ସରବରାହ ବ୍ୟବସ୍ଥା ସୁଗମ ହୋଇଛି ବୋଲି କହିଥିଲେ। ବିଭାଗୀୟ ଯୁଗ୍ମ ଶାସନ ସଚିବ ମନୋଜ କୁମାର ମହାନ୍ତି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ବିଭାଗୀୟ ଉପନିର୍ଦ୍ଦେଶକ ବିବେକାନନ୍ଦ ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିବା ବେଳେ ପୂର୍ବରୁ ଅନୁଷ୍ଠିତ ମହାବିଦ୍ୟାଳୟସ୍ତରୀୟ ଇଂଲିଶ ଏବଂ ଓଡ଼ିଆ ବକ୍ତୃତା ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସୂଚନା ଅଧିକାରୀ ସୁଚେତା ପ୍ରିୟଦର୍ଶିନୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଭାଗୀୟ ଉପନିର୍ଦ୍ଦେଶକ ବରଦା ପ୍ରସନ୍ନ ଦାସ ଧନ୍ୟବାଦ ଦେଇଥିଲେ।

# ଜୁଏଲେରୀ ଡିଜାଇନରେ କ୍ୟାରିୟର



ଗହଣା ପିନ୍ଧିବାକୁ କିଏ ଅବା ଭଲ ନ ପାଏ। ବିଶେଷ କରି ଆମ ଦେଶ ଭାରତରେ ଏହାର ବହୁଳ ପ୍ରୟୋଗ କରାଯାଏ। ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ,ଭାରତ ଏଭଳି ଏକ ଦେଶ, ଯେଉଁଠି ଆଜି ମଧ୍ୟ ଗହଣାକୁ ହାତରେ ତିଆରି କରାଯାଏ। ଏଥିଲାଗି ମେସିନ ଅଥବା କୌଣସି ଡାଇ ପ୍ରୟୋଗ କରାଯାଏନି। ଏହି କାରଣରୁ ଭାରତୀୟ ଗହଣାର ଆଦର ସାରା ବିଶ୍ୱରେ ରହିଛି। ଭାରତ ଗହଣାର ରପ୍ତାନି କରି ପ୍ରଚୁର ଡଲାର ଅର୍ଜନ କରୁଛି। ମହାନଗରଠାରୁ ଆରମ୍ଭ କରି ଛୋଟ ସହର ପର୍ଯ୍ୟନ୍ତ ଗହଣା ବ୍ୟବସାୟ କାୟାବିସ୍ତାର କରିଛି। ଏଠାରେ ଦୈନିକ ନୂଆ ନୂଆ ଡିଜାଇନ ଦେଖିବାକୁ ମିଳେ। ଏହି ଡିଜାଇନରେ ରହିଥିବା କଳାତ୍ମକତା ଏବଂ ଗଢ଼ଣରୁ ଯେକେହି ପ୍ରଭାବିତ ହେବେ। ଗହଣା ପ୍ରତି ମହିଳାଙ୍କ ଦୁର୍ବଳତା ସର୍ବଜନବିଦିତ ହୋଇଥିଲେ ହେଁ ଆଜିର ଦୁନିଆରେ ପୁରୁଷମାନେ ମଧ୍ୟ ଡିଜାଇନଯୁକ୍ତ ଗହଣା ପ୍ରତି ଆକର୍ଷିତ ହେଉଛନ୍ତି। ମୁଦି, ଚେନ୍, କଡ଼ା ଆଦିର ନୂଆ ଡିଜାଇନ ମଧ୍ୟ ବଜାରରେ ଉପଲବ୍ଧ ହେଲାଣି। କେହି କେବେ ଭାବିଛନ୍ତି କି ଏହି ନୂଆ ନୂଆ ଡିଜାଇନ ଆସୁଛି କେଉଁଠୁ ? ଦେଶରେ ଏଭଳି କିଛି ନାମୀଦାମୀ ଡିଜାଇନର ରହିଛନ୍ତି ସେମାନେ ଏବଂ ଅଜଣା ଗାଁଗଣ୍ଡାରେ ରହିଥିବା ଡିଜାଇନରମାନେ ହିଁ ଗ୍ରାହକଙ୍କୁ ନୂଆ ନୂଆ ଡିଜାଇନ ପରଷି ଦେଉଛନ୍ତି। ସେମାନଙ୍କ ପରିଶ୍ରମ କାରଣରୁ ଆଜି ଏହି କ୍ଷେତ୍ରରେ ଦୈନିକ ନୂଆ ଇତିହାସ ରଚନା କରାଯାଉଛି।

ଗହଣା ପିନ୍ଧୁଥିବା ପୁରୁଷ ହୁଅନ୍ତୁ ଅଥବା ମହିଳା କେବଳ ଗହଣା ଦୋକାନକୁ ମନେ ରଖନ୍ତି। ସେହି ଶୋ'ରୁମ୍‌ରେ ଭଳିକି ଭଳି ଡିଜାଇନର ଗହଣାକୁ ନେଇ ବେଶ୍ ଚର୍ଚ୍ଚା ମଧ୍ୟ କରନ୍ତି। ତେବେ ବାସ୍ତବରେ ଏହି ଡିଜାଇନକୁ ସେହି ଡିଜାଇନର ମାନେ ହିଁ ତିଆରି କରନ୍ତି ଯେଉଁମାନେ ପରଦା ଆଢୁଆଳରେ ରହିଯାଆନ୍ତି। ବର୍ଷସାରା ଗହଣାର ଚାହିଦା ଲାଗିରହିଛି। ଏହା ମଧ୍ୟ କୁହାଯାଇପାରେ ଯେ, ଚାହିଦା ବଢ଼ି ବଢ଼ି ଚାଲିଛି। କ୍ୟାରିୟର ଲାଗି ଏହା ଏକ ଭଲ କ୍ଷେତ୍ର କୁହାଯାଇପାରେ। କଳାତ୍ମକତା ପ୍ରଦର୍ଶନ ସହ ରୁଚିକର ତଥା ଯୁଗ ସହ ତାଳ ଦେଇ ଆଧୁନିକ ଡିଜାଇନର ଗହଣା ତିଆରି କରିବାର ଆହ୍ୱାନ ଏ କ୍ଷେତ୍ରରେ ରହିଛି। ଯେକୌଣସି ଇନଷ୍ଟିଚ୍ୟୁଟ୍‌ରୁ ସଫଳତାର ସହ ଉତ୍ତୀର୍ଣ୍ଣ ହେବା ପରେ ଆପଣ ନିଜର କର୍ମକ୍ଷେତ୍ରରେ ପାଦ ଥାପି ପାରିବେ।

### ଜୁଏଲେରୀ ଡିଜାଇନିଂର ଇତିହାସ

ଗହଣା ନିର୍ମାଣ ଜଗତରେ ଜୁଏଲେରୀ ଡିଜାଇନ ପାଠ୍ୟକ୍ରମ ସମ୍ପୂର୍ଣ୍ଣ ନୂଆ ହୋଇଥିଲେ ହେଁ ଗହଣା ଓ ଏହାର ନିର୍ମାଣ କୌଶଳର ଉପଯୋଗ ପ୍ରାଚୀନ କାଳରୁ ହୋଇଆସୁଛି। ନିଜର ଉପସ୍ଥିତି ସମୟରୁ ମଣିଷ ଗହଣା ପ୍ରତି ଆକର୍ଷିତ ହୋଇଛି। ପ୍ରାରମ୍ଭରେ ପତ୍ରରେ ତିଆରି ମାଳ ଓ ମୁକୁଟ ପିନ୍ଧାଯାଉଥିଲା। ପରେ ପଥର ଓ ଏହା ପରେ ଧାତୁର ବ୍ୟବହାର ଆରମ୍ଭ ହେଲା। ସମୟକ୍ରମେ ସଭ୍ୟତା ବିକଶିତ ହେବା ସହିତ ସୁନା-ରୁପା ତଥା ହୀରା ଏବଂ ମୂଲ୍ୟବାନ ପଥର ଆବିଷ୍କାର ପରେ ଏହାକୁ ବ୍ୟବହାର କରି ଗହଣା ପ୍ରସ୍ତୁତ ହେବା ଆରମ୍ଭ ହେଲା। ଏଭଳି ଦେଖିଲେ ଜୁଏଲେରୀ ଡିଜାଇନ କାମ ହଜାର ହଜାର ବର୍ଷ ପୂର୍ବରୁ ଆରମ୍ଭ ହୋଇଯାଇଥିଲା।

ଧୀରେ ଧୀରେ ସମୟ ଅତିବାହିତ ହେଲା ଓ ବର୍ତ୍ତମାନ ଯୁଗର ଟେକ୍‌ନିକର ପ୍ରୟୋଗ ଆରମ୍ଭ ହେଲା। ଜୁଏଲେରୀ ଡିଜାଇନର ନୂଆ ନୂଆ କ୍ଷେତ୍ର ବିକଶିତ ହେବାକୁ ଲାଗିଲା ଏବଂ ସାରା ଦେଶରେ ଲକ୍ଷ ଲକ୍ଷ କାରିଗର ଏହିଗରେ ଲାଗି ପଡ଼ିଲେ। ଦୈନିକ ନୂଆ ନୂଆ ଡିଜାଇନ ସାମ୍ନାକୁ ଆସିଲା। ଡିଜାଇନର ପ୍ରଚଳନ ଯୋଗୁ ଗହଣା ବ୍ୟବସାୟରେ ଯୁଗାନ୍ତକାରୀ ପରିବର୍ତ୍ତନ ଆସିଛି ଏବଂ ବର୍ତ୍ତମାନ ଏହା ସବୁଠାରୁ ମହଙ୍ଗା ବ୍ୟବସାୟରେ ପରିଣତ ହେଲାଣି। ଏହାର ଆଦର ବିଦେଶରେ ପହଞ୍ଚିଲାଣି ଏବଂ ବିଦେଶୀମାନେ ଭାରତୀୟ ଗହଣା ପ୍ରତି ଆକୃଷ୍ଟ ହେଲେଣି।

ଆଜିକାଲି ସୁନା, ରୁପାର ଗହଣା ମେସିନରେ ତିଆରି ହେଲାଣି। ଯାହାକୁ କଷ୍ଟ୍ୟୁମ ଜୁଏଲେରୀ କୁହାଯାଉଛି। ଏହାଛଡ଼ା କମ୍ ମୂଲ୍ୟର ଧାତୁ ଅଥଚ ଦେଖିବାକୁ ସୁନ୍ଦର ଏଭଳି ଶସ୍ତା ସୁନ୍ଦର ମଜବୁତ ଗହଣା ତିଆରି ହେବାରେ ଲାଗିଛି। ଏହାକୁ ସେମି ପ୍ରେସିୟସ ଜୁଏଲେରୀ କୁହାଯାଉଛି। ଏଥିରେ ଆର୍ଟ-କାରାଟ ଭଳି ଗହଣା ରହିଛି ଯେଉଁଥିରେ ନିଲମ, ମୋତି, ଶଙ୍ଖ, ସୁନ୍ଦର ପଥରକୁ ବ୍ୟବହାର କରାଯାଉଛି।

### ଜୁଏଲେରୀ ଡିଜାଇନ କୋର୍ସ

ଏହି କୋର୍ସରେ ସୁନା-ରୁପା ତଥା ଅନ୍ୟ ମୂଲ୍ୟବାନ ଧାତୁ ଗହଣାର ସୁନ୍ଦର ତଥା ଆକର୍ଷଣୀୟ ଡିଜାଇନ ପ୍ରସ୍ତୁତ କରିବା ଶିଖାଯାଏ। ଏହାଛଡ଼ା ମୋତି, ପାନ୍ନା, ନିଲମ ଆଦି ଗ୍ରହପଥରକୁ ଚିହ୍ନି ଏହାକୁ ତିଆରି କରିବା ଏବଂ ଧାତୁରେ ଏହାକୁ ଲଗାଇବା ଶିଖା ଯାଏ। ଏହାଛଡ଼ା ଗହଣାରେ ବ୍ୟବହୃତ ହେଉଥିବା ଅନେକ ପ୍ରକାର ଧାତୁ ସମ୍ପର୍କରେ ଶିକ୍ଷାର୍ଥୀଙ୍କୁ ପ୍ରଶିକ୍ଷଣ ଦିଆଯାଏ। କାରଣ ଗହଣା କେବଳ ସୁନା ଓ ରୁପାର ତିଆରି ହୁଏ ନାହିଁ ବରଂ ପିତ୍ତଳ, ଆଲୁମିନିୟମ, ତମ୍ବା, ଷ୍ଟିଲ୍, ନିକେଲ, ଗିଲଟି ଆଦିର ତିଆରି କରାଯାଏ। ଶିକ୍ଷାର୍ଥୀଙ୍କୁ ସିଲାବସ ଅନୁଯାୟୀ ପାଠ ପଢ଼ାଯିବା ସହ ପ୍ରୋଜେକ୍ଟ ଆସାଇନମେଣ୍ଟ ଦିଆଯାଏ ଏବଂ କ୍ରାଫ୍ଟ ଡକ୍ୟୁମେଣ୍ଟେସନ ଦ୍ୱାରା ପ୍ରଶିକ୍ଷଣ ଦିଆଯାଏ। ବଡ଼ ସଂସ୍ଥାରେ ପ୍ରଶିକ୍ଷଣର ଅନ୍ତିମ ଚରଣରେ କୌଣସି ଗହଣା ନିର୍ମାତାଙ୍କ ନିକଟରେ ଛାତ୍ରଛାତ୍ରୀଙ୍କୁ ବ୍ୟବହାରିକ ଜ୍ଞାନ ମଧ୍ୟ ଦିଆଯାଏ। କୋର୍ସ ସମ୍ପୂର୍ଣ୍ଣ ହେବା ପରେ ସେମାନଙ୍କ ଦ୍ୱାରା ଡିଜାଇନ ହୋଇଥିବା ଗହଣାକୁ କୌଣସି ବଡ଼ ଗହଣା ନିର୍ମାତାଙ୍କ ସହଯୋଗରେ ପ୍ରଦର୍ଶିତ କରାଯାଏ।

### କିପରି ଡିଜାଇନ ହୁଏ

ଜଣେ ଜୁଏଲେରୀ ଡିଜାଇନର ଗହଣା ଡିଜାଇନ କରିବା ପୂର୍ବରୁ ପ୍ରଥମେ କଳ୍ପନାରେ ଏହାର ଏକ ସ୍କେଚ୍ ପ୍ରସ୍ତୁତ କରି କାଗଜରେ ରୂପ ଦେଇଥାନ୍ତି। ପରେ ଏଥିରେ ଯୋଡିବା ଅବା ବାଦ୍ ଦେବା ପ୍ରକ୍ରିୟା ଚାଲେ। ଏହି କାରଣରୁ ଜଣେ ଡିଜାଇନର ଭଲ ସ୍କେଚ୍ ଆର୍ଟିଷ୍ଟ ହେବାକୁ ପଡିବ। ଆଜିକାଲି କମ୍ପ୍ୟୁଟରରେ ମଧ୍ୟ ଡିଜାଇନ ତିଆରି କରାଯାଉଛି। ଏହାଛଡ଼ା ଗହଣା ନିର୍ମାତା ଏବଂ କିଛି ଅନ୍ୟ ଲୋକଙ୍କୁ ଦେଖାଇ ସମ୍ପୂର୍ଣ୍ଣ ସନ୍ତୁଷ୍ଟ ହେବା ପରେ ହିଁ ଗୋଟିଏ ଡିଜାଇନକୁ ଫାଇନାଲ କରାଯାଏ।



### ଜୁଏଲେରୀ ଇନଷ୍ଟିଚ୍ୟୁଟ୍

୧) ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଫ୍ୟାଶନ ଟେକ୍ନୋଲୋଜି, ହୌଜଖାସ୍, ନୂଆଦିଲ୍ଲୀ
୨) ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଡିଜାଇନ, ପାଲଡି, ଅହମ୍ମଦାବାଦ
୩) ଜେଡି ଇନଷ୍ଟିଚ୍ୟୁଟ୍ ଅଫ୍ ଫ୍ୟାଶନ ଟେକ୍ନୋଲୋଜି, ୩୯, ଦୟାଳ ସିଂ ବିଲ୍ଡିଂ, ହୌସ୍‌ଖାସ୍ ଭିଲେଜ, ନୂଆଦିଲ୍ଲୀ
୪) ଆପିଜେ ଇନଷ୍ଟିଚ୍ୟୁଟ୍ ଅଫ୍ ଡିଜାଇନ, ନୂଆଦିଲ୍ଲୀ
୫) ସାଉଥ ଦିଲ୍ଲୀ ପଲିଟେକ୍ନିକ୍ ଫର୍ ଓମେନ, ନୂଆଦିଲ୍ଲୀ
୬) ଏକାଡେମୀ ଅଫ୍ ଫ୍ୟାଶନ ଷ୍ଟଡିଜ, ନୂଆଦିଲ୍ଲୀ
୭) ଜୁଏଲେରୀ ଡିଜାଇନ ଆଣ୍ଡ ଟେକ୍ନୋଲୋଜି ଇନଷ୍ଟିଚ୍ୟୁଟ୍, ନୋଇଡା, ୟୁପି
୮) ଜେମ୍ସ ଆଣ୍ଡ ଜୁଏଲେରୀ ଏକ୍ସପୋର୍ଟ ପ୍ରମୋଶନ କାଉନସିଲ୍, ଜୟପୁର, ରାଜସ୍ଥାନ
୯) ଜେ.କେ. ଡାଏମଣ୍ଡସ ଇନଷ୍ଟିଚ୍ୟୁଟ୍ ଅଫ୍ ଜେମ୍ସ ଆଣ୍ଡ ଜୁଏଲେରୀ, ମୁମ୍ବାଇ, ମହାରାଷ୍ଟ୍ର

### ପ୍ରବେଶ

ଜୁଏଲେରୀ ଡିଜାଇନିଂରେ ପ୍ରବେଶ ଲାଗି ବଡ଼ ଏବଂ ଖ୍ୟାତିପ୍ରାପ୍ତ ସଂସ୍ଥାରେ ମାନସିକ ଦକ୍ଷତା ପରୀକ୍ଷା ତଥା କ୍ରିଏଟିଭ ଆବିଲିଟି ସିଚୁଏଶନ ଟେଷ୍ଟ ଦେବାକୁ ପଡେ। ଏହା ପରେ ଇଣ୍ଟରଭ୍ୟୁରେ ସଫଳ ହେବା ପରେ ହିଁ ଜଣଙ୍କୁ ପାଠ ପଢ଼ିବା ଲାଗି ପ୍ରବେଶ ମିଳେ। ଏହି ପାଠ୍ୟକ୍ରମରେ ପାଠ ପଢୁଥିବା ଛାତ୍ରାଛାତ୍ରୀଙ୍କ ଭବିଷ୍ୟତ ଅତ୍ୟନ୍ତ ଉଜ୍ଜ୍ୱଳ ହୋଇଥାଏ। ଏହାଛଡ଼ା ଘରୋଇ ଇନଷ୍ଟିଚ୍ୟୁଟ୍‌ରୁ ପାଠ ପଢ଼ି ଜଣେ ସଫଳ ବ୍ୟବସାୟୀ ହୋଇପାରିବେ। ଏଥିରେ ପ୍ରବେଶ ଲାଗି ଜଣେ ଛାତ୍ର/ଛାତ୍ରୀଙ୍କୁ ଦ୍ୱାଦଶ ଶ୍ରେଣୀରେ ୫୫ରୁ ୬୦ ପ୍ରତିଶତ ମାର୍କ ରଖିବାକୁ ପଡିବ।

### କୋର୍ସ ଅବଧି

ଜୁଏଲେରୀ ଡିଜାଇନ ସମ୍ପର୍କିତ ପାଠ୍ୟକ୍ରମର ଅବଧି ଭିନ୍ନ ଭିନ୍ନ ହୋଇଥାଏ। କାରଣ ବିଭିନ୍ନ ସଂସ୍ଥା ଏଥିପାଇଁ ନିଜସ୍ୱ ଅବଧି ଚୟନ କରିଥାନ୍ତି। ଏହା ୪ ମାସରୁ ଆରମ୍ଭ ହୋଇ ୪ ବର୍ଷ ଯାଏ ଶିକ୍ଷା ଦିଆଯାଇପାରେ।

### ଆୟ

ଭଲ ଇନଷ୍ଟିଚ୍ୟୁଟ୍‌ରୁ ଉକ୍ତ କୋର୍ସ କରିଥିଲେ ଆରମ୍ଭରୁ ୭ ହଜାରରୁ ୧୫ ହଜାର ଟଙ୍କା ପର୍ଯ୍ୟନ୍ତ ବେତନ ମିଳିଥାଏ। ଏହା ପରେ ଯୋଗ୍ୟତା ଓ ଅଭିଜ୍ଞତା ଆଧାରରେ ଦରମା ବଢ଼େ। ଅଭିଜ୍ଞତା ଆଧାରରେ ୫୦ ହଜାର ବା ତତୋଧିକ ବେତନ ମିଳିବାର ସମ୍ଭାବନା ରହିଛି। ଏହା ଏଭଳି ଏକ କ୍ଷେତ୍ର ଯେଉଁଠି ଅଭିଜ୍ଞତା ହାସଲ ପରେ ପ୍ରଚୁର ଅର୍ଥ ରୋଜଗାର କରିବାର ସୁଯୋଗ ରହିଛି। ଜୁଏଲେରୀ ଡିଜାଇନିଂ ଗହଣା ବ୍ୟବସାୟର ମେରୁଦଣ୍ଡ କୁହାଯାଏ। କିଛି ଡିଜାଇନର ସ୍ୱତନ୍ତ୍ର ଭାବେ କାମ କରନ୍ତି। ସେମାନେ ଗୋଟିଏ ଷ୍ଟାର ପରେ ଲକ୍ଷ ଲକ୍ଷ ଟଙ୍କା ଆୟ କରନ୍ତି।


**WANTED**
VIGEN INDIA required Male/ Female candidates for office Job in Nayapalli and Lewis Road Branch. **Age:** 20-30. **Edu:** 10th to Graduate.
Contact: 9348916882

**SALES MAN WANTED**
A reputed Shoe Show Room at Puri requires Salesman. **Qualification:** 10th above.
Contact: 9040199889

**DRIVER REQUIRED**
12/14 ଚକିଆ Truck ଏବଂ Fly Ash Bulker/Tanker ଚଳାଇବା ପାଇଁ ଅନ୍ୟୂନ 5 ବର୍ଷର Experience ଥିବା Driver ଆବଶ୍ୟକ। Salary best in Industries.
Contact: 9090848325

**WANTED**
ଭୁବନେଶ୍ୱର ନୟାପଲ୍ଲୀସ୍ଥିତ କଲେଜ ନିମନ୍ତେ ବସ୍ ଡ୍ରାଇଭର/ କାର ଡ୍ରାଇଭର/ ପିଅନ ଓ ହାଉସକିପିଂ Staff ଆବଶ୍ୟକ। ରହିବା ବ୍ୟବସ୍ଥା ଅଛି।
**BIMSR,** 1480, IRC Village, Bhubaneswar.
9040009727, 8456845313

**RALLIS INDIA LTD**
REQUIRED
Post : CROP ADVISOR(03)
Job Profile : Sales & Marketing (Agrochemicals)
Salary : Rs.12,000 - 14,000
Send Biodata : ajayk.singh@rallis.co.in
Last Date : 22.11.18.
Contact: 9439511339, 6370377100

**GRAPHIC DESIGNER**
**DTP OPERATOR**
**OFFICE ASST. | PEON**
Walk in Interview
( 23.11.2018 , 11am to 2pm )
MCPL ,#31 Gautam Nagar ,1st Floor, BBSR. Ph : 8249416516
need only male candidates

**REQUIRED**
• **SALES BOY** for Office & Godown work (Undermatric)
• **DRIVER** for private vehicles.
**H.R. Trading Co.,** 57, Budha Nagar, Near Kalpana Sqr., BBSR - 06, Ph : 0674-2310921

**WANTED TEACHERS**
A leading Play School in Sisupalagarh, Bhubaneswar requires Pre-Primary Teachers (Female) 03 (Three Numbers). Freshers may apply.
Contact
9178086321, 9348487933

ସୁବର୍ଣ୍ଣ ଅବସର "ଭୁବନେଶ୍ୱର"
**ବାଇକ ଚାଳକ ପାଇଁ ଚାକିରି**
(ପାର୍ଟ ଟାଇମ ଆଉ ଫୁଲ ଟାଇମ ଚାକିରି ଉପଲବ୍ଧ)
**Rs. 18000/-** ପର୍ଯ୍ୟନ୍ତ ପ୍ରତି ମାସ କମାନ୍ତୁ
ଆବଶ୍ୟକ: Bike / Scooter, RC, DL ଆଉ Android ମୋବାଇଲ
Call: **01139589422**
Plot No. 40, Lane: L-4, Near ITER College, Jagmohan Nagar, Bhubaneswar - 751030
(Only for Bhubaneswar)

ଓଡ଼ିଶାର ବିଭିନ୍ନ ହାଇସ୍କୁଲ ପାଇଁ **କମ୍ପ୍ୟୁଟର ଶିକ୍ଷକ** ଆବଶ୍ୟକ। **ଯୋଗ୍ୟତା:** +3, PGDCA, ଦରମା: ଟ.୧୨,୦୦୦/-। ବିଭିନ୍ନ କମ୍ପାନୀ ପାଇଁ ITI, Diploma, Degree ପ୍ରାର୍ଥୀ ଆବଶ୍ୟକ।
India Jobs & Services.
8117853127, 7992880344, 9090409265

**EXIDE LIFE INSURANCE IS HIRING !**
We invite you to be part of a winning performance culture
**ROLE : BRANCH MANAGER & AGENCY DEVELOPMENT MANAGER**
Eligibility : Graduate with min. 3 years of Experience in Life Insurance.
Salary : As per the Industry + Variable
Location : Puri, Kendrapara, Angul, Baripada, Jajpur, Jharsuguda, Aska (Near Berhampur)
Interested Candidates can call on
**8908022111/ 9748686600**
**Email : jayati.basu@exidelife.in**
Exide Life Insurance Company Limited
(Formerly known as ING Vysya Life Insurance Company Limited), CIN: U66010KA2000P-LC028273. Registered office: 3rd floor, JP Techno Park, No.3/1, Millers Road, Bengaluru- 560001, India. Toll Free : 18004198228, visit : exidelife.in

**URGENT REQUIRED**
ନିଜ ଜିଲ୍ଲାରେ ରହିବା, ଖାଇବା ସୁବିଧା ଦିଆଯିବ। **ଦରମା:** 25,000/-, **ଶିକ୍ଷାଗତ ଯୋଗ୍ୟତା:** 8th to 10th & above.
Contact:
8339922964

ଭୁବନେଶ୍ୱରରେ ରହି କାମ କରିବା ପାଇଁ **Computer Operator** ସହିତ **Screen Printing** ଜାଣିଥିବା ମହିଳା ପ୍ରାର୍ଥିନୀ ଆବଶ୍ୟକ। ଆକର୍ଷଣୀୟ ଦରମା ସହିତ ରହିବାର ସୁବିଧା ଅଛି।
Walk in Interview
( 19 & 23 Nov.'18 , 11am to 2pm )
MCPL ,#31 Gautam Nagar ,1st Floor, BBSR. Ph : 8249416516

**ବ୍ଲକସ୍ତରୀୟ ନିଯୁକ୍ତି**
ନିଜ ବ୍ଲକ ଓ ପଞ୍ଚାୟତ ସ୍ତରରେ କାମ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରୁ Candidate ଆବଶ୍ୟକ।
ଦରମା: 7,000/- to 42,000/-.
ଯୋଗାଯୋଗ: 9777639313

**WANTED**
ଧରିତ୍ରୀ DHARITRI Oriya daily
is looking for
**OFFICE ASSISTANTS**
• Required Intermediate male candidates having 1-2 yrs. experience in assisting administration team.
Apply immediately to :
recruitment@dharitri.com
Attractive salary commensurate with experience

**REQUIRES SALES EXECUTIVE**
Graduates having smart and dynamic personality with 2 to 3 years experience in sales and collection for Bhubaneswar location may apply.
Salary: (Negotiable+TA+Incentive)
Mobile : 7077799953, Email : rs.jagannath@gmail.com

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ବାଲେଶ୍ୱର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.25000/-.
Contact: 9938676412

ସବୁ ଏୟାର ପୋର୍ଟ ହେତୁ ଡାଇରେକ୍ଟ ଭର୍ତ୍ତି ପକ୍କା ଜଏନିଂ। ଶାସକୀୟ, ଅର୍ଦ୍ଧଶାସକୀୟ, ଅପାଠୁଆରୁ ଗ୍ରାଜୁଏଟ 45,500/- ରୁ 85,500/-। ଗ୍ରାଉଣ୍ଡ ଷ୍ଟାଫ, ସୁପରଭାଇଜର, ଏୟାରହୋଷ୍ଟେସ୍, ଲୋଡର, ହେଲପର, ଡ୍ରାଇଭର। ରହିବା + ଖାଇବା + ବୀମା
CONSULTANT
09319945331

**URGENTLY REQUIRED**
SAVhome.in (A Unit of SAVson Solutions Pvt. Ltd)
**Marketing Executive** for Bhubaneswar
**Qualification:** Any Graduate
**Salary:** 5,000/- to 10,000/- + Incentive
Walk In Interview
17.11.2018 (Sunday), 10 A.M. to 5 P.M.
E-mail: career@savhome.in
Plot-75, Saptasati Vihar, Near Saptasati Temple, Palasuni, BBSR-25, Phone: 8117-8118-13

**WANTED**
**SALES / MARKETING EXECUTIVE**
**For Sales & Marketing of Industrial Products**
**LOCATION – GANJAM & BALANGIR, ODISHA**
**Job Responsibilities:** Increasing customer base, identity and develop new opportunities, service existing clients, market monitoring.
**Candidate's Requirements:**
- Minimum Qualification Required – Graduate in any Stream.
- Experience in Marketing of Industrial Product & field visit will be preferred.
- Only local candidate with own bike will be preferred.
- Possess Marketing & Communication Skills & hard worker.
- Language should be known Hindi, English & Oriya.

Please Contact: **7631999639, 7631999266** Or Interested Candidates send their CV with recent photograph on **hr@purohitconveyor.com**


# ADVERTISEMENT

## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, BARGARH

### DISTRICT HEALTH SOCIETY, BARGARH

**No.: 10086/NHM/2018** **Date: 15.11.2018**

**Walk-in-Interview** will be conducted as mentioned below for **empanelment of Part Time Specialists - O&G/Paediatric/Medicine/Psychiatric/Nutritionist/ Ophthalmology/Dental/ENT/Skin & VD** to be engaged in **AMA CLINIC at UPHC** in Bargarh Municipality area on part time basis and subject to approval as per terms & conditions of OSH&FWS, Odisha or Zilla Swasthya Samiti, Bargarh.

| Name of the Post | No. of Vacancy | Remuneration | Date of Registration / Interview |
|---|---|---|---|
| Part Time O&G Specialist | 2 | Rs.1250/- per Session (First or Second Session) Rs.2500/- per Day | Walk-in-Interview on Dt.28.11.2018 at 10.00 A.M. |
| Part Time Paediatric Specialist | 2 | | |
| Part Time Medicine Specialist | 2 | | |
| Part Time Ophthalmology Specialist | 2 | | |
| Part Time Dental Specialist | 2 | | |
| Part Time ENT Specialist | 2 | | |
| Part Time SKIN & VD Specialist | 2 | | |
| Part Time Psychiatric Specialist | 1 | For Psychiatric Specialist Rs.1250/- per Session (First or Second Session) Rs.2500/- per Day; For Clinical Psychologist Rs.1000/- per Day | |
| Part Time Nutritionist Specialist | 1 | Rs.1000/- per Day | |

** Days & Time of Service: Fixed day assured specialist service will be provided in the UPHC OPD/Outreach services (when required). OPD will be opened once in a week from 8 A.M. to 11 A.M. and 5 P.M. to 8 P.M. (6 hours a day), 4 days in a month per UPHC. Separate OPD register will be maintained for specialist service.

The interested candidates for the aforesaid posts may attend the **Walk-in-Interview at Office of the CDM&PHO, Bargarh on Dt.28.11.2018 at 10.00 A.M.** (registration for the same will be started from 10.00 A.M. to 12.00 Noon) along with their bio-data in specified format (same as application form) and attested photocopies of required testimonials along with original documents for verification. After due time no registration will be accepted. The details of eligibility criteria, remunerations & application form can be downloaded from the official website of Bargarh district i.e. **www.bargarh.nic.in**. Incomplete application in any form will be summarily rejected. The undersigned reserves the right to cancel any or all applications without assigning any reason thereof. No personal inquiry shall be entertained.

**Sd./- Chief District Medical & Public Health Officer, Bargarh**


**OFFICIALLY JOB**
ଯୋଗ୍ୟତା: 10th Pass/Fail, ବୟସ: (18-35) yrs. Monthly Salary upto Rs.25000/-.
Contact Immediately
Mob: 8763257042

**REQUIRED**
• **MARKETING BOY** for BATHROOM FITTINGS.
• **ACCOUNTANT** with exp. of Tally 9.
**H.R. Trading Co.,** 57, Budha Nagar, Near Kalpana Sqr., BBSR - 06, Ph : 0674-2310921, mail : hrtrading.co.in@gmail.com

ଭୁବନେଶ୍ୱରରେ ଘରୋଇ ରୋଷେଇ ପାଇଁ ରୋଷେୟା(COOK) ପୁରୁଷ / ମହିଳା ଆବଶ୍ୟକ ଏବଂ ଘରୋଇ ବଗିଚା ପାଇଁ ଭୁବନେଶ୍ୱରରେ PART TIME ମାଳୀ ଆବଶ୍ୟକ।
ଯୋଗାଯୋଗ: ୯୯୩୭୨୦୩୧୭୮


## PARADIP PORT TRUST

PARADIP - 754142, ODISHA (INDIA) SAGARMALA
(An autonomous body under Ministry of Shipping, Govt. of India)

No. AD/RSC-I-21/66/2011/3976 Dated, the 5th Nov., 2018

**ADVERTISEMENT**

Applications are invited from Indian Nationals for filling up following **Class-I posts on absorption / deputation** basis in Paradip Port Trust.

1. Dy. C.M.O (Surgery)
2. Dy. C.M.O. (Obstetrics & Gynaecology)
3. Dy. C.M.O. (Pediatrics)
4. Dy. C.M.O. (Orthopaedic)
5. Dy. C.M.O. (Pathology)
6. Dy. C.M.O. (Anesthesiology)

For further details, refer to our website **www.paradipport.gov.in**

*PPT/PR/462/18-19 Dt.12.11.2018* Secretary


**SWETA SUPER BAZAR**
required experienced Cashier/ Computer Operator, Salesman.
7008731441

**ଆବଶ୍ୟକତା**
**ଶିପିଂ କମ୍ପାନୀରେ**
ଦଶମ, ଦ୍ୱାଦଶ ଏବଂ ସ୍ନାତକ ପ୍ରାର୍ଥୀଙ୍କର ତାଲିମ ପରେ କ୍ୟାରିୟର ଆରମ୍ଭ କରନ୍ତୁ
25,000ରୁ 35,000 ଦରମା + ଅନ୍ୟାନ୍ୟ ସୁବିଧା ସହିତ
ବୟସ:- 18 ରୁ 25 ବର୍ଷ
ଯୋଗାଯୋଗ- 08766655532
ଇମେଲ୍: careerpoint821@gmail.com


## OFFICE OF THE CHAIRMAN, DLSA, DHENKANAL

**Dated, 15th day of November, 2018**

**Walk-In-Interview**

Willing and eligible retired Court/ Govt. Employees are required to attend Walk-In-Interview for engagement in the Post of one Stenographer and one Head Clerk on contract basis and **may attend on 01.12.2018 at 3.00 PM in the Civil Court Premises, Dhenkanal.** The candidate(s) is/are required to remain present **before 1.00 PM** on the said date with the original and other requisite documents in the **ADR, Building near old S.P. office, Dhenkanal** for verification of documents for the purpose of interview. **N.B.: For Format of Application, Eligibilities of the candidates, Age, List of Documents and other details may visit the link below. https://districts.ecourts.gov.in/dhenkanal and www.dhenkanal.nic.in.**

**Sd./- Sri Taraprasad Rath**
**Chairman**
**District Legal Services Recruitment Committee, Dhenkanal**


**SWIGGY REQUIRES**
Work Full Time/ Part Time with Swiggy as a
**DELIVERY EXECUTIVE**
(Bike and DL) and
**earn up to 12000 - 25000 / month**
(Incentives and Insurance worth 6 lakhs extra).
**Walk-in at Swiggy office at**
**Gulmohar Building,** Ground Floor, Behera Sahi, Nayapalli (opp. NABARD) Regiona, Bhubaneswar, Odisha-751012
**or give a missed call or call us on**
**011 30017619**


## ଭାରତୀୟ ରିଜର୍ଭ ବ୍ୟାଙ୍କ୍ ସର୍ଭିସେସ୍ ବୋର୍ଡ, ମୁମ୍ବାଇ

www.rbi.org.in

**ବିଜ୍ଞାପନ ସଂଖ୍ୟା. ୪/୨୦୧୮-୧୯**

୧. ଭାରତୀୟ ରିଜର୍ଭ ବ୍ୟାଙ୍କରେ ନିମ୍ନଲିଖିତ ପଦବୀରେ ନିଯୁକ୍ତି ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଅଛି।

| ପଦବୀ | ଖାଲିଥିବା ସ୍ଥାନ |
|---|---|
| ଗବେଷକ ପଦବୀ ନିମନ୍ତେ ପି.ଏଚ୍‌ଡି. (Ph.D.) ଗ୍ରେଡ୍ 'ବି' | ୧୪ |

୨. ଅନ୍ୟ ସମସ୍ତ ବିବରଣୀ ଯଥା ଯୋଗ୍ୟତା ମାପକାଠି, ଖାଲିଥିବା ସ୍ଥାନର ସଂରକ୍ଷଣ, ଚୟନ ପ୍ରଣାଳୀ, ଅନଲାଇନ୍ ଦରଖାସ୍ତ ଆବେଦନ ପ୍ରଣାଳୀ ଓ ଅନ୍ୟ ନିର୍ଦ୍ଦେଶାବଳୀ ପାଇଁ ରିଜର୍ଭ ବ୍ୟାଙ୍କର ୱେବସାଇଟ୍ (www.rbi.org.in) ରେ ଅକ୍ଟୋବର ୩୦, ୨୦୧୮ରେ ପ୍ରକାଶିତ ବିଶଦ ବିଜ୍ଞାପନ ଦେଖନ୍ତୁ। ପ୍ରାର୍ଥୀମାନେ ଏହି ପଦବୀ ଗୁଡିକ ପାଇଁ କେବଳ ଅନଲାଇନ୍ ରେ ବ୍ୟାଙ୍କର ୱେବସାଇଟ୍ ମାଧ୍ୟମରେ ଆବେଦନ କରିପାରିବେ।

୩. ଗୁରୁତ୍ୱପୂର୍ଣ୍ଣ ତାରିଖ :

| | |
|---|---|
| ୱେବସାଇଟ୍ ଲିଙ୍କ ଉନ୍ମୁକ୍ତ-ଅନଲାଇନ୍ ଦରଖାସ୍ତ ରେଜିଷ୍ଟ୍ରେସନ ଓ ଫିସ୍ (fees)/ସୂଚନା ଦେୟ ପ୍ରଦାନ ନିମନ୍ତେ | ଅକ୍ଟୋବର ୩୦, ୨୦୧୮ ରୁ ନଭେମ୍ବର ୩୦, ୨୦୧୮ |
| ନିର୍ଦ୍ଧାରିତ ଫିସ୍ (fees) ସହିତ ଅନଲାଇନ୍ ଦରଖାସ୍ତ ଗ୍ରହଣ କରିବାର ଶେଷ ତାରିଖ | ନଭେମ୍ବର ୩୦, ୨୦୧୮ |

ଦ୍ରଷ୍ଟବ୍ୟ : ଉପରୋକ୍ତ ବିଜ୍ଞାପନ ସମ୍ପର୍କୀୟ କୌଣସି ଶୁଦ୍ଧିପତ୍ର (corrigendum) କେବଳ ବ୍ୟାଙ୍କର ୱେବସାଇଟ୍ ରେ ପ୍ରକାଶିତ ହେବ।

See Career Appointment on every Wednesday & Saturday

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

| Dollar | Sensex | Nifty | Gold | Silver |
|---|---|---|---|---|
| 71.93 (4) | 196.62 ↑ 35,457.16 | 65.50 ↑ 10,682.20 | ₹235 ↓ 32,015.00 | ₹0.00 ↑ 37,900.00 |

କମ୍ ଖର୍ଚ୍ଚରେ ଭଲ ସଡ଼କ ନିର୍ମାଣ ନେଇ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି।
– ନୀତିନ ଗଡ଼କରୀ, କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ



ଗ୍ରାହକମାନେ ଦିନକୁ ଦିନ ସ୍ୱାସ୍ଥ୍ୟ ସଚେତନ ହେଉଥିବାରୁ ଆମେ ଖାଦ୍ୟ ତଥା ପାନୀୟ ସେଗ୍‌ମେଣ୍ଟରେ ଭଲ ଅଭିବୃଦ୍ଧି କରୁଛୁ।
– ଟାଟା ସନ୍ସ, ବ୍ରାଣ୍ଡ କଷ୍ଟୋଡିଆନ୍



## ସଂକ୍ଷେପରେ

### ପିଏନ୍‌ବିର ପୂର୍ବତନ ଅଧିକାରୀଙ୍କ ବିରୋଧରେ ମାମଲା

**ନୂଆଦିଲ୍ଲୀ,୧୬-୧୧:** ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି)ର ପୂର୍ବତନ ଡେପୁଟି ମ୍ୟାନେଜର ଗୋକୁଳନାଥ ସେଟ୍ଟିଙ୍କ ବିରୋଧରେ ସିବିଆଇ ପକ୍ଷରୁ ଆୟବହିର୍ଭୂତ ସମ୍ପତ୍ତି ଠୁଳ ମାମଲା ଦାଏର କରାଯାଇଛି। ସେ ନୀରବ ମୋଦି ମହାଦୁର୍ନୀତି ମାମଲାରେ ଅନ୍ୟତମ ଅଭିଯୁକ୍ତ ରହିଛନ୍ତି। ମୁମ୍ବାଇସ୍ଥିତ ସିବିଆଇର ଦୁର୍ନୀତି ବିରୋଧୀ ଶାଖା ପକ୍ଷରୁ ସେଟ୍ଟି, ତାଙ୍କ ପତ୍ନୀ ଆଶାଲତାଙ୍କ ବିରୋଧରେ ମାମଲା ଦାଏର କରାଯାଇଛି। ଏହି ଦମ୍ପତି ୨୦୧୧ ଏପ୍ରିଲ ପହିଲାରୁ ୨୦୧୭ ମେ ୩୧ ମଧ୍ୟରେ ୨.୬୩ କୋଟି ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିଲେ ବୋଲି ସିବିଆଇ ଅଭିଯୋଗ କରିଛି।

### ୨୭ରେ ସଂସଦୀୟ କମିଟିକୁ ଭେଟିବେ ଉର୍ଜିତ

**ନୂଆଦିଲ୍ଲୀ,୧୬-୧୧:** ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଗଭର୍ନର ଉର୍ଜିତ ପଟେଲ ଆସନ୍ତା ୨୭ରେ ସଂସଦୀୟ କମିଟିକୁ ଭେଟିବେ। ଦେଶର ଅର୍ଥନୀତି, ବିମୁଦ୍ରୀକରଣ ସଂକ୍ରାନ୍ତରେ କମିଟି ସଦସ୍ୟଙ୍କୁ ସେ ଅବଗତ କରିବେ। ତେବେ ଏହି ବୈଠକରେ କେନ୍ଦ୍ର ସରକାରଙ୍କ ସହ ଆର୍‌ବିଆଇର ମତଭେଦକୁ ନେଇ ତାଙ୍କୁ ପ୍ରଶ୍ନର ସମ୍ମୁଖୀନ ହେବାକୁ ପଡିବ ବୋଲି କମିଟି ଅଧକ୍ଷ ବିରପ୍ପା ମୋଇଲି ସୂଚନା ଦେଇଛନ୍ତି। ଚଳିତ ମାସ ୧୨ରେ ସେ କମିଟି ସମ୍ମୁଖରେ ହାଜର ହେବାର ଥିଲା।

### ମିଶିଯିବେ ମିନ୍ତ୍ରା -ଜବଙ୍ଗ

**ନୂଆଦିଲ୍ଲୀ,୧୬-୧୧:** ଅନଲାଇନ ଫ୍ୟାଶନ ରିଟେଲର ମିନ୍ତ୍ରା ଏହାର ସହଯୋଗୀ କମ୍ପାନୀ ଜବଙ୍ଗକୁ ନିଜ ସହ ମିଶାଇ ଦେବ ବୋଲି ଶୁକ୍ରବାର ପ୍ରକାଶ କରିଛି। ତେବେ ଦୁହେଁ ସ୍ୱତନ୍ତ୍ର ଭାବେ ବ୍ୟବସାୟ କରିବେ। ଅନ୍ୟପକ୍ଷରେ ମିନ୍ତ୍ରାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅନନ୍ତ ନାରାୟଣନ ମିଶ୍ରଣ ପରେ ଏହାର ନେତୃତ୍ୱ ନେବେ। ସୂଚନାଥାଉ କି, ୨୦୧୪ରେ ଫ୍ୟାଶନ ପୋର୍ଟାଲ ମିନ୍ତ୍ରାକୁ ଫ୍ଲିପ୍‌କାର୍ଟ ଅଧିଗ୍ରହଣ କରିଥିଲା। ଏହା ପରେ କମ୍ପାନୀ ୨୦୧୬ରେ ଜବଙ୍ଗକୁ ନିଜର ସହଯୋଗୀ କମ୍ପାନୀ ଭାବେ ନେଇଥିଲା। ଏହି ମିଶ୍ରଣ ପରେ ମିନ୍ତ୍ରା ଓ ଜବଙ୍ଗ ନିଜର ବ୍ୟବସାୟରେ ପରିବର୍ତ୍ତନ ଆଣିବେ ଏବଂ ବ୍ୟବସ୍ଥାକୁ ସୁଦୃଢ଼ କରିବେ ବୋଲି ମିନ୍ତ୍ରା ପକ୍ଷରୁ କୁହାଯାଇଛି।

### ଟେଲିଫୋନ ବିଲ୍‌ର ପ୍ରିଣ୍ଟଆଉଟ୍ ବିକଳ୍ପ ଖୋଜୁଛି ଟ୍ରାଇ

**ନୂଆଦିଲ୍ଲୀ,୧୬-୧୧:** ଟେଲିଫୋନ ଉଦ୍ୟୋଗର ନିୟନ୍ତ୍ରକ କୁହାଯାଉଥିବା ଭାରତୀୟ ଦୂରସଞ୍ଚାର ବିନିୟାମକ ପ୍ରାଧିକରଣ(ଟ୍ରାଇ) ପୋଷ୍ଟପେଡ୍ ଟେଲିଫୋନ ବିଲ୍ ଛପାର ବିକଳ୍ପ ଖୋଜିବା ଆରମ୍ଭ କରିଛି। ଏହାକୁ ନେଇ ଲୋକଙ୍କଠାରୁ ପରାମର୍ଶ ମଗାଯାଇଛି। ଇଲେକ୍ଟ୍ରୋନିକ ମାଧ୍ୟମରେ ବିଲ୍ ପଠାଇବାର ବ୍ୟବସ୍ଥା ଆପଣାଇବା ଉଦ୍ଦେଶ୍ୟରେ ନିୟମ ପ୍ରଣୟନ କରିବାକୁ ଟ୍ରାଇ ଚାହୁଁଛି।

■ ନିୟମ ପରିବର୍ତ୍ତନ ଲାଗି ସରକାରଙ୍କ ପ୍ରସ୍ତାବ

# ଆର୍‌ବିଆଇ ଉପରେ ନଜର ରହିବ

**ନୂଆଦିଲ୍ଲୀ, ୧୬-୧୧**

ଏକାଧିକ ପ୍ରସଙ୍ଗରେ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ସହ ମତଭେଦ ପରେ କେନ୍ଦ୍ର ସରକାର ଏବେ ଏହା ଉପରେ ନଜର ରଖିବାକୁ ସଜବାଜ ହେଉଛନ୍ତି। ଏହାକୁ ଦୃଷ୍ଟିରେ ସରକାର ନିୟମରେ ପରିବର୍ତ୍ତନ ପାଇଁ ପ୍ରସ୍ତାବ ଦେଇଛନ୍ତି। ଏହାଦ୍ୱାରା ଆର୍‌ବିଆଇ ବୋର୍ଡକୁ ଅଧିକ କ୍ଷମତା ମିଳିଯିବ। ଫଳରେ କେନ୍ଦ୍ରୀୟ ବ୍ୟାଙ୍କର ଶୀର୍ଷ ଅଧିକାରୀ ଆଉ ନିଜ ଇଚ୍ଛାମୁତାବକ କାର୍ଯ୍ୟ କରିପାରିବେ ନାହିଁ। ଅନ୍ୟ ଅର୍ଥରେ କହିବାକୁ ଗଲେ ସରକାର ଆର୍‌ବିଆଇକୁ ନିଜ ନିୟନ୍ତ୍ରଣରେ ନେବାକୁ ଉଦ୍ୟମ ଆରମ୍ଭ କରିଛନ୍ତି।

ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, କେନ୍ଦ୍ର ସରକାରଙ୍କ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବରେ କୁହାଯାଇଛି ଯେ, ରିଜର୍ଭ ବ୍ୟାଙ୍କ ବୋର୍ଡ ଡ୍ରାଫ୍ଟ ରେଗୁଲେଶନ ମାଧ୍ୟମରେ କମିଟି ଗଠନ କରୁ। ଏହି କମିଟି କେନ୍ଦ୍ରୀୟ ବ୍ୟାଙ୍କର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଯଥା ଆର୍ଥିକ ସ୍ଥିରତା, ମୁଦ୍ରା ସ୍ଥାନାନ୍ତର ନୀତି ଏବଂ ବୈଦେଶିକ ବିନିମୟ ପରିଚାଳନା ଭଳି କାର୍ଯ୍ୟଗୁଡିକୁ ତଦାରଖ କରିପାରିବ। ସରକାରଙ୍କ ଏହି ପ୍ରସ୍ତାବ ଦ୍ୱାରା ରିଜର୍ଭ ବ୍ୟାଙ୍କ ବୋର୍ଡକୁ ଅଧିକ କ୍ଷମତା ମିଳିଯିବ ଏବଂ କେନ୍ଦ୍ରୀୟ ବ୍ୟାଙ୍କର କାର୍ଯ୍ୟ ଉପରେ ନଜର ରଖିପାରିବ। ଏଭଳି କମିଟି ଗଠନ କରିବା ଦ୍ୱାରା ରିଜର୍ଭ ବ୍ୟାଙ୍କ ଆଇନରେ ସଂଶୋଧନ ଆଣିବାକୁ ପଡିବ ନାହିଁ ଏବଂ ସରକାରଙ୍କ କର୍ତ୍ତୃତ୍ୱ ବଜାୟ ରହିବ। ଏହାଦ୍ୱାରା ସରକାର ପରୋକ୍ଷରେ ରିଜର୍ଭ ବ୍ୟାଙ୍କ ଉପରେ ନଜର ରଖିପାରିବେ। ବିଶ୍ୱସ୍ତ ସୂତ୍ରରୁ ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଲୋକଙ୍କ ପ୍ରତିନିଧି ଭାବେ ରିଜର୍ଭ ବ୍ୟାଙ୍କର ପ୍ରତ୍ୟେକ ନିଷ୍ପତ୍ତିରେ ହସ୍ତକ୍ଷେପ କରିବାର ଅଧିକାର ଏହାର ରହିଛି ବୋଲି କେନ୍ଦ୍ର ସରକାର ମନେ କରୁଛନ୍ତି। ଆର୍‌ବିଆଇ ଆଇନ ଅନୁସାରେ କିଛି ଉପ କମିଟିରେ ଗଭର୍ନର ଏବଂ ୪ ଜଣ ଡେପୁଟି ଗଭର୍ନରଙ୍କ ଉପସ୍ଥିତିରେ କୋରମ୍ ସମ୍ପୂର୍ଣ୍ଣ ହୋଇଯାଉଛି। ଫଳରେ ଏହି ଉପ



କମିଟିରେ ଅନ୍ୟ କୌଣସି ନିର୍ଦ୍ଦେଶକଙ୍କ ଉପସ୍ଥିତିର ଆବଶ୍ୟକତା ହୁଏ ନାହିଁ। ଫଳରେ ଏହି ଉପ କମିଟିଗୁଡିକ ମନ ଇଚ୍ଛା ନିଷ୍ପତ୍ତି ନିଅନ୍ତି, ଯାହା ସରକାରଙ୍କ ଦ୍ୱାରା ଗ୍ରହଣଯୋଗ୍ୟ ହୋଇ ନ ଥାଏ। ଯଦିଓ ଗଭର୍ନରଙ୍କ ଅଧ୍ୟକ୍ଷତାରେ ଗଠିତ କେନ୍ଦ୍ରୀୟ ବ୍ୟାଙ୍କ ବୋର୍ଡରେ ସରକାରଙ୍କ ଦ୍ୱାରା ମନୋନୀତ ନିର୍ଦ୍ଦେଶକ ଏବଂ ୧୧ ସ୍ୱାଧୀନ ନିର୍ଦ୍ଦେଶକ ରହିଛନ୍ତି। ବର୍ତ୍ତମାନର ଆର୍‌ବିଆଇ ବୋର୍ଡରେ ୧୮ ଜଣ ସଦସ୍ୟ ରହିଛନ୍ତି ଏବଂ ଏହାର ସର୍ବାଧିକ ସଂଖ୍ୟା ୨୧ ପର୍ଯ୍ୟନ୍ତ ଯାଇପାରେ। କେନ୍ଦ୍ର ସରକାରଙ୍କ ଏହି ନବୀନତମ ପ୍ରସ୍ତାବ ମତଭେଦକୁ ଆହୁରି ତୀବ୍ର କରିବ ବୋଲି କୁହାଯାଉଛି। ସୋମବାର ଅନୁଷ୍ଠିତ ହେବାକୁ ଥିବା ବୋର୍ଡ ବୈଠକରେ ରିଜର୍ଭ ବ୍ୟାଙ୍କ ନିକଟରେ ଥିବା ବଳକା ଅର୍ଥ, ଅନାଦାୟ ଋଣ ନିୟମ, ଏନ୍‌ବିଏଫ୍‌ସି ଓ ଏମ୍‌ଏସ୍‌ଏମ୍‌ଇକୁ ନଗଦ ଯୋଗାଇ ଦେବା ନେଇ ବୋର୍ଡ ବୈଠକରେ ଆର୍‌ବିଆଇକୁ ଘେରିବାକୁ ସରକାର ପ୍ରସ୍ତୁତ ହୋଇସାରିଛନ୍ତି। ତେବେ ମତଭେଦକୁ ଦୂର କରିବା ଲାଗି ଗଭର୍ନର ଉର୍ଜିତ ପଟେଲ ଇତିମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ପିଏମ୍‌ଓର ବରିଷ୍ଠ ଅଧିକାରୀଙ୍କୁ ଭେଟି ସାରିଛନ୍ତି। ଆସନ୍ତା ସୋମବାର ହେବାକୁ ଥିବା ବୋର୍ଡ ବୈଠକରେ ଏହି ପ୍ରସ୍ତାବ ଉପରେ ଗରମାଗରମ ଆଲୋଚନା ହେବାର ସମ୍ଭାବନା ରହିଛି। ତେବେ ଏଭଳି ପ୍ରସ୍ତାବ ନେଇ କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ଏବଂ ରିଜର୍ଭ ବ୍ୟାଙ୍କରୁ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

## ଟାଇଟନର ଇକୋ ଅଭିଯାନ



**ଭୁବନେଶ୍ୱର,୧୬-୧୧**

ଟାଟା ଗ୍ରୁପ ସହଯୋଗରେ ଟାଇଟନ କମ୍ପାନୀ ପକ୍ଷରୁ ଇକୋ ଅଭିଯାନ ଆରମ୍ଭ ହୋଇଛି। ଏହି ପ୍ଲାଟଫର୍ମରେ ଟାଇଟନର ବିଜନେସ ଆସୋସିଏଟ୍ ତଥା ଅନ୍ତର୍ଜାତୀୟ ସ୍କେଟର ରାଣା ଉପାଲପତି ଯୋଡି ହୋଇଛନ୍ତି। ଏହି ଅବସରରେ ଭୁବନେଶ୍ୱରର ସାଇ ଇଣ୍ଟରନ୍ୟାଶନାଲ ସ୍କୁଲଠାରେ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅଭିଯାନ ଅନ୍ତର୍ଗତ ରାଣା ୯୦ ଦିନରେ ନିଜର ସ୍କେଟିଂ ଦ୍ୱାରା ଭାରତର ସ୍ୱର୍ଣ୍ଣିମ ଚତୁର୍ଭୁଜ ଯାତ୍ରାରେ ବାହାରିଛନ୍ତି। ହୋସୁର ଘଣ୍ଟା କାରଖାନାରୁ ସେ ଯାତ୍ରା ଆରମ୍ଭ କରିଥିଲେ। ବିଭିନ୍ନ ସହର ପରିଭ୍ରମଣ କରିବା ପରେ ସେ ଭୁବନେଶ୍ୱରରେ ପହଞ୍ଚିଛନ୍ତି। ସେ ବର୍ତ୍ତମାନ ସୁଦ୍ଧା ୪ ହଜାର କିମି ଅତିକ୍ରମ କରି ସାରିଛନ୍ତି। ୯,୦୦୦ରୁ ଅଧିକ ବାଳିକାଙ୍କ ଶିକ୍ଷା ଲାଗି ସେ ପାଣ୍ଠି ଯୋଗାଡ କରିବେ। ପ୍ରାୟ ୬ ଲକ୍ଷ ବାଳିକାଙ୍କ ସୁରକ୍ଷା ଲାଗି ସେ ସଚେତନତା ସୃଷ୍ଟି କରିବେ। ଏଭଳି ଅଭିଯାନ ଅତି ରୋମାଞ୍ଚକର ହୋଇଥିବା ଏହା ପ୍ରକୃତି ସହ ଯୋଡି ରଖିବାରେ ସହାୟତା କରୁଥିବା କମ୍ପାନୀର ଏମ୍‌ଡି ଭାସ୍କର ଭଟ୍ଟ ସୂଚନା ଦେଇଛନ୍ତି। ଏଭଳି ଅଭିଯାନ ବାଳିକାଙ୍କ ଶିକ୍ଷା ନିମନ୍ତେ ବିଶେଷ ଭାବେ ସହାୟକ ହେବ ବୋଲି କମ୍ପାନୀର କର୍ପୋରେଟ ସଷ୍ଟେନେବିଲିଟି ଏଭିପି ଓ ମୁଖ୍ୟ ଏନ୍.ଇ. ଶ୍ରୀଧର ସୂଚନା ଦେଇଛନ୍ତି। ଏହି ଅଭିଯାନ ସହ ଯୋଡି ହୋଇ ବହୁତ ଖୁସି ବୋଲି ରାଣା କହିଛନ୍ତି।

# ଏସ୍‌ଏମ୍‌ଇଙ୍କୁ ଏସ୍‌ବିଆଇର ୨୫୬୭୨ କୋଟି ଋଣ

**ଭୁବନେଶ୍ୱର,୧୬-୧୧**

ଭାରତୀୟ ଷ୍ଟେଟ ବ୍ୟାଙ୍କ ରାଜ୍ୟରେ ୩.୨୫ ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି)ଗୁଡିକୁ ମୋଟ୍ ୩୨୪୮.୩୧ କୋଟି ଟଙ୍କାର ଋଣ ଦେଇଛି। ସେହିଭଳି ବ୍ୟାଙ୍କ କ୍ଷୁଦ୍ର ମଧ୍ୟମ ଉଦ୍ୟୋଗ(ଏସ୍‌ଏମ୍‌ଇ)ଗୁଡିକୁ ୨୫,୬୭୨ କୋଟି ଟଙ୍କାର ଋଣ ଯୋଗାଇ ଦେଇଛି। ଏହି ସମୟରେ ବ୍ୟାଙ୍କର କାସା ଅନୁପାତ ୫୦.୩୩% ରହିଛି। ବ୍ୟାଙ୍କର ଜମା ପରିମାଣ ୯୬,୩୩୦ କୋଟି ଟଙ୍କା ରହିଛି। କୃଷି କ୍ଷେତ୍ରକୁ ୩୨୮୯ କୋଟି




ଟଙ୍କାର ଅଗ୍ରୀମ ପ୍ରଦାନ କରାଯାଇଛି। ଅପରପକ୍ଷରେ ଅଗ୍ରାଧିକାର କ୍ଷେତ୍ରକୁ ଏହା ୪୪.୭୬% ରହିଛି ବୋଲି ଏସ୍‌ବିଆଇ ଅଧ୍ୟକ୍ଷ ରଜନୀଶ କୁମାର ସ୍ଥାନୀୟ ଆଞ୍ଚଳିକ କାର୍ଯ୍ୟାଳୟଠାରେ ଏହି ସୂଚନା ଦେଇଛନ୍ତି। ରାଜ୍ୟରେ ବ୍ୟାଙ୍କର ୩୯୯୧ ସର୍ଭିସ ପଏଣ୍ଟ ରହିଛି। ଏହା ନିୟମିତ ଶାଖା, କ୍ଷୁଦ୍ର ଶାଖା ଦ୍ୱାରା ସେବା ଯୋଗାଇ ଦେଉଛି। ରାଜ୍ୟରେ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଦିଗରେ ବ୍ୟାଙ୍କ କାର୍ଯ୍ୟ କରୁଛି। ଓଡିଶାରେ ଏସ୍‌ବିଆଇର ୨୮୫୪ ଏଟିଏମ୍ ରହିଛି ବୋଲି କୁମାର ସୂଚନା ଦେଇଛନ୍ତି। ଓଡିଶାରେ ବ୍ୟାଙ୍କର ୮୮୩ ଶାଖା ରହିଛି। ଏହା ମଧ୍ୟରେ ୫୨୨ ରୁରାଲ ସେଣ୍ଟର, ୧୮୪ ଅର୍ଦ୍ଧ ସହରାଞ୍ଚଳ, ସହରାଞ୍ଚଳରେ ୧୭୭ ଶାଖା ସ୍ଥାପିତ ହୋଇଛି। କାର୍ଯ୍ୟକ୍ରମ ଅବସରରେ ଏସ୍‌ବିଆଇ ସିଜିଏମ୍ ପ୍ରବିଣା କାଲା, ସିଜିଏମ୍ ଗିରିଧର କିନି, ଡିଜିଏମ୍ ଏସ୍.ଟି ଲାମା ପ୍ରମୁଖ ଉପସ୍ଥିତ ଥିଲେ।

## ଷ୍ଟାଇଲ ସ୍ପା ପକ୍ଷରୁ ବେଡ୍‌ରୁମ୍ ମ୍ୟାରେଜ୍ ଅଫର

**ଭୁବନେଶ୍ୱର,୧୬-୧୧**

ଷ୍ଟାଇଲ ସ୍ପା ପକ୍ଷରୁ ବେଡ୍‌ରୁମ ମ୍ୟାରେଜ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଏହା ଦ୍ୱାରା ଗ୍ରାହକ ୪୦% ପର୍ଯ୍ୟନ୍ତ ରିହାତି ପାଇ ପାରିବେ। ୱେଡିଂ ଅଫର ଅନ୍ତର୍ଗତ କମ୍ପାନୀ ନୂଆ ବେଡରୁମ କମ୍ବୋ ପ୍ୟାକେଜ କଲେକ୍ସନ ପ୍ରଦାନ କରୁଛି। ନିଜସ୍ୱ ମାନୁଫାକଚରିଂ ଏବଂ ଲାଇଫ ଲଙ୍ଗ ସର୍ଭିସ ଦ୍ୱାରା ଏଭଳି ଅଫର ପ୍ରଦାନ କରୁଥିବା କମ୍ପାନୀ ପ୍ରକାଶ କରିଛି। ସାରା ଦେଶରେ କମ୍ପାନୀର ୯୦ ଅଧିକୃତ ଆଉଟଲେଟ ବର୍ତ୍ତମାନ ରହିଛି। ୟୁରୋପିଆନ ଟେକ୍ନୋଲୋଜି ଆଧାରରେ ଅନ୍ତର୍ଜାତୀୟ ମାନର ପ୍ରଡକ୍ଟ ଯୋଗାଣ କ୍ଷେତ୍ରରେ ଏହା କାର୍ଯ୍ୟରତ। ଏହା ବର୍ତ୍ତମାନ ହୋମ ଫର୍ନିଚର, ମଡ୍ୟୁଲାର କିଚେନ, ଅଫିସ ଫର୍ନିଚର, ଇଣ୍ଟେରିଅର ସଲ୍ୟୁଶନ ଯୋଗାଣ କରୁଛି। ଫେଷ୍ଟିଭ ଅଫର ଦ୍ୱାରା ୦% ସୁଧହାରରେ ଗ୍ରାହକ ବିଭିନ୍ନ ପ୍ରଡକ୍ଟ ପାଇ ପାରିବେ। ବଜାଜ ଫାଇନାନ୍ସ କାର୍ଡଧାରୀଙ୍କ ପାଇଁ ନଭେମ୍ବରରେ ରିହାତି ସୁବିଧା ରହିଛି। କଟକ, ଭୁବନେଶ୍ୱର, ପୁରୀ, ଯାଜପୁରରୋଡ ଗ୍ରାହକଙ୍କ ଲାଗି ବଜାଜ କାର୍ଡରେ ଫାଇନାନ୍ସ ସୁବିଧା ଉପଲବ୍ଧ। ସେହିଭଳି ୦% ସୁଧହାର, ୦% ଡାଉନପେମେଣ୍ଟ ବ୍ୟବସ୍ଥା ମଧ୍ୟ ରହିଛି। ସୋଫା, ବେଡ୍, ଡାଇନିଂ ବର୍ଗର ନୂଆ ପ୍ରଡକ୍ଟ କମ୍ପାନୀ ବଜାରକୁ ଆଣିଛି। ଶୋ'ରୁମ ରବିବାର ମଧ୍ୟ ଖୋଲା ରହୁଛି ବୋଲି କମ୍ପାନୀର ଏଏସ୍‌ଏମ୍ ଇନ୍ଦ୍ରଜିତ ମହାନ୍ତି ସୂଚନା ଦେଇଛନ୍ତି।

STYLESPA — Live Smart

## ଇଞ୍ଜିନବିହୀନ ଟ୍ରେନର ଟ୍ରାଏଲ ଆଜିଠୁ

**ନୂଆଦିଲ୍ଲୀ,୧୬-୧୧**

ଦେଶର ପ୍ରଥମ ଇଞ୍ଜିନବିହୀନ ଟ୍ରେନ ୧୮ର ଟ୍ରାଏଲ ଶନିବାରଠାରୁ ଆରମ୍ଭ ହୋଇଯିବ। ଭାରତୀୟ ରେଳୱେ ପକ୍ଷରୁ ଏହାର ଟ୍ରାଏଲ ବରେଲି-ମୋରଦାବାଦ୍ ସେକ୍ସନର ଷ୍ଟାଣ୍ଡାର୍ଡ ଟ୍ରାକ୍‌ରେ ଆରମ୍ଭ କରାଯିବ। ଏଥିପାଇଁ ରିସର୍ଚ୍ଚ ଡିଜାଇନ ଆଣ୍ଡ୍ ଷ୍ଟାଣ୍ଡାର୍ଡ ଅର୍ଗାନାଇଜେଶନ(ଆର୍‌ଡିଏସ୍‌ଓ)ର ଏକ ଦଳ ମୋରଦାବାଦ ପହଞ୍ଚି ଯାଇଛନ୍ତି। ଏଥିପୂର୍ବରୁ ମଙ୍ଗଳବାର ସନ୍ଧ୍ୟାରେ ଟ୍ରେନ-୧୮କୁ ଚେନ୍ନାଇସ୍ଥିତ ଇଣ୍ଟିଗ୍ରାଲ କୋଚ୍ ଫ୍ୟାକ୍ଟ୍ରିରୁ ଅଣାଯାଇ ନୂଆଦିଲ୍ଲୀର ସଫଦରଜଙ୍ଗ ଷ୍ଟେଶନରେ ରଖାଯାଇଥିଲା। ବୁଧବାର ଏହା ଉପରୁ ପରଦା ହଟାଯିବା ପରେ ସେଠାରେ ଉପସ୍ଥିତ ଦର୍ଶକ ଓ ଯାତ୍ରୀ ନିଜ ମୋବାଇଲ କ୍ୟାମେରାରେ ଏହାକୁ ଧରି ରଖିଥିଲେ।



ଉଲ୍ଲେଖ କରାଯାଇ ପାରେ ଯେ, ଟି-୧୮ ଦେଶର ଅତ୍ୟାଧୁନିକ ଟ୍ରେନଗୁଡିକ ମଧ୍ୟରେ ପରିଗଣିତ ହେଉଛି। ରେଳୱେ ଅଧିକାରୀଙ୍କ କହିବାନୁଯାୟୀ ଯାତ୍ରୀଙ୍କ ସ୍ଥାନରେ ବାଲି ବସ୍ତା ଭର୍ତ୍ତି କରି ଟ୍ରାଏଲ କରାଯିବ। ବରେଲି-ମୋରଦାବାଦ ରୁଟ୍‌ରେ ଦ୍ରୁତଗତିରେ ଯିବା ବେଳେ ଟ୍ରେନ-୧୮ର ପ୍ରତିକ୍ରିୟାକୁ ଲକ୍ଷ୍ୟ କରାଯିବ। ସେହିପରି ଘଣ୍ଟାକୁ ୧୬୦ କିମି ବେଗରେ ଗତି କରୁଥିବା ବେଳେ ହଠାତ୍ ବ୍ରେକ୍ ମାରିଲେ ଏହା କେତେ ଦୂରରେ ଯାଇ ରହୁଛି ତାହା ମଧ୍ୟ ଲକ୍ଷ୍ୟ କରାଯିବ। ଏହିସବୁ ଟେକନିକାଲ ଦିଗକୁ ଯାଞ୍ଚ କରାଯିବା ପରେ ଟ୍ରେନ-୧୮କୁ ବିଧିବଦ୍ଧ ଚଳାଚଳ ଲାଗି ରେଳୱେ ସେଫ୍ଟି କମିଶନର ଅନୁମତି ପ୍ରଦାନ କରିବେ। ସୂଚନାଥାଉ କି, ଏହି ଅତ୍ୟାଧୁନିକ ଟ୍ରେନରେ ଯାତ୍ରୀଙ୍କୁ ଅନ୍ତର୍ଜାତୀୟ ମାନର ସୁବିଧା ଯୋଗାଇ ଦିଆଯିବ। ଏଥିରେ ଯାତ୍ରା କରୁଥିବା ଯାତ୍ରୀ ନିଜ ଆସନକୁ ୩୬୦ଡିଗ୍ରୀ ପର୍ଯ୍ୟନ୍ତ ବୁଲାଇପାରିବେ।

## ଆଲ୍ଲାହାବାଦ୍ ବ୍ୟାଙ୍କର ୨ୟ ତ୍ରୈମାସ ଫଳାଫଳ




**ଭୁବନେଶ୍ୱର,୧୬-୧୧**

ଆର୍ଥିକ ବର୍ଷ ୨୦୧୮-୧୯ର ସେପ୍ଟେମ୍ବର ଶେଷ ସୁଦ୍ଧା ଆଲ୍ଲାହାବାଦ ବ୍ୟାଙ୍କର ଦ୍ୱିତୀୟ ତ୍ରୈମାସ ଆର୍ଥିକ ଫଳାଫଳ ଘୋଷଣା କରାଯାଇଛି। ଏହି ଅବଧିରେ ବ୍ୟାଙ୍କ ୩, ୬୫,୫୭୭ କୋଟି ଟଙ୍କାର ମୋଟ୍ ବ୍ୟବସାୟ କରିପାରିଛି। କାସା ଅଧୀନରେ ମୋଟ୍ ଜମା ପରିମାଣ ୪୬.୮୭%କୁ ବୃଦ୍ଧି ପାଇଛି, ଯାହା କି ବ୍ୟାଙ୍କିଙ୍ଗ ଉଦ୍ୟୋଗରେ ସର୍ବାଧିକ। ବାର୍ଷିକ ହାରରେ ରିଟେଲ ଋଣ ପ୍ରଦାନ ପରିମାଣ ୨୨.୬୩% ବୃଦ୍ଧି ପାଇଛି। ସେହିପରି ଜମା ବାବଦ ଖର୍ଚ୍ଚ ୫.୧୩%କୁ ହ୍ରାସ ପାଇଛି, ଯାହା କି ପୂର୍ବବର୍ଷ ୫.୪୬% ଥିଲା। ବ୍ୟାଙ୍କର ନେଟ୍ ଏନପିଏ ପରିମାଣ ସେପ୍ଟେମ୍ବର ୩୦ ସୁଦ୍ଧା ୭.୯୬%କୁ ହ୍ରାସ ପାଇଛି, ଯାହା କି ଚଳିତ ବର୍ଷ ମାର୍ଚ୍ଚ ସୁଦ୍ଧା ୮.୦୪% ଥିଲା। ବ୍ୟାଙ୍କ ଆଲୋଚ୍ୟ ସମୟରେ ୫୩୩.୯୬ କୋଟି ଟଙ୍କାର ଅପରେଟିଂ ଲାଭ ହାସଲ କରିଛି। ତେବେ ସେପ୍ଟେମ୍ବର ୩୦ ସୁଦ୍ଧା ବ୍ୟାଙ୍କର କ୍ଷତିର ପରିମାଣ ୧୮୨୨.୭୧ କୋଟି ଟଙ୍କାକୁ ହ୍ରାସ ପାଇଛି। ପ୍ରଥମ ତ୍ରୈମାସରେ ଏହା ୧୯୪୪.୩୭ କୋଟି ଟଙ୍କା ଥିଲା।

## ସୁନ୍ଦରମ୍ ଆଣିଲା ନୂଆ ଇକ୍ୱିଟି ସେଭିଂ ଫଣ୍ଡ

**ଭୁବନେଶ୍ୱର,୧୬।୧୧**

ପ୍ରମୁଖ ଫଣ୍ଡ ହାଉସ୍ ସୁନ୍ଦରମ୍ ମ୍ୟୁଚୁଆଲ ଫଣ୍ଡ ପକ୍ଷରୁ ନୂଆ ଇକ୍ୱିଟି ସେଭିଂ ଫଣ୍ଡର ଶୁଭାରମ୍ଭ ଘୋଷଣା କରାଯାଇଛି। ଏଥିଲାଗି ନିୟୁ ଫଣ୍ଡ ଅଫର ଚଳିତ ମାସ ୧୬ରେ ଆରମ୍ଭ ହୋଇଛି । ଏହାର ସବ୍‌ସ୍କ୍ରିପ୍ସନ ୩୦ରେ ବନ୍ଦ ହେବ। ସୁନ୍ଦରମର ଏହି ସେଭିଂ ଫଣ୍ଡ ଏକ ଓପନ ଏଣ୍ଡେଡ ସ୍କିମ ହୋଇଥିବା ବେଳେ ଇକ୍ୱିଟି, ଆର୍ବିଟ୍ରେଜ ଏବଂ ଡେଟ୍‌ରେ ନିବେଶ ନିମନ୍ତେ ସୁଯୋଗ ପ୍ରଦାନ କରୁଛି। ଇକ୍ୱିଟି ସେଭିଂ ଫଣ୍ଡ(ଇଏସ୍‌ଏଫ)କୁ ଏକ ପ୍ରକାରର ହାଇବ୍ରିଡ ସ୍କିମ୍ ଭାବେ ମଧ୍ୟ ବିଚାର କରାଯାଏ। ଅପରପକ୍ଷରେ ନିବେଶକଙ୍କୁ ଅଧିକ ରିଟର୍ନ ପ୍ରଦାନ ନେଇ ଲକ୍ଷ୍ୟ ରହିଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ଏଥିରେ ପ୍ରକୃତ ଇକ୍ୱିଟି ଫଣ୍ଡ ତୁଳନାରେ କମ୍ ରିସ୍କ ରହିଥାଏ। ସେହିଭଳି ଏହା ଟାକ୍ସେଶନ ତଥା ଡେଟ୍ ଫଣ୍ଡ ତୁଳନାରେ ଅଧିକ ଟାକ୍ସ ଫ୍ରେଣ୍ଡଲି ବୋଲି କମ୍ପାନୀ ପକ୍ଷରୁ ପ୍ରକାଶ।

SUNDARAM MUTUAL — UNEARTHING OPPORTUNITIES

**PARADIP PORT TRUST**
File No.CMO/OE/A/GL-84/2014(Pt.II)/2171 Dt.12.11.2018
**e-TENDER CALL NOTICE**
Name of the work : **"Establishment of 400 bedded super speciality hospital with an option to further develop a medical college and further expand the capacity of hospital on PPP basis"**. Last Date & time of submission of tender is **18.12.2018 upto 14.00 Hrs.** For details please refer our Website : **https://eprocure.gov.in/eprocure/app**
**Chief Medical Officer**
**PPT/PR/479/18-19 Dt-14/11/18**

**ଓଡ଼ିଶା ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ**
**ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସର୍ବଶିକ୍ଷା ଅଭିଯାନ, ନବରଙ୍ଗପୁର**
ODISHA PRIMARY EDUCATION PROGRAMME AUTHORITY (OPEPA)
DISTRICT PROJECT OFFICE, RTE-SSA, NABARANGPUR - 764059
Phone: (06858) - 222568(Off), E-mail: dpcnawrangssa.opepa@nic.in
No. 5063/2018 Dated.15.11.2018
**NOTICE**
In pursuance to the Advertisement No.2847, Dtd.30.04.2018 & No.2848, Dtd.30.04.2018 of this office for recruitment of MIS-cum-Planning Coordinator, Accountant-cum-Support Staff and Part Time Instructor (Both Physical & Art) under RTE-SSA, Nabarangpur, it is informed that, the draft eligible and reject list of candidates of the above-mentioned posts is hereby published. The applicants are hereby required to go through the draft eligible and reject list which is hosted at www.nabarangpur.nic.in and OPEPA website i.e. www.opepa.odisha.gov.in. Applicants having any objection to the concerned post is hereby submit their objection through postal i.e. (Speed/ Registered Post) /e-mail i.e. dpcnawrangssa.opepa@nic.in / by hand by **23.11.2018**. Objections received after due date shall not be entertained.
**Sd./- District Project Coordinator**
**RTE-SSA, Nabarangpur**

**ODISHA STATE AGRICULTURAL MARKETING BOARD**
Plot No.1800(P), Baramunda, Post-Khandagiri, Near Indian Oil Petrol Pump Bhubaneswar
Ph. No.0674-2351311, Fax : 0674-2351310, Email : osamboard99@yahoo.com, Website : osamboard.org
No. 3452 / Estt-79/2018 Dated 16.11.2018
**QUOTATION CALL NOTICE**
The Odisha State Agricultural Marketing Board, Bhubaneswar invites sealed quotation from reputed, registered and experienced Services Providers firms for providing services of 2(two) nos. accountant and 01(one) Establishment Officer on outsourcing basis for day to day official works of OSAM Board, Bhubaneswar.
The interested eligible services providers firms are requested to visit our website **www.osamboard.org** for detailed terms and conditions & to download the application format & submit the same duly filled & signed along with attested copies of all documents in support of their eligibility by Speed Post / Courier in a cover super-scribed **"QUOTATION TO PROVIDE TWO NOS. ACCOUNTANT AND ONE ESTABLISHMENT OFFICER ON OUTSOURCING BASIS"** so as to reach the Odisha State Agricultural Marketing Board, Bhubaneswar by **dtd. 24.11.2018 upto 05:00 PM** positively with a Bank Draft of Rs.1,000.00 (Rupees One thousand) only in favour of OSAM Board, Bhubaneswar in shape of Demand Draft payable at Bhubaneswar towards processing fee charges (non-refundable). Quotations received after the last date due to delay in postal / courier or any other reason shall not be entertained and will be rejected. The quotation shall be opened on date: **26.11.2018 at 11.30 AM** in the Conference of OSAM Board in presence of all quotationers.
The undersigned reserves the right to accept or reject any or all quotations without assigning any reason thereof.
**Sd./- General Manager, OSAM Board, Bhubaneswar**

**OFFICE OF THE SUPERINTENDING ENGINEER, RURAL WORKS CIRCLE, BERHAMPUR**
(At:- Ambapua, Po:- Engineering School Near Income Tax Office, Berhampur-760011)
E-Mail:- serwbpr2004@yahoo.com Tel/FAX:- 0680-2404287 (E-Mail / E-Despatch)
No. E-Tender // 4409 // RWC// BAM // Dated. 14.11.2018
**Corrigendum to Bid identification No. Online Tender/21-2018-19/BPR**
**No. 1027-O:-** Due to change of Labour Rate vide Odisha Gazette Notification S.R.O. No. 431/2018 dtd. 30.10.2018 of Labour & ESI Department, Odisha, Bhubaneswar. The following changes has been made vide this office Bid Identification No. Online Tender/21-2018-19/BPR dtd. 27.10.2018.

(1)

| | | | |
|---|---|---|---|
| 1. | Availability of tender | : | 22.11.2018 at 10.00 AM to 06.12.2018 upto 3.00 PM instead of 02.11.2018 at 10.00 AM to 22.11.2018 upto 3.00 PM. |
| 2. | Last date of seeking tender clarification | : | 04.12.2018 upto 2.00 PM instead of 20.11.2018 upto 2.00 PM |
| 3. | Date of opening of Technical Bid | : | 07.12.2018 at 3.00 PM instead of 24.11.2018 at 3.00 PM |
| 4. | Date of opening of Financial Bid | : | 15.12.2018 at 11.00 AM instead of 30.11.2018 at 11.00 AM |

(2)

| Sl No of NIT | Name of the Work | Earlier: Approx. Estimated cost (Exclusive of GST) (in Rs.) | Earlier: EMD Required (in Rs.) to be submitted online | Earlier: Class of Con-tractor | Now Changed to: Approx. Estimated cost (Exclusive of GST) (in Rs.) | Now Changed to: EMD Required (in Rs.) to be submitted online | Now Changed to: Class of Con-tractor |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Impvt to Nuatangan to Kepiti via Pochalundi road under State Plan completion of incomplete road and bridges for the year 2018-19 | 2,08,65,062/- | 2,08,700/- | "B" Class or "A" Class | 2,22,88,717/- | 2,22,900/- | "B" Class or "A" Class |
| 2 | Impvt to Raipalli to Gopinathpur via Netapalli Dhananjaypur road under State Plan completion of incomplete road and bridges for the year 2018-19 | 2,92,62,543/- | 2,92,700/- | "B" Class or "A" Class | 3,09,85,130/- | 3,09,900/- | "A" Class or "Special" Class |
| 3 | Impvt to Kalamba-Gahangu road under State Plan improvement to existing RD road for the year 2018-19 | 1,59,30,760/- | 1,59,400/- | "B" Class or "A" Class | 1,64,76,158/- | 1,64,800/- | "B" Class or "A" Class |

All other contents will remain unchanged.
25071/11/0034/1819
*Sd./- Superintending Engineer, R.W.Circle, Berhampur*



“ବିବାଦକୁ ଏଡାଇବା ଲାଗି କ୍ରିକେଟରମାନେ ରାଜନୈତିକ ଓ ଅନ୍ୟ ସଂବେଦନଶୀଳ ପ୍ରସଙ୍ଗ ଉପରେ ମନ୍ତବ୍ୟ ଦେବାରୁ ବିରତ ରହିବା ଉଚିତ ।

– ଜାଭେଦ ମିଆଁଦାଦ, ପୂର୍ବତନ ପାକିସ୍ତାନ ଅଧିନାୟକ



“ବଲ୍ ଟ୍ୟାମ୍ପରିଂ ସ୍କାଣ୍ଡାଲ ପରେ ଅଷ୍ଟ୍ରେଲିଆ କ୍ରିକେଟ ଦଳ ସ୍ଲେଜିଂ କରୁନାହିଁ। କିନ୍ତୁ ଦଳ ତା'ର ଏହି ଆଭିମୁଖ୍ୟରୁ ସମ୍ପୂର୍ଣ୍ଣ ଦୂରେଇ ନ ଯାଉ ।

– ଫାଫ୍ ଡୁପ୍ଲେସି, ଦକ୍ଷିଣ ଆଫ୍ରିକା ଅଧିନାୟକ

## ସଂକ୍ଷେପରେ

### ରୁଟ୍‌ଙ୍କ ଶତକ

କାଣ୍ଡି,୧୬।୧୧(ଏଏଫ୍‌ପି): ଏଠାରେ ଚାଲିଥିବା ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ଇଂଲଣ୍ଡ ଅଧିନାୟକ ଜୋ ରୁଟ୍‌ଙ୍କ ଶତକ ସହାୟତାରେ ବୃହତ୍ ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିବାକୁ ପ୍ରୟାସ ଜାରି ରଖିଛି। ଟସ୍ ଜିତି ଇଂଲଣ୍ଡ ପ୍ରଥମ ଇନିଂସରେ ୨୯୦ ରନ କରି ଅଲଆଉଟ ହୋଇଥିଲା। ଜବାବରେ ପ୍ରଥମ ଇନିଂସ ଆରମ୍ଭ କରି ଶ୍ରୀଲଙ୍କା ୧୦୩ ଓଭରରେ ୩୩୬ ରନ କରି ଅଲଆଉଟ ହୋଇଥିଲା। ଫଳରେ ଶ୍ରୀଲଙ୍କା ମହତ୍ତ୍ୱପୂର୍ଣ୍ଣ ୪୬ ରନର ଅଗ୍ରଣୀ ହାସଲ କରିଛି। ଦ୍ୱିତୀୟ ଇନିଂସ ଆରମ୍ଭ କରି ଇଂଲଣ୍ଡ ତୃତୀୟ ଦିନ ଖେଳ ଶେଷ ସୁଦ୍ଧା ୭୬ ଓଭରରେ ୯ ଉଇକେଟ ହରାଇ ୩୨୪ ରନ ସଂଗ୍ରହ କରିଛି। ମ୍ୟାଚ୍ ଆଉ ଦୁଇ ଦିନ ବାକିଥିବା ବେଳେ ଇଂଲଣ୍ଡ ଗୋଟିଏ ଉଇକେଟ ହାତରେ ରଖି ୨୭୮ ରନର ଅଗ୍ରଣୀ ହାସଲ କରିଛି। ଫଳରେ ମ୍ୟାଚ୍ ଏବେ ରୋମାଞ୍ଚକ ସ୍ଥିତିରେ ପହଞ୍ଚିଛି। ଷ୍ଟମ୍ପ ଅପସାରଣ ବେଳକୁ ଉଇକେଟ କିପର ବ୍ୟାଟ୍ସମ୍ୟାନ ବେନ୍ ଫୋକ୍ସ ୫୧ ଓ ଜେମ୍ସ ଆଣ୍ଡରସନ ୪ ରନ କରି ଅପରାଜିତ ରହିଛନ୍ତି। ଅସମାପ୍ତ ସ୍କୋର ୦/୦ରୁ ଖେଳ ଆରମ୍ଭ କରିଥିଲା ଇଂଲଣ୍ଡ। ଇଂଲଣ୍ଡ ତରଫରୁ ରୁଟ୍ ୧୨୪ ରନର ଶତକୀୟ ପାଳି ଖେଳିଥିବା ବେଳେ ଓପନର ରୋରୀ ବର୍ନ୍ସ ୫୯ରନ ସଂଗ୍ରହ କରି ଆଉଟ ହୋଇଛନ୍ତି।

### ପୃଥ୍ୱୀ ଶ', ହନୁମା ବିହାରୀଙ୍କ ଅର୍ଦ୍ଧଶତକ

ମାଉଣ୍ଟ ମଙ୍ଗାନୁଇ (ନ୍ୟୁଜିଲାଣ୍ଡ), ୧୬।୧୧ (ପି.ଟି.)-ନ୍ୟୁଜିଲାଣ୍ଡ ଏ' ଓ ଭାରତ ଏ' ମଧ୍ୟରେ ପ୍ରଥମ ୪ ଦିନିଆ ଅନ୍ ଅଫିସିଆଲ କ୍ରିକେଟ ଟେଷ୍ଟ ମ୍ୟାଚ ଏଠାରେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏଥିରେ ଭାରତ ଏ' ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେଇଥିଲା। ଦଳ ତରଫରୁ ଖେଳୁଥିବା ସିନିୟର ଖେଳାଳି ମୁରଲୀ ବିଜୟ ଏବଂ ଅଜିଙ୍କ୍ୟ ରାହାନେ କ୍ରିଜ୍‌ରେ ଅଧିକ ସମୟ ଧରି ତିଷ୍ଠି ପାରି ନ ଥିବାବେଳେ ଯୁବ ଖେଳାଳି ପୃଥ୍ୱୀ ଶ' ଓ ହନୁମା ବିହାରୀ ଆକର୍ଷଣୀୟ ଅର୍ଦ୍ଧଶତକ ସହ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜ ପାଇଁ ଭଲରୂପେ ୱାର୍ମଅପ୍ ହୋଇଛନ୍ତି। ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ଭ୍ରମଣକାରୀ ଭାରତ ଏ' ୫ ଉଇକେଟ ବିନିମୟରେ ୩୪୦ ରନ କରିଛି। ଆଗକୁ ଅଷ୍ଟ୍ରେଲିଆ ଟୁର୍‌ରେ ଯିବାକୁ ଥିବା ଓପନର ଶ' ୮୮ ବଲ୍‌ରେ ୬୨ ରନ କରିଥିବାବେଳେ ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ ହନୁମା ବିହାରୀ ୧୫୦ ବଲ୍‌ରୁ ୮୬ ରନ କରିଛନ୍ତି।

### ଭାରତୀୟ ସଫ୍ଟ ଟେନିସ୍ ଦଳରେ ଓଡ଼ିଶାର ୩, ବିକାଶ କୋଚ୍

ଭୁବନେଶ୍ୱର, ୧୬।୧୧(କ୍ରୀଡ଼ା ପ୍ରତିନିଧି): ଦକ୍ଷିଣ କୋରିଆର ସୁଞ୍ଚୁଆନଠାରେ ଚଳିତ ମାସ ୧୮ରୁ ୨୫ ପର୍ଯ୍ୟନ୍ତ ହେବାକୁ ଯାଉଥିବା ବିଶ୍ୱ ଜୁନିୟର ସଫ୍ଟ ଟେନିସ୍ ଚାମ୍ପିୟନଶିପ୍ ପାଇଁ ଭାରତୀୟ ଦଳରେ ୩ ଓଡ଼ିଆ ଖେଳାଳି ସାମିଲ ହୋଇଛନ୍ତି। ସେମାନେ ହେଲେ ଶିବରାମ ସ୍ୱାଇଁ, ଅଜିତ ଶବର ଓ କରିସ୍ମା କିଶାନ। ଓଡ଼ିଶା ସଫ୍ଟ ଟେନିସ୍ ଆସୋସିଏଶନ ସଭାପତି ବିକାଶ ଚନ୍ଦ୍ର ପଟ୍ଟନାୟକ ଦଳର କୋଚ୍ ଦାୟିତ୍ୱ ନିର୍ବାହ କରିବେ। କୋଚ୍ ଓ ଓଡ଼ିଶା ଖେଳାଳିମାନେ ବିଜୁ ପଟ୍ଟନାୟକ ବିମାନବନ୍ଦରରୁ ଯାତ୍ରା କରିବା ଅବସରରେ ଆସୋସିଏଶନ ସମ୍ପାଦକ ମହମ୍ମଦ ଆଜାମ ଓ ରିଣ୍ଟୁ ମିତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# 'କଳିଙ୍ଗ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଷ୍ଟାଡିୟମ ହୋଇପାରିବ'

ଭୁବନେଶ୍ୱର, ୧୬।୧୧ (ସ୍ପୋର୍ଟ୍ସ ବ୍ୟୁରୋ)

କଳିଙ୍ଗ ଷ୍ଟାଡିୟମ ବିଶ୍ୱର ଶ୍ରେଷ୍ଠ ୫ ଷ୍ଟାଡିୟମ ମଧ୍ୟରେ ସ୍ଥାନ ପାଇପାରିବ। ଅନ୍ତର୍ଜାତୀୟ ହକି ମହାସଂଘ (ଏଫଆଇଏଚ) ସଭାପତି ନରିନ୍ଦର ବାତ୍ରା ଏ କଥା ପ୍ରକାଶ କରିଛନ୍ତି। ଶୁକ୍ରବାର ରାଜ୍ୟ ସଚିବାଳୟଠାରେ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ଚନ୍ଦ୍ରସାରଥି ବେହେରାଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ପୁରୁଷ ହକି ବିଶ୍ୱକପ୍ ୨୦୧୮ ପରିଚାଳନା ପରିଷଦର ବୈଠକ ବସିଥିଲା। ଏଥିରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ କମିଶନର ତଥା ସଚିବ ବିଶାଳ କୁମାର ଦେବ ସଭ୍ୟମାନଙ୍କୁ ବିଶ୍ୱକପ୍ ପାଇଁ ହୋଇଥିବା ବିଭିନ୍ନ ଆୟୋଜନ ସମ୍ପର୍କରେ ସୂଚନା ଦେଇଥିଲେ। ବୈଠକରେ ଉଦ୍‌ଘାଟନୀ ଉତ୍ସବ, ମ୍ୟାଚ ଏବଂ ସିଟି ଫେଷ୍ଟିଭାଲ ସମେତ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ଏଫ୍‌ଆଇଏଚ୍ ସଭାପତି ବାତ୍ରା ପ୍ରଥମେ ସାହାଯ୍ୟ ଓ ସହଯୋଗ ପାଇଁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଓଡ଼ିଶାକୁ ଭାରତର କ୍ରୀଡ଼ା ରାଜଧାନୀ ବୋଲି କହିଥିଲେ। କଳିଙ୍ଗ ଷ୍ଟାଡିୟମ ବିଶ୍ୱର ଶ୍ରେଷ୍ଠ ୫ ଷ୍ଟାଡିୟମ ମଧ୍ୟରେ ଅନ୍ୟତମ ହୋଇପାରିବ। ହକି ବିଶ୍ୱକପ୍ ସଫଳତାର ସହିତ ଆୟୋଜନ ହୋଇପାରିବ ବୋଲି ସେ ଦୃଢତାର ସହିତ କହିଥିଲେ। କଳିଙ୍ଗ ଷ୍ଟାଡିୟମରେ ଉଦ୍‌ଘାଟନୀ ଉତ୍ସବକୁ ଆକର୍ଷଣୀୟ କରିବା ଲାଗି ସବୁମତେ ଉଦ୍ୟମ ହେଉଛି। ଉଦ୍‌ଘାଟନୀ ଉତ୍ସବ ମଞ୍ଚର ଆନୁଷଙ୍ଗିକ ବ୍ୟବସ୍ଥା ପାଇଁ କଳିଙ୍ଗ ଆଥଲେଟିକ୍ ଷ୍ଟାଡିୟମର ଆସନ କ୍ଷମତା ୧୦,୦୦୦ରୁ କମ୍ ରହିବ। ସର୍ବସାଧାରଣଙ୍କ ପାଇଁ ଟିକେଟ ବିକ୍ରି କେବଳ ଅନ୍‌ଲାଇନ (WWW.TICKET-GENIE.IN.)ରେ ହେବ, ଆଉଟଲେଟ୍‌ରେ ନୁହେଁ। ଟିକେଟ ବିକ୍ରି କେବେ ଆରମ୍ଭ ହେବ ତାହା ଯଥେଷ୍ଟ ସମୟ ପୂର୍ବରୁ ଜଣାଇ ଦିଆଯିବ। ପାସ୍ ବ୍ୟବସ୍ଥା ରହିବ ନାହିଁ। ସମସ୍ତଙ୍କୁ ଅଫିସିଆଲ ଟିକେଟ ଅପରେଟରଙ୍କଠାରୁ ଟିକେଟ କ୍ରୟ କରିବାକୁ ହେବ। ବିଶ୍ୱକପ୍ ଉଦ୍‌ଘାଟନୀ ଉତ୍ସବକୁ ଦେଖିବା ଲାଗି ଜନତାଙ୍କ ଆଗ୍ରହକୁ ସମ୍ମାନ ଜଣାଇ କଟକର ବାରବାଟୀ ଷ୍ଟାଡିୟମରେ ଅନୁରୂପ ଉତ୍ସବର ଆୟୋଜନ କରାଯାଇଛି। ବିଶିଷ୍ଟ ସଙ୍ଗୀତକାର ଏ.ଆର. ରହମନ ଉଭୟ ସ୍ଥାନରେ ତାଙ୍କ କାର୍ଯ୍ୟକ୍ରମ ପରିବେଷଣ କରିବେ। ୨୭ ତାରିଖରେ କଳିଙ୍ଗ ଷ୍ଟାଡିୟମରେ ଏବଂ ୨୮ତାରିଖରେ ବାରବାଟୀ ଷ୍ଟଡିୟମରେ। କଟକରେ ଆୟୋଜିତ କାର୍ଯ୍ୟକ୍ରମରେ କେତେଜଣ ବଲିଉଡ ସେଲିବ୍ରିଟି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ହକି ବିଶ୍ୱକପ୍ ସମୟରେ ଭୁବନେଶ୍ୱର ସହର ବାସିନ୍ଦା ସିଟି ଫେଷ୍ଟିଭାଲରେ ମଜା ନେଇପାରିବେ। ଡ୍ୟାନ୍ସ ଓ ମ୍ୟୁଜିକ୍ ଫେଷ୍ଟିଭାଲ, ଆର୍ଟ ଟେଲ୍, ଷ୍ଟୋରିଟେଲିଂ ଫେଷ୍ଟିଭାଲ, ଫୁଡ୍ ଫେଷ୍ଟିଭାଲ ଏବଂ ଅନ୍ୟାନ୍ୟ ମନୋରଞ୍ଜନ କାର୍ଯ୍ୟକ୍ରମ ରହିଛି। ବୈଠକରେ ଟ୍ରାଫିକ୍, ସାଧାରଣ ଗମନାଗମନ ଏବଂ ପାର୍କିଂ ବ୍ୟବସ୍ଥା ନେଇ ମଧ୍ୟ ଆଲୋଚନା ହୋଇଥିଲା। ସମସ୍ତ ଆୟୋଜନ ଯେପରି ସୁଚାରୁରୂପେ ସମ୍ପନ୍ନ ହୁଏ ସେ ଦିଗରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ସମ୍ପୃକ୍ତ କର୍ମକର୍ତ୍ତାଙ୍କୁ ନିର୍ଦ୍ଦେଶ ଦେଇଥିଲେ। କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ରସାରଥି ବେହେରା ପ୍ରସ୍ତୁତି କାର୍ଯ୍ୟ ନେଇ ସନ୍ତୋଷ ପ୍ରକାଶ କରିବା ସହ ଏହି ବିଶ୍ୱକପ୍ ସମସ୍ତଙ୍କ ପାଇଁ ସ୍ମରଣୀୟ ହୋଇ ରହିବ ବୋଲି ଆଶା ପ୍ରକାଶ କରି କହିଥିଲେ। ପରିଚାଳନା ପରିଷଦ ବୈଠକରେ ଆହୁରି ମଧ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଆର. ବାଲକ୍ରିଷ୍ଣନ, ପୋଲିସ ଡିଜି ରାଜେନ୍ଦ୍ର ପ୍ରସାଦ ଶର୍ମା, ଏସିଏସ୍ ଫାଇନାନ୍ସ ତୁହିନ କାନ୍ତ ପାଣ୍ଡେ, ହକି ଇଣ୍ଡିଆ ସିଇଓ ଏଲିନା ନର୍ମାନ, ପୋଲିସ କମିଶନର ସତ୍ୟଜିତ ମହାନ୍ତି ଏବଂ ଅନ୍ୟ ବହୁ ବରିଷ୍ଠ ପଦାଧିକାରୀ ଯୋଗ ଦେଇଥିଲେ।



ପୁରୁଷ ହକି ବିଶ୍ୱକପ୍ ୨୦୧୮ ପରିଚାଳନା ପରିଷଦ ବୈଠକରେ ଉପସ୍ଥିତ ବିଶିଷ୍ଟ ବ୍ୟକ୍ତିବୃନ୍ଦ।

**ବିଶ୍ୱକପ୍ ଉଦ୍‌ଘାଟନୀ**

- ଟିକେଟ୍ ବିକ୍ରି କେବଳ ଅନଲାଇନ୍‌ରେ ହେବ
- ପାସ୍ ବ୍ୟବସ୍ଥା ରହିବ ନାହିଁ
- ୨୭ରେ କଳିଙ୍ଗ ଷ୍ଟାଡିୟମ ଓ ୨୮ରେ ବାରବାଟୀ ଷ୍ଟାଡିୟମରେ ଉଦ୍‌ଘାଟନୀ ଉତ୍ସବ ହେବ
- ଉଭୟ ସ୍ଥାନରେ ସଂଗୀତକାର ଏ.ଆର. ରହମନ କାର୍ଯ୍ୟକ୍ରମ ପରିବେଷଣ କରିବେ



ସର୍ବଭାରତୀୟ ଲେଗ୍ କ୍ରିକେଟ ପାଇଁ ଶୁକ୍ରବାର ଓଡ଼ିଶା ଦଳର ଜର୍ସି ଉନ୍ମୋଚନ କରାଯାଉଛି।

## ସର୍ବଭାରତୀୟ ଲେଗ୍ କ୍ରିକେଟରେ ଭାଗନେବ ଓଡ଼ିଶା

ଭୁବନେଶ୍ୱର, ୧୬।୧୧(କ୍ରୀଡ଼ା ପ୍ରତିନିଧି)

ତେଲେଙ୍ଗାନାର ନାଲଗୋଣ୍ଡା ଡନ୍ ବସ୍କୋ ଏକାଡେମୀରେ ୮ମ ସର୍ବଭାରତୀୟ ଲେଗ୍ କ୍ରିକେଟ ପ୍ରତିଯୋଗିତା ଚଳିତମାସ ୧୯ରୁ ୨୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ଓଡ଼ିଶା ଲେଗ୍ କ୍ରିକେଟ ଆସୋସିଏଶନର ଅନ୍ତର୍ଜାତୀୟ ଖେଳାଳି ଚନ୍ଦନ ରାଏଙ୍କ ନେତୃତ୍ୱରେ ଏକ ୧୫ ଜଣିଆ ଦଳ ଘୋଷଣା କରାଯାଇଛି। ନିରଞ୍ଜନ ମହାକୁଡ଼ ଦଳର କୋଚ୍ ଅଛନ୍ତି। ଓଡ଼ିଶା ଦଳ ୧୮ ତାରିଖରେ ଭୁବନେଶ୍ୱରରୁ ତେଲେଙ୍ଗାନା ଯିବ ବୋଲି ଓଡ଼ିଶା ଲେଗ କ୍ରିକେଟ ଆସୋସିଏଶନ ସମ୍ପାଦକ ଦୁଲାଲ ଚନ୍ଦ୍ର ପ୍ରଧାନ ଜଣାଇଛନ୍ତି।

ଓଡ଼ିଶା ଦଳ: ଚନ୍ଦନ ରାଏ(ଅଧିନାୟକ), ତୁଷାର ମେହେର(ଉପ-ଅଧିନାୟକ), ସୌମ୍ୟ ସାହୁ, ଅଂଶୁମାନ ବେହେରା, ତୁଷାର ସିଂଦେଓ, ସିଦ୍ଧାନ୍ତ ସିଂ, ସୌମ୍ୟ ବେହେରା, ସାଗର କିଶାନ, ରୋହିତ କାର୍ଲା, ସୟଦ ଆତାଉଲ୍ଲା, ଜ୍ୟାକି ସାହୁ, ଇସାନ ଜୈନ, ରାକେଶ କୁମାର, ଶିବମ୍ ଅଗ୍ରୱାଲ, ଏନ.ନରେଶ। କୋଚ୍: ନିରଞ୍ଜନ ମହାକୁଡ଼।

## ଚୁକି ଚାଓ୍ୱଲା ପ୍ରତ୍ୟର୍ପଣ ପ୍ରକ୍ରିୟା ପୁନଃ ଆରମ୍ଭ ନିର୍ଦ୍ଦେଶ

ଲଣ୍ଡନ, ୧୬।୧୧ (ପି.ଟି.)

ଚୁକି ସଞ୍ଜୀବ କୁମାର ଚାଓଲାଙ୍କୁ ଭାରତ ପ୍ରତ୍ୟର୍ପଣ ବିପକ୍ଷରେ ଏକ ନିମ୍ନ ଅଦାଲତଙ୍କ ନିର୍ଦ୍ଦେଶକୁ ୟୁନାଇଟେଡ କିଙ୍ଗଡମ୍ (ୟୁକେ) ହାଇକୋର୍ଟ ଶୁକ୍ରବାର ରଦ୍ଦ କରିଦେଇଛନ୍ତି। ଅନ୍ୟପକ୍ଷରେ ଚାଓଲାଙ୍କ ବିରୋଧରେ ପ୍ରତ୍ୟର୍ପଣ ପ୍ରକ୍ରିୟା ପୁଣି ଆରମ୍ଭ କରିବା ଲାଗି ଜିଲା ଜଜ୍‌ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୦୦ରେ ଦକ୍ଷିଣ ଆଫ୍ରିକା ପୂର୍ବତନ ଅଧିନାୟକ ହାନ୍‌ସି କ୍ରୋନିଏଙ୍କୁ ନେଇ ମ୍ୟାଚ ଫିକ୍ସିଂ ସ୍କାଣ୍ଡାଲରେ ଚାଓଲା ହେଉଛନ୍ତି ମୁଖ୍ୟ ଅଭିଯୁକ୍ତ। ତାଙ୍କୁ ଭାରତକୁ ପ୍ରତ୍ୟର୍ପଣ ନେଇ ଲଣ୍ଡନରେ ହୋଇଥିବା ଏକ ମାମଲାରେ ସେ ବିଜୟୀ ହୋଇଥିଲେ। ୱେଷ୍ଟମିନ୍‌ଷ୍ଟର ମାଜିଷ୍ଟ୍ରେଟ୍ସ କୋର୍ଟ ଦର୍ଶାଇଥିଲେ ଚାଓଲା ଯଦି ପ୍ରତ୍ୟର୍ପଣ ହୁଅନ୍ତି ତେବେ ତାଙ୍କୁ ଭାରତରେ ତିହାର ଜେଲରେ ରହିବାକୁ ପଡ଼ିବ। ସେଠାରେ ସେ ମାନବାଧିକାର ଉଲ୍ଲଂଘନର ଶିକାର ହେବା ଆଶଙ୍କା ରହିଛି। କିନ୍ତୁ ହାଇକୋର୍ଟ ଏହି ଯୁକ୍ତିକୁ ଅଗ୍ରାହ୍ୟ କରିଦେଇଛନ୍ତି। ନୂଆଦିଲ୍ଲୀସ୍ଥିତ ତିହାର ଜେଲରେ ଚାଓଲାଙ୍କୁ ଆବଶ୍ୟକ ସୁରକ୍ଷା ଯୋଗାଇ ଦିଆଯିବ ବୋଲି ଭାରତ ସରକାର ଯେଉଁ ପ୍ରତିଶ୍ରୁତି ଦେଇଛନ୍ତି ତାହା ଠିକ୍ ମନେ ହେଉଛି ବୋଲି କୋର୍ଟ କହିଛନ୍ତି। ହାଇକୋର୍ଟଙ୍କ ରାୟକୁ ସ୍ଥାନୀୟ ରୟାଲ କୋର୍ଟ୍ସ ଅଫ୍ ଜଷ୍ଟିସଙ୍କ ନିକଟକୁ ପଠାଇ ଦିଆଯାଇଛି।

## ଉତ୍କଳ କରାଟେ ସ୍କୁଲରେ ଗଗନ ନାରଙ୍ଗ

ଭୁବନେଶ୍ୱର, ୧୬।୧୧(ସ୍ପୋର୍ଟ୍ସ ବ୍ୟୁରୋ)

୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ବ୍ରୋଞ୍ଜ୍ ପଦକ ହାସଲ କରିଥିବା ଭାରତୀୟ ତାରକା ଶୁଟର ଗଗନ ନାରଙ୍ଗ ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିଦର୍ଶନ କରିଛନ୍ତି। ବିଶ୍ୱ ଚାମ୍ପିୟନଶିପ୍‌ରେ ଏକାଧିକ ପଦକ ହାସଲ କରିଥିବା ନାରଙ୍ଗ ଏକ ସରକାରୀ କାର୍ଯ୍ୟକ୍ରମରେ ଭୁବନେଶ୍ୱର ଆସିଛନ୍ତି। ନାରଙ୍ଗ ଆଗାମୀ ଦିନରେ ଓଡ଼ିଶାରେ ବନ୍ଧୁକ ଚାଳନାର ଉନ୍ନତି ତଥା ପ୍ରସାର ନିମନ୍ତେ ଓଡ଼ିଶା ରାଇଫଲ ସଂଘର ପୃଷ୍ଠପୋଷକ ତଥା ନ୍ୟାଶନାଲ ରାଇଫଲ ଆସୋସିଏଶନ ଅଫ୍ ଇଣ୍ଡିଆର ଉପ- ସଭାପତି ତଥା ଏମ୍‌ପି କଳିକେଶ ନାରାୟଣ ସିଂଦେଓ, ରାଜ୍ୟ ସଂଘ ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ବଳଭଦ୍ର ଦାସ, ସହ-ସମ୍ପାଦକ ଗୌରୀ ମହାନ୍ତି, ଆଇଏସ୍ଏସ୍ଏଫ୍ କୋଚ୍ ଆଶିଷ ନାୟକଙ୍କ ସହ ଆଲୋଚନା କରିଥିଲେ। ଓଡ଼ିଶାରେ ଉତ୍କଳ କରାଟେ ସ୍କୁଲ ଭଳି ଏକ କ୍ରୀଡ଼ା ଅନୁଷ୍ଠାନ ଗଢ଼ି ଉଠିଥିବାରୁ ସେ ଏହାର ପ୍ରଶଂସା କରିଥିଲେ। ଆଗାମୀ କିଛି ଦିନ ମଧ୍ୟରେ ସେ ଗନ୍ ଫର ଗ୍ଲୋରୀ କାର୍ଯ୍ୟକ୍ରମ ମାଧ୍ୟମରେ ଉତ୍କଳ କରାଟେ ସ୍କୁଲ ଶୁଟରମାନଙ୍କୁ ନେଇ ଏକ ପ୍ରଶିକ୍ଷଣ ଶିବିର ଆୟୋଜନ କରିବେ ବୋଲି ନାରଙ୍ଗ ପ୍ରତିଶ୍ରୁତି ଦେଇଛନ୍ତି।



ଉତ୍କଳ କରାଟେ ସ୍କୁଲ ପରିଦର୍ଶନ ଅବସରରେ କର୍ମକର୍ତ୍ତାଙ୍କ ସହ ଗଗନ ନାରଙ୍ଗ

■ ସର୍ବଭାରତୀୟ ପୋଲିସ ଜୁଡୋ କ୍ଲଷ୍ଟର

## ଜିମ୍ନାଷ୍ଟିକ୍‌ରେ ଓଡ଼ିଶାକୁ ଗୋଟିଏ ସ୍ୱର୍ଣ୍ଣ, ରୌପ୍ୟ

କଟକ ଅଫିସ,୧୬।୧୧

ଓଡ଼ିଶା ପୋଲିସ ଆନୁକୂଲ୍ୟରେ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ୩ୟ ସର୍ବଭାରତୀୟ ପୋଲିସ ଜୁଡୋ କ୍ଲଷ୍ଟର ପ୍ରତିଯୋଗିତାର ପୁରୁଷ ଜିମ୍ନାଷ୍ଟିକ ଇଭେଣ୍ଟ ଶୁକ୍ରବାର ଶେଷ ହୋଇଛି। ୬ଟି ବିଭାଗରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଆୟୋଜକ ଓଡ଼ିଶା ଦଳ ଗୋଟିଏ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ଜିତିବାରେ ସଫଳ ହୋଇଛି। ପୁରୁଷ ପାରାଲାଲ ବାର୍ ଇଭେଣ୍ଟରେ ସୀତାକାନ୍ତ ଓଝା ସ୍ୱର୍ଣ୍ଣ ବିଜୟୀ ହୋଇଥିବା ବେଳେ ପୁରୁଷ ଫ୍ଲୋରରେ ଉମାକାନ୍ତ ଓଝାଙ୍କୁ ରୌପ୍ୟ ମିଳିଛି।

ଫ୍ଲୋର ଇଭେଣ୍ଟରେ ସିଆଇଏସ୍ଏଫ୍‌ର ଅନୁଜ ରଥ୍ ସ୍ୱର୍ଣ୍ଣ, ଓଡ଼ିଶା ପୋଲିସର ଉମାକାନ୍ତ ରୌପ୍ୟ, ଏସ୍ଏସ୍‌ବିର କପିଲ, ଉତ୍ତରପ୍ରଦେଶର ଏସ୍. ପ୍ରଭାସ, ଏସ୍ଏସ୍‌ବିର ଅଙ୍କିତ କୁମାର ବ୍ରୋଞ୍ଜ ଜିତିଛନ୍ତି । ସେହିପରି ପୋମେଲ ହର୍ସରେ ଉତ୍ତରାଖଣ୍ଡର କ୍ରିପାଲ ସିଂ ସ୍ୱର୍ଣ୍ଣ, ବିଏସ୍ଏଫ୍‌ର ସି. ମେହିରାନ ରୌପ୍ୟ, ମହାରାଷ୍ଟ୍ରର ସୌରଭ କୋକଟେ, ସିଆର୍‌ପିଏଫ୍‌ର ଅଜିତ ପ୍ରସାଦ, ଉତ୍ତରପ୍ରଦେଶର ମନୋହର ସିଂ ବ୍ରୋଞ୍ଜ, ରିଙ୍ଗସରେ ବିଏସ୍ଏଫ୍‌ର ଆନନ୍ଦ ସିଂ ବିଷ୍ଟ ସ୍ୱର୍ଣ୍ଣ, ସିଆଇଏସ୍ ଗୁରୁମିତ ସିଂ ଓ ହରିୟାଣାର ପରବୀନ ସାଇନି ମିଳିତ ରୌପ୍ୟ, ଉତ୍ତରାଖଣ୍ଡର ସୁମିତ କୁମାର, ଉତ୍ତରପ୍ରଦେଶର ବିକ୍ରାନ୍ତ ସିଂ, ଆଇଟିବିପିର ମଦନ ଲାଲ ବ୍ରୋଞ୍ଜ, ଭଲ୍ଟରେ ଏସ୍ଏସ୍‌ବିର କୁଲଦୀପ ସିଂ ସ୍ୱର୍ଣ୍ଣ, ପଞ୍ଜାବର ଅରୁଣ କୁମାର ରୌପ୍ୟ, ଉତ୍ତରପ୍ରଦେଶର ରବିନ କନୌଜିଆ, ଆଇଟିବିପିର ଚନ୍ଦ୍ରକେଶ କୁମାର, ଉତ୍ତରାଖଣ୍ଡର ଆଶୁତୋଷ ରାଓତ ବ୍ରୋଞ୍ଜ, ପାରାଲାଲ ବାର୍‌ରେ ଓଡ଼ିଶାର ସୀତାକାନ୍ତ ଓଝା ସ୍ୱର୍ଣ୍ଣ, ସିଆଇଏସ୍ଏଫ୍‌ର ହୀରା ଲାଲ ଓ ଉତ୍ତରାଖଣ୍ଡର ସୁନୀଲ ରାମୋଲା ମିଳିତ ରୌପ୍ୟ, ବିଏସ୍ଏଫର ନିଖିଲ ଭଟ୍ଟ, ଆଇଟିବିପିର ଅନିଲ କୁମାର ବ୍ରୋଞ୍ଜ, ହୋରିଜେଣ୍ଟାଲ ବାର୍‌ରେ ପଞ୍ଜାବର ବିକ୍ରମ ମାନରୋ ସ୍ୱର୍ଣ୍ଣ, ସିଆଇଏସ୍ଏଫ୍‌ର ସୁରେନ୍ଦ୍ର ଶର୍ମା ରୌପ୍ୟ, ସିଆର୍‌ପିଏଫ୍‌ର ରାଷ୍ଟ୍ର କୁମାର, ମନପ୍ରୀତ ସିଂ, ଆଇଟିବିପିର ଆଇ ବୋମଚା ବ୍ରୋଞ୍ଜ ପଦକ ଜିତିଛନ୍ତି । ପୁରସ୍କାର ବିତରଣୀ ଉତ୍ସବରେ ନାଲକୋ ସିଏମ୍‌ଡି ତପନ କୁମାର ଚାନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଅତିରିକ୍ତ ଡିଜି ବିନୟତୋଷ ମିଶ୍ର ଉପସ୍ଥିତ ଥିଲେ ।



ଜଣେ ପ୍ରତିଯୋଗୀ କଳାକୌଶଳ ପ୍ରଦର୍ଶନ କରୁଛନ୍ତି।

## ପୁଲ୍ ଫାଇନାଲରେ ଉତ୍କଳ, କିଟ୍, ଗୋରଖପୁର

ଭୁବନେଶ୍ୱର, ୧୬।୧୧(ସ୍ପୋର୍ଟ୍ସ ବ୍ୟୁରୋ)

ଉତ୍କଳ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦ ଆନୁକୂଲ୍ୟରେ ଏଠାରେ ଚାଲିଥିବା ପୂର୍ବାଞ୍ଚଳ ଆନ୍ତ ବିଶ୍ୱବିଦ୍ୟାଳୟ ମହିଳା ଖୋ ଖୋ ପ୍ରତିଯୋଗିତାରେ ଉତ୍କଳ, କିଟ ଓ ଗୋରଖପୁର ବିଶ୍ୱବିଦ୍ୟାଳୟ ନିଜ ନିଜ ଗ୍ରୁପ୍‌ର ଫାଇନାଲରେ ପ୍ରବେଶ କରିଛନ୍ତି।

ଶୁକ୍ରବାର ପୂର୍ବାହ୍ନରେ ଖେଳାଯାଇଥିବା ମ୍ୟାଚ୍‌ଗୁଡିକରେ କୋଲକାତା ୧ ପଏଣ୍ଟରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଥିଲା। ସେହିପରି କଲ୍ୟାଣୀ ବିଶ୍ୱବିଦ୍ୟାଳୟ ୧୯ ପଏଣ୍ଟ ଓ ଗୋଟିଏ ପାଳିରେ ରାଞ୍ଚି ବିଶ୍ୱବିଦ୍ୟାଳୟକୁ ହରାଇଛି। କିଟ୍ ୧୩ ପଏଣ୍ଟରେ ଏମ୍.ଜି. କାଶୀ ବିଶ୍ୱବିଦ୍ୟାଳୟକୁ, ହେମଚାନ୍ଦ ବିଶ୍ୱବିଦ୍ୟାଳୟ ୧୭ ପଏଣ୍ଟ ଓ ଗୋଟିଏ ପାଳିରେ ଏ.କେ.ଏସ. ବିଶ୍ୱବିଦ୍ୟାଳୟକୁ, କଲ୍ୟାଣୀ ୧୭ ପଏଣ୍ଟରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟକୁ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉଠିଥିଲେ।

ସେହିପରି ଅପରାହ୍ନରେ ଖେଳାଯାଇଥିବା ମ୍ୟାଚ୍‌ଗୁଡିକରେ ଡି.ଡି.ୟୁ. ବିଶ୍ୱବିଦ୍ୟାଳୟ ୨ ପଏଣ୍ଟ ଓ ଗୋଟିଏ ପାଳିରେ କୋଲକାତା ବିଶ୍ୱବିଦ୍ୟାଳୟକୁ, ଉତ୍କଳ ୧୦ ପଏଣ୍ଟ ଓ ଗୋଟିଏ ପାଳିରେ ହେମଚାନ୍ଦକୁ, ୱେଷ୍ଟ ବେଙ୍ଗଲ ଷ୍ଟେଟ ବିଶ୍ୱବିଦ୍ୟାଳୟ ୩ ପଏଣ୍ଟ ଓ ଗୋଟିଏ ପାଳିରେ ପଣ୍ଡିତ୍ ରବିଶଙ୍କର ବିଶ୍ୱବିଦ୍ୟାଳୟକୁ ହରାଇ ନିଜ ନିଜ ଗ୍ରୁପରେ ଫାଇନାଲକୁ ଉଠିଛନ୍ତି। ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତାରେ ପୂର୍ବାଞ୍ଚଳର ୨୪ଟି ବିଶ୍ୱବିଦ୍ୟାଳୟ ଅଂଶଗ୍ରହଣ କରିଛନ୍ତି। ଶନିବାର ପୂର୍ବାହ୍ନରେ ନକ୍‌ଆଉଟ୍ ପର୍ଯ୍ୟାୟ ଅନୁଷ୍ଠିତ ହେବ ବୋଲି କ୍ରୀଡ଼ା ପରିଷଦର ନିର୍ଦ୍ଦେଶକ ତଥା ପ୍ରଫେସର କବୀର ମୋହନ ସେଠୀ ପ୍ରକାଶ କରିଛନ୍ତି।

# ଏସିଆନ୍ ପେଟାନ୍‌କ୍ୟୁ ଚାମ୍ପିୟନଶିପ୍ ଆରମ୍ଭ

ଭୁବନେଶ୍ୱର, ୧୬।୧୧(ସ୍ପୋର୍ଟ୍ସ ବ୍ୟୁରୋ)

କିଟ୍ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍ ୧୨ରେ ଶୁକ୍ରବାର ଆରମ୍ଭ ହୋଇଛି ଏସିଆନ୍ ବୋଉଲ୍ସ ସ୍ପୋର୍ଟ୍ସ କନଫେଡେରେଶନ ପେଟାନ୍‌କ୍ୟୁ ଚାମ୍ପିୟନଶିପ୍। ପେଟାନ୍‌କ୍ୟୁ ଫେଡେରେଶନ ଅଫ୍ ଇଣ୍ଡିଆ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତା ସିଙ୍ଗଲ୍ସ, ଡବଲ୍ସ ଓ ମିକ୍ସଡ ଡବଲ୍ସରେ ଖେଳାଯାଉଛି। କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ରସାରଥି ବେହେରା, କିଟ୍ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ସସ୍ମିତା ସାମନ୍ତ, ପେଟାନ୍‌କ୍ୟୁ ଫେଡେରେଶନ ଅଫ୍ ଇଣ୍ଡିଆ ସମ୍ପାଦକ ଭରତ ଜେ.ଚୌହାନ, ଇନ୍‌କମ୍ ଟ୍ୟାକ୍ସ କମିଶନର ଦେବେନ୍ଦ୍ର କର, କିଟ୍‌ର କ୍ରୀଡା ନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ପ୍ରମୁଖ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଏହି ପ୍ରତିଯୋଗିତା ଆୟୋଜନ ପାଇଁ ପୂର୍ଣ୍ଣ ସହଯୋଗ କରିଥିବାରୁ ଅତିଥିମାନେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ରାଜ୍ୟ ସଭା ସଦସ୍ୟ ଅଚ୍ୟୁତ ସାମନ୍ତଙ୍କୁ ପ୍ରଶଂସା କରିଥିଲେ।

ପ୍ରଥମ ଦିବସରେ ଅନୁଷ୍ଠିତ ପ୍ରତିଯୋଗିତା ମଧ୍ୟରେ ଭାରତ-୨ ମହିଳା ଡବଲ୍ସ ଗ୍ରୁପ-୧ରେ ୮-୧୩ ପଏଣ୍ଟରେ କାମ୍ବୋଡିଆଠାରୁ ହାରିଯାଇଛି। ଅନ୍ୟ ୨ ମ୍ୟାଚରେ ବିଜୟୀ ହୋଇ କାମ୍ବୋଡ଼ିଆ ହ୍ୟାଟ୍ରିକ କରିଥିଲା। ଏହି ଦଳ ୧୩-୨ରେ ଇରାନ ଏବଂ ୧୩-୧୦ରେ ମାଲେସିଆକୁ ପରାସ୍ତ କରିଥିଲା। ପରେ ମାଲେସିଆ ୧୩-୩ରେ ଭାରତ-୨ ଓ ୧୩-୧ରେ ଇରାନକୁ ହରାଇ ଦେଇଥିଲା। ଇରାନ ୧୩-୯ରେ ଭାରତ-୨କୁ ପରାସ୍ତ କରିଥିଲା। ପୁରୁଷ ଡବଲ୍ସ ଗ୍ରୁପ-୧ରେ ଥାଇଲାଣ୍ଡ ୧୩-୧ରେ ଭାରତ-୧କୁ, ୧୩-୧ରେ ନେପାଳକୁ ଏବଂ ୧୩-୦ରେ ମାଲେସିଆକୁ ହରାଇ ହ୍ୟାଟ୍ରିକ ବିଜୟ ହାସଲ କରିଥିଲା। ପରେ ମାଲେସିଆ ୧୩-୯ରେ ନେପାଳ-୧ ଏବଂ ୧୩-୨ରେ ନେପାଳକୁ ହରାଇଥିବାବେଳେ ଭାରତ-୧ ନେପାଳକୁ ୧୩-୩ରେ ପରାସ୍ତ କରିଥିଲା।



ଏସିଆନ୍ ବୋଉଲ୍ସ ସ୍ପୋର୍ଟ୍ସ କନଫେଡେରେଶନ ପେଟାନ୍‌କ୍ୟୁ ଚାମ୍ପିୟନଶିପ୍‌ର ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥିମାନେ।

## ସଂକ୍ଷେପରେ

### ଏକାମ୍ର କଲେଜ ୯ ଉଇକେଟରେ ବିଜୟୀ

ଭୁବନେଶ୍ୱର, ୧୬।୧୧(କ୍ରୀଡ଼ା ପ୍ରତିନିଧି): ନହରକଣ୍ଟାସ୍ଥିତ ଶ୍ରୀ ଜୟଦେବ କଲେଜ ଅଫ୍ ସାଇନ୍ସ ଆଣ୍ଡ ଏଜୁକେଶନ ମହାବିଦ୍ୟାଳୟରେ ଜୋନ-୪ ଆନ୍ତଃ କଲେଜ କ୍ରିକେଟ ଟୁର୍ନାମେଣ୍ଟର ଏକ ମ୍ୟାଚ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଏଥିରେ ଭୁବନେଶ୍ୱରର ଏକାମ୍ର କଲେଜ ୯ ଉଇକେଟରେ ଏଡି କଲେଜ ବ୍ରହ୍ମଗିରିକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ବ୍ରହ୍ମଗିରି କଲେଜ ୯.୫ ଓଭରରେ ୪୧ ରନ କରି ଅଲଆଉଟ ହୋଇଯାଇଥିଲା। ଏକାମ୍ର ବୋଲରଙ୍କ ମଧ୍ୟରେ ଚିନ୍ମୟ ପରିଡ଼ା ୫ ଉଇକେଟ ସଫଳତା ପାଇଥିବାବେଳେ ସୌରଭ ପାଣିଗ୍ରାହୀ ୩ ଓ ଶଶିକାନ୍ତ ବେହେରା ୨ଟି ଉଇକେଟ ନେଇଥିଲେ। ୪୨ ରନର ବିଜୟ ଲକ୍ଷ୍ୟକୁ ଏକାମ୍ର କଲେଜ ୩.୩ ଓଭରରେ ମାତ୍ର ୧ ଉଇକେଟ ହରାଇ ହାସଲ କରି ନେଇଥିଲା। ଗିରିଜା ମିଶ୍ର ୨୯ ରନରେ ଅପରାଜିତ ରହି ଦଳକୁ ସହଜ ବିଜୟ ପ୍ରଦାନ କରିଥିଲେ।

### ଅଷ୍ଟ୍ରେଲିଆ ଟୁର୍‌ରେ ଟିମ୍ ଇଣ୍ଡିଆ

ବମ୍ବେ, ୧୬।୧୧ (ପି.ଟି.)-ଭାରତୀୟ କ୍ରିକେଟ ଦଳ ଶୁକ୍ରବାର ଅଷ୍ଟ୍ରେଲିଆ ଟୁର୍‌ରେ ଯାଇଛି। ଦଳ ସେଠାରେ ୪ ଟେଷ୍ଟ, ୩ ଅନ୍ତର୍ଜାତୀୟ ଦିନିକିଆ ଏବଂ ସମାନ ସଂଖ୍ୟକ ଟି୨୦ ମ୍ୟାଚ ଖେଳିବ। ଦେଶ ଛାଡ଼ିବା ପୂର୍ବରୁ ଦଳର କେତେଜଣ ସଦସ୍ୟ ସେମାନଙ୍କ ଭାବନା ଟ୍ୱିଟରରେ ଶେୟାର କରିଛନ୍ତି। ଚାଇନାମ୍ୟାନ ବୋଲର କୁଲଦୀପ ଯାଦବ ଏହି ଟୁର୍ ରୋମାଞ୍ଚକ ଏବଂ ଚ୍ୟାଲେଞ୍ଜଭରା ହେବ ବୋଲି ଉଲ୍ଲେଖ କରିଛନ୍ତି। ଟିମ୍‌ମେଟ୍ ତଥା ଯୁବ ଉଇକେଟକିପର ରିଶଭ ପନ୍ତ, ରୋହିତ ଶର୍ମା ଏବଂ ଅନ୍ୟମାନଙ୍କ ସହ ମିଳିତ ଫଟୋକୁ ମଧ୍ୟ ସେ ପୋଷ୍ଟ କରିଛନ୍ତି। ପେସ୍ ବୋଲର ଯଶପ୍ରୀତ ବୁମ୍‌ରା ଟ୍ୱିଟରରେ ତାଙ୍କ ଫଟୋ ଛାଡ଼ିବା ସହ "ଅଫ୍ ୱି ଗୋ" ବୋଲି ଉଲ୍ଲେଖ କରିଛନ୍ତି। କ୍ରୁନାଲ ପାଣ୍ଡ୍ୟା ଟିମ୍‌ମେଟ୍‌ଙ୍କ ସହିତ ତାଙ୍କ ଫଟୋ ପୋଷ୍ଟ କରିଛନ୍ତି। କ୍ରୁନାଲ ମଧ୍ୟ ଟ୍ୱିଟରରେ ତାଙ୍କ ମନୋଭାବ ପ୍ରକାଶ କରିବା ସହ ଟିମ୍‌ମେଟଙ୍କ ସହ କେତେକ ଫଟୋ ପୋଷ୍ଟ କରିଛନ୍ତି। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆରେ ଆମ ବ୍ୟାଟ୍ସମ୍ୟାନମାନଙ୍କୁ ଭଲ ବ୍ୟାଟିଂ କରିବାକୁ ପଡ଼ିବ ବୋଲି ଅଧିନାୟକ ବିରାଟ କୋହଲି ଦେଶ ଛାଡ଼ିବା ପୂର୍ବରୁ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ମୁଖ୍ୟ କୋଚ୍ ରବି ଶାସ୍ତ୍ରୀ କହିଛନ୍ତି ବିଶ୍ୱକପ୍ ପୂର୍ବରୁ ଆମ ହାତରେ ଆଉ ମାତ୍ର ୧୩ଟି ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ ରହିଛି। ତେଣୁ ଆମ ଦିନିକିଆ ଦଳରେ ଆଉ ବିଶେଷ ପରିବର୍ତ୍ତନର ସମ୍ଭାବନା ନାହିଁ। ଏହି ଅବସରରେ କ୍ରିକେଟ ବିଶେଷଜ୍ଞ ଏବଂ ପୂର୍ବତନ ଖେଳାଳିମାନେ ମତବ୍ୟକ୍ତ କରି କହିଛନ୍ତି, ଦକ୍ଷିଣ ଆଫ୍ରିକାରେ ବଲ୍ ଟ୍ୟାମ୍ପରିଂ ସ୍କାଣ୍ଡାଲ ପାଇଁ ଦୁଇ ପ୍ରମୁଖ ବ୍ୟାଟ୍ସମ୍ୟାନ ଷ୍ଟିଭ୍ ସ୍ମିଥ୍ ଏବଂ ଡେଭିଡ ୱାର୍ନର ବର୍ତ୍ତମାନ ବର୍ଷିକିଆ ବାସନ୍ଦ ଦଣ୍ଡରେ ରହିଥିବାରୁ ଟେଷ୍ଟରେ ଅଷ୍ଟ୍ରେଲିଆକୁ ପରାସ୍ତ କରିବା ଲାଗି ଏହା ଏକ ବଡ଼ ସୁଯୋଗ।



> ଅଷ୍ଟ୍ରେଲିଆ କଣ୍ଡିଶନ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ସୁହାଇବ। ଆସନ୍ତା ଟେଷ୍ଟ ସିରିଜରେ ଭାରତ ତାଙ୍କ ଅନୁପସ୍ଥିତି ଅନୁଭବ କରିପାରେ ।
>
> – ମାଇକ୍ ହସି, ପୂର୍ବତନ ଅଷ୍ଟ୍ରେଲୀୟ କ୍ରିକେଟର



> ଆମେ ବିଶ୍ୱ ଚାମ୍ପିୟନ ହୋଇଥିଲେ ସୁଦ୍ଧା ପ୍ରତିଭା ସମ୍ପନ୍ନ ଯୁବ ଖେଳାଳି ଡି ଜଙ୍ଗ୍‌ଙ୍କ ସହ ନୂଆ ରୂପ ନେଇଥିବା ନେଦରଲାଣ୍ଡକୁ ହେୟଜ୍ଞାନ କରିବା ଉଚିତ୍ ହେବନି ।
>
> – ଡିଡିଅର ଡେସ୍‌ଚାମ୍ପ୍ସ, ଫ୍ରାନ୍ସ ଫୁଟ୍‌ବଲ କୋଚ୍

■ ମିଷ୍ଟର ୟୁନିଭର୍ସ ବିଶ୍ୱ ବଡିବିଲ୍ଡିଂ ଚାମ୍ପିୟନଶିପ୍

# ପଦକ ଆଶାରେ ଜନ୍ମେଜୟ

ଭୁବନେଶ୍ୱର, ୧୬।୧୧(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶାର ଅନ୍ୟତମ ପ୍ରତିଷ୍ଠିତ ବଡିବିଲ୍ଡର ଜନ୍ମେଜୟ ମହାନ୍ତି କ୍ୟାରିୟରର ସବୁଠାରୁ ବଡ଼ ପ୍ରତିଯୋଗିତାରେ ଭାଗନେବାକୁ ଯାଉଛନ୍ତି। ଜର୍ମାନୀର ହାମ୍‌ବର୍ଗଠାରେ ହେବାକୁ ଯାଉଥିବା ମିଷ୍ଟର ୟୁନିଭର୍ସ ବିଶ୍ୱ ବଡିବିଲ୍ଡିଂ ଚାମ୍ପିୟନଶିପ୍‌ରେ ସେ ଭାରତୀୟ ବଡିବିଲ୍ଡିଂ ଫେଡେରେଶନ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ଏହା ଚଳିତ ମାସ ୨୪ରୁ ୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ଭିଜା ଆଦି ସମସ୍ତ ଔପଚାରିକତା ପୂରଣ କରିସାରିଛନ୍ତି ଜନ୍ମେଜୟ। ଭାରତୀୟ ଦଳ ସହ ୨୨ରେ ଯୋଗଦେଇ ୨୩ ତାରିଖରେ ଜର୍ମାନୀ ଯାତ୍ରା କରିବେ। "ଗତମାସରେ ଭାରତୀୟ ବଡିବିଲ୍ଡିଂ ଫେଡେରେଶନ ପକ୍ଷରୁ ଦିଲ୍ଲୀଠାରେ ଏକ ଚୟନ ଟ୍ରାଏଲ ହୋଇଥିଲା। ଏଥିରେ ୨୨ ଜଣ ଅଂଶଗ୍ରହଣ କରିଥିଲେ। ପ୍ରଦର୍ଶନ ଭିତ୍ତିରେ ମିଷ୍ଟର ୟୁନିଭର୍ସ ପାଇଁ ପ୍ରତିଯୋଗୀ ଚୟନ ହୋଇଛନ୍ତି। ଭାରତରୁ ମୋଟ ୧୯ ଜଣ ଏହି ପ୍ରତିଯୋଗିତାରେ ଭାଗନେବେ। ଏମାନଙ୍କ ମଧ୍ୟରେ ୧୨ ପ୍ରତିଯୋଗୀ ଏବଂ ୭ ଅଫିସିଆଲ ସାମିଲ। ଭାରତୀୟ ବଡିବିଲ୍ଡିଂ ଫେଡେରେଶନ ସମ୍ପାଦକ ସୁରେଶ କଦମଙ୍କ କହିବା ଅନୁସାରେ, ଜର୍ମାନୀ ପ୍ରତିଯୋଗିତାରେ ୨୮ଟି ଦେଶର ୨୫୦ରୁ ୩୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ତେଣୁ ପ୍ରତିଯୋଗିତା ନିଶ୍ଚିତ ଟପ୍ ହେବ। ଗତଥର ମୁଁ ଚୟନ ହୋଇଥିଲେ ହେଁ ଭିଜା ସମସ୍ୟା ଯୋଗୁ ଭାଗ ନେଇପାରି ନ ଥିଲି। ଏଥର ପ୍ରଥମଥର ପାଇଁ ଜୀବନର ସବୁଠାରୁ ବଡ଼ ପ୍ରତିଯୋଗିତାରେ ଭାଗନେବାକୁ ଯାଉଥିବାରୁ ବହୁତ ଉତ୍ସାହିତ ଅଛି ଏବଂ ଭଲ ପ୍ରଦର୍ଶନ ପାଇଁ ଆଶା ମଧ୍ୟ ରଖିଛି" ବୋଲି ଶୁକ୍ରବାର ଖବରଦାତା ସମ୍ମିଳନୀରେ କହିଛନ୍ତି ଜନ୍ମେଜୟ। ମିଷ୍ଟର ୟୁନିଭର୍ସ ପ୍ରତିଯୋଗିତା ହାଇଟ୍(ଉଚ୍ଚତା) କାଟେଗୋରିରେ ହେବ। ପ୍ରାୟୋଜକ ନ ଥିବାରୁ ପ୍ରତିଯୋଗିତା ପାଇଁ ରହିବା, ଖାଇବା, ଟିକେଟ ଆଦି ସମସ୍ତ ଖର୍ଚ୍ଚ ଲାଗି ଭାରତୀୟ ଫେଡେରେଶନକୁ ବ୍ୟକ୍ତିଗତ ଭାବେ ୧ ଲକ୍ଷ ୩୦ ହଜାର ଟଙ୍କା ଦେବାକୁ ପଡ଼ିଛି। ମିଷ୍ଟର ଏସିଆରେ ମୁଁ ଟପ୍-୫ରେ ରହିଥିଲି। ଏଥର ମଧ୍ୟ ମୁଁ ଏକ ଭଲ ପୋଜିଶନ ପାଇବା ଆଶାରେ ରହିଛି। ମୋ କ୍ୟାରିୟରର ଏହା ସବୁଠାରୁ ଶ୍ରେଷ୍ଠ ପ୍ରତିଯୋଗିତା। ବଡ଼ ପ୍ରତିଯୋଗିତାକୁ ଦୃଷ୍ଟିରେ ରଖି ମୁଁ ଭଲ ପ୍ରସ୍ତୁତି ମଧ୍ୟ କରିଛି। ତେଣୁ ପଦକ ଜିତିବା ମୋର ମୁଖ୍ୟ ଲକ୍ଷ୍ୟ ରହିବ। ଓଡ଼ିଶାରେ ଏବେ ଓଡ଼ିଶା ବଡିବିଲ୍ଡିଂ ଆଣ୍ଡ ୱେଲ୍‌ଫେୟାର ଆସୋସିଏଶନ ଗଠନ ହୋଇଛି। ତେଣୁ ମୁଁ ଆଗକୁ ଆଉ କଲିକତା ନ ଯାଇ ଏବେ ଓଡ଼ିଶା ଆସୋସିଏଶନ ପକ୍ଷରୁ ହିଁ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇପାରିବି ବୋଲି ସେ କହିଛନ୍ତି। ଖବରଦାତା ସମ୍ମିଳନୀରେ ଜନ୍ମେଜୟଙ୍କ କୋଚ୍ ତଥା ଓଡ଼ିଶା ବଡିବିଲ୍ଡିଂ ଆଣ୍ଡ ୱେଲ୍‌ଫେୟାର ଆସୋସିଏଶନ ସମ୍ପାଦକ ଲଲାଟ କେଶରୀ ପଟ୍ଟନାୟକ ଏବଂ ଅନ୍ୟ ବଡିବିଲ୍ଡରମାନେ ଉପସ୍ଥିତ ଥିଲେ।



କୋଚ୍ ଲଲାଟ କେଶରୀ ପଟ୍ଟନାୟକଙ୍କ ସହ ଜନ୍ମେଜୟ ମହାନ୍ତି (ବାମ)।

## ଦୃଢ଼ ସ୍ଥିତିରେ ଓଡ଼ିଶା

କଟକ ଅଫିସ,୧୬।୧୧

ଗୋଆର ସାନଗୁଏମ୍ କ୍ରିକେଟ ଗ୍ରାଉଣ୍ଡରେ ଚାଲିଥିବା ୨୩ ବର୍ଷରୁ କମ୍ ସି.କେ. ନାଇଡୁ ଟ୍ରଫି ଓଡ଼ିଶା–ଗୋଆ ବିପକ୍ଷ ମ୍ୟାଚ୍‌ର ୩ୟ ଦିବସ ଖେଳ ସୁଦ୍ଧା ଓଡ଼ିଶା ଦ୍ୱିତୀୟ ଇନିଂସ୍ ବ୍ୟାଟିଂ କରି ୪ ଉଇକେଟ ବିନିମୟରେ ୨୦୮ ରନ୍ କରିଛି। ଅଧିନାୟକ ଦେବାଶିଷ ସାମନ୍ତରାୟ ଓ ଉଇକେଟକିପର ଅମ୍ରିତ୍ ଖଟୁଆ ଅର୍ଦ୍ଧଶତକୀୟ ଇନିଂସ୍ ଖେଳିଛନ୍ତି। ଓଡ଼ିଶା ମୋଟ୍ ୨୬୪ ରନ୍‌ର ଅଗ୍ରଣୀ ହାସଲ କରିଥିବା ବେଳେ ଶନିବାର ମ୍ୟାଚ୍‌ର ଅନ୍ତିମ ଦିବସ ରହିଛି। ଏଣୁ ଓଡ଼ିଶା ଗୋଆକୁ ଦ୍ୱିତୀୟ ଇନିଂସ୍ ବ୍ୟାଟିଂର ସୁଯୋଗ ଦେବା ସହ ବିଜୟ ପଏଣ୍ଟ ହାତେଇବାକୁ ଲକ୍ଷ୍ୟ ରଖିବ।

ଓଡ଼ିଶାର ପ୍ରଥମ ଇନିଂସ୍ ୨୯୩ ରନ୍ ଜବାବରେ ଘରୋଇ ଗୋଆ ଦଳ ୨୩୭ ରନ୍‌ରେ ସୀମିତ ରହିଥିଲା । ଶୁକ୍ରବାର ଖେଳ ଆରମ୍ଭରୁ ଓଡ଼ିଶା ଦ୍ୱିତୀୟ ଇନିଂସ୍ ବ୍ୟାଟିଂ ଆରମ୍ଭ କରି ପ୍ରଥମ ଉଇକେଟରେ ୭୧ ରନ୍ ଯୋଡ଼ିଥିଲା। ଓପ୍‌ନର ବିଶ୍ୱଜିତ ଭୂୟାଁ ୩୭ ରନ୍‌ରେ ପ୍ରଥମ ଉଇକେଟ ଭାବେ ପାଭିଲିୟନ ଫେରିବା ପରେ ଅଧିନାୟକ ଦେବାଶିଷ ଓ ଅନ୍ୟତମ ଓପ୍‌ନର ତଥା ଉଇକେଟକିପର ଅମ୍ରିତ୍ ଦ୍ୱିତୀୟ ଉଇକେଟରେ ପୁନର୍ବାର ୭୧ ରନ୍‌ର ଭାଗୀଦାରି ସୃଷ୍ଟି କରିଥିଲେ। ଅମ୍ରିତ ୧୨୮ଟି ବଲ୍‌ରୁ ଓ ଦେବାଶିଷ ୧୧୨ଟି ବଲ୍‌ରୁ ଅର୍ଦ୍ଧଶତକ ହାସଲ କରିଛନ୍ତି। ପରେ ଅମ୍ରିତ(୬୮ରନ୍) ଓ ଦେବାଶିଷ(୫୪ରନ୍) ଅଳ୍ପ ରନ୍ ବ୍ୟବଧାନ ମଧ୍ୟରେ ଆଉଟ ହୋଇଥିଲେ।

## ଡିସେମ୍ବର ୨୮ରୁ ରାଜ୍ୟ ଆଥ୍‌ଲେଟିକ ମିଟ୍

କଟକ ଅଫିସ,୧୬।୧୧

ଓଡ଼ିଶା ଆଥ୍‌ଲେଟିକ ଆସୋସିଏଶନ (ଓଏଏ) ଆନୁକୂଲ୍ୟରେ ଡିସେମ୍ବର ୨୮ରୁ ୩୦ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ବାରବାଟୀ ଷ୍ଟାଡିୟମରେ ୬୬ତମ ରାଜ୍ୟ ଆଥ୍‌ଲେଟିକ ମିଟ୍ ଅନୁଷ୍ଠିତ ହେବ । ଉଭୟ ବାଳିକା, ବାଳକ ବର୍ଗର ୧୪ ବର୍ଷରୁ କମ୍, ୧୬ ବର୍ଷରୁ କମ୍, ୧୮ ବର୍ଷରୁ କମ୍ ଓ ୨୦ ବର୍ଷରୁ କମ୍ ବିଭାଗର ପ୍ରତିଯୋଗିତା ସମେତ ସିନିୟର ପୁରୁଷ ଓ ମହିଳା ବର୍ଗର ପ୍ରତିଯୋଗୀ ମଧ୍ୟ ଭାଗନେବେ । ଏତଦ୍‌ବ୍ୟତୀତ ଡିସେମ୍ବର ୨୨ ଓ ୨୩ ତାରିଖ ଦୁଇଦିନ ଧରି କଟକ ଜିଲା ଆଥ୍‌ଲେଟିକ ମିଟ୍ ବାରବାଟୀରେ ହେବ ବୋଲି ଓଏଏ ସମ୍ପାଦକ ଆଶୀର୍ବାଦ ବେହେରା ସୂଚନା ଦେଇଛନ୍ତି ।

**ବିଶ୍ୱ କ୍ୟାଡେଟ୍ ଚେସ୍**

## ଭାରତକୁ ୨ ସ୍ୱର୍ଣ୍ଣ, ଫେଡେରେଶନକୁ ରୌପ୍ୟ

ଭୁବନେଶ୍ୱର, ୧୬।୧୧(କ୍ରୀଡ଼ା ପ୍ରତିନିଧି)

ସ୍ପେନ୍‌ର ସାଣ୍ଟିଆଗୋଠାରେ ବିଶ୍ୱ କ୍ୟାଡେଟ୍ ଚେସ୍ ଚାମ୍ପିୟନଶିପ୍ (୮, ୧୦, ୧୨ ବର୍ଷରୁ କମ୍ ବାଳିକା–ବାଳକ) ଉଦ୍‌ଯାପିତ ହୋଇଛି। ଏହା ଚଳିତ ମାସ ୩ରୁ ୧୫ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ଏହାର ୬ଟି କାଟେଗୋରିରେ ମୋଟ ୨୧ ଭାରତୀୟ ଖେଳାଳି ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୧୨ ବର୍ଷରୁ କମ୍ ଓପନରେ ଆଇଏମ୍ ଗୁକେଶ ଡି. ୧୧ ରାଉଣ୍ଡରୁ ୧୦ ପଏଣ୍ଟ ଏବଂ ବାଳିକା କାଟେଗୋରିରେ ସବିତାଶ୍ରୀ ୧୧ ରାଉଣ୍ଡରୁ ୧୦ ପଏଣ୍ଟ ହାସଲ କରି ସ୍ୱର୍ଣ୍ଣ ପଦକ ପାଇଛନ୍ତି। ୨ଟି ସ୍ୱର୍ଣ୍ଣ ପଦକ ମିଳିଥିବାରୁ ଭାରତୀୟ ଫେଡେରେଶନ ରୌପ୍ୟ ପଦକ ହାସଲ କରିଛି। ଚାଇନା ଫେଡେରେଶନ ୨ ସ୍ୱର୍ଣ୍ଣ ଓ ୧ ବ୍ରୋଞ୍ଜ ସହ ସ୍ୱର୍ଣ୍ଣ ପଦକ ପାଇଛି। ଆମେରିକା ଫେଡେରେଶନକୁ ବ୍ରୋଞ୍ଜ ପଦକ ମିଳିଛି। ଭାରତୀୟ କ୍ୟାଡେଟ୍ ଦଳର କୋଚ୍ ଦାୟିତ୍ୱ ତୁଲାଇଥିବା ଓଡ଼ିଶାର ଅନ୍ତର୍ଜାତୀୟ ଖେଳାଳି ଅପରାଜିତା ଗୋଚ୍ଛିକାର ଫେଡେରେଶନ ପକ୍ଷରୁ ରୌପ୍ୟ ପଦକ ଗ୍ରହଣ କରିଥିଲେ।



ପୁରସ୍କାର ସହ ସବିତାଶ୍ରୀ, ଅପରାଜିତା ଗୋଚ୍ଛିକାର ଓ ଗୁକେଶ ଡି.।

## ଆକାଶଙ୍କୁ ସିନିୟର ସ୍ନୁକର ଟାଇଟଲ୍

କଟକ ଅଫିସ, ୧୬।୧୧

କଟକ କ୍ଲବରେ ଚାଲିଥିବା ରାଜ୍ୟ ସିନିୟର ସ୍ନୁକର ଚାମ୍ପିୟନଶିପ୍‌ରେ ଆକାଶ ମହାପାତ୍ର ଟାଇଟଲ ବିଜୟୀ ହୋଇଛନ୍ତି। ସଂଘର୍ଷପୂର୍ଣ୍ଣ ଫାଇନାଲରେ ସୁବ୍ରତ ଦାସଙ୍କୁ ୬–୪ ଫ୍ରେମରେ ପରାସ୍ତ କରି ଆକାଶ ତାଙ୍କ କ୍ୟାରିୟରର ପ୍ରଥମ ରାଜ୍ୟ ର୍‍ୟାଙ୍କିଂ ଟାଇଟଲ ଜିତିଛନ୍ତି। ପ୍ରଥମ ୭ଟି ଫ୍ରେମରୁ ଆକାଶ ୩ଟି ଓ ସୁବ୍ରତ ୪ଟି ବିଜୟୀ ହୋଇଥିଲେ। ମାତ୍ର ଏହା ପରବର୍ତ୍ତୀ ୩ଟି ଯାକ ଫ୍ରେମ (୬୮–୩୧, ୬୮–୨୩, ୫୬–୧୪)ରେ ଆକାଶ ଏକତରଫା ଭାବେ ବିଜୟୀ ହୋଇ ଏହି ସଫଳତା ପାଇଛନ୍ତି। ଦି ବିଲିୟାର୍ଡ୍ସ ଆଣ୍ଡ ସ୍ନୁକର ଆସୋସିଏଶନ ଅଫ ଓଡ଼ିଶା(ବିଏସ୍‌ଏଓ) ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଚାଲିଥିଲା। ଉଦ୍‌ଯାପନୀ ତଥା ପୁରସ୍କାର ବିତରଣ ଉତ୍ସବରେ ଆସୋସିଏଶନ ସମ୍ପାଦକ ଶ୍ରୀମୟ କର, କଟକ କ୍ଲବ ସଭାପତି ରାଜ କୁମାର ସାହୁକା, ସମ୍ପାଦକ ଡ. ଦେବାନନ୍ଦ ମହାପାତ୍ର, ଯୁଗ୍ମ ସମ୍ପାଦକ ସିଦ୍ଧାର୍ଥ ସେନ୍, ପ୍ରତିଯୋଗିତା ଆୟୋଜକ କମିଟି ମୁଖ୍ୟ ଗୋବିନ୍ଦ ଶର୍ମା, ବରିଷ୍ଠ ଖେଳାଳି ରଜ୍‌ନିଶ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଟୁର୍ନାମେଣ୍ଟର ଜୁନିୟର, ସିନିୟର ବିଲିୟାର୍ଡ୍ସ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା ।




ଟ୍ରଫି ସହ ଆକାଶ ମହାପାତ୍ର ଓ ସୁବ୍ରତ ଦାସ।

## ଡୁ'ପ୍ଲେସିଙ୍କ ଅବସର ସୂଚନା

ବ୍ରିସ୍‌ବେନ, ୧୬।୧୧ (ଏଏଫ୍‌ପି)

ଦକ୍ଷିଣ ଆଫ୍ରିକା କ୍ରିକେଟ ଅଧିନାୟକ ଫାଫ୍ ଡୁ'ପ୍ଲେସି ତାଙ୍କ ଅବସର ସମ୍ପର୍କରେ ସୂଚନା ଦେଇଛନ୍ତି। ଆଉ ଦୁଇ ବର୍ଷ ପରେ ଅଷ୍ଟ୍ରେଲିଆରେ ହେବାକୁଥିବା ଟି୨୦ ବିଶ୍ୱକପ୍‌ରେ ତାଙ୍କ ଅନ୍ତର୍ଜାତୀୟ କ୍ୟାରିୟରର ଅବସାନ ଘଟିବ ବୋଲି ସେ କହିଛନ୍ତି। ୩୪ ବର୍ଷୀୟ ଏହି କ୍ରିକେଟର ୨୦୧୪ ଓ ୨୦୧୬ରେ ଦୁଇଟି ଟି୨୦ ବିଶ୍ୱକପ୍‌ରେ ନିଜ ଦେଶର ନେତୃତ୍ୱ ନେଇଛନ୍ତି। ଏହି ଟୁର୍ନାମେଣ୍ଟରେ ତୃତୀୟ ଥର ଖେଳିବା ତାଙ୍କର ଅଭିଳାଷ ରହିଛି। ୨୦୧୨ରେ ଟି୨୦ ପଦାର୍ପଣ କରିଥିବା ଡୁ'ପ୍ଲେସି ତିନୋଟି ଫର୍ମାଟରେ ଦକ୍ଷିଣ ଆଫ୍ରିକା କ୍ରିକେଟ ଦଳର ଅଧିନାୟକତ୍ୱ କରୁଛନ୍ତି। ଦେଶ ତରଫରୁ ସେ ଏପର୍ଯ୍ୟନ୍ତ ୪୧ଥର ପ୍ରତିନିଧିତ୍ୱ କରି ୩୫.୩୪ ଆଭରେଜରେ ୧,୨୩୪ ରନ କରିଛନ୍ତି।

## ହକି ବିଶ୍ୱକପ୍ ଲାଗି ପାକିସ୍ତାନ ଦଳ ଘୋଷିତ

କରାଚୀ,୧୬।୧୧(ପି.ଟି.)

ପାକିସ୍ତାନ ହକି ଫେଡେରେଶନ (ପିଏଚ୍‌ଏଫ୍)ପକ୍ଷରୁ ଓଡ଼ିଶାର ରାଜଧାନୀ ଭୁବନେଶ୍ୱରରେ ହେବାକୁ ଥିବା ହକି ବିଶ୍ୱକପ୍ ଲାଗି ଶୁକ୍ରବାର ଦଳ ଘୋଷଣା କରାଯାଇଛି। ମହମ୍ମଦ ରିଜୱାନ ସିନିୟରଙ୍କ ନେତୃତ୍ୱାଧୀନ ଏସିଆନ ଚାମ୍ପିୟନ୍ସ ଟ୍ରଫି ବିଜେତା ଦଳରେ କେବଳ ଗୋଟିଏ ପରିବର୍ତ୍ତନ କରାଯାଇଛି। ଦଳର ରିଜୱାନ ଜୁନିୟରଙ୍କୁ ବାଦ୍ ଦିଆଯାଇ ଅଭିଜ୍ଞ ରଶିଦ ମେହମୁଦଙ୍କୁ ସ୍ଥାନ ଦିଆଯାଇଛି। ଇସଲାହୁଦ୍ଦିନଙ୍କ ପ୍ରତିନିଧିତ୍ୱରେ ପାକିସ୍ତାନ ଦଳ ୧୯୭୧ ଓ ୭୮ରେ ବିଶ୍ୱକପ ଜିତିଥିଲା। ଅନ୍ତିମ ଥର ୧୯୯୪ରେ ପାକିସ୍ତାନ ବିଶ୍ୱକପ୍ ଜିତିଥିଲା। କିନ୍ତୁ ଏହାପରେ ପାକିସ୍ତାନ ଦଳ ବିଶ୍ୱକପ୍ ଇଭେଣ୍ଟର ନିମ୍ନମାନର ପ୍ରଦର୍ଶନ ଜାରି ରଖିଛି। ଏପରି କି ୨୦୧୪ରେ ଦଳ ଯୋଗ୍ୟତା ଅର୍ଜନ କରିପାରି ନ ଥିଲା। ୨୦୧୦ ଇଭେଣ୍ଟରେ ଦଳ ଶେଷରେ ରହିଥିଲା। ଚଳିତ ମାସ ୨୮ରୁ ଡିସେମ୍ବର ୧୬ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମଠାରେ ହେବାକୁ ଥିବା ୧୪ତମ ସଂସ୍କରଣରେ ୧୬ ଦେଶ ଅଂଶଗ୍ରହଣ କରିବେ। ପାକିସ୍ତାନ ଦଳ ଜର୍ମାନୀ ଓ ନେଦରଲାଣ୍ଡ ଭଳି ଶକ୍ତିଶାଳୀ ଦଳ ସହ ଲିଗ୍ ମ୍ୟାଚ୍ ଖେଳିବ।

**ପାକିସ୍ତାନ ଦଳ**

ଇମରାନ ବଟ ଓ ମଝାର ଆବାସ (ଗୋଲକିପର), ମହମ୍ମଦ ଇର୍ଫାନ ସିନିୟର, ଅଲିମ ବିଲାଲ, ମୁବାଶର ଅଲି, ମହମ୍ମଦ ତୌସିକ ଅର୍ଶାଦ, ତାସାୱାର ଆବାସ, ରଶିଦ ମେହମୁଦ, ଇଜାଜ ଅହମ୍ମଦ, ମହମ୍ମଦ ଶକିଲ ବଟ(ଉପଅଧିନାୟକ), ମହମ୍ମଦ ଇର୍ଫାନ ଜୁନିୟର, ମହମ୍ମଦ ରିଜୱାନ, ସିନିୟର (ଅଧିନାୟକ), ଅଲି ଶାହ, ଫୈଜଲ କାଦିର, ଅବୁବେକର ମେହମୁଦ, ଉମର ଭୁଟା, ମହମ୍ମଦ ଆତିକ ଅର୍ଶାଦ ଓ ମହମ୍ମଦ ଜୁବେର।

# ଯୁବ ଡିଫେଣ୍ଡର ବରୁଣ କୁମାର



ଜଣେ ଡିଫେଣ୍ଡର ହିସାବରେ ବରୁଣ କୁମାର ଭାରତୀୟ ହକି ଦଳରେ ସ୍ଥାନ ପକ୍କା କରିଛନ୍ତି। ଆଗାମୀ ହକି ବିଶ୍ୱକପ୍‌ରେ ତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିବ ବୋଲି ଭାରତୀୟ ଦଳର ମୁଖ୍ୟ କୋଚ୍ ହରେନ୍ଦ୍ର ସିଂ କହିଛନ୍ତି। ପଞ୍ଜାବରେ ଜନ୍ମଗ୍ରହଣ କରିଥିବା ବରୁଣ ସ୍କୁଲରେ ପଢୁଥିବା ବେଳେ ହକି ଖେଳିବା ଆରମ୍ଭ କରିଥିଲେ। ୨୦୧୨ ଜୁନିୟର ନ୍ୟାଶନାଲ ଚାମ୍ପିୟନଶିପ୍‌ରେ ସେ ନିଜ ରାଜ୍ୟ ପଞ୍ଜାବ ତରଫରୁ ପ୍ରତିନିଧିତ୍ୱ କରିଥିଲେ ଓ ଦମ୍‌ଦାର ପ୍ରଦର୍ଶନ କରି ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଫଳରେ ତାଙ୍କୁ ଜୁନିୟର ଦଳରେ ସାମିଲ କରାଯାଇଥିଲା। ଏହାପରେ ସେ ଆଘାତ ସମସ୍ୟାର ଶିକାର ହୋଇଥିଲେ ଓ ଦୁଇବର୍ଷ ଖେଳରୁ ଦୂରେଇ ରହିଥିଲେ। ଏହାପରେ ୨୦୧୪ ଜୁନିୟର ଜାତୀୟ ଚାମ୍ପିୟନଶିପ୍‌ରେ ସେ ଉନ୍ନତ ପ୍ରଦର୍ଶନ କରି ପୁଣି ଥରେ ଜାତୀୟ ଜୁନିୟର ଦଳକୁ ପ୍ରତ୍ୟାବର୍ତ୍ତନ କରିଥିଲେ।

ଏହାପରେ ହାଇପ୍ରୋଫାଇଲ ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ରେ ଖେଳିବାର ସୁଯୋଗ ହାସଲ କରିଥିଲେ। ପଞ୍ଜାବ ୱାରିୟର୍ସ ପାଇଁ ସେ ଖେଳିବାକୁ ଚୁକ୍ତିବଦ୍ଧ ହୋଇଥିଲେ। ପଞ୍ଜାବ ପକ୍ଷରୁ ସେ ୨୦୧୪ଓପରେ ୨୦୨୫, ୨୦୧୬ସେସନ ପାଇଁ ମଧ୍ୟ ଏହି ଲିଗ୍ ଖେଳିଥିଲେ। ସ୍ପେନ୍‌ରେ ଖେଳାଯାଇଥିବା ଏକ ଚତୁଃରାଷ୍ଟ୍ରୀୟ ଟୁର୍ନାମେଣ୍ଟରେ ସେ ଭାରତୀୟ ଜୁନିୟର ଦଳ ତରଫରୁ ପ୍ରତିନିଧିତ୍ୱ କରିଥିଲେ। ଭଲ ପ୍ରଦର୍ଶନ କରି ଚୟନକର୍ତ୍ତାଙ୍କୁ ପ୍ରଭାବିତ କରିବା ସହ ସେ ଜୁନିୟର ବିଶ୍ୱକପ୍ ଖେଳିବାର ସୁଯୋଗ ହାସଲ କରିଥିଲେ।

ବରୁଣଙ୍କ ସିନିୟର ଆନ୍ତର୍ଜାତିକ କ୍ୟାରିୟର ସେତେ ଦୀର୍ଘ ହୋଇ ନ ଥିଲେ ମଧ୍ୟ ପ୍ରତିଭା ଓ ଦକ୍ଷତା କାରଣରୁ ବିଶ୍ୱକପ୍ ଦଳରେ ସ୍ଥାନ ହାସଲ କରିଛନ୍ତି। ଜଣେ ଯୁବ ଡିଫେଣ୍ଡର ହିସାବରେ ସେ ଆଗାମୀ ବିଶ୍ୱକପ୍‌ରେ ଭାରତ ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ ବୋଲି ଆଶା କରାଯାଉଛି।

୨୦୧୭ରେ ଢାକାରେ ଅନୁଷ୍ଠିତ ଏସିଆ କପ୍‌ରେ ସେ ଭାରତୀୟ ଦଳ ତରଫରୁ ପ୍ରତିନିଧିତ୍ୱ କରିଥିଲେ ଓ ଏହି ଟୁର୍ନାମେଣ୍ଟରେ ଭାରତ ସ୍ୱର୍ଣ୍ଣ ପଦକ ହାସଲ କରିଥିଲା। ଆନ୍ତର୍ଜାତିକସ୍ତରରେ ଏହା ଥିଲା ତାଙ୍କ କ୍ୟାରିୟରର ପ୍ରଥମ ବଡ଼ ସଫଳତା। ଏହାପରେ ୨୦୧୮ରେ ବ୍ରେଡାରେ ଖେଳାଯାଇଥିବା ଚାମ୍ପିୟନ୍ସ ଟ୍ରଫିରେ ଭାରତ ରନର୍ସଅପ୍ ହୋଇ ରୌପ୍ୟ ପଦକ ହାସଲ କରିଥିଲା। ସେ ମଧ୍ୟ ଏହି ଭାରତୀୟ ଦଳର ସଦସ୍ୟ ଥିଲେ।

୨୦୧୬ରେ ଲକ୍ଷ୍ନୌରେ ଅନୁଷ୍ଠିତ ପୁରୁଷ ଜୁନିୟର ହକି ବିଶ୍ୱକପ୍‌ର ୧୧ତମ ସଂସ୍କରଣ ବରୁଣଙ୍କ ପାଇଁ ସ୍ମରଣୀୟ ହୋଇ ରହିବ। ଡିସେମ୍ବର ୮ରୁ ୧୮ ତାରିଖ ମଧ୍ୟରେ ଖେଳାଯାଇଥିବା ଏହି ମେଗା ଇଭେଣ୍ଟରେ ଭାରତ ଫାଇନାଲରେ ବେଲ୍‌ଜିୟମକୁ ୨–୧ ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ଭାରତର ଏହି ସଫଳତା ପଛରେ ବରୁଣଙ୍କର ପ୍ରଚ୍ଛନ୍ନ ହାତ ରହିଥିଲା। ଜଣେ ଡିଫେଣ୍ଡର ଓ ଡ୍ରାଗ ଫ୍ଲିକର ହିସାବରେ ଭାରତୀୟ ଜୁନିୟର ଦଳରେ ବେଶ୍ ପ୍ରଭାବୀ ପ୍ରଦର୍ଶନ କରିଥିବା ବରୁଣ ୨୦୧୨ରେ ଅନୁଷ୍ଠିତ ଜୁନିୟର ଜାତୀୟ ଚାମ୍ପିୟନଶିପ୍‌ରେ ବେଶ୍ ଉଚ୍ଚକୋଟୀର ପ୍ରଦର୍ଶନ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତେବେ ଇଞ୍ଜୁରି କାରଣରୁ ସେ ଦଳରୁ ବାରମ୍ବାର ବାଦ୍ ପଡିଥିଲେ। ୩ଥର ଦଳକୁ ଫେରିବା ପାଇଁ ସେ ପ୍ରୟାସ କରିଛନ୍ତି। ବରୁଣ ଏବେ ଭାରତୀୟ ଦଳ ପାଇଁ ଅପରିହାର୍ଯ୍ୟ ହୋଇପଡିଛନ୍ତି। ୨୦୧୬ରେ ଭାଲେନ୍ସିଆରେ ଖେଳାଯାଇଥିବା ଚତୁଃରାଷ୍ଟ୍ରୀୟ ଟୁର୍ନାମେଣ୍ଟରେ ସେ ଦମ୍‌ଦାର ପ୍ରଦର୍ଶନ କରିଥିଲେ ଓ ଭାରତକୁ ଚାମ୍ପିୟନ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଦଳର ସିନିୟର ଖେଳାଳି ମନପ୍ରୀତ ସିଂଙ୍କ ଖେଳ ଦେଖି ବରୁଣ ହକି ଖେଳିବା ଆରମ୍ଭ କରିଥିଲେ।

ଷଷ୍ଠ ଶ୍ରେଣୀରେ ପଢୁଥିବା ବେଳେ ବରୁଣ ଗାଁରେ ହକି ଖେଳିବା ଆରମ୍ଭ କରିଥିଲେ। ମନପ୍ରୀତ ସିଂ ମୋତେ ଗାଇଡ୍ କରିଥିଲେ ଓ ହକି ଖେଳିବା ପାଇଁ ଉତ୍ସାହିତ କରିଥିଲେ। ମନପ୍ରୀତ ମୋ ଗାଇଡ ଓ ମେଣ୍ଟର ବୋଲି ବରୁଣ କୁହନ୍ତି। ବରୁଣ ଓ ମନପ୍ରୀତ୍ ଗୋଟିଏ ସ୍କୁଲରେ ପଢୁଥିଲେ। ୨୦୦୭ରେ ଜଳନ୍ଧରର ସୁର୍ଜିତ ଏକାଡେମୀରେ ଭର୍ତ୍ତି ହେବା ତାଙ୍କ କ୍ୟାରିୟରର ମୋଡ଼ ବଦଳାଇ ଦେଇଥିଲା। ଏହାପରେ ସେ ଜାତୀୟ ଜୁନିୟର ଓ ସିନିୟର ଦଳ ତରଫରୁ ପ୍ରତିନିଧିତ୍ୱ କରିବାର ସୁଯୋଗ ହାସଲ କରିଥିଲେ। ତେବେ ଆରମ୍ଭରୁ ସେ ଅଭାବ ଅନଟନର ସମ୍ମୁଖୀନ ହୋଇଥିଲେ ଓ ଏଥିପାଇଁ ତାଙ୍କୁ ବେଶ୍ ସଂଘର୍ଷ କରିବାକୁ ପଡିଥିଲା। ପିଲାବେଳେ ସେ ଶ୍ରମିକ ଭାବେ କାର୍ଯ୍ୟ କରିଥିଲେ। ବରୁଣଙ୍କ ପିତା ବ୍ରହ୍ମାନନ୍ଦ ଜଣେ ଟ୍ରକ୍ ଡ୍ରାଇଭର। ହକି ଖେଳିବା ଆରମ୍ଭ କରି ନ ଥିବା ବେଳେ ତାଙ୍କ ବଡ଼ଭାଇ ରୋଜଗାରକ୍ଷମ ହୋଇ ନ ଥିଲେ। ପ୍ରତ୍ୟେକ ଟ୍ରିପ୍‌ରେ ତାଙ୍କ ପିତା ମାତ୍ର ୫୦୦୦ ଟଙ୍କା ରୋଜଗାର କରୁଥିଲେ। ଏଥିପାଇଁ ବରୁଣଙ୍କ ପିତାଙ୍କୁ ଦେଶର ପୂର୍ବଉପକୂଳବର୍ତ୍ତୀ ଅଞ୍ଚଳ ଓ ଓଡ଼ିଶା ଏବଂ ଝାଡଖଣ୍ଡ ଭଳି ରାଜ୍ୟକୁ ଟ୍ରକ ନେବାକୁ ହେଉଥିଲା। ଭାରତୀୟ ସେନାରେ ଯୋଗ ଦେବା ପରେ ଅବଶ୍ୟ ଆଉ ଆର୍ଥିକ ସମସ୍ୟା ନାହିଁ। ହକି ଖେଳିବା କାରଣରୁ ତାଙ୍କ ପଢାରେ କ୍ଷତି ହୋଇଛି ବୋଲି ବରୁଣ ସ୍ୱୀକାର କରିଛନ୍ତି। ସ୍କୁଲ ପରେ ସେ ଏବେ ଜଳନ୍ଧର ଡିଏଭି କଲେଜରେ ପାଠପଢା ଚାଲୁ ରଖିଛନ୍ତି। ଆସନ୍ତା ୨୮ ତାରିଖରୁ କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହେବାକୁଥିବା ହକି ବିଶ୍ୱକପ୍‌ରେ ଭଲ ପ୍ରଦର୍ଶନ କରି ଭାରତକୁ ଜିତାଇବାକୁ ପ୍ରୟାସ କରିବି ବୋଲି ସେ କହିଛନ୍ତି।

### ସଂକ୍ଷେପରେ...

- ପୂରା ନାମ: ବରୁଣ କୁମାର
- ଜନ୍ମସ୍ଥାନ: ମିଠାପୁର, ଜଳନ୍ଧର, ପଞ୍ଜାବ
- ବୟସ: ୨୩ ବର୍ଷ
- ପ୍ଲେଇଙ୍ଗ୍ ପୋଜିଶନ: ଡିଫେଣ୍ଡର

**ମେଡାଲ ରେକର୍ଡ**

- ୨୦୧୭ ଢାକା, ଏସିଆ କପ୍- ସ୍ୱର୍ଣ୍ଣ
- ୨୦୧୮ ବ୍ରେଡା, ଚାମ୍ପିୟନ୍ସ ଟ୍ରଫି- ରୌପ୍ୟ
- ହକି ଇଣ୍ଡିଆ ଲିଗ୍ ଦଳ- ପଞ୍ଜାବ ୱାରିୟର୍ସ



ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଶନିବାର, ନଭେମ୍ବର ୧୭/୨୦୧୮ Bhubaneswar, Saturday, November 17 / 2018

■ ବ୍ରହ୍ମ ବିଭ୍ରାଟ ପ୍ରସଙ୍ଗ

# ଶ୍ରୀମନ୍ଦିର ପ୍ରଶାସନ ଉପରେ ବର୍ଷିଲେ ଶଙ୍କରାଚାର୍ଯ୍ୟ

**'ମୋ ସହ ଆଲୋଚନା କଲେ ବାହାରିବ ସମାଧାନର ସୂତ୍ର'**

ପୁରୀ ଅଫିସ,୧୬।୧୧

ବିଭିନ୍ନ ପ୍ରସଙ୍ଗକୁ ନେଇ ଗତ ୩ ବର୍ଷ ଧରି ବଦନାମ ହେବାରେ ଲାଗିଛି ଶ୍ରୀମନ୍ଦିର। ଦିନକୁ ଦିନ ଧାର୍ମିକ ଓ ପ୍ରଶାସନିକ ପ୍ରସଙ୍ଗକୁ ନେଇ ବିଭିନ୍ନ ବିବାଦ ମୁଣ୍ଡ ଟେକୁଛି। ଶ୍ରୀମନ୍ଦିର, ଶ୍ରୀକ୍ଷେତ୍ର, ସେବାୟତ ସମସ୍ତେ ବଦନାମ ହେଉଛନ୍ତି। ଶ୍ରୀମନ୍ଦିରରେ ଧାଡ଼ିଦର୍ଶନକୁ ନେଇ ଗତ ଅକ୍ଟୋବର ୩ରେ ପୁରୀ ବନ୍ଦ ବେଳେ ଘଟିଥିବା ହିଂସା ସବୁ ସୀମା ସରହଦକୁ ଅତିକ୍ରମ କରିଛି। ଏହି ପ୍ରସଙ୍ଗ ଥମି ନ ଥିବାବେଳେ ପୁଣି ପୁରୁଣା ବ୍ରହ୍ମ ବିଭ୍ରାଟ ଏବଂ ଦାରୁ ଚୟନ ପ୍ରସଙ୍ଗ ଏବେ ସତେଜ ହୋଇଛି। ଶ୍ରୀମନ୍ଦିର ପ୍ରଶାସନ ବ୍ରହ୍ମ ବିଭ୍ରାଟ ଘଟଣାରେ ନୋଟିସ ଜାରି କରିବା ପରେ ମହାରଣା ସେବକ କୃଷ୍ଣଚନ୍ଦ୍ର ମହାରଣା ଦାରୁ ଚୟନ ଏବଂ ମାନକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଏହାକୁ ନେଇ ବିଭିନ୍ନ ରାଜନୈତିକ ଦଳ ଆରୋପ ପ୍ରତ୍ୟାରୋପ ଚଳାଇଥିବା ବେଳେ ଏ ସମ୍ପର୍କରେ ମତ ରଖିଛନ୍ତି ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ। ଶୁକ୍ରବାର ଖବରଦାତାଙ୍କ ଏ ସମ୍ପର୍କିତ ପ୍ରଶ୍ନରେ ଶଙ୍କରାଚାର୍ଯ୍ୟ କହିଛନ୍ତି ଯେ, ଧାର୍ମିକ, ଆଧ୍ୟାତ୍ମିକ କ୍ଷେତ୍ରରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ନ୍ୟାୟାଧୀଶ ହୋଇଥିବା ବେଳେ ଶ୍ରୀମନ୍ଦିର ପ୍ରଶାସନ ତାଙ୍କ ସହ ଏହି ସମସ୍ୟା ନେଇ କୌଣସି ପ୍ରକାର ଆଲୋଚନା କରିନାହିଁ। ଯଦି ଏହି ସମସ୍ୟା ନେଇ ଆଲୋଚନା କରିବ ସମାଧାନର ସୂତ୍ର ନିଶ୍ଚିତ ବାହାରିବ। କ୍ଷୀର ପାଣି ସବୁ ଅଲଗା ହୋଇଯିବ। ଶ୍ରୀମନ୍ଦିର ପ୍ରଶାସନ ଦିଶାହୀନ ହୋଇପଡ଼ିଛି। ମନ୍ଦିର ପରିଚାଳନା କମିଟି କାହିଁକି ଶୋଇପଡ଼ିଛି ବୋଲି ପ୍ରଶ୍ନ କରିବା ସହ ଏହି ସମସ୍ୟା ମୋ ପାଖରେ ପହଞ୍ଚିଲେ ସମାଧାନର ସୂତ୍ର ନିଶ୍ଚିତ ବାହାରିବ ବୋଲି ଶଙ୍କରାଚାର୍ଯ୍ୟ କହିଛନ୍ତି।

# ମାଙ୍କଡ଼ କାମୁଡ଼ାରେ ହବିଷିଆଳି ଆହତ: ୨ ହସ୍ପିଟାଲରେ ଭର୍ତ୍ତି

ପୁରୀ ଅଫିସ,୧୬।୧୧

ଆଶ୍ରୟସ୍ଥଳରେ ରହି କାର୍ତ୍ତିକ ବ୍ରତ ପାଳନ କରୁଥିବା ହବିଷିଆଳିଙ୍କ ମଧ୍ୟରୁ ଶୁକ୍ରବାର ଜଣେ ହବିଷିଆଳି ମାଙ୍କଡ଼ କାମୁଡ଼ାରେ ଆହତ ହୋଇଛନ୍ତି। ମୋଚିସାହିସ୍ଥିତ ପୌର କଲ୍ୟାଣମଣ୍ଡପରେ ରହୁଥିବା ଖୋର୍ଦ୍ଧା ଜିଲା ସିକୋର ଶୁଭମଣି ଡାନସିଂ (୬୮)ଙ୍କୁ ସକାଳେ ଏକ ମାଙ୍କଡ଼ କାମୁଡ଼ି ଦେଇଥିଲା। ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସି ସେ ଚିକିତ୍ସିତ ହୋଇ ଫେରିଛନ୍ତି। ସେହିପରି ଅସୁସ୍ଥ ୯ ଜଣ ହବିଷିଆଳି ହସ୍ପିଟାଲକୁ ଆସିଥିବା ବେଳେ ୭ ଜଣ ଡାକ୍ତରୀ ପରାମର୍ଶ ସହ ଔଷଧପତ୍ର ନେଇ ଆଶ୍ରୟସ୍ଥଳ ଫେରିଛନ୍ତି। ୨ ଜଣ ହବିଷିଆଳି ହସ୍ପିଟାଲରେ ରହି ଚିକିତ୍ସିତ ହେଉଛନ୍ତି। ସେମାନେ ହେଲେ ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସରେ ରହୁଥିବା କଣାସର ରଙ୍ଗଲତା ଦେଇ (୬୩) ଏବଂ ପୁରୀ ବାଲିକୁଦ ସାହିର ଦୁର୍ଗାମଣି ଜେନା (୭୧)। ଦୁହେଁ ଜ୍ୱରରେ ଆକ୍ରାନ୍ତ ହୋଇଥିବା ହସ୍ପିଟାଲ ସୂତ୍ରରୁ ଜଣାପଡ଼ିଛି।




■ ଗୋ ସେବା ସବୁଠୁ ପୁଣ୍ୟ ସେବା

# ଗୋ ମାଂସ ଭକ୍ଷଣ ଜଘନ୍ୟ ଅପରାଧ

ପୁରୀ ଅଫିସ, ୧୬।୧୧

ଗୋ ବଂଶ ଭାରତୀୟ ସଂସ୍କୃତି ଓ ପରମ୍ପରାର ପ୍ରତୀକ। ଭଗବାନ ଶ୍ରୀକୃଷ୍ଣ ସର୍ବପ୍ରଥମେ ଗୋ ଚାରଣ ଲୀଳା ସମ୍ପନ୍ନ କରିଥିଲେ। ଗୋ ସେବା ହେଉଛି ସବୁଠୁ ପୁଣ୍ୟ ସେବା। ହେଲେ ବର୍ତ୍ତମାନ ଭାରତରେ ଗୋ ସମ୍ପଦ ଅସୁରକ୍ଷିତ ହୋଇପଡ଼ିଛନ୍ତି। ଏମାନଙ୍କ ସୁରକ୍ଷା ଜରୁରୀ ହୋଇପଡ଼ିଛି ବୋଲି କହିଛନ୍ତି ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ। ଶୁକ୍ରବାର ଗୋବର୍ଦ୍ଧନ ମଠରେ ଗୋଷ୍ଠାଷ୍ଟମୀ ଉତ୍ସବ ପାଳନ ଅବସରରେ ଶଙ୍କରାଚାର୍ଯ୍ୟ କହିଥିଲେ ଯେ, ଗୋ ବଂଶକୁ ସୁରକ୍ଷା ଦେବାରେ ଦୃଢ଼ ଇଚ୍ଛାଶକ୍ତି ଦରକାର। ଭଗବତପାଦ ଆଦି ଶଙ୍କରାଚାର୍ଯ୍ୟ ଗୋ ବଂଶ ସୁରକ୍ଷା ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ପୀଠର ନାମ ଗୋବର୍ଦ୍ଧନ ମଠ ରଖିଥିଲେ। ଏଣୁ ଗୋ ସମ୍ପଦର ସୁରକ୍ଷା ଲାଗି ମଠର ଶଙ୍କରାଚାର୍ଯ୍ୟମାନେ ସମାଜକୁ ମାର୍ଗଦର୍ଶନ କରିବାର ଆବଶ୍ୟକତା ରହିଛି। ପୂର୍ବ ଶଙ୍କରାଚାର୍ଯ୍ୟ ନିରଞ୍ଜନ ଦେବ ତୀର୍ଥ ମହାରାଜ ୧୯୬୭ରେ ଗୋ ବଂଶର ରକ୍ଷା ଲାଗି ୭୨ ଦିନ ଅନଶନ କରିଥିଲେ। ଗୋ ହତ୍ୟା ସମ୍ପୂର୍ଣ୍ଣ ବନ୍ଦ ନ ହେବା ପର୍ଯ୍ୟନ୍ତ ସେ ଅନ୍ନ, ଜଳ ଗ୍ରହଣ କରିବେ ନାହିଁ ବୋଲି ସଂକଳ୍ପ କରିଥିଲେ। ଗୋ ବଂଶର ସୁରକ୍ଷା ପାଇଁ ୧୯୬୬-୬୭ରେ ମୁଁ ୫୨ ଦିନ ତିହାର ଜେଲରେ ରହିଥିଲି। ବର୍ତ୍ତମାନ ଏହି ମଠରେ ଗୋ ବଂଶଙ୍କ ସୁରକ୍ଷା ଲାଗି କାର୍ଯ୍ୟ ଚାଲିଛି ଏବଂ ଆଗକୁ ମଧ୍ୟ ଜାରି ରହିବ। କୃଷି ଏବଂ ବାଣିଜ୍ୟରେ ଗୋ ସମ୍ପଦଙ୍କ ବ୍ୟବହାର ବହୁଳ ଭାବେ କରାଯିବା ଦରକାର। କିନ୍ତୁ ଏବେ କୃଷିରେ ଟ୍ରାକ୍ଟର ବ୍ୟବହାର କରାଯାଉଛି। ସେହିପରି ବିଭିନ୍ନ ପ୍ରକାର କୀଟନାଶକ ପକାଯାଇ ଜମିର ଉର୍ବରତା ନଷ୍ଟ କରାଯାଉଛି। ଭାରତରେ ଦିନକୁ ଦିନ ଗୋ ହତ୍ୟା ବଢ଼ିବାରେ ଲାଗିଛି। ଗୋ ମାଂସ ଭକ୍ଷଣ ଅତ୍ୟନ୍ତ ଜଘନ୍ୟ ଅପରାଧ ଏବଂ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। ତେଣୁ ଗୋ ସମ୍ପଦଙ୍କୁ ହତ୍ୟା ନୁହେଁ ସେମାନଙ୍କ ସୁରକ୍ଷା ଲାଗି ସମସ୍ତେ ଆଗେଇ ଆସିବା ଉଚିତ ବୋଲି ଶଙ୍କରାଚାର୍ଯ୍ୟ ଆହ୍ୱାନ ଦେଇଥିଲେ।











ଯେଉଁ ଲୋକ ବିରୋଧରେ କେହି କେବେ ଦୋଷାରୋପ କରିନାହାଁନ୍ତି, ସେ ଯଦି ତୁମକୁ ସମାଲୋଚନା କରେ ତେବେ ତୁମେ ପ୍ରକୃତରେ ଭାଗ୍ୟବାନ।
-ଜର୍ଜ ଇଲିଅଟ



## ସଂକ୍ଷେପରେ

### ଅଜଣା ଗାଡ଼ି ଧକ୍କାରେ ଗୁରୁତର ବୃଦ୍ଧଙ୍କ ମୃତ୍ୟୁ

**ନରସିଂହପୁର,୧୬।୧୧(ଡି.ଏନ.ଏ.):** ନରସିଂହପୁର ଥାନା ନଖପଡ଼ା ଛକରେ ଗୁରୁବାର ବିଳମ୍ବିତ ରାତିରେ ଅଜଣା ଗାଡି ଧକ୍କାରେ ଗୁରୁତର ହୋଇଥିବା ଜଣେ ବୃଦ୍ଧଙ୍କ ଶୁକ୍ରବାର ସକାଳେ ମୃତ୍ୟୁ ଘଟିଛି। ମୃତକ ହେଲେ ବାଙ୍କୀ ବ୍ଲକ ବୈଦେଶ୍ୱର ଥାନା ପୁରୁଣା ପାଣି ଗ୍ରାମର ପ୍ରଫୁଲ୍ଲ ଖାଡ଼ଙ୍ଗା। ରାସ୍ତାପାର ହେଉଥିବା ସମୟରେ ତାଙ୍କୁ ଅଜଣା ଗାଡ଼ି ଧକ୍କା ଦେଇଥିଲା। ଫଳରେ ସେ ଘଟଣାସ୍ଥଳରେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ନରସିଂହପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ନରସିଂହପୁର ଥାନାରେ ଏନେଇ ଏକ ଅପମୃତ୍ୟୁ ମାମଲା ନଂ- ୫/୧୮ ରୁଜୁ ହୋଇଛି। ବୃଦ୍ଧ ଜଣଙ୍କ ଘରୁ ରାଗିକି ପଳାଇ ଆସିଥିଲେ। ଏ ସମ୍ପର୍କରେ ତାଙ୍କ ପରିବାର ପକ୍ଷରୁ ସ୍ଥାନୀୟ ପୋଲିସକୁ ଅବଗତ କରାଯାଇଥିଲା ବୋଲି ପୋଲିସ କହିଛି।

### ଗୋଷ୍ଠାଷ୍ଟମୀ ପର୍ବ ପାଳିତ

**ବାଙ୍କୀ,୧୬।୧୧(ସ୍ୱ.ପ୍ର./ବି.ପ୍ର.):** ବାଙ୍କୀ ଏନଏସି ଅଧୀନ ବେଦପୁର ଗ୍ରାମରେ ଶୁକ୍ରବାର ଗୋଷ୍ଠାଷ୍ଟମୀ ପର୍ବ ପାଳିତ ହୋଇଛି। ଗାଁ ମୁଣ୍ଡ ପୋଖରୀ ପାଖ ପଡିଆରେ ଉତ୍ସବର ଆୟୋଜନ କରାଯାଇଥିଲା। ନାମସଂକୀର୍ତ୍ତନ ସହ ଗୋମାତାଙ୍କୁ ପୂଜାର୍ଚ୍ଚନା କରାଯାଇ ସେମାନଙ୍କୁ ଖାଦ୍ୟ ଦିଆଯାଇଥିଲା। ଗ୍ରାମର ଭରତ ଚନ୍ଦ୍ର ବେହେରା, ଶ୍ରୀନିବାସ ବେହେରା, ସରୋଜ କର, ଧ୍ରୁବ ଚରଣ ବେହେରା, ନୀଳମଣି ପଣ୍ଡା ପ୍ରମୁଖ ଉତ୍ସବର ଆୟୋଜନ କରିଥିଲେ। ଗ୍ରାମବାସୀ ସହଯୋଗ କରିଥିଲେ। ସେହିପରି ବାଙ୍କୀ ବ୍ଲକ ବ୍ରହ୍ମପୁରା-କିଆପଲ୍ଲା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଗୋସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଛି। ଶିଶୁ ବିଦ୍ୟାମନ୍ଦିର ସଭାପତି ସୁଦର୍ଶନ ଦାସ ଏଥିରେ ଅଧକ୍ଷତା କରିଥିଲେ। ସାଗର ଜେନା ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ପ୍ରକୃତି ବନ୍ଧୁ ରମାକାନ୍ତ ଭଞ୍ଜ ଉତ୍ସବର ଚିନ୍ତନ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ତୃପ୍ତିମୟୀ ପଟ୍ଟନାୟକଙ୍କ ସଞ୍ଚାଳନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନିରଞ୍ଜନ ମହାପାତ୍ର, ସୁରେଶ କୁମାର ପୃଷ୍ଟି, ପ୍ରତିମା ଦାସ, ଅମିୟ ପ୍ରସାଦ ବେହେରା, ବ୍ରହ୍ମାନନ୍ଦ ମାଝି ଓ ଓମ୍ ପ୍ରକାଶ ମିଶ୍ର ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

### ମହାନାୟକ ଖଣ୍ଡାୟତ ସମାଜ ସଭାପତିଙ୍କ ପରଲୋକ

**ନରସିଂହପୁର,୧୬।୧୧(ଡି.ଏନ.ଏ.):** ନରସିଂହପୁର ମହାନାୟକ ଖଣ୍ଡାୟତ ସମାଜ ସଭାପତି ଶିବ ପ୍ରସାଦ ଦାସଙ୍କ ଶୁକ୍ରବାର ୯୫ବର୍ଷ ବୟସରେ ପରଲୋକ ଘଟିଛି। ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ହୋଇ କିଛି ଦିନ ହେବ ସେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ଦାସ କାନପୁର ଥାନା ବାଲିଝରୀ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ଶ୍ରମିକଙ୍କ ଲାଗି ବାଲିଝାରି ଅଞ୍ଚଳରେ ପ୍ରଥମଥର ବିଡି କମ୍ପାନୀ ପ୍ରତିଷ୍ଠା କରି ଶହଶହ ବିଡି ଶ୍ରମିକ ପରିବାର ପୋଷିବାରେ ସହାୟକ ହୋଇଥିଲେ। ଅପରାହ୍ନରେ ତାଙ୍କ ମର ଶରୀର ଗ୍ରାମରେ ପହଞ୍ଚିବା ପରେ ଶହଶହ ଶ୍ରମିକ, ବ୍ୟବସାୟୀ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ। ଦାଶଙ୍କ ମୃତ୍ୟୁପରେ ଅଞ୍ଚଳର ଶିକ୍ଷାନୁଷ୍ଠାନ ଗୁଡିକ ବନ୍ଦ ରହିଥିବା ବେଳେ ବାଲିଝରୀର ସମସ୍ତ ବଜାର ବନ୍ଦ କରାଯାଇଥିଲା। ଏହି ପରିପ୍ରେକ୍ଷିରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଛି। ବାଲିଝାରୀ ସରପଞ୍ଚ ମନମୋହନ ନାୟକ, ସନାତନ ସ୍ୱାଇଁ, ମହାନାୟକ ସମାଜର ୯ ରାଜ୍ୟ ସଭାପତି ଦୁଷ୍ମନ୍ତ ସ୍ୱାଇଁ, ଆର୍ତ୍ତବନ୍ଧୁ ଗୋଛି ଓ କବିରାଜ ପରିଡାଙ୍କ ସମେତ ସହୁ ସଦସ୍ୟ ଉପସ୍ଥିତ ରହି ତାଙ୍କ ସ୍ମୃତିଚାରଣ କରିଥିଲେ।

### ନରସିଂହପୁର ଭାଜପାର ପ୍ରସ୍ତୁତି ବୈଠକ

**ନରସିଂହପୁର,୧୬।୧୧(ସ୍ୱ.ପ୍ର.):** ନରସିଂହପୁର ବ୍ଲକ ଭାଜପାର ଏକ ପ୍ରସ୍ତୁତି ବୈଠକ ଜିଲିଣ୍ଡାସ୍ଥିତ ହାଟ ପଡିଆଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଜପା କୃଷକ ମୋର୍ଚ୍ଚା ସଭାପତି ତ୍ରିପୁରା ଦେହୁରୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସରୋଜ ରଣା, ବିଜୟ କୁମାର ଦଳବେହେରା, ଜିଲା କମିଟି ସଭ୍ୟ ମୋନୋଜ ପଣ୍ଡା, ୧୬ ନମ୍ବର ଜିଲା ପରିଷଦ ସଭ୍ୟା ଜାହ୍ନବୀ ପ୍ରଧାନ, ଜୋନ୍ ସଭାପତି ବିଜୟ ଶୁଦ୍ଧି, ଦିଲୀପ କୁମାର ପଣ୍ଡା, ମିଡିଆ ସେଲ ସଂଯୋଜକ ମହୋନ ପ୍ରଧାନ ପ୍ରମୁଖ ଯୋଗଦେଇ ଆସନ୍ତା ୧୭ ତାରିଖଠାରୁ ଆରମ୍ଭ ହେଉଥିବା ଜନ ପରାମର୍ଶ ପଦଯାତ୍ରାକୁ ସଫଳ କରିବା ଉପରେ ଆଲୋଚନା କରିଥିଲେ। ଏହାପରେ ପ୍ରତ୍ୟହ ୧୦ ଗ୍ରାମକୁ ଯାଇ ଭାଜପା ଯୋଜନା ଓ ସଫଳତା ସମ୍ପର୍କରେ ଲୋକଙ୍କୁ ବୁଝାଇବା ପାଇଁ ନିଷ୍ପତ୍ତି ନିଆଯାଇଥିଲା।

# ଫଳକରେ ସୀମିତ ବାଙ୍କୀ ବସ୍‌ଷ୍ଟାଣ୍ଡ

**ବାଙ୍କୀ,୧୬।୧୧(ସ୍ୱ.ପ୍ର.)**




- ଜମି ଅଧିଗ୍ରହଣ ନ ହୋଇ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା
- ଯାତ୍ରୀ ହନ୍ତସନ୍ତ ହେଉଛନ୍ତି
- ମୁଖ୍ୟ ବଜାର ଉପରେ ଗାଡ଼ିଗୁଡିକ ଠିଆ ହେଉଛି
- କ୍ଷୁଦ୍ର ବ୍ୟବସାୟୀ ମୁଖ୍ୟ ସଡ଼କ ଉପରେ ସାମଗ୍ରୀ ବିକ୍ରି କରୁଛନ୍ତି

କଟକ ଜିଲାର ବାଙ୍କୀ ବ୍ଲକ ସବ୍‌ଡିଭିଜନ ମାନ୍ୟତା ପାଇଛି। ତେବେ ଏହି ମାନ୍ୟତାକୁ ଦୀର୍ଘ ବର୍ଷ ବିତିଯାଇଥିଲେ ମଧ୍ୟ ଏଯାବତ୍ ଏଠାରେ ସ୍ଥାୟୀ ବସ୍ ଷ୍ଟାଣ୍ଡ ଟିଏ ନିର୍ମାଣ ହୋଇପାରିନାହିଁ। କେବଳ ଫଳକ ନିର୍ମାଣରେ ସୀମିତ ରହିଛି ବାଙ୍କୀ ବସ୍ ଷ୍ଟାଣ୍ଡ। ବାଙ୍କୀବାସୀ ଦୀର୍ଘଦିନ ହେବ ବସଷ୍ଟାଣ୍ଡଟିଏ ସ୍ୱପ୍ନ ଦେଖୁଥିବାବେଳେ ସ୍ଥାନୀୟ ନେତୃବୃନ୍ଦ ଏବଂ ପ୍ରଶାସନିକ ଅଧିକାରୀଙ୍କ ଅପରାଗତା ଯୋଗୁ ତାହା ହୋଇପାରୁନାହିଁ ବୋଲି ସେମାନେ ଅଭିଯୋଗ କରିଛନ୍ତି। ୨୦୧୪ ସାଧାରଣ ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ମାରାଥନ ଗସ୍ତବେଳେ ବାଙ୍କୀ ଏନ୍‌ଏସି ଅଧୀନ ଶିଶୁଆ ବିଏସ୍‌ଏନ୍‌ଏଲ୍ ଟେଲିଫୋନ ଏକ୍ସଚେଞ୍ଜ ନିକଟରେ ଥିବା ଭୂମିକୁ ଚିହ୍ନଟ କରାଯାଇ ବସ୍‌ଷ୍ଟାଣ୍ଡ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଫଳରେ ବାଙ୍କୀବାସୀ ଏକ ସ୍ଥାୟୀ ବସଷ୍ଟାଣ୍ଡର ସ୍ୱପ୍ନ ଦେଖିଥିଲେ। ଯାହା ନିର୍ବାଚନ ବୈତରଣୀ ପାର କରିବା ଉଦ୍ଦେଶ୍ୟ ରହିଥିଲା ବୋଲି ସାଧାରଣରେ ଅଭିଯୋଗ ହୋଇଛି। ବାଙ୍କୀକୁ କଟକ, ଭୁବନେଶ୍ୱର ଏପରିକି ମହାନଦୀ ସେତୁ ଖୋଲିବା ପରେ ଆଠଗଡ଼ ନଦୀ ଆରପଟ ଅଞ୍ଚଳକୁ ସଂଯୋଗ କରି ବହୁ ବସ୍ ଚଳାଚଳ କରୁଛି। ଅନେକ ବେସରକାରୀ ବସ୍ ମଧ୍ୟ କଟକ, ଭୁବେନଶ୍ୱର, ଅନୁଗୋଳ ଓ ବ୍ରହ୍ମପୁର ଆଦିକୁ ଯାତାୟାତ କରୁଛି। ତେବେ ଏତେ ସବୁ ସ୍ଥାନକୁ ବସ୍ ଚଳାଚଳ କରୁଥିଲେ ମଧ୍ୟ ଯାତ୍ରୀ ସ୍ଥାୟୀ ବସଷ୍ଟାଣ୍ଡଟିଏ ନ ପାଇ ଯାତ୍ରୀ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳୁଛି। ପୂର୍ବରୁ ବାଙ୍କୀ ମୁଖ୍ୟ ବଜାର ଉପରେ ଗାଡ଼ି ଗୁଡିକ ଠିଆ ହେଉଥିଲେ ମଧ୍ୟ ଏଯାବତ୍ ପ୍ରଶାସନର ଆଖି ଖୋଲିନି। ଗାଡି ଗୁଡିକ ରାସ୍ତା ଉପରେ ଠିଆ ହେବା ଦ୍ୱାରା ଟ୍ରାଫିକ୍‌କୁ ଅନେକ ମାତ୍ରାରେ ପ୍ରଭାବିତ କରୁଛି। କ୍ଷୁଦ୍ର ବ୍ୟବସାୟୀ ମଧ୍ୟ ମୁଖ୍ୟ ସଡ଼କ ଉପରେ ସେମାନଙ୍କ ସାମଗ୍ରୀ ବିକ୍ରି କରୁଛନ୍ତି। ଫଳରେ ଗ୍ରାହକ ରାସ୍ତା ଉପରେ ଭିଡ ଜମାଉଛନ୍ତି। ଏପରି କି ସେମାନେ ଆଣିଥିବା ସାଇକେଲ ଏବଂ ଗାଡିମୋଟର ଗୁଡିକ ରାସ୍ତା ଉପରେ ରଖିବାଦ୍ୱାରା ରାସ୍ତା ସଂକୀର୍ଣ୍ଣ ହେଉଛି। ଯଦ୍ଦ୍ୱାରା ଏହା ଟ୍ରାଫିକ୍ ସମସ୍ୟାକୁ ଗୁରୁତର ଭାବେ ପ୍ରଭାବିତ କରୁଛି। ରାଜନୈତିକ ଛକାପଞ୍ଝା ଏବଂ ପ୍ରଶାସନିକ ଅଧିକାରୀଙ୍କ ଉଦାସୀନତା ବସଷ୍ଟାଣ୍ଡ ନିର୍ମାଣରେ ଅବହେଳାର ମୁଖ୍ୟକାରଣ ବୋଲି କେତେଜଣ ବ୍ୟକ୍ତିବିଶେଷ ମତ ରଖିଛନ୍ତି। ଏ ସମ୍ପର୍କରେ ବାଙ୍କୀ ବିଜ୍ଞାପିତ ଅଞ୍ଚଳ କ୍ଷେତ୍ର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟବ୍ରତ ମନ୍ତ୍ରୀ କହିଛନ୍ତି, ବସ୍ ଷ୍ଟାଣ୍ଡ ନିର୍ମାଣ ପାଇଁ ରାଜସ୍ୱ ବିଭାଗକୁ ଜମି ଯୋଗାଇ ଦେବାକୁ ଅନୁରୋଧ କରାଯାଇଛି। ସେମାନେ ଜମି ଯୋଗାଇଦେଲେ ଖୁବ୍‌ଶୀଘ୍ର ବସ୍ ଷ୍ଟାଣ୍ଡ ନିର୍ମାଣ କରାଯିବ। ତେବେ ଏ ସବୁ ଭିତରେ ବାଙ୍କୀବାସୀ ସ୍ଥାୟୀ ବସଷ୍ଟାଣ୍ଡ ପାଇଁ ଦେଖିଥିବା ସ୍ୱପ୍ନ କେବେ ସାକାର ହେବ ତାହା ଦେଖିବାକୁ ବାକି ରହିଲା।




ବିଶ୍ୱ ଶୌଚାଳୟ ଦିବସ ଉପଲକ୍ଷେ ଆୟୋଜିତ ଶୋଭାଯାତ୍ରା।

# ବିଶ୍ୱ ଶୌଚାଳୟ ଦିବସ

**ସାଲେପୁର,୧୬।୧୧(ଡି.ଏନ.ଏ.)**

ସାଲେପୁର ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ବିଶ୍ୱ ଶୌଚାଳୟ ଦିବସ ଶୁକ୍ରବାର ପାଳିତ ହୋଇଛି। ପ୍ରାରମ୍ଭରେ ବିଦ୍ୟାଳୟ ଛାତ୍ରୀଙ୍କ ଦ୍ୱାରା ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ଲୋକଙ୍କୁ ବିଶ୍ୱ ଶୌଚାଳୟ ଦିବସ ପାଳନର ମହତ୍ତ୍ୱ ସମ୍ପର୍କରେ ଅବଗତ କରାଯାଇଥିଲା। ପରେ ପିକୋଳ ପଞ୍ଚାୟତସ୍ଥିତ ମାଣିତ୍ରୀଠାରେ ଅବସ୍ଥିତ ଜାଗୁଲାଇ ବାଳିକା ଉଚ୍ଚବିଦ୍ୟାଳୟ ପରିସରରେ ସ୍ୱଚ୍ଛତା ଓ ଶୌଚାଳୟ ବ୍ୟବହାର ସମ୍ପର୍କରେ ସଚେତନତା ସଭା କନିଷ୍ଠ ଯନ୍ତ୍ରୀ ସମରେଶ ଭୂୟାଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ଶିବବ୍ରତ ଘୋଷ ଯୋଗଦେଇ ପରିବେଶକୁ ସ୍ୱଚ୍ଛରଖିବା ସମସ୍ତଙ୍କ କର୍ତ୍ତବ୍ୟ ବୋଲି କହିବା ସହ ବିଶ୍ୱ ଶୌଚାଳୟ ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ପିକୋଳ ସରପଞ୍ଚ ରଣଜିତ୍ ଦାସ, ସମିତିସଭ୍ୟ ବିଜୟ କୁମାର ଖୁଣ୍ଟିଆ, ପ୍ରଧାନଶିକ୍ଷୟିତ୍ରୀ ପ୍ରମିଳା ସାହୁ ପ୍ରମୁଖ ଯୋଗଦେଇ ସ୍ୱଚ୍ଛତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମକୁ ବ୍ଲକ୍ ସଂଯୋଜକ ସସ୍ମିତା ମିଶ୍ର, ସୁଶିଲ୍ କୁମାର ଶତପଥୀ, ସୋମନାଥ ସାହୁ, ନାରାୟଣ ସ୍ୱାଇଁ, ଦୋଳଗୋବିନ୍ଦ ସାହୁ, ବିକ୍ରମ କେଶରୀ ଭୂୟାଁ, ଜନ୍ମେଞ୍ଜୟ ସାହୁ ଓ ଅନୀଲ୍ କୁମାର ନାୟକଙ୍କ ସମେତ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ପରିଚାଳନା କରିଥିଲେ।



ଭାଜପା ନେତା ଶାରଦା ପ୍ରଧାନଙ୍କ ସମେତ କର୍ମୀ ପଦଯାତ୍ରାରେ ଯାଉଛନ୍ତି।

## ଦେଶୀମଦ ଜବତ, ୪ଗିରଫ

**ଆଠଗଡ଼,୧୬।୧୧(ସ୍ୱ.ପ୍ର.)**

କଟକ ଭ୍ରାମ୍ୟମାଣ ଅବକାରୀ ଦଳ-୨ ଓ ଆଠଗଡ଼ ଅବକାରୀ ବିଭାଗ ଶୁକ୍ରବାର ଖୁଣ୍ଟୁଣୀ ଥାନା ଏବଂ ଆଠଗଡ଼-ଢେଙ୍କାନାଳ ସଦର ଥାନା ସୀମାନ୍ତ ଅଞ୍ଚଳରେ ମିଳିତଭାବେ ଚଢ଼ାଉ କରିଛନ୍ତି। ଏହି ଚଢ଼ାଉବେଳେ ୫୧ ଲିଟର ଦେଶୀମଦ ଓ ଏକ ଟିଭିଏସ୍ ଏକ୍ସଏଲ୍ ଜବତ କରାଯାଇଛି। ଏଥିସହିତ ବେଆଇନ ମଦ କାରବାର ଅଭିଯୋଗରେ ୪ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ ଢେଙ୍କାନାଳ ସଦର ଥାନା ବନ୍ଧନୂଆଗାଁ ଗ୍ରାମର ପ୍ରଫୁଲ୍ଲ କୁମାର ନାୟକ, ଆଠଗଡ ଥାନା କୋରଙ୍ଗା ଗ୍ରାମର ଅଜୟ ନାଏକ, ଶ୍ରୀନିବାସ ନାଏକ ଓ ଖୁଣ୍ଟୁଣୀ ଥାନା ରାଧାକୃଷ୍ଣପୁର ଗ୍ରାମର ଦିଗମ୍ବର ନାଏକ।

# ରାଶନ କାର୍ଡ, ବିଜୁ ପକ୍କାଘର କାର୍ଯ୍ୟାଦେଶ ବଣ୍ଟନ

**ମାହାଙ୍ଗା,୧୬।୧୧(ସ୍ୱ.ପ୍ର.)**

ମାହାଙ୍ଗା ବ୍ଲକ ଅଧୀନ କୁଆଁପାଳସ୍ଥିତ ଜେଏନ୍ କଲେଜ ପଡ଼ିଆ ପରିସରରେ ଶୁକ୍ରବାର ରାଶନ କାର୍ଡ ଓ ବିଜୁ ପକ୍କା ଘର କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ବ୍ଲକ ଅଧୀନରେ ଥିବା ୩୭ ପଞ୍ଚାୟତର ୨୨୫୭ ହିତାଧିକାରୀଙ୍କୁ ରାଶନ କାର୍ଡ ଓ ୭୦ ହିତାଧିକାରୀଙ୍କୁ ବିଜୁ ପକ୍କା ଘର କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ଉତ୍ସବରେ ବିଡିଓ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ବ୍ଲକ ଅଧ୍ୟକ୍ଷ ଶରତ ନାୟକ, ରାଜକିଶୋର ଜେନା, ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ମହେଶ୍ୱର ସେଠୀ, ଶରତ ମହାପାତ୍ର, ସମିତିସଭ୍ୟା ସୁବାସୀ ବେହେରା ଓ ଜିଲା ପରିଷଦ ସଭ୍ୟ ହୃଷୀକେଶ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ମାହାଙ୍ଗା ଯୋଗାଣ ଅଧିକାରୀ ସକଳେଶ୍ୱର ଦାସ, ସମିତିସଭ୍ୟା ପ୍ରତିମା ସାମଲ, ଚାରୁଲତା ନିହାଣ, ନିରଞ୍ଜନ ବିଶ୍ୱାଳ, ରତ୍ନାକର ସାହୁ, ସରପଞ୍ଚ ବିଜୟ ରାଉତ, ଚିତ୍ତରଞ୍ଜନ ମହାନ୍ତି, ଶରତ ମହାନ୍ତି, ଜୟନ୍ତ ବିଶ୍ୱାଳ ଓ ରାକେଶ ସାହୁଙ୍କ ସମେତ ସମସ୍ତ ସରକାରୀ ରିଟେଲର ଉପସ୍ଥିତ ରହି ସହଯୋଗ କରିଥିଲେ।

# ଭାଜପାର ଜନପରାମର୍ଶ ପଦଯାତ୍ରା ଶୁଭାରମ୍ଭ

**ଲଳିତଗିରି,୧୬।୧୧(ସ୍ୱ.ପ୍ର)**

ମାହାଙ୍ଗା ଭାଜପାର ଜନପରାମର୍ଶ ପଦଯାତ୍ରା ଶୁକ୍ରବାର ଶୁଭାରମ୍ଭ ହୋଇଛି। ଭାଜପା ଯୁବନେତା ସାରଦା ପ୍ରଧାନ ଯୋଗଦେଇ କଇଥା ପଞ୍ଚାୟତର ବଉଳାମଠଠାରୁ ପତାକା ହଲାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହାପରେ ଆନନ୍ଦବଜାର, ଗୌଡପାଟଣା, ଜଗରାଜପୁର, କଇଥା, ସମସରପୁର, ତୁଳସୀପୁର, ଭୋଳିଦାସପୁର, ଶଶିଲୋ, ବାଜପୁରା, ଦୋବନ୍ଧିଆ ଓ ମଧୁପୁର ଆଦି ଗ୍ରାମକୁ ପଦଯାତ୍ରା ଯାଇଥିଲା। ଏହି ସମୟରେ ଲୋକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଭାଜପା ନେତା ପ୍ରଧାନ ପଚାରି ବୁଝିଥିଲେ। ବାସୁଦେବପୁରରେ ପଦଯାତ୍ରା ପହଞ୍ଚିବାପରେ ପ୍ରଧାନଙ୍କ ସମେତ ଭାଜପା ନେତା ଓ କର୍ମୀ ରାତ୍ରିଯାପନ କରିଥିଲେ। କଟକ ଜିଲା ଭାଜପା ସଭାପତି ଚୌ. ହେମନ୍ତ କୁମାର ସାହୁ, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଯାଜ୍ଞସେନୀ ଜେନା, ଜିଲା ଯୁବମୋର୍ଚ୍ଚା ସଭାପତି ଭକ୍ତବତ୍ସଳ ବସ୍ତିଆ, ସମ୍ପାଦକ ଦେବଦତ୍ତ କର, ସମୀର ସାମଲ, କୁଳମଣି ବରାଳ, ୪୧ ନଂ ଜୋନ ସଭାପତି ନିର୍ମଳ ରାଉତ, ୩୯ନଂ ଜୋନ ସଭାପତି ସୁଶାନ୍ତ ମହାନ୍ତି, ଜିତେନ୍ଦ୍ର ଶତପଥୀ, ମନୋରଞ୍ଜନ ନାୟକ, ରଶ୍ମିରଞ୍ଜନ ସ୍ୱାଇଁ, ବିଶ୍ୱନାଥ ଜେନା ଓ ଅଞ୍ଜନ ମିଶ୍ରଙ୍କ ସମେତ ବହୁ ନେତା ଏବଂ କର୍ମୀ ପଦଯାତ୍ରାରେ ସାମିଲ ହୋଇଥିଲେ। ପଦଯାତ୍ରା ଆସନ୍ତା ଡିସେମ୍ବର ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ।

# ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଗିରଫ

**ସାଲେପୁର,୧୬।୧୧(ଡି.ଏନ୍.ଏ.)**

ସାଲେପୁର ବ୍ଲକ ଜପକୁଦ ଫାଣ୍ଡି ଅଧୀନ ଏକ ଉଚ୍ଚପ୍ରାଥମିକ ବିଦ୍ୟାଳୟର ପାଚିକାଙ୍କୁ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଅସଦାଚରଣ କରିଥିବା ନେଇ ଗୁରୁବାର ଫାଣ୍ଡିରେ ଅଭିଯୋଗ ହୋଇଥିଲା। ଏହି ଅଭିଯୋଗକୁ ଭିତ୍ତିକରି ପୋଲିସ ମାମଲା ନଂ-୨୬୮/୧୮ ରୁଜୁ କରି ସମ୍ପୃକ୍ତ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସୀତାରାମ ମୋହନ ରାଉତରାୟଙ୍କୁ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରିଛି। ଏହାପରେ ସାଲେପୁର କୋର୍ଟରେ ତାଙ୍କୁ ଜାମିନ୍ ମିଳିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ସମ୍ପୃକ୍ତ ମହିଳା ଜଣଙ୍କ ଗୁରୁବାର ମଧ୍ୟାହ୍ନଭୋଜନ ପାଇଁ ଚାଉଳ ଆଣିବାକୁ ସ୍କୁଲ ଭିତରକୁ ଯାଇଥିବାବେଳେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ତାଙ୍କୁ ଅସଦାଚରଣ କରିଥିଲେ। ପରେ ମହିଳା ଜଣଙ୍କ ଚିତ୍କାର କରିବାରୁ ସମ୍ପୃକ୍ତ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ତାଙ୍କୁ ଛାଡ଼ି ଦେଇଥିଲେ। ଏନେଇ ଫାଣ୍ଡିରେ ଅଭିଯୋଗ ହୋଇଥିଲା।

# ୫ମ ରାଜ୍ୟ ଅର୍ଥ ଆୟୁକ୍ତ ସଭ୍ୟଙ୍କ ବାଙ୍କୀ ଏନଏସି ପରିଦର୍ଶନ

**ବାଙ୍କୀ,୧୬।୧୧(ବି.ପ୍ର.)**




ବାଙ୍କୀ ଏନ୍‌ଏସି ପରିଦର୍ଶନରେ ଆସିଥିବା ୫ମ ରାଜ୍ୟ ଅର୍ଥ ଆୟୁକ୍ତ ସଭ୍ୟ ଓ ଅନ୍ୟମାନେ।

ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ ୫ମ ଅର୍ଥ ଆୟୁକ୍ତ ସଭ୍ୟ ଶୁକ୍ରବାର ପୂର୍ବାହ୍ନରେ ବାଙ୍କୀ ଏନଏସି ପରିଦର୍ଶନ କରିଛନ୍ତି। ଏହି ସମୟରେ ଏନଏସିରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ସରକାରୀ ଯୋଜନା ଓ ଏନଏସିର ନିଜସ୍ୱ ଆୟ ଉପରେ ଆଲୋଚନା କରି ସ୍ୱତନ୍ତ୍ର ପରାମର୍ଶ ଦେଇଛନ୍ତି। କମିଟିର ପୂର୍ବତନ ପୌରନିର୍ଦ୍ଦେଶକ ତଥା କମିଟି ସଭ୍ୟ ସଞ୍ଜୀବ କୁମାର ମିଶ୍ର, ସାମସଙ୍ଗ ମହାରଣା, ଅସୀତ କୁମାର ମହାନ୍ତି ପ୍ରମୁଖ ବିଭିନ୍ନ କାର୍ଯ୍ୟକାରୀ ଯୋଜନା ସମ୍ପର୍କରେ ପଚାରି ବୁଝିଥିଲେ। ନିର୍ବାହୀ ଅଧିକାରୀ ସତ୍ୟବ୍ରତ ମନ୍ତ୍ରୀ ସଦସ୍ୟଙ୍କୁ ସ୍ୱାଗତ ଜଣାଇ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଇ ଏନଏସିର ନିଜସ୍ୱ ଆୟ ବ୍ୟୟ ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ। ଜିଲା ପ୍ରକଳ୍ପ ନିର୍ଦ୍ଦେଶିକା ସୁମିତା ମଣ୍ଡଳ ଉପସ୍ଥିତ ଥିଲେ। କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ସରକାରୀ ଯୋଜନା ୧୪ତମ ଅର୍ଥ କମିଶନ, ୪ର୍ଥ ରାଜ୍ୟ ଅର୍ଥ କମିଶନ ଓ ନିଜସ୍ୱ ଆୟରେ ବିଭିନ୍ନ ପ୍ରକଳ୍ପର କାର୍ଯ୍ୟକାରିତା ଉପରେ ସମୀକ୍ଷା କରି ଏହାର ସଦୁପଯୋଗ ଉପରେ ସନ୍ତୋଷ ପ୍ରକାଶ କରିଥିବା ସମ୍ପର୍କରେ ନିର୍ବାହୀ ଅଧିକାରୀ ସୂଚନା ଦେଇଛନ୍ତି। ଏନଏସି ପକ୍ଷରୁ ବାହ୍ୟ ବର୍ଜ୍ୟବସ୍ତୁର ବୈଷୟିକ ପରିଚାଳନା ପ୍ଲାଣ୍ଟ ଓ ବର୍ଜ୍ୟ ଜଳ ସ୍ୱତନ୍ତ୍ର ପରିଚାଳନା କରିବା ପାଇଁ ପ୍ରସ୍ତାବ ଦିଆଯାଇଛି। ଏଥିନିମନ୍ତେ ସରକାର ଆବଣ୍ଟନ ଖର୍ଚ୍ଚ ବାବଦକୁ ସହାୟତା ରାଶି ଶତକଡା ୨୫ଭାଗ ପରିବର୍ତ୍ତେ ଗ୍ରାମାଞ୍ଚଳ ଭିତ୍ତିକ ସହର ବାଙ୍କୀକୁ ଶତକଡା ୪୦ଭାଗ ଆବଣ୍ଟନ ରାଶି ସହଯୋଗ କରିବା ପାଇଁ କମିଟି ସଦସ୍ୟଙ୍କୁ ଏନଏସି ପକ୍ଷରୁ ଅନୁରୋଧ କରାଯାଇଛି।

# ଜାତୀୟ ପ୍ରେସ୍ ଦିବସ

**ବାଙ୍କୀ/ମାହାଙ୍ଗା/ରଘୁନାଥପୁର, ୧୬।୧୧(ସ୍ୱ.ପ୍ର./ଡି.ଏନ୍.ଏ.)**

ବାଙ୍କୀ ଉପଖଣ୍ଡରେ କାର୍ଯ୍ୟରତ ଖବରଦାତାଙ୍କ ପକ୍ଷରୁ ସ୍ଥାନୀୟ ପ୍ରେସ୍ କ୍ଲବ ବିଦ୍ୟାରନ୍ ଭବନ ପରିସରରେ ଜାତୀୟ ପ୍ରେସ୍ ଦିବସ ଶୁକ୍ରବାର ପାଳିତ ହୋଇଛି। ପ୍ରେସ୍ କ୍ଲବ ସଭାପତି ବଳଭଦ୍ର ପଣ୍ଡା ଆୟୋଜିତ ସଭାରେ ଅଧ୍ୟକ୍ଷତା କରି ଖବରଦାତାଙ୍କ ଉପରେ ହେଉଥିବା ଆକ୍ରମଣକୁ ଦୃଢ ନିନ୍ଦା କରିବା ସହିତ ଖବରଦାତାଙ୍କ କଲମ ସମାଜରେ ଦୁର୍ନୀତିର ପର୍ଦ୍ଦାଫାଶ ପାଇଁ ସର୍ବଦା ବ୍ୟବହୃତ ବୋଲି ବକ୍ତବ୍ୟ ରଖିଥିଲେ। ଉପସଭାପତି ସମରେନ୍ଦ୍ର ମହାପାତ୍ର ଖବରଦାତା ସମାଜ କଲ୍ୟାଣ ଦିଗରେ ନିଃସ୍ୱାର୍ଥପର ଭାବେ କାର୍ଯ୍ୟ କରୁଥିବା ପ୍ରକାଶ କରିଥିଲେ। କ୍ଷେତ୍ରବାସୀ ଦାସ୍, ଶରତ ଚନ୍ଦ୍ର ବାରିକ୍, ଜ୍ଞାନେନ୍ଦ୍ର ମୋହନ ମିଶ୍ର, ବିଭୂପ୍ରସାଦ ସାମଲ, ପ୍ରତାପ ନାୟକ ଓ ସଂଗ୍ରାମ ପଟ୍ଟନାୟକ ଯୋଗଦେଇ ଖବରଦାତାଙ୍କ ସୁରକ୍ଷା ଦାବି କରିବା ସହିତ ପ୍ରେସ୍ ଦିବସ ସମ୍ପର୍କରେ ଆଲୋଚନା କରିଥିଲେ। ଆଶିଷ ମହାପାତ୍ର ଧନ୍ୟବାଦ ଦେଇଥିଲେ।

ସେହିପରି ମାହାଙ୍ଗା ପ୍ରେସ୍ କ୍ଲବ ପକ୍ଷରୁ ଜାତୀୟ ପ୍ରେସ ଦିବସ ପାଳିତ ହୋଇଛି। ପ୍ରେସ୍ କ୍ଲବ୍ ସଭାପତି ଦୀପକ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ସଭାପତି ଲକ୍ଷ୍ମୀଧର ଖୁଣ୍ଟିଆ, ସଂଗଠନ ସମ୍ପାଦକ ତାପସ ବିଶ୍ୱାଳ, ଉପସଭାପତି ଅମୀୟ ନାୟକ, କୋଷାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ, ବରିଷ୍ଠ ଉପଦେଷ୍ଟା ପି.କେ. ବାରିକ, ଦୀପକ ଦାସ, ଯଯାତି ସିଂହ, ପ୍ରେମାନନ୍ଦ ପରିଡା, ରାଜାରାମ ପଣ୍ଡା ଓ ଶୈଳେନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ।

ସେହିପରି ରଘୁନାଥପୁର ପ୍ରେସ କ୍ଲବ ପକ୍ଷରୁ ଜାତୀୟ ପ୍ରେସ ଦବିସ ପାଳିତ ହୋଇଛି। ଖବରଦାତା ଦିପ୍ତୀରଞ୍ଜନ କାନୁନ୍‌ଗୋଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ୱାମୀ ଅରୂପାନନ୍ଦ ଡିଗ୍ରୀ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଅଜୟ କୁମାର ଦାସ ମୁଖ୍ୟଅତିଥି, ଶିକ୍ଷାବିତ୍ ପ୍ୟାରୀମୋହନ ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଖବରଦାତା ତପନ ସ୍ୱାଇଁ, କଲ୍ୟାଣ ସେନ୍, ମୁଜନ ମୁଦୁଲି, ପ୍ରଦୀପ୍ତ ନାୟକ, ବିଜୟ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ଅସୁରେଶ୍ୱର ଗୋରକ୍ଷଣୀ ଦେଶରେ ଆଦର୍ଶ

**ନିଶ୍ଚିନ୍ତକୋଇଲି,୧୬।୧୧ (ସ୍ୱ.ପ୍ର./ଡି.ଏନ.ଏ.)**



ବାର୍ଷିକ ଉତ୍ସବ ଅବସରରେ ଅତିଥି ସମିତିର ମୁଖପତ୍ର 'ଧାତ୍ରୀ'କୁ ଉନ୍ମୋଚନ କରୁଛନ୍ତି।

**ଅସୁରେଶ୍ୱର ଗୋରକ୍ଷଣୀର ବାର୍ଷିକୋତ୍ସବ**

ନିଶ୍ଚିନ୍ତକୋଇଲି ବ୍ଲକ କେଣ୍ଟାଳ ପଞ୍ଚାୟତରେ ଥିବା ଅସୁରେଶ୍ୱର ଗୋରକ୍ଷଣୀର ୭୬ତମ ବାର୍ଷିକୋତ୍ସବ ଶୁକ୍ରବାର ପାଳିତ ହୋଇଛି। ପ୍ରଭାତରୁ ଅସୁରେଶ୍ୱର ଗୋମଙ୍ଗଳ ସମିତି ଆନୁକୂଲ୍ୟରେ ଗୀତା ଓ ଗୋମାହାତ୍ମ୍ୟ ପାଠ ଏବଂ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ପରେ ଗୋପୂଜା କରାଯାଇ ଗୋ ସମ୍ବର୍ଦ୍ଧନା କରାଯାଇଥିଲା। ଅପରାହ୍ନରେ ଅନୁଷ୍ଠାନ ସଭାପତି ଅତନୁ ସବ୍ୟସାଚୀ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥିଭାବେ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ ଅସୁରେଶ୍ୱର ଗୋରକ୍ଷଣୀ ଦେଶରେ ଏକ ଆଦର୍ଶ ଅନୁଷ୍ଠାନ ବୋଲି କହିବା ସହ ଗୋମାତାର ସୁରକ୍ଷା ପାଇଁ ସମସ୍ତେ ଉଦ୍ୟମ କରିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ବ୍ରହ୍ମାନନ୍ଦ ସରସ୍ୱତୀ ମହାରାଜ ଯୋଗଦେଇ ଗୋମାତା ଓ ଧରିତ୍ରୀମାତା ଉପରେ ଆଧ୍ୟାତ୍ମିକ ବାଣୀ ପ୍ରଦାନ କରିବା ସହ ସତ୍ୟ ସନାତନ ଧର୍ମର ରକ୍ଷା ପାଇଁ ପ୍ରେରଣା ଦେଇଥିଲେ। ସମ୍ମାନିତ ଅତିଥି ଶକ୍ତି ଓ ଶ୍ରମ ବିଭାଗ ମନ୍ତ୍ରୀ ସୁଶାନ୍ତ କୁମାର ସିଂ ଯୋଗଦେଇ ଗୋସେବା ଓ ଗୋଷ୍ଠାଷ୍ଟମୀ ଉପରେ ଆଲୋକପାତ କରିବା ସହ ଅସୁରେଶ୍ୱର ଗୋରକ୍ଷଣୀ ଦୁଇ ସମ୍ପ୍ରଦାୟର ସଦ୍‌ଭାବନାର ପୀଠ ବୋଲି ମତବ୍ୟକ୍ତ କରିଥିଲେ। ବିଶିଷ୍ଟ ନିମନ୍ତ୍ରିତ ଅତିଥି ଡା. ନିତ୍ୟାନନ୍ଦ ପଟ୍ଟନାୟକ, ଉତ୍କଳ ମିଷ୍ଟାନ୍ନ ଭଣ୍ଡାର ସମିତି ସଭାପତି ବିମ୍ବାଧର ବେହେରା ପ୍ରମୁଖ ଯୋଗଦେଇ ଅନୁଷ୍ଠାନର ଉତ୍ତୋରତ୍ତର କାମନା କରିଥିଲେ। ଏହି ଅବସରରେ ସମିତିର ମୁଖପତ୍ର 'ଧାତ୍ରୀ' ମଞ୍ଚାସୀନ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ପ୍ରାରମ୍ଭରେ ଅନୁଷ୍ଠାନର ସମ୍ପାଦକ ପର୍ଶୁରାମ ଦ୍ୱିବେଦୀ ବିବରଣୀ ପାଠ କରିଥିବା ବେଳେ ଶେଷରେ ପଞ୍ଚାନନ ଶତପଥୀ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ବିଷ୍ଣୁଚରଣ ନାୟକ ଓ ସୁଧାଂଶୁ ଶେଖର ସାହୁ ପରିଚାଳନା କରିଥିଲେ। ସମିତି ପକ୍ଷରୁ ଏକ ଗୋ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଥିଲା।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଶନିବାର, ନଭେମ୍ବର ୧୭/୨୦୧୮ Bhubaneswar, Saturday, November 17 / 2018

■ ବ୍ରହ୍ମ ବିଭ୍ରାଟ ପ୍ରସଙ୍ଗ

# ଶ୍ରୀମନ୍ଦିର ପ୍ରଶାସନ ଉପରେ ବର୍ଷିଲେ ଶଙ୍କରାଚାର୍ଯ୍ୟ

**ପୁରୀ ଅଫିସ,୧୬ା୧୧**

**'ମୋ ସହ ଆଲୋଚନା କଲେ ବାହାରିବ ସମାଧାନର ସୂତ୍ର'**

ବିଭିନ୍ନ ପ୍ରସଙ୍ଗକୁ ନେଇ ଗତ ୩ ବର୍ଷ ଧରି ବଦନାମ ହେବାରେ ଲାଗିଛି ଶ୍ରୀମନ୍ଦିର। ଦିନକୁ ଦିନ ଧାର୍ମିକ ଓ ପ୍ରଶାସନିକ ପ୍ରସଙ୍ଗକୁ ନେଇ ବିଭିନ୍ନ ବିବାଦ ମୁଣ୍ଡ ଟେକୁଛି। ଶ୍ରୀମନ୍ଦିର, ଶ୍ରୀକ୍ଷେତ୍ର, ସେବାୟତ ସମସ୍ତେ ବଦନାମ ହେଉଛନ୍ତି। ଶ୍ରୀମନ୍ଦିରରେ ଧାଡ଼ିଦର୍ଶନକୁ ନେଇ ଗତ ଅକ୍ଟୋବର ୩ରେ ପୁରୀ ବନ୍ଦ ବେଳେ ଘଟିଥିବା ହିଂସା ସବୁ ସୀମା ସରହଦକୁ ଅତିକ୍ରମ କରିଛି। ଏହି ପ୍ରସଙ୍ଗ ଥମି ନ ଥିବାବେଳେ ପୁଣି ପୁରୁଣା ବ୍ରହ୍ମ ବିଭ୍ରାଟ ଏବଂ ଦାରୁ ଚୟନ ପ୍ରସଙ୍ଗ ଏବେ ସତେଜ ହୋଇଛି। ଶ୍ରୀମନ୍ଦିର ପ୍ରଶାସନ ବ୍ରହ୍ମ ବିଭ୍ରାଟ ଘଟଣାରେ ନୋଟିସ ଜାରି କରିବା ପରେ ମହାରଣା ସେବକ କୃଷ୍ଣଚନ୍ଦ୍ର ମହାରଣା ଦାରୁ ଚୟନ ଏବଂ ମାନକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଏହାକୁ ନେଇ ବିଭିନ୍ନ ରାଜନୈତିକ ଦଳ ଆରୋପ ପ୍ରତ୍ୟାରୋପ ଚଳାଇଥିବା ବେଳେ ଏ ସମ୍ପର୍କରେ ମତ ରଖିଛନ୍ତି ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ। ଶୁକ୍ରବାର ଖବରଦାତାଙ୍କ ଏ ସମ୍ପର୍କିତ ପ୍ରଶ୍ନରେ ଶଙ୍କରାଚାର୍ଯ୍ୟ କହିଛନ୍ତି ଯେ, ଧାର୍ମିକ, ଆଧ୍ୟାତ୍ମିକ କ୍ଷେତ୍ରରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ନ୍ୟାୟାଧୀଶ ହୋଇଥିବା ବେଳେ ଶ୍ରୀମନ୍ଦିର ପ୍ରଶାସନ ତାଙ୍କ ସହ ଏହି ସମସ୍ୟା ନେଇ କୌଣସି ପ୍ରକାର ଆଲୋଚନା କରିନାହିଁ। ଯଦି ଏହି ସମସ୍ୟା ନେଇ ଆଲୋଚନା କରିବ ସମାଧାନର ସୂତ୍ର ନିଶ୍ଚିତ ବାହାରିବ। କ୍ଷୀର ପାଣି ସବୁ ଅଲଗା ହୋଇଯିବ। ଶ୍ରୀମନ୍ଦିର ପ୍ରଶାସନ ଦିଶାହୀନ ହୋଇପଡ଼ିଛି। ମନ୍ଦିର ପରିଚାଳନା କମିଟି କାହିଁକି ଶୋଇପଡ଼ିଛି ବୋଲି ପ୍ରଶ୍ନ କରିବା ସହ ଏହି ସମସ୍ୟା ମୋ ପାଖରେ ପହଞ୍ଚିଲେ ସମାଧାନର ସୂତ୍ର ନିଶ୍ଚିତ ବାହାରିବ ବୋଲି ଶଙ୍କରାଚାର୍ଯ୍ୟ କହିଛନ୍ତି।

# ମାଙ୍କଡ଼ କାମୁଡ଼ାରେ ହବିଷିଆଳି ଆହତ: ୨ ହସ୍ପିଟାଲରେ ଭର୍ତ୍ତି

**ପୁରୀ ଅଫିସ,୧୬ା୧୧**

ଆଶ୍ରୟସ୍ଥଳରେ ରହି କାର୍ତ୍ତିକ ବ୍ରତ ପାଳନ କରୁଥିବା ହବିଷିଆଳିଙ୍କ ମଧ୍ୟରୁ ଶୁକ୍ରବାର ଜଣେ ହବିଷିଆଳି ମାଙ୍କଡ଼ କାମୁଡ଼ାରେ ଆହତ ହୋଇଛନ୍ତି। ମୋଚିସାହିସ୍ଥିତ ପୌର କଲ୍ୟାଣମଣ୍ଡପରେ ରହୁଥିବା ଖୋର୍ଦ୍ଧା ଜିଲା ସିକୋର ଶୁଭମଣି ତାନସିଂ (୬୮)ଙ୍କୁ ସକାଳେ ଏକ ମାଙ୍କଡ଼ କାମୁଡ଼ି ଦେଇଥିଲା। ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସି ସେ ଚିକିତ୍ସିତ ହୋଇ ଫେରିଛନ୍ତି। ସେହିପରି ଅସୁସ୍ଥ ୯ ଜଣ ହବିଷିଆଳି ହସ୍ପିଟାଲକୁ ଆସିଥିବା ବେଳେ ୭ ଜଣ ଡାକ୍ତରୀ ପରାମର୍ଶ ସହ ଔଷଧପତ୍ର ନେଇ ଆଶ୍ରୟସ୍ଥଳ ଫେରିଛନ୍ତି। ୨ ଜଣ ହବିଷିଆଳି ହସ୍ପିଟାଲରେ ରହି ଚିକିତ୍ସିତ ହେଉଛନ୍ତି। ସେମାନେ ହେଲେ ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସରେ ରହୁଥିବା କଣାସର ରଙ୍ଗଲତା ଦେଇ (୬୩) ଏବଂ ପୁରୀ ବାଲିକୁଦ ସାହିର ଦୁର୍ଗାମଣି ଜେନା (୭୧)। ଦୁହେଁ ଜ୍ୱରରେ ଆକ୍ରାନ୍ତ ହୋଇଥିବା ହସ୍ପିଟାଲ ସୂତ୍ରରୁ ଜଣାପଡ଼ିଛି।

■ ଗୋ ସେବା ସବୁଠୁ ପୁଣ୍ୟ ସେବା

# ଗୋ ମାଂସ ଭକ୍ଷଣ ଜଘନ୍ୟ ଅପରାଧ

**ପୁରୀ ଅଫିସ, ୧୬ା୧୧**

ଗୋ ବଂଶ ଭାରତୀୟ ସଂସ୍କୃତି ଓ ପରମ୍ପରାର ପ୍ରତୀକ। ଭଗବାନ ଶ୍ରୀକୃଷ୍ଣ ସର୍ବପ୍ରଥମେ ଗୋ ଚାରଣ ଲୀଳା ସମ୍ପନ୍ନ କରିଥିଲେ। ଗୋ ସେବା ହେଉଛି ସବୁଠୁ ପୁଣ୍ୟ ସେବା। ହେଲେ ବର୍ତ୍ତମାନ ଭାରତରେ ଗୋ ସମ୍ପଦ ଅସୁରକ୍ଷିତ ହୋଇପଡ଼ିଛନ୍ତି। ଏମାନଙ୍କ ସୁରକ୍ଷା ଜରୁରୀ ହୋଇପଡ଼ିଛି ବୋଲି କହିଛନ୍ତି ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ। ଶୁକ୍ରବାର ଗୋବର୍ଦ୍ଧନ ମଠରେ ଗୋଷ୍ଠାଷ୍ଟମୀ ଉତ୍ସବ ପାଳନ ଅବସରରେ ଶଙ୍କରାଚାର୍ଯ୍ୟ କହିଥିଲେ ଯେ, ଗୋ ବଂଶକୁ ସୁରକ୍ଷା ଦେବାରେ ଦୃଢ଼ ଇଚ୍ଛାଶକ୍ତି ଦରକାର। ଭଗବତପାଦ ଆଦି ଶଙ୍କରାଚାର୍ଯ୍ୟ ଗୋ ବଂଶ ସୁରକ୍ଷା ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ପୀଠର ନାମ ଗୋବର୍ଦ୍ଧନ ମଠ ରଖିଥିଲେ। ଏଣୁ ଗୋ ସମ୍ପଦର ସୁରକ୍ଷା ଲାଗି ମଠର ଶଙ୍କରାଚାର୍ଯ୍ୟମାନେ ସମାଜକୁ ମାର୍ଗଦର୍ଶନ କରିବାର ଆବଶ୍ୟକତା ରହିଛି। ପୂର୍ବ ଶଙ୍କରାଚାର୍ଯ୍ୟ ନିରଞ୍ଜନ ଦେବ ତୀର୍ଥ ମହାରାଜ ୧୯୬୭ରେ ଗୋ ବଂଶର ରକ୍ଷା ଲାଗି ୭୨ ଦିନ ଅନଶନ କରିଥିଲେ। ଗୋ ହତ୍ୟା ସମ୍ପୂର୍ଣ୍ଣ ବନ୍ଦ ନ ହେବା ପର୍ଯ୍ୟନ୍ତ ସେ ଅନ୍ନ, ଜଳ ଗ୍ରହଣ କରିବେ ନାହିଁ ବୋଲି ସଂକଳ୍ପ କରିଥିଲେ। ଗୋ ବଂଶର ସୁରକ୍ଷା ପାଇଁ ୧୯୬୬-୬୭ରେ ମୁଁ ୫୨ ଦିନ ତିହାର ଜେଲରେ ରହିଥିଲି। ବର୍ତ୍ତମାନ ଏହି ମଠରେ ଗୋ ବଂଶଙ୍କ ସୁରକ୍ଷା ଲାଗି କାର୍ଯ୍ୟ ଚାଲିଛି ଏବଂ ଆଗକୁ ମଧ୍ୟ ଜାରି ରହିବ। କୃଷି ଏବଂ ବାଣିଜ୍ୟରେ ଗୋ ସମ୍ପଦଙ୍କ ବ୍ୟବହାର ବହୁଳ ଭାବେ କରାଯିବା ଦରକାର। କିନ୍ତୁ ଏବେ କୃଷିରେ ଟ୍ରାକ୍ଟର ବ୍ୟବହାର କରାଯାଉଛି। ସେହିପରି ବିଭିନ୍ନ ପ୍ରକାର କୀଟନାଶକ ପକାଯାଇ ଜମିର ଉର୍ବରତା ନଷ୍ଟ କରାଯାଉଛି। ଭାରତରେ ଦିନକୁ ଦିନ ଗୋ ହତ୍ୟା ବଢ଼ିବାରେ ଲାଗିଛି। ଗୋ ମାଂସ ଭକ୍ଷଣ ଅତ୍ୟନ୍ତ ଜଘନ୍ୟ ଅପରାଧ ଏବଂ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। ତେଣୁ ଗୋ ସମ୍ପଦଙ୍କୁ ହତ୍ୟା ନୁହେଁ ସେମାନଙ୍କ ସୁରକ୍ଷା ଲାଗି ସମସ୍ତେ ଆଗେଇ ଆସିବା ଉଚିତ ବୋଲି ଶଙ୍କରାଚାର୍ଯ୍ୟ ଆହ୍ୱାନ ଦେଇଥିଲେ।




**For a test drive, SMS 'KWID' to 53030 or call on 1800 300 44444 (Open from Monday to Sunday between 7:00 am to 11:00 pm).**
**Also available in CSD. Special offers for Defence Personnel, Government, PSU and Corporate employees.**

Terms and conditions apply. #Price mentioned is for the base variant for ex-showroom Bhubaneswar and is exclusive of local taxes. Offers may vary across variants and cities. Benefits may vary based on the variant and year of manufacturing and are applicable only till stocks last. *3.99% rate of interest is calculated at a loan amount of ₹3,00,000 for 24 months; rate shall vary as per loan amount and tenure. ^₹3,999 EMI is calculated at a loan amount of ₹2,58,000 on a rate of interest of 8.04% for 84 months; EMI and rate shall vary as per loan amount and tenure. Finance is at the sole discretion of Renault Finance.^^Benefits up to ₹20,000 include Insurance at ₹1 and cash discount of ₹10,000. It is applicable only on limited stock of select variants. **Warranty of 4 Years include (Manufacturer Warranty of 2 Years or 50,000 km + Extended Warranty of 2 Years or 50,000 km). The abovementioned offers are valid till 30th November 2018. For detailed offers, visit www.renault.co.in/offers. Accessories, features, colours shown may not be part of the standard fitment and will differ variant-wise. Renault India Pvt. Ltd. reserves the right to change or cancel the mentioned schemes and conditions without prior notice. Renault India Pvt. Ltd. shall not be liable for any loss or damage arising from your failure to comply or understand the offer details. In the event of any dispute, all matters shall be governed by all applicable laws of India and Court at Gurugram shall have the exclusive jurisdiction. For detailed terms and conditions, please visit www.renault.co.in.

**SHOWROOM: ODISHA: BHUBANESWAR**: RENAULT Bhubaneswar North Mob: +91 9643800532, RENAULT Bhubaneswar Mob: +91 8860076082. **BALANGIR:** RENAULT Balangir Mob: +91 9643800378. **CUTTACK**: RENAULT Cuttack Mob: +91 8860877164. **JHARSUGUDA:** RENAULT Jharsuguda Mob: +917290055349. **ROURKELA:** RENAULT Rourkela Mob: + 91 8860875802, + 91 9778845542. **SAMBALPUR:** RENAULT Sambalpur Mob: +91 8860048351.

L&K | SAATCHI & SAATCHI







ନିଜ ତ୍ୱଚା ଉପରେ ପ୍ରୟୋଗ କରିବା ବନ୍ଦ କରନ୍ତୁ, ଆପଣାନ୍ତୁ ଆୟୁର୍ବେଦିକ ରୂପ ମନ୍ତ୍ରା

**ରୂପ ମନ୍ତ୍ରା ଆୟୁର୍ବେଦିକ ଫେସ୍ କ୍ରିମ୍**

ରୂପ ମନ୍ତ୍ରା ଆୟୁର୍ବେଦିକ ଫେୟାରନେସ୍ କ୍ରିମ୍‌ରେ ରହିଥିବା ଏଲୋଭେରା, ତୁଳସୀ, ଦ୍ରାକ୍ଷା, ହରିଦ୍ରା, ଚନ୍ଦନ, ବାଦାମ ଇତ୍ୟାଦି ଆୟୁର୍ବେଦିକ ଜଡ଼ିବୁଟି ଚେହେରାର ପ୍ରାକୃତିକ ଆର୍ଦ୍ରତାକୁ ସୁରକ୍ଷିତ ରଖି ଏକ ଟ୍ରିଟ୍‌ମେଣ୍ଟ ରୂପେ କାମ କରିଥାଏ। ଏହାର ଅଦ୍ଭୁତ ପୋଷକ ଏବଂ ଆଣ୍ଟି-ଅକ୍ସିଡାଣ୍ଟ ଗୁଣ ଚେହେରାର ତ୍ୱଚାକୁ ଯୁବ ରଖିବାରେ ସହାୟତା କରିଥାଏ। ଏଲୋଭେରାରେ ରହିଥିବା Auxin ଓ Gibberellins ଚେହେରାର ମୃତ କୋଷିକାଗୁଡ଼ିକୁ ହଟାଇ ସ୍ୱାଭାବିକ ତ୍ୱଚା ଗଠନ କରିବାରେ ସହାୟକ ହୋଇଥାଏ। ଏହା ତ୍ୱଚାର ଶ୍ୟାମଳପଣ, ବଢୁଥିବା ବୟସର କୁଞ୍ଚନ, ଆଖି ତଳ କଳାଦାଗ, ପ୍ରସାରଣ ଦାଗ ଇତ୍ୟାଦିର ପ୍ରବନ୍ଧନରେ ସହାୟକ ହୋଇଥାଏ।

**ରୂପ ମନ୍ତ୍ରା ଆୟୁର୍ବେଦିକ କ୍ୟାପ୍‌ସୁଲ**

ରୂପ ମନ୍ତ୍ରା ଆୟୁର୍ବେଦିକ କ୍ୟାପ୍‌ସୁଲରେ ରହିଥିବା ବ୍ରାହ୍ମୀ, ପୁଷ୍କର ମୂଳ, ନାରଙ୍ଗୀ, ପିପ୍ପଳି, ଦ୍ରାକ୍ଷା ଏବଂ ସବୁଜ ଚା ଇତ୍ୟାଦିର ସମଯୋଗ ତ୍ୱଚାର ଲୋମଛିଦ୍ରରେ ଭରି ରହିଥିବା ବ୍ୟାକ୍ଟେରିଆ ଓ ମଇଳାକୁ ଦୂରକରି କାଠବ୍ରଣ ଉପରେ ନିୟନ୍ତ୍ରଣ କରିଥାଏ । ଏହି ଔଷଧିଗୁଡ଼ିକ ରକ୍ତର ଶୁଦ୍ଧୀକରଣ ପାଇଁ ପ୍ରସିଦ୍ଧ ଏବଂ ବର୍ଣ୍ଣିତ। ଶରୀରର ଆଭ୍ୟନ୍ତରୀଣ ସଫେଇ ଓ ସ୍ୱାସ୍ଥ୍ୟର ଉଚିତ ଧ୍ୟାନ ଦିଆଯାଇଥିଲେ ହିଁ ତ୍ୱଚାର ସୁଧାର ସମ୍ବନ୍ଧୀୟ ଯେକୌଣସି ଔଷଧ ଯଥୋଚିତ କାର୍ଯ୍ୟ କରିଥାଏ । ଏହି କ୍ରମରେ ରୂପ ମନ୍ତ୍ରା କ୍ୟାପ୍‌ସୁଲ୍ ତ୍ୱଚାର ଅନ୍ୟ bacterial, fungal infectionsରୁ ସୁରକ୍ଷା ଦେଇ ତ୍ୱଚା ତଳେ blood ଏବଂ lymphର ପରିସଞ୍ଚାଳନ ଏବଂ ପ୍ରବନ୍ଧନରେ ସହାୟତା କରିଥାଏ । ଏହାଦ୍ୱାରା ତ୍ୱଚା ଯୁବା ଏବଂ ଜୀବନ୍ତ ରହିଥାଏ।

**ରୂପ ମନ୍ତ୍ରା ଆୟୁର୍ବେଦିକ ଫେସ୍‌ୱାଶ୍**

ରୂପ ମନ୍ତ୍ରା ଆୟୁର୍ବେଦିକ ଫେସ୍ ୱାଶ୍‌ରେ ରହିଥିବା କାକୁଡ଼ି ତ୍ୱଚାକୁ ଶୀତଳତା ଏବଂ ସତେଜତା ଦେଇଥାଏ। କାକୁଡ଼ିରେ ରହିଥିବା ଏସ୍କୋରବିକ ଏସିଡ୍ ଓ କୈଫିକ୍ ଏସିଡ୍ ତ୍ୱଚାର ଆର୍ଦ୍ରତା ବଜାୟ ରଖିବାରେ ସହାୟକ । ଧ୍ୟାନ ଦେବା ଯୋଗ୍ୟ କଥା ହେଉଛି ଆଜିକାଲି କସ୍‌ମେଟିକ୍ସ ସାବୁନ ଏବଂ ପ୍ରସାଧନରେ ଅଧିକ ଫେଣ ପାଇଁ କେତେକ କେମିକାଲ୍ ମିଶ୍ରଣ କରାଯାଏ, ଯାହାର ଦୂରଗାମୀ କୁପ୍ରଭାବ ରହିଥାଏ। ରୂପ ମନ୍ତ୍ରା ଫେସ୍ ୱାଶ୍‌କୁ ଏହା ଧ୍ୟାନରେ ରଖି ପ୍ରସ୍ତୁତ କରାଯାଇଛି ଯେ ଏହାର ନିୟମିତ ବ୍ୟବହାର ଦ୍ୱାରା ତ୍ୱଚାକୁ ଉଚିତ ଲାଭ ମିଳିବ । ଏହା ଡାର୍କ ସର୍କଲ ଏବଂ ଚେହେରାର ଦାଗକୁ କମ୍ କରି ରଙ୍ଗକୁ ସଫା କରିବାରେ ସହାୟକ ଏବଂ ଚେହେରାରେ କାଠବ୍ରଣକୁ ପ୍ରତିରୋଧ କରିବା/ପୁନର୍ବାର ଆସିବାରୁ ନିୟନ୍ତ୍ରିତ କରିଥାଏ।

New Dr. Juneja's® Roop Mantra
Ayurvedic Cream, Capsules, Soap & Face Wash
24x7 Helpline : 0171-3055111 • www.roopmantra.com




UPGRADE TO CITY AND GET EXCITING CONSUMER AND EXCHANGE OFFERS

Available in Petrol and Diesel
•i-DTEC •i-VTEC •CVT
SMS <CITY> to 53030
Log on to www.hondacarindia.com

For corporate sales enquiries, write to corporatesales@hondacarindia.com • To exchange any existing car with a Honda car, write to autoterrace@hondacarindia.com. Colours, features and specifications are grade specific. *Model wise offers valid on select variants. Ex-showroom price is of base Petrol variant. No.1 mid-size sedan based on the wholesale figures of Honda City since its launch in India. *Warranty of unlimited kms in a 3 year period from the date of new vehicle is a part of standard City purchase. Actual colours may vary from the ones shown here • #The Great Honda Fest is a promotional offer by Honda Cars India Ltd., under which there is a customer contest "Exotic Trip to London and Paris". Customers who buy any new Honda car invoiced on or before 30th Nov 2018 and delivered between 1st Sep - 30th Nov 2018 and also register at www.hondacarindia.com/HondaFest2018 are eligible to participate in the contest and stand a chance to win a trip to London and Paris. 30 monthly winners of September'18 to be declared in October'18, 31 monthly winners of Oct'18 to be declared in Nov'18 and 07 winners of 1st Nov - 7th Nov'18 and additional 07 winners of 8th Nov - 30th Nov'18 to be declared in Dec'18. Only one ticket shall be provided against the delivery of vehicle and meeting the eligibility conditions. This offer is valid for persons of age 18 years and above. Honda Cars India Ltd. reserves the rights to extend, modify or terminate the contest/offer at any point of time. Starting price of S MT Petrol Variant in Bhubaneswar. Terms & conditions apply. For detailed terms & conditions, please visit www.hondacarindia.com

3 YEAR WARRANTY UNLIMITED kms*
Honda ProCARE CUSTOMER SERVICE
Honda Auto Terrace

The Great Honda Fest
CELEBRATIONS EXTENDED
TILL 30TH NOVEMBER 2018
Buy a Honda car today and win a fully paid trip# to LONDON and PARIS.

**Highway Honda**
**Showroom:** NH-5, Plot No. 209, Mirzapur Pani Koili, Distt., Jajpur, **PH:** 7873999226

**Highway Honda**
**Showroom:** Cantonment Road Cuttack
**PH:** 7873999589, 7873999603



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଜଣେ ଯଦି ତୁମଠାରୁ ଭଲ ହୋଇ ନ ଥାଏ, ତା’ ସହିତ କେବେ ବନ୍ଧୁତା ବାନ୍ଧ ନାହିଁ।

- କନ୍‌ଫୁସିୟସ



# ଭିଡ଼ ବଢ଼ାଉଛି ଭାରିଯାନ

**କଟକ ଅଫିସ, ୧୬।୧୧**

ସକାଳଠାରୁ ସଞ୍ଜ ଯାଏ ସହରର ବିଭିନ୍ନ ଜନଗହଳିପୂର୍ଣ୍ଣ ଅଞ୍ଚଳରେ ଲାଗି ରହୁଛି ଅସମ୍ଭାଳ ଭିଡ଼। ତେବେ ଏହି ସମୟରେ ବେଆଇନ ଭାବେ ଭାରିଯାନ ଚଳଚଳ ସ୍ଥିତିକୁ ଅଧିକ ଜଟିଳ କରୁଛି। ବିଶେଷକରି ଚଣ୍ଡୀଛକ, ପ୍ରେସଛକ, ବାଦାମବାଡ଼ି, କଲେଜଛକ, କନିକାଛକ ଅଞ୍ଚଳରେ ଭିଡ଼ ଭିତରେ ଦେଖିବାକୁ ମିଳୁଛି ବିଭିନ୍ନ ମାଲବାହୀ ଗାଡ଼ିର ବେଆଇନ ପ୍ରବେଶ। ଏଥିଯୋଗୁ ସାଧାରଣ ଦିନମାନଙ୍କରେ ସ୍କୁଲ, କଲେଜ ଛାତ୍ରୀଛାତ୍ର ଓ ଅଫିସ ଯାଉଥିବା ବ୍ୟକ୍ତିଙ୍କ ପାଇଁ ବଡ଼ ସମସ୍ୟା ସୃଷ୍ଟି କରୁଛି। ଅନେକ ସମୟରେ ଏହି ଭିଡ଼ ଭିତରେ ଦୀର୍ଘ ସମୟ ଧରି ଆମ୍ବୁଲାନ୍ସ ଫସି ରହୁଛି। ଅନ୍ୟପକ୍ଷରେ ଭାରିଯାନ ପ୍ରବେଶ ଯୋଗୁ ସହରରେ ଛୋଟବଡ଼ ଦୁର୍ଘଟଣା ମଧ୍ୟ ଘଟୁଛି। ଏହାକୁ ନେଇ ଅନେକ ସମୟରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି।

ସହର ଭିତରକୁ ବେଆଇନ ଭାବେ ଭାରିଯାନ ପ୍ରବେଶ ସଂକ୍ରାନ୍ତରେ ସ୍ଥାନୀୟ ଅଞ୍ଚଳର ସାମାଜିକ କର୍ମୀ ଶୁଭେନ୍ଦୁ ସ୍ୱାଇଁ କ୍ଷୋଭ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଏହି ସମସ୍ୟାକୁ ଦୃଷ୍ଟିରେ ରଖି ୨୦୦୯ରେ କମିଶନରେଟ ପୋଲିସ ପକ୍ଷରୁ ସହରରେ ଭାରିଯାନ ପ୍ରବେଶ ଉପରେ କଟକଣା ଲଗାଯାଇ ସର୍କୁଲାର ଜାରି କରାଯାଇଥିଲା। ଏହି ସର୍କୁଲାର ଅନୁଯାୟୀ, ସକାଳ ୮ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସହର ମଧ୍ୟରେ ମାଲ ପରିବହନକାରୀ ଭାରିଯାନ ପ୍ରବେଶ କରିପାରିବ ନାହିଁ। କଟକଣା ନ ମାନିଲେ ଗାଡ଼ି ଜବତ ସହ କାର୍ଯ୍ୟାନୁଷ୍ଠାନ ପାଇଁ ମଧ୍ୟ ନିର୍ଦ୍ଦେଶ ଥିଲା। ହେଲେ ବାରମ୍ବାର ନିୟମ ଖିଲାପ କରୁଥିବା ଭାରିଯାନଗୁଡ଼ିକରୁ ଟ୍ରାଫିକ ପୋଲିସ କେବଳ ଜରିମାନା ଆଦାୟ କରି ଛାଡ଼ି ଦେଉଛି। ଏପରିକି ଅଧିକାଂଶ ସମୟରେ ଜରିମାନା ମଧ୍ୟ ଆଦାୟ କରାଯାଉ ନଥିବା ଦେଖିବାକୁ ମିଳୁଛି। ଏ ସମ୍ପର୍କରେ ଟ୍ରାଫିକ୍ ଏସିପି ପି.କେ. ଦଳେଇ କହିଛନ୍ତି, ସହରକୁ ବେଆଇନ ଭାବେ ପ୍ରବେଶ କରୁଥିବା ଭାରିଯାନ ଜବତ ପରେ ରଖିବାକୁ ଅଧିକାଂଶ ଥାନାରେ ସ୍ଥାନାଭାବ ରହିଛି। ଏପରିକି ଲିଙ୍କ୍‌ରୋଡ୍‌ସ୍ଥିତ ଟ୍ରାଫିକ୍ ଥାନାରେ ଜାଗା ନାହିଁ। ଏଥିପାଇଁ ଉକ୍ତ ଭାରିଯାନଗୁଡ଼ିକ କେବଳ ଜରିମାନା କରାଯାଇ ଛାଡି ଦିଆଯାଉଥିବା ସେ କହିଛନ୍ତି। କଟକ ଡିସିପି ଅଖିଳେଶ୍ୱର ସିଂ କହିଛନ୍ତି, ବାରମ୍ବାର ଆଇନ ଉଲ୍ଲଙ୍ଘନ କରୁଥିବା ଗାଡ଼ିଚାଳକଙ୍କ ପରମିଟ୍ ରଦ୍ଦ କରିବାକୁ ପଦକ୍ଷେପ ନେବାକୁ ପରିବହନ ବିଭାଗକୁ ପରାମର୍ଶ ଦିଆଯିବ।

ମିଳିଥିବା ସୂଚନାନୁସାରେ, ସହରରେ ଭାରିଯାନ ଦୁର୍ଘଟଣାରେ ଗତ ୬ ମାସ ମଧ୍ୟରେ ୫ ଜଣଙ୍କର ଜୀବନ ଯାଇଛି। ଟ୍ରାଫିକ୍ ଯନ୍ତ୍ରଣାରେ ସହରବାସୀ ଛଟପଟ ହେଉଥିବାବେଳେ ଟ୍ରାଫିକ କର୍ମଚାରୀ ହାତଗୁଞ୍ଜା ନେଇ ଏଭଳି ସମସ୍ୟାକୁ ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହେଉଛି। ସାମାଜିକ କର୍ମୀ ସୁକାନ୍ତ ସେଠୀ କହିଛନ୍ତି, କଟକ କଲେଜ ଛକଠାରେ ଦିନ ଦ୍ୱିପ୍ରହରରେ ଭାରିଯାନ ଚଳାଚଳ କରୁଛି। ପିସିଆର ପୋଲିସ ଦେଖୁଥିଲେ ମଧ୍ୟ ଏହାକୁ ରୋକୁନାହିଁ। ସହରରେ ଭାରିଯାନ ଚଳାଚଳ ପାଇଁ ପୋଲିସ ସୁଯୋଗ ଦେଉଥିବା ଏଥିରୁ ବାରି ହୋଇପଡୁଛି। କମିଶନର ଜାରି କରିଥିବା ସର୍କୁଲାରକୁ ନିଜେ ପୋଲିସ ଖାତିର କରୁ ନ ଥିବା ପରି ମନେ ହେଉଛି। କମିଶନର ମଧ୍ୟ ବିଭିନ୍ନ ସମୟରେ ଏଭଳି ସର୍କୁଲାର ଜାରି କରି ଚୁପ୍ ବସୁଥିବାରୁ ସହରରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡୁଛି ବୋଲି ସେଠୀ କହିଛନ୍ତି।

**କଟକରେ କଟକଣାକୁ ଫୁ**

- ସର୍କୁଲାର ଜାରି କରି ଚୁପ୍ ବସୁଛି କମିଶନରେଟ ପୋଲିସ
- ଥାନାରେ ନାହିଁ ଜାଗା କହି ଦୋଷ ଖସାଉଛି
- ହାତଗୁଞ୍ଜାରେ ଦିଆଯାଉଛି ସୁଯୋଗ



ଗୋଷ୍ଠାଷ୍ଟମୀ ଅବସରରେ ଶୁକ୍ରବାର କଟକ ମାଣିକଘୋଷ ବଜାରସ୍ଥିତ ମାରୱାଡି କ୍ଲବ ପରିସରରେ ମାରୱାଡି ମହିଳାମାନେ ଗୋ ପୂଜା କରୁଛନ୍ତି।

## ସଂକ୍ଷେପରେ

### ଭାଜପାର ମିଶ୍ରଣ ସମାବେଶ

**କଟକ ଅଫିସ, ୧୬।୧୧:** ବିଜୁପଟ୍ଟନାୟକ ଛକ ନିକଟ ଖ୍ରୀଷ୍ଟିୟାନ ପଡ଼ିଆରେ ଶୁକ୍ରବାର ଆୟୋଜିତ ହୋଇଛି ଭାଜପାର ମିଶ୍ରଣ ପର୍ବ। ଏଥିରେ ବିଜେଡି ଓ କଂଗ୍ରେସ କର୍ମୀ ଭାଜପାରେ ଯୋଗଦେଇଛନ୍ତି। ଭାଜପା ନେତା ତଥା ପୂର୍ବତନ ମନ୍ତ୍ରୀ ସମୀର ଦେ ସେମାନଙ୍କୁ ଗୈରିକ ଟୋପି ଓ ଉତ୍ତରୀୟ ପିନ୍ଧାଇ ସ୍ୱାଗତ କରିଥିଲେ। ଭାଜପାରେ ସାମିଲ ହୋଇଥିବା ବ୍ୟକ୍ତିମାନେ ହେଲେ ସେକ୍ ସିରାଜ, ଜବିର ଖାନ, ଜାକିର ଖାନ, ସେକ୍ ଜଲିଲ, ମହମ୍ମଦ ଆସିକ, ସେକ୍ ଇସ୍ରାଏଲ, ଡୋମନିକ ବିଲୁଙ୍ଗ, ଶିବ ସେଠୀ, ଗୋରାକବର ପୂଜା କମିଟି ସମ୍ପାଦକ ସୁରେଶ ଚନ୍ଦ୍ର ସେଠୀ ପ୍ରମୁଖ। ଏହି ମିଶ୍ରଣ ପର୍ବ କଟକରେ ଭାଜପାକୁ ଆହୁରି ଶକ୍ତିଶାଳୀ କରିବ ବୋଲି ଦେ କହିଛନ୍ତି।

### ଗଣ୍ଡଗୋଳ ଘଟଣା: ଜଣେ ଗିରଫ

**କଟକ ଅଫିସ,୧୬।୧୧:** ଚଳିତବର୍ଷ ଗଣେଶ ପୂଜା ଭସାଣିବେଳେ ଦୁଇ ଗୋଷ୍ଠୀ ମଧ୍ୟରେ ଘଟିଥିବା ଗଣ୍ଡଗୋଳ ଘଟଣାରେ ମଙ୍ଗଳାବାଗ ପୋଲିସ ସ୍ଥାନୀୟ ଜାଡିଆ ସାହି ଅଞ୍ଚଳର ବାବୁ ମହାରଣା(୨୮)ଙ୍କୁ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ, ଗଣେଶ ପୂଜା ଭସାଣିରେ ଜାଡିଆ ସାହି ଏବଂ ସାରଙ୍ଗ ସାହି ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। ଏଥିରେ ଉଭୟ ପକ୍ଷର ୪ ଜଣ ଆହତ ହୋଇଥିଲେ। ଏ ନେଇ ଉଭୟ ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ପୂର୍ବରୁ ଏହି ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫ କରିଥିଲା।

### ବସ୍ ଦୁର୍ଘଟଣାରେ ମୃତ୍ୟୁ ଘଟଣା: ଚାଳକ ଗିରଫ

**କଟକ ଅଫିସ,୧୬।୧୧:** ପାରାଦୀପ-କଟକ ରୋଡରେ ଏକ ବସ୍ ଦୁର୍ଘଟଣାରେ ବିରିବାଟି ହାଇସ୍କୁଲର କିରାଣି ଦେବେଶ ପଟ୍ଟନାୟକଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାର ତଦନ୍ତ କରି ଚାଉଳିଆଗଞ୍ଜ ପୋଲିସ ଅଭିଯୁକ୍ତ ବସ୍ ଚାଳକଙ୍କୁ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ବିରିଡି ଥାନା ଅନ୍ତର୍ଗତ କମର ଶାସନ ଅଞ୍ଚଳର ଅଜୟ ପରିଡା(୫୦)। ସୂଚନାଯୋଗ୍ୟ, ମଙ୍ଗଳବାର ଅପରାହ୍ଣରେ ଦେବେଶ ଏକ ବାଇକ(ଓଆର ୦୫ ଏଚ୍-୪୨୫୯)ରେ ପାରାଦୀପ-କଟକ ରୋଡରେ ସ୍କୁଲରୁ ସିଡିଏ ସ୍ଥିତ ତାଙ୍କ ଘରକୁ ଫେରୁଥିଲେ। ରାସ୍ତାରେ ଏକ ବସ୍‌କୁ ଅତିକ୍ରମ କରୁଥିବାବେଳେ ଭାରସାମ୍ୟ ହରାଇ ତଳେ ପଡି ଯାଇଥିଲେ। ଫଳରେ ବସ୍‌ର ଚକ ତାଙ୍କ ମୁଣ୍ଡ ଉପରେ ମାଡିଯାଇଥିଲା। ଚିକିତ୍ସାଲାଗି ତାଙ୍କୁ ମେଡିକାଲ ନିଆଯାଇଥିଲେ ମଧ୍ୟ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।

### ଡ. ପ୍ରିୟତମା ଦେଓ ସ୍ମାରକୀ ଇ-ଲାଇବ୍ରେରୀ ଉଦ୍‌ଘାଟିତ

**କଟକ ଅଫିସ,୧୬।୧୧:** ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗରେ ଡ. ପ୍ରିୟତମା ଦେଓ ସ୍ମାରକୀ ଇ-ଲାଇବ୍ରେରୀ ଓ ଅଧ୍ୟୟନ କକ୍ଷ ଉଦ୍‌ଘାଟିତ ହୋଇଯାଇଛି। କୁଳପତି ପ୍ରଫେସର ଇଶାନ କୁମାର ପାତ୍ର ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ୧୧ଟି କମ୍ପ୍ୟୁଟର ଥିବା ଏହି ପ୍ରକୋଷ୍ଠରେ ୧ ହଜାରରୁ ଊର୍ଦ୍ଧ୍ୱ ଇ-ବୁକ୍‌ସ, ୫ଶହରୁ ଊର୍ଦ୍ଧ୍ୱ ପଦାର୍ଥ ବିଜ୍ଞାନର ବହି ଉପଲବ୍ଧ ରହିଛି। ଏହି ଅବସରରେ ବିଭାଗୀୟ ମୁଖ୍ୟ ପ୍ରଫେସର ରବୀନ୍ଦ୍ରନାଥ ମିଶ୍ର, ପ୍ରଫେସର ଭାରତୀ ବେହେରା, ଡ. ଆକାଶ ସାହୁ, କୁଳସଚିବ ଅଶୋକ କୁମାର ଦାଶ, ପ୍ରଫେସର ପ୍ରଦୀପ୍ତ ମହାପାତ୍ର, ଅସୀମା ସାହୁ ଓ ପଦନ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

### ଜାତୀୟ ରାଜପଥ ପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ ପାଇଁ ଘୋଷଣା

**ଚୌଦ୍ୱାର,୧୬।୧୧(ଡି.ଏନ.ଏ.):** ମଙ୍ଗୁଳି ଠାରୁ ଧୁମାବତୀ ଛକ ପର୍ଯ୍ୟନ୍ତ ୫୬ନଂ. ଜାତୀୟ ରାଜପଥ ପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ ପାଇଁ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ (ଏନ୍‌ଏଚଏଆଇ)ଙ୍କ ପକ୍ଷରୁ ଶୁକ୍ରବାର ବିଧିବଦ୍ଧ ଘୋଷଣା କରାଯାଇଛି। ଡିସେମ୍ବର ୧ ତାରିଖ ସୁଦ୍ଧା ନୁନଟିକିରି, ମୁଣ୍ଡମାଳ, ଓଟିଏମ ବଜାର, ଗାନ୍ଧୀଛକ, କଳିଙ୍ଗ ଛକ, ତାରିଣୀ ବଜାର ଓ ଧୁମାବତୀ ବଜାର ଠାରେ ଚବରଦଖଲରେ ଥିବା ସମସ୍ତ ଦୋକାନ, ବାସଗୃହ, ଦେବାଳୟକୁ ଉଚ୍ଛେଦ କରାଯିବ ବୋଲି ଏନ୍‌ଏଚଏଆଇ ପକ୍ଷରୁ ଡାକବାଜି ଯନ୍ତ୍ର ଯୋଗେ ସୂଚନା ଦିଆଯାଇଛି।

# ଗାନ୍ଧୀ ଉତ୍ସବ ଉଦ୍‌ଘାଟିତ



ଗାନ୍ଧୀ ଉତ୍ସବ ଉପଲକ୍ଷେ ଆୟୋଜିତ ପ୍ରଦର୍ଶନୀ।

**କଟକ ଅଫିସ, ୧୬।୧୧**

ସାମ୍ପ୍ରଦାୟିକ ସଦ୍‌ଭାବର ଆବଶ୍ୟକତା ଯେ ପର୍ଯ୍ୟନ୍ତ ଦେଶରେ ରହିଛି ସେତେବେଳ ଯାଏ ଗାନ୍ଧୀ ବିଚାର ଆବଶ୍ୟକତା ରହିଛି। ପରିବେଶ ପ୍ରଦୂଷଣ, ଭୋଗବାଦ କବଳରୁ ଦୁନିଆକୁ ବଞ୍ଚାଇବା ପାଇଁ ଗାନ୍ଧୀ ବିଚାର ହିଁ ଏକମାତ୍ର ମାର୍ଗ ବୋଲି ବହୁ ବିଶିଷ୍ଟ ବ୍ୟକ୍ତି ମତବ୍ୟକ୍ତ କରିଛନ୍ତି। ସୟଦ ସେମିନାରୀ ହାଇସ୍କୁଲ ପ୍ରାଙ୍ଗଣରେ ଚାନ୍ଦ କ୍ଲବ ଓ ଗାନ୍ଧୀ :୧୫୦ ଓଡ଼ିଶା ରାଜ୍ୟ ସମିତି ଆନୁକୂଲ୍ୟରେ ଶୁକ୍ରବାର ସନ୍ଧ୍ୟାରେ ଗାନ୍ଧୀ ଉତ୍ସବର ଶୁଭାରମ୍ଭ ହୋଇଛି। ଗାନ୍ଧୀବାଦୀ ନେତ୍ରୀ କୃଷ୍ଣା ମହାନ୍ତି ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ସାମାଜିକ କର୍ମୀ ମହମ୍ମଦ ଫାରୁକ୍, କୃଷକ ନେତା ଲିଙ୍ଗରାଜ ଯୋଗଦେଇ ଗାନ୍ଧୀ ଦର୍ଶନ ଉପରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମ୍‌ପି ଭର୍ତ୍ତୃହରି ମହତାବ, ମହମ୍ମଦ କାମ୍ରୁଦ୍ଦିନ୍ ଖାଁ, ଶେଖ୍ କଲିମ୍‌ଉଲ୍ଲା, ହରିହର ସେନ, ରାମଚନ୍ଦ୍ର ରାୟ ପ୍ରମୁଖ ଗାନ୍ଧୀବାଦ ଉପରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସେଠାରେ ଖୋଲାଯାଇଥିବା ପ୍ରଦର୍ଶନୀରେ ମହାତ୍ମା ଗାନ୍ଧୀଙ୍କ ହସ୍ତଲିଖିତ ୬ଟି ଚିଠି, ତାଙ୍କର ଚପଲ, କଠଉ, ମାଳା, ହରିଜନ ପତ୍ରିକା, ୧୯୨୧ ମସିହାରେ କଟକ ଆସିଥିବା ବେଳର ଚୌକି ଓ ଦରି ପ୍ରଦର୍ଶିତ ହୋଇଛି। ଡା. ବିଶ୍ୱଜିତ୍ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ମୋ’ ଅନୁଭୂତି ସମ୍ପର୍କିତ ଆଲୋଚନାଚକ୍ର

**କଟକ ଅଫିସ, ୧୬।୧୧**

ବକ୍ସିବଜାରସ୍ଥିତ ଦି ୟୁନିଭର୍ସଠାରେ କଟକ ମ୍ୟୁନିସିପାଲିଟିର ମୋ’ ଅନୁଭୂତି ସମ୍ପର୍କିତ ଏକ ଆଲୋଚନାଚକ୍ର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଡା. ସୁଦର୍ଶନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ପୂର୍ବତନ ଅର୍ଥମନ୍ତ୍ରୀ ତ୍ରିଲୋଚନ କାନୁନ୍‌ଗୋ କହିଥିଲେ, ଦୁର୍ବାର ଇଚ୍ଛା ଓ କଠୋର କର୍ତ୍ତବ୍ୟ ଆଗରେ ସବୁ ଅସୁବିଧା ହାର୍‌ମାନେ। ଏହି କଥା କହିବାର ଉଦ୍ଦେଶ୍ୟ ମୁଁ କଟକ ମ୍ୟୁନିସିପାଲିଟିର ତତ୍କାଳୀନ ଅଧ୍ୟକ୍ଷ ଥିବାବେଳେ ଲୋକେ ରାସ୍ତାଘାଟ, ମଶା ଉପଦ୍ରବ ଆଦି ସମସ୍ୟା କହିବା ମାତ୍ରେ କାମ ହେଉଥିଲା। ଲୋକେ ଏଭଳି ମୋର ଆକ୍ସନ ମୁଡକୁ ବେଶ ପ୍ରଶଂସା ମଧ୍ୟ କରୁଥିଲେ ହେଲେ ପରବର୍ତ୍ତୀ ସମୟରେ ମୋ’ ଭିତରେ ଅହଂଭାବ ଆସିଲା। ଯାହାଦ୍ୱାରା ପରବର୍ତ୍ତୀ ସମୟରେ ଯେବେ ଏମ୍‌ପି ଭାବେ ପ୍ରତିଦ୍ୱନ୍ଦ୍ୱିତା କଲି କଟକ ଲୋକେ ମୋତେ ପ୍ରତ୍ୟାଖ୍ୟାନ କରି ମୋ ଅହଂ ମନୋଭାବର ଜବାବ ଦେଲେ। ତେଣୁ ମୁଁ କହିବାକୁ ଚାହୁଁଛି ଭଲ କାମ କଲେ ଲୋକେ ପ୍ରଶଂସା କରନ୍ତି। ଏହାଦ୍ୱାରା ବ୍ୟକ୍ତିର ମନରେ ଅହଂକାର ସୃଷ୍ଟି ହୁଏ। ଏହି ଅହଂକାର ପରବର୍ତ୍ତୀ ସମୟରେ ମଣିଷ ପାଇଁ ଶତ୍ରୁତା ସୃଷ୍ଟି କରେ। ତେଣୁ ଭଲ କାମ କରିବା ବେଳେ ଆମ ସମସ୍ତଙ୍କୁ ମନେ ରଖିବାକୁ ହେବ ଯେ ଅହଂଭାବରୁ ଆମକୁ ଦୂରେଇ ରହିବାକୁ ହେବ ବୋଲି କାନୁନ୍‌ଗୋ କହିଛନ୍ତି। ଏହି ଆଲୋଚନାଚକ୍ରରେ ସହରର ବହୁ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ଓ ସାହି ମୁରବୀ ଯୋଗଦେଇଥିଲେ।

## ଗୋସୁରକ୍ଷା ପାଇଁ ଓଡ଼ିଶା ସୁରକ୍ଷା ସେନାର ଶୋଭାଯାତ୍ରା

**କଟକ ଅଫିସ, ୧୬।୧୧**

ଓଡ଼ିଶା ସୁରକ୍ଷା ସେନା କଟକ ଶାଖା ତରଫରୁ ଶୁକ୍ରବାର ଗୋ ସୁରକ୍ଷା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସୁରକ୍ଷା ସେନା ରାଜ୍ୟ ସାଧାରଣ ସମ୍ପାଦକ ତଥା କଟକ ଜିଲା ପର୍ଯ୍ୟବେକ୍ଷକ ସବ୍ୟସାଚୀ ଶତପଥୀଙ୍କ ନେତୃତ୍ୱରେ ସେନାର ଶତାଧିକ ସଦସ୍ୟ ମାଣିକଘୋଷ ବଜାରସ୍ଥିତ ରାଜ୍ୟ କାର୍ଯ୍ୟାଳୟରୁ ବାହାରି ବାଲୁବଜାର, ଆଲମଚନ୍ଦ ବଜାର, ଗଙ୍ଗା ମନ୍ଦିର ଦେଇ ଓଡ଼ିଆ ବଜାରସ୍ଥିତ ସଚ୍ଚିଦାନନ୍ଦ ମଠରେ ପହଞ୍ଚିଥିଲେ। ସେଠାରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା। ରାଜ୍ୟ ସାଧାରଣ ସମ୍ପାଦକ ଶତପଥୀ ଗୋ ମାହାତ୍ମ୍ୟ ଉପରେ ଉଦ୍‌ବୋଧନ ଦେଇଥିଲେ। ପରେ ସେଠାରେ ଥିବା ଗୋମାତାଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ସଚ୍ଚିଦାନନ୍ଦ ମଠର ମହନ୍ତ ଏବଂ ମଠରେ ରହୁଥିବା ସାଧୁସନ୍ନ୍ୟାସୀମାନେ ପୂର୍ଣ୍ଣ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସାଧାରଣ ସମ୍ପାଦକ ସବ୍ୟସାଚୀ ଶତପଥୀ, ସତ୍ୟବ୍ରତ ପଣ୍ଡା, ମହିଳା ଶାଖା ରାଜ୍ୟ ସଭାପତି ଅନୁରାଧା ଦାସ, ଯୁଗ୍ମ ସମ୍ପାଦକ ପ୍ରଦୀପ୍ତ ରଞ୍ଜନ ଦାଶ ଓ ଅଜୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବସନ୍ତ କୁମାରୀ ମହାନ୍ତି ମେଧାବୃତ୍ତି ପ୍ରଦାନ ଉତ୍ସବ

**ଭୁବନେଶ୍ୱର, ୧୬।୧୧(ବ୍ୟୁରୋ)**




ଟାଙ୍ଗୀ–ଚୌଦ୍ୱାର ବ୍ଲକ ଅଧୀନ ସଫା ଗ୍ରାମ ସ୍ଥିତ ନେହେରୁ ନୋଡାଲ ଉ.ପ୍ରା. ବିଦ୍ୟାଳୟ ପରିସରରେ ଶିଶୁ ଦିବସ ଅବସରରେ ବୁଧବାର ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରମାନଙ୍କୁ ବସନ୍ତ କୁମାରୀ ମହାନ୍ତି ମେଧାବୃତ୍ତି ପ୍ରଦାନ କରାଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ନୀଳିମା ଖିଲାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ସରୋଜ କୁମାର ମହାନ୍ତି ମୁଖ୍ୟଅତିଥି, ସିଆରସିସି ପ୍ରଶାନ୍ତ କୁମାର ବେହେରା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅଶୋକ ବାହାଲିଆ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ରୀ କୁମାରୀ କସ୍ତୁରୀ ପ୍ରିୟଦର୍ଶିନୀ, ଛାତ୍ର ତ୍ରିଲୋଚନ ଧଳ, ଦେବାଶିଷ ବେଉରା ଓ ପଞ୍ଚମ ଶ୍ରେଣୀ ଛାତ୍ର ପ୍ରଭୁ ପ୍ରସାଦ ଦାସଙ୍କୁ ମେଧାବୃତ୍ତି ପ୍ରଯୋଜକ ସନ୍ତୋଷ କୁମାର ମହାନ୍ତି ପୁରସ୍କାର ସ୍ୱରୂପ ୧୦୦୦, ୫୦୦ ଟଙ୍କା ସହ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି ଉତ୍ସବରେ ବିଭୂତି ଭୂଷଣ ହରିଚନ୍ଦନ, ଅମୂଲ୍ୟା ଓଝା, ସୌଦାମିନୀ ସାହୁ, ଜୟନ୍ତୀ ସାହୁ ଓ ସଞ୍ଜୟ କୁମାର ଦେହୁରୀ ପ୍ରମୁଖ ଶିକ୍ଷୟିତ୍ରୀଶିକ୍ଷକଙ୍କ ସହ ବିଦ୍ୟାଳୟ ପରିଚାଳନା କମିଟିର ବହୁ ସଭ୍ୟାସଭ୍ୟ ଯୋଗଦେଇଥିଲେ। ଶିକ୍ଷକ ମଦନ ମୋହନ ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ସୂଚନାଯୋଗ୍ୟ, ୨୦୧୭ ଠାରୁ ପ୍ରତିବର୍ଷ ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରଙ୍କୁ ଏହି ମେଧାବୃତ୍ତି ପ୍ରଦାନ କରାଯାଉଛି।

### ବାରବାଟୀରେ ହକି ବିଶ୍ୱକପ ଉତ୍ସବ

## ସୁରକ୍ଷା ବ୍ୟବସ୍ଥା ତଦାରଖ କଲେ ପୋଲିସ କମିଶନର

**କଟକ ଅଫିସ,୧୬।୧୧:** ହକି ବିଶ୍ୱକପ ଆସନ୍ତା ୨୮ ତାରିଖରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଯାଉଛି। ଓଡ଼ିଶାରେ ବିଶ୍ୱକପ୍ ଆୟୋଜନ ହେଉଥିବାବେଳେ ଏହାକୁ ଅଧିକ ପ୍ରଚାରପ୍ରସାର କରିବା ପାଇଁ ସେହିଦିନ କଟକ ବାରବାଟୀ ଷ୍ଟାଡିୟମରେ ଏକ ଉତ୍ସବ ପାଳନ କରାଯିବାକୁ ନିଷ୍ପତ୍ତି ହୋଇଛି। ଏହି ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିଶିଷ୍ଟ କଣ୍ଠଶିଳ୍ପୀ ଏ. ଆର. ରହମନଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଉତ୍ସବରେ ପ୍ରବଳ ଜନସମାଗମ ହେବାର ଆଶଙ୍କା କରାଯାଉଥିବାବେଳେ ସୁରକ୍ଷା ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଇଛି କମିଶନରେଟ୍ ପୋଲିସ। ଏ ନେଇ ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି ଶୁକ୍ରବାର ମଧ୍ୟାହ୍ନରେ ବାରବାଟୀ ଷ୍ଟାଡିୟମ ପରିଦର୍ଶନ କରିବା ସହ ସୁରକ୍ଷା ବ୍ୟବସ୍ଥା ନେଇ ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି। ବିଶେଷକରି ଷ୍ଟାଡିୟମରେ କିପରି ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ ତାହା ଉପରେ ଆଲୋଚନା କରିଥିବା ସୂଚନା ମିଳିଛି।

## ଆଧ୍ୟାତ୍ମିକ ମେଳା ଆରମ୍ଭ

**କଟକ ଅଫିସ, ୧୬।୧୧**

ଶୁକ୍ରବାରଠାରୁ ଚାଉଳିଆଗଞ୍ଜ କ୍ଲବ ଖେଳପଡିଆଠାରେ ଆରମ୍ଭ ହୋଇଛି ସ୍ୱର୍ଣ୍ଣିମ ଯୁଗ ଦର୍ଶନ ଆଧ୍ୟାତ୍ମିକ ମେଳା। ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ଏହାକୁ ଉଦ୍‌ଘାଟନ କରିଥିବାବେଳେ ସମ୍ମାନିତ ଅତିଥି ଭାବେ ବିଧାୟକ ପ୍ରଭାତ ବିଶ୍ୱାଳ ଯୋଗ ଦେଇଥିଲେ। ସନ୍ଧ୍ୟାରେ ପଡିଆ ମଧ୍ୟରେ ଥିବା ୨୫ରୁ ଊର୍ଦ୍ଧ୍ୱ ଆଧ୍ୟାତ୍ମିକ ଷ୍ଟଲରେ ଲୋକଙ୍କ ଗହଳି ଲାଗିଥିଲା। ପଡିଆ ମଧ୍ୟରେ ୨୭ ଫୁଟ ଉଚତାର କୁମ୍ଭକର୍ଣ୍ଣଙ୍କ ପ୍ରତିକୃତି ଏବଂ ୧୪୦ ଫୁଟର କୃତ୍ରିମ ଗଙ୍ଗା ନଦୀ ମୁଖ୍ୟ ଆକର୍ଷଣ ସାଜିଛି। ଆଜିର ମାନବ ସମାଜ କୁମ୍ଭକର୍ଣ୍ଣ ପରି ମୋହନିଦ୍ରାରେ ଶୋଇରହିଛି। ତେଣୁ ତାକୁ ଜାଗ୍ରତ ହେବାକୁ ପଡିବ। ପଡିଆ ମଧ୍ୟରେ ସ୍ଥାନ ପାଇଥିବା ବିରାଟକାୟ କୁମ୍ଭକର୍ଣ୍ଣ ମଧ୍ୟ ନିଦ୍ରାରୁ ଉଠି ଲୋକଙ୍କୁ ଏହି ସନ୍ଦେଶ ଦେଉଛି। ସେହିପରି ୧୪୦ ଫୁଟର କୃତ୍ରିମ ଗଙ୍ଗା ନଦୀରେ ସାଧୁସନ୍ଥମାନେ କିଭଳି ଧ୍ୟାନ କରୁଛନ୍ତି ତାହା ଦର୍ଶାଯାଇଛି।



ଆଧ୍ୟାତ୍ମିକ ମେଳାରେ କୁମ୍ଭକର୍ଣ୍ଣଙ୍କ ପ୍ରତିକୃତି।

### କଟକରେ ଜାତୀୟ ପ୍ରେସ ଦିବସ ପାଳିତ

## ସର୍ବନିମ୍ନ ଆବଶ୍ୟକତା ପୂରଣ ହେଲେ ସାମ୍ବାଦିକ ନୀତିନିଷ୍ଠ ହେବେ

**କଟକ ଅଫିସ, ୧୬।୧୧**



ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିବୃନ୍ଦ।

ସାମ୍ବାଦିକତା ଏକ ସେବା। ସାମ୍ବାଦିକତାରେ ମାନବିକତା ଭରି ରହିଛି। ସାମ୍ବାଦିକମାନଙ୍କର ସର୍ବନିମ୍ନ ଆବଶ୍ୟକତା ପୂରଣ ହେଲେ ସେମାନେ ନୀତିନିଷ୍ଠ ହୋଇପାରିବେ ବୋଲି ବହୁ ବିଶିଷ୍ଟ ବ୍ୟକ୍ତି ମତବ୍ୟକ୍ତ କରିଛନ୍ତି। ଶୁକ୍ରବାର ଜିଲା ପ୍ରଶାସନ ପକ୍ଷରୁ ଜାତୀୟ ପ୍ରେସ ଦିବସ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ପାଳିତ ହୋଇଯାଇଛି। ବରିଷ୍ଠ ସାମ୍ବାଦିକ ପ୍ରଦୀପ ଦାସ ଯୋଗଦେଇ ଖବର ପରିବେଷଣ ସମୟରେ ଭାଷାର ମର୍ଯ୍ୟାଦା ଉପରେ ଗୁରୁତ୍ୱ ଦେଇଥିଲେ। କଟକ ଜିଲା କର୍ମଜୀବୀ ସାମ୍ବାଦିକ ସଂଘର ସମ୍ପାଦକ ଆଲୋକ ନାୟକ, ଓଡ଼ିଶା ୟୁନିୟନ ଅଫ ଜର୍ନାଲିଷ୍ଟ କଟକ ଶାଖାର ସଭାପତି ପ୍ରଫୁଲ୍ଲ ମହାନ୍ତି, ବରିଷ୍ଠ ସାମ୍ବାଦିକ ପ୍ରଦୀପ ସାହୁ, ସୁରେଶ ଦାସ, ଡ. ପ୍ରମୋଦ ମହାପାତ୍ର, ଗ୍ରାମାଞ୍ଚଳ ଆରକ୍ଷୀ ଅଧୀକ୍ଷକ ମାଧବ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ଚଳିତବର୍ଷର ପ୍ରସଙ୍ଗ ‘ସାମ୍ବାଦିକତାର ନୈତିକତା ଏବଂ ଡିଜିଟାଲ ଯୁଗର ଆହ୍ୱାନ’ ସମ୍ପର୍କରେ ନିଜର ବକ୍ତବ୍ୟ ରଖିଥିଲେ। ଏହି ଆଲୋଚନାଚକ୍ରରେ ମୁଖ୍ୟବକ୍ତା ଭାବେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ସାମ୍ବାଦିକ ଓ ଗଣ ଯୋଗାଯୋଗ ବିଭାଗର ଅଧ୍ୟାପକ ଡ. ଜୟନ୍ତ କୁମାର ସ୍ୱାଇଁ ଯୋଗଦେଇ ସାମ୍ବାଦିକତାର ନୈତିକତା ଏକ ଜଟିଳ ଶବ୍ଦ ଭାବେ ଅଭିହିତ କରିବା ସହ ସାମ୍ବାଦିକମାନଙ୍କର ନୈତିକତା ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ଆଲୋଚନାଚକ୍ରରେ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ ଅଧ୍ୟକ୍ଷତା କରି ସାମ୍ବାଦିକମାନେ ସମାଜର ପ୍ରକୃତ ମୁଖପାତ୍ର ଓ ନିଃସ୍ୱାର୍ଥପର ଭାବେ ସେବା ଯୋଗାଇଥାନ୍ତି ବୋଲି କହିଥିଲେ। ଏହି ଅବସରରେ ଅନୁଷ୍ଠିତ ହୋଇଥିବା ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ କୁମାର ଷଡଙ୍ଗୀ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅତିରିକ୍ତ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଆଶୁତୋଷ ପାଇକରାୟ ଧନ୍ୟବାଦ ଦେଇଥିଲେ।



ଯେଉଁ ଲୋକ ବିରୋଧରେ କେହି କେବେ ଦୋଷାରୋପ କରିନାହିଁ, ସେ ଯଦି ତୁମକୁ ସମାଲୋଚନା କରେ ତେବେ ତୁମେ ପ୍ରକୃତରେ ଭାଗ୍ୟବାନ।
-ଜର୍ଜ ଇଲିଅଟ



## ସଂକ୍ଷେପରେ

### ୨୩ରେ ଝୋଟି ପ୍ରତିଯୋଗିତା

**ଫୁଲନଖରା, ୧୬।୧୧(ଡି.ଏନ୍.ଏ.):** ବାରଙ୍ଗ ବ୍ଲକ ଅଧୀନ ଉଷୁମା ଗ୍ରାମର ମା' ଦୁଲ୍ଲାଦେଈଙ୍କ ପୀଠରେ ଝୋଟି ପ୍ରତିଯୋଗିତା ପାଇଁ ବୁଧବାର ଏକ ପ୍ରସ୍ତୁତି ବୈଠକ ପ୍ରଣୟ କୁମାର ସାମନ୍ତରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତା ଆସନ୍ତା ୨୩ ତାରିଖ ସକାଳ ୮ଟାରେ ଦୁଲ୍ଲାଦେଈଙ୍କ ପୀଠରେ ଅନୁଷ୍ଠିତ ହେବାକୁ ଥିବାବେଳେ ଏଥିରେ କେବଳ ମହିଳାମାନେ ଅଂଶଗ୍ରହଣ କରିପାରିବେ। ଏହି ପ୍ରତିଯୋଗିତା ପାଇଁ କୌଣସି ଦେୟ ଦେବାକୁ ପଡିବ ନାହିଁ। ଏଥିରେ ଅଂଶଗ୍ରହଣ କରିବା ପାଇଁ ଚାହୁଁଥିବା ମହିଳାମାନେ ରଙ୍ଗବେରଙ୍ଗର ମୁରୁଜ ସାଥିରେ ନେଇ ଆସିବେ ବୋଲି ସାମନ୍ତରାୟ କହିଛନ୍ତି।

### ଖୁଣ୍ଟୁଣୀରେ କଂଗ୍ରେସ କର୍ମୀଙ୍କ ବୈଠକ

**ଖୁଣ୍ଟୁଣୀ, ୧୬।୧୧(ଡି.ଏନ୍.ଏ.):** ଆଠଗଡ ବ୍ଲକ ୨ନଂ. ଜୋନ୍ କଂଗ୍ରେସ କର୍ମୀମାନଙ୍କ ଏକ ବୈଠକ ଖୁଣ୍ଟୁଣୀସ୍ଥିତ ମା' କନକଦୁର୍ଗା ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବ୍ଲକ ସଭାପତି କିଶୋର ଚନ୍ଦ୍ର ସାମନ୍ତରାୟଙ୍କ ଆହ୍ୱାନକ୍ରମେ ବୁଧବାର ଅନୁଷ୍ଠିତ ବୈଠକରେ ପିସିସି ସଭ୍ୟ ଅକ୍ଷୟ କୁମାର ତୁଙ୍ଗସାମନ୍ତ, ବରିଷ୍ଠ କଂଗ୍ରେସ ନେତା ପ୍ରଫୁଲ୍ଲ ସାହୁ, ସୁରେନ୍ଦ୍ର ଜେନା, ସଞ୍ଜୟ ସାହୁ, ରଜନୀ ଜେନା, ନିଶିକାନ୍ତ ସ୍ୱାଇଁ, ବସନ୍ତ ସାହୁ, ପଞ୍ଚାନନ ରାଉତ, କମଳ ଲୋଚନ ଦାସ ଓ ବିଜୟ ସାହୁଙ୍କ ସମେତ ୬୦ରୁ ଊର୍ଦ୍ଧ୍ୱ କର୍ମୀ ଯୋଗଦେଇ ଆଗାମୀ ଦିନରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବା ସହ ୨ନଂ. ଜୋନ୍‌ର ପ୍ରତି ପଞ୍ଚାୟତସ୍ତରୀୟ କର୍ମୀମାନଙ୍କୁ ଏକ୍‌ଜୁଟ୍ କରିବାକୁ ନିଷ୍ପତ୍ତି ହୋଇଥିଲା। ଏଥିସହ ଆସନ୍ତା ୫ ତାରିଖରେ ଗୁରୁଡିଝାଟିଆଠାରେ କଂଗ୍ରେସ କର୍ମୀମାନଙ୍କ ଏକ ବିରାଟ ସମାବେଶ କରାଯିବାକୁ ସ୍ଥିର ହୋଇଛି।

### ଗଣପତି ଶିଶୁ ବିଦ୍ୟାମନ୍ଦିରରେ ବିଜ୍ଞାନମେଳା

**କଟକ ସଦର, ୧୬।୧୧(ଡି.ଏନ୍.ଏ.):** କଟକ ସଦର ବ୍ଲକ ଅଧୀନ ବମ୍ଫୁରୀ ଗ୍ରାମସ୍ଥିତ ଗଣପତି ଶିଶୁ ବିଦ୍ୟାମନ୍ଦିରରେ ବୁଧବାର ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୦ ଜଣ ଛାତ୍ରୀଛାତ୍ର ନିଜର ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ସିନିୟର ବିଭାଗରେ ବିଷ୍ଣୁପ୍ରିୟା ସେଠୀ ପ୍ରଥମ, ଜୁନିୟର ବିଭାଗରେ ସୟଦ ଇବତେସାମ ଅଲ୍ଲୀ ପ୍ରଥମ, ସବ୍‌ଜୁନିୟର ବିଭାଗରେ ପ୍ରୀତିକ୍ରିଷ୍ଣା ସାହୁ ଓ ପ୍ରତ୍ୟୁଷା ବେହେରା ଯୁଗ୍ମ ଭାବେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଶିଶୁ ମନ୍ଦିର ଅଧକ୍ଷ ଉମାକାନ୍ତ ଭୂୟାଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ରଘୁନାଥ ପୃଷ୍ଟି ମୁଖ୍ୟଅତିଥି, ସିଆରସିସି ରକିବ ମହମ୍ମଦ ମୁଖ୍ୟବକ୍ତା, ଅଭୟ କୁମାର ମହାପାତ୍ର, ଲକ୍ଷ୍ମୀଧର ପାତ୍ର ଓ ପବିତ୍ର ମୋହନ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଧାନଆଚାର୍ଯ୍ୟ ଜୟନ୍ତୀ ପତି ସ୍ୱାଗତ ଭାଷଣ, ଅନୁଷ୍ଠାନର ସମ୍ପାଦକ କାର୍ତ୍ତିକେଶ୍ୱର ପାତ୍ର ବିବରଣୀ ପାଠ ଓ ଦୁର୍ଗାଚରଣ ପରିଡା ଧନ୍ୟବାଦ ଦେଇଥିଲେ।

### ଭାଜପାର ଜନପରାମର୍ଶ ପଦଯାତ୍ରା ପ୍ରସ୍ତୁତି ବୈଠକ

**କଣ୍ଟାପଡା, ୧୬।୧୧(ଡି.ଏନ୍.ଏ.):** ନିଆଳି ନିର୍ବାଚନ ମଣ୍ଡଳୀରେ ଭାଜପାର ଜନ ପରାମର୍ଶ ପଦଯାତ୍ରା ପାଇଁ ସ୍ଥାନୀୟ ଅଡଶପୁରସ୍ଥିତ ଜୟଦେବ ସାଧନା ପୀଠରେ ଏକ ପ୍ରସ୍ତୁତି ବୈଠକ ବୁଧବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। କଣ୍ଟାପଡା ମଣ୍ଡଳ ସଭାପତି ପ୍ରଭାତ କୁମାର ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ନିଆଳି ନିର୍ବାଚନ ମଣ୍ଡଳୀର ପ୍ରଭାରୀ ପ୍ରତିଭା ଶତପଥୀ, ରାଜ୍ୟ ଭାଜପା କୃଷକ ମୋର୍ଚ୍ଚାର ସହ ସଂଯୋଜକ ଅଶୋକ ରଥ, ପ୍ରତାପ ରାଉତରାୟ, ଭାଜପା ନେତା ବେଣୁଧର ବେହେରା, ଛବି ମଲିକ, ସୁଶାନ୍ତ ମଲ୍ଲିକ, ଧୀରେନ ବାରିକ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ସରକାରଙ୍କ ବିଫଳତାକୁ ନେଇ ଆଗାମୀ ଦିନରେ ନିଆଳିସ୍ଥିତ ମାଧବ ମନ୍ଦିରଠାରୁ ଜନପରାମର୍ଶ ପଦଯାତ୍ରା କରାଯିବ। ପରେ ଏହା ନିର୍ବାଚନ ମଣ୍ଡଳୀର ୭ଟି ଜୋନ୍ ଓ ୪୫ଟି ପଞ୍ଚାୟତରେ କରାଯିବ ବୋଲି ବୈଠକରେ ସ୍ଥିର କରାଯାଇଥିଲା। ଉକ୍ତ ବୈଠକରେ ୭ଟି ମଣ୍ଡଳର ସଭାପତି ଓ ବହୁ ସଂଖ୍ୟାରେ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।

# ଫଳକରେ ସୀମିତ ବାଙ୍କୀ ବସ୍‌ଷ୍ଟାଣ୍ଡ

**ବାଙ୍କୀ,୧୬।୧୧(ସ୍ୱ.ପ୍ର.)**




- ଜମି ଅଧିଗ୍ରହଣ ନ ହୋଇ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା
- ଯାତ୍ରୀ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳୁଛି
- ମୁଖ୍ୟ ବଜାର ଉପରେ ଗାଡ଼ି ଗୁଡ଼ିକ ଠିଆ ହେଉଛି
- କ୍ଷୁଦ୍ର ବ୍ୟବସାୟୀ ମୁଖ୍ୟ ସଡ଼କ ଉପରେ ସାମଗ୍ରୀ ବିକ୍ରି କରୁଛନ୍ତି

କଟକ ଜିଲାର ବାଙ୍କୀ ସବ୍‌ଡିଭିଜନ ମାନ୍ୟତା ପାଇଛି। ତେବେ ଏହି ମାନ୍ୟତାକୁ ଦୀର୍ଘ ବର୍ଷ ବିତିଯାଇଥିଲେ ମଧ ଏଯାବତ୍ ଏଠାରେ ସ୍ଥାୟୀ ବସ୍ ଷ୍ଟାଣ୍ଡ ଟିଏ ନିର୍ମାଣ ହୋଇପାରିନାହିଁ। କେବଳ ଫଳକ ନିର୍ମାଣରେ ସୀମିତ ରହିଛି ବାଙ୍କୀ ବସ୍ ଷ୍ଟାଣ୍ଡ। ବାଙ୍କୀବାସୀ ଦୀର୍ଘଦିନ ହେବ ବସଷ୍ଟାଣ୍ଡଟିଏ ସ୍ୱପ୍ନ ଦେଖୁଥିବାବେଳେ ସ୍ଥାନୀୟ ନେତୃବୃନ୍ଦ ଏବଂ ପ୍ରଶାସନିକ ଅଧିକାରୀଙ୍କ ଅପାରଗତା ଯୋଗୁ ତାହା ହୋଇପାରୁନାହିଁ ବୋଲି ସେମାନେ ଅଭିଯୋଗ କରିଛନ୍ତି। ୨୦୧୪ ସାଧାରଣ ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ମାରାଥନ ଗସ୍ତବେଳେ ବାଙ୍କୀ ଏନ୍‌ଏସି ଅଧୀନ ଶିଶୁଆ ବିଏସ୍‌ଏନ୍‌ଏଲ୍ ଟେଲିଫୋନ ଏକ୍ସେଚେଞ୍ଜ ନିକଟରେ ଥିବା ଭୂମିକୁ ଚିହ୍ନଟ କରାଯାଇ ବସ୍‌ଷ୍ଟାଣ୍ଡ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଫଳରେ ବାଙ୍କୀବାସୀ ଏକ ସ୍ଥାୟୀ ବସଷ୍ଟାଣ୍ଡର ସ୍ୱପ୍ନ ଦେଖିଥିଲେ। ଯାହା ନିର୍ବାଚନ ବୈତରଣୀ ପାର କରିବା ଉଦ୍ଦେଶ୍ୟ ରହିଥିଲା ବୋଲି ସାଧାରଣରେ ଅଭିଯୋଗ ହୋଇଛି। ବାଙ୍କୀକୁ କଟକ, ଭୁବନେଶ୍ୱର ଏପରିକି ମହାନଦୀ ସେତୁ ଖୋଲିବା ପରେ ଆଠଗଡ଼ ନଦୀ ଆରପଟ ଅଞ୍ଚଳକୁ ସଂଯୋଗ କରି ବହୁ ବସ୍ ଚଳାଚଳ କରୁଛି। ଅନେକ ବେସରକାରୀ ବସ୍ ମଧ କଟକ, ଭୁବନେଶ୍ୱର, ଅନୁଗୋଳ ଓ ବ୍ରହ୍ମପୁର ଆଦିକୁ ଯାତାୟାତ କରୁଛି। ତେବେ ଏତେ ସବୁ ସ୍ଥାନକୁ ବସ୍ ଚଳାଚଳ କରୁଥିଲେ ମଧ ଯାତ୍ରୀ ସ୍ଥାୟୀ ବସଷ୍ଟାଣ୍ଡଟିଏ ନ ପାଇ ଯାତ୍ରୀ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳୁଛି। ପୂର୍ବରୁ ବାଙ୍କୀ ମୁଖ୍ୟ ବଜାର ଉପରେ ଗାଡ଼ି ଗୁଡିକ ଠିଆ ହେଉଥିଲେ ମଧ ଏଯାବତ୍ ପ୍ରଶାସନର ଆଖି ଖୋଲିନି। ଗାଡି ଗୁଡିକ ରାସ୍ତା ଉପରେ ଠିଆ ହେବା ଦ୍ୱାରା ଟ୍ରାଫିକ୍‌କୁ ଅନେକ ମାତ୍ରାରେ ପ୍ରଭାବିତ କରୁଛି। କ୍ଷୁଦ୍ର ବ୍ୟବସାୟୀ ମଧ ମୁଖ୍ୟ ସଡ଼କ ଉପରେ ସେମାନଙ୍କ ସାମଗ୍ରୀ ବିକ୍ରି କରୁଛନ୍ତି। ଫଳରେ ଗ୍ରାହକ ରାସ୍ତା ଉପରେ ଭିଡ ଜମାଉଛନ୍ତି। ଏପରି କି ସେମାନେ ଆଣିଥିବା ସାଇକେଲ ଏବଂ ଗାଡିମୋଟର ଗୁଡିକ ରାସ୍ତା ଉପରେ ରଖିବାଦ୍ୱାରା ରାସ୍ତା ସଂକୀର୍ଣ୍ଣ ହେଉଛି। ଯଦ୍ୱାରା ଏହା ଟ୍ରାଫିକ୍ ସମସ୍ୟାକୁ ଗୁରୁତର ଭାବେ ପ୍ରଭାବିତ କରୁଛି। ରାଜନୈତିକ ଛକାପଞ୍ଝା ଏବଂ ପ୍ରଶାସନିକ ଅଧିକାରୀଙ୍କ ଉଦାସୀନତା ବସଷ୍ଟାଣ୍ଡ ନିର୍ମାଣରେ ଅବହେଳାର ମୁଖ୍ୟକାରଣ ବୋଲି କେତେଜଣ ବ୍ୟକ୍ତିବିଶେଷ ମତ ରଖିଛନ୍ତି। ଏ ସମ୍ପର୍କରେ ବାଙ୍କୀ ବିଜ୍ଞାପିତ ଅଞ୍ଚଳ କ୍ଷେତ୍ର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟବ୍ରତ ମନ୍ତ୍ରୀ କହିଛନ୍ତି, ବସ୍ ଷ୍ଟାଣ୍ଡ ନିର୍ମାଣ ପାଇଁ ରାଜସ୍ୱ ବିଭାଗକୁ ଜମି ଯୋଗାଇ ଦେବାକୁ ଅନୁରୋଧ କରାଯାଇଛି। ସେମାନେ ଜମି ଯୋଗାଇଦେଲେ ଖୁବ୍‌ଶୀଘ୍ର ବସ୍ ଷ୍ଟାଣ୍ଡ ନିର୍ମାଣ କରାଯିବ। ତେବେ ଏ ସବୁ ଭିତରେ ବାଙ୍କୀବାସୀ ସ୍ଥାୟୀ ବସଷ୍ଟାଣ୍ଡ ପାଇଁ ଦେଖିଥିବା ସ୍ୱପ୍ନ କେବେ ସାକାର ହେବ ତାହା ଦେଖିବାକୁ ବାକି ରହିଲା।

## ଲାଞ୍ଚ: ଅବକାରୀ ସବ୍‌ଇନ୍ସପେକ୍ଟର ଧରାପଡ଼ିଲେ

**କଟକ ଅଫିସ, ୧୬।୧୧**

୨୫ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି କୋରାପୁଟ ଜିଲା କୋଟପାଡ଼ରେ କାର୍ଯ୍ୟରତ ଅବକାରୀ ସବ୍‌ଇନ୍ସପେକ୍ଟର ଥାଇଲୋ ଓରାମ। ଶୁକ୍ରବାର ରାତି ୮ଟାରେ ଓରାମ କୁନ୍ଦୁରା ଥାନା ଅଧୀନ ରାଣୀଗୁଡ଼ା ଗ୍ରାମର ପଦମନ ନାୟକ ନାମକ ଜଣେ ବ୍ୟକ୍ତିଙ୍କଠାରୁ ଏହି ଲାଞ୍ଚ ଗ୍ରହଣ କରୁଥିଲେ। ପଦମନଙ୍କ ମୋଟରସାଇକେଲକୁ ଅବକାରୀ ସବ୍‌ଇନ୍ସପେକ୍ଟର ଓରାମ ଅଟକ ରଖିଥିଲେ। ମୋଟରସାଇକେଲକୁ ମୁକୁଳାଇବା ପାଇଁ ସେ ଏହି ଲାଞ୍ଚ ଦାବି କରିଥିଲେ। ଏ ନେଇ କୋରାପୁଟ ଭିଜିଲାନ୍ସ ଥାନାରେ ୩୦/୨୦୧୮ ନମ୍ବରରେ ଏକ ମାମଲା ରୁଜୁ କରାଯାଇ ଓରାମଙ୍କୁ ଗିରଫ କରାଯାଇଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

## ବହୁମୁଖୀ ଆଶ୍ରୟସ୍ଥଳୀ ନିର୍ମାଣରେ କାଳକ୍ଷେପଣ ନୀତି

**କଟକ ସଦର, ୧୬।୧୧(ଡି.ଏନ୍.ଏ.)**

୧୯୯୯ ମହାବାତ୍ୟା ପରେ କଟକ ସଦର ବ୍ଲକ ଅଧୀନ ୧୫ଟି ପଞ୍ଚାୟତରେ ଏକାଧିକ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରାଯାଇଛି। ହେଲେ କଟକ ଜିଲା ୫ନଂ. ଜୋନ୍‌ର ୬ଟି ପଞ୍ଚାୟତ ଯାହାକି ଏହି ବ୍ଲକ ଅଧୀନରେ ରହିଛି ସେଠାରେ ଆଜିପର୍ଯ୍ୟନ୍ତ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରାଯାଇ ନ ଥିବାରୁ ପୂର୍ବତନ ଜିଲାପରିଷଦ ସଭ୍ୟ ରଜନୀକାନ୍ତ ସାହୁ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଇତିମଧରେ ଫାଇଲିନ୍, ହୁଡ୍‌ହୁଡ୍ ଓ ତିତ୍‌ଲି ଭଳି ବାତ୍ୟା ଚାଲି ଯାଇଥିଲେ ମଧ ପରମହଂସ, ନିମେଇଶାପୁର, ଫକୀରପଡା ଓ ଗଡିରାଉତପାଟଣାରେ ଆଦୌ ବାତ୍ୟା ଆଶ୍ରୟସ୍ଥଳୀ ନାହିଁ। ଏହାଛଡା କନ୍ଦରପୁର ଓ ଆୟତ୍ତପୁର ପଞ୍ଚାୟତରେ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ନାହିଁ। ଫଳରେ ଲୋକମାନେ ଯେନତେନ ପ୍ରକାରେ ମୁଣ୍ଡ ଗୁଞ୍ଜିବା ପାଇଁ ଆଶ୍ରୟ ଯୋଗାଡ କରିପାରୁଥିବାବେଳେ ପ୍ରାଣୀମାନଙ୍କ ପାଇଁ ଲଗାଣ ବର୍ଷା ଓ ବାତ୍ୟାବେଳେ ରହିବା ପାଇଁ ଜାଗା ମିଳୁନାହିଁ। ଏଥିପାଇଁ କାଳକ୍ଷେପଣ ନୀତି ଅବଲମ୍ବନ କରାଯାଇଛି। ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟ ପରିଚାଳନା ବିଭାଗ ଏଥିପ୍ରତି ଦୃଷ୍ଟି ଦେବା ସହ ରାଜ୍ୟ କ୍ରୀଡାମନ୍ତ୍ରୀ ଚନ୍ଦ୍ରସାରଥି ବେହେରାଙ୍କ ସହ ଆଲୋଚନା କରାଯାଇ ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ଥିର କରାଯିବ ବୋଲି ସାହୁ ସୂଚନା ଦେଇଛନ୍ତି।




କଟକ ବାଖରାବାଦସ୍ଥିତ ଗାନ୍ଧୀ ଭବନରେ ଅନୁଷ୍ଠିତ କିନ୍ନର ସମାବେଶରେ ଜିଲାଜଜ୍ ସତ୍ୟନାରାୟଣ ମିଶ୍ର ଓ ଅନ୍ୟ ଅତିଥିବୃନ୍ଦ।

## ମହିଳାଙ୍କ ଅସ୍ୱାଭାବିକ ମୃତ୍ୟୁ

**ଖୁଣ୍ଟୁଣୀ,୧୬।୧୧(ଡି.ଏନ୍.ଏ.)**

ଆଠଗଡସ୍ଥିତ ଧବଳେଶ୍ୱର ଝୁଲାପୋଲର ମୁଖ୍ୟ ପ୍ରବେଶ ଦ୍ୱାର ନିକଟରେ ଶୁକ୍ରବାର ସକାଳେ ଜଣେ ମହିଳାଙ୍କର ମୃତ୍ୟୁ ଘଟିଛି। ସେ ହେଲେ ଖୁଣ୍ଟୁଣୀ ଥାନା ଘଣ୍ଟିଖାଲ ସିତୁଳିଆ ସାହିର ଗୁମାନୀ ମାଝି(୫୦)। ତେବେ ମୃତ୍ୟୁର କାରଣ ଅସ୍ୱଷ୍ଟ ରହିଥିବା ବେଳେ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୫/୧୮)ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଦୀର୍ଘ ଦିନ ହେବ ଗୁମାନୀ ଝୁଲାପୋଲ ମୁଖ୍ୟ ପ୍ରବେଶ ଦ୍ୱାର ଭିକ୍ଷା ମାଗି ଚଳୁଥିଲେ। ଏହା ସହ ନିକଟରେ ଆଶ୍ରୟ ନେଇଥିଲେ। ପ୍ରତ୍ୟେକ ଦିନ ପରି ଗୁରୁବାର ଭିକ୍ଷା ସାରି ଆଶ୍ରୟ ନେଇଥିଲେ। ଶୁକ୍ରବାର ସକାଳୁ ଗୁମାନୀ ଶୋଇଥିବା ଦେଖି ତାର ସାଥିମାନେ ଡାକିଥିଲେ ମଧ ସେ ଉଠି ନ ଥିଲେ। ଏହାପରେ ସ୍ଥାନୀୟଲୋକଙ୍କ ସହାୟତାରେ ଗୁମାନୀଙ୍କୁ ଆଠଗଡ ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିବା ଗୁରୁଡିଝାଟିଆ ପୋଲିସ କହିଛି।

## ମହାମାୟା ଶିଶୁମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ

**କଟକ ଅଫିସ, ୧୬।୧୧**

ଖାନନଗରସ୍ଥିତ ମହାମାୟା ଶିଶୁ ମନ୍ଦିରର ଦୁଇଦିନିଆ ବାର୍ଷିକ କ୍ରୀଡ଼ା ଉତ୍ସବ ୟଙ୍ଗ୍ ଉତ୍କଳ କ୍ଲବ ଫୁଟବଲ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସିଏମ୍‌ସି ମେୟର ମିନାକ୍ଷୀ ବେହେରା, ସମ୍ମାନିତ ଅତିଥି ଭାବେ ଶିକ୍ଷା ବିକାଶ ସଂସ୍ଥାନର ସମ୍ପାଦକ ପ୍ରବୀଣ କୁମାର ଆଚାର୍ଯ୍ୟ, ମନୋଜ କୁମାର ଦାଶ, ରାମଚନ୍ଦ୍ର ସାହୁ ଅତିଥି ଭାବେ ଯୋଗଦେଇଥିଲେ। ନିଷ୍ଠାର ସହ ପାଠ ପଢ଼ିବା ସହ ଶାରୀରିକ ଦକ୍ଷତା ଉପରେ ଅତିଥିମାନେ ଗୁରୁତ୍ୱ ଦେଇଥିଲେ। ବୁଧବାର ଶିଶୁ ଦିବସ ଓ କ୍ରୀଡ଼ା ଉତ୍ସବର ଉଦ୍‌ଯାପନ ଅବସରରେ ବକ୍ତୃତା ପ୍ରତିଯୋଗିତା ଏବଂ ଏକକ ଅଭିନୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ମକାମ୍ ମହାବିଦ୍ୟାଳୟର ଅଧାପକ କିଶୋର ଚନ୍ଦ୍ର ଦାସ, ମୁଖ୍ୟବକ୍ତା ଭାବେ ବୋର୍ଡ ହାଇସ୍କୁଲ ବିଜ୍ଞାନ ଶିକ୍ଷକ ଭାଗୀରଥି ପରିଡ଼ା, ସମ୍ମାନିତ ଅତିଥି ଭାବେ ବ୍ୟଙ୍ଗ ଅଭିନେତା ବିଜୁ ପ୍ରସାଦ ମିଶ୍ର, ଶିକ୍ଷାବିତ ଶଙ୍କର୍ଷଣ ବାରିକ ଯୋଗଦେଇଥିଲେ। ଶିଶୁମନ୍ଦିରର ସମ୍ପାଦକ ଗଣେଶ୍ୱର ନାୟକ ଅତିଥି ପରିଚୟ ଓ ପ୍ରଧାନାଚାର୍ଯ୍ୟ ଗଗନ ବିହାରୀ ମଲ୍ଲ ଧନ୍ୟବାଦ ଦେଇଥିଲେ।

## କବି ମନୋରଞ୍ଜନଙ୍କ ସାରସ୍ୱତ ସାଧନା ସ୍ମରଣୀୟ ହୋଇ ରହିବ

**କଟକ ଅଫିସ, ୧୬।୧୧**

କବି, ସମାଲୋଚକ, ପ୍ରାବନ୍ଧିକ ଡ. ମନୋରଞ୍ଜନ ମହାନ୍ତିଙ୍କ ପ୍ରଭାବଶାଳୀ ବ୍ୟକ୍ତିତ୍ୱ ଓ ସାରସ୍ୱତ ସାଧନା ସବୁଦିନ ପାଇଁ ସ୍ମରଣୀୟ ହୋଇ ରହିବ। ତାଙ୍କ ଆକର୍ଷଣୀୟ ବ୍ୟକ୍ତିତ୍ୱ ଓ ବ୍ୟବହାର ସମସ୍ତଙ୍କୁ ପ୍ରଭାବିତ କରିଥିଲା ବୋଲି କବି ମନୋରଞ୍ଜନ ମହାନ୍ତି ଓ ଆଦର୍ଶ ଶିକ୍ଷୟିତ୍ରୀ ସବିତା ଦାସଙ୍କ ସ୍ମୃତିସଭାରେ ବିଶିଷ୍ଟ ବ୍ୟକ୍ତିମାନେ ମତ ପ୍ରକାଶ କରିଛନ୍ତି। ଶୁକ୍ରବାର ସନ୍ଧ୍ୟାରେ କଟକ ସାରଳା ଭବନଠାରେ ଅନୁଷ୍ଠିତ ସ୍ମୃତିସଭାରେ ଡ. ମହେଶ୍ୱର ମହାନ୍ତି, ଡ. ମାଳବିକା ରାୟ, ଡ. ନଟବର ଶତପଥୀ, ଇଂ. ପ୍ରଭାକର ସ୍ୱାଇଁ, ସରୋଜ ରଞ୍ଜନ ମହାନ୍ତି, ଡ. ବିଜୟାନନ୍ଦ ସିଂ, ଅମରେଶ ପଟ୍ଟନାୟକ, ହୁସେନ ରବି ଗାନ୍ଧୀ, ଚିତ୍ତରଞ୍ଜନ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇ ଡ. ମନୋରଞ୍ଜନ ମହାନ୍ତି ଓ ସବିତା ଦାସଙ୍କ ପ୍ରଭାବଶାଳୀ ବ୍ୟକ୍ତିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଉତ୍ସବରେ ସ୍ମୃତିଗ୍ରନ୍ଥ 'ସ୍ମୃତି ଶ୍ରଦ୍ଧାଞ୍ଜଳି ଓ 'ଚିହ୍ନା ଚିହ୍ନା ଚିତ୍ରପଟ' ଉନ୍ମୋଚନ ହୋଇଥିଲା। ନମିତା ପଣ୍ଡା, ଦଶରଥ ମହାନ୍ତି, ଡ. ଶରତ କର, ସୁବାସ ଚନ୍ଦ୍ର ରାଉତ, ଅକ୍ଷୟ ଦାସ, ସାବିତ୍ରୀ ମଲ୍ଲିକ, ରଞ୍ଜନ ମହାପାତ୍ର, ଡ. ସୁନାମଣି ରାଉତ, ପ୍ରଦୀପ ଦାସ, ରାଜକିଶୋର ଦାସ, ଡ. ବାବାଜୀ ଚରଣ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ ପ୍ରାରମ୍ଭିକ ସୂଚନା, ଡା. ଅମିୟ ରଞ୍ଜନ ମହାପାତ୍ର ମଞ୍ଚ ପରିଚାଳନା ଓ ସସ୍ମିତା ଦାସ ଧନ୍ୟବାଦ ଦେଇଥିଲେ।

## ସ୍ତ୍ରୀଙ୍କୁ ଆତ୍ମହତ୍ୟା ପାଇଁ ବାଧ କରିବା ଅଭିଯୋଗରେ ସ୍ୱାମୀ ଗିରଫ

**କଟକ ସଦର, ୧୬।୧୧(ଡି.ଏନ୍.ଏ.)**

ସ୍ତ୍ରୀଙ୍କୁ ନିର୍ଯାତନା ଦେବା ସହ ଆତ୍ମହତ୍ୟା ପାଇଁ ବାଧ କରିବା ଅଭିଯୋଗରେ କିଶୋର ନଗର ପୋଲିସ ଶୁକ୍ରବାର ସ୍ୱାମୀ ରାକେଶ ମହାନ୍ତିଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏ ନେଇ ଥାନାରେ ଏକ ମାମଲା(ନଂ.୧୨୮/୧୮) ରୁଜୁ ହୋଇଛି। ପୋଲିସ ସୂତ୍ରରୁ ପ୍ରକାଶ, ଅଭିଯୁକ୍ତ ଜଣଙ୍କ ସ୍ତ୍ରୀ ସୁଭଦ୍ରା ମହାନ୍ତିଙ୍କୁ ଅଧିକ ଯୌତୁକ ଆଣିବା ପାଇଁ ବାଧ କରି ବାରମ୍ବାର ନିର୍ଯାତନା ଦେଇଆସୁଥିଲେ। ଅକ୍ଟୋବର ୬ ତାରିଖରେ ସୁଭଦ୍ରା ନିର୍ଯାତନା ସହି ନ ପାରି ବିଷ ପିଇ ଦେଇଥିଲେ। ଚିକିତ୍ସାଲାଗି ତାଙ୍କୁ ବାପଘର ଲୋକେ ଘରୋଇ ନର୍ସିଂହୋମ୍‌ରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ପରେ ମୃତଦେହକୁ ଆଣି ଥାନା ସମ୍ମୁଖରେ ରଖିବା ସହ ଶାଶୁଘର ଲୋକଙ୍କୁ ଗିରଫ କରିବା ପାଇଁ ଦାବି କରିଥିଲେ। ପୋଲିସର ଆଶ୍ୱାସନା ପରେ ସୁଭଦ୍ରାଙ୍କ ବାପଘର ଲୋକେ ମୃତଦେହ ନେଇ କଟକ ପଳାଇଯାଇଥିଲେ। ସୂଚନାଯୋଗ୍ୟ, କଟକ ଶିଖରପୁରର ରାଜକିଶୋର ପ୍ରଧାନଙ୍କ ଝିଅ ସୁଭଦ୍ରା ୬ ବର୍ଷ ତଳେ ରାକେଶଙ୍କୁ ବିବାହ କରିଥିଲେ। ପରେ ଅଧିକ ୨ ଲକ୍ଷ ଟଙ୍କା ଯୌତୁକ ଆଣିବା ପାଇଁ ବାଧ କରିବା ସହ ସ୍ତ୍ରୀଙ୍କୁ ରାକେଶ ନିର୍ଯାତନା ଦେଉଥିଲେ। ଏ ନେଇ ସୁଭଦ୍ରାଙ୍କ ବାପଘର ଲୋକେ ପୋଲିସ ନିକଟରେ ଅଭିଯୋଗ କରିଥିଲେ।



ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି, ଜିଲାପାଳ ଅରବିନ୍ଦ ଅଗ୍ରୱାଲ ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନେ ଶୁକ୍ରବାର ବାଲିଯାତ୍ରା ତଳପଡିଆ ଅନୁଧ୍ୟାନ କରୁଛନ୍ତି।

## ବିଲରେ ହାତୀ, ଫସଲ ନଷ୍ଟ

**ଟାଙ୍ଗୀ(କଟକ), ୧୬।୧୧ (ଡି.ଏନ୍.ଏ.)**



ଟାଙ୍ଗୀ-ଚୌଦ୍ୱାର ବ୍ଲକ ଗରୁଡ଼ଗାଁ ପଞ୍ଚାୟତ ହଳଦିବସନ୍ତ ଗ୍ରାମ ନିକଟସ୍ଥ ବିଲରେ ଏକ ଦନ୍ତା ହାତୀ ଶୁକ୍ରବାର ବୁଲୁଥିବା ଦେଖା ଦେଇଥିଲା। ଏହା ସହ ବିଲରେ ଥିବା ଧାନକୁ ଦଳି ଚକଟି ନଷ୍ଟ କରିଥିଲା। ଚାଷୀ ଓ ଗ୍ରାମବାସୀ ଘଉଡ଼ାଇଲେ ମଧ ହାତୀଟି ବିଲରୁ ଯାଇ ନ ଥିଲା। ଖବରପାଇ, ଡାଳିଯୋଡା ବନପାଳ ଚନ୍ଦ୍ର ଶେଖର ଦାଶ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ହାତୀକୁ ସନ୍ଧ୍ୟା ୭ଟା ସୁଦ୍ଧା ନିକଟସ୍ଥ ଜଙ୍ଗଲକୁ ଘଉଡାଇ ଦେଇଥିଲେ।

## ବିଶ୍ୱ ଶୌଚାଳୟ ଦିବସ ପାଳିତ

**ଟାଙ୍ଗୀ(କଟକ),୧୬।୧୧(ଡି.ଏନ୍.ଏ.)**

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଗରୁଡ଼ଗାଁ ପଞ୍ଚାୟତ କାର୍ଯ୍ୟାଳୟଠାରେ ବିଶ୍ୱ ଶୌଚାଳୟ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଜିଲା ଜଳ ଓ ପରିମଳ ମିଶନ,କଟକ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସରପଞ୍ଚ ସୁବୋଧ କୁମାର ସାମଲ ପୌରହିତ୍ୟ କରିଥିଲେ। ଅତିଥିଭାବେ ବିଶ୍ୱନାହାକାଣୀ କନିଷ୍ଠ ମହାବିଦ୍ୟାଳୟ ଅଧକ୍ଷ ଡ. ସଚ୍ଚିଦାନନ୍ଦ ପ୍ରଧାନଙ୍କ ସମେତ ବିଭାଗୀୟ ସହକାରୀ ଯନ୍ତ୍ରୀ ଇଂ. ପବିତ୍ର ମୋହନ ସାହୁ, ଇଂ. ସୁବାସ ଚନ୍ଦ୍ର ଦଳାଇ, ସମିତିସଭ୍ୟ ସୁକାନ୍ତ କୁମାର ସାମଲ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ଅମୂଲ୍ୟ କୁମାର ରାଉଳ ଯୋଗଦେଇ ଶୌଚାଳୟ ବ୍ୟବହାର ଓ ସରକାରୀ ସହାୟତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ପଞ୍ଚାୟତର ସମସ୍ତ ୱାର୍ଡ ସଭ୍ୟାସଭ୍ୟ, ଅଙ୍ଗନୱାଡ଼ି ଓ ଆଶାକର୍ମୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶେଷରେ ସ୍ୱେଚ୍ଛାସେବୀ ମାନସ କୁମାର ଭଗତ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜାତୀୟ ପ୍ରେସ ଦିବସ ପାଳିତ

**ଚୌଦ୍ୱାର,୧୬।୧୧(ଡି.ଏନ.ଏ.)**

ଚୌଦ୍ୱାର ପ୍ରେସ୍ କ୍ଲବରେ ଜାତୀୟ ପ୍ରେସ ଦିବସ ଓ ଲାଲା ଲଜପତ ରାୟଙ୍କ ବଳିଦାନ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ପ୍ରେସ୍‌କ୍ଲବ ସମ୍ପାଦକ ରମେଶ ଚନ୍ଦ୍ର ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସାମ୍ବାଦିକ ଗଙ୍ଗାଧର ସାହୁ, ପ୍ରକାଶ ନାୟକ,ଏସ.କେ. ପଣ୍ଡା, ମନୋଜ ଦାସ, ଜୟପ୍ରଦୀପ ଦାସ, ସୁଧାକର ସାମନ୍ତରାୟ, ସଞ୍ଜୀବ ସାହୁ, ସୁରେନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ପ୍ରେସ ଦିବସର ତାତ୍ପର୍ଯ୍ୟ ଉପରେ ଆଲୋଚନା କରିଥିଲେ। ଏଥିସହ ଲାଲା ଲଜପତ ରାୟଙ୍କ ବଳିଦାନ ଓ ଦେଶପ୍ରେମ ଉପରେ ଆଲୋକପାତ କରାଯାଇଥିଲା। ସେହିପରି ଶିଶୁସଦନ ପରିସରରେ ଟାଙ୍ଗୀ-ଚୌଦ୍ୱାର ସାମ୍ବାଦିକମାନଙ୍କ ତରଫରୁ ପ୍ରେସ୍ ଦିବସ ପାଳିତ ହୋଇଛି। ହିନ୍ଦ ସେବକ ସଂଘର ରାଷ୍ଟ୍ରୀୟ ଅଧକ୍ଷ ଦାମୋଦର ସାହୁଙ୍କ ସହ ଅନ୍ୟମାନେ ଯୋଗଦେଇଥିଲେ।

## ୪ ଚୋରି ଗାଡ଼ି ଜବତ: ୨ଗିରଫ

**ଚୌଦ୍ୱାର,୧୬।୧୧(ଡି.ଏନ.ଏ.)**

ବାଇକ ଚୋରି ଅଭିଯୋଗରେ ଚୌଦ୍ୱାର ପୋଲିସ ଶୁକ୍ରବାର ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ବାଣୀପଦା ଉପର ସାହିର ମାନସ ହାତୀ ଓ ଗୁରୁଡିଝାଟିଆ ଥାନା ଅନ୍ତର୍ଗତ କୁମାରପୁରର ଶୁକଦେବ ମଲ୍ଲିକ। ସେମାନଙ୍କ ଠାରୁ ୪ଟି ଗାଡ଼ି ଜବତ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ଖବରଦାତା ଚୌଦ୍ୱାର କପାଳେଶ୍ୱର ନୂଆସାହିରେ ରହୁଥିବା ଆଶୁତୋଷ ଦାସଙ୍କ ବାଇକ୍ ତାଙ୍କ ଘର ଆଗରୁ ଚୋରି ହୋଇଥିଲା। ଏ ନେଇ ସେ ୨୦୧୭ ଏପ୍ରିଲ ୯ ତାରିଖରେ ଚୌଦ୍ୱାର ଥାନାରେ ଅଭିଯୋଗ କରିବା ପରେ ପୋଲିସଏକ ମାମଲା(ନଂ. ୧୩୦/୧୭) ରୁଜୁକରି ତଦନ୍ତ ଜାରି ରଖିଥିଲା। ତଦନ୍ତକାରୀ ଅଫିସର ଏସ୍‌ଆଇ ଅଶୋକ ହାଁସଦା କୌଣସି ସୂତ୍ରରୁ ଖବର ପାଇଥିଲେ ଯେ, ଅଭିଯୁକ୍ତ ମାନସ ଉକ୍ତ ଚୋରି ବାଇକ୍‌କୁ ବ୍ୟବହାର କରୁଛନ୍ତି। ପରେ ପୋଲିସ ମାନସଙ୍କ ଘର ଉପରେ ଚଢାଉ କରି ଉକ୍ତ ଗାଡିକୁ ଜବତ କରିବା ସହ ତାଙ୍କୁ ଗିରଫ କରିଥିଲା। ଏହାପରେ ପଚରାଉଚରା ବେଳେ ମାନସ ମାନିଥିଲେ ଯେ, ସେ ଓ ତାଙ୍କ ସହଯୋଗୀ ଶୁକଦେବ ମିଶି ମହାନଦୀ ବିହାର, ଚାଉଳିଆଗଞ୍ଜ ଅଞ୍ଚଳରୁ ୨ଟି ବାଇକ୍ ଓ ଗୋଟିଏ ସ୍କୁଟି ଚୋରି କରିଥିଲେ। ଉକ୍ତ ଗାଡିଗୁଡିକୁ ମାନସଙ୍କ ଘରୁ ଜବତ କରାଯାଇଛି।

## ଷ୍ଟିୱାର୍ଟରେ କ୍ୟାରିୟର କାଉନସେଲିଂ କର୍ମଶାଳା

**କଟକ ଅଫିସ,୧୬।୧୧**

ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ନେଇ କ୍ୟାରିୟର କାଉନସେଲିଂ କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧକ୍ଷ ଡ. ଦେବାଶିଷ ଆଚାର୍ଯ୍ୟ ଅଧକ୍ଷତା କରିବା ସହ ପ୍ରତିଦ୍ୱନ୍ଦିତାମୂଳକ ସମାଜରେ ଅଗ୍ରଣୀ ହେବା ନିମନ୍ତେ ସମୟର ସଦୁପଯୋଗ କରି ପାଠପଢ଼ାରେ ମନନିବେଷ କରିବାକୁ ପରାମର୍ଶ ଦେଇଥିଲେ। ରୋହିତ ସିହ୍ନା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଡ. ସସ୍ମିତା ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ ଓ ସସ୍ମିତା ଓତା, ଡ. ସ୍ୱର୍ଣ୍ଣଚନ୍ଦ୍ରିକା ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମେଧାବୀ ଛାତ୍ରୀଙ୍କୁ ଲାପଟପ୍ ବଣ୍ଟନ

**କଟକ ଅଫିସ,୧୬।୧୧**

ଜାତୀୟ କବି ବୀର କିଶୋର ସରକାରୀ ମହାବିଦାଳୟରେ ଶୈଳବାଳା ମହିଳା ମହାବିଦ୍ୟାଳୟରୁ ସଫଳପୂର୍ଣ୍ଣ ଭାବେ ଯୁକ୍ତ ଦୁଇ ଉତ୍ତୀର୍ଣ୍ଣ ହୋଇଥିବା ମେଧାବୀ ଛାତ୍ରୀଙ୍କୁ ଶୁକ୍ରବାର ଲାପଟପ୍ ବଣ୍ଟନ କରାଯାଇଛି। ମହାବିଦାଳୟର ଅଧକ୍ଷା ଡ. ପ୍ରତୀତି କାଞ୍ଚନଙ୍କ ପୌରେହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କର୍ପୋରେଟର ରଞ୍ଜନ କୁମାର ବିଶ୍ୱାଳ, ରାଜ୍ୟ ଛାତ୍ର ବିଜେଡ଼ି କାର୍ଯକାରୀ ସଭାପତି ଦେବୀରଞ୍ଜନ ତ୍ରିପାଠୀ ଯୋଗଦେଇଥିଲେ। ଶୈଳବାଳା ମହାବିଦ୍ୟାଳୟ ଅଧାପିକା ସରସ୍ୱତୀ ମାଝୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ୧୩୭ ଜଣ ଛାତ୍ରୀଙ୍କୁ ଲାପ୍‌ଟପ ପ୍ରଦାନ କରାଯାଇଛି। ବିଜୁ ଛାତ୍ର ଜନତା ଦଳ ରାଜ୍ୟ ସାଧାରଣ ସମ୍ପାଦକ ଦେବାଶିଷ ସ୍ୱାଇଁ, ଜିଲା ସଭାପତି ସ୍ମୃତିରଞ୍ଜନ ନାୟକ, ଶୁଭ୍ରାଂଶୁ ମିଶ୍ର, ପ୍ରିତି ପ୍ରିୟଙ୍କା, ସୁପ୍ରିତିନାଥ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।



ଜଣେ ଯଦି ତୁମଠାରୁ ଭଲ ହୋଇ ନ ଥାଏ, ତା' ସହିତ କେବେ ବନ୍ଧୁତା ବାନ୍ଧ ନାହିଁ।

–କନ୍‌ଫୁସିୟସ



## ସଂକ୍ଷେପରେ

### ଖୋର୍ଦ୍ଧା ଡିଭିଜନର ଡିଆର୍‌ୟୁସିସି ବୈଠକ

ଜଟଣୀ,୧୬ା୧୧(ଡି.ଏନ.ଏ): ଖୋର୍ଦ୍ଧାରୋଡ଼ ରେଲୱେ ମଣ୍ଡଳ ଉପଭୋକ୍ତା ପରାମର୍ଶଦାତା କମିଟି (ଡିଆର୍‌ୟୁସିସି) କମିଟି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଜଟଣୀସ୍ଥିତ ଡିଭିଜନର ମୁଖ୍ୟଦପ୍ତରରେ ଏଡିଆର୍‌ଏମ୍ ଏସ୍.ପି. ଦ୍ୱିବେଦୀଙ୍କ ପୌରୋହିତ୍ୟରେ ଏହା ଆୟୋଜିତ ହୋଇଥିଲା। ବିଭିନ୍ନ ଷ୍ଟେଶନରେ ରହୁ ନ ଥିବା ଟ୍ରେନ୍‌ର ରହଣି, ଫୁଟ ଓଭରବ୍ରିଜ୍‌ର ବିସ୍ତାର, ପ୍ଲାଟଫର୍ମର ଉଚ୍ଚତା ବୃଦ୍ଧି, ନୂତନ କୋଚିଂ କମ୍ପ୍ଲେକ୍ସ ନିର୍ମାଣ ଆଦି ବିଭିନ୍ନ ସମସ୍ୟା ଉପରେ ଡିଆର୍‌ୟୁସିସିର ସଦସ୍ୟାସଦସ୍ୟମାନେ ଦୃଷ୍ଟି ଆକର୍ଷଣ କରିଥିଲେ। ଡିଭିଜନର ବାଣିଜ୍ୟ ପ୍ରବନ୍ଧକ (ସଂଯୋଜକ) ସମ୍ପିତ ସୌରଭ ନାୟକ ରେଲୱେ ପକ୍ଷରୁ ହୋଇଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଉପରେ ସୂଚନା ଦେଇଥିଲେ। ଏହି ବୈଠକରେ କଲ୍ୟାଣୀ ସରନ, ଅଶୋକ ଷଡଙ୍ଗୀ, ସଞ୍ଜୟ ପାଣ୍ଡେ, ନଚିକେତନ ସ୍ୱାଇଁ, କେ.ସୂର୍ଯ୍ୟ ପ୍ରକାଶ ରାଓ, ଶାନ୍ତନୁ କୁମାର ଗ୍ରହାଚାର୍ଯ୍ୟ, ଲଳିତ ଅଗ୍ରୱାଲ, ଏ.ପ୍ରସାଦ ରାଓ, ପ୍ରଶାନ୍ତ କୁମାର ନାୟକ ପ୍ରମୁଖ ଡିଆର୍‌ୟୁସିସିର ସଦସ୍ୟ ଉପସ୍ଥିତ ରହିଥିଲେ। ଏଥିରେ ରେଲୱେର ବିଭିନ୍ନ ବିଭାଗର ଅଧିକାରୀମାନେ ମଧ ଉପସ୍ଥିତ ରହିଥିଲେ।

### ଖାତାଦାରଙ୍କୁ ଆକ୍ରମଣ କରି ଯୁବକ ଗିରଫ

ଖୋର୍ଦ୍ଧା ଅଫିସ,୧୬ା୧୧:ଶ୍ରମିକମାନଙ୍କୁ ଦରମା ଦେଉଥିବା ସମୟରେ ଖାତାଦାରଙ୍କୁ ମାରପିଟ୍ ଓ ଗାଳିଗୁଲଜ କରି ଟଙ୍କା ଛଡାଇ ନେବା ଅଭିଯୋଗରେ ବାଣପୁର ଥାନା ପୋଲିସ ଶୁକ୍ରବାର ବବ୍ରୁବାହନ ସୁନ୍ଦରାୟ ନାମକ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବା ପରେ ବବ୍ରୁବାହନଙ୍କୁ ଜେଲକୁ ଯିବାକୁ ପଡିଛି। ଅଭିଯୋଗ ଅନୁସାରେ ଟାଙ୍ଗୀ ଥାନା ନରମାନବାପୁର ଗ୍ରାମର ଠିକାଦାର ଗଙ୍ଗାଧର ପରିଡାଙ୍କ ନିକଟରେ ବାଣପୁର ଥାନା ନୟାକୋଟ ଗ୍ରାମର ଅଜୟ ନାୟକ ଖାତାଦାର ଭାବେ କାର୍ଯ୍ୟ କରନ୍ତି। ଅଜୟ ବୁଧବାର ନାଚୁଣୀସ୍ଥିତ ୟୁକୋ ବ୍ୟାଙ୍କରୁ ଦରମା ଟଙ୍କା ଉଠାଇ ଗ୍ରାମର ବିଭୁ ଦଳାଇ, ଜିତୁ ଦଳାଇ ପ୍ରମୁଖ ଶ୍ରମିକମାନଙ୍କୁ ଦରମା ଦେଉଥିଲେ। ଏହି ସମୟରେ ଗ୍ରାମର ବବ୍ରୁବାହାନ ପହଞ୍ଚି ଶ୍ରମିକଙ୍କୁ ଶୋଷଣ କରୁଥିବା ଓ କମ୍ ପ୍ରାପ୍ୟ ଦେଉଥିବା ଅଭିଯୋଗ କରି ଅଜୟଙ୍କୁ ଗାଳିଗୁଲଜ କରିବା ସହ ମାରପିଟ୍ କରିଥିଲେ। ପରେ ଅଜୟଙ୍କ ପାଖରେ ଥିବା ବଳକା ୮ ହଜାର ଟଙ୍କା ନେଇ ଫେରାର ହୋଇଯାଇଥିଲେ। ଶୁକ୍ରବାର ଗଙ୍ଗାଧର ଏ ନେଇ ବାଣପୁର ଥାନାରେ ଅଭିଯୋଗ କରିବାରେ ପୋଲିସ ନଂ. ୨୫୭/୧୮ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା।

### ଅଜଣା ଗାଡ଼ି ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

ପାତ୍ରପଡା,୧୬ା୧୧(ଡି.ଏନ.ଏ.)- ଖଣ୍ଡଗିରି ଥାନା ଜାତୀୟ ରାଜପଥ ପାଶ୍ୱସ୍ଥ ହନୁମାନ ମନ୍ଦିର ସମ୍ମୁଖରେ ଗୁରୁବାର ରାତିରେ ଏକ ଅଜଣା ଗାଡି ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ପରିଚୟ ମିଳିପାରିନାହିଁ। ତାଙ୍କ ବୟସ ପାଖାପାଖି ବର୍ଷ ୬୦ ହେବ। ସେ ସ୍ଥାନୀୟ ଅଞ୍ଚଳର ହୋଇଥିବା ପୋଲିସ ସନ୍ଦେହ କରୁଛି। ହନୁମାନ ମନ୍ଦିର ସମ୍ମୁଖରେ ବୃଦ୍ଧ ଜଣକ ରାସ୍ତା ପାର ହେଉଥିବା ସମୟରେ ଖଣ୍ଡଗିରିରୁ ସିଆରପି ଅଭିମୁଖେ ଦ୍ରୁତ ଗତିରେ ଯାଉଥିବା ଏକ ଗାଡି ତାଙ୍କୁ ଧକ୍କା ଦେଇଥିବା ସନ୍ଦେହ କରାଯାଉଛି। ପୋଲିସ ମୃତଦେହ ଜବତ କରିବା ସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଦୁର୍ଘଟଣା ଘଟାଇଥିବା ଗାଡିକୁ ଧରିବା ପାଇଁ ପୋଲିସ ବିଭିନ୍ନ ଛକରେ ଲାଗିଥିବା ସିସିଟିଭି ଫୁଟେଜକୁ ଯାଞ୍ଚ କରୁଛି।

### ଜମି ବିବାଦକୁ କେନ୍ଦ୍ରକରି ଆକ୍ରମଣ, ୩ ଆହତ

ପାତ୍ରପଡା,୧୬ା୧୧(ଡି.ଏନ.ଏ.)- ଜମିବାଡି ବିବାଦକୁ କେନ୍ଦ୍ରକରି ପାତ୍ରପଡା ବୃନ୍ଦାବନ ଭିଲା ଅଞ୍ଚଳରେ ଜଣେ ଭାଇ ନିଜର ୨ ଭାଇ ଓ ଭାଉଜଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଶୁକ୍ରବାର ସନ୍ଧ୍ୟାରେ ଖଣ୍ଡଗିରି ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ପୈତୃକ ସମ୍ପତ୍ତିରୁ ଭାଗିଦାରୀ ନେଇ ବ୍ରଜ କିଶୋର ସୁମନ୍ତ ପଟ୍ଟନାୟକଙ୍କ ପୁଅମାନଙ୍କ ମଧ୍ୟରେ ପୂର୍ବରୁ ବିବାଦ ରହିଥିଲା। ଏପରି କି ମାମଲା କୋର୍ଟରେ ବିଚାରାଧୀନ ରହିଛି। ହେଲେ ଶୁକ୍ରବାର ସକାଳେ ବିଦ୍ୟୁତ୍ ନିଜର ନିଜର କିଛି ସମର୍ଥକଙ୍କ ଆଣି ଅନ୍ୟ ଦୁଇଭାଇ ବିନୋଦ ବିହାରୀ ଓ ତାଙ୍କ ସ୍ତ୍ରୀ କାମିନୀ, ଆଉ ଜଣେ ଭାଇ ବିଶ୍ୱ ବିହାରୀ ଘରେ ଥିବାବେଳେ ସକାଳ ପ୍ରାୟ ୯ଟା ବେଳେ ଅତର୍କିତ ଭାବେ ଖଣ୍ଡା, ଭୁଜାଲିରେ ଆକ୍ରମଣ କରିଥିଲେ। ଆକ୍ରମଣରେ ବିନୋଦ, ବିଶ୍ୱ, ଭାଉଜ କାମିନୀ ଆହତ ହୋଇ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ଜଣକ ଅବସ୍ଥା ଗୁରୁତର ରହିଛି। ଏ ନେଇ ସନ୍ଧ୍ୟାରେ ଥାନାରେ ଲିଖିତ ଅଭିଯୋଗ ହେବା ପରେ ପୋଲିସ ବିଦ୍ୟୁତଙ୍କୁ ଥାନାରେ ଅଟକ ରଖିଛି।

■ ଜଟଣୀର ସ୍ଥିତିବାନ ରୟତଙ୍କ ଜମି ଶ୍ରୀମନ୍ଦିର ପରିଚାଳନା କମିଟି ନାଁରେ

# ମାଲିକାନା ହରାଇଛନ୍ତି ୧ ଲକ୍ଷରୁ ଊର୍ଦ୍ଧ୍ୱ ରୟତ

**ଜଟଣୀ,୧୬ା୧୧(ଡି.ଏନ.ଏ.)**

- ■ ୫ ବର୍ଷ ହେଲା କିଣାବିକା କରି ପାରୁନାହାନ୍ତି ଜମି
- ■ ୧୯୭୪ ମସିହାରୁ ରାଜ୍ୟ ସରକାରଙ୍କୁ ଦେଉଛନ୍ତି ସେସ୍
- ■ ସରକାରଙ୍କ ହାଇ ଲେଭଲ୍ କମିଟି ଦ୍ୱାରା ସମସ୍ୟା ଦୂର କରାଯାଉ

ଖୋର୍ଦ୍ଧା ଜିଲା ଜଟଣୀ ତହସିଲ ଅନ୍ତର୍ଗତ ୧୩ଟି ମୌଜାର ସ୍ଥିତିବାନ ରୟତଙ୍କ ଭିଟାମାଟି ମାଲିକାନା ସ୍ୱତ୍ୱ ୫ ବର୍ଷ ପୂର୍ବେ ପରିବର୍ତ୍ତନ କରି ଦିଆଯାଇଥିଲା। ରୟତଙ୍କ ଅଗୋଚରରେ ସେଟଲ୍‌ମେଣ୍ଟ ମାଧ୍ୟମରେ ୨୦୧୩ ମସିହାରେ ପୁରୀ ଶ୍ରୀମନ୍ଦିର ପରିଚାଳନା କମିଟି ନାମରେ ରେକର୍ଡ ହୋଇଯାଇଥିଲା। ଶତାଧିକ ବର୍ଷ ଧରି ରହି ଆସୁଥିବା ଏହିସବୁ ମୌଜା ଅନ୍ତର୍ଗତ ୧୨ଟି ରାଜସ୍ୱ ଗ୍ରାମର ୧ ଲକ୍ଷ ପାଖାପାଖି ପର୍ଚ୍ଚା, ପଟ୍ଟାଧାରୀ ରୟତ ୫ ବର୍ଷ ହେବ ଅନିଶ୍ଚିତତା ମଧ୍ୟରେ ରହିଛନ୍ତି। ରୟତଙ୍କ ଭିଟାମାଟି ପୁରୀ ଶ୍ରୀମନ୍ଦିର ପରିଚାଳନା କମିଟି ନାମରେ ରେକର୍ଡ ହୋଇଯିବା ଦ୍ୱାରା ସେମାନେ ଭୂମିହୀନ ହୋଇପଡ଼ିଛନ୍ତି। ଫଳରେ ସରକାରୀ ଓ ବେସରକାରୀ ସୁବିଧାରୁ ସେମାନେ ବଞ୍ଚିତ ହେଉଛନ୍ତି। ଟଙ୍କା ଜରୁରୀ ସମୟରେ ନିଜ ଜମି ଓ ଘରକୁ କିଣାବିକା କରି ପାରୁନାହାନ୍ତି। ପିଲାଙ୍କ ପାଠାପଢ଼ାଠାରୁ ଆରମ୍ଭ କରି ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହାକୁ ବିରୋଧ କରି ସମ୍ପୃକ୍ତ ମୌଜା ବାସିନ୍ଦା ଆନ୍ଦୋଳନ ଜାରି ରଖିଛନ୍ତି। ଓଡ଼ିଶା ହାଇକୋର୍ଟରେ 'ପୂର୍ବତନ ଏଖରାଜାତ ମାହାଲ ସୁରକ୍ଷା କମିଟି' ପକ୍ଷରୁ ଜନସ୍ୱାର୍ଥ ମାମଲା କରାଯାଇଛି। ଏହା ବିଚାରାଧୀନ ରହିଛି। ଏ ନେଇ ଅନେକ ଥର ଜଟଣୀ ବନ୍ଦ, ତହସିଲ, ସବ୍‌ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। ରୟତମାନେ ବିଭାଗୀୟ ମନ୍ତ୍ରୀ, ସଚିବ ଓ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦେଇ ଭିଟାମାଟି ମାଲିକାନା ଫେରାଇ ଦେବାକୁ ଅନୁରୋଧ କରିଆସୁଛନ୍ତି। ବେଆଇନ ଭାବେ ଏପରି କରାଯାଇଥିବା ସେମାନେ ଅଭିଯୋଗ ଆଣିଛନ୍ତି। ୧୯୫୧ ମସିହା ଜମିଦାରୀ ଉଚ୍ଛେଦ ଆଇନ୍ ଅନୁଯାୟୀ ଶ୍ରୀମନ୍ଦିର ପ୍ରଶାସନ ସମସ୍ତ କ୍ଷତିପୂରଣ ରାଜ୍ୟ ସରକାରଙ୍କଠାରୁ ପାଇ ସାରିଛି। ଏହି ଆଇନ୍ ଅନୁଯାୟୀ ୧୯୭୪ ମସିହାରେ ଉପରୋକ୍ତ ମୌଜା ରାଜ୍ୟ ସରକାରଙ୍କ ନିକଟରେ ଭେଷ୍ଟ ହୋଇସାରିଛି। ଫଳରେ ରୟତମାନେ ରାଜ୍ୟ ସରକାରଙ୍କୁ ସେବେଠାରୁ ସେସ୍ ଦେଇ ଆସୁଛନ୍ତି। ସ୍ଥିତିବାନ ରୟତମାନେ ନିଜ ଭିଟାମାଟିର ମାଲିକାନା ହରାଇ ଚିନ୍ତାରେ ରହିଛନ୍ତି।

ଏ ନେଇ ଏଖରାଜାତ ମାହାଲ ସୁରକ୍ଷା କମିଟିର ଉପଦେଷ୍ଟା ତଥା ଅବସରପ୍ରାପ୍ତ ପ୍ରଶାସକ ସୁରେନ୍ଦ୍ର କୁମାର ମିଶ୍ର କୁହନ୍ତି, ଏହିସବୁ ମୌଜାର ସ୍ଥିତିବାନ ରୟତ ନିଜ ଜମିର ମାଲିକାନା ହରାଇ ଏକ ପ୍ରକାର ଦେଶର ନାଗରିକତ୍ୱ ହରାଇବା ସଦୃଶ ହୋଇଛି। ପୁରୀ ଶ୍ରୀମନ୍ଦିର ପରିଚାଳନା କମିଟି ଏହାକୁ ଅମୃତମଣୋହି ଜମି କହୁଛନ୍ତି। ଏହା ସମ୍ପୂର୍ଣ୍ଣ ଭୁଲ୍। ରାଜସ୍ୱ ପରିଷଦ ପକ୍ଷରୁ କୋର୍ଟରେ ଦାଖଲ ହୋଇଥିବା ସତ୍ୟପାଠ ସହ ସେମାନଙ୍କ ନିକଟରେ ରହିଥିବା ଦୀର୍ଘବର୍ଷର ରେକର୍ଡରୁ ଏହା ସ୍ପଷ୍ଟ ଯେ ଏହା ଅମୃତମଣୋହି ଜମି ନୁହେଁ। ଅପରପକ୍ଷରେ ଶ୍ରୀଜଗନ୍ନାଥଙ୍କ ଜମି ନିର୍ଦ୍ଧାରଣ ପାଇଁ ରାଜ୍ୟ ସରକାରଙ୍କ ହାଇ ଲେଭଲ୍ କମିଟି ରହିଛି। ଏଣୁ ରାଜ୍ୟ ସରକାର ଏହି କମିଟି ମାଧ୍ୟମରେ ଉପୁଜିଥିବା ସମସ୍ୟା ଦୂର କରିପାରିବେ। ସୁରକ୍ଷା କମିଟିର ସଭାପତି କୈଳାସ ମହାପାତ୍ର କୁହନ୍ତି, ରୟତଙ୍କୁ ନ୍ୟାୟ ପ୍ରଦାନ ପାଇଁ ଉଦ୍ୟମ ଜାରି ରହିଛି। ସେପ୍ଟେମ୍ବର ୯ରେ ଜିଲାପାଳଙ୍କ ସହ ଏ ନେଇ ଆଲୋଚନା ହୋଇଥିଲା। ଫଳରେ ଏହି ଘଟଣାର ଅନୁସନ୍ଧାନ କରି ଏକ ପୂର୍ଣ୍ଣ ସତ୍ୟପାଠ ଶୀଘ୍ର ଦାଖଲ କରିବାକୁ ଜଟଣୀ ତହସିଲଦାରଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ସେପ୍ଟେମ୍ବର ୧୧ରେ ଆଇନ୍ ସଚିବ ଓ ଏଣ୍ଡାଓମେଣ୍ଟ କମିଶନଙ୍କ ଉପସ୍ଥିତିରେ ଆଇନମନ୍ତ୍ରୀଙ୍କୁ କମିଟି ସଦସ୍ୟମାନେ ସାକ୍ଷାତକରି ଆଲୋଚନା କରିଥିଲେ। ଦୀର୍ଘବର୍ଷର ସମସ୍ତ ରେକର୍ଡ ସେଠାରେ ଉପସ୍ଥାପନ କରାଯାଇଥିଲା। ଉଭୟ ଆଲୋଚନାରେ ଜଟଣୀର ପୂର୍ବତନ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ ଓ ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର ସାହୁ ମଧ ଉପସ୍ଥିତ ରହିଥିଲେ।

■ ଲୁଟେରା-ଘରୋଇ ସଂସ୍ଥା କର୍ମଚାରୀଙ୍କ ଧସ୍ତାଧସ୍ତି

# ଖଣ୍ଡାରେ ହାଣି ଲୁଟି ନେଲେ ୧ ଲକ୍ଷ

**ଜଟଣୀ,୧୬ା୧୧(ଡି.ଏନ.ଏ)**



ଆହତ ବିକାଶ ମହାପାତ୍ର।

ମହିଳା ଗୋଷ୍ଠୀଙ୍କଠାରୁ ଟଙ୍କା ସଂଗ୍ରହ କରି ଫେରୁଥିଲେ ଘରୋଇ ସଂସ୍ଥା ଭାରତ ଫାଇନାନ୍ସର କର୍ମଚାରୀ ବିକାଶ ମହାପାତ୍ର। ଶୁକ୍ରବାର ଅପରାହ୍ନ ପ୍ରାୟ ୨ଟା ହେବ। ଜଟଣୀ ଥାନାର ଜନଗହଳିପୂର୍ଣ୍ଣ ଗଜପତିନଗର ଅଞ୍ଚଳରେ ବିକାଶଙ୍କ ବାଇକ୍‌କୁ ୩ ଜଣ ଦୁର୍ବୃତ୍ତ ଅଟକାଇଥିଲେ। ବନ୍ଧୁକ ଓ ଖଣ୍ଡା ବାହାର କରି ଭୟଭୀତ କରି ବାଇକ୍ ଡିକି ଖୋଲିବାକୁ ଦୁର୍ବୃତ୍ତମାନେ ଧମକ ଦେଇଥିଲେ। ତେବେ ସେ ଡିକି ଖୋଲି ନ ଥିଲେ କି ଚାବି ଦେଇ ନ ଥିଲେ। ଫଳରେ ଲୁଟେରାଙ୍କ ସହ ବିକାଶଙ୍କ ଆରମ୍ଭ ହୋଇଥିଲା ଧସ୍ତାଧସ୍ତି। ଏହିପରି ପ୍ରାୟ ୧୦ରୁ ୧୫ ମିନିଟ୍ ପର୍ଯ୍ୟନ୍ତ ଚାଲିଥିଲା। ଅନ୍ୟ ଲୋକେ ଦେଖୁଥିଲେ ମଧ ଦୁର୍ବୃତ୍ତଙ୍କ ହାତରେ ଥିବା ବନ୍ଧୁକ ଓ ଖଣ୍ଡା ଦେଖି ଭୟରେ କେହି ପାଖ ମାଡି ନ ଥିଲେ। ହେଲେ ସାହାଯ୍ୟ ଆଶାରେ ବିକାଶ ଚିତ୍କାର କରୁଥାନ୍ତି। ଶେଷରେ ଦୁର୍ବୃତ୍ତମାନେ ଖଣ୍ଡାରେ ହାଣି ଘରୋଇ ସଂସ୍ଥା କର୍ମଚାରୀଙ୍କ ବାଇକ୍ ଡିକି ଭାଙ୍ଗି ସର୍ବସମ୍ମୁଖରେ ଲୁଟି ନେଇଥିଲେ ୧ ଲକ୍ଷ ଟଙ୍କା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତ ବିକାଶଙ୍କୁ ସ୍ଥାନୀୟ ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ ନିକଟରେ ଥିବା ସିସିଟିଭି କ୍ୟାମେରା ଓ କେତେଜଣ ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନାକୁ ଆଧାର କରି ପୋଲିସ ୩ ଜଣଙ୍କୁ ସନ୍ଦେହରେ ଧରି ପଚରାଉଚୁରା ଜାରି ରଖିଛି। ଜଟଣୀରେ କିଛିମାସ ହେବ ଲୁଟ୍ ବୃଦ୍ଧି ପାଇଛି। ବାରମ୍ବାର ଲୁଟ୍ ହେବା ଦ୍ୱାରା ବିଶେଷ କରି ମହିଳାଙ୍କ ମଧ୍ୟରେ ଭୟ ସଞ୍ଚାର ହୋଇଛି। ଏହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।

# କଣ୍ଠଶିଳ୍ପୀ ଶାନ୍ତିଲତା ବାରିକ ପାଇଲେ ପ୍ରାଣନାଥ ସଙ୍ଗୀତ ସମ୍ମାନ



ପ୍ରାଣନାଥଙ୍କ ଜୟନ୍ତୀ ଅବସରରେ ଅତିଥିମାନେ ଦୀପ ପ୍ରଜ୍ୱଳନ କରୁଛନ୍ତି।

**ଖୋର୍ଦ୍ଧା ଅଫିସ,୧୬ା୧୧:**

ଖୋର୍ଦ୍ଧା ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟରେ ମହାନ୍ ସ୍ୱାଧୀନତା ସଂଗ୍ରାମୀ, ବିପ୍ଳବୀ ଜନନେତା ସ୍ୱର୍ଗତ ପ୍ରାଣନାଥ ପଟ୍ଟନାୟକଙ୍କ ୧୧୩ ତମ ଜୟନ୍ତୀ ସମାରୋହ ଓ ପ୍ରାଣନାଥ ସଙ୍ଗୀତ ସମ୍ମାନ ପ୍ରଦାନ ଉତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ରୂପେ ଉଚ୍ଚଶିକ୍ଷା ମନ୍ତ୍ରୀ ଅନନ୍ତ ଦାସ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କଲେଜ ପରିଚାଳନା ସମିତି ସଭାପତି ତଥା ପୂର୍ବତନ ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟବକ୍ତା ରୂପେ ଭୁବନେଶ୍ୱର ଏମ୍‌ପି ପ୍ରସନ୍ନ ପାଟଶାଣୀ, ସମ୍ମାନିତ ଅତିଥି ରୂପେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ବିଦ୍ୟାଧର ବେହେରା ଓ ପ୍ରଫେସର ସ୍ୱୟଂପ୍ରଭା ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ରାଜ୍ୟରେ ସଙ୍ଗୀତ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା କଣ୍ଠଶିଳ୍ପୀ ଶାନ୍ତିଲତା ବାରିକଙ୍କୁ ପ୍ରାଣନାଥ ସଙ୍ଗୀତ ସମ୍ମାନରେ ମୁଖ୍ୟଅତିଥି ସମ୍ମାନିତ କରିଥିଲେ। ସମ୍ମାନ ସ୍ୱରୂପ ୧୦ ହଜାର ଅର୍ଥରାଶି, ପୁଷ୍ପଗୁଚ୍ଛ, ମାନପତ୍ର, ଉପଢୌକନ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଛି। ପୁରସ୍କାର ଗ୍ରହଣ କରି ଶାନ୍ତିଲତା କହିଥିଲେ ଯେ, ପ୍ରାଣନାଥ ଜୟନ୍ତୀରେ ଏହି ପୁରସ୍କାର ସବୁଦିନ ପାଇଁ ତାଙ୍କ ଲାଗି ଅଭୁଲା ହୋଇ ରହିବ। ଏଥିରେ ବକ୍ତାମାନେ ପ୍ରାଣନାଥଙ୍କର ସ୍ମୃତିଚାରଣ କରିଥିଲେ। ପ୍ରାଣନାଥଙ୍କର ଚଳଣି, ଚାହାଣି, ଚେତନା ଓ ତାଙ୍କର ଜୀବନୀକୁ ଅନୁକରଣ କଲେ ଛାତ୍ରୀଛାତ୍ରମାନେ ଭଲମଣିଷ ହୋଇପାରିବେ। ମହାବିଦ୍ୟାଳୟରେ ହେବାକୁ ଥିବା ହୀରକ ଜୟନ୍ତୀ ଅବସରରେ ହୋଇଥିବା କର୍ମଶାଳାର ବିବରଣୀକୁ ନେଇ ରଚନା କରାଯାଇଥିବା ପୁସ୍ତକ ଲୋକାର୍ପିତ ହୋଇଥିଲା। ଅନ୍ୟପକ୍ଷେ ୫୩ତମ ଆନ୍ତଃ ମହାବିଦ୍ୟାଳୟ ସଙ୍ଗୀତ ପ୍ରତିଯୋଗିତା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏହାର ଲଘୁସଙ୍ଗୀତ, ଶାସ୍ତ୍ରୀୟ ସଙ୍ଗୀତ, ଚମ୍ପୂ, ଓଡ଼ିଶୀ ଓ ଛାନ୍ଦ, ଲଘୁ କଣ୍ଠସଙ୍ଗୀତ, ଭଜନ ଜଣାଣ, ଏକକ ଅଭିନୟ, ଓଡ଼ିଶୀ ନୃତ୍ୟ ଆଦି ପ୍ରତିଯୋଗିତାରେ ୨୧ ଜଣ ପୁରସ୍କୃତ ହୋଇଛନ୍ତି। ରାଜ୍ୟର ୩୬ଟି କଲେଜର ଛାତ୍ରୀଛାତ୍ର ଏଥିରେ ଭାଗ ନେଇଥିଲେ। ଏହା ଶନିବାର ଉଦ୍‌ଯାପିତ ହେବ। ମହାବିଦ୍ୟାଳୟର ରୋଭର୍ସ ରେଞ୍ଜର ଏହାକୁ ପରିଚାଳନା କରିଥିଲେ।

# କଲଭର୍ଟକୁ ଧକ୍କା ଦେଇ ଓଲଟିଲା କାର

## ଜଣେ ମୃତ, ୩ ଗୁରୁତର

**ଖୋର୍ଦ୍ଧା ଅଫିସ,୧୬ା୧୧:**

କଲିକତା-ମାଡ୍ରାସ ୧୬ ନଂ. ଜାତୀୟ ରାଜପଥର ଦଧିମାଛଗାଡିଆଠାରୁ କିଛି ଦୂରରେ ଗୁରୁବାର ରାତି ପ୍ରାୟ ସାଢ଼େ ୩ଟାରେ କାର କଲଭର୍ଟକୁ ଧକ୍କା ଦେଇ ରାସ୍ତାର ଅପରପାର୍ଶ୍ୱକୁ ଓଲଟି ପଡିଥିଲା। ଏଥିରେ ନନ୍ଦନକାନନ ଥାନା ରଘୁନାଥପୁର ଗାଁର ଭକ୍ତବୀର ପାତ୍ର (୨୨) ପ୍ରାଣ ହରାଇଛନ୍ତି। ଅନ୍ୟ ୩ ଜଣ ଗୁରୁତର ହୋଇ ଭୁବନେଶ୍ୱରରେ ଚିକିତ୍ସିତ ହେଉଛନ୍ତି। ନନ୍ଦନକାନନ ଥାନା ରଘୁନାଥପୁର ଗାଁର ୪ ଜଣ ଯୁବକ ଓଡି ୩୩ଟି ୯୫୭୪ କାରଯୋଗେ ବ୍ରହ୍ମପୁର ଯାଉଥିଲେ। ଖୋର୍ଦ୍ଧା ସଦର ଥାନାର ଦଧିମାଛଗାଡିଆ ଗାଁ ନିକଟବର୍ତ୍ତୀ ଅଞ୍ଚଳରେ କାର ଦୁର୍ଘଟଣା ହୋଇଥିଲା। ମୃତକଙ୍କ ଭାଇ ନାରାୟଣ ପାତ୍ରଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୧୫୬/୧୮ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଅନ୍ୟପକ୍ଷେ ବ୍ୟବଚ୍ଛେଦ କରାଇ ମୃତଦେହ ପରିବାର ଲୋକଙ୍କୁ ଫେରାଇଛି।

# ରାଜ୍ୟସ୍ତରୀୟ ଶବର କପ୍ ଫୁଟବଲ

## ବିଡାନାସୀ କ୍ଲବ ଫାଇନାଲକୁ ଉନ୍ନୀତ

**ଯାଁଳା,୧୬ା୧୧(ଡି.ଏନ.ଏ):**

ଜଟଣୀ ବ୍ଲକ ଯାଁଳା ପଞ୍ଚାୟତ ରାଧାଚରଣପୁର ସ୍କୁଲ ଖେଳପଡିଆରେ ଚାଲିଥିବା ଶବର କପର ଶୁକ୍ରବାର ଥିବା ଦ୍ୱିତୀୟ ସେମିଫାଇନାଲ ମ୍ୟାଚ। ବିଡାନାସୀ କ୍ଲବ(କଟକ) ସହ ୟୁନାଇଟେଡ୍ କ୍ଲବ, ଜାରକା(ଯାଜପୁର) ମଧ୍ୟରେ ଖେଳ ହୋଇଥିଲା। ଖେଳ ବେଶ ସଂଘର୍ଷପୂର୍ଣ୍ଣ ଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାକୁ ଗୋଲ ଦେଇ ପାରି ନ ଥିଲେ। ଫଳରେ ଟ୍ରାଇବେକର ମାଧ୍ୟମରେ ବିଡାନାସୀ କ୍ଲବ ୫-୩ ଗୋଲରେ ୟୁନାଇଟେଡ କ୍ଲବଠାରୁ ଜିତି ଫାଇନାଲ ମ୍ୟାଚକୁ ପ୍ରବେଶ କରିଛି। ଖେଳକୁ ସେଖାୟତ ଖାଁ, ଦିଗବିଜୟ ନାୟୁଡୁ, ଲକ୍ଷ୍ମୀପ୍ରସାଦ ଦାଶ ଓ ଉପେନ୍ଦ୍ର ନାୟକ ପରିଚାଳନା କରିଥିଲେ।

■ ଖୋର୍ଦ୍ଧା ଜିଲା ଲୋକ ଉତ୍ସବ ୩ୟ ସନ୍ଧ୍ୟା

# ଉଡ୍ର ଗ୍ରୁପ ନୃତ୍ୟ ମନମୋହିଲା



ଜିଲା ଲୋକ ମହୋତ୍ସବରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ।

**ଖୋର୍ଦ୍ଧା ଅଫିସ,୧୬ା୧୧**

ଆଶ୍ୱାସନା ପକ୍ଷରୁ ଖୋର୍ଦ୍ଧା ସହରର ଗୁରୁଜଙ୍ଗ ପଡିଆରେ ଚାଲୁ ରହିଛି ଖୋର୍ଦ୍ଧା ଜିଲା ଲୋକ ଉତ୍ସବ। ଏହାର ୩ୟ ସନ୍ଧ୍ୟାରେ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ ଭୁବନେଶ୍ୱର ଏମ୍‌ପି ପ୍ରସନ୍ନ ପାଟଶାଣୀ। ଅନ୍ୟମାନଙ୍କ ମଧ୍ୟରେ ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର ସାହୁ, ଆଶ୍ୱାସନା ପରିବାର ସମ୍ପାଦକ ରିତେଶ ସାହୁ ଓ ସଂଯୋଜକ ଗୌରୀଶଙ୍କର ରାଉତରାୟ ମଞ୍ଚରେ ଉପସ୍ଥିତ ଥିଲେ। ଆଙ୍କରିଂ କରୁଥିଲେ ମୃତ୍ୟୁଞ୍ଜୟ ରଥ। ଉତ୍କଳ ପାଇକ ଆଖଡା ସଂଘ ଅର୍ଜ୍ଜୁନପୁର ପାଇକ ଆଖଡା ପକ୍ଷରୁ କୁସ୍ତି, କସରତ, ଜଷ୍ଟି ଚାଳନା, ଅଶୀ ଚାଳନା ସହ ସାମରିକ କ୍ରୀଡା ପ୍ରଦର୍ଶନ କରିଥିଲେ। ଉଡ୍ର ନୃତ୍ୟ ଅନୁଷ୍ଠାନ ପକ୍ଷରୁ ଭାରତୀୟ ମହୀୟସୀ ନାରୀ ସୀତା, ଦ୍ରୌପଦୀ ଓ ତାରା ଚରିତ୍ରର ମହନୀୟତାକୁ ଅବତାରଣା କରିଥିଲେ। ଯୁଗେ ଯୁଗେ ଭାରତୀୟ ନାରୀ ତ୍ୟାଗ, ତିତିକ୍ଷାର ବଳିଷ୍ଠ ଭୂମିକାକୁ ସୂଚେଇ କିପରି ଧନ୍ୟ ହୋଇଛି ତା'ର ଝଲକ ଦେଖିବାକୁ ମିଳିଥିଲା। ଏଣୁ ଆଜିର ନାରୀ ସେହି ଆଦର୍ଶରେ ଅନୁପ୍ରାଣିତ ହେବାକୁ ଉକ୍ତ ନୃତ୍ୟ ସରଞ୍ଜନାରେ ରହିଥିଲା। ଉଡ୍ରର ୨ୟ ପ୍ରସ୍ତୁତିରେ ଥିଲା ତ୍ରାହି ଦୁର୍ଗା। ଦୁର୍ଗେ ଦୁର୍ଗତି ନାଶିନୀଙ୍କ ଆରାଧନାର ନୃତ୍ୟାଞ୍ଜଳିକୁ ପରିବେଷଣ କରିଥିଲେ ଶିଳ୍ପୀମାନେ। ରୋଜ ଟ୍ରି ଡ୍ୟାସନ ଷ୍ଟୁଡିଅ କଟକ ପକ୍ଷରୁ ବାରମାସର ତେରପର୍ବର ପରମ୍ପରା ଦେଖିବାକୁ ମିଳିଥିଲା। ବୈଶାଖର ଚନ୍ଦନ ଯାତ୍ରାଠାରୁ ଚୈତ୍ରର ଦୋଳ ପୂର୍ଣ୍ଣିମା ପର୍ଯ୍ୟନ୍ତ ଏଥିରେ ଦେଖିବାକୁ ମିଳିଥିଲା। ୨ୟ ପ୍ରସ୍ତୁତିରେ ଥିଲା ସାଧବ ପୁଅଙ୍କ ବିଦେଶ ଯାତ୍ରା ଓ ନୌବାଣିଜ୍ୟ ପରମ୍ପରା ଆଧାରିତ ବୋଇତ ବନ୍ଦାଣର ନୃତ୍ୟରୂପ। ଅନ୍ତିମ ପ୍ରସ୍ତୁତିରେ ଶିବ ତାଣ୍ଡବ ଥିଲା।

■ ଜବରଦଖଲରେ ପୋଖରୀ, ନାଳ, ଶ୍ମଶାନଘାଟ

# ୨ ଗ୍ରାମବାସୀ ଜିଲାପାଳଙ୍କୁ ହେଲେ ଫେରାଦ

**ଖୋର୍ଦ୍ଧା ଅଫିସ,୧୬ା୧୧**

:ଖୋର୍ଦ୍ଧା ଜିଲା ଜଟଣୀ ବ୍ଲକ ପ୍ରଧାନସାହି ପଞ୍ଚାୟତର ପୋଖରୀ, ପରିନାଳ ଓ ଶ୍ମଶାନଘାଟ ଜବରଦଖଲରେ ରହିଛି। ଆପାର୍ଟମେଣ୍ଟ ଓ ବିଲ୍ଡର ଏହି ଜବରଦଖଲ କରିଛନ୍ତି। ଏବେ ନିଆଁଖୋଳା ଚାଲିଛି। ସ୍ଥାନୀୟ ଲୋକ ମୃତଦେହ ପୋଡ଼ିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ଗାଧୋଇବା ଓ ଜମିରେ ପାଣି ମଡାଇବା ମଧ କଷ୍ଟକର ହେଉଛି। ଏ ନେଇ ବୋଡଣ୍ଡା ଓ ବଳଭଦ୍ରପୁରର ବାସିନ୍ଦା ଗୁରୁବାର ଜିଲାପାଳଙ୍କୁ ଭେଟି ଫେରାଦ ହୋଇଛନ୍ତି। ଦୁଇ ଗ୍ରାମବାସୀ ଜବରଦଖଲ ନେଇ ଭୁବନେଶ୍ୱର ଓ ଜଟଣୀ ବ୍ଲକରେ ଅନୁଷ୍ଠିତ ଜନଶୁଣାଣି ଶିବିରରେ ଅଭିଯୋଗ କରିଥିଲେ ମଧ ସୁଫଳ ମିଳିନି। ୧୫ ଦିନ ଭିତରେ ଜବରଦଖଲ ଉଚ୍ଛେଦ ନ ହେଲେ ଗ୍ରାମବାସୀ ବାଧ୍ୟହୋଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଅଭିଯୋଗରେ ଦର୍ଶାଇଛନ୍ତି।



ଜିଲାପାଳଙ୍କ ଅଫିସ ସମ୍ମୁଖରେ ଅଭିଯୋଗ କରିବାକୁ ଆସିଥିବା ଦୁଇ ଗ୍ରାମର ଲୋକେ।

# ଜଟଣୀରେ ଗୋ ସମ୍ବର୍ଦ୍ଧନା ଉତ୍ସବ



ଜଟଣୀଠାରେ ଜିଲାସ୍ତରୀୟ ଗୋ ସମ୍ବର୍ଦ୍ଧନା ଉତ୍ସବରେ ଗାଈକୁ ପୂଜା କରାଯାଉଛି।

**ଜଟଣୀ,୧୬ା୧୧(ଡି.ଏନ.ଏ)**

ଜଟଣୀ ବ୍ଲକ ଅନ୍ତର୍ଗତ ପ୍ରଧାନସାହି ପଞ୍ଚାୟତରେ ଜିଲାସ୍ତରୀୟ ଗୋ ସମ୍ବର୍ଦ୍ଧନା ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ଗୋ ପୂଜନ, ପ୍ରଦର୍ଶନୀ, ଚାଷୀଙ୍କୁ ପୁରସ୍କାର ପ୍ରଦାନ ଓ କୃଷକ-ପ୍ରାଣୀ ବୈଜ୍ଞାନିକଙ୍କ ମଧ୍ୟରେ ମତ ବିନିମୟ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ଦୁଗ୍ଧ, ଦୁଗ୍ଧଜାତ ଦ୍ରବ୍ୟ ଓ କୁକ୍କୁଟ ଉତ୍ପାଦ ଉପରେ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ଏଥିରେ ଖୋର୍ଦ୍ଧା ଜିଲା ପରିଷଦ ସଭାପତି ପ୍ରଫୁଲ୍ଲ କୁମାର ଦଳେଇ, ବ୍ଲକ ଅଧ୍ୟକ୍ଷା ବନଜା ଜେନା, ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ନରେଶ ଚନ୍ଦ୍ର ରଥ, ବ୍ଲକ ବିଡିଓ ବାସୁଦେବ ମାହାରୀ, ଜିଲା ପରିଷଦ ସଦସ୍ୟ ଅଜିତ ସାମନ୍ତରାୟ, ସରପଞ୍ଚ ସୁଚରିତା ପାଇକରାୟ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ହରେକୃଷ୍ଣ ସାହୁ, ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ରଜତ ମହାପାତ୍ର, ସନ୍ତୋଷ ପଣ୍ଡା, ଜଟଣୀର ପ୍ରାଣୀ ଚିକିତ୍ସକ ରାଜକିଶୋର ନନ୍ଦ ଓ ଅନ୍ୟମାନଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ସେହିପରି ଜଟଣୀସ୍ଥିତ ଶ୍ରୀଜଗନ୍ନାଥ ପୁରୀ ଗୋଶାଳା ପରିସରରେ ଗୋଷ୍ଠାଷ୍ଟମୀ ପାଳିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଗୋପୂଜା, କୀର୍ତ୍ତନ, ଭଜନ ଆଦି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

■ ମୁଖ୍ୟମନ୍ତ୍ରୀଙ୍କ କୃଷ୍ଣପ୍ରସାଦ ଗସ୍ତକୁ ନେଇ ପ୍ରସ୍ତୁତି

# ଆଇନଶୃଙ୍ଖଳା ରକ୍ଷା ପାଇଁ ୧୪ ପ୍ଲାଟୁନ୍ ପୋଲିସ୍ ଫୋର୍ସ

**କୃଷ୍ଣପ୍ରସାଦ,୧୬ା୧୧(ଡି.ଏନ.ଏ.)**



ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ଜିଲାପାଳ ଓ ପ୍ରଶାସନିକ ଅଧିକାରୀମାନେ ସ୍ଥାନ ବୁଲି ଦେଖୁଛନ୍ତି।

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ୍‌କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଗସ୍ତ ଅବସରରେ ପୂର୍ବ ପ୍ରସ୍ତୁତି ଅବସରରେ ପ୍ରଶାସନିକ ତତ୍ପରତା ପ୍ରକାଶ ପାଇଛି। ସ୍ଥାନୀୟ ଚାରିଛକଠାରେ ନଭେମ୍ବର ୨୨ରେ ମୁଖ୍ୟମନ୍ତ୍ରୀଙ୍କ ଏକ ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିପାଇଁ ଜିଲା ପ୍ରଶାସନ ବେଶ୍ ଚଳଚଞ୍ଚଳ ହୋଇଛି। କାର୍ଯ୍ୟକ୍ରମକୁ ସଫଳ କରିବା ନିମନ୍ତେ କେତେଜଣ ସମର୍ଥକ କର୍ମୀ ଓ ନେତାଙ୍କ ଆଖିରୁ ନିଦ ହଜିଯାଇଥିବା କୁହାଯାଇଛି। ଏନେଇ ଶୁକ୍ରବାର ପୁରୀ ଜିଲାପାଳ ଜ୍ୟୋତି ପ୍ରକାଶ ଦାସ, ଏସ୍‌ପି ଡା. ସାର୍ଥକ ଷଡ଼ଙ୍ଗୀ, ପୁରୀ ସଦର ଡିଏସ୍‌ପି ସୁଶୀଲ କୁମାର ମିଶ୍ରଙ୍କ ସମେତ ବିଭାଗୀୟ ଉଚ୍ଚପଦସ୍ଥ ଯନ୍ତ୍ରୀମାନେ ବିଭିନ୍ନ କାର୍ଯ୍ୟର ତନଖି କରୁଛନ୍ତି। ହେଲିପ୍ୟାଡ଼ଠାରୁ ମୁଖ୍ୟମନ୍ତ୍ରୀଙ୍କ ସଭାସ୍ଥଳ ପର୍ଯ୍ୟନ୍ତ ରାସ୍ତାଘାଟ ଆଦି ସଫାସୁତରା ଏବଂ ମରାମତି ନିମନ୍ତେ ବିଭାଗୀୟ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଉଲ୍ଲେଖଯୋଗ୍ୟ କି, ଗଞ୍ଜାମ ଜିଲାର ରଷିକୁଲ୍ୟାଠାରୁ କୃଷ୍ଣପ୍ରସାଦ ପର୍ଯ୍ୟନ୍ତ ପାନୀୟ ଜଳ ଏବଂ ଜଳସେଚନ ପ୍ରକଳ୍ପର ଶିଳାନ୍ୟାସ ନିମନ୍ତେ ଏଭଳି ପ୍ରସ୍ତୁତି ଆରମ୍ଭ ହୋଇଛି। ଆଇନଶୃଙ୍ଖଳା ରକ୍ଷା ପାଇଁ ୧୪ ପ୍ଲାଟୁନ୍ ପୋଲିସ୍‌ଫୋର୍ସ ମୁତୟନର ବ୍ୟବସ୍ଥା କରାଯାଇଥିବା କୃଷ୍ଣପ୍ରସାଦ ଥାନା ଆରକ୍ଷୀ ନିରୀକ୍ଷକ ଦିଲୀପ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି। ବ୍ରହ୍ମଗିରି ବିଧାୟକ ସଞ୍ଜୟ କୁମାର ଦାସବର୍ମାଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା ଆରମ୍ଭ ହୋଇଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ନିମନ୍ତେ ଆୟୋଜିତ ହୋଇଥିବା ପ୍ରସ୍ତୁତି ଅବସରରେ ପୁରୀ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଉଦ୍ଧବ ଚନ୍ଦ୍ର ମାଝୀ, କୃଷ୍ଣପ୍ରସାଦ ବିଡିଓ ଅଶୋକ କୁମାର ମହାନ୍ତି, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଲକ୍ଷ୍ମୀଧର ସାହୁ, ବରିଷ୍ଠନେତା ଅଜୟ କୁମାର ପଲେଇ, ପ୍ରଦୀପ କୁମାର ମାଝୀ, ହେମନ୍ତ କୁମାର ଜେନା, ସମିତି ସଭ୍ୟ ମନୋଜ କୁମାର ସାହୁ, କାଶୀନାଥ ଜେନା ଓ କେଦାର ନାଥ ଜେନା ପ୍ରମୁଖ ଚାରିଛକ ଅଞ୍ଚଳରେ ଉପସ୍ଥିତ ଥିଲେ।



ଯେଉଁ ଲୋକ ବିରୋଧରେ କେହି କେବେ ଦୋଷାରୋପ କରିନାହିଁ, ସେ ଯଦି ତୁମକୁ ସମାଲୋଚନା କରେ ତେବେ ତୁମେ ପ୍ରକୃତରେ ଭାଗ୍ୟବାନ।
-ଜର୍ଜ ଇଲିଅଟ



## ସଂକ୍ଷେପରେ

### ଖୋର୍ଦ୍ଧା, ଟାଙ୍ଗୀରେ ବିଜ୍ଞାନମେଳା

**ଖୋର୍ଦ୍ଧା ଅଫିସ,୧୬।୧୧:** ଖୋର୍ଦ୍ଧା ବ୍ଲକ ମଳିପଡାସ୍ଥିତ ସରାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶୁକ୍ରବାର ବିଦ୍ୟାଳୟସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୬୫ ପ୍ରକଳ୍ପ ସ୍ଥାନ ପାଇଥିଲା। ମେଳାକୁ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରକାଶ ଚନ୍ଦ୍ର ମହାପାତ୍ର ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଭାନୁମତି ଦେଈ ମୁଖ୍ୟଅତିଥି ସିଆରସିସି ସରୋଜିନୀ ସାହୁ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ବିଜ୍ଞାନ ଶିକ୍ଷୟିତ୍ରୀ ସଞ୍ଜୁକ୍ତା ଦାସ, ସ୍ମିତା ରଣସିଂହ, ମନୋରମା ହାତୀ ବିଜ୍ଞାନମେଳା ପରିଚାଳନା କରିଥିଲେ।

**ଟାଙ୍ଗୀ(ଖୋର୍ଦ୍ଧା), (ଡି.ଏନ.ଏ.):**



କୁହୁଡି କ୍ଷେତ୍ରବାସୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଆୟୋଜିତ ହୋଇଯାଇଛି ଏଥିରେ ବିଦ୍ୟାଳୟର ଛାତ୍ରୀମାନେ ୨୦ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ବିଚାରକ ଭାବେ କ୍ଷେତ୍ରବାସୀ ପ୍ରଧାନ, ପ୍ରକାଶ ଚନ୍ଦ୍ର ସାହୁ ଓ ଅନନ୍ତ ବାରିକ ପ୍ରମୁଖ ପ୍ରକଳ୍ପଗୁଡ଼ିକର ମୂଲ୍ୟାୟନ କରିଥିଲେ। ଛାତ୍ରୀ ଋତୁପର୍ଣ୍ଣା ପ୍ରଧାନ ଓ ଶକୁନ୍ତଳା ନାୟକଙ୍କ ପ୍ରକଳ୍ପ ଯଥାକ୍ରମେ ଆବର୍ଜନାର ସଦୁପଯୋଗ ଓ ଶିଳ୍ପ ବର୍ଜ୍ୟବସ୍ତୁରୁ ଶକ୍ତି ଉତ୍ପାଦନ ବ୍ଲକ୍‌ସ୍ତରୀୟ ବିଜ୍ଞାନ ମେଳାରେ ଅଂଶଗ୍ରହଣ କରିବାକୁ ଯୋଗ୍ୟ ବିବେଚିତ ହୋଇଛି। ପ୍ରଧାନ ଶିକ୍ଷକ ଚନ୍ଦ୍ରଶେଖର ନାୟକ ପ୍ରକାଶ ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ବିଜ୍ଞାନ ଶିକ୍ଷକ ହେମନ୍ତ ଜେନା ଓ ଶିକ୍ଷୟିତ୍ରୀ ସୁବାସିନୀ ଦେଈ ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

### ୪ର୍ଥ ଶ୍ରେଣୀ କର୍ମଚାରୀ ସଂଘର ନୂତନ କର୍ମକର୍ତ୍ତା ଚୟନ

**ବେଗୁନିଆ,୧୪।୧୧ (ଡି.ଏନ.ଏ.):** ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକର ନିଖିଳ ଉତ୍କଳ ୪ର୍ଥ ଶ୍ରେଣୀ ସରକାରୀ କର୍ମଚାରୀ ସଂଘର ବୈଠକ ସ୍ଥାନୀୟ ମା' ବରମୂଳେଇ ଠାକୁରାଣୀଙ୍କ ପୀଠ ପରିସରରେ ବସିଥିଲା। ଜିଲା ଶାଖା ସଂଘର ସଭାପତି ଦୀନବନ୍ଧୁ ମୁଦୁଲିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ସର୍ବସମ୍ମତିକ୍ରମେ ନୂତନ ସଭାପତି ଭାବେ ସୁରେଶ କୁମାର ଦଳେଇ ଏବଂ ସମ୍ପାଦକ ଭାବେ ବିଜୟ କୁମାର ଷଡଙ୍ଗୀଙ୍କୁ ମନୋନୀତ କରାଯାଇଥିଲା। ପରାମର୍ଶଦାତା ଭାବେ ହେମନ୍ତ କୁମାର ସାହୁ, ଉପସଭାପତି ସୁଦର୍ଶନ ଚମ୍ପତି, ସହସମ୍ପାଦକ ସୁରେଶ ପ୍ରଧାନ, ସଙ୍ଗଠନ ସମ୍ପାଦକ ଗୁଣନିଧି ମାନସିଂହ ଏବଂ ସହକାରୀ ସଙ୍ଗଠନ ସମ୍ପାଦକ ଭାବେ ଈଶ୍ୱର ଚନ୍ଦ୍ର ସୁନ୍ଦରାୟଙ୍କୁ ମନୋନୀତ କରାଯାଇଥିଲା। ବୈଠକରେ ବ୍ଲକର ସମସ୍ତ ୪ର୍ଥ ଶ୍ରେଣୀ କର୍ମଚାରୀମାନେ ଯୋଗ ଦେବା ସହ ଜିଲା ସଂଘର ସମ୍ପାଦକ ତ୍ରିନାଥ ସେଠୀ ଉପସ୍ଥିତ ଥିଲେ। ଏଥିସହ ବିଭିନ୍ନ ଦାବିକୁ ନେଇ ରାଜ୍ୟ ସରକାରଙ୍କ ପାଖରେ ପୂର୍ବରୁ ଅବଗତ କରାଯାଇଛି। ହେଲେ ସରକାରଙ୍କ ପକ୍ଷରୁ ଆମ ଦାବିକୁ ଏ ପର୍ଯ୍ୟନ୍ତ ପୂରଣ କରାଯାଇନାହିଁ। ଆଗାମୀଦିନରେ ଦିନ ଧାର୍ଯ୍ୟ କରାଯାଇ ଆନ୍ଦୋଳନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା।

## ■ ସଙ୍କଟରେ ଚିଲିକାର ବିଦେଶାଗତ ପକ୍ଷୀ

# ଖାଇବା, ବିକ୍ରି ପାଇଁ ଚାଲିଛି ଶିକାର

**ଖୋର୍ଦ୍ଧା ଅଫିସ,୧୬।୧୧**

ଶୀତର ଆଗମନରେ ଲକ୍ଷାଧିକ ପକ୍ଷୀଙ୍କ କଳରବରେ ମୁଖରିତ ହୋଇପଡିଛି ଏସିଆର ବୃହତ୍ତମ ହ୍ରଦ ମରାଳମାଳିନୀ ନୀଳାମ୍ବୁ ଚିଲିକା। ପ୍ରାକୃତିକ ପରିବେଶ, ଖାଦ୍ୟ ଅନ୍ୱେଷଣ ଓ ବଂଶବୃଦ୍ଧି କାରଣରୁ ଚିଲିକା ହ୍ରଦକୁ ପ୍ରତିବର୍ଷ ଛୁଟି ଆସୁଛନ୍ତି ୧୪୦ରୁ ଊର୍ଦ୍ଧ୍ୱ ପ୍ରଜାତିର ୪ ଲକ୍ଷରୁ ଊର୍ଦ୍ଧ୍ୱ ବିଦେଶାଗତ ପକ୍ଷୀ। ତେବେ ଶିକାର ଜାଲ, ଫାସ, ଗୁଳି, କଇଁ ନାଡ ଓ କଡ଼ରୁ କେଶର ଅଲଗା କରି ସେଥିରେ ବିଷ ଦେଇ ପତ୍ର ଉପରେ ରଖି ଶିକାର କରିବା କାରଣରୁ ବିଦେଶାଗତ ପକ୍ଷୀଙ୍କ ସଂଖ୍ୟା କମିବାରେ ଲାଗିଛି। ଏମାନଙ୍କ ସୁରକ୍ଷା ଲାଗି ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଥିଲେ ମଧ୍ୟ ପକ୍ଷୀ ଶିକାର ରୋକା ଯାଇ ପାରୁନାହିଁ। ବନ୍ୟପ୍ରାଣୀ ସୁରକ୍ଷା କର୍ମଚାରୀଙ୍କ ଆଖିରେ ଧୂଳି ଦେଇ ଶିକାରୀମାନେ ଅନାୟାସରେ ଶିକାର କରୁଛନ୍ତି। ପାଟ୍ରୋଲିଂ ଅଞ୍ଚଳକୁ କିଛି ସମୟ ପାଇଁ ଛାଡି ଅନ୍ୟ ଅଞ୍ଚଳରେ ଶିକାରୀମାନେ ନିଜ ତରିକାରେ ଶିକାର ଜାରି ରଖୁଛନ୍ତି। କେତେଜଣ ଲୋକ ସଉକରେ ବିଦେଶାଗତ ପକ୍ଷୀଙ୍କୁ ଶିକାର କରି ମାଂସ ଖାଉଥିବାବେଳେ ଆଉ କେତେଜଣ ଏହାକୁ ସିଜିନାଲ ବ୍ୟବସାୟ ଭାବି ବିକ୍ରି କରୁଛନ୍ତି। ଗିରଫ ହେଲେ ସେମାନଙ୍କର ଚିନ୍ତା ନାହିଁ। ପରିବାରର ଯେକୌଣସି ସଦସ୍ୟ ପକ୍ଷୀ ଶିକାର କରି ପରିବାର ଚଳାଇ ନିଅନ୍ତି। ବେଳରେ ଆସିକି ଶିକାର କରୁଛନ୍ତି। ବାଲୁଗାଁ ବନ୍ୟପ୍ରାଣୀ ରେଞ୍ଜର ଭାସାରା ପାହାଡ, ବଡଗୋଠ ଇଲାକା, ଟାଙ୍ଗୀ ରେଞ୍ଜର ବଉଳାବନ୍ଧ, ନଇରୀ, ବରଡିହି, ସୋରଣ, ଭୁଷଣ୍ଡପୁର, ବାଲିପାଟପୁର, ମୁକ୍ତେଶ୍ୱର, କାଳୁପଡା, ଜରିପଡା, ବାଉଁଶମୂଳ, ପଞ୍ଚୁପାଟିଆ ଅଞ୍ଚଳରେ କ୍ରମାଗତ ଭାବେ ପକ୍ଷୀ ଶିକାର ଚାଲୁଥିବା ଅଭିଯୋଗ ହେଉଛି। ଚିଲିକା ଆସୁଥିବା ପକ୍ଷୀଗୁଡିକ ସେଡ୍ୟୁଲ-୪ ଅନ୍ତର୍ଗତ ପ୍ରାଣୀରେ ଯାଉଥିବାରୁ ସୁରକ୍ଷା ଆଇନ ଅନୁଯାୟୀ ପକ୍ଷୀ ଶିକାର କଲେ ୩ ରୁ ୭ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ, ୨୫ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା, ଅଥବା ଉଭୟ ଦଣ୍ଡରେ ଦଣ୍ଡିତ କରାଯିବାର ବ୍ୟବସ୍ଥା ରହିଛି। ହେଲେ ଆଇନ ଶୀତଳଭଣ୍ଡାରରେ ରହିଯାଉଛି। ସଚେତନତାର ଅଭାବ, ବ୍ୟାପକ ପାଟ୍ରୋଲିଂ ଅଭାବ ଯୋଗୁ ଶିକାରକୁ ରୋକ ଯାଇ ପାରୁନାହିଁ ବୋଲି କୁହାଯାଉଛି।

### ୬ ଦିନରେ ୩୫ ପକ୍ଷୀ ଶିକାର

ବାଲୁଗାଁ ବନ୍ୟପ୍ରାଣୀ ବନଖଣ୍ଡ ଅଞ୍ଚଳରୁ ପକ୍ଷୀ ପାଦ ଥାପିବା ପରେ ଗତ ୬ ଦିନ ମଧ୍ୟରେ ୫ ଶିକାରଙ୍କୁ ଗିରଫ କରାଯାଇ ସେମାନଙ୍କଠାରୁ ୩୫ ମୃତ ପକ୍ଷୀ ଜବତ କରାଯାଇଛି। ବାଲିପାଟପୁର ଅଞ୍ଚଳରେ ଗତ ୮ ତାରିଖରେ ଜଣେ ଶିକାରୀଙ୍କଠାରୁ ୩ଟି ମୃତପକ୍ଷୀ ଉଦ୍ଧାର କରାଯାଇଥିଲା। ସେହିପରି ୧୦ ତାରିଖରେ ଭୁଷଣ୍ଡପୁରରୁ ୨ ଶିକାରୀଙ୍କଠାରୁ ଗୋଟିଏ ବାଇକ୍ ସହ ୨୭ ମୃତପକ୍ଷୀ ଜବତ ହୋଇଥିଲା। ଗତ ସୋମବାର ଝାନସିପାଟଣାରୁ ଜଣେ ଶିକାରୀଙ୍କଠାରୁ ଗୋଟିଏ ବାଇକ୍ ଓ ୩ ଟି ମୃତପକ୍ଷୀ ଅନୁରୂପ ଭାବେ ଜବତ ହୋଇଥିଲା। ସେହିଭଳି ମଙ୍ଗଳବାର ଝାନ୍‌ସିପାଟଣାର ଜଣେ ଶିକାରୀଙ୍କୁ ଗିରଫ କରାଯିବା ସହ ବାଇକ୍ ସହ ୨ଟି ମୃତପକ୍ଷୀ ଜବତ ହୋଇଛି। ଏହି ଘଟଣା ଶିକାରୀ ସକ୍ରିୟ ଥିବା ପ୍ରମାଣିତ ହେଉଛି। ବେସରକାରୀ ଭାବେ ପ୍ରତିଦିନ ଏହାର ସଂଖ୍ୟା ବହୁ ଅଧିକ।

### ସୂଚନାଦାତା ପାଇବେ ପୁରସ୍କାର

ଚିଲିକାରେ ପକ୍ଷୀ ଶିକାରକୁ ରୋକିବାକୁ ଟାଙ୍ଗୀ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ମଙ୍ଗଳବାର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବାଲୁଗାଁ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ସମ୍ରାଟ ଗୌଡଙ୍କ ସୂଚନା ଅନୁସାରେ ୪ ଲକ୍ଷରୁ ଊର୍ଦ୍ଧ୍ୱ ପକ୍ଷୀଙ୍କ ସମାଗମ ରହିଛି। ପକ୍ଷୀ ପାଦ ଥାପୁ ଥାପୁ ଶିକାର ଚିନ୍ତାର କାରଣ ପାଲଟିଛି। ଶିକାରକୁ ବନ୍ଦ କରିବାକୁ ରାତି ଓ ଦିନରେ ସ୍ଥଳ ଏବଂ ଜଳ ଭାଗରେ ପାଟ୍ରୋଲିଂ କଡାକଡି ଚାଲିଛି। ସେହିଭଳି ୨୦ ପକ୍ଷୀ ସୁରକ୍ଷା କ୍ୟାମ୍ପ କରାଯାଇଛି। ସଚେତନତାକୁ ଗୁରୁତ୍ୱ ଦିଆଯାଇଛି। ଖୁବ୍‌ଶୀଘ୍ର ଏକ ସଚେତନତା ଶିବିର କରାଯିବ। ନିଷ୍ପତ୍ତି ଅନୁସାରେ, ଶିକାର ସମ୍ପର୍କରେ ବିଭାଗକୁ ଜଣାଇଲେ ସୂଚନାଦାତା ପାଇବେ ଆର୍ଥିକ ପୁରସ୍କାର। ତେବେ ସୂଚନାଦାତାଙ୍କ ନାମ ଗୁପ୍ତ ରହିବ ବୋଲି କୁହାଯାଇଛି।

# ବନ୍ଧୁକ ବେପାରୀ ଗିରଫ





ଗିରଫ ଅଭିଯୁକ୍ତ, ଜବତ ବନ୍ଧୁକ ଓ ଗୁଳି।

**ଭୁବନେଶ୍ୱର(ବ୍ୟୁରୋ)/ ପାତ୍ରପଡ଼ା(ଡି.ଏନ.ଏ.), ୧୬।୧୧**

ପେସା ଅଟୋ ଚଲାଇବା। କିନ୍ତୁ ନିଶା ଥିଲା ବନ୍ଧୁକ ବେପାର କରିବା। ଏଭଳି କାରବାର କରୁଥିବା ଜଣେ ଯୁବକଙ୍କୁ ଗିରଫ କରିଛି ଖଣ୍ଡଗିରି ପୋଲିସ। ସେ ହେଲେ ନିମାପଡା ବଉଳପଡା ଅଞ୍ଚଳର ଶେଖ୍ ମୁସ୍ତାକ ଅଲି ଖାନ୍। ତାଙ୍କ ନିକଟରୁ ପୋଲିସ ଗୋଟିଏ ଦେଶୀ ବନ୍ଧୁକ, ୩ରାଉଣ୍ଡ ଗୁଳି ଏବଂ ଗୋଟିଏ ଅଟୋ ଜବତ କରିଛି। ଏ ନେଇ ଥାନାରେ ଏକ ମାମଲଶ(୫୪୦/୧୮) ରୁଜୁ ହୋଇଛି।

ପୋଲିସ ସୂଚନା ଅନୁଯାୟୀ, ମୁସ୍ତାକ ରାଜଧାନୀରେ ଅଟୋ ଚଲାନ୍ତି। ଅଟୋ ଚଳାଇବା ବାହାନାରେ ବନ୍ଧୁକ ବେପାର କରନ୍ତି। ବର୍ଷେ ତଳେ ତାଙ୍କ ଭଣଜା ଅଜମତ ଅଲି ଖାନ ଓ ତାଙ୍କ ସହଯୋଗୀମାନେ ସିଫା ନିକଟ ଆନ୍ଧ୍ରବ୍ୟାଙ୍କରୁ ଲୁଟପାଟ କରିଥିଲେ। ଲୁଟପାଟରେ ସେମାନେ ମୁସ୍ତାକଙ୍କଠାରୁ ଜବତ କରାଯାଇଥିବା ବନ୍ଧୁକ ବ୍ୟବହାର କରିଥିଲେ। ତେଣୁ ବନ୍ଧୁକକୁ ଲୁଚାଇ ରଖିବା ପାଇଁ ଅଜମତ ମୁସ୍ତାକଙ୍କୁ କହିଥିଲେ। ମୁସ୍ତାକ ଗୁରୁବାର ରାତି ପ୍ରାୟ ୧ଟା ୩୦ରେ ଗଣ୍ଡମୁଣ୍ଡା ଦେଇ ଅଟୋରେ ଯାଉଥିଲେ। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୋଲିସ ପହଞ୍ଚି ତାଙ୍କ ଅଟୋକୁ ଅଟକାଇ ଯାଞ୍ଚ କରିଥିଲା। ତାଙ୍କ ନିକଟରୁ ଏକ ବନ୍ଧୁକ ଜବତ କରାଯାଇଥିଲା। ପୋଲିସ ତାଙ୍କୁ ପଚରାଉଚରା କରିବା ପରେ ଏହି ବନ୍ଧୁକ ତାଙ୍କ ଭଣଜା ଅଜମତ ବ୍ୟାଙ୍କ୍ ଲୁଟବେଳେ ବ୍ୟବହାର କରିଥିବା ପୋଲିସ ଆଗରେ ସ୍ୱୀକାର କରିଥିଲେ। ଏହାସହ ମୁସ୍ତାକ ବନ୍ଧୁକ ବେପାର କରୁଥିବା ଥାନା ଅଧିକାରୀ ହିମାଂଶୁ ଭୂଷଣ ସ୍ୱାଇଁ କହିଛନ୍ତି। ସେ କେଉଁମାନଙ୍କୁ ବନ୍ଧୁକ ବିକ୍ରି କରିଛନ୍ତି ତାହାର ତଦନ୍ତ କରାଯାଉଛି ବୋଲି ଥାନା ଅଧିକାରୀ କହିଛନ୍ତି।

# ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ



ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର କ୍ରୀଡ଼ା ଉତ୍ସବରେ ଯୋଗଦେଇଥିବା ଛାତ୍ରୀଛାତ୍ରମାନେ।

**ନିରାକାରପୁର,୧୬।୧୧(ଡି.ଏନ.ଏ.)**

ଖୋର୍ଦ୍ଧା ଜିଲା ନିରାକାରପୁର ଆର୍ଯ୍ୟବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୪ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଶୁକ୍ରବାର ସ୍ଥାନୀୟ କଲେଜ ପଡ଼ିଆରେ ଆୟୋଜିତ ଏହି କ୍ରୀଡ଼ା ଉତ୍ସବକୁ ନିରାକାରପୁର ଥାନା ଆଇଆଇସି କବିତା ସାହୁ ମୁଖ୍ୟ ଅତିଥି ଭାବେ ଉଦ୍‌ଘାଟିତ କରିଥିଲେ। ଏହି ଅବସରରେ ଅୟୋଜିତ ସଭାରେ ଗୁରୁଜୀ ବିନୋଦ ବିହାରୀ ସେଠୀ ସଭାପତିତ୍ୱ କରିଥିବାବେଳେ ନିହାର ରଞ୍ଜନ ସାମନ୍ତସିଂହାର ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟ ସମ୍ପାଦକ ବିଭୁତି ଭୂଷଣ ଆଚାର୍ଯ୍ୟ ଓ ପ୍ରଧାନ ଆଚାର୍ଯ୍ୟା ନଳୀନ ରଥ ପ୍ରମୁଖ ଶିଶୁ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ୪୮ଟି ବିଭିନ୍ନ ପ୍ରତିଯୋଗୀତାରେ ଉପକନିଷ୍ଠ, କନିଷ୍ଠ, ଉପବରିଷ୍ଠ ଓ ବରିଷ୍ଠ ଆଦି ୪ଟି ବିଭାଗରେ ସମୁଦାୟ ୮୦୦ ପ୍ରତିଯୋଗୀ ଭାଗ ନେଇଥିବା ଜଣାପଡ଼ିଛି। ୩ ଦିନ ବ୍ୟାପୀ ଆୟୋଜିତ ଏହି ପ୍ରତିଯୋଗିତା ୧୮ ତାରିଖରେ ଉଦ୍‌ଯାପନ କରାଯିବ।

## ଥାନା ପରିସରରୁ ସାଇକେଲ ଚୋରି କରି ଯୁବକ ଗିରଫ

**ବାଲୁଗାଁ,୧୬।୧୧(ଡି.ଏନ.ଏ.)**

ଖୋର୍ଦ୍ଧା ଜିଲା ବାଲୁଗାଁ ଥାନା ପରିସରରୁ ସାଇକେଲ ଚୋରି କରି ଜଣେ ଯୁବକ ପୋଲିସ ହାତରେ ଧରାପଡ଼ିଛନ୍ତି। ସେ ହେଲେ ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ଶ୍ରୀକୃଷ୍ଣପୁର ଗ୍ରାମର ମନୋଜ କୁମାର ତ୍ରିପାଠୀ (୩୨) । ଏ ନେଇ ଥାନାରେ ୧୨୮/୧୮ରେ ମାମଲା ରୁଜୁ ହୋଇଥିବାବେଳେ ଗୁରୁବାର ସନ୍ଧ୍ୟାରେ ମନୋଜଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୋଲିସ ପ୍ରକାଶ କରିଛି।

ପ୍ରକାଶ ଯେ, ଗତ ବୁଧବାର ସନ୍ଧ୍ୟାରେ ବାଲୁଗାଁ ଥାନା ପରିସରରୁ ଏସ୍‌ଆଇ ଗଣେଶ ସ୍ୱାଇଁଙ୍କ ଏକ ରେସିଂ ସାଇକେଲ ଚୋରି ହୋଇଥିଲା। ଗୁରୁବାର ସକାଳେ ସେ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ସନ୍ଧାନ ପାଇ ନ ଥିଲେ। ପରେ ଥାନା ପରିସରରେ ଲାଗିଥିବା ସିସିଟିଭି ଫୁଟେଜ୍‌ରୁ ଏହାର ସୁରାକ ମିଳିଥିଲା। ତଦନୁଯାୟୀ ଏସ୍‌ଆଇ ଗଣେଶ ସ୍ୱାଇଁ ବାଲୁଗାଁ କଲ୍ୟାଣ ମଣ୍ଡପ ନିକଟରେ ଥିବା ଏକ ଘରୋଇ ଚିକିତ୍ସାଳୟ ପରିସରରେ ଉକ୍ତ ସାଇକେଲ ଥିବା ଦେଖିଥିଲେ। ସାଇକେଲକୁ ଉକ୍ତ ଚିକିତ୍ସାଳୟରେ ରୋଗୀସେବା କରୁଥିବା ମନୋଜ ଚୋରି କରିଥିବା ସିସିଟିଭି ଫୁଟେଜ୍‌ରୁ ଜଣାପଡ଼ିଥିଲା। ପୋଲିସ ତଦନ୍ତ ଅନୁଯାୟୀ ମନୋଜ ଏଠାରେ ଦୀର୍ଘଦିନ ହେଲା ବିନା ରେଜିଷ୍ଟ୍ରେଶନରେ ଡାକ୍ତରଖାନା ଖୋଲି ଲୋକଙ୍କ ନିକଟରେ ନିଜକୁ ଡାକ୍ତର ବୋଲି ପରିଚୟ ଦେଇ ରୋଗୀସେବା କରିଆସୁଥିଲେ। ସେ କୌଣସି ଡାକ୍ତରୀ ପାଠ ପଢ଼ି ନ ଥିବାବେଳେ ନିଜର ଅଭିଜ୍ଞତା ନେଇ ରୋଗୀ ଚିକିତ୍ସା କରୁଥିବା ପୋଲିସ ଆଗରେ ସ୍ୱୀକାର କରିଛନ୍ତି।

# ବ୍ଲକ୍ ଜିଆର୍‌ଏସ୍‌ଙ୍କ କାର୍ଯ୍ୟ ବନ୍ଦ ଆନ୍ଦୋଳନ

**ନିରାକାରପୁର,୧୬।୧୧(ଡି.ଏନ.ଏ)**

କେନ୍ଦ୍ର ସରକାରଙ୍କ ଦ୍ୱାରା ୨୦୦୫ରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ ନିଯୁକ୍ତି ଯୋଜନା ଆରମ୍ଭ ହୋଇଥିଲା। ଏହି ଯୋଜନାର ସଫଳ ରୂପାୟନ ପାଇଁ ରାଜ୍ୟ ପଞ୍ଚାୟତିରାଜ ବିଭାଗ ବିଜ୍ଞପ୍ତି ଅନୁସାରେ ଡିଆର୍‌ଡିଏ ଦ୍ୱାରା ସମସ୍ତ ଗ୍ରାମପଞ୍ଚାୟତରେ ଗ୍ରାମ ରୋଜଗାର ସେବକ (ଜିଆର୍‌ଏସ୍) ନିଯୁକ୍ତ ହୋଇଛନ୍ତି। ତେବେ ବିଭିନ୍ନ ସମସ୍ୟା ଦେଇ ଗତି କରୁଥିବା ଜିଆର୍‌ଏସ୍‌ମାନେ ସେମାନଙ୍କ ଦାବି ପୂରଣ ପାଇଁ ଏବେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଏହି ଗ୍ରାମସେବକମାନେ ପଞ୍ଚାୟତରେ କର୍ମନିଯୁକ୍ତିଠାରୁ ଆରମ୍ଭ କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ବିଜୁ ପକ୍କାଘର ଯୋଜନା ଆଦି ବିଭିନ୍ନ କାର୍ଯ୍ୟରେ ନିଯୁକ୍ତ ରହିଛନ୍ତି। ତେବେ ବାରମ୍ବାର ନିଜର ଦାବି ଜଣାଇବା ସତ୍ତ୍ୱେ ସରକାର ଗ୍ରାମସେବକଙ୍କୁ କେବଳ ପ୍ରତିଶ୍ରୁତି ହିଁ ଦେଉଥିବା ଅଭିଯୋଗ ହେଉଛି। ତେଣୁ ରାଜ୍ୟର ସମସ୍ତ ଜିଆର୍‌ଏସ୍ ନଭେମ୍ବର ୧୫ରୁ ସମୂହ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ କରିଛନ୍ତି। ଏ ଅବସରରେ ଟାଙ୍ଗୀ ବ୍ଲକ୍‌ର ସମସ୍ତ ଜିଆର୍‌ଏସ୍ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ବ୍ଲକ୍ ଜିଆର୍‌ଏସ୍ ସଂଘ ସଭାପତି ପ୍ରମୋଦ କୁମାର ପାଇକରାୟ, ସମ୍ପାଦକ ସୁବାସ ଚନ୍ଦ୍ର ଚମ୍ପତି, ବରୋଦା ପ୍ରସନ୍ନ ପରିଡ଼ା, ଗୋପାଳକୃଷ୍ଣ ବେହେରା, ସଞ୍ଜୀବ କୁମାର ପାଇକରାୟ ଓ ପ୍ରୀତିଲତା ଦାଶ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଛନ୍ତି।

# ଭାଜପାର ଜନ ପରାମର୍ଶ ପଦଯାତ୍ରା





ଜଟଣୀରେ ଭାଜପାର ପଦଯାତ୍ରା।

**ଜଟଣୀ,୧୬।୧୧(ଡି.ଏନ.ଏ)**

ଜଟଣୀ ବ୍ଲକରେ ଶୁକ୍ରବାରଠାରୁ ଭାଜପାର ଜନ ପରାମର୍ଶ ପଦଯାତ୍ରା ଆରମ୍ଭ ହୋଇଛି। ଏହି ବ୍ଲକ ଅନ୍ତର୍ଗତ କୁଶମାଟି ଛଣଘର ଓ କନ୍ତିଆ ପଞ୍ଚାୟତର ବିଭିନ୍ନ ଗ୍ରାମ ଏହି ପଦଯାତ୍ରା ପରିକ୍ରମା କରିଥିଲା। ବରିଷ୍ଠ ଭାଜପା ନେତା ସୁଦୀପ୍ତ ରାୟ, ସନ୍ତୋଷ ଜେନା ଓ ବିଶ୍ୱରଞ୍ଜନ ବଡ଼ଜେନାଙ୍କ ନେତୃତ୍ୱରେ ଏହି ପଦଯାତ୍ରା ଆୟୋଜିତ ହୋଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ସଭାପତି ସୁବାସ ଜେନା, ରଶ୍ମିମୟୀ ପଟ୍ଟନାୟକ, ପ୍ରତାପ ମହାପାତ୍ର, ଭୀଷ୍ମ ଜେନା, ମନୋଜ କିଶୋର ନନ୍ଦ, ଶତ୍ରୁଘ୍ନ ପରିଡ଼ା, ଶୈଳେନ୍ଦ୍ର ପ୍ରଧାନ ଓ ବହୁ ଭାଜପା କର୍ମୀ ସାମିଲ ଥିଲେ।

# ବାଟ ଭୁଲିଲେ ୯ ପର୍ଯ୍ୟଟକ

**ଗ୍ରାମବାସୀ ଓ ପୋଲିସ କଲେ ଉଦ୍ଧାର**

**ବୋଲଗଡ଼,୧୬।୧୧(ଡି.ଏନ.ଏ.)**

ବୋଲଗଡ଼ ବ୍ଲକ୍ ଅଞ୍ଚଳରେ ଥିବା ବଣ ପାହାଡ଼ ଘେରା ପ୍ରାକୃତିକ ସୌନ୍ଦର୍ଯ୍ୟମୟ ମଣ୍ଡନଗିରି ପର୍ଯ୍ୟଟନ ସ୍ଥଳକୁ ଗୁରୁବାର ୯ ଜଣ ପର୍ଯ୍ୟଟକ ବୁଲି ବାହାରିଥିଲେ। ତେବେ ଏହି ପର୍ଯ୍ୟଟକମାନେ ଫେରିବା ବାଟ ଭୁଲି ପାହାଡିଆ ଜଙ୍ଗଲ ମଧ୍ୟରେ ହଜିଯାଇଥିଲେ। ଗ୍ରାମବାସୀ ଓ ବାଙ୍କୋଇ ଫାଣ୍ଡି ପୋଲିସ ମୁଣ୍ଡିଆପଡ଼ା ପାହାଡ଼ ଓ ଜଙ୍ଗଲରେ ଏହି ପର୍ଯ୍ୟଟକଙ୍କୁ ଖୋଜି ଖୋଜି ଶେଷରେ ଉଦ୍ଧାର କରିଥିବା ଖବର ମିଳିଛି। ସୂଚନାରୁ ପ୍ରକାଶ, ବୋଲଗଡ଼ ଥାନା ବାଙ୍କୋଇ ଫାଣ୍ଡି ଅଧୀନ ସହଜପୁର ଗ୍ରାମର ୩ ଜଣ ମହିଳା, ୩ ଜଣ ଝିଅ ଏବଂ ୨ ଜଣ ପୁଅ ଓ ଜଣେ ପୁରୁଷ ଭୋର ସମୟରେ ମୁଣ୍ଡିଆପଡ଼ା ପାହାଡ ଶୀର୍ଷରେ ଥିବା ମଣ୍ଡନଗିରୀ ପର୍ଯ୍ୟଟନ ସ୍ଥଳକୁ ଶ୍ରୀ ଶ୍ରୀ ରଘୁନାଥ ଜୀଉଙ୍କୁ ଦର୍ଶନ କରିବାକୁ ଯାଇଥିଲେ। ତେବେ ସନ୍ଧ୍ୟା ପରେ ରାସ୍ତା ଭୁଲିଯିବାରୁ ସେମାନେ ଗ୍ରାମବାସୀ ଏବଂ ବାଙ୍କୋଇ ଫାଣ୍ଡି ପୋଲିସକୁ ଜଣାଇଥିଲେ। ଫାଣ୍ଡି ଅଧିକାରୀ ସଞ୍ଜୟ ଜେନାଙ୍କ ନେତୃତ୍ୱରେ ପୋଲିସ ଓ ସହଜପୁର ଗ୍ରାମର ପ୍ରାୟ ୩୦ ଗ୍ରାମବାସୀ ଖୋଜାଖୋଜି କରିଥିଲେ। ଶେଷରେ ରାତି ପ୍ରାୟ ୧ଟାରେ ସେମାନଙ୍କୁ ଉଦ୍ଧାର କରାଯାଇଥିଲା । ଏଭଳି ବିଭିନ୍ନ ସମସ୍ୟା ଯୋଗୁ ଉକ୍ତ ପର୍ଯ୍ୟଟନ ସ୍ଥଳକୁ ଯିବା ପାଇଁ ଏକ ଉତ୍ତମ ରାସ୍ତା ନିର୍ମାଣ ନିମନ୍ତେ ବିଭିନ୍ନ ମହଲରେ ଦାବି ହୋଇଛି।

# ଖୋର୍ଦ୍ଧାରେ ପ୍ରାଣନାଥ ଜୟନ୍ତୀ

**ଖୋର୍ଦ୍ଧା ଅଫିସ,୧୬।୧୧**

ମହାନ୍ ସ୍ୱାଧୀନତା ସଂଗ୍ରାମୀ, ଗଡଜାତ ଆନ୍ଦୋଳନର ନେତା, ପ୍ରଗତିଶୀଳ ସାହିତ୍ୟିକ, ଶିକ୍ଷାବିତ୍, ପ୍ରାଣନାଥ ମହାବିଦ୍ୟାଳୟର ପ୍ରତିଷ୍ଠାତା ପ୍ରାଣନାଥ ପଟ୍ଟନାୟକଙ୍କ ଜୟନ୍ତୀ ଶୁକ୍ରବାର ଖୋର୍ଦ୍ଧାରେ ପାଳିତ ହୋଇଛି। ସହରର କେନ୍ଦ୍ର ସମବାୟ ବ୍ୟାଙ୍କ ଛକରେ ପ୍ରାଣନାଥ ପଟ୍ଟନାୟକଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏଥିରେ ପୂର୍ବତନ ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର, ପ୍ରାଣନାଥ ସ୍ମୃତି କମିଟିର ସମ୍ପାଦକ କ୍ଷୀରୋଦ ପ୍ରସାଦ ମହାନ୍ତି, ପି.ଏନ. କଲେଜର ଅଧ୍ୟକ୍ଷ ବିଦ୍ୟାଧର ବେହେରା, ଅଧ୍ୟାପକ ଗୋପାଳକୃଷ୍ଣ ଦାସ, ସାହିତ୍ୟିକ ବୈକୁଣ୍ଠନାଥ ରାଜଗୁରୁ, ଉମା ପ୍ରସାଦ ରାମ, ରାଧାଗୋବିନ୍ଦ ଦାସ, ଆଇନଜୀବୀ, ସାହିତ୍ୟିକ, ସାମାଜିକ କର୍ମୀ, ଗଣମାଧ୍ୟମର ପ୍ରତିନିଧି ଯୋଗ ଦେଇଥିଲେ।



ବାଣପୁର ବ୍ଲକ ନାଚୁଣୀ ବଜାରରୁ ଶୁକ୍ରବାର ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଉଛି।

# ବିଭିନ୍ନ ସ୍ଥାନରେ ଜାତୀୟ ପ୍ରେସ୍ ଦିବସ

**ଖୋର୍ଦ୍ଧା ଅଫିସ,୧୬।୧୧**

ଜିଲା ସଂସ୍କୃତି ଭବନ ପରିସରରେ ଖୋର୍ଦ୍ଧା ଜିଲାସ୍ତରୀୟ ପ୍ରେସ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ରୂପେ ଜିଲାପାଳ ନିର୍ମଳ ଚନ୍ଦ୍ର ମିଶ୍ର ଯୋଗଦେଇ କହିଥିଲେ, ସମାଜର ଜାଗ୍ରତପ୍ରହରୀ ଗଣମାଧ୍ୟମର ପ୍ରତିନିଧି। ଚତୁର୍ଥ ସ୍ତମ୍ଭ ନ ଥିଲେ ସମାଜ ବିପଥଗାମୀ ହେବ। ମୁଖ୍ୟବକ୍ତା ରୂପେ ସଞ୍ଜୟ ଦାସ, ସ୍ତମ୍ଭକାର ଉମାଶଙ୍କର ପ୍ରସାଦ, ଏସ୍‌ପି ଦୀପ୍ତି ରଞ୍ଜନ ରାୟ ଯୋଗଦେଇଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁରଜିତ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଏହି ଦିବସ ଅବସରରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ବରିଷ୍ଠ ଓ କନିଷ୍ଠ ବିଭାଗରେ କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ।

ସେହିପରି ଖୋର୍ଦ୍ଧା, ଚିଲିକାରେ ଜାତୀୟ ପ୍ରେସ୍ ଦିବସ ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ବ୍ଲକ ଆରଇଓ ପ୍ରକଳ୍ପ ବିଦ୍ୟାଳୟ ପରିସରରେ ଖୋର୍ଦ୍ଧା ଜିଲା ସାମ୍ବାଦିକ





ଜିଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସରେ ଉପସ୍ଥିତ ଅତିଥିମାନେ।

ୟୁନିୟନ ଆନୁକୂଲ୍ୟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହୃଷୀକେଶ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲା ସାମ୍ବାଦିକ ୟୁନିୟନର ସଭାପତି ଉମାଶଙ୍କର ପ୍ରସାଦ, ସାଧାରଣ ସମ୍ପାଦକ ପ୍ରସନ୍ନ ପାଇକରାୟ, ଉପସଭାପତି ଲୋହିତ ନାରାୟଣ ମହାପାତ୍ର, ସହସମ୍ପାଦକ ସୟଦ୍ ଅନସର୍ ଅଲ୍ଲି, ଜିଲା କାର୍ଯ୍ୟକାରିଣୀ ସଭ୍ୟ ଈଶ୍ୱର ମଙ୍ଗରାଜ, ଶିକ୍ଷାବିତ୍ ସତ୍ୟବାଦୀ ବଳିୟାରସିଂହ ଓ ସିଆରସିସି ଶୁଭଲକ୍ଷ୍ମୀ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଚିଲିକା ଜର୍ଣ୍ଣାଲିଷ୍ଟ ୟୁନିୟନ ପକ୍ଷରୁ ନାଚୁଣୀସ୍ଥିତ ପରିପ୍ରକାଶ କାର୍ଯ୍ୟାଳୟରେ ଅନୁଷ୍ଠିତ ଜାତୀୟ ପ୍ରେସ ଦିବସରେ ଅତିଥି ରୂପେ ପ୍ରଦୋଷ ଦାସ, ସରୋଜିନୀ ଶତପଥୀ ପ୍ରମୁଖ ଯୋଗଦେଇ ଥିଲେ। ୟୁନିୟନର ସଭାପତି ଭିକାରୀ ଚରଣ ପ୍ରଧାନ ପୌରୋହିତ୍ୟ କରିଥିଲେ।

**ଜଟଣୀ, (ଡି.ଏନ.ଏ):** ଜଟଣୀସ୍ଥିତ ଅବୁଲ କଲାମ ଆଜାଦ ଉର୍ଦ୍ଦୁ ଲାଇବ୍ରେରୀ ପରିସରରେ ଶୁକ୍ରବାର ସନ୍ଧ୍ୟାରେ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଥିଲା। ଦୁଲାଲରଞ୍ଜନ ସର୍ବଜ୍ଞଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ଖବରଦାତା ଉପସ୍ଥିତ ରହିଥିଲେ। ପ୍ରେସ୍ ଦିବସ ଉପରେ ଉପସ୍ଥିତ ଖବରଦାତାମାନେ ବକ୍ତବ୍ୟ ରଖିଥିଲେ। ଖବରଦାତା ପ୍ରବୀନ କୁମାର ଛୋଟରାୟ, ସଜ୍ଜନ ଅଗ୍ରୱାଲ, ଇଫ୍‌ତିକାର ଅଲ୍ଲୀ, ଅବନୀ ରାଉତରାୟ, ଲଳିତ ମହାରଣା, ସନ୍ତୋଷ ମହାପାତ୍ର, ଦେବପ୍ରସାଦ ଦାଶ, ମହେନ୍ଦ୍ର ସାହୁ, କେଦାରନାଥ ସାହୁ, ମହମ୍ମଦ ଇସ୍‌ମାଇଲ୍ ଅଲ୍ଲୀ ଓ ଅନ୍ୟମାନେ ଉପସ୍ଥିତ ରହିଥିଲେ।

**ବାଲୁଗାଁ, (ଡି.ଏନ.ଏ.):** ଚିଲିକା ପ୍ରେସ୍ କ୍ଲବ୍ ପକ୍ଷରୁ ବାଣପୁର ଓ ବାଲୁଗାଁ ସରକାରୀ ଡାକ୍ତରଖାନାରେ ରୋଗୀଙ୍କୁ କ୍ଷୀର, ବିସ୍କୁଟ୍, ପାଉଁରୁଟି, ସେଓ ଆଦି ସାମଗ୍ରୀ ବଣ୍ଟନ କରାଯାଇଛି। ପ୍ରେସ୍ କ୍ଲବ୍ ସଭାପତି ପ୍ରକାଶ କୁମାର ପ୍ରଧାନ, ସମ୍ପାଦକ ଗୋପୀନାଥ ମହାରଣା, ଉପଦେଷ୍ଟା ନୃସିଂହ ପ୍ରସାଦ ମିଶ୍ରଙ୍କ ସମେତ କ୍ଲବର ସମସ୍ତ ସଭ୍ୟ ଉପସ୍ଥିତ ରହି ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ରୋଗୀମାନଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ ।

**ଟାଙ୍ଗୀ(ଖୋର୍ଦ୍ଧା), (ଡି.ଏନ.ଏ.):** ଟାଙ୍ଗୀ ସ୍ଥିତ ଉତ୍କଳ ସାମ୍ବାଦିକ ସଂଘ ଶାଖା ପକ୍ଷରୁ ଜିଲାସ୍ତରୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। ରଘୁନାଥ ଦେବଙ୍କ ମନ୍ଦିର ପରିସରରେ ଆୟୋଜିତ ବୈଠକରେ ଶାଖା ସଭାପତି ନିରଞ୍ଜନ ଦାସ ସଭାପତିତ୍ୱ କରିଥିଲେ। ଆୟୋଜିତ ଆଲୋଚନାଚକ୍ରରେ ବ୍ଲକ ଅଧକ୍ଷ ବିଜୟ କୁମାର ଜେନା ମୁଖ୍ୟ ଅତିଥି, ବାଲୁଗାଁ ଏସ୍‌ଡିପିଓ ସୁବାସ ଚନ୍ଦ୍ର ପଣ୍ଡା ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ ଦୁର୍ଗାଚରଣ ଚିଲିକା ମହାବିଦ୍ୟାଳୟର ଅଧ୍ୟକ୍ଷ ଶତାଂଶୁ ଭୂଷଣ ନନ୍ଦ, ଆଇନଜୀବୀ ବିଶ୍ୱଜିତ ରାଉତରାୟ, ଖୋର୍ଦ୍ଧା ଜିଲା ଉତ୍କଳ ସାମ୍ବାଦିକ ସଂଘର ସଭାପତି ପ୍ରଭାତ କୁମାର ମିଶ୍ର ପ୍ରମୁଖ ଯୋଗଦେଇ ଖବରଦାତାଙ୍କ ସୁରକ୍ଷା ଓ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଖବରଦାତା ରଘୁନାଥ ସାହୁ, ଜୟନ୍ତ କୁମାର ସୁବୁଦ୍ଧି, ହରିହର ରଣା, ଉମେଶ ପଟ୍ଟନାୟକ ଓ ମାନସ ବଳିୟାରସିଂହ ପ୍ରମୁଖ ଉପସ୍ଥିତ ଥିଲେ।

**ନିରାକାରପୁର, (ଡି.ଏନ.ଏ.):** ନିରାକାରପୁର ପ୍ରେସ୍ କ୍ଲବ୍ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ତୋଟା ଭଗବତୀଙ୍କ ପୀଠରେ ଅନୁଷ୍ଠିତ ସଭାରେ ଖବରଦାତା ଲଛମନ ନାୟକ, ଉମେଶ ଚନ୍ଦ୍ର ପଟ୍ଟନାୟକ, ମାନସ ପଟ୍ଟନାୟକ ଓ ହିମାଂଶୁ ଭୂଷଣ ଚମ୍ପତିରାୟ ପ୍ରମୁଖ ଯୋଗଦେଇଥିଲେ।



ଜଣେ ଯଦି ତୁମଠାରୁ ଭଲ ହୋଇ ନ ଥାଏ,
ତା' ସହିତ କେବେ ବନ୍ଧୁତା ବାନ୍ଧ ନାହିଁ।
-କନ୍‌ଫୁସିୟସ



## ସଂକ୍ଷେପରେ

### ୧୯ରୁ ବିଧାନସଭା ସମ୍ମୁଖରେ ଧାରଣା ଦେବ କମ୍ପ୍ୟୁଟର ଶିକ୍ଷକ ସଂଘ

**ଗୋପ, ୧୬।୧୧(ଡି.ଏନ୍.ଏ.):** ଗୋପ ବ୍ଲକ ଅଧୀନ ନାଗପୁରଠାରେ ଶୁକ୍ରବାର ମଧ୍ୟାହ୍ନରେ ଆଇଟିସି ବିଦ୍ୟାଳୟ ସଂଯୋଜକ ଓ ରାଜ୍ୟ ସଂଘର ଆହ୍ୱାନ କ୍ରମେ ବିଭିନ୍ନ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ କମ୍ପ୍ୟୁଟର ଶିକ୍ଷକଙ୍କୁ ନିୟମିତ ଦାବିରେ ଆସନ୍ତା ୧୯ତାରିଖରୁ ବିଧାନସଭା ସମ୍ମୁଖରେ ଧାରଣା ଦିଆଯିବ ବୋଲି କୁହାଯାଇଛି। ଆୟୋଜିତ ବୈଠକରେ ଜିଲା ସଭାପତି କ୍ଷୀତିଶକାନ୍ତ ସାହୁ ଅଧକ୍ଷତା କରିଥିଲେ। ଏହି ଅବସରରେ କମ୍ପ୍ୟୁଟର ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ୧୯ତାରିଖରେ ବିଧାନସଭା ସମ୍ମୁଖରେ ହେବାକୁ ଥିବା ଧାରଣାରେ ପୁରୀ ଜିଲାର ବିଭିନ୍ନ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ କମ୍ପ୍ୟୁଟର ଶିକ୍ଷକ ଯୋଗ ଦେବା ପାଇଁ ସଂଘ ପକ୍ଷରୁ ନିବେଦନ କରାଯାଇଥିବାବେଳେ ଏହି କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ସଞ୍ଜିତ୍ କୁମାର ମହାପାତ୍ର, କାର୍ଯ୍ୟକାରୀ ସଭାପତି ଦୀପକ କୁମାର ସାହୁ, କୋଷାଧକ୍ଷ ପୀୟୁଷରଞ୍ଜନ ସାହୁ, ସନ୍ତୋଷ କୁମାର ରଥ, ପ୍ରମୋଦ କୁମାର ନାୟକ, ଶୁଭଶ୍ରୀ ପ୍ରିୟଦର୍ଶିନୀ ଓ ପୂଜା ସୁନ୍ଦର ରାୟ ପ୍ରମୁଖ ଉପସ୍ଥିତ ଥିଲେ।

### ବ୍ଲକରେ ବିରୁଡ଼ି ଆତଙ୍କ: ୨ଘଣ୍ଟା କାମ ବନ୍ଦ୍

**ଗୋପ, ୧୬।୧୧(ଡି.ଏନ୍.ଏ.):** ଗୋପ ବ୍ଲକରେ ଶୁକ୍ରବାର ମଧ୍ୟାହ୍ନରେ ବିରୁଡ଼ି ଆତଙ୍କକୁ ନେଇ ଦୀର୍ଘ ଦୁଇଘଣ୍ଟା ଧରି ସରକାରୀ କାମ ଅଚଳ ହୋଇପଡ଼ିଥିବା ଜଣାପଡ଼ିଛି। ଉନ୍ନୟନ ବିଭାଗ କାର୍ଯ୍ୟାଳୟରେ ଗୋଟିଏ ବିରୁଡ଼ି ବସା ହୋଇଥିଲା। ଏହି ବସାକୁ ବ୍ଲକର ଜନୈକ କର୍ମଚାରୀ ଭାଙ୍ଗି ଦେବାରୁ ହଠାତ୍ ବିରୁଡ଼ିମାନେ ଆକ୍ରମଣ କରିଥିଲେ। ବିରୁଡ଼ି ଆକ୍ରମଣ ଯୋଗୁ ଭୟରେ କର୍ମଚାରୀମାନେ ଏଣେତେଣେ ଦୌଡ଼ିଥିଲେ। କିଛି ସମୟ ପରେ ବ୍ଲକ ପକ୍ଷରୁ ଏହି ଗୃହରେ ଝୁଣା ଓ ଧୂପ ଦିଆଯାଇ ବିରୁଡ଼ିଙ୍କୁ ଘଉଡ଼ାଯିବା ପରେ କର୍ମଚାରୀମାନେ କାର୍ଯ୍ୟାଳୟକୁ ଆସିଥିଲେ।

### ଯୌତୁକ ପାଇଁ ମହିଳାଙ୍କୁ ନିର୍ଯାତନା, ୪ ଗିରଫ

**ନିମାପଡ଼ା,୧୬।୧୧(ଡି.ଏନ୍.ଏ.):** ନିମାପଡ଼ା ଥାନା ଅନ୍ତର୍ଗତ ଛେନୁଅଁ ଗ୍ରାମରେ ପିଙ୍କି ମହାରଣାଙ୍କୁ ଯୌତୁକ ପାଇଁ ଶାଶୁଘର ଲୋକେ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ଶୁକ୍ରବାର ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପିଙ୍କିଙ୍କ ସ୍ୱାମୀ ପ୍ରମୋଦ ମହାରଣା, ଦେଢ଼ଶୁର ପ୍ରତାପ ମହାରଣା, ଯାଆ ଗୀତାଞ୍ଜଳି ମହାରଣା ଓ ଶାଶୁ ଉଲ୍ଲାସ ମହାରଣା। ସୂଚନା ଅନୁଯାୟୀ, ସ୍ଥାନୀୟ ଥାନା ଅନ୍ତର୍ଗତ ପିଙ୍କି ଗତ ୩ ବର୍ଷ ତଳେ ଛେନୁଅଁ ଗ୍ରାମର ପ୍ରମୋଦଙ୍କୁ ବିବାହ କରିଥିଲେ। ବିବାହ ବେଳେ ଶାଶୁଘର ଦାବି ମୁତାବକ ୫୦ହଜାର ଟଙ୍କା ଓ ଅସବାବପତ୍ର ଦିଆଯାଇଥିଲା। ବିବାହର ଏକ ବର୍ଷ ପରେ ବାପଘରୁ ଅଧିକ ୫୦ହଜାର ଟଙ୍କା ଯୌତୁକ ଆଣିବା ପାଇଁ ପିଙ୍କିଙ୍କୁ ଶାଶୂଘର ଲୋକେ କହିଥିଲେ। ଏଥିରେ ପିଙ୍କି ଅରାଜି ହେବାରୁ ତାଙ୍କୁ ଶାଶୁଘର ଲୋକେ ନିର୍ଯାତନା ଦେଉଥିଲେ। ଗତ ବୁଧବାର ଶାଶୂଘର ଲୋକେ ତାଙ୍କୁ ମାଡ଼ ମାରିବା ସହ ଜୀବନରୁ ମାରିଦେବାକୁ ମସୁଧା କରିଥିବା ଗୁରୁବାର ପିଙ୍କି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୫ଜଣଙ୍କ ନାଁରେ ମାମଲା(ନଂ.୩୩୮/୧୮)ରୁଜୁ କରି ତଦନ୍ତ ଚଳାଇଥିଲା।

## ପ୍ରଶାସନର ନିଷ୍ପତ୍ତିକୁ ବିରୋଧ

# ୬ଘଣ୍ଟା ନୀତି ବନ୍ଦ କଲେ ସେବାୟତ

- ସିଂହଦ୍ୱାର ସମ୍ମୁଖରେ ଧାରଣା
- କାର୍ଯ୍ୟନିର୍ବାହୀଙ୍କ ବହିଷ୍କାର ଦାବି
- ପ୍ରତିଶ୍ରୁତି ପରେ ସ୍ୱାଭାବିକ ହେଲା ନୀତି

**ସାକ୍ଷୀଗୋପାଳ, ୧୬।୧୧(ଡି.ଏନ୍.ଏ.)**

ପୁରୀ ଜିଲା ସତ୍ୟବାଦୀ ବ୍ଲକ ସକ୍ଷୀଗୋପଳ ମନ୍ଦିରରେ ଶନିବାର ଅଁଳାନବମୀ ତିଥିରେ ରାଧାପାଦ ଦର୍ଶନ ହେବାକୁ ଥିବାବେଳେ ଶୁକ୍ରବାର ମନ୍ଦିରରେ ମହା ବିଭ୍ରାଟ ଦେଖାଦେଇଥିଲା। ପ୍ରଶାସନର ଏକତରଫା ନିଷ୍ପତ୍ତି ବିରୋଧରେ ସେବାୟତମାନେ ଦୀର୍ଘ ୬ଘଣ୍ଟା ଧରି ଦେବ ନୀତି ବନ୍ଦ କରିବା ସହ ସିଂହଦ୍ୱାର ସମ୍ମୁଖରେ ଧାରଣା ଦେଇଥିଲେ। ଏ ନେଇ ସେବାୟତ ସଂଘ ପକ୍ଷରୁ ପୁରୀ ଜିଲାପାଳ ଏବଂ ଏସ୍‌ପିଙ୍କୁ ଏକ ପତ୍ର ମାଧ୍ୟମରେ ଜଣାଯାଇଥିବାବେଳେ ମନ୍ଦିର କାର୍ଯ୍ୟନିର୍ବାହୀଙ୍କ ଜରିଆରେ ରାଜ୍ୟ ଦେବୋତ୍ତର କମିଶନରଙ୍କୁ ଅବଗତ କରାଯାଇଥିଲା। ପରେ ବିଧାୟକଙ୍କ ମଧ୍ୟସ୍ଥରେ ସାକ୍ଷୀଗୋପାଳ ପାନ୍ଥଶାଳାରେ ପୁରୀ ଜିଲାପାଳ, ଏସ୍‌ପି, ଦେବୋତ୍ତର ବିଭାଗ ଡେପୁଟି କମିଶନର ଏବଂ ସେବାୟତ ସଂଘ କର୍ମକର୍ତ୍ତାଙ୍କୁ ନେଇ ବୈଠକ ବସି ବିବାଦର ସମାଧାନ ହୋଇଥିଲା। ସେବାୟତମାନେ ସନ୍ଧ୍ୟା ୬ଟାରେ ଧାରଣାରୁ ହଟିବା ସହ ଠାକୁରଙ୍କର ଅବଶିଷ୍ଟ ନୀତି ସମ୍ପାଦନ କରିଥିଲେ।

ବର୍ଷକୁ ଥରେ ପାରମ୍ପରିକ ଓଡ଼ିଆଣୀ ବେଶରେ ରାଧାରାଣୀଙ୍କୁ ଦର୍ଶନ କରିବା ପାଇଁ ସାକ୍ଷୀଗୋପାଳ ମନ୍ଦିରରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥାଏ। ଏହାକୁ ନେଇ ଜିଲା ପ୍ରଶାସନ, ରାଜ୍ୟ ଦେବୋତ୍ତର ବିଭାଗ ଏବଂ ମନ୍ଦିର ପରିଚାଳନା ପରିଷଦ ପକ୍ଷରୁ ୨ଟି ପ୍ରସ୍ତୁତି ବୈଠକ ବସିଥିଲା। ଏଥିରେ ଅଁଳାନବମୀ ଯାତ୍ରା ପାଇଁ ନୀତିକାନ୍ତି ଏବଂ ବିଭିନ୍ନ ବ୍ୟବସ୍ଥାବଳୀ ସମ୍ପର୍କରେ ଆଲୋଚନା କରାଯାଇଥିଲା। ମାତ୍ର ଏହି ଆଲୋଚନାରେ ସେବାୟତମାନଙ୍କୁ ଅଣଦେଖା କରାଯାଇଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହାକୁ ନେଇ ଶୁକ୍ରବାର ସେବାୟତମାନେ ଠାକୁରଙ୍କ ବଲ୍ଲଭ ଭୋଗ ଉଠିବା ପରେ ଦେବନୀତି ବନ୍ଦ କରି ସିଂହଦ୍ୱାର ସମ୍ମୁଖରେ ଧାରଣା ଦେଇଥିଲେ। ଏହା ସହ ମନ୍ଦିର କାର୍ଯ୍ୟନିର୍ବାହୀଙ୍କର ମନମୁଖି କାର୍ଯ୍ୟକଳାପ ଯୋଗୁ ତାଙ୍କର ବହିଷ୍କାର ଦାବି କରିଥିଲେ। ଫଳରେ ଦିନ ୧୨ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଦେବନୀତି ବନ୍ଦ ରହିଥିଲା। ଖବର ପାଇ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ଘଟଣାସ୍ଥଳରେ ପହଞ୍ଚି ସେବାୟତମାନଙ୍କ ନିକଟକୁ ଯାଇ ଆଲୋଚନା କରିବାକୁ ପ୍ରସ୍ତାବ ଦେଇଥିଲେ। ପାନ୍ଥଶାଳାରେ ଅନୁଷ୍ଠିତ ଆଲୋଚନାରେ ବିଧାୟକଙ୍କ ସହ ପୁରୀ ଜିଲାପାଳ ଜ୍ୟୋତି ପ୍ରକାଶ ଦାସ, ଏସ୍‌ପି ଡା.ସାର୍ଥକ ଷଡଙ୍ଗୀ, ଦେବୋତ୍ତର ବିଭାଗ ଡେପୁଟି କମିଶନର ପାର୍ଥ ସାରଥି ପଟ୍ଟନାୟକ, ପୁରୀ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାସ, ଉପଜିଲାପାଳ ଭବ ତାରଣ ସାହୁ, ଏସ୍‌ଡିପିଓ ଦିଲୀପ କୁମାର ତ୍ରିପାଠୀ, ସତ୍ୟବାଦୀ ତହସିଲଦାର କସ୍ତୁରୀ ପ୍ରଧାନ, ବିଡିଓ ଗୌରବମୟ ପ୍ରଧାନ, ଆଇଆଇସି ଜ୍ୟୋତି ପ୍ରକାଶ ସ୍ୱାଇଁ, ସେବାୟତ ସଂଘ ସଭାପତି ଲିଙ୍ଗରାଜ ମହାପାତ୍ର, ସମ୍ପାଦକ ଦିବାକର ମହାପାତ୍ର, ଟ୍ରଷ୍ଟି ବିଜୟ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ନିଷ୍ପତ୍ତି ଅନୁଯାୟୀ ମନ୍ଦିର ସମ୍ମୁଖରେ ଛାୟାପ୍ରଦ ବ୍ୟାରିକେଡ ମଧ୍ୟରେ ସିଂହଦ୍ୱାର ଦେଇ ଶ୍ରଦ୍ଧାଳୁମାନେ ଗୋଟିଏ ଧାଡ଼ିରେ ପ୍ରବେଶ କରି ଗର୍ଭ ଗୃହ ଭିତରକୁ ଯାଇ ରାଧାପାଦ ଦର୍ଶନ କରିବା ପରେ ଉତ୍ତର ଦ୍ୱାରରେ ପ୍ରସ୍ଥାନ କରିବେ। ପୂର୍ବ ପରି ପାଦ ସ୍ପର୍ଶକୁ ବନ୍ଦ ନିଷ୍ପତ୍ତି କାଏମ ରହିଥିଲା। ପୂର୍ବଭଳି ସେବାୟତମାନଙ୍କ ପାଉଣା ଓ ସେମାନଙ୍କ ଅତିଥିମାନଙ୍କ ପାଇଁ ଦର୍ଶନ ସୁବିଧା କରାଯିବାକୁ ବୈଠକରେ ସ୍ଥିର କରାଯାଇଥିଲା। ସେବାୟତଙ୍କ କ୍ଷତି ଭରଣା ପାଇଁ ପାଳିଆ ପୁରସ୍କାର ପ୍ରଦାନ କରାଯିବା ସହିତ ଅନ୍ୟାନ୍ୟ ଦାବିଗୁଡ଼ିକ ଗ୍ରହଣ କରିବାକୁ ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ବୈଠକରେ ରାଧାପାଦ ଦର୍ଶନ ସମୟରେ ମନ୍ଦିର ମଧ୍ୟରେ ଭୋଗ ଦୋକାନ ଖୋଲା ରଖିବାକୁ ନିଷ୍ପତ୍ତି ହୋଇଥିବାବେଳେ ସେବାୟତମାନଙ୍କର ସୀମିତ ସଂଖ୍ୟକ ଅତିଥି ଦର୍ଶନ ବ୍ୟବସ୍ଥା ଏବଂ ଭିଆଇପି ପାସ୍ ପ୍ରଚଳନ ସମ୍ପୂର୍ଣ୍ଣ ବନ୍ଦ ରଖିବାକୁ ସ୍ଥିର ହୋଇଥିଲା।

### ଅଁଳା ନବମୀ ପାଇଁ ନୀତି ନିର୍ଘଣ୍ଟ

ଶୁକ୍ରବାର ରାତି ୧୨ଟା ୩୦ରୁ ମନ୍ଦିର ଦ୍ୱାର ଫିଟାଯାଇ ମଙ୍ଗଳ ଆଳତି କରାଯିବ। ଗୋଟାଏରେ ମର୍ଦ୍ଦନ ଅବକାଶ, ୨ଟାରେ ସାକ୍ଷୀଗୋପାଳଙ୍କର ନଟବର ବେଶ ଓ ରାଧରାଣୀଙ୍କର ଓଡ଼ିଆଣୀ ବେଶ, ୩ଟାରେ ସୂର୍ଯ୍ୟପୂଜା ଏବଂ ଦ୍ୱାରପାଳ ପୂଜା, ୩ଟା ୩୦ରେ ବଲ୍ଲଭ, ସକାଳ ଧୂପ, ବାଳ ଧୂପ ଓ ମଦନମୋହନଙ୍କୁ ଭୋଗ ଲାଗିହେବ। ଭୋର ୫ଟା ରୁ ୬ଟା ମଧ୍ୟରେ ସେବାୟତ ଏବଂ ମନ୍ଦିର କର୍ମଚାରୀଙ୍କ ପରିବାର ବର୍ଗ ରାଧାପାଦ ଦର୍ଶନ କରିବେ। ସକାଳ ୬ଟାରେ ସାହାଣ ମେଲା ଦର୍ଶନ ଆରମ୍ଭ ହୋଇ ରାତ୍ର ୮ଟା ୧୫ପର୍ଯ୍ୟନ୍ତ ଚାଲିବ। ୮ଟା ୧୫ରୁ ୮ଟା ୩୦ ମଧ୍ୟରେ ପାଳିଆ ସେବକଙ୍କ ପରିବର୍ତ୍ତନ ପାଇଁ ଦର୍ଶନ ବନ୍ଦ ରହିବ। ୮ଟା ୩୦ରୁ ରାତି ୧୨ଟା ୩୦ ପର୍ଯ୍ୟନ୍ତ ସାହାଣମେଲା ଦର୍ଶନ ହେବ। ପରେ ବେଶ ମଇଲମ, ଭଅଣ୍ଡ, ଦ୍ୱିପ୍ରହର ଧୂପ, ସନ୍ଧ୍ୟା ଆଳତି, ଗୋଧନ ବାହୁଡ଼ା ଭୋଗ, ସନ୍ଧ୍ୟାଧୂପ ବେଶ, ଧୂପ ହୋଇ ଠାକୁରଙ୍କର ବଡ଼ସିଂହାର ବେଶ ପରେ ପୁଷ୍ପାଞ୍ଜଳି ପ୍ରଦାନ କରାଯାଇ ପହୁଡ଼ ପଡ଼ିବ।



ପୁରୀ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ଗୋମାତାଙ୍କୁ ପୂଜା କରୁଛନ୍ତି।

## ଗୋବର୍ଦ୍ଧନ ମଠରେ ଗୋଷ୍ଠାଷ୍ଟମୀ ପାଳିତ

# ଗୋ ମାତାଙ୍କ ପୂଜା କଲେ ଶଙ୍କରାଚାର୍ଯ୍ୟ

**ପୁରୀ ଅଫିସ,୧୬।୧୧**

କାର୍ତ୍ତିକ ମାସ ଶୁକ୍ଳପକ୍ଷ ଅଷ୍ଟମୀ ତିଥିରେ ଶୁକ୍ରବାର ପୁରୀ ଗୋବର୍ଦ୍ଧନ ମଠ ଶଙ୍କରାଚାର୍ଯ୍ୟ ପୀଠରେ ଗୋଷ୍ଠାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି। ପ୍ରାତଃରେ ପାରମ୍ପରିକ ଗୋ ପୂଜନ, ଯଜ୍ଞ ଓ ସୁନ୍ଦରାକାଣ୍ଡ ପାଠ କରାଯାଇଥିଲା। ଏହାପରେ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ମହାରାଜଙ୍କ ଦ୍ୱାରା ଗୋପୂଜନ ଯଜ୍ଞ ଓ ପୂର୍ଣ୍ଣାହୁତି ଦିଆଯାଇଥିଲା। ପୂର୍ବାହ୍ନ ପ୍ରାୟ ସାଢେ ୧୧ଟାରେ ଶଙ୍କରାଚାର୍ଯ୍ୟ ଗୋଶାଳା ପରିଦର୍ଶନ କରି ଗୋ ମାତାଙ୍କ ପୂଜା କରିଥିଲେ। ଗୋମାତାଙ୍କୁ ଖାଇବାକୁ ଦେଇଥିଲେ। ଏହାପରେ ଗୋବର୍ଦ୍ଧନ ମଠ ସଭାଗୃହରେ ଗୋ ମାତାଙ୍କ ସୁରକ୍ଷା ସମ୍ପର୍କରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଗୋ ବଂଶର ସୁରକ୍ଷା ଓ ମହନୀୟତା ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ ବହୁ ବିଶିଷ୍ଟ ବ୍ୟକ୍ତି। ଗୋବର୍ଦ୍ଧନ ମଠ ପକ୍ଷରୁ ହାତକୁ ନିଆଯାଇଥିବା ବିଭିନ୍ନ ଉନ୍ନତିମୂଳକ ପ୍ରକଳ୍ପ ବିଷୟରେ ସୂଚନା ଦେଇଥିଲେ ମଠର ମୁଖପାତ୍ର ମନୋଜ ରଥ ଏବଂ ଆଦିତ୍ୟ ବାହିନୀର ରାଜ୍ୟ ସଭାପତି ଜିତେନ୍ଦ୍ର ମହାପାତ୍ର। ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ଗୋ ମାତାର ସୁରକ୍ଷା ଓ ଗୋ ହତ୍ୟା ବନ୍ଦକୁ ନେଇ ପୀଠର ଶଙ୍କରାଚାର୍ଯ୍ୟମାନଙ୍କ ଅବଦାନ ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଡ. ସିଦ୍ଧେଶ୍ୱର ମହାପାତ୍ର, ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାରକ ଡ. ପ୍ରଫୁଲ୍ଲ ରଥ, ଶିବସୁନ୍ଦର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ ମଠର ମୁଖପାତ୍ର ମନୋଜ ରଥ। ଏହି ଅବସରରେ କିରନ୍ ଜ୍ୟୋତି ସଙ୍ଗୀତ ପରିଷଦର ସଙ୍ଗୀତଭିତ୍ତିକ ପତ୍ରିକା ତାନ୍‌ପୁରାକୁ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଲୋକାର୍ପଣ କରିଥିଲେ। ଏହି ଲୋକାର୍ପଣ ସମୟରେ ପରିଷଦର ପ୍ରତିଷ୍ଠାତା ସମ୍ପାଦକ ନାରାୟଣ ଚନ୍ଦ୍ର ସିହ୍ନା ଉପସ୍ଥିତ ଥିଲେ।

### ସଙ୍ଗୀତଭିତ୍ତିକ ପତ୍ରିକା ତାନ୍‌ପୁରା ଲୋକାର୍ପିତ

## ଜିଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ

# ଭାରତରୁ ଆରମ୍ଭ ହୋଇଥିଲା ସାମ୍ବାଦିକତା




ସଦ୍‌ଭାବନା ଗୃହରେ ଜିଲାସ୍ତରୀୟ ପ୍ରେସ୍ ଦିବସ ପାଳନ ଅବସରରେ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର ଓ ଅନ୍ୟମାନେ।

**ପୁରୀ ଅଫିସ,୧୬।୧୧**

ବିଶ୍ୱରେ ସାମ୍ବାଦିକତା ପରମ୍ପରା ଭାରତରୁ ହିଁ ଆରମ୍ଭ ହୋଇଥିଲା। ପ୍ରଥମ ସାମ୍ବାଦିକ ହିସାବରେ ଦେବର୍ଷି ନାରଦଙ୍କୁ ଗ୍ରହଣ କରାଯାଇପାରେ। ସାମ୍ବାଦିକତାରେ ଯେଉଁ ବ୍ୟକ୍ତିତ୍ୱ ଓ ନିଷ୍ଠା ଦରକାର, ତାହା ନାରଦଙ୍କ ପାଖରେ ରହିଥିଲା। ତେଣୁ ଜଣେ ଋଷି ହୋଇଥିଲେ ବି ତାଙ୍କୁ ଦେବତାର ମର୍ଯ୍ୟାଦା ଦିଆଯାଇଛି ବୋଲି କହିଛନ୍ତି ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର। ଶୁକ୍ରବାର ସଦ୍‌ଭାବନା ସଭାଗୃହରେ ଜିଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସରେ ଆୟୋଜିତ ସଭାରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଡ. ମିଶ୍ର କହିଥିଲେ ଯେ, ସାମ୍ବାଦିକତା କ୍ଷେତ୍ର ନିଷ୍ଠା ଓ ନିରପେକ୍ଷତା ରହିବା ଜରୁରୀ। ଖବରଦାତାମାନେ ପୁରୀ ଏବଂ ଓଡ଼ିଶାର ବହୁ ସାଂସ୍କୃତିକ ଐତିହ୍ୟ ବିଷୟରେ ଉପାଦେୟ ତଥ୍ୟ ପ୍ରକାଶ କରିଛନ୍ତି। ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ଗଣମାଧ୍ୟମ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ। ସୁସ୍ଥ ସମାଜ ଗଠନ ପାଇଁ ସାମ୍ବାଦିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଗଣମାଧ୍ୟମ ଲୋକଙ୍କୁ ସଚେତନ କରିଥାଏ। ଡିଜିଟାଲ ଯୁଗରେ ଶୀଘ୍ର ଖବର ପରିବେଷଣ କରାଯାଇପାରୁଛି। ବୈଷୟିକ ଜ୍ଞାନ ଉପଯୋଗ କରି ଠିକ୍ ଖବର ପରିବେଷଣ ପାଇଁ ମୁଖ୍ୟଅତିଥି ଗୁରୁତ୍ୱ ଦେଇଥିଲେ। ସମ୍ମାନିତ ଅତିଥି ଉପଜିଲାପାଳ ଭବତାରଣ ସାହୁ ମୂଲ୍ୟବୋଧଭିତ୍ତିକ ଖବର ସମ୍ପର୍କରେ କହିଥିଲେ। ଏଥିରେ ବହୁ ଖବରଦାତା ଗଠନମୂଳକ ଖବର ପରିବେଷଣ, ଖବରଦାତାଙ୍କ ସୁରକ୍ଷା, ପ୍ରେସ୍ ଦିବସ ପାଳନର ଉଦ୍ଦେଶ୍ୟ ଏବଂ ଡିଜିଟାଲ ଖବର ପ୍ରକାଶ ଉପରେ ମତ ରଖିଥିଲେ। ଆଡ୍‌ଭୋକେଟ ପୁଷ୍କର ମହାପାତ୍ର, ନାରାୟଣ ନନ୍ଦ, ସାମ୍ବାଦିକତା ଛାତ୍ରୀଛାତ୍ର ରୋଜାଲିନ ପ୍ରଧାନ, ପ୍ରେମାନନ୍ଦ ସାହୁ ପ୍ରମୁଖ ଜାତୀୟ ପ୍ରେସ୍ ଦିବସ ଓ ଡିଜିଟାଲ ଯୁଗରେ ଖବରଦାତାଙ୍କ ପାଇଁ ଆହ୍ୱାନ ସମ୍ପର୍କରେ କହିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମାନସ ରଞ୍ଜନ ବିଶ୍ୱାଳ ସ୍ୱାଗତ ଭାଷଣ ଏବଂ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜିତେନ୍ଦ୍ରୀୟ ଜେନା ଧନ୍ୟବାଦ ଦେଇଥିଲେ।

### ଶ୍ରୀକ୍ଷେତ୍ର ସାହିତ୍ୟ ସଂସଦର ମାସିକ ସାହିତ୍ୟ ଆସର

**ପୁରୀ ଅଫିସ,୧୬।୧୧**

ଶ୍ରୀକ୍ଷେତ୍ର ସାହିତ୍ୟ ସଂସଦର ୧୨୩ତମ ମାସିକ ସାହିତ୍ୟ ଆସର ଗୁରୁବାର ସର୍ବମଙ୍ଗଳା ପାଠାଗାରଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ହରେକୃଷ୍ଣ ପ୍ରଧାନୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଆସରରେ କୃଷ୍ଣଚନ୍ଦ୍ର ରଥ ମୁଖ୍ୟଅତିଥି, ମାନସ ରଞ୍ଜନ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଭକ୍ତି ନୈବେଦ୍ୟ ଅର୍ପଣ ପରେ ଶିବାନୀ ମିଶ୍ର ମଙ୍ଗଳାଚରଣ ଗାନ କରିଥିଲେ। ଏହାପରେ କବି ଯୋଗେଶ୍ୱର ପ୍ରହରାଜଙ୍କ ସଂଯୋଜନା କ୍ରମେ କବି ରାଧାକୃଷ୍ଣ ପ୍ରଧାନୀ, ଯୋଗେନ୍ଦ୍ର ନାଥ ସାହୁ, ପଦ୍ମଚରଣ ଖୁଣ୍ଟିଆ, ସତ୍ୟଭାମା ପ୍ରଧାନୀ, ଭବାନୀ ଶଙ୍କର ମହାପାତ୍ର, ଡ. ବ୍ରଜସୁନ୍ଦର ମିଶ୍ର, ସୁଧାଂଶୁବାଳା ପଟ୍ଟନାୟକ, ଡ. ସୁଚିତ୍ର ରଥ, ବିପିନ ବିହାରୀ ମିଶ୍ର, ମଞ୍ଜୁଳା ଦେବୀ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଶିଶୁକବି ବିଦ୍ୱାନୀ ପଟ୍ଟନାୟକ ସ୍ୱରଚିତ ହିନ୍ଦୀ କବିତା ବାଲ୍ ଦିବସ ପାଠ କରିଥିଲେ। ନିମନ୍ତ୍ରିତ ଅତିଥି ସାହିତ୍ୟିକ ସଦାଶିବ ମିଶ୍ର, ଉମାକାନ୍ତ ସାହୁ, ଅଧ୍ୟାପକ ସୁନୀଲ କୁମାର ରଥ, ଧୀରେନ୍ଦ୍ର ପଟ୍ଟନାୟକ କାର୍ଯ୍ୟକ୍ରମର ସଫଳ ରୂପାୟନ କରିଥିଲେ। ଗୀତିକାର ଦୀନବନ୍ଧୁ ଦାଶ ସ୍ୱରଚିତ ସଙ୍ଗୀତ ଗାନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ରବୀନ୍ଦ୍ରନାଥ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# କଅଁରପଡ଼ାରେ ସବର୍ଣ୍ଣ-ଅସବର୍ଣ୍ଣ ବିବାଦ

### ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ

**ପୁରୀ ଅଫିସ,୧୬।୧୧**

ଡେଲାଙ୍ଗ ବ୍ଲକ ଅନ୍ତର୍ଗତ କଅଁରପଡ଼ା ଗ୍ରାମରେ ସବର୍ଣ୍ଣ ଓ ଅସବର୍ଣ୍ଣଙ୍କ ମଧ୍ୟରେ ବିବାଦ ତେଜିବାରେ ଲାଗିଛି। ଶୁକ୍ରବାର ଶତାଧିକ ଗ୍ରାମବାସୀ ନ୍ୟାୟ ଲାଗି ଏସପିଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଘଟଣାର ନିରପେକ୍ଷ ତଦନ୍ତ ଲାଗି ଦାବି କରିଛନ୍ତି। ଅଭିଯୋଗରେ ଦର୍ଶାଯାଇଛି ଯେ, କଅଁରପଡ଼ାରେ ୮୫ ପରିବାର ବସବାସ କରୁଛନ୍ତି । ସେଥିମଧ୍ୟରୁ ୬୫ ପରିବାର ସବର୍ଣ୍ଣ ଏବଂ ୨୦ ପରିବାର ଅସବର୍ଣ୍ଣ। ଗ୍ରାମର ଗୋଚର ଜମିକୁ ନେଇ ଅସବର୍ଣ୍ଣ ଏବଂ ସବର୍ଣ୍ଣଙ୍କ ମଧ୍ୟରେ ବିବାଦ ଲାଗି ରହିଛି। ନିକଟରେ ଏନେଇ ଦୁଇଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ଉଭୟଙ୍କ ପକ୍ଷରୁ ଡେଲାଙ୍ଗ ଥାନାରେ ଅଭିଯୋଗ ହୋଇଥିଲା। ପରବର୍ତ୍ତୀ ସମୟରେ ଏହାର ସମାଧାନ ମଧ୍ୟ ହୋଇଥିଲା। ପୁଣି ଅସବର୍ଣ୍ଣ ଗୋଷ୍ଠୀର କେତେଜଣ ଯୁବକ ବିଭିନ୍ନ ଆଳରେ ସବର୍ଣ୍ଣମାନଙ୍କୁ ହଇରାଣ କରୁଛନ୍ତି। ଏହାର ନିରପେକ୍ଷ ତଦନ୍ତ କରି ନ୍ୟାୟ ପ୍ରଦାନ ଲାଗି ଗ୍ରାମବାସୀ ଦାବି କରିଛନ୍ତି। ଦାବି ପୂରଣ ନ ହେଲେ ଆସନ୍ତା ୧୮ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଅନଶନ କରିବାକୁ ସେମାନେ ଚେତାବନୀ ଦେଇଛନ୍ତି।




ଏସ୍‌ପିଙ୍କ ନିକଟକୁ ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ।

## ଶ୍ରୀଜଗନ୍ନାଥ ଗୋ ସେବା ସଂସ୍ଥାନ

# ବର୍ଷକରେ କରିଛି ୧୦୯ ଗୋରୁଙ୍କ ଚିକିତ୍ସା

**ପୁରୀ ଅଫିସ, ୧୬।୧୧**




ଅତିଥିମାନେ ଗୋସେବା ଆମ୍ବୁଲାନ୍ସର ଉଦ୍‌ଘାଟନ କରାଯାଉଛି।

ଶୁକ୍ରବାର ପାଳିତ ହୋଇଯାଇଛି ଗୋଷ୍ଠାଷ୍ଟମୀ। ବିଭିନ୍ନ ଗୋଶାଳା ଏବଂ ଘରେ ଗୋ ମାତାଙ୍କୁ ପୂଜା କରାଯାଇଛି। ହେଲେ କିଛି ସଂସ୍ଥା ଏବଂ ସହୃଦୟ ବ୍ୟକ୍ତି ବର୍ଷ ତମାମ୍ ଗୋ ସେବାରେ ନିଜକୁ ନିୟୋଜିତ କରିଛନ୍ତି। ଏଥିମଧ୍ୟରୁ ଶ୍ରୀକ୍ଷେତ୍ରର ଶ୍ରୀଜଗନ୍ନାଥ ଗୋ ସେବା ସଂସ୍ଥାନ ହେଉଛି ଅନ୍ୟତମ। ଗତବର୍ଷ ଗୋଷ୍ଠାଷ୍ଟମୀ ଅବସରରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ବାଘ ଆଖଡ଼ା ମଠ ପରିସରରେ ଶ୍ରୀଜଗନ୍ନାଥ ଗୋ ସେବା ସଂସ୍ଥାନର ଶୁଭାରମ୍ଭ କରିଥିଲେ। ସେହିଦିନଠାରୁ ଏହି ସଂସ୍ଥାନ ଗୋ ମାତାଙ୍କ ସ୍ଥାୟୀ ଚିକିତ୍ସା ଏବଂ ସେବା କାର୍ଯ୍ୟ ତୁଲାଇ ଆସୁଛି। ଅନୁଷ୍ଠାନର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନ ଥିବାରୁ ଦୈନିକ ଖର୍ଚ୍ଚ ଦିଗରେ ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜ, ଡ. ସହଦେବ ଦାସ, ନିରଞ୍ଜନ ପତି, କୈଳାସ ଅଗ୍ରୱାଲ ପ୍ରମୁଖ କେତେଜଣ ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗରେ ଏହା ଏକ ବର୍ଷ ପୂରଣ କରିଛି। ଏହି ବର୍ଷକ ମଧ୍ୟରେ ସମୁଦାୟ ୧୦୯ ଗୋରୁଙ୍କ ଚିକିତ୍ସା କରାଯାଇଛି। କିଛିଦିନ ଚିକିତ୍ସା ପରେ ୨୬ଟି ଗୋରୁଙ୍କ ମୃତ୍ୟୁ ହୋଇଥିବା ବେଳେ ସେମାନଙ୍କ ଅନ୍ତିମ ସଂସ୍କାର ପରମ୍ପରା ଅନୁସାରେ କରାଯାଇଛି। ବର୍ତ୍ତମାନ ୧୪ ଗୋରୁ ଚିକିତ୍ସାଧୀନ ଥିବାବେଳେ ୬୯ ଗୋରୁ ସୁସ୍ଥ ହୋଇ ଫେରିଛନ୍ତି। ହୋମିଓପ୍ୟାଥିକ, ଆୟୁର୍ବେଦିକ, ଏଲୋପ୍ୟାଥିକ ଏବଂ ଫିଜିଓଥେରାପି ମାଧ୍ୟମରେ ଚିକିତ୍ସା କରାଯାଉଛି ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।

## ସଂଶୋଧିତ ସମାନ ନୀତି

# ଅନୁମୋଦନ ପାଇଁ ଆଇନ ବିଭାଗକୁ ପଠାଗଲା

- ରାଜ୍ୟ ସରକାରଙ୍କ ଅନୁମୋଦନ ପରେ କାର୍ଯ୍ୟକାରୀ
- ୨ ବର୍ଷ ହେଲା ଜମି ବିକ୍ରି ହୋଇପାରୁନି

**ପୁରୀ ଅଫିସ,୧୬।୧୧**

ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଜମି ବିକ୍ରି ନିମନ୍ତେ ରହିଛି ସମାନ ନୀତି (ୟୁନିଫର୍ମ ପଲିସି)-୨୦୦୩। ଏହାକୁ ସଂଶୋଧନ କରାଯାଇଛି। ଗତ ସେପ୍ଟେମ୍ବର ୨୯ରେ ସଂଶୋଧିତ ସମାନ ନୀତିକୁ ପରିଚାଳନା କମିଟିରେ ଆଲୋଚନା କରାଯାଇ ଅନୁମୋଦନ ଦିଆଯାଇଥିଲା। ରାଜ୍ୟ ସରକାରଙ୍କ ଅନୁମୋଦନ ନିମନ୍ତେ ଏହାକୁ ଆଇନ ବିଭାଗକୁ ପଠାଯାଇଛି। ଆଇନ ବିଭାଗ ଏହାକୁ ତର୍ଜମା କରି ଖୁବ୍‌ଶୀଘ୍ର ବିଜ୍ଞପ୍ତି ପ୍ରକାଶ କରିବ। ଏହାପରେ ଜମି ବିକ୍ରି ପ୍ରକ୍ରିୟା ତ୍ୱରାନ୍ୱିତ ହେବ ବୋଲି ଶ୍ରୀମନ୍ଦିର ରାଜସ୍ୱ ପ୍ରଶାସକ ମଧୁସୂଦନ ଦାସ କହିଛନ୍ତି।ସଂଶୋଧିତ ସମାନ ନୀତି ଅନୁଯାୟୀ, ୩୦ ବର୍ଷରୁ ଅଧିକ ସମୟ ଧରି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଜମିକୁ ଦଖଲରେ ରଖିଥିବା ବ୍ୟକ୍ତିଙ୍କୁ ପୂର୍ବରୁ ଏକର ପିଛା ୩ ଲକ୍ଷ ଟଙ୍କା ଦେବାକୁ ପଡୁଥିଲା। ଏଣିକି ୬ ଲକ୍ଷ ଟଙ୍କା ଦେବାକୁ ପଡିବ। ସେହିପରି ୩୦ ବର୍ଷରୁ କମ୍ ୨୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଦଖଲରେ ରହିଥିବା ବ୍ୟକ୍ତିଙ୍କୁ ୧ ଏକର ଜମି ପାଇଁ ୪.୫ ଲକ୍ଷ ଟଙ୍କା ଦେବାକୁ ପଡୁଥିଲା। ଏଣିକି ଏହାର ଦୁଇଗୁଣ ଅର୍ଥାତ୍ ୯ ଲକ୍ଷ ଟଙ୍କା ଦେବାକୁ ପଡିବ। ସେହିପରି ୨୦ ବର୍ଷରୁ କମ୍ ଏବଂ ୧୨ ବର୍ଷରୁ ଅଧିକ ଦଖଲଦାରଙ୍କୁ ୭.୫ ଲକ୍ଷ ଟଙ୍କା ପରିବର୍ତ୍ତେ ୧୫ ଲକ୍ଷ ଟଙ୍କା ଦେବାକୁ ପଡିବ।

ଅନ୍ୟପକ୍ଷରେ ଜଣେ ବ୍ୟକ୍ତିଙ୍କୁ ଘରବାରି ପାଇଁ ଅତି ବେଶିରେ ୧୦ ଡେସିମିଲ ଜମି ରିହାତି ଦରରେ ଦିଆଯାଇ ପାରିବ। ସମ୍ପୃକ୍ତ ବ୍ୟକ୍ତି ଯଦି ଅଧିକ ଜମି ଚାହୁଁଥିବେ ତେବେ ତାଙ୍କୁ ବେଞ୍ଚମାର୍କ ଦର କିମ୍ବା ହାରାହାରି ଜମି ବିକ୍ରି ଦର ମଧ୍ୟରେ ଯିଏ ସର୍ବାଧିକ ଥିବ ସେହି ଦର ହିଁ ଦେବାକୁ ପଡିବ। ୧୯୨୭ ମସିହା ରେକର୍ଡ ଅନୁଯାୟୀ ଜମି ଦଖଲରେ ଏବଂ ମାର୍ଫତଦାର ସ୍ୱତ୍ୱରେ ଥିବେ ସେହି କ୍ଷେତ୍ରରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ରିହାତି ଦରରେ ଯୋଗାଇ ଦିଆଯାଇପାରିବ। ଜଣେ ବ୍ୟକ୍ତି ବ୍ୟବସାୟିକ ଉଦ୍ଦେଶ୍ୟରେ ଜମି କିଣିବାକୁ ଚାହିଁଲେ ତାଙ୍କୁ ବେଞ୍ଚମାର୍କ କିମ୍ବା ହାରାହାରି ଜମି ବିକ୍ରି ଦର ଅନୁଯାୟୀ ଦିଆଯିବ। ୨୦୦୩ ମସିହା ପୂର୍ବରୁ ଜମି କିଣାବିକା କରିଥିବା ବ୍ୟକ୍ତିଙ୍କୁ ମଧ୍ୟ ରିହାତି ମିଳିବ। କିନ୍ତୁ ୨୦୦୩ ପରେ କିଣାବିକା କରିଥିବା ବ୍ୟକ୍ତି ଏହି ରିହାତିରୁ ବଞ୍ଚିତ ହେବେ। ସୂଚନାଯୋଗ୍ୟ, ରାଜ୍ୟ ତଥା ରାଜ୍ୟ ବାହାରେ ଶ୍ରୀଜଗନ୍ନାଥଙ୍କ ୬୦,୮୦୫.୩୨୫ ଏକର ଜମି ରହିଛି। ସେଥିରୁ ଗତ ୧୯ ବର୍ଷ ମଧ୍ୟରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ୩୦୮ ଏକର ୨୭୧ଡେସିମିଲ ଜମି ବିକ୍ରି କରାଯାଇଛି। ଜମି ବିକ୍ରି ଲବ୍ଧ ଅର୍ଥ ୧୦କୋଟି ୧୨ଲକ୍ଷ ୪୫ହଜାର ୯୪୬ ଟଙ୍କାକୁ କର୍ପସ ଫଣ୍ଡରେ ଜମା ରଖାଯାଇଛି। ଅନ୍ୟପକ୍ଷରେ ଗତ କିଛିବର୍ଷମଧ୍ୟରେ ଶ୍ରୀମନ୍ଦିର ପ୍ରଶାସନ ନିକଟରୁ ଜମି କିଣିବା ଲାଗି ୬,୫୪୮ଟି ଆବେଦନ ଆସିଛି। ସେଥିମଧ୍ୟରୁ ୫୦୪୦ଟି ଆବେଦନ କେବଳ ପୁରୀ ସହରର ରହିଛି। ୟୁନିଫର୍ମ ପଲିସିକୁ ଅନୁମୋଦନ ମିଳିପାରି ନ ଥିବାରୁ ୨୦୧୬ ମସିହାଠାରୁ ଜମି ବିକ୍ରି ବନ୍ଦ ରହିଛି।



ଯେଉଁ ଲୋକ ବିରୋଧରେ କେହି କେବେ ଦୋଷାରୋପ କରିନାହିଁ, ସେ ଯଦି ତୁମକୁ ସମାଲୋଚନା କରେ ତେବେ ତୁମେ ପ୍ରକୃତରେ ଭାଗ୍ୟବାନ
-ଜର୍ଜ ଇଲିଅଟ



## ସଂକ୍ଷେପରେ

### ଜମିବାଡ଼ିକୁ କେନ୍ଦ୍ର କରି ଗଣ୍ଡଗୋଳ: ୨ ଭାଇ ଗିରଫ

**ଗୋପ, ୧୬।୧୧(ଡି.ଏନ୍.ଏ.):** ଗୋପ ଥାନା ଅଧୀନ କୁଣ୍ଡିସ ଗ୍ରାମରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ର କରି ଦୁଇ ଭାଇଙ୍କ ମଧ୍ୟରେ ଗଣ୍ଡଗୋଳ ହେବାରୁ ଗୋପ ପୋଲିସ ଶୁକ୍ରବାର ଦୁଇ ଭାଇଙ୍କୁ ଗିରଫ କରି ଜେଲ୍ ପଠାଇଛି। ପ୍ରକାଶ ଯେ, ପୈତୃକ ସମ୍ପତ୍ତିକୁ କେନ୍ଦ୍ର କରି ଦୁଇ ଭାଇ ମନୋରଞ୍ଜନ ସ୍ୱାଇଁ ଓ ବଟକୃଷ୍ଣ ସ୍ୱାଇଁଙ୍କ ମଧ୍ୟରେ ଗଣ୍ଡଗୋଳ ଲାଗି ରହିଥିଲା। ଏହାକୁ ନେଇ ଗୁରୁବାର ଦୁଇ ଭାଇଙ୍କ ପକ୍ଷରୁ ଗୋପ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଆପୋସ ସମାଧାନ କରିବା ପାଇଁ ଉଦ୍ୟମ କରିଥିଲେ ମଧ୍ୟ ଏଥିରେ ଦୁଇ ପକ୍ଷ ରାଜି ନ ହେବାରୁ ପୋଲିସ ଦୁଇଗୋଟି ମାମଲା ରୁଜୁ କରି ଦୁଇ ଭାଇଙ୍କୁ କୋର୍ଟ ଚାଲାଣ କରିଥିଲା। କୋର୍ଟରେ ସେମାନଙ୍କ ଜାମିନ୍ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ୍ ପଠା ଯାଇଥିବା ଗୋପ ଥାନାଧିକାରୀ ରଞ୍ଜନ କୁମାର ପ୍ରଧାନ କହିଛନ୍ତି।

### ଘର କବାଟ ତାଡ଼ି ଲୁଟିନେଲେ ଟଙ୍କା, ସୁନା

**ନିମାପଡ଼ା,୧୬।୧୧(ଡି.ଏନ୍.ଏ.):** ନିମାପଡ଼ା ଥାନା ନିକଟସ୍ଥ ଶ୍ୟାମସୁନ୍ଦରପୁର ଗ୍ରାମରେ ଚୋରି ହୋଇଥିବା ଶୁକ୍ରବାର ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା(ନଂ.୩୩୯/୧୮)ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଶ୍ୟାମସୁନ୍ଦରପୁର ଗ୍ରାମର ଉପେନ୍ଦ୍ର ନାୟକଙ୍କ ପରିବାର ଗୁରୁବାର ରାତିରେ ଶୋଇଥିବା ବେଳେ କେହି ଦୁର୍ବୃତ୍ତ ବାଡି ପଟ କବାଟ ତାଡି ଘରେ ପଶିଥିଲେ। ଏହା ସହ ଘରୁ ୨୦ହଜାର ଟଙ୍କା, ଗୋଟିଏ ସୁନା ଚେନ, ୨ଟି ସୁନା ମୁଦି, ୨ହଳ ରୂପା ପାଉଁଜି ଓ ୨ଟି ମୋବାଇଲ ନେଇ ପଳାଇଛନ୍ତି।

### ମହିଳାଙ୍କ ସ୍ୱଚ୍ଛତା ଅଭିଯାନ

**କଣାସ, ୧୬।୧୧(ସ୍ୱ.ପ୍ର.):** ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ସ୍ୱପ୍ନ ଓ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱଚ୍ଛଭାରତ ଅଭିଯାନରେ ପ୍ରତ୍ୟେକ ପୁରପଲ୍ଲୀରେ ଶିଶୁଠାରୁ ବୃଦ୍ଧପର୍ଯ୍ୟନ୍ତ ସାମିଲ ହେଉଥିବା ଦେଖିବାକୁ ମିଳୁଛି। ବ୍ରହ୍ମଗିରି ବ୍ଲକ ଅର୍ନ୍ତଗତ ଡିମିରିସେନା ଗ୍ରାମ ପଞ୍ଚାୟତର ଅଇନିପୁର ଗ୍ରାମରେ ମହିଳା ଓ ଯୁବତୀମାନେ ସ୍ୱଚ୍ଛଭାରତ ଅଭିଯାନରେ ସାମିଲ ହୋଇ ଗାଁଦାଣ୍ଡ ସଫାକରିବା, ପୋଖରୀରୁ ଦଳକାଢ଼ିବା, ମନ୍ଦିର ଓ ନଳକୂପ ସଫାକରିବା ସହିତ ପ୍ରତ୍ୟେକ ପରିବାରକୁ ଯାଇ ପଲିଥିନ ବ୍ୟବହାର ନ କରିବା, ଘରଆବର୍ଜନା ଗୋଟିଏ ସ୍ଥାନରେ ଜମାକରି ତାହା ବାହାରକୁ ନେଇ ନିର୍ଦ୍ଦିଷ୍ଟ ସ୍ଥାନରେ ପକାଇବା ପ୍ରଭୃତି କାର୍ଯ୍ୟକରିବା ପାଇଁ ପରିବାର ସଦସ୍ୟମାନଙ୍କୁ ସଚେତନ କରାଇଥିଲେ।

### ଖତଖାଉଛି ଶିଶୁଙ୍କ ପାଇଁ ଆସିଥିବା ଔଷଧ



**ନିମାପଡ଼ା,୧୬।୧୧ (ଡି.ଏନ.ଏ.):** ରାଜ୍ୟ ସରକାର ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଅଙ୍ଗନୱାଡି କେନ୍ଦ୍ରର ଶିଶୁଙ୍କ ସ୍ୱାସ୍ଥ୍ୟର ବିକାଶ ପାଇଁ କୋଟି କୋଟି ଟଙ୍କା ବ୍ୟୟରେ ଆଇରନ ଓ ଭିଟାମିନ ଆଦି ଔଷଧ ଯୋଗାଇ ଦେଇଛନ୍ତି। କିନ୍ତୁ ଏହି ଔଷଧଗୁଡ଼ିକ ଛାତ୍ରୀଛାତ୍ର କିମ୍ବା ଶିଶୁମାନେ ପାଉ ନ ଥିବାବେଳେ ନିମାପଡ଼ାର ଚାରିଛକ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଲକ୍ଷାଧିକ ଟଙ୍କାର କୁଢ଼କୁଢ଼ ଔଷଧ ଭଗ୍ନ ପରିତ୍ୟକ୍ତ ଗୃହରେ ପଡ଼ି ଖତ ଖାଉଛି। ହେଲେ ଏଥିପ୍ରତି ସ୍ୱାସ୍ଥ୍ୟକେନ୍ଦ୍ରର କାହାରି ବି ଦୃଷ୍ଟିପଡୁ ନାହିଁ। ବୁଧବାର ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ଅଚାନକ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ଶିଶୁମାନଙ୍କ ପାଇଁ ଉଦ୍ଦିଷ୍ଟ ଏହି ଔଷଧ ସବୁ ବାହାରେ ପଡ଼ି ଖତ ଖାଉଥିବାର ଦେଖି କ୍ଷୋଭ ପ୍ରକାଶ କରିଥିଲେ। ଏ ସମ୍ପର୍କରେ ଭାରପ୍ରାପ୍ତ ମୁଖ୍ୟ ଚିକିତ୍ସାଧିକାରୀ ଡା.ପ୍ରଶାନ୍ତ କୁମାର ସାମନ୍ତରାୟ ଓ ଔଷଧ ବଣ୍ଟନ ଦାୟିତ୍ୱରେ ଥିବା କର୍ମଚାରୀମାନଙ୍କ ସହ ଆଲୋଚନା କରିଥିଲେ। କିନ୍ତୁ କୌଣସି ଠିକ ତଥ୍ୟ ନ ପାଇବାରୁ ବିଧାୟକ ଦାଶ ଫୋନ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ, ଜିଲାପାଳ, ସ୍ୱାସ୍ଥ୍ୟସଚିବ, ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଅବଗତ କରାଇବା ସହ ଯଥାଶୀଘ୍ର ତଦନ୍ତ କରି ଏଦିଗରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରିଥିଲେ। ଏହି ଘଟଣାକୁ ଖୁବଶୀଘ୍ର ବିଧାନସଭାରେ ଉଠାଯିବ ବୋଲି ବିଧାୟକ ଦାଶ କହିଥିଲେ।

■ ରେବସା ମଠରୁ ଠାକୁର ଗାଏବ ପ୍ରସଙ୍ଗ

# ଉଦ୍‌ବେଗ ପ୍ରକାଶ କଲେ ମଠାଧୀଶ, ଗବେଷକ

**ପୁରୀ ଅଫିସ,୧୬।୧୧:**

**ଆଜି ଅନୁଧ୍ୟାନ କରିବ ଶ୍ରୀମନ୍ଦିର ପ୍ରଶାସନ**



ରେବସା ମଠ।

ପୁରୀର ଗୋଟିଏ ପରେ ଗୋଟିଏ ମଠ ଅସାମାଜିକଙ୍କ କବ୍‌ଜାକୁ ଚାଲିଯାଉଛି। ମଠ ମହନ୍ତଙ୍କୁ ଭୟଭୀତ କରି ତଡ଼ିଦେବା ପରେ ସେଠାରେ ଆଡ୍ଡା ଜମାଉଛନ୍ତି। ସଞ୍ଜ ନଇଁଲେ ଜମୁଛି ନିଶାର ଆସର। ମଠ ପରିସରକୁ ଯିବାକୁ ଭୟ କରୁଛନ୍ତି ଲୋକେ। ନିକଟ ଅତୀତରେ ଏହି ଢଙ୍ଗରେ ୩ଟି ମଠ ସତ୍ତା ହରାଇଥିବା ବେଳେ ଏବେ ଏହି ତାଲିକାରେ ଯୋଡି ହୋଇଛି ଆଉ ଏକ ଐତିହ୍ୟସମ୍ପନ୍ନ ମଠ ରେବସା। ଏହି ମଠରୁ ଠାକୁର ଚୋରି ହୋଇଯାଇଛନ୍ତି, ସିଂହାସନ ଖାଲିପଡିଛି। ସଞ୍ଜ ନଇଁଲେ ଯେଉଁ ମଠରୁ ଆଳତି ଏବଂ ଘଣ୍ଟ ନାଦ ଭାସି ଆସୁଥିଲା ଆଜି ତାହା ନିସ୍ତବ୍ଧ ହୋଇପଡିଛି। ମହନ୍ତ ନାହାନ୍ତି କି ଠାକୁର ନାହାନ୍ତି। ପୂଜାପାଠ ସବୁ ବନ୍ଦ ହୋଇଯାଇଛି। ଭୟରେ ଅନ୍ୟ ମଠରେ ଆତ୍ମଗୋପନ କରିଛନ୍ତି ମହନ୍ତ।

ଦୀର୍ଘ ୫୦୦ ବର୍ଷର ଏହି ବିଭବଶାଳୀ ମଠ ୮୬୮ ଡେସିମିଲ ଜମି ଉପରେ ରହିଥିଲା। ନବକଳେବର ସମୟରେ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ସମ୍ପ୍ରସାରଣ ବେଳେ ଏହି ମଠର କିଛି ଜମି ଅଧିଗ୍ରହଣ କରାଯାଇଥିଲା। ମଠ ଅର୍ଦ୍ଧାଧିକ ସତ୍ତା ହରାଇବା ପରେ ଆରମ୍ଭ ହୋଇଥିଲା ଅସାମାଜିକଙ୍କ ଦୌରାତ୍ମ୍ୟ। ଧୀରେ ଧୀରେ ଏହାର ରକ୍ଷଣାବେକ୍ଷଣ ଠିକ୍ ଭାବେ ହେଲା ନାହିଁ। ମଠ ମହନ୍ତଙ୍କ ଗତିବିଧି ମଧ୍ୟ ଠିକ୍ ରହିଲା ନାହିଁ। ଯାହାର ପରିଣତି ସ୍ୱରୂପ ଏହି ମଠ ଏବେ ନିଶ୍ଚିହ୍ନ ହେବାକୁ ବସିଛି। ଏହାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ମଠାଧୀଶ ଏବଂ ଗବେଷକ। ବିଭିନ୍ନ ସ୍ତରରୁ ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଥିଲେ ହେଁ ନୀରବ ରହିଛି ଶ୍ରୀମନ୍ଦିର ପ୍ରଶାସନ ଏବଂ ଦେବୋତ୍ତର ବିଭାଗ। ଦୁଇ ପ୍ରଶାସନ କଳର ନୀରବତା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।

ଏ ସମ୍ପର୍କରେ ନେବଳ ଦାସ ମଠ ମହନ୍ତ ଡ. ରାମଚରଣ ଦାସ ମହାରାଜ କହିଛନ୍ତି ଯେ, ଓଡ଼ିଶାର ମଠ ସଂସ୍କୃତି କହିଲେ ପୁରୀକୁ ହିଁ ବୁଝାଏ। କିନ୍ତୁ ଧୀରେ ଧୀରେ ଶ୍ରୀକ୍ଷେତ୍ରରେ ଥିବା ମଠଗୁଡ଼ିକ ଜରାଜୀର୍ଣ୍ଣ ହୋଇପଡୁଛି। କେତେକ ମଠ ସମ୍ପୂର୍ଣ୍ଣ ସତ୍ତା ହରାଇଥିବା ବେଳେ ଆଉ କିଛି ରକ୍ଷଣାବେକ୍ଷଣ ଅଭାବରୁ ଜନମାନସରୁ ଲିଭିଯିବାକୁ ବସିଲାଣି। ରେବସା ମଠର ଅବସ୍ଥା ବର୍ତ୍ତମାନ ଏହିଭଳି ସ୍ଥିତିରେ ପହଞ୍ଚିଲାଣି। ସରକାର ଏ ଦିଗରେ ଧ୍ୟାନ ଦେଇ ମଠ ସଂସ୍କୃତି କିପରି ଉଜ୍ଜୀବିତ ରହିବ ସେ ଦିଗରେ ପ୍ରଚେଷ୍ଟା କରିବା ଉଚିତ। ଓଡ଼ିଶା ଐତିହ୍ୟ ପରିଷଦର ଆଧାର ପୁରୁଷ ତଥା ଗବେଷକ ଡ. ସୁରେନ୍ଦ୍ର ମିଶ୍ର କୁହନ୍ତି, ପୁରୀ ସହରରେ ଟଙ୍କତୋରାଣି ବ୍ୟବସ୍ଥା ୪ଟି ଜାଗାରେ ଥିଲା। ସେଥିମଧ୍ୟରୁ ରେବସା ମଠ ଅନ୍ୟତମ। ଯେତେବେଳେ ଦୁଃଖୀ, ରଙ୍କି ଏବଂ ଭକ୍ତ ଶ୍ରୀକ୍ଷେତ୍ରକୁ ଆସୁଥିଲେ ସେତେବେଳେ ଏହି ମଠ ପକ୍ଷରୁ ମହାପ୍ରସାଦ ଏବଂ ବର୍ଷସାରା ଟଙ୍କତୋରାଣି ଯୋଗାଇଦେବାର ବ୍ୟବସ୍ଥା ଥିଲା। ଏହା ରାମାନୁଜଙ୍କ ପରମ୍ପରାର ଐତିହ୍ୟ ଆସ୍ଥାନ। ଶ୍ରୀମନ୍ଦିର ସେବା ସହିତ ମଧ୍ୟ ଏହି ମଠ ସମ୍ପୃକ୍ତ ରହିଥିଲା। ବର୍ତ୍ତମାନ ମଠରେ ଠାକୁର ଚୋରି ହୋଇଯିବା ଏବଂ ରକ୍ଷଣାବେକ୍ଷଣ ପାଇଁ କେହି ଚିନ୍ତା ନ କରିବା ଦୁର୍ଭାଗ୍ୟଜନକ ବିଷୟ। ପୂର୍ବରୁ ପୁରୀରେ ୭୫୨ ମଠ ଓ ଆଶ୍ରମ ରହିଥିଲା। ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ବର୍ତ୍ତମାନ ଏହି ସଂଖ୍ୟା ୩୭୪ରେ ପହଞ୍ଚିଲାଣି। ତେଣୁ ରେବସା ମଠର ରକ୍ଷଣାବେକ୍ଷଣ ଦିଗରେ ଶ୍ରୀମନ୍ଦିର ପ୍ରଶାସନ ଏବଂ ଦେବୋତ୍ତର କମିଶନର ଆଗେଇ ଆସିବା ଦରକାର। ଏ ସମ୍ପର୍କରେ ଶ୍ରୀମନ୍ଦିର ପ୍ରଶାସନର ରାଜସ୍ୱ ପ୍ରଶାସକ ମଧୁସୂଦନ ଦାସଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ମୁଁ ଆପଣଙ୍କ ଖବର କାଗଜରୁ ଏହି ବିଷୟ ଜାଣିବାକୁ ପାଇଲି। ପୂର୍ବ କାର୍ଯ୍ୟସୂଚୀ ଅନୁଯାୟୀ ବିଭିନ୍ନ ବୈଠକରେ ବ୍ୟସ୍ତ ଥିବାରୁ ଏହାର ଅନୁଧ୍ୟାନ କରିପାରିନାହିଁ। ଶନିବାର ସ୍ୱତନ୍ତ୍ର ଟିମ୍ ସହ ମୁଁ ନିଜେ ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରିବି।

■ ଅନ୍‌ଲାଇନରେ ମହାପ୍ରସାଦ ବିକ୍ରି ପ୍ରସଙ୍ଗ

# ଥାନାରେ ଫେରାଦ ହେଲେ ଯୁବ ସେବାୟତ

**ପୁରୀ ଅଫିସ,୧୬।୧୧:**

ଅନ୍‌ଲାଇନରେ ମହାପ୍ରସାଦ ବିକ୍ରିକୁ ନେଇ ବିରୋଧ ଜାରି ରହିଛି। ଗୁରୁବାର ଶ୍ରୀମନ୍ଦିର ପ୍ରଶାସନ ସମ୍ପୃକ୍ତ ସଂସ୍ଥା ବିରୋଧରେ ଆଇନଗତ ତର୍ଜମା କରାଯାଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିବା ବେଳେ ଶୁକ୍ରବାର ଏ ନେଇ ଥାନାରେ ଫେରାଦ ହୋଇଛନ୍ତି ଶ୍ରୀଜଗନ୍ନାଥ ଯୁବ ସେବାୟତ। ଶ୍ରୀମନ୍ଦିରର ଶତାଧିକ ଯୁବ ସେବାୟତଙ୍କ ଦସ୍ତଖତ ସମ୍ବଳିତ ଏକ ଅଭିଯୋଗପତ୍ର ସିଂହଦ୍ୱାର ଥାନାରେ ଦିଆଯାଇଛି।

ଏଥିରେ ଦର୍ଶାଯାଇଛି ଯେ, ମହାପ୍ରସାଦ ଭଳି ଅମୂଲ୍ୟ ନାମର ମାନ୍ୟତା କେବଳ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ପାଖରେ ଲାଗି ଭୋଗକୁ ହିଁ କୁହାଯାଇଥାଏ। ଶ୍ରୀମନ୍ଦିରକୁ ଛାଡି ଦେଲେ ମହାପ୍ରସାଦ କେଉଁଠାରେ ବିକ୍ରି କିମ୍ବା କେଉଁ ମନ୍ଦିରର ପ୍ରସାଦକୁ କୁହାଯିବା ଆମେ ଜାଣି ନ ଥିଲୁ। ହେଲେ www.puribhog.com ଡିଭାଇନ ଅଫ୍ ଓଡ଼ିଶା ନାମକ ଏକ ସଂସ୍ଥା ତରଫରୁ ଏବେ ଘରେ ବସି ପାଆନ୍ତୁ ପ୍ରଭୁ ଜଗନ୍ନାଥଙ୍କ ମହାପ୍ରସାଦ, ଡାଇରେକ୍ଟ ପୁରୀ ଶ୍ରୀମନ୍ଦିରରୁ ଅର୍ଡର ଦିଅନ୍ତୁ ଅନ୍‌ଲାଇନରେ ବୋଲି ଏକ ବିଜ୍ଞାପନ ସୋସିଆଲ ମିଡିଆରେ ପୋଷ୍ଟ କରାଯାଇଛି। ଏଥିରେ ମହାପ୍ରଭୁଙ୍କ ଅବଢାକୁ ଟ୍ୟାଗିଙ୍ଗ ଓ ବ୍ରାଣ୍ଡିଂ ସହ ମନଇଚ୍ଛା ମୂଲ୍ୟ ଧାର୍ଯ୍ୟ କରି ବିକ୍ରି କରାଯାଉଛି। ଏହା ଅତ୍ୟନ୍ତ ନିନ୍ଦନୀୟ ଓ ଦୁଃଖଦାୟକ। ଏହା ଶ୍ରୀମନ୍ଦିରର ଗରିମା, ସଂସ୍କୃତି ଏବଂ କୋଟି କୋଟି ଓଡ଼ିଆଙ୍କ ଭାବାବେଗକୁ ଆଘାତ ଦେଇଛି। ତେଣୁ ସମ୍ପୃକ୍ତ ସଂସ୍ଥା କେଉଁ ଅବଢା ଦେଉଛି, ତାଙ୍କୁ କିଏ ସହଯୋଗ କରୁଛି ଏବଂ ସତରେ ମହାପ୍ରସାଦ ନା ମିଛ କହି ଠକୁଛି ତାହାର ତଦନ୍ତ କରାଯାଇ ସତ୍ୟାସତ୍ୟ ପଦାକୁ ଆସୁ ବୋଲି ଅଭିଯୋଗପତ୍ରରେ ଦର୍ଶାଯାଇଛି। ପୂର୍ବାହ୍ନରେ ବହୁ ସଂଖ୍ୟାରେ ଯୁବ ସେବାୟତ ସିଂହଦ୍ୱାର ଥାନାକୁ ଯାଇ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି।

■ ଏସଜେଏଫର ପ୍ରେସ ଦିବସ

# ନିର୍ଭୀକ ସାମ୍ବାଦିକତା ଉପରେ ଗୁରୁତ୍ୱାରୋପ

**୨୦ ଯୁବ ଖବରଦାତା ସମ୍ମାନିତ**



ପ୍ରେସ୍ ଦିବସ ପାଳନ ଅବସରରେ ଯୋଗଦେଇଥିବା ଖବରଦାତାମାନେ।

**ପୁରୀ ଅଫିସ,୧୬।୧୧:**

ସାମ୍ବାଦିକତା ଏକ ସମାଜସେବା। ଜଣେ ବନ୍ଧୁ ଯେପରି ଅନ୍ୟର ଦୁଃଖକୁ ବୁଝି ସାହାଯ୍ୟର ହାତ ବଢାଇଥାଏ, ସେପରି ଜଣେ ଖବରଦାତା ମଧ୍ୟ ସମାଜର ବିକାଶ ଏବଂ ଗଠନମୂଳକ ଖବର ପରିବେଷଣ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଶିକ୍ଷା, କଳା, ସଂସ୍କୃତି, ଐତିହ୍ୟ, କ୍ରୀଡ଼ା ତଥା ସରକାରଙ୍କ ବିଭିନ୍ନ ବିକାଶମୂଳକ ଯୋଜନାକୁ ଗଣମାଧ୍ୟମ ଲୋକାଭିମୁଖୀ କରିଥାଏ ବୋଲି ଶ୍ରୀକ୍ଷେତ୍ର ଜର୍ନାଲିଷ୍ଟ ଫୋରମ୍ (ଏସ୍‌ଜେଏଫ୍) ପକ୍ଷରୁ ସ୍ଥାନୀୟ ନାୟକ ପ୍ଲାଜାରେ ଆୟୋଜିତ ଜାତୀୟ ପ୍ରେସ୍ ଦିବସରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମାନସ ରଞ୍ଜନ ବିଶ୍ୱାଳ କହିଛନ୍ତି।

ବରିଷ୍ଠ ଖବରଦାତା ରଣଜିତ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ଗିରିଶ୍ ଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ନିର୍ଭୀକ ସାମ୍ବାଦିକତା ଉପରେ ଗୁରୁତ୍ୱାରୋପ କରିଥିଲେ। ବରିଷ୍ଠ ଖବରଦାତା ନାରାୟଣ ଦାଶ ସମ୍ମାନିତ ବକ୍ତା ଭାବେ ଯୋଗଦେଇ ଖବରଦାତାମାନଙ୍କ ମଧ୍ୟରେ ଭାଇଚାରା, ସମନ୍ୱୟ ରଖିବା ଉପରେ ଗୁରୁତ୍ୱ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖବରଦାତା ବାବାଜି ବେହେରା, ବିଜୟ ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ୨୦ ଯୁବ ଖବରଦାତା ଓ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା। ଖବରଦାତା ବିଜୟ ମିଶ୍ର, ସଞ୍ଜୀବ ରଥଶର୍ମା, ନିରଞ୍ଜନ ମିଶ୍ର, ଶିବ ପ୍ରସାଦ ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଫୋରମ୍‌ର ଆବାହକ ପ୍ରଭାତ କୁମାର ପାଣିଗ୍ରାହୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଖବରଦାତା ପ୍ରୀତିଶ ମହାନ୍ତି ଓ ସୁନୀଲ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।



ପୁରୀର ଏକ ହବିଶିଆଳି ଶିବିରରେ ଶୁକ୍ରବାର ଦାସକାଠିଆ ପରିବେଷଣ କରାଯାଉଛି।

## ରାଜ୍ୟସ୍ତରୀୟ କଳା ଉତ୍ସବରେ କୋଣାର୍କ ଛାତ୍ରଙ୍କ କୃତିତ୍ୱ

**କୋଣାର୍କ, ୧୬।୧୧(ଡି.ଏନ୍.ଏ.)**

ବିଦ୍ୟାଳୟ ସ୍ତରୀୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ କଳା ଓ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ଗଣ ଶିକ୍ଷା ବିଭାଗ ପକ୍ଷରୁ ଗତ ୧୫ତାରିଖରେ ଭୁବନେଶ୍ୱର ଠାରେ ରାଜ୍ୟସ୍ତରୀୟ କଳା ଉତ୍ସବ ଆୟୋଜିତ ହୋଇଥିଲା। ଏହି ଉତ୍ସବରେ କୋଣାର୍କ ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀର ଛାତ୍ର ସୂର୍ଯ୍ୟକାନ୍ତ ପ୍ରଧାନ ମଞ୍ଚ ଉପରେ ଗୋଟିପୁଅ ନୃତ୍ୟ ପରିବେଷଣ କରି ଚାମ୍ପିୟନ ହୋଇଥିଲେ। ସେ ଡିସେମ୍ବର ୧୧ରୁ ୧୫ ପର୍ଯ୍ୟନ୍ତ ଦିଲ୍ଲୀ ଠାରେ ଆୟୋଜିତ ହେବାକୁ ଥିବା ଜାତୀୟ ପ୍ରତିଯୋଗିତା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସୂର୍ଯ୍ୟକାନ୍ତଙ୍କ ଏହି ସଫଳତା କୋଣାର୍କ ଉଚ୍ଚ ବିଦ୍ୟାଳୟର ନାମକୁ ଗୌରାବାନ୍ୱିତ କରିଛି ବୋଲି ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ଦଳାଇ କହିଛନ୍ତି। ସୂର୍ଯ୍ୟକାନ୍ତ ଓଡ଼ିଶୀ ନୃତ୍ୟଗୁରୁ ସ୍ୱର୍ଗତ ପଦ୍ମଶ୍ରୀ ଡ.ଗଙ୍ଗାଧର ପ୍ରଧାନଙ୍କ ଦ୍ୱାରା ପ୍ରତିଷ୍ଠିତ କୋଣାର୍କ ନାଟ୍ୟମଣ୍ଡପର ନୃତ୍ୟଶିଳ୍ପୀ। କୋଣାର୍କ ନାଟ୍ୟ ମଣ୍ଡପର ଗୋଟିପୁଅ ନୃତ୍ୟ ଶିଳ୍ପୀମାନଙ୍କ ସହ ମିଶି ସୂର୍ଯ୍ୟକାନ୍ତ ରାଷ୍ଟ୍ରପତି ଭବନ, ରାଜଭବନ ତଥା ବିଭିନ୍ନ ସ୍ଥାନରେ ନୃତ୍ୟ ପ୍ରଦର୍ଶନ କରି ପ୍ରଶଂସିତ ହୋଇଛନ୍ତି।

# ସ୍ୱାଧୀନତା ସଂଗ୍ରାମୀ ପ୍ରାଣନାଥ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ

**କଣାସ,୧୬।୧୧(ଡି.ଏନ୍.ଏ.):**



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

କଣାସ ବିକାଶ ପରିଷଦ ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ପ୍ରାଣନାଥ ପଟ୍ଟନାୟକ ୧୧୪ ତମ ଜୟନ୍ତୀ ସ୍ଥାନୀୟ ବ୍ଲକ ସମ୍ମୁଖସ୍ଥିତ ପଡିଆରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରାଣନାଥଙ୍କ ଫଟୋଚିତ୍ର ଶ୍ରଦ୍ଧାସୁମନ ଅର୍ପଣ ପରେ ଅନ୍ୟ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିରେ ବିଡିଓ ପ୍ରତିଭା ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରାଣନାଥଙ୍କ ସ୍ମୃତି ଚାରଣ କରି ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଯୁବପୀଢିଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ପରିଷଦର ସଭାପତି ପ୍ରଭାକର ମଙ୍ଗରାଜଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ପ୍ରାଣନାଥଙ୍କ ଆଦର୍ଶକୁ ବ୍ୟାପକ କରିବା ପାଇଁ ପ୍ରତ୍ୟେକ ଶିକ୍ଷାନୁଷ୍ଠାନ ଗୁଡିକରେ ପ୍ରାଣନାଥଙ୍କ ଜୀବନ ସମ୍ପର୍କିତ ପ୍ରଚାର ପତ୍ର ବଣ୍ଟନ ସହିତ ଆସନ୍ତା ବର୍ଷ ଜୟନ୍ତୀକୁ ବ୍ୟାପକ ଭାବେ ପାଳନ କରିବା ସହିତ ଏକ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ନିଷ୍ପତ୍ତି ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପରିଷଦର ସମ୍ପାଦକ ସାମାଜିକ କର୍ମୀ ଲିଙ୍ଗରାଜ ପରିଡା, ଶିକ୍ଷାବିତ୍ ବୈକୁଣ୍ଠନାଥ ନରେନ୍ଦ୍ର, ଯୁଧିଷ୍ଠିର ସାମନ୍ତରାୟ, ବିଭୂତିଭୂଷଣ ପଟ୍ଟନାୟକ, ଶିକ୍ଷକ ନେତା ମହେନ୍ଦ୍ର ରଣସିଂହ, କ୍ୟାପ୍‌ଟେନ ପ୍ରସନ୍ନ କୁମାର ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ରାଉତ, ସୁବାସ ଚନ୍ଦ୍ର ଦାସ, ଦୀନବନ୍ଧୁ ମହାରଣା, ମନୋଜ ମହାପାତ୍ର, ଶତ୍ରୁଘ୍ନ ବେହେରା, କରୁଣାକର ରାଉତରାୟ ପ୍ରମୁଖ ପରିଷଦର ସଦସ୍ୟମାନେ ଯୋଗଦେଇଥିଲେ।

# ପ୍ଲମ୍ବର୍ସ ୟୁନିୟନ ସମ୍ମିଳନୀ

**ପୁରୀ ଅଫିସ,୧୬।୧୧:**

ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ନିଷ୍ପତ୍ତି ଠିକ୍ ଭାବେ ହେଉନାହିଁ। ଫଳରେ ପଞ୍ଜୀକୃତ ଶ୍ରମିକମାନେ ସହାୟତା ରାଶି ପାଇପାରୁ ନାହାନ୍ତି। ଶ୍ରମ ଦପ୍ତରରେ ଭିତ୍ତିଭୂମି ଏବଂ କର୍ମଚାରୀ ଅଭାବ ଯୋଗୁ ପଞ୍ଜୀକରଣ କାର୍ଯ୍ୟ ମନ୍ଥର। ଶ୍ରମିକଙ୍କ ନାଁରେ ଅଣଶ୍ରମିକମାନେ କାର୍ଡ ହାତେଇବାରେ ବ୍ୟସ୍ତ। ସରକାରୀ ଉଦାସୀନତା ଯୋଗୁ ବେସରକାରୀ ପ୍ରତିଷ୍ଠାନରୁ ସେସ୍ ଆଦାୟ ହେଉନାହିଁ ବୋଲି କହିଛନ୍ତି ସିଆଇଟିୟୁ ନେତା ଶରତ କୁମାର ରାୟଗୁରୁ। ଶୁକ୍ରବାର ନବକଳେବର ରୋଡସ୍ଥିତ ଆଖଣ୍ଡଳମଣୀ ମନ୍ଦିର ପରିସରରେ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ପ୍ଲମ୍ବର୍ସ ୟୁନିୟନର ନବମ ସମ୍ମିଳନୀକୁ ଉଦ୍‌ଘାଟନ କରି ରାୟଗୁରୁ ଏହା କହିଛନ୍ତି। ଏଥିରେ ଜିଲା ଶ୍ରମ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ଶ୍ରମ ନିରୀକ୍ଷକ ପ୍ରିୟଙ୍କା ପ୍ରିୟଦର୍ଶିନୀ, ସିଆଇଟିୟୁର ଜଗନ୍ନାଥ ଦେଓ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ମନୋରଞ୍ଜନ ମହାରଣା, ରମେଶ ବିଶ୍ୱାଳ, ଶେଖରସିଂହ ରେଡ୍ଡି, ସତ୍ୟନାରାୟଣ ମିଶ୍ର ଏବଂ ସଂଗ୍ରାମ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ଲମ୍ବର୍ସ ୟୁନିୟନର ସମ୍ପାଦକ ରବିନାରାୟଣ ପ୍ରଧାନ, ଘନଶ୍ୟାମ ଦାସ, ଉମେଶ କୁମାର ଜେନା, ସୁଶୀଲ କୁମାର ସାହୁ, ବିଜୟ ପରିଡ଼ା, ପ୍ରଭାକର ଦାଶ, ନୀଳାମ୍ବର ପଲାଇ, ଚକ୍ରଧର ମାନିକ, ନିତାଇ କର ପ୍ରମୁଖ କାର୍ଯ୍ୟକାରୀ କମିଟିକୁ ନିର୍ବାଚିତ ହୋଇଥିଲେ। ଏଥିସହ ଆସନ୍ତା ଦିନରେ ବୀମା, ସେସ୍ ବୃଦ୍ଧି, ପେନ୍‌ସନ ଲଢାଇ କରିବାକୁ ପ୍ରସ୍ତାବ ପାସ୍ ହୋଇଥିଲା।



ପୁରୀ ଆଖଣ୍ଡଳମଣି ମନ୍ଦିର ପରିସରରେ ଅନୁଷ୍ଠିତ ପ୍ଲମ୍ବର୍ସ ୟୁନିୟନର ସମ୍ମିଳନୀ।

# ବିଭିନ୍ନ ସ୍ଥାନରେ ଜାତୀୟ ପ୍ରେସ୍ ଦିବସ ପାଳିତ

**କଣାସ/କୋଣାର୍କ, ୧୬।୧୧(ସ୍ୱ.ପ୍ର./ଡି.ଏନ୍.ଏ.)**

କଣାସ ପ୍ରେସ୍ କ୍ଲବ ପକ୍ଷରୁ କଣାସଠାରେ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି। ବରିଷ୍ଠ ଖବରଦାତା କୃପାସିନ୍ଧୁ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କଣାସ ପ୍ରେସ୍ କ୍ଲବର ସମସ୍ତ ସଭ୍ୟ ତଥା ସେ ଅଞ୍ଚଳର ଅନେକ ବୁଦ୍ଧିଜୀବୀ ଯୋଗଦେଇଥିଲେ। ପୁରୀଠାରେ ସର୍ବପ୍ରଥମେ ଗଠନକରାଯାଇଥିବା ଉତ୍କଳ ସାମ୍ବାଦିକ ସଂଘର ପ୍ରତିଷ୍ଠାତା କଣାସ ବ୍ଲକ ତ୍ରିଲୋଚନପୁର ଗ୍ରାମର ସ୍ୱର୍ଗତ ସତ୍ୟବାଦୀ ତ୍ରିପାଠୀଙ୍କ ଫଟୋଚିତ୍ରରେ ଧୂପ, ଦୀପ, ଚନ୍ଦନ, ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଆଧୁନିକ ସମାଜରେ ଖବରଦାତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ସେମାନେ ଜନସଚେତନତା କରିବା ସହିତ ଠିକ୍ ତଥ୍ୟ ପ୍ରଦାନ କରି ସମାଜର ଅଗ୍ରଣୀ ଭୂମିକା ଗ୍ରହଣ କରିବାପାଇଁ ଅତିଥିମାନେ ପ୍ରାମର୍ଶ ଦେଇଥିଲେ। ଏହି ବୈଠକରେ ସାମାଜିକ କର୍ମୀ ସୁକାନ୍ତକିଶୋର ସାମନ୍ତରାୟ, ଦିଲ୍ଲୀପ ଶ୍ରୀଚନ୍ଦନ, ଭାଗୀରଥି ମହାପାତ୍ର, ବିଦ୍ୟାଧର ସାହୁ, ସାମାଜିକ କର୍ମୀ ସୁବର୍ଣ୍ଣକେଶରୀ ବଳିୟାରସିଂହ, ମହନ୍ତ ପୂର୍ଣ୍ଣଚନ୍ଦ୍ର ଦାସ ମହାରାଜ ପ୍ରମୁଖ ଉପସ୍ଥିତ ଥିଲେ



ଡେଲାଙ୍ଗ ପ୍ରେସ୍ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଜାତୀୟ ପ୍ରେସ୍ ଦିବସ।

**କୋଣାର୍କ**

କୋଣାର୍କ ସାମ୍ବାଦିକ ସଂଘ ପକ୍ଷରୁ ସ୍ଥାନୀୟ ପୂର୍ତ୍ତ ଡାକବଙ୍ଗଳା ପରିସରରେ ଜାତୀୟ ପ୍ରେସ୍ ଦିବସ ପାଳନ କରାଯାଇଛି। କୋଣାର୍କ ସାମ୍ବାଦିକ ସଂଘର ବରିଷ୍ଠ ଉପଦେଷ୍ଟା ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଆଇନଜୀବୀ ମାଧବାନନ୍ଦ ପତି, ଉପଦେଷ୍ଟା ରବୀନ୍ଦ୍ରନାଥ ବାହିନୀପତି, ସଂଘର ସଭାପତି ନିରଞ୍ଜନ ବାରିକ, ଅଜିତ କୁମାର ମଲ୍ଲିକ, ଭାଗୀରଥି ସ୍ୱାଇଁ, ଜ୍ୟୋତିରାଜ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଦାନ୍ତେୱାଡାଠାରେ ମାଓବାଦୀଙ୍କ ଗୁଳିରେ ପ୍ରାଣ ହରାଇଥିବା ଖବରଦାତା ଅଚ୍ୟୁତାନନ୍ଦ ସାହୁଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ନୀରବ ପ୍ରାର୍ଥନା କରାଯାଇଥିଲା। ସାମ୍ପ୍ରତିକ ପରିସ୍ଥିତିରେ ଗଣମାଧ୍ୟମ ପ୍ରତିନିଧିଙ୍କ ଉପରେ ହେଉଥିବା ଆକ୍ରମଣକୁ ନିନ୍ଦା କରାଯାଇଥିଲା।

**ଡେଲାଙ୍ଗ**

ଭାରତୀୟ ପ୍ରେସ କାଉନସିଲଙ୍କ ଆହ୍ୱାନ କ୍ରମେ ପୁରୀ ଜିଲା ଡେଲାଙ୍ଗ ବ୍ଲକରେ କାର୍ଯ୍ୟରତ ଖବରଦାତାଙ୍କୁ ନେଇ ଗଠିତ ଡେଲାଙ୍ଗ ପ୍ରେସ କ୍ଲବ ପକ୍ଷରୁ ଶୁକ୍ରବାର ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। ଡେଲାଙ୍ଗ ଷ୍ଟେଶନ ବଜାର ସ୍ଥିତ ପ୍ରଭାତ କ୍ଲବ ସଭାଗୃହରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଭାପତି ପ୍ରସନ୍ନ ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ଖବରଦାତାଙ୍କ ସାମାଜିକ ସୁରକ୍ଷାରେ ସମାଜର ଦାୟିତ୍ୱ ଶୀର୍ଷକ ଆଲୋଚନାଚକ୍ରରେ ପୂର୍ବତନ ସରପଞ୍ଚ ଦୁର୍ଯ୍ୟୋଧନ ସାହୁ ନିଜର ମତ ରଖିଥିଲେ। ସାମାଜିକ କର୍ମୀ ସୁଶାନ୍ତ ବିଶ୍ୱାଳ, ଲିଙ୍ଗରାଜ ସ୍ୱାଇଁ, ସମ୍ପାଦକ ସନ୍ତୋଷ ପଟ୍ଟନାୟକ, ଦୀପକ ମିଶ୍ର, ନିରଞ୍ଜନ ନାୟକ, ରଶ୍ମିରଞ୍ଜନ ପ୍ରଧାନ, ଚିତ୍ତରଞ୍ଜନ ଜେନା, ବିଜୟ କୁମାର ମହାପାତ୍ର, ବିଜୟ କୁମାର ମିଶ୍ର ପ୍ରମୁଖ ଗାମାଞ୍ଚଳର ଖବରଦାତାଙ୍କ ବୃତ୍ତିଗତ, ସ୍ୱାସ୍ଥ୍ୟଗତ ତଥା କ୍ଷେତ୍ରୀୟ ନିରାପତ୍ତା ଓ ଭବିଷ୍ୟ ସୁରକ୍ଷା ପ୍ରତି ସମାଜର ନୈତିକ ଦାୟିତ୍ୱ ରହିଥିବାରୁ ସରକାର ଓ ଜନସାଧାରଣ ଏଥିପ୍ରତି ସଚେତନ ରହିବାକୁ ନିବେଦନ କରିଥିଲେ। ପ୍ରେସ କ୍ଲବ ପକ୍ଷରୁ ପ୍ରତି ମାସରେ ବିଭିନ୍ନ ପଞ୍ଚାୟତରେ ପାଠକ ମଞ୍ଚ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଶେଷରେ ଚିତ୍ତରଞ୍ଜନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।